# ଧରିତ୍ରୀ
DHARITRI

ଶୁକ୍ରବାର, ଏପ୍ରିଲ ୩/୨୦୨୦ (୨୫ ପୃଷ୍ଠା) | Friday, April 3/2020

୪୬ଶ ଭାଗ ୧୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ସହଯୋଗର ହାତ ବଢ଼ାଇଲେ ପ୍ରିୟଙ୍କା**

କରୋନା ମୁକାବିଲା ଲାଗି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଖାଲି ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ନୁହେଁ, ଅନ୍ୟ ଅନୁଷ୍ଠାନକୁ ମଧ ଆର୍ଥିକ ସହାୟତା ପ୍ରଦାନ କରିଥିବା ନିଜ ଇନ୍‌ଷ୍ଟାଗ୍ରାମରେ ଜଣାଇଛନ୍ତି। ୧୨

୧୬ **ସୀମିତ ପରିସରରେ ପାର୍ବତୀଙ୍କ ଅଭ୍ୟାସ**

କରୋନା ଭାଇରସ୍ ସଂକ୍ରମଣ ଜନିତ କଟକଣା ଯୋଗୁ ନିଜ କ୍ୱାର୍ଟରର ସୀମିତ ପରିସରରେ ଅଭ୍ୟାସ ଜାରି ରଖିଛନ୍ତି ଡିସକସ୍ କୁଇନ ପାର୍ବତୀ ସେଠୀ।



# ଭାରତରେ ୭୨ କରୋନା ମୃତ୍ୟୁ



- ସଂକ୍ରମିତଙ୍କ ସଂଖ୍ୟା ୨୫୩୬କୁ ବୃଦ୍ଧି
- ୨୪ ଘଣ୍ଟାରେ ୪୭୭ ଆକ୍ରାନ୍ତ

ନୂଆଦିଲ୍ଲୀ,୨।୪(ପି.ଟି.)

ଭାରତରେ କରୋନା ଭୂତାଣୁ ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ଗୁରୁବାର ୭୨ ଛୁଇଁଛି। https://www.covid19.india.org ପକ୍ଷରୁ ଗୁରୁବାର ରାତି ୧୧ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ସାରା ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୫୩୬ ଥିବାବେଳେ ମୃତ୍ୟୁସଂଖ୍ୟା ୭୨କୁ ବୃଦ୍ଧିପାଇଛି। ସଂକ୍ରମିତଙ୍କ ମଧ୍ୟରୁ ୧୮୯ ଜଣ ଆରୋଗ୍ୟ ହୋଇଥିବାବେଳେ ୨୨୭୫ ଜଣ ଚିକିତ୍ସାଧୀନ ଅଛନ୍ତି। ତେବେ ଗୋଟିଏ ଦିନରେ ୪୭୭ ଜଣ ସଂକ୍ରମିତ ହେବା ଓ ୧୬ ଜଣଙ୍କ ମୃତ୍ୟୁ ଘଟିବା ଦେଶରେ ପ୍ରଥମ। ଏହି ୱେବ୍‌ସାଇଟ୍‌ର ତଥ୍ୟାନୁସାରେ ମହାରାଷ୍ଟ୍ରରେ ଗୁରୁବାର ୮୮ ଜଣ ନୂଆ ସଂକ୍ରମିତଙ୍କୁ ମିଶାଇ ସର୍ବାଧିକ ୪୨୩ ଜଣ ଆକ୍ରାନ୍ତ ଥିବାବେଳେ ମୋଟ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସଂକ୍ରମିତ ହୋଇଥିବା ମୋଟ ୪୭୭ଜଣଙ୍କ ମଧ୍ୟରୁ ସର୍ବାଧିକ ୧୪୧ ଜଣ କେବଳ ଦିଲ୍ଲୀରେ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ତବଲିଘି ଜମାତ୍‌ରେ ଯୋଗଦେଇଥିବା ଲୋକଙ୍କ ସଂଖ୍ୟା ଅଧିକ।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ଦର୍ଶାଯାଇଛି ଯେ, ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ଗୁରୁବାର ୫୦ ଛୁଇଁଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧,୯୬୫ରେ ☞ପୃଷ୍ଠା-୪

# ନିଷିଦ୍ଧାଞ୍ଚଳ ହେଲା ସୂର୍ଯ୍ୟନଗର

- ଜନହିତ ପାଇଁ ୫ମ କରୋନା ଆକ୍ରାନ୍ତଙ୍କ ପରିଚୟ ପ୍ରକାଶ କଲା ବିଏମ୍‌ସି
- ବାହାର ରାଜ୍ୟ, ବିଦେଶକୁ ନ ଯାଇ ବି ଆକ୍ରାନ୍ତ ହୋଇଥିବା ସୂଚନା
- ସଂସ୍ପର୍ଶରେ ଆସିଥିବା ଲୋକେ ନାମ ପଞ୍ଜୀକରଣ କରି ହୋମ୍ କ୍ୱାରାଣ୍ଟାଇନରେ ରୁହନ୍ତୁ
- ଘରକୁ ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରିବ ଡାକ୍ତରୀ ଦଳ

ଭୁବନେଶ୍ୱର, ୨।୪(ବ୍ୟୁରୋ)

ଭୁବନେଶ୍ୱରରୁ ବୁଧବାର ଚିହ୍ନଟ ହୋଇଥିବା ଓଡ଼ିଶାର ୫ମ କରୋନା ଆକ୍ରାନ୍ତଙ୍କ ପରିଚୟ ଲୋକଲୋଚନକୁ ଆଣିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ସେ ହେଲେ ପ୍ରଦୀପ୍ତ ଦଳବେହେରା। ୟୁନିଟ୍-୭ ଅନ୍ତର୍ଗତ ୱାର୍ଡ ନଂ. ୪୬ସ୍ଥିତ ସୂର୍ଯ୍ୟନଗରର ପ୍ଲଟ୍ ନଂ.୩୭ରେ ରୁହନ୍ତି। ଜନହିତ ପାଇଁ ଆକ୍ରାନ୍ତଙ୍କ ପରିଚୟ ଜଣାଇବା ନିହାତି ଜରୁରୀ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ତେବେ ତାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ସହ ଟୋଲ୍ ଫ୍ରି ନଂ.୧୦୪କୁ ଫୋନ୍ କରି ନିଜେ ନିଜର ନାମ ପଞ୍ଜୀକରଣ କରିବା ପାଇଁ କମିଶନର ଚୌଧାରୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ପ୍ରଦୀପ୍ତ ବିଗତ ଦିନରେ ବିଦେଶ ବା ଅନ୍ୟ ରାଜ୍ୟ ଗସ୍ତ କରିନାହାନ୍ତି। ଏହାସତ୍ତ୍ୱେ ସେ କରୋନାରେ ଆକ୍ରାନ୍ତ ଥିବା ସାମ୍ନାକୁ ଆସିଛି। ତେଣୁ ସଂକ୍ରମଣକୁ ଏଇଠୁ ରୋକିବା ଓ ଉକ୍ତ ଅଞ୍ଚଳର ଲୋକଙ୍କୁ ସଚେତନ କରିବା ପାଇଁ ବିଏମ୍‌ସି ପ୍ରଦୀପ୍ତଙ୍କ ନାମ ଲୋକଲୋଚନକୁ ଆଣିଛି। ଲୋକେ ମଧ୍ୟ ସାବଧାନ ରୁହନ୍ତୁ। ଏଥିସହ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସୂର୍ଯ୍ୟନଗର ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ସଂଯୋଗ କରୁଥିବା ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ବନ୍ଦ କରାଯାଇଛି। ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠିଙ୍କ ନେତୃତ୍ୱରେ ଗୋପବନ୍ଧୁ ଛକରୁ ଏଲ୍ଆଇସି ଛକ, ଏଲ୍ଆଇସି ଛକରୁ ଗଙ୍ଗନଗର ଛକ, ଗଙ୍ଗନଗର ଛକରୁ ଶିରିପୁର ଛକ ଓ ଶିରିପୁର ଛକରୁ ଗୋପବନ୍ଧୁ ଛକକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଛି। ଲୋକେ ଭୟଭୀତ ନ ହୋଇ ସଚେତନ ରହି ବିଏମ୍‌ସିକୁ ସହଯୋଗ କରିବାକୁ କମିଶନରେ ଚୌଧାରୀ ନିବେଦନ କରିଛନ୍ତି। ଏପରି କି ଉକ୍ତ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଖୋଲା ରହୁଥିବା ଦୋକାନ ଏବଂ ମଲ୍ ମଧ୍ୟ ବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

କମିଶନର କହିଛନ୍ତି, କୌଣସି ଲୋକ ବାହାରକୁ ବାହାରିବେ ନାହିଁ। ସ୍ୱତନ୍ତ୍ର ଭାବେ ଚିହ୍ନଟ କେତେଜଣ ବ୍ୟକ୍ତି ସମ୍ପୃକ୍ତ ଅଞ୍ଚଳରେ ସେବା ଯୋଗାଇବେ। ହେଲ୍ପଲାଇନ ନଂ.୧୯୨୯ରେ କଲ୍ କରି ବିଏମ୍‌ସିକୁ ଲୋକେ ସମସ୍ୟା ଜଣାନ୍ତୁ। ଲୋକଙ୍କୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଓ ସହାୟତା ଯୋଗାଇ ଦିଆଯିବ। ସେହିଭଳି ଏହି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଦୈନିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏନେଇ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇଥିବାବେଳେ ସେମାନେ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ଏହାବ୍ୟତୀତ ପ୍ରଦୀପ୍ତଙ୍କ ପରିବାରବର୍ଗଙ୍କୁ ଯଦି ଅନ୍ୟ କୌଣସି ବ୍ୟକ୍ତିବିଶେଷ ଅଣଦେଖା କିମ୍ବା ବାସନ୍ଦ କରିବାକୁ ପ୍ରୟାସ କରନ୍ତି ତା'ହେଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଚୌଧାରୀ ପ୍ରକାଶ କରିଛନ୍ତି।




# ୩ ମାସର ଭଡ଼ା ଆଦାୟ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

ଭୁବନେଶ୍ୱର,୨।୪(ବ୍ୟୁରୋ)

କରୋନା ସଂକ୍ରମଣ ଦ୍ୱାରା ସାରା ବିଶ୍ୱର ଅର୍ଥନୀତି ପ୍ରଭାବିତ ହୋଇଛି। ଉଭୟ ସଙ୍ଗଠିତ ଏବଂ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ସବୁ ବର୍ଗର ଲୋକ ଆର୍ଥିକ ଭାବେ ପ୍ରଭାବିତ ହୋଇଛନ୍ତି। ଓଡ଼ିଶାରେ ମଧ ସମାନ ଅବସ୍ଥା ଉପୁଜିଛି। ଏହି ସମୟରେ ବିଭିନ୍ନ ସ୍ଥାନରେ ଘରଭଡ଼ା ଦେଇଥିବା ମାଲିକମାନେ ଭଡ଼ାଟିଆଙ୍କୁ ହଇରାଣ ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅପିଲ କରିଛନ୍ତି। ଏ ନେଇ ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କରୋନା ଦ୍ୱାରା ସାରା ବିଶ୍ୱ ଏକ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ଏହି ଘଡିସନ୍ଧି ସମୟରେ ଘର ମାଲିକମାନେ ଭଡ଼ାଟିଆଙ୍କୁ ୩ ମାସର ମହଲତ ଦିଅନ୍ତୁ, ସେମାନଙ୍କଠାରୁ ବର୍ତ୍ତମାନ ସମୟରେ ଭଡ଼ା ଅସୁଲ କରନ୍ତୁ ନାହିଁ। ସେହିପରି ଏହି ସମୟରେ ଭଡ଼ାଟିଆଙ୍କୁ ଘର ଖାଲି କରିବାକୁ କୁହନ୍ତୁ ନାହିଁ। ଏହିପରି କରି ପରସ୍ପରକୁ ସାହାଯ୍ୟ କରନ୍ତୁ। ସାରା ବିଶ୍ୱ ଦେଖୁ ଓଡ଼ିଶା ସମସ୍ତଙ୍କ ପାଇଁ ଚିନ୍ତା କରୁଛି।



କରୋନା ସଂକ୍ରମଣର ପ୍ରଭାବ: ଗୁରୁବାର ରାମନବମୀରେ ଭୁବନେଶ୍ୱର ରାମମନ୍ଦିର ବନ୍ଦ ରହିଛି।

# ୫ମ ସଂକ୍ରମିତଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ରିପୋର୍ଟ ଦେଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,୨।୪(ବ୍ୟୁରୋ)

୫ମ କରୋନା ଆକ୍ରାନ୍ତ ପ୍ରଦୀପ୍ତ ଦଳବେହେରାଙ୍କ ଚିକିତ୍ସା ଏବଂ ଯାତାୟତ ବିବରଣୀ ରାଜ୍ୟ ସ୍ୱାସ୍ଥ୍ୟବିଭାଗ ଗୁରୁବାର ପ୍ରକାଶ କରିଛି। ପ୍ରଦୀପ୍ତ କେବେ କେଉଁ ମେଡିକାଲକୁ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଯାଇଥିଲେ, କେତେ ଦିନତଳେ ପରୀକ୍ଷା କରିଥିଲେ ତାହାର ବିବରଣୀ ପ୍ରଦାନ କରିଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ପ୍ରଦୀପ୍ତ ପ୍ରଥମେ ମାର୍ଚ୍ଚ ୫ ତାରିଖରେ ଥଣ୍ଡା ଅନୁଭବ କରିବାରୁ ସୂର୍ଯ୍ୟନଗରସ୍ଥିତ ମହାଶକ୍ତି କ୍ଲିନିକ୍‌କୁ ଯାଇଥିଲେ। ପରେ ୧୨ତାରିଖରେ ଥଣ୍ଡା ସହ ଛାତିରେ କଫ ରହିବାରୁ ପୁର୍ନବାର ମହାଶକ୍ତି କ୍ଲିନିକକୁ ଯାଇଥିଲେ। ୨୭ ତାରିଖ ଅପରାହ୍ନରେ ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଅନୁଭବ କରିବାରୁ ଆଇଏମ୍ଏସ୍ ସମ୍ ହସ୍ପିଟାଲର ଓପିଡିରେ ଦେଖାଇଥିଲେ। ୨୮ତାରିଖରେ ଏମ୍ସ ହସ୍ପିଟାଲ ଓପିଡିରେ ପରାମର୍ଶ କରି ଘରକୁ ଫେରିଥିଲେ। ଅଧିକ ଯନ୍ତ୍ରଣା ହେବାରୁ ୩୧ତାରିଖରେ ସେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହେବା ସହ ପରୀକ୍ଷା ପାଇଁ ନମୁନା ପ୍ରଦାନ କରିଥିଲେ। ଏପ୍ରିଲ୍ ୧ତାରିଖରେ ନମୁନା ରିପୋର୍ଟ ପଜିଟିଭ ଆସିଥିଲା ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ସୂଚନା ଦିଆଯାଇଛି।

**ଆଜିଠାରୁ ଜନଧନ ଖାତାରେ ମହିଳାଙ୍କୁ ସହାୟତା**

........୩........

**ଆଜିର ସମ୍ପାଦକୀୟ**

**କାହା ସ୍ୱାର୍ଥରେ ସରକାର**

**ଆଜିର ମନ୍ତବ୍ୟ**

"କୋଭିଡ୍-୧୯କୁ ହରାଇବା ପାଇଁ ୧୩୦ କୋଟି ଭାରତୀୟ ଏକାଠି ହୋଇଥିବାବେଳେ କଂଗ୍ରେସ ଏହାକୁ ନେଇ ରାଜନୀତି କରୁଛି।

**- ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

# କରୋନା ମୁକାବିଲା ପାଇଁ ଏକାଠି ହେବାକୁ ଆହ୍ୱାନ

## ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

- ଲକ୍‌ଡାଉନକୁ ପାଳନ କରିଥିବାରୁ ପ୍ରଶଂସା କଲେ
- ଆର୍ଥିକ ସହାୟତା କରିବାକୁ ରାଜ୍ୟ ଦାବି

ନୂଆଦିଲ୍ଲୀ/ଭୁବନେଶ୍ୱର,୨।୪(ବ୍ୟୁରୋ)

ମହାମାରୀ କରୋନା ମୁଣ୍ଡ ପରେ ମୁଣ୍ଡ ନେଇଚାଲିଛି। ଏହାର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବ୍ୟାପୀ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିଲେ ହେଁ ଅନେକ ସ୍ଥାନରେ ଲୋକେ ଏହାକୁ ମାନୁ ନ ଥିବା ଦେଖିବାକୁ ମିଳୁଛି। ଫଳରେ ସ୍ଥିତି ଅଣାୟତ୍ତ ହେବା ଅବସ୍ଥାକୁ ଚାଲିଯାଇଛି। ଏହାକୁ ଦୃଷ୍ଟିରେ ରଖି କୋଭିଡ୍-୧୯ ସଂକ୍ରମଣ ରୋକିବା ସକାଶେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ପ୍ରଧାନମନ୍ତ୍ରୀ ଗୁରୁବାର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଭାବ ବିନିମୟ କରିଛନ୍ତି। ଏହି ଅବସରରେ ସେ ମହାମାରୀ ନିୟନ୍ତ୍ରଣ କ୍ଷେତ୍ରରେ ରାଜ୍ୟଗୁଡ଼ିକ ପକ୍ଷରୁ ନିଆଯାଉଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏଥିସହ କରୋନା ଭାଇରସ୍‌କୁ ନିୟନ୍ତ୍ରଣକୁ ଆଣିବା ପାଇଁ ଜିଲାସ୍ତରରେ ଉଦ୍ୟମ ଆରମ୍ଭ କରିବା ପାଇଁ ରାଜ୍ୟଗୁଡ଼ିକୁ ସେ ପରାମର୍ଶ ଦେଇଛନ୍ତି। ☞ପୃଷ୍ଠା-୪



ନୂଆଦିଲ୍ଲୀରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ଭାବ ବିନିମୟ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ଆଜି ପ୍ରଧାନମନ୍ତ୍ରୀଙ୍କ ଟୁଇଟର ବାର୍ତ୍ତା**

ନୂଆଦିଲ୍ଲୀ, ୨।୪: କରୋନା ସଂକ୍ରମଣ ରୋକିବା ଲାଗି ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର ପୂର୍ବାହ୍ନ ୯ଟାରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ଛୋଟ ଭିଡିଓ ମେସେଜ ଶେୟାର କରିବେ। ଏନେଇ ମୋଦି ଟୁଇଟ୍ କରି ସୂଚନା ଦେଇଛନ୍ତି।

**ରାଜ୍ୟପାଳଙ୍କୁ ସମ୍ବୋଧିତ କରିବେ ରାଷ୍ଟ୍ରପତି**

ସେହିପରି କରୋନା ମୁକାବିଲା ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ମଧ ରାଷ୍ଟ୍ରପତି ଭବନରୁ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ରାଜ୍ୟପାଳ, ଉପରାଜ୍ୟପାଳ ଓ ପ୍ରଶାସକମାନଙ୍କୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମ୍ବୋଧିତ କରିବେ।



ପଦ୍ମଶ୍ରୀ ପୁରସ୍କାର ବିଜେତା ୬୨ ବର୍ଷୀୟ ଶିଖ୍ ଆଧାତ୍ମିକ ଗାୟକ ନିର୍ମଳ ସିଂଙ୍କର କରୋନା ସଂକ୍ରମଣରେ ମୃତ୍ୟୁ ଘଟିଛି। ସେ ସ୍ୱର୍ଣ୍ଣ ମନ୍ଦିରର ପୂର୍ବତନ ହଜୁରୀ ରାଗି ତଥା ଜଣେ ଲୋକପ୍ରିୟ କଳାକାର। ଗୁରୁବାର ଭୋର ୪ଟା ୩୦ ମିନିଟ ସମୟରେ ତାଙ୍କର ଅମୃତସରରେ ପରଲୋକ ହୋଇଯାଇଛି। ନିର୍ମଳ କିଛିଦିନ ପୂର୍ବରୁ ବିଦେଶରୁ ଫେରିଥିଲେ। ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଗତ ୩୦ ତାରିଖରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



ରୁଷିଆ ରାଜଧାନୀ ମସ୍କୋରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଫଳରେ ୧୩ ନିୟୁତ ଲୋକ ବସବାସ କରୁଥିବା ଏହି ସହର ଜନଶୂନ୍ୟ ହୋଇଯାଇଛି।

# ମୃତ୍ୟୁସଂଖ୍ୟା ୫୦ ହଜାର ଟପିଲା

- ଦିନକରେ ୪୧ ହଜାରରୁ ଊର୍ଦ୍ଧ୍ୱ ନୂଆ ମାମଲା
- ୧୦ ଲକ୍ଷ କରୋନା ସଂକ୍ରମିତ
- ଆମେରିକାରେ ୫,୧୫୩ ଜୀବନ ଗଲାଣି
- ସ୍ପେନ୍‌ରେ ୨୪ ଘଣ୍ଟାରେ ୬୧୬ ମୃତ
- ବ୍ରିଟେନ ଓ ଜର୍ମାନୀ ସ୍ଥିତି ସାଂଘାତିକ

**ୱାଶିଂଟନ/ଲଣ୍ଡନ/ପ୍ୟାରିସ୍, ୨।୪**

ମହାମାରୀ କରୋନା ଭାଇରସ୍ ବିଶ୍ୱବ୍ୟାପୀ କାୟାବିସ୍ତାର କରିବାରେ ଲାଗିଛି। ପରିସ୍ଥିତି କ୍ରମଶଃ ଭୟଙ୍କର ହୋଇପଡ଼ିଛି। ବିଶ୍ୱର ୨୦୩ ଦେଶକୁ ସଂକ୍ରମିତ ହୋଇଥିବା ଏହି ଭୂତାଣ ଯୋଗୁ ଅଦ୍ୟାବଧି ୫୦,୬୯୧ ଜୀବନ ଗଲାଣି। ୯ ଲକ୍ଷ ୯୧ ହଜାର ଲୋକ ଏଥିରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସବୁଠାରୁ ବଡ଼ କଥା ହେଲା ଗୋଟିଏ ଦିନରେ ୪୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏହି ଭୂତାଣୁରେ ଆକ୍ରାନ୍ତ ହେବା। ଏଥିରୁ କେଉଁଭଳି ଭାବେ କରୋନା ବିଶ୍ୱକୁ ଗ୍ରାସକରୁଛି, ତାହା ସହଜେ ଅନୁମେୟ। ବିଶ୍ୱର ସବୁଠାରୁ ପରାକ୍ରମଶାଳୀ ଦେଶ ଆମେରିକାରେ ଆତଙ୍କ ଖେଳିଯାଇଛି। ଏଠାରେ କରୋନା ରୋଗୀଙ୍କ ସଂଖ୍ୟା ୨୩୨,୧୦୬ରେ ପହଞ୍ଚିଛି। ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ବଢ଼ି ୫,୫୫୬ ଛୁଇଁଛି। ସେହିଭଳି ଇଟାଲୀରେ ସଂକ୍ରମିତଙ୍କ ସଂଖ୍ୟା ୧୧୫, ୫୭୪ ରହିଥିବା ବେଳେ ମୃତ୍ୟୁସଂଖ୍ୟା ୧୩,୯୫୫କୁ ବୃଦ୍ଧିପାଇଛି। ସ୍ପେନ୍ ସ୍ଥିତି ଜଟିଳ ହେବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ୬୧୬ ଲୋକଙ୍କ ପ୍ରାଣହାନି ଘଟିଛି। ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ଯଥେଷ୍ଟ ବଢ଼ିଛି। ଏଠାରେ ୧୧୦,୨୩୮ କରୋନା ରୋଗୀ ଚିକିତ୍ସିତ ହେଉଛନ୍ତି। ଏତଦ୍‌ବ୍ୟତୀତ ବ୍ରିଟେନ୍ ଓ ଫ୍ରାନ୍ସରେ ମଧ୍ୟ ଉତ୍କଟ ପରିସ୍ଥିତି ଦେଖାଦେଇଛି। ବ୍ରିଟେନରେ ଗୋଟିଏ ଦିନରେ ୫୬୯ ଜୀବନ ଯାଇଛି। ସଂକ୍ରମିତଙ୍କ ସଂଖ୍ୟା ଏଠାରେ ବୃଦ୍ଧିପାଇ ୩୩,୭୧୮ରେ ପହଞ୍ଚିଛି। ଜର୍ମାନୀରେ ମଧ୍ୟ ସମାନ ସ୍ଥିତି। ଏଠାରେ ଅଦ୍ୟାବଧି ୯୯୭ ଜଣ ପ୍ରାଣ ହରାଇଥିଲେ ହେଁ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୮୧,୭୨୮ହୋଇଛି। ଚାଇନାରେ ମୃତ୍ୟୁସଂଖ୍ୟା ୩,୩୧୮ ରହିଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୮୧,୫୮୯ ରହିଛି। ଫ୍ରାନ୍ସରେ ଭୂତାଣୁ ୪,୦୩୨ ମୁଣ୍ଡ ଗଡ଼ାଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୫୬,୯୮୯ରେ ପହଞ୍ଚିଛି। ଇରାନରେ ୩,୧୬୦ ଜୀବନ ଯାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୫୦ ହଜାର ଉପରେ ରହିଛି। ଅନ୍ୟ ପ୍ରମୁଖ ସଂକ୍ରମିତ ଦେଶଗୁଡ଼ିକ ମଧ୍ୟରେ ନେଦରଲାଣ୍ଡରେ ୧,୩୩୯, ବେଲଜିୟମରେ ୧,୦୧୧, ସୁଇଜରଲାଣ୍ଡରେ ୫୨୨, ତୁର୍କୀରେ ୨୭୭, ଅଷ୍ଟ୍ରିଆରେ ୧୫୮, ପର୍ତ୍ତୁଗାଲରେ ୨୦୯, ବ୍ରାଜିଲରେ ୨୫୨, ସ୍ୱିଡେନ୍‌ରେ ୨୮୨, ଡେନ୍‌ମାର୍କରେ ୧୨୩, ଫିଲିପାଇନ୍ସରେ ୧୦୭, ଇଣ୍ଡୋନେସିଆରେ ୧୭୦, ଇକ୍ୱେଡରରେ ୯୮, ରୋମାନିଆରେ ୯୪ ଲୋକ ପ୍ରାଣ ହରାଇଥିବା ଜଣାପଡ଼ିଛି। ବିଭିନ୍ନ ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଯଦିଓ ଏପର୍ଯ୍ୟନ୍ତ ବିଶ୍ୱରେ ୨୦୩,୫୩୫ ସଂକ୍ରମିତ ବ୍ୟକ୍ତି ଆରୋଗ୍ୟ ହୋଇ ଫେରିଛନ୍ତି, ତଥାପି ଏହି ପ୍ରାଣଘାତୀ ଭୂତାଣୁରୁ ରକ୍ଷା ପାଇବା ଲାଗି କୌଣସି ଔଷଧ ବାହାରି ନ ଥିବାରୁ ଲୋକଙ୍କ ମନରେ କୋକୁଆ ଭୟ ଘାରିଛି। ବିଭିନ୍ନ ବିଶ୍ୱସ୍ତରୀୟ ନେତା, ସଙ୍ଗଠନ ପକ୍ଷରୁ ଲୋକମାନଙ୍କୁ ଭିନ୍ନ ଭିନ୍ନ ପରାମର୍ଶ ଦିଆଯାଉଛି। ବିଶ୍ୱର ପ୍ରାୟ ସବୁଦେଶ ଲକ୍‌ଡାଉନ୍‌କୁ ପାଳନ କରୁଥିବା ବେଳେ ସାମାଜିକ ଦୂରତ୍ୱ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ତଥାପି ଭୂତାଣୁ ବୋଲ ମାନୁନି। ବିଶ୍ୱବ୍ୟାପୀ ଏନେଇ ଆତଙ୍କର ବାତାବରଣ ସୃଷ୍ଟିହୋଇଛି।



ନ୍ୟୁୟର୍କର ଏକ ହସ୍ପିଟାଲରୁ ଷ୍ଟ୍ରେଚରରେ ମୃତଦେହ କଢ଼ାଯିବା ପରେ ସ୍ୱାସ୍ଥ୍ୟ କର୍ମୀମାନେ ପ୍ରୋଟେକ୍ଟିଭ ଉପକରଣ କାଢୁଛନ୍ତି।

## ଧରାବୀରେ ପ୍ରଥମ କରୋନା ରୋଗୀ ଚିହ୍ନଟ

**ମୁମ୍ବାଇ,୨।୪(ପି.ଟି.)**

ମୁମ୍ବାଇର ଧରାବୀ ଅଞ୍ଚଳରେ ଜଣେ ୫୨ ବର୍ଷୀୟ ବ୍ୟକ୍ତିଠାରେ କରୋନା ପଜିଟିଭ୍ ବାହାରିଛି। ଫଳରେ ୧୫ ଲକ୍ଷ ଲୋକ ରହୁଥିବା ଏସିଆର ଏହି ସର୍ବବୃହତ୍ ବସ୍ତିର ବାସିନ୍ଦାମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। କୋଭିଡ୍-୧୯ ସଂକ୍ରମିତ ଏହି ଜଣକ ବିଏମ୍‌ସିରେ ସୁଇପର ଭାବେ କାମ କରନ୍ତି। ତାଙ୍କୁ ଅନ୍ଧେରୀସ୍ଥିତ ସେଭେନ୍ ହିଲ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ମାମଲା ସାମ୍ନାକୁ ଆସିବା ପରେ ଧରାବୀ ଅଞ୍ଚଳରେ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ କରାଯାଇ ସର୍ଭିଲାନ୍ସ ସିଷ୍ଟମ୍‌କୁ ସୁଦୃଢ଼ କରାଯାଇଛି।

ମିଳିଥିବା ସୂଚନାନୁସାରେ ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଆଶ୍ରୟସ୍ଥଳଗୁଡ଼ିକରେ ପ୍ରାୟ ୩.୨୫ ଲକ୍ଷ ଦାଦନ ଶ୍ରମିକଙ୍କୁ ରଖାଯାଇଛି। ରାଜ୍ୟ ସରକାର ସେମାନଙ୍କ ସ୍ୱାବ୍ ପରିବର୍ତ୍ତେ ରକ୍ତ ନମୁନା ନେଇ କୋଭିଡ୍-୧୯ ଯାଞ୍ଚ କରିବେ। ସ୍ୱାସ୍ଥ୍ୟ ପରୀକ୍ଷା ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ରର ସହାୟତା ମିଳିଥିବା ମହାରାଷ୍ଟ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଟୋପେ ସୂଚନା ଦେଇଛନ୍ତି। ଦିଲ୍ଲୀର ନିଜାମୁଦ୍ଦିନ ସେଣ୍ଟରରେ ଆୟୋଜିତ ତବଲିଘି ଜମାତ୍ କାର୍ଯ୍ୟକ୍ରମରେ ମହାରାଷ୍ଟ୍ରର ୧୪୦୦ ଜଣ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୩୦୦ ଜଣଙ୍କୁ ଚିହ୍ନଟ କରାଯାଇ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବା ଟୋପେ ପ୍ରକାଶ କରିଛନ୍ତି।



ମୁମ୍ବାଇର ଧରାବୀରେ ଜଣେ ବ୍ୟକ୍ତି ନିଜ ପିଲା ସହ ଘର ଝରକା ଦେଇ ଲକ୍‌ଡାଉନ୍ ବେଳର ଦୃଶ୍ୟ ଦେଖୁଛନ୍ତି।

## ତେଜିଲା ଲକ୍‌ଡାଉନ୍ ରାଜନୀତି

**ନୂଆଦିଲ୍ଲୀ,୨।୪(ପି.ଟି.)**

ମହାମାରୀ କରୋନା ସଂକ୍ରମଣର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବ୍ୟାପୀ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ଲକ୍‌ଡାଉନ୍ ଗୁରୁବାର ନବମ ଦିନରେ ପହଞ୍ଚିଥିବାବେଳେ ଏହାକୁ ନେଇ ଜୋର୍ ଧରିଛି ରାଜନୀତି। ବିନା କୌଣସି ପ୍ରସ୍ତୁତିରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି ବୋଲି କେନ୍ଦ୍ର ସରକାରଙ୍କୁ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି।

କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ଏକ ବୈଠକକୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମ୍ବୋଧିତ କରି ଦଳର ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧୀ କହିଛନ୍ତି, ସରକାର ବିନା କୌଣସି ପୂର୍ବ ପ୍ରସ୍ତୁତିରେ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାରୁ ଦେଶରେ ଅଭୂତପୂର୍ବ ସ୍ୱାସ୍ଥ୍ୟ ଓ ମାନବିକ ସଙ୍କଟ ଦେଖାଦେଇଛି। ସମସ୍ତେ ଏକାଠି ହୋଇ ଏହାର ମୁକାବିଲା କଲେ ସ୍ଥିତିରେ ସୁଧାର ଆସିବ। ସିଡବ୍ଲ୍ୟୁସି କାରୋନା ଭାଇରସ୍ ଟେଷ୍ଟ ପାଇଁ ଯାଞ୍ଚକୁ ବ୍ୟାପକ କରିବା ଲାଗି ଦାବି କରିଛି। ଏହାସହ ଅର୍ଥନୀତି ସୁଧାରିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରାଯାଉ ବୋଲି ଦାବି ହୋଇଛି। କେନ୍ଦ୍ର ସରକାର କୋଭିଡ୍-୧୯ ମୁକାବିଲା ପାଇଁ ଘୋଷଣା କରିଥିବା ପ୍ୟାକେଜ୍ ପର୍ଯ୍ୟାପ୍ତ ନୁହେଁ ବୋଲି ସମାଲୋଚନା କରି ଅଧିକ ପାଣ୍ଠି ଦେବାକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍ ଦାବି କରିଛନ୍ତି। ଅନ୍ୟପକ୍ଷରେ ଲକ୍‌ଡାଉନ୍‌କୁ ନେଇ ସୋନିଆଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ସମାଲୋଚନା କରିଛନ୍ତି। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, କୋଭିଡ୍-୧୯ର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍ୟମକୁ ଭାରତ ସମେତ ସାରା ବିଶ୍ୱରେ ପ୍ରଶଂସା କରାଯାଉଥିବାବେଳେ ଏହାକୁ ନେଇ କଂଗ୍ରେସ ରାଜନୀତି କରୁଛି।



କନ୍ୟାକୁମାରୀରେ ଲକ୍‌ଡାଉନ୍ ବେଳେ ଏକ ସରକାରୀ ରିଲିଫ୍ ସେଣ୍ଟରରେ ୧୦୦୦ ଟଙ୍କା ଆର୍ଥିକ ସହାୟତା ପାଇବା ପରେ ତାକୁ ଦେଖାଉଛନ୍ତି ଜଣେ ମହିଳା ହିତାଧିକାରୀ।

## ଚାଇନାକୁ ପ୍ରଶଂସା କଲେ ଟ୍ରମ୍ପ

**ୱାଶିଂଟନ, ୨।୪**

କରୋନା ଭାଇରସ୍ ସ୍ଥିତି ବିଶ୍ୱରେ ଉଦ୍‌ବେଗଜନକ ରହିଥିବା ବେଳେ ଚାଇନାରେ ଏହା କେତେକାଂଶରେ ନିୟନ୍ତ୍ରଣାଧୀନ ରହିଛି। ପୂର୍ବାପେକ୍ଷା ଆକ୍ରାନ୍ତଙ୍କ ସଂଖ୍ୟା ସେଭଳି ଆଉ ନାହିଁ। ଫଳରେ ଚାଇନା ଅନ୍ୟ କରୋନା ଭାଇରସ୍ ସଂକ୍ରମିତ ଦେଶଗୁଡ଼ିକୁ ସହଯୋଗ କରିବା ଲାଗି ଆଗେଇ ଆସିଛି। ବ୍ୟକ୍ତିଗତ ସୁରକ୍ଷା କିଟ୍ସ, ମେଡି ସପୋର୍ଟ ସହ ଅନ୍ୟାନ୍ୟ ସହଯୋଗ ଚାଇନା ଯୋଗାଇବା ଆରମ୍ଭ କରିଛି। ଚାଇନାର ଏଭଳି ପ୍ରୟାସକୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱାଗତ କରିଛନ୍ତି। ଜାହାଜ ଓ ବିମାନରେ ଚାଇନା ଅନ୍ୟ ଦେଶଗୁଡ଼ିକୁ ଏହା ଯୋଗାଉଛି। ନିଜେ ଅଙ୍ଗେ ଲିଭାଇଥିବା ଯନ୍ତ୍ରଣା ଅନ୍ୟକେହି ଯେମିତି ନ ଭୋଗନ୍ତୁ, ସେଥିଲାଗି ଚାଇନାର ପଦକ୍ଷେପକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ଟ୍ରମ୍ପ କହିଛନ୍ତି, ଏମିତି ଅନେକ ଦେଶ ରହିଛି ଯେଉଁଠାରେ କରୋନା ଭାଇରସ୍ ବିରୋଧରେ ଲଢ଼େଇ କରିବାର ଯଥେଷ୍ଟ ଶକ୍ତି ନାହିଁ। ଯଦି ସେମାନଙ୍କୁ ଚାଇନା ସହଯୋଗ କରେ, ତାହା ସବୁଠାରୁ ଭଲ ହେବ ବୋଲି ଟ୍ରମ୍ପ କହିଛନ୍ତି।





ମୁମ୍ବାଇର ଏକ ଜନଶୂନ୍ୟ ଫ୍ଲାଇଓଭର ଉପରେ ପକ୍ଷୀମାନେ ଉଡୁଛନ୍ତି।

## ମୋଦିଙ୍କ କାର୍ଯ୍ୟକୁ ଡବ୍ଲ୍ୟୁଏଚ୍‌ଓ ମୁଖ୍ୟଙ୍କ ପ୍ରଶଂସା

**ନୂଆଦିଲ୍ଲୀ, ୨।୪:** ବିଶ୍ୱବ୍ୟାପୀ କରୋନା ଆତଙ୍କ ଜାରି ରହିଛି। ମୁଣ୍ଡ ପରେ ମୁଣ୍ଡ ଗଡ଼ିଚାଲିଛି। ଅଦ୍ୟାବଧି ବିଶ୍ୱରେ କରୋନା ଭାଇରସ୍ ଜନିତ ମୃତ୍ୟୁସଂଖ୍ୟା ୪୯ ହଜାର ଟପିଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ପାଖାପାଖି ପହଞ୍ଚିଲାଣି। ଭାରତରେ ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ସଂକ୍ରମିତଙ୍କ ସଂଖ୍ୟା ଏଠାରେ ୨,୦୩୨କୁ ବୃଦ୍ଧି ପାଇଥିବା ବେଳେ ୬୯ବ୍ୟକ୍ତି ପ୍ରାଣ ହରାଇଲେଣି। କେନ୍ଦ୍ର ସରକାର ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରିବା ସହ ପ୍ରତ୍ୟେକ ବ୍ୟକ୍ତି ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ପରାମର୍ଶ ଦିଆଯାଇଛି। ଏହି ଲକ୍‌ଡାଉନ୍ ସମୟରେ ଗରିବ, ନିରାଶ୍ରୟଙ୍କୁ ସରକାର ସହଯୋଗ ଯୋଗାଇ ଦେଇଛନ୍ତି। ଏଥିଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ମୁଖ୍ୟ ଟେଡ୍ରସ୍ ଆଧାନମ୍ ଘେବ୍ରେୟେସସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ମୋଦିଙ୍କ ୧.୭୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ (ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ) ବେଶ୍ ସହାୟକ ହେବ ବୋଲି ସେ ଟୁଇଟ କରି କହିଛନ୍ତି।



## ଦାଦନଙ୍କ ସମସ୍ୟା ସମାଧାନ କର

### ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ

**ନୂଆଦିଲ୍ଲୀ,୨।୪(ଆଇଏଏନ୍ଏସ୍)**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଦାଦନ ଶ୍ରମିକମାନଙ୍କର ଆପତ୍ତି ଅଭିଯୋଗର ସମାଧାନ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପ୍ରୀତି ସୁଦନ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଦାଦନ ସମସ୍ୟାର ସମାଧାନ କରିବାକୁ କହିଛନ୍ତି। ଲକ୍‌ଡାଉନ ଯୋଗୁ ଦାଦନ ଶ୍ରମିକମାନେ ବିଭିନ୍ନ ସହରରେ ଅଟକି ରହି ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କ ପାଇଁ ରିଲିଫ କ୍ୟାମ୍ପ, ଆଶ୍ରୟ ସ୍ଥଳ ସ୍ଥାପନ କରିବା ସହ ପର୍ଯ୍ୟାପ୍ତ ଚିକିତ୍ସା ସୁବିଧା ଓ ଖାଦ୍ୟ ପାନୀୟ ବ୍ୟବସ୍ଥା କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଦାଦନମାନେ ଫେରି ନ ଯିବା ପାଇଁ ବୁଝାସୁଝା କରିବାକୁ ପ୍ରଶିକ୍ଷଣପ୍ରାପ୍ତ ପରାମର୍ଶଦାତା ଓ ବିଭିନ୍ନ ଧର୍ମ ସମ୍ପ୍ରଦାୟର ନେତାଙ୍କୁ ନିୟୋଜିତ କରିବାକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ମିଛ ଖବର ପ୍ରସାରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣ ଖବର ପଛର ସତ୍ୟତା ଯାଞ୍ଚ କରିବା ପାଇଁ କେନ୍ଦ୍ର ସରକାର ଏକ ୱେବ୍-ପୋର୍ଟାଲ ସ୍ଥାପନ କରିଛନ୍ତି। ରାଜ୍ୟଗୁଡ଼ିକ ଅନୁରୂପ ବ୍ୟବସ୍ଥା ଗ୍ରହଣ କରିବାକୁ କେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଇଛି। ଭୁଲ୍ ଖବର ପ୍ରସାରଣ ଯୋଗୁ ଦାଦନ ଶ୍ରମିକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା ଓ ସେମାନେ ଗଣପଳାୟନ ଲାଗି ବାହାରିଥିଲେ। ଏହାକୁ ସୁପ୍ରିମକୋର୍ଟ ଗୁରୁତ୍ୱର ସହ ନେଇଛନ୍ତି। ଏଭଳି ଖବର ପ୍ରସାରଣ ଦ୍ୱାରା ଦାଦନମାନଙ୍କୁ ଅକଥନୀୟ ଦୁର୍ଦ୍ଦଶାର ସାମ୍ନା କରିବାକୁ ପଡିଥିବା ସର୍ବୋଚ୍ଚ ଅଦାଲତ କହିଥିଲେ।

କରୋନା ଭୂତାଣୁ ସଂକ୍ରମଣ ନେଇ କେହି ଗୁଜବ ସୃଷ୍ଟି କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ସହ ଜରିମାନା କରିବାକୁ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।
ସେହିପରି ଲକ୍‌ଡାଉନ୍ ସମୟରେ କୌଣସି ବ୍ୟକ୍ତି ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ପାଇଁ ବାଧା ସୃଷ୍ଟି କଲେ ତାଙ୍କୁ ମଧ୍ୟ ୨ ବର୍ଷ ଜେଲ ହେବ।




# ଶ୍ରୀରାମ ଆମକୁ ୧୪ ଦିନର ଶକ୍ତି, ସାହସ ଦିଅନ୍ତୁ: ବାଗ୍‌ଚୀ

- ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫
- ୯୦୦ ନମୁନା ପରୀକ୍ଷା
- ଜଣେ ସୁସ୍ଥ ହୋଇ ଘରକୁ ଫେରିଲେ




ରାଜ୍ୟ ସରକାରଙ୍କର ମୁଖ୍ୟ ମୁଖପାତ୍ର(କୋଭିଡ-୧୯) ସୁବ୍ରତୋ ବାଗ୍‌ଚୀ ଉଦ୍‌ବୋଧନ ଦେଉଛନ୍ତି।

**ଭୁବନେଶ୍ୱର,୨।୪(ବ୍ୟୁରୋ)**

କରୋନା ସଂକ୍ରମଣ ଆଶଙ୍କା ବଢୁଥିବାରୁ ଲୋକମାନେ ଲକ୍‌ଡାଉନରେ ରହିଛନ୍ତି। ତିନି ସପ୍ତାହ ଘର ଭିତରେ ରହିବା ଲୋକଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ଲକ୍‌ଡାଉନ ନିୟମକୁ ଅବମାନନା କରି କେତେକେ ରାସ୍ତାଘାଟରେ ଅଯଥା ବୁଲୁଥିବା ଦେଖିବାକୁ ମିଳୁଛି। ଏହି ପ୍ରତିକୂଳ ପରିସ୍ଥିତିରେ କିପରି ନିଜକୁ ଘର ଭିତରେ ଆବଦ୍ଧ କରି ରଖିବା ନେଇ ରାଜ୍ୟ ସରକାରଙ୍କର ମୁଖ୍ୟ ମୁଖପାତ୍ର(କୋଭିଡ-୧୯) ସୁବ୍ରତୋ ବାଗ୍‌ଚୀ ପୁରାଣ ଶାସ୍ତ୍ର ଓ ଢଗଢମାଳିର ଉଦାହରଣ ଦେଇ ବୁଝାଇଛନ୍ତି। ସେ କହିଛନ୍ତି ଯେ ଗୁରୁବାର ହେଉଛି ଭଗବାନ ଶ୍ରୀରାମଙ୍କ ଜନ୍ମଦିବସ। ମର୍ତ୍ତ୍ୟପୁରକୁ ମାନବ ରୂପରେ ଭଗବାନ ରାମ ଅବତାର ନେଇ ଆସିଥିଲେ। ଘଟଣାଚକ୍ରରେ ତାଙ୍କୁ ରାଜସଂହାସନ ଛାଡ଼ି ଭାର୍ଯ୍ୟା ଓ ସାନଭାଇକୁ ସାଙ୍ଗରେ ଧରି ୧୪ ବର୍ଷ ବନବାସ କରିବାକୁ ପଡ଼ିଥିଲା। ରାମଚନ୍ଦ୍ରଙ୍କ ବନବାସ ସମ୍ପର୍କରେ ଉଲ୍ଲେଖକରି ବାଗ୍‌ଚୀ ବୁଝାଇବାକୁ ଚେଷ୍ଟା କରିଥିଲେ ଯେ, ଯେତେବେଳେ ଅଜଣା, ଅଶୁଣା ଓ କଷ୍ଟସାଧ ଜୀବନ ବିତାଇବାକୁ ପଡ଼ିଥାଏ ତାହାହିଁ ବନବାସ। ମର୍ତ୍ତ୍ୟରେ ଭଗବାନ ଯେବେ ଜନ୍ମ ନେଇଛନ୍ତି ତାଙ୍କୁ ମଧ୍ୟ ଆମ ଭଳି ଚଳିବାକୁ ପଡ଼ିଛି। କଷ୍ଟ ଓ ଦୁଃଖ ସହିବାକୁ ପଡ଼ିଛି। ଗାଁ ଗହଳିରେ କଥାରେ ଅଛି-'ଅଖ ବୁଲୁଥାଇ ଚକ ବୁଲୁଥାଇ ବୁଲି ପଡୁଥାଇ ମହୀ, ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି।' ଠିକ୍ ସେମିତି ଭବବାନଙ୍କୁ ମଧ୍ୟ ମର୍ତ୍ତ୍ୟରେ ଅନେକ କଷ୍ଟ ସହିବାକୁ ପଡ଼ିଛି। ରାମଙ୍କ ୧୪ ବର୍ଷ ବନବାସ କଥା ମନେପକାଇ ତାଙ୍କୁ ଆସନ୍ତା ୧୪ ଦିନ ପାଇଁ ଭକ୍ତି, ଶକ୍ତି ଓ ସାହସ ମାଗିବା । ନିଜକୁ ଘର ଭିତରେ ରଖି ସରକାରଙ୍କ ଲକ୍‌ଡାଉନକୁ ମାନିବା ଓ ଏହି ମହାମାରୀରୁ ନିଜକୁ, ପରିବାରକୁ ଏବଂ ଦେଶକୁ ବଞ୍ଚାଇବାକୁ ବାଗ୍‌ଚୀ ରାଜ୍ୟବାସୀଙ୍କୁ ଏଭଳି ଢଙ୍ଗରେ ଅନୁରୋଧ କରିଛନ୍ତି।

କରୋନା ସ୍ଥିତି ସମ୍ପର୍କରେ ସୂଚନା ଦେଇ ବାଗ୍‌ଚୀ କହିଛନ୍ତି ଯେ, ରାଜ୍ୟରେ ଗୁରୁବାର ଅପରାହ୍ନ ସୁଦ୍ଧା ୯୦୦ ନମୁନା ପରୀକ୍ଷା କରାଯାଇଛି। ସେଥିରୁ ଏ ପର୍ଯ୍ୟନ୍ତ ୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏଥିସହିତ ୮୫ ଜଣ କରୋନା ସନ୍ଦିଗ୍ଧଙ୍କୁ ହସ୍ପିଟାଲରେ ଆଇସୋଲେଶନରେ ରଖାଯାଇଛି। ଗଣମାଧ୍ୟମକୁ ସୂଚନାଦେଇ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ପୋର୍ଟାଲରେ ୧୫,୮୯୫ ଜଣ ବ୍ୟକ୍ତି ନିଜର ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରେ ୪,୩୬୬ ଜଣ ବିଦେଶ ଫେରନ୍ତା। ପ୍ରଥମ ଦୁଇ କୋଭିଡ-୧୯ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ୫୫ଜଣ ଆସିଥିବା ବେଳେ ତୃତୀୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ୧୧୨ ଜଣ, ଚତୁର୍ଥ କରୋନା ପଜିଟିଭ ରୋଗୀଙ୍କ ସଂସ୍ପର୍ଶରେ ୩୩ ଜଣ ଆସିଛନ୍ତି। ଚତୁର୍ଥ ଆକ୍ରାନ୍ତ ଜଣକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ପଞ୍ଚମ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ୨୧ ଜଣ ବ୍ୟକ୍ତି ଆସିଛନ୍ତି ବୋଲି ବାଗ୍‌ଚୀ କହିଛନ୍ତି।

# ଆଜିଠାରୁ ଜନଧନ ଖାତାରେ ମହିଳାଙ୍କୁ ସହାୟତା

**ଭୁବନେଶ୍ୱର, ୨।୪**

କୋଭିଡ୍-୧୯ ମୁକାବିଲା ଅଂଶସ୍ୱରୂପ ଶୁକ୍ରବାରଠାରୁ ଜନଧନ ଖାତାରେ ମହିଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ସରକାର ପଦକ୍ଷେପ ନେଇଛନ୍ତି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଦେଶର ୨୦ କୋଟି ମହିଳାଙ୍କୁ ମାସିକ ୫୦୦ ଟଙ୍କାର ସହାୟତା ରାଶି ସରକାର ବ୍ୟାଙ୍କ ଖାତାରେ ସିଧାସଳଖ ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ଏହି ଅର୍ଥ ରାଶି ପ୍ରଦାନ କରାଯାଉଛି। ଏହି ସମୟରେ ହିତାଧିକାରୀ ବ୍ୟାଙ୍କରେ ଭିଡ ଜମାଇବାର ଆଶଙ୍କା ରହିଛି। ଭିଡକୁ ନିୟନ୍ତ୍ରଣ କରିବା ସହ ହିତାଧିକାରୀ କିଭଳି ସେମାନଙ୍କ ଅର୍ଥ ପାଇପାରିବେ ତାହା ନିଶ୍ଚିତ କରିବାକୁ କେନ୍ଦ୍ର ସରକାର ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କୁ ସହଜରେ ପାଣ୍ଠି ଯୋଗାଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଭିଡିଓ କନଫରେନ୍ସ ଯୋଗେ ଆଲୋଚନା କରିଛନ୍ତି। ସେହିଭଳି ବ୍ୟାଙ୍କଗୁଡ଼ିକରେ ସାମାଜିକ ଦୂରତ୍ୱ ରକ୍ଷା କରିବା ଲାଗି ଆର୍ଥିକ ସେବା ବିଭାଗ ପରାମର୍ଶ ଦେଇଛି। ଅଧିକ ସଂଖ୍ୟକ ଲୋକ ଯେଭଳି ଶାଖା ନ ଆସନ୍ତି ସେଥି ଲାଗି ଆକାଉଣ୍ଟ ନମ୍ବର ହିସାବରେ ଦିନ ଧାର୍ଯ୍ୟ ହୋଇଛି। ବ୍ୟାଙ୍କ ଖାତାର ଶେଷ ସଂଖ୍ୟା ୦ ଏବଂ ୧ ରହିଥିଲେ ହିତାଧିକାରୀ ଶୁକ୍ରବାର ବ୍ୟାଙ୍କ ଆସିବେ। ଆକାଉଣ୍ଟ ନମ୍ବରର ଶେଷ ସଂଖ୍ୟା ୧ ଏବଂ ୨ ରହିଥିଲେ

- ଆକାଉଣ୍ଟର ଶେଷ ସଂଖ୍ୟା ଅନୁସାରେ ଆସିବେ ଗ୍ରାହକ
- ପ୍ରତି ମାସରେ ମିଳିବ ୫୦୦ ଟଙ୍କା
- ୪ଟା ଯାଏ ଖୋଲା ରହିବ ବ୍ୟାଙ୍କ

ଶନିବାର, ୩ ଏବଂ ୪ ରହିଥିଲେ ସୋମବାର ଦିନ ଧାର୍ଯ୍ୟ ହୋଇଛି। ପର ସଂଖ୍ୟାଗୁଡ଼ିକ ଲାଗି ପରବର୍ତ୍ତୀ ବାର ଧାର୍ଯ୍ୟ ହୋଇଛି। ଯଦି କୌଣସି ଗ୍ରାହକ ଧାର୍ଯ୍ୟ ଦିନରେ ସେମାନଙ୍କ ଅର୍ଥ ଗ୍ରହଣ କରି ପାରିଲେ ନାହିଁ, ୯ ତାରିଖ ପରେ ବ୍ୟାଙ୍କ ଖୋଲାଥିବା ଦିନଗୁଡ଼ିକରେ ଅର୍ଥ ରାଶି ଗ୍ରହଣ କରିପାରିବେ। ଲୋକଙ୍କୁ ସୂଚନା ଦେବା ଲାଗି ମୋବାଇଲରେ ମେସେଜ ଦିଆଯିବାର ବ୍ୟବସ୍ଥା ହୋଇଛି। ଏହି ସମୟରେ ବ୍ୟାଙ୍କ ଶାଖା ପୂର୍ବବତ ୧୦ ଟାରୁ ୪ ଟା ଯାଏ କାର୍ଯ୍ୟ କରିବ। ଏହି ସୂଚନା ଗ୍ରାହକଙ୍କୁ ଗ୍ରାମ ପଞ୍ଚାୟତ, ବିସି ପଏଣ୍ଟ, ଶାଖା କାର୍ଯ୍ୟାଳୟ ଏବଂ ସୁବିଧା କେନ୍ଦ୍ରରେ ମିଳିପାରିବ ବୋଲି ସୂଚନା ରହିଛି। ୩ ମାସ ଯାଏ ହିତାଧିକାରୀ ପ୍ରତିମାସ ୫୦୦ ଟଙ୍କାର ସହାୟତା ପାଇବେ। ଏ ଯୋଜନା ସମ୍ପର୍କରେ ମାର୍ଚ୍ଚ ୨୬ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିଲେ। ଉକ୍ତ ଯୋଜନାରେ ସରକାର ମୋଟ୍ ୩୧ ହଜାର କୋଟି ଟଙ୍କା ଲୋକଙ୍କ ବ୍ୟାଙ୍କ ଖାତାରେ ପ୍ରଦାନ କରିବେ।

# ୪୦ ଡିଗ୍ରୀ ଉପରେ ୫ ସହର

**ଭୁବନେଶ୍ୱର,୨।୪(ବ୍ୟୁରୋ)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସକାଳ ୯ଟାରୁ ଅପରାହ୍ନ ୫ଟା ଯାଏ ପ୍ରଚଣ୍ଡ ଖରା ଲାଗି ରହୁଛି । କେତେକ ସହରରେ ପାରଦ ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଥିବା ବେଳେ ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଉପରେ ରହୁଛି। ଦିନରେ ତାତି ବଢ଼ିଲେ ମଧ୍ୟ ଅପରାହ୍ନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୩ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହି ଜିଲାଗୁଡ଼ିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କଟକ, ଯାଜପୁର, କେନ୍ଦ୍ରାପଡ଼ା, କନ୍ଧମାଳ, ଗଞ୍ଜାମ, ନୟାଗଡ଼, କୋରାପୁଟ, ଖୋର୍ଦ୍ଧା ଏବଂ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଆସନ୍ତା ୩ ଦିନ ଯାଏ ଏଭଳି ପାଗ ରହିବ ବୋଲି ପାଣିପାଗ ବିଭାଗରୁ ପୂର୍ବାନୁମାନ କରାଯାଇଛି।

ଗୁରୁବାର ରାଜ୍ୟର ବିଭନ୍ନ ଭାଗରେ ତାତିର ପ୍ରକୋପ ବୃଦ୍ଧି ପାଇଛି। ୫ଟି ସହରରେ ପାରଦ ୪୦ଡିଗ୍ରୀ ସେଲସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ତାଳଚରରେ ସର୍ବାଧିକ ୪୧.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୦.୭,ଟିଟିଲାଗଡ ୪୧, ମାଲକାନଗିରି ୪୦.୨, ବୌଦ୍ଧ ୪୦.୧, ସୋନପୁର ୩୯, ହୀରାକୁଦ ୩୯.୧, ଭୁବନେଶ୍ୱର ୩୯.୩, କଟକ ୩୯.୨, ଝାରସୁଗୁଡା ୩୯.୪ ଏବଂ ସମ୍ବଲପୁରରେ ସର୍ବାଧିକ ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

**୧୩ ଜିଲାରେ ଝଡ଼ବର୍ଷା ସମ୍ଭାବନା**



# ପ୍ରସ୍ତୁତ ହେଲା ୬୫୦ ଶଯ୍ୟା ବିଶିଷ୍ଟ ୨ ହସ୍ପିଟାଲ

**ଭୁବନେଶ୍ୱର,୨।୪(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମିତଙ୍କ ସ୍ୱତନ୍ତ୍ର ଚିକିତ୍ସା ପାଇଁ ୬୫୦ ଶଯ୍ୟା ବିଶିଷ୍ଟ ୨ଟି ହସ୍ପିଟାଲ ପ୍ରସ୍ତୁତ ହୋଇଛି। ଏହା ମଧ୍ୟରେ ରାଜଧାନୀ ଭୁବନେଶ୍ୱରର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ(କିମ୍ସ) ପରିସରରେ ୫୦୦ ଶଯ୍ୟା ରହିଛି। ଏହା ବ୍ୟତୀତ କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ୧୫୦ଟି ବେଡ୍ ପ୍ରସ୍ତୁତ କରାଯାଇଛି। ମାତ୍ର ସପ୍ତାହକ ମଧ୍ୟରେ କରୋନା ମୁକାବିଲା ପାଇଁ ଏହି ଭିତ୍ତିଭୂମି ସ୍ଥାପନା କରାଯାଇଛି। ଏହାକୁ ଦେଶର ପ୍ରଥମ କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ହସ୍ପିଟାଲ ବୋଲି କୁହାଯାଉଛି। କିମ୍ସ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ୫୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ପାଇଁ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ ଅର୍ଥ ପ୍ରଦାନ କରାଯାଇଛି। ଏଠାରେ କରୋନା ସଂକ୍ରମିତଙ୍କ ମାଗଣାରେ ଚିକିତ୍ସା କରାଯିବ। ସଂକ୍ରମିତଙ୍କ ଖାଦ୍ୟପେୟ ସମେତ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଅନୁରୂପଭାବେ ଅଶ୍ୱିନୀ ହସ୍ପିଟାଲରେ ମଧ୍ୟ ସ୍ୱତନ୍ତ୍ରଭାବେ କରୋନା ସଂକ୍ରମିତଙ୍କ ପାଇଁ ୧୫୦ ଶଯ୍ୟା ପ୍ରସ୍ତୁତ ହୋଇଛି। କିମ୍ସ ପରେ ରାଜ୍ୟରେ ଏହା ଦ୍ୱିତୀୟ କରୋନା ସଂକ୍ରମିତଙ୍କ ପାଇଁ ଉଦ୍ଦିଷ୍ଟ ଥିବା ହସ୍ପିଟାଲ। ଏହାକୁ ମଧ୍ୟ ମାତ୍ର ୭ ଦିନ ମଧ୍ୟରେ ପ୍ରସ୍ତୁତ କରାଯାଇଛି। ଏହି ହସ୍ପିଟାଲ ପାଇଁ ମଧ୍ୟ ଓଏମ୍‌ସି ଆର୍ଥିକ ସହାୟତା ପ୍ରଦାନ କରିଛି।

ହସ୍ପିଟାଲରେ ଥରେ ସଂକ୍ରମିତଙ୍କ ଚିକିତ୍ସା ଆରମ୍ଭ ହୋଇଗଲେ, ଏହାର ଡାକ୍ତର ଏବଂ ଅନ୍ୟାନ୍ୟ ସହଯୋଗୀ ଆଉ ଘରକୁ ଯାଇପାରିବେ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ନିୟୋଜିତ ଥିବା ଡାକ୍ତର, ପାରାମେଡିକାଲ ଷ୍ଟାଫ୍‌ଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ କରୋନା ମୁକାବିଲାରେ ସ୍ୱାସ୍ଥ୍ୟକର୍ମୀ ବିଶେଷ ଭୂମିକା ଗ୍ରହଣ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, କରୋନା ସଂକ୍ରମିତଙ୍କୁ ସମସ୍ତ ପ୍ରକାର ଗୁଣାତ୍ମକ ଚିକିତ୍ସା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ। ସାମାଜିକ ଦୂରତ୍ୱ, ହାତକୁ ନିୟମିତ ଧୋଇବା ଏବଂ ଲକ୍‌ଡାଉନ ନିୟମକୁ ଠିକ୍ ଭାବେ ପାଳନ କରିବା ଦ୍ୱାରା କରୋନା ମୁକାବିଲା କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଆସନ୍ତା ୩ ଦିନ ମଧ୍ୟରେ ମହାନଦୀ କୋଲ ଫିଲ୍ଡ୍ସ ଲିଃ(ଏମ୍‌ସିଏଲ୍) ଆର୍ଥିକ ସହଯୋଗରେ ସମ୍ ହସ୍ପିଟାଲରେ ଆଉ ୫୨୫ ଶଯ୍ୟା ବିଶିଷ୍ଟ କରୋନା ସଂକ୍ରମିତଙ୍କ ପାଇଁ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦିଆଯାଇଛି।

**କରୋନା ମୁକାବିଲା**

- କିମ୍ସରେ ୫୦୦, ଅଶ୍ୱିନୀରେ ୧୫୦
- ୭ ଦିନରେ ପ୍ରସ୍ତୁତ ହେଲା ଭିତ୍ତିଭୂମି
- ସହଯୋଗ କଲା ଓଏମ୍‌ସି



# ଅନୁକୂଳ ହେଲା ରଥକାଠ ଚିରଟ



**ପୁରୀ ଅଫିସ/କଟକ ଅଫିସ,୨।୪**

ଆସନ୍ତା ଜୁନ ୨୩ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଅକ୍ଷୟ ତୃତୀୟାରୁ ତିନିରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ଗୁରୁବାର ରଥକାଠ ଚିରଟ ଅନୁକୂଳ ହୋଇଛି। କଟକ ଖପୁରିଆସ୍ଥିତ ଓଏଫ୍‌ଡିସିର କରତ କଳରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ରଥକାଠ ଚିରଟ ଆରମ୍ଭ କରାଯାଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁଦିନ ରଥର କ'ଣ ନିର୍ମାଣ କରାଯିବ ତାହା ଏହି ବିଧି ମୁତାବକ କରାଯାଇଥାଏ। ଶ୍ରୀରାମ ନବମୀରେ ତିନିରଥ ନିର୍ମାଣ ଲାଗି କାଠ ଚିରଟ ଅନୁକୂଳ ହେବାର ପରମ୍ପରା ରହିଛି। ସେଥିଲାଗି ସକାଳେ ଶ୍ରୀମନ୍ଦିର ପ୍ରଶାସନର ୩ ଜଣିଆ ଟିମ୍ କଟକ ଗସ୍ତ କରିଥିଲେ। ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍ ସାଥୀରେ ମହାପ୍ରଭୁଙ୍କ ଲାଗି ମାଳ, ମାହାର୍ଦ୍ଧ, ଧୂପ, ଦୀପ, ପତନୀ, ନଡ଼ିଆ ନେଇଯାଇଥିଲେ। ଖପୁରିଆସ୍ଥିତ କରତ କଳରେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ପୂଜାର୍ଚ୍ଚନା। ପୂଜା ସରିବା ପରେ ୧୨ଫୁଟିଆ ୩ଖଣ୍ଡ ଧଉରା କାଠ ଚିରଟ ଅନୁକୂଳ ହୋଇଥିଲା। ଏହି ଟିମ୍‌ରେ ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଜେଟିପି ରାମଚନ୍ଦ୍ର ମହାରଣା ସାମିଲ ଥିଲେ। ରଥ ସଂହିତା ଅନୁସାରେ ତିନି ରଥ ପାଇଁ ମୋଟ ୮୬୫ଖଣ୍ଡ କାଠ ଦରକାର ହୋଇଥାଏ। ସେଥିମଧ୍ୟରୁ ୨୬୬ଖଣ୍ଡ ଖପୁରିଆ କରତ କଳରେ ଚିରଟ କରାଯିବ। ବାକି ରଥଖଳାରେ ରଖି ରଥ ତିଆରିରେ ସିଧାସଳଖ ବ୍ୟବହାର ହେବ।

# ଆଇନ ମାନିଲେନି ଦଣ୍ଡୁଆ, ୮ ଜଣଙ୍କ ନାଁରେ ମାମଲା

**ଦିଗପହଣ୍ଡି,୨।୪(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱରରେ ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ପରିବେଷଣକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି। ଦଣ୍ଡଯାତ୍ରା ପରିବେଷଣରେ ସମ୍ପୃକ୍ତ ଥିବା ଜଣେ ପୂର୍ବତନ ସରପଞ୍ଚଙ୍କ ସମେତ ୮ ଜଣଙ୍କ ନାଁରେ କରୋନା (କୋଭିଡ-୧୯) ପ୍ରତିଷେଧକ ସ୍ୱରୂପ ଗୁରୁବାର ପୋଲିସ ପକ୍ଷରୁ ନଂ.୬୮/୨୦ ଦଫା-୧୮୮/୨୬୯/୨୭୦/୩୪ ମାମଲା ରୁଜୁ କରାଯାଇଛି।

ସୂଚନାନୁସାରେ, ବୁଧବାର ମଧ୍ୟାହ୍ନରେ ଗାଁ ବଡ଼ଦାଣ୍ଡ ସାହି ଛକରେ ମା' ଦଣ୍ଡକାଳୀଙ୍କ ପୂଜାର୍ଚ୍ଚନା ଓ ଦଣ୍ଡନାଚ ପରିବେଷଣର ଫଟୋ ଓ ଭିଡ଼ିଓକୁ ସ୍ଥାନୀୟ ସରପଞ୍ଚଙ୍କ ବିରୋଧୀ ଗୋଷ୍ଠୀ ବିଭିନ୍ନ ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ଦିଗପହଣ୍ଡି ପୋଲିସ ଗାଁରେ ପହଞ୍ଚି ମାର୍ଚ୍ଚିଂ କରିବା ସହ ତଦନ୍ତ କରି ଫେରିଥିଲା। ଗାଁରେ ଦଣ୍ଡନାଚ ପରିବେଷଣ କରାଯାଇ ନ ଥିଲା। କେବଳ ବିଧି ଅନୁଯାୟୀ ମା' ଦଣ୍ଡକାଳୀଙ୍କ ପୂଜାର୍ଚ୍ଚନା କରାଯିବା ପରେ ମାନସିକଧାରୀ ସ୍ୱଳ୍ପ ସଂଖ୍ୟକ ଦଣ୍ଡୁଆ ଘରକୁ ଫେରିଥିଲେ ବୋଲି ଦଣ୍ଡଯାତ୍ରା ଅନୁଷ୍ଠାନର ମ୍ୟାନେଜର ତଥା ପୂର୍ବତନ ସରପଞ୍ଚ ପୋଲିସକୁ କହିଛନ୍ତି।

# ରୋଗୀ ନେବାକୁ ଅନୁମତି ଥିବା ଗାଡ଼ିରେ ଆସିଥିଲେ ବର

**ମାହାଙ୍ଗା,୨।୪(ସ୍ୱ.ପ୍ର.)**

**ଲକ୍‌ଡାଉନ୍‌ରେ ବାହାଘର**



ଜବତ ଗାଡ଼ି

- ୯ ଜଣଙ୍କ ନାମରେ ମାମଲା
- ଢେଙ୍କାନାଳରୁ ଆସିଥିଲା ଗାଡ଼ି

କରୋନା ମୁକାବିଲା ପାଇଁ ଦେଶ ଲକ୍‌ଡାଉନ୍ କରାଯାଇଛି। ଏଥିଯୋଗୁ ସମସ୍ତ କାର୍ଯ୍ୟକ୍ରମ ବନ୍ଦ ରଖାଯାଇଛି। ମାତ୍ର କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳରେ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି। ମେଡିକାଲ ବାହାନାରେ ମିଛ କାଗଜପତ୍ର କରାଇ ଢେଙ୍କାନାଳ ଅଞ୍ଚଳର ଏକ ଗାଡ଼ି ବର ନେଇ ଆସି ବାହାଘର ହେଉଥିବାବେଳେ ପୋଲିସ ଦ୍ୱାରା ଜବତ ହୋଇଛି। ପୋଲିସ ବରଗାଡ଼ିକୁ ଜବତ କରିବା ସହ ୯ଜଣଙ୍କ ନାମରେ ମାମଲା ରୁଜୁ କରି ବାହାଘର କରିବାକୁ ଆସିଥିବା ମୌଲବୀ ଓ ଗାଡ଼ି ଚାଳକଙ୍କୁ ଅଟକ ରଖିଛି। ବର ଓ କନ୍ୟା ଘର ପରିବାରକୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ାଯାଇଛି। ସୂଚନା ଅନୁସାରେ, ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ନାହାଙ୍ଗ ପଞ୍ଚାୟତ ବାଲିପଡାସ୍ଥିତ ଏକ ମସ୍‌ଜିଦରେ ସେହି ଗ୍ରାମର ସେକ ଅବଦୁଲ ଫଇଜୁଲ୍ଲାଙ୍କ ଝିଅଙ୍କୁ ବୁଧବାର ବିଳମ୍ବିତ ରାତିରେ ବିବାହ କରିବା ପାଇଁ ଢେଙ୍କାନାଳ ଟାଉନ ଥାନା ଅଞ୍ଚଳର ଇବ୍ରାହିମ ଖାଁଙ୍କ ପୁଅ ଅକତାର ଖାଁ ଆସିଥିଲେ। ସେଠାରେ ୫୦ରୁ ଊର୍ଦ୍ଧ୍ୱ ଲୋକ ବିବାହ ଉତ୍ସବରେ ସାମିଲ ହୋଇଥିଲେ। ବିଶେଷସୂତ୍ରରୁ ଖବର ପାଇ ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ତପନ ନାୟକ ପହଞ୍ଚିବା ପରେ ସେଠାରେ ଥିବା ଲୋକମାନେ ଛତ୍ରଭଙ୍ଗ ଦେଇଥିଲେ। ବର ଓ କନ୍ୟାଙ୍କ ପରିବାର ସମେତ ବିବାହ କରିବାକୁ ଆସିଥିବା କେନ୍ଦ୍ରାପଡା ଅଞ୍ଚଳର ମୌଲବୀ ମହରୁଫ ହବିବ ଏବଂ ବରଗାଡି ଡ୍ରାଇଭର ସମେତ ୯ ଜଣଙ୍କୁ ପୋଲିସ ଅଟକ ରଖିଥିଲା। ବରଗାଡ଼ିକୁ ଜବତ କରାଯାଇଥିଲା। ଜବତ ଗାଡି ଜାଲ ଅନୁମତି ନେଇ ଆସିଥିବା ଦେଖିବାକୁ ମିଳିଥିଲା। ଓଡି-୦୨-ଏଡବ୍ଲ୍ୟୁ-୨୮୮୦ ନମ୍ବର କାରକୁ ଢେଙ୍କାନାଳ ଜିଲା ଟାଉନ ଥାନା ଅଧୀନ କାରିଗର ସାହିର ଆକବର ଖାଁ ତାଙ୍କ ଅସୁସ୍ଥ ମା'ଙ୍କୁ କଟକ ଜିଲା ନିଶ୍ଚିନ୍ତକୋଇଲି ଅଞ୍ଚଳରୁ ଚିକିତ୍ସା ନିମନ୍ତେ ନେବାକୁ ଢେଙ୍କାନାଳ ଟାଉନ ଥାନାରୁ ଗତ ବୁଧବାର ଅନୁମତି ପାଇଥିଲେ। କିନ୍ତୁ ଏହି ଗାଡି ବେଆଇନଭାବେ ବର ନେଇ ଆସିଥିଲା। ଏନେଇ ଥାନାରେ ନଂ-୭୫/୨ ମାମଲା ରୁଜୁ କରାଯାଇ ବ୍ୟକ୍ତିଗତ ମୁଚାଲିକାରେ ବର ଓ କନ୍ୟା ପରିବାରକୁ ଛଡାଯାଇଛି। ମୌଲାନା ଏବଂ ଗାଡି ଡ୍ରାଇଭରଙ୍କୁ ଅଟକ ରଖାଯାଇଛି। ଅନ୍ୟପକ୍ଷରେ ଲକଡାଉନ ସମୟରେ ମିଛ ଆଳରେ ଗାଡ଼ି ଆଣିବା, ସାମାଜିକ ଦୂରତ୍ୱ ଭାଙ୍ଗୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଥିବାବେଳେ ମାହାଙ୍ଗା ପୋଲିସ ପକ୍ଷରୁ ବ୍ୟକ୍ତିଗତ ମୁଚାଲିକାରେ ଛଡା ଯିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଥାନା ଆଇଆଇସି ରଞ୍ଜନ ପ୍ରଧାନ କହିଛନ୍ତି, ବର୍ତ୍ତମାନ କରୋନା ପାଇଁ କୋର୍ଟ ବନ୍ଦ ଥିବାରୁ ମାମଲା ରୁଜୁ କରାଯାଇ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଛି। ଜାଲ ଅନୁମତିରେ ଆସିଥିବା ଗାଡ଼ିକୁ ଜବତ କରାଯାଇ ତଦନ୍ତ ଜାରି ରହିଛି।

## କୋଭିଡ-୧୯ ଟିକା ପରୀକ୍ଷା କଲା ଅଷ୍ଟ୍ରେଲିଆ

ମେଲବୋର୍ନ,୨।୪(ପି.ଟି.): ଅଷ୍ଟ୍ରେଲିଆର ବୈଜ୍ଞାନିକମାନେ ଦୁଇଟି କୋଭିଡ୍-୧୯ ଟିକାର ଲାବରେଟୋରି ପରୀକ୍ଷା ଆରମ୍ଭ କରିଛନ୍ତି। କମନୱେଲ୍‌ଥ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ଅର୍ଗାନାଇଜେଶନ (ସିଏସ୍ଆଇଆର୍‌ଓ)ର ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ଟିକା କିଭଳି ପ୍ରଭାବ ଦେଖାଉଛି ତାହା ଉପରେ ପରୀକ୍ଷା କରାଯାଇଛି। ଏହାକୁ ଇଞ୍ଜେକ୍ସନରେ ଦେବା ସହ ନାଜାଲ ସ୍ପ୍ରେ ପ୍ରସ୍ତୁତି ଲାଗି ମଧ୍ୟ କାର୍ଯ୍ୟ କରାଯାଉଛି। ସେମାନେ ଜାନୁୟାରୀ ମାସରୁ କୋଭିଡ୍-୧୯ ଭୂତାଣୁ ଉପରେ ଅଧ୍ୟୟନ ଚଳାଇଥିଲେ। ଖୁବ୍‌ଶୀଘ୍ର ଏହାକୁ ଲୋକଙ୍କ ଦେହରେ ପରୀକ୍ଷା କରାଯିବ ବୋଲି ପ୍ରଫେସର ଟ୍ରେଭର ଡ୍ରିଉ କହିଛନ୍ତି।

# ରାମନବମୀରେ ଅଯୋଧ୍ୟା ଶୂନ୍‌ଶାନ

**ଅଯୋଧ୍ୟା,୨।୪(ଆଇଏଏନ୍ଏସ୍)**

**ସବୁଠୁ ବଡ଼ ଉତ୍ସବ ଆୟୋଜନ ଯୋଜନା ଥିଲା**

ରାମ ଜନ୍ମଭୂମି ଜମି ବିବାଦ ମାମଲା ରାୟ ପରେ ଚଳିତବର୍ଷ ଅଯୋଧ୍ୟାରେ ରାମନବମୀ ଖୁବ୍ ଧୁମ୍‌ଧାମରେ ପାଳନ କରିବା ଲାଗି ଯୋଜନା ହୋଇଥିଲା। ଏହାକୁ ସବୁଠୁ ବଡ଼ ଉତ୍ସବ ଭାବେ ପାଳନ କରାଯାଇଥାନ୍ତା। ହେଲେ କରୋନା ମହାମାରୀ ସବୁ ଯୋଜନାକୁ ପଣ୍ଡ କରିଦେଇଛି। ଗୁରୁବାର ରାମନବମୀରେ ଅଯୋଧ୍ୟା ରାସ୍ତାଘାଟ ଖାଁଖାଁ, ସରଯୂ ତଟ ଜନଶୂନ୍ୟ ଓ ମନ୍ଦିର ଫାଙ୍କା ଦେଖିବାକୁ ମିଳିଛି।

ସୁପ୍ରିମକୋର୍ଟଙ୍କ ରାୟ ପରେ ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣ ଲାଗି ପଥ ପରିଷ୍କାର ହୋଇଯାଇଛି। ଏଥିପାଇଁ ଟ୍ରଷ୍ଟ ଗଠନ କରାଯିବା ସହ ରାମ ଜନ୍ମଭୂମି ସ୍ଥଳରେ ନୂଆ ମନ୍ଦିର ନିର୍ମାଣ ପାଇଁ ରାମ ଲାଲାଙ୍କ ମୂର୍ତ୍ତିକୁ ମାନସ ଭବନକୁ ସ୍ଥାନାନ୍ତର କରାଯାଇଛି। ତେବେ କରୋନା ଭୟ ଓ ତଜ୍ଜନିତ ଲକ୍‌ଡାଉନ କାରଣରୁ ସବୁ ଉତ୍ସବ ସ୍ଥଗିତ ରହିଛି। ଲକ୍‌ଡାଉନକୁ କଡ଼ାକଡ଼ି ପାଳନ କରାଯାଉଥିବାରୁ ନବରାତ୍ରି ପାଳନ ଲାଗି ବାଧ୍ୟତାମୂଳକ 'କନ୍ୟା ପୂଜନ' ମଧ୍ୟ କରିପାରିନାହାନ୍ତି ସ୍ଥାନୀୟ ବାସିନ୍ଦା। ଝିଅମାନଙ୍କୁ ଘରୁ ଛାଡ଼ି ନ ଥିଲେ ମାଆବାପା। କନ୍ୟା ପୂଜନରେ ଖର୍ଚ୍ଚ ହେବାକୁ ଥିବା ଅର୍ଥକୁ କେତେକ ମନ୍ଦିରକୁ ଦାନ କରାଯିବ ବୋଲି ରାମ ଚରଣ ଶ୍ରୀବାସ୍ତବ କହିଛନ୍ତି। ବାବ୍‌ରୀ ମସ୍‌ଜିଦ ଭଙ୍ଗ ପରବର୍ତ୍ତୀ ଦଙ୍ଗାବେଳେ ମଧ୍ୟ ଅଯୋଧ୍ୟା ନଗରୀ ଏଭଳି ଜନଶୂନ୍ୟ ହୋଇ ନ ଥିଲା ବୋଲି ସେ କହିଛନ୍ତି। ମନ୍ଦିର ସବୁ ଜନସାଧାରଣଙ୍କ ଲାଗି ବନ୍ଦ ରହିଛି।

ଲକ୍‌ଡାଉନ ଘୋଷଣା ହେବା ପୂର୍ବରୁ ଉତ୍ତରପ୍ରଦେଶ ସରକାର ଅଯୋଧ୍ୟା ସହର ସୀମା ସିଲ୍ କରିଦେଇଥିଲେ। ନବରାତ୍ରି ଓ ରାମ ନବମୀରେ ନ ଆସିବା ପାଇଁ ସାଧୁସନ୍ଥମାନେ ଭକ୍ତମାନଙ୍କୁ ପରାମର୍ଶ ଦେଇଥିଲେ। ଏପରି କି ସ୍ଥାନୀୟ ଲୋକଙ୍କୁ ମଧ୍ୟ ସରଯୂ ଘାଟକୁ ବୁଡ଼ ପକାଇବାକୁ ଛଡ଼ାଯାଇ ନାହିଁ। ଦୁଇଦିନ ପୂର୍ବରୁ ସାଦତ୍‌ଗଞ୍ଜ ଓ ଦେବକଲିଠାରେ ଥିବା ପ୍ରବେଶ ପଥକୁ ବାରିକେଡ୍ କରି ବନ୍ଦ କରିଦିଆଯାଇଥିଲା। ଏହା ଭଗବାନଙ୍କ ଇଚ୍ଛା, ଯାହାକୁ ଆମକୁ ପାଳନ କରିବାକୁ ପଡୁଛି। ଖୁବ୍‌ଶୀଘ୍ର ସ୍ୱାଭାବିକ ଅବସ୍ଥା ଫେରିଆସିବ ବୋଲି ଜଣେ ପୂଜକ ଆଶାବ୍ୟକ୍ତ କରି କହିଛନ୍ତି।

# କ୍ୱାରାଣ୍ଟାଇନ୍‌କୁ ନ ମାନିଲେ ଗୁଳିକର


ରୋଡ୍ରିଗୋ ଡୁଟେର୍ଟେ

**ମାନିଲା, ୨।୪:** କରୋନା ଭାଇରସ୍ ପ୍ରକୋପ ବଢ଼ିବାରେ ଲାଗିଛି। ବିଶ୍ୱର ୨୦୩ ଦେଶ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ହଜାର ହଜାର ଲୋକଙ୍କ ଜୀବନ ମଧ୍ୟ ଏହି ପ୍ରାଣଘାତୀ ଭୂତାଣୁ ନେଇସାରିଲାଣି। ଏହାର କୌଣସି ଔଷଧ ବାହାରି ନ ଥିବାବେଳେ ଘରେ ରହି ସାମାଜିକ ଦୂରତ୍ୱ ରକ୍ଷାକରିବା ହିଁ ଏକମାତ୍ର ଉପାୟ। ହେଲେ ଏହାକୁ ଅନେକେ ନ ମାନି ବାହାରକୁ ଯାଉଛନ୍ତି। କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସୁଛନ୍ତି। ଫଳରେ ଏହି ଭୂତାଣୁ ସହଜରେ କାୟାବିସ୍ତାର କରିବାରେ ସଫଳ ହେଉଛି। ଫିଲିପାଇନ୍ସରେ ଏହି ହୋମ୍ କ୍ୱାରାଣ୍ଟାଇନ୍‌କୁ ଅଧିକ କଡ଼ାକଡ଼ି କରାଯାଇଛି। ଯଦି କୌଣସି ବ୍ୟକ୍ତି ଏହାକୁ ଉଲ୍ଲଂଘନ କରେ, ତେବେ ତାଙ୍କୁ ଗୁଳି କରିଦେବା ଲାଗି ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ ପୋଲିସ ଓ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ କେବେହେଲେ ବରଦାସ୍ତ କରାଯିବ ନାହିଁ। ଆଇନ ନ ମାନିଲେ ଗୁଳିକରି ସେମାନଙ୍କୁ ମାରିଦିଅ ବୋଲି ବୁଧବାର ରାତିରେ ଟେଲିଭିଜନରେ ଉଦ୍‌ବୋଧନ ଦେଇ ଡୁଟେର୍ଟେ ପ୍ରକାଶ କରିଛନ୍ତି। ଲକ୍‌ଡାଉନ୍ ଯୋଗୁ ଲୋକମାନେ ଖାଇବାକୁ ନ ପାଇବା, କାମଧନ୍ଦା ହରାଇବା ଆଦିକୁ ନେଇ ବାମପନ୍ଥୀ ସମର୍ଥକ ଗୋଷ୍ଠୀ ବିକ୍ଷୋଭ କରୁଛନ୍ତି। ଏଭଳି ନ କରି କୋଭିଡ୍-୧୯କୁ ରୋକିବା ଲାଗି ସହଯୋଗ କରିବାକୁ ଡୁଟେର୍ଟେ କହିଛନ୍ତି। ୧୮ ନିୟୁତ ଗରିବ ଲୋକଙ୍କ ଲାଗି ୪ ବିଲିୟନ ଡଲାର୍‌ର ବ୍ୟବସ୍ଥା କରାଯାଇଛି। ସହାୟତା ଲାଗି ସମସ୍ତଙ୍କୁ ଏହା ଉପଲବ୍ଧ ହେବ। ତେଣୁ ବ୍ୟସ୍ତ ନ ହୋଇ ସରକାରଙ୍କୁ ସହଯୋଗ କରି ଘରେ ସମସ୍ତେ ରହିବାକୁ ଡୁଟେର୍ଟେ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି ଅଦ୍ୟାବଧି ଫିଲିପାଇନ୍ସରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୨,୩୧୧ରେ ପହଞ୍ଚି ଥିବାବେଳେ ୧୦୭ ଜଣଙ୍କ ପ୍ରାଣହାନି ଘଟିଛି।

## ୬ ସପ୍ତାହର ଶିଶୁ ଜୀବନ ନେଲା କରୋନା

ନ୍ୟୁୟର୍କ,୨।୪(ପି.ଟି.): କରୋନା କେବଳ ବରିଷ୍ଠ ନାଗରିକମାନଙ୍କ ପାଇଁ ମାରାତ୍ମକ ବୋଲି ଧାରଣା ସୃଷ୍ଟି ହୋଇଥିଲା। ଧୀରେ ଧୀରେ ଏହି ଧାରଣା ବଦଳିବାରେ ଲାଗିଛି। କମ୍ ବୟସର ଯୁବକ ଯୁବତୀ ମଧ୍ୟ ଏହି ମହାମାରୀରେ ପ୍ରାଣ ହରାଉଛନ୍ତି। ଏହି ଭୂତାଣୁ ପଞ୍ଝାରୁ ପିଲାଠାରୁ ବୁଢ଼ା କେହି ସୁରକ୍ଷିତ ନୁହନ୍ତି। ୬ ସପ୍ତାହର ନବଜାତ ଶିଶୁକନ୍ୟାଙ୍କ ମୃତ୍ୟୁ ପରେ ଏହା ସ୍ପଷ୍ଟ ହୋଇଯାଇଛି । ଆମେରିକାର କନେକ୍ଟିକଟ୍‌ରେ କରୋନା ସଂକ୍ରମଣରେ ଶିଶୁକନ୍ୟା ପ୍ରାଣ ହରାଇଥିବା ଗଭର୍ନର ନେଡ୍ ଲାମୋଣ୍ଟ କହିଛନ୍ତି। ମୃତ୍ୟୁ ପରେ ଶବ ବ୍ୟବଚ୍ଛେଦରୁ ଶିଶୁ ଦେହରେ କରୋନା ଭୂତାଣୁ ଥିବା ଜଣାପଡିଥିଲା। କୋଭିଡ୍-୧୯ରେ ପ୍ରାଣ ହରାଇବାରେ ସେ ସର୍ବକନିଷ୍ଠ ବୋଲି କୁହାଯାଉଛି। ଆମେରିକାରେ କରୋନାଜନିତମୃତ୍ୟୁସଂଖ୍ୟା୫୦୦୦ଅତିକ୍ରମକରିଥିବାବେଳେ ୨ ଲକ୍ଷ ୧୫ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଛନ୍ତି।







ପଞ୍ଚମ କରୋନା ଆକ୍ରାନ୍ତ ଜଣକ ରହୁଥିବା ଭୁବନେଶ୍ୱର ସୂର୍ଯ୍ୟନଗର ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଭାବେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଘୋଷଣା କରୁଛନ୍ତି।

## ୨୨ ସମ୍ଭାବ୍ୟ କୋଭିଡ୍ ହଟ୍‌ସ୍ପଟ ଚିହ୍ନଟ

ନୂଆଦିଲ୍ଲୀ,୨।୪(ଆଇଏଏନ୍ଏସ୍): ଦେଶରେ କରୋନା ଭୂତାଣୁ ସର୍ବାଧିକ ସଂକ୍ରମଣ ହେଉଥିବା ୨୦ଟି ସ୍ଥାନ ସମେତ ସମ୍ଭାବ୍ୟ ୨୨ଟି ହଟ୍‌ସ୍ପଟକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚିହ୍ନଟ କରିଛି। ତେବେ କୋଭିଡ୍-୧୯ ଗୋଷ୍ଠୀ ସଂକ୍ରମଣରେ ପହଞ୍ଚିଥିବାର କୌଣସି ପ୍ରମାଣ ନ ଥିବା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଭୂତାଣୁ ସଂକ୍ରମଣ ରୋକିବା ଦିଗରେ ପ୍ରଶିକ୍ଷଣ ଦେବା ପାଇଁ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛି। ସଂକ୍ରମଣର ଧାରାକୁ ଭାଙ୍ଗିବା ସହ ଚିକିତ୍ସା ପରିଚାଳନା ଲାଗି ଅଧିକ ମାନବ ସମ୍ବଳର ଆବଶ୍ୟକତା ରହିଛି। ସେଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଅନ୍‌ଲାଇନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିକାଶ କରାଯାଇଛି। ଚିହ୍ନଟ ନୂଆ ମାନବ ସମ୍ବଳକୁ ଏଥିରେ ପ୍ରଶିକ୍ଷଣ ଦିଆଯାଇପାରିବ। ରାଜ୍ୟଗୁଡ଼ିକୁ ମଧ୍ୟ ତାଲିମ ପାଇଁ ନୋଡାଲ ଅଫିସର ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇସୋଲେଶନ ଅଞ୍ଚଳରେ ସମସ୍ତ ହସ୍ପିଟାଲ କର୍ମଚାରୀ, ଦନ୍ତ ଚିକିତ୍ସକ, ଆୟୁଷ ଡାକ୍ତରଙ୍କୁ ତାଲିମ ପ୍ରଦାନ କରାଯିବ। କୋଭିଡ୍ ଅଞ୍ଚଳ ବାହାରେ ଅବସରପ୍ରାପ୍ତ ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଚିହ୍ନଟ କରିବା ପାଇଁ କୁହାଯାଇଛି।

## ଲକ୍‌ଡାଉନ ଉଲ୍ଲଂଘନ କରିବାରୁ ୩ ଦିନ ଜେଲ୍

ପୁଣେ,୨।୪(ପି.ଟି.): ଲକ୍‌ଡାଉନ ନିୟମ ଉଲ୍ଲଂଘନ କରିଥିବା ମହାରାଷ୍ଟ୍ରର ୩ ଜଣଙ୍କୁ ବାରାମତୀ କୋର୍ଟ ୩ ଦିନ ଲେଖାଏ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଲକ୍‌ଡାଉନ ଉଲ୍ଲଂଘନ ମାମଲାରେ ଦୋଷୀସାବ୍ୟସ୍ତ କରାଯିବାରେ ଏହା ସମ୍ଭବତଃ ପ୍ରଥମ ମାମଲା ବୋଲି କୁହାଯାଉଛି। ଅଭିଯୁକ୍ତ ଅଫଜଲ ଅତ୍ତାର(୩୯), ଚନ୍ଦ୍ରକୁମାର ଶାହା(୩୮) ଏବଂ ଅକ୍ଷୟ ଶାହା(୩୨)ଙ୍କୁ ୩ ଦିନ ଲେଖାଏ ଜେଲଦଣ୍ଡ ସହ ୫୦୦ ଟଙ୍କା ଲେଖାଏ ଜରିମାନା ଭରିବାକୁ କୁହାଯାଇଛି। ବିନା କାରଣରେ ପୁଣେର ବାରାମତୀ ସହରରେ ବୁଲୁଥିବାରୁ ଆଇପିସିର ଧାରା ୧୮୮ରେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଦଣ୍ଡ କମ୍ ହେଲେ ମଧ୍ୟ ଏହା ଅଭିଯୁକ୍ତମାନଙ୍କ ପାଇଁ ଭବିଷ୍ୟତରେ ପାସ୍‌ପୋର୍ଟ କିମ୍ବା ଅନ୍ୟାନ୍ୟ ଲାଇସେନ୍ସ ପାଇବାରେ ସମସ୍ୟା ସୃଷ୍ଟି କରିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ପୁଣେ ପୋଲିସ ଲକ୍‌ଡାଉନ ଉଲ୍ଲଂଘନ ଅଭିଯୋଗରେ ୬୦୦ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି।

## କରୋନା ଚିକିତ୍ସାରେ ନିୟୋଜିତ ଡାକ୍ତରଙ୍କୁ ଆକ୍ରମଣ

ଇନ୍ଦୋର,୨।୪: ମଧ୍ୟପ୍ରଦେଶର ଇନ୍ଦୋର ନିକଟବର୍ତ୍ତୀ ଏକ ଅଞ୍ଚଳରେ କରୋନା ସଂକ୍ରମଣ ଲକ୍ଷଣ ଦେଖାଯିବା ପରେ ସ୍ଥାନୀୟ ଲୋକଙ୍କ ଯାଞ୍ଚ କରିବାକୁ କେତେଜଣ ସ୍ୱାସ୍ଥ୍ୟ କର୍ମଚାରୀ ଯାଇଥିଲାବେଳେ ଉତ୍ୟକ୍ତ ଲୋକଙ୍କ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ସେମାନଙ୍କ ସମେତ ପ୍ରଶାସନିକ ଅଧିକାରୀମାନଙ୍କୁ ଆକ୍ରମଣ କରିଛନ୍ତି ଲୋକେ। ଏହି ଆକ୍ରମଣରେ ଦୁଇଜଣ ମହିଳା ଡାକ୍ତର ଆହତ ହୋଇଛନ୍ତି। ପୋଲିସ ସେମାନଙ୍କୁ ଉଦ୍ଧାର କରିଛି। ଆକ୍ରମଣ ସମୟର ଭିଡିଓ ଭାଇରାଲ ହୋଇଛି। ଦୁଇଜଣ ସ୍ୱାସ୍ଥ୍ୟ କର୍ମଚାରୀ ଦୌଡୁଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କ ପଛରେ ଗୋଡ଼ାଇ ଢେଲା ମାଡ଼ କରୁଥିବା ଏଥିରେ ଦେଖିବାକୁ ମିଳିଛି। ଦୁଇଦିନ ପୂର୍ବରୁ ରାଣିପୁରା ଅଞ୍ଚଳରେ ଯାଞ୍ଚ ପ୍ରକ୍ରିୟା ବେଳେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ସ୍ଥାନୀୟ ଲୋକେ ଗାଳିଗୁଲଜ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଭାରତରେ ୭୨...

ପହଞ୍ଚିଛି। ସେଥିରୁ ସକ୍ରିୟ ମାମଲା ୧୭୬୪ ଥିବାବେଳେ ୧୫୦ ଜଣ ସୁସ୍ଥ ହେଲେଣି। ଗତ ୨୪ ଘଣ୍ଟା ମଧ୍ୟରେ ୩୨୮ଟି ନୂଆ ମାମଲା ଚିହ୍ନଟ ହୋଇଛି। ଗୁରୁବାର ସକାଳର ତଥ୍ୟ ଅନୁଯାୟୀ ଆଉ ୯ ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ମହାରାଷ୍ଟ୍ରରୁ ୪ ଜଣ, ମଧ୍ୟପ୍ରଦେଶରୁ ୩, ଆନ୍ଧ୍ରପ୍ରଦେଶ ଓ ପଞ୍ଜାବର ଜଣେ ଲେଖାଏ ଅଛନ୍ତି। ଗୁରୁବାର ସୁଦ୍ଧା ମହାରାଷ୍ଟ୍ରରେ ସର୍ବାଧିକ ୧୩ ଜଣଙ୍କର କୋଭିଡ୍-୧୯ ସଂକ୍ରମଣରେ ମୃତ୍ୟୁ ଘଟିଥିବାବେଳେ ଏହା ପଛକୁ ରହିଛନ୍ତି ଗୁଜରାଟ(୬), ମଧ୍ୟପ୍ରଦେଶ (୬), ପଞ୍ଜାବ(୪), କର୍ଣ୍ଣାଟକ(୩), ତେଲଙ୍ଗାନା (୩), ପଶ୍ଚିମବଙ୍ଗ (୩), ଦିଲ୍ଲୀ (୨), ଜମ୍ମୁ-କଶ୍ମୀର (୨), ଉତ୍ତରପ୍ରଦେଶ(୨) ଏବଂ କେରଳ (୨)। ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ବିହାର ଓ ହିମାଚଳପ୍ରଦେଶରେ ଜଣେ ଲେଖାଏ କରୋନା ସଂକ୍ରମଣରେ ପ୍ରାଣ ହରାଇଛନ୍ତି। ମହାରାଷ୍ଟ୍ରରୁ ସର୍ବାଧିକ ୩୩୫ ଜଣ କରୋନାରେ ସଂକ୍ରମିତ ହୋଇଥିବାବେଳେ ଏହା ପଛକୁ କେରଳରେ ୨୬୫ ଓ ତାମିଲନାଡୁରେ ୨୩୪ ଜଣ ଆକ୍ରାନ୍ତ ହୋଇଛନ୍ତି। ଦିଲ୍ଲୀରେ ସଂକ୍ରମିତଙ୍କ ସଂଖ୍ୟା ୧୫୨ରେ ପହଞ୍ଚିଛି। ଉତ୍ତରପ୍ରଦେଶରେ ୧୧୩ଜଣଙ୍କଠାରେ କରୋନା ପଜିଟିଭ୍ ଜଣାପଡିଥିବାବେଳେ କର୍ଣ୍ଣାଟକରେ ୧୧୦, ତେଲଙ୍ଗାନାରେ ୯୬, ରାଜସ୍ଥାନରେ ୧୦୮, ମଧ୍ୟପ୍ରଦେଶରେ ୯୯, ଆନ୍ଧ୍ରପ୍ରଦେଶରେ ୮୬, ଗୁଜରାଟରେ ୮୨ ଓ ଜମ୍ମୁ-କଶ୍ମୀରରେ ୬୨ଟି ପଜିଟିଭ୍ ମାମଲା ରହିଛି। ଏହାବ୍ୟତୀତ ପଞ୍ଜାବରେ ୪୬, ହରିୟାଣାରେ ୪୩, ପଶ୍ଚିମବଙ୍ଗରେ ୩୭, ବିହାରରେ ୨୩, ଚଣ୍ଡିଗଡ଼ରେ ୧୬ ଓ ଲଦାଖରେ ୧୩ ଜଣ ସଂକ୍ରମିତ ହୋଇଛନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### କରୋନା ମୁକାବିଲା ପାଇଁ ...

ନୂଆଦିଲ୍ଲୀରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କରୋନା ମୁକାବିଲା ନେଇ କେନ୍ଦ୍ରର ଲକ୍‌ଡାଉନ ନିଷ୍ପତ୍ତିକୁ ରାଜ୍ୟ ସରକାରମାନେ ପାଳନ କରିଛନ୍ତି। ସମସ୍ତ ରାଜ୍ୟ ଏକାଠି ହୋଇ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିବାରୁ ସଂକ୍ରମଣକୁ ସୀମିତ କରାଯାଇପାରିଛି। ବିଶ୍ୱବ୍ୟାପୀ କରୋନା ସଂକ୍ରମଣ ରୋକିବା ଦିଗରେ ସେଭଳି ସନ୍ତୋଷଜନକ ହୋଇ ନ ଥିବାରୁ ଏହାର ଲେଉଟିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଦେଶରେ ଏହି ରୋଗ ପାଇଁ ଯେପରି ବେଶି ଲୋକଙ୍କର ପ୍ରାଣହାନି ନ ଘଟିବ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ମୂଳ ଲକ୍ଷ୍ୟ। ଆଗାମୀ ଦିନରେ କେତେକ ସପ୍ତାହ ପର୍ଯ୍ୟନ୍ତ ପରୀକ୍ଷା, ଚିହ୍ନଟୀକରଣ, ଏକାନ୍ତବାସ ଏବଂ କ୍ୱାରାଣ୍ଟାଇନ ଭଳି ପ୍ରକ୍ରିୟାକୁ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଆବଶ୍ୟକ ଔଷଧପତ୍ର, ମେଡିକାଲ ଉପକରଣ ଓ କଞ୍ଚାମାଲ ଯୋଗାଣରେ କୌଣସି ପ୍ରକାର ଅଭାବ ରହିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀମାନଙ୍କୁ ମୋଦି ଆଶ୍ୱାସନା ଦେଇଛନ୍ତି। କୋଭିଡ-୧୯ ପାଇଁ ସ୍ୱତନ୍ତ୍ର ହସ୍ପିଟାଲ ସୁବିଧା କରିବା, ଚିକିତ୍ସକମାନଙ୍କର ଅଭାବ ପୂରଣ କରିବା ପାଇଁ ଆୟୁଷ ଡାକ୍ତରମାନଙ୍କର ସେବା, ଅନ୍‌ଲାଇନ ତାଲିମ, ପାରାମେଡିକାଲ ଷ୍ଟାଫ୍, ଏନ୍‌ସିସି ଏବଂ ଏସ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ଏ ଦିଗରେ ନିୟୋଜିତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। କୋଭିଡ୍-୧୯ ଆମ ଜୀବନଧାରଣର ଧାରାକୁ ସଙ୍କଟ ମୁହଁକୁ ଠେଲିଦେଇଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାଠି ହେବା ଜରୁରୀ ବୋଲି ପ୍ରାଧନମନ୍ତ୍ରୀ କହିଛନ୍ତି। ଲକ୍‌ଡାଉନ ଅବଧି ଶେଷ ହେବା ପରେ ସମଗ୍ର ଜନଜୀବନକୁ ପୁଣି ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ଏକ ସମ୍ମିଳିତ ଉଦ୍ୟମ ହେବା ଆବଶ୍ୟକ। ତେବେ ଏହି ମହାମାରୀକୁ ରୋକିବା ଦିଗରେ କେନ୍ଦ୍ର ସରକାରଙ୍କ ପର୍ଯ୍ୟାପ୍ତ ଆର୍ଥିକ ସହାୟତା, ମେଡିକାଲ ଉପକରଣ ଓ ଟେଷ୍ଟିଂ କିଟ୍ ଯୋଗାଇଦେବାକୁ ରାଜ୍ୟଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଶନିମଙ୍ଗଳ ସହଯୋଗରୁ ସ୍ୱାସ୍ଥ୍ୟ ଭଲ ଥିଲେ ମଧ୍ୟ କାମ ସମ୍ପନ୍ନ କରିବା କଷ୍ଟକର ହୋଇପଡିବ। ଆର୍ଥିକ କ୍ଷେତ୍ରରେ ଯେମିତି ଖର୍ଚ୍ଚ କରିବେ ସେମିତି ମଧ୍ୟ ପାଇବେ। ଅ-ନାମାକ୍ଷର ବ୍ୟକ୍ତିମାନେ ନିଜ ନିଜ କାମକୁ ଉତ୍ସାହର ସହ କରିବାରେ ସମର୍ଥ ହେବେ। ନୀଚରାଶିରେ ବୃହସ୍ପତି ପାରିବାରିକ ଶାନ୍ତିକୁ ନଷ୍ଟ କରିପାରନ୍ତି ।

**ବୃଷ**
ବିଳାସକାରକ ଗ୍ରହ ପ୍ରଭାବରେ ଖୁସୀ ମିଜାଜରେ କାମ କରିବାର ସୌଭାଗ୍ୟ ଅର୍ଜନ କରିବେ । ଶନିଙ୍କ ପ୍ରଭାବଜନିତ କାମଟି ଅତିଶୀଘ୍ର ପୂର୍ଣ୍ଣାଙ୍ଗ କରିବା ପାଇଁ ବହୁତ ବିଳମ୍ବ ଘଟିପାରେ। ଏଜେନ୍ସିପରୁ ମନ ଖୁସି ରହିବ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ନିଜ ଉପରକୁ କିଛି ପରିମାଣରେ ଝମେଲା ଆସିପାରେ।

**ମିଥୁନ**
ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ ଆପଣଙ୍କ ସୁନ୍ଦର ବ୍ୟବହାର ଯୋଗୁଁ ବହୁଜନ ପ୍ରଶଂସିତ ହେବେ। ଆର୍ଥିକ ସ୍ଥିତି ମଜଭୁତ ରହିବା ସହ ବନ୍ଧୁସମ୍ପର୍କରେ ଉନ୍ନତି ଘଟିବ। ରାହୁଙ୍କ କୁପ୍ରଭାବରୁ ପକେଟମାର୍ ଦ୍ୱାରା ଟଙ୍କା,ଦରକାରୀ କାଗଜପତ୍ର, ଜିନିଷ ହଜି ଯିବାର ଆଶଙ୍କା ରହିଛି। ଯେଉଁ କାମରେ ହାତ ଦେବେ ସେଥିରେ ସଫଳ ହେବେ।

**କର୍କଟ**
ଏକାଧିକ ଗ୍ରହ ରାଶି ଓ ରାଶ୍ୟାଧିପତିଙ୍କୁ ଦେଖୁଥିବାରୁ ଆରୋଗ୍ୟଲାଭ,ପାରିବାରିକ, ପ୍ରଶାସନ,ଯାନବାହନ,ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବା ହେତୁ ମନୋବଳ ବୃଦ୍ଧି ପାଇବ । କିନ୍ତୁ ସାମାଜିକ ସ୍ତରରେ ସାଧାରଣ କଥାରେ ବନ୍ଧୁ ମୁହଁ ଫଣଫଣ କରିପାରନ୍ତି ।

**ସିଂହ**
ଅନୁକୂଳ ଗ୍ରହସ୍ଥିତିରୁ କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ସାନ୍ନିଧ୍ୟ ଲାଭ କରିବେ। ବ୍ୟବସାୟୀ ମାନେ,ବିଶେଷଭାବେ ପରିବହନ,ମନୋରଞ୍ଜନ କାର୍ଯ୍ୟକ୍ରମାଦିରୁ ଲାଭବାନ ହେବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ନୂତନ କାର୍ଯ୍ୟାରମ୍ଭ, ବ୍ୟବସାୟାଦିରୁ ଖୁସୀ ରହିବେ।

**କନ୍ୟା**
ରବି ଓ ଶୁକ୍ରଙ୍କ ଶୁଭ ସଂସ୍ଥିତିରୁ ଯେଉଁ କାମରେ ହାତଦେଲେ ମଧ୍ୟ ସଫଳତା ପାଇପାରିବେ। ସବୁ ସମୟରେ କଥା କଥାକେ ସାହାଯ୍ୟର ପ୍ରତିଶ୍ରୁତି ଦେଉଥିବା ଲୋକଟି ଠିକଣା ସମୟରେ ପାଖକୁ ଆସି ନ ପାରେ। ଅସୁସ୍ଥ ପାରିବେଶିକ କାରଣରୁ ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାର ନିରାକରଣ ପାଇଁ ଚିନ୍ତା ବଢିପାରେ।

**ତୁଳା**
ବିଭିନ୍ନ ଯୋଜନାର ଯେଉଁ କାମ ହାତକୁ ନେବେ ସେହି ଦିଗରେ ଶନିଙ୍କ ପ୍ରଭାବରେ ବିଜାତୀୟବ୍ୟକ୍ତିଙ୍କ ସାହାଯ୍ୟ,ସହଯୋଗ ବିଶେଷଭାବେ ରହିବ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ ଏବଂ ନିର୍ମାଣ କାର୍ଯ୍ୟ ମଧ୍ୟ ଅଟକିବ ନାହିଁ । ଆଜି ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ବିଛା**
ଉପଚୟ ସ୍ଥାନରେ ଏକାଧିକଗ୍ରହଜନିତ ବିଗତ ଦିନର ସ୍ମୃତି ରୋମନ୍ଥନ କରି ମାନସିକ ସ୍ତରରେ ବିଚଳିତ ବୋଧ କରିବେ । ପୁତ୍ର,କନ୍ୟାଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ମଧ୍ୟ ରହିଛି। ଜମିଜମା,କଳିତକରାଳ,ଗୃହସୀମା ପ୍ରଭୃତି ସମ୍ପର୍କୀୟ ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ।

**ଧନୁ**
ରବିଙ୍କ ପ୍ରଭାବରେ ଆଜି ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତି ସଜାଗ ରହି କାମକଲେ ଉପକୃତ ହେବେ। ଉପଯୁକ୍ତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ଗ୍ୟାଷ୍ଟ୍ରିକଜନିତ ରୋଗରେ କଷ୍ଟ ପାଇବେ। ଅବହେଳାରୁ କାର୍ଯ୍ୟ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବେ।

**ମକର**
ଶୁକ୍ରଙ୍କ ଶୁଭପ୍ରଭାବରୁ ମନ ଖୁସୀ ରହିବ, ମନୋରଞ୍ଜନର ମଉକା ପାଇବେ ଏବଂ ପ୍ରିୟଜନଙ୍କ ସାନ୍ନିଧ ମଧ୍ୟ ମିଳିପାରେ। ଦିନଟି ସବୁ ଦିଗରୁ ଭଲରେ ଯିବ, କଅଁଳ କଥା କହି ପରକୁ ମଧ୍ୟ ଆପଣାର କରିବାର ସୁଯୋଗ ହାତପାହାନ୍ତାକୁ ଆସିବ । ଆନୁଷ୍ଠାନିକ କାମ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ,ବହୁତ ତକଲିଫ ସହିବାକୁ ପଡିବ ।

**କୁମ୍ଭ**
କର୍ମାଧିପ ଉଚ୍ଚଭାବରେ ରହିଥିବାରୁ ହାତକୁ ନେଇ କାମ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ଜିଦ୍‌ରେ ଅଟଳ ରହି କାର୍ଯ୍ୟ ସାଧନ କରିବେ। ଈର୍ଷାପରାୟଣ ବନ୍ଧୁଙ୍କ ଅପପ୍ରଚାର ଓ ମିଥ୍ୟା ଅଭିଯୋଗ ସକାଶେ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ମାନସିକ ଚାପ ତଥା ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ ।

**ମୀନ**
ବୁଧଙ୍କ ଦୁର୍ବଳତା କାରଣରୁ ପାରିବାରିକ ସ୍ଥିରତା ରକ୍ଷା କରିବାରେ ଅସମର୍ଥ ହୋଇପଡିବେ। ବିବାଦୀୟ ପରିସ୍ଥିତିରେ ଲଢେଇ କଲେ ବାଦୀ ଓ ପ୍ରତିବାଦୀ ଉଭୟେ କ୍ଷତିଗ୍ରସ୍ତ ହେବା ବ୍ୟତୀତ କିଛି ଲାଭ ହେବନି। କିନ୍ତୁ ଉତ୍ତରଭାଦ୍ର ନକ୍ଷତ୍ରର ସାମାଜିକ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ପ୍ରତିଷ୍ଠା ଓ ପ୍ରଶଂସା ଅକ୍ଷୁଣ୍ଣ ରହିବ।

ଆଜି ଚୈତ୍ର ଶୁକ୍ଳ ଦଶମୀ ଶୁକ୍ରବାର,ପୀଠେ ଓ ମୃଣ୍ମୟୀ ଦେବୀଙ୍କ ବାସନ୍ତୀକ ଦଶହରା, ଶ୍ରୀମନ୍ଦିରରେ ଯଜ୍ଞରକ୍ଷା,ଏପ୍ରିଲ ୩ ତାରିଖ, ଛତ୍ରପତି ଶିବାଜୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ପୁଷ୍ୟା କର୍କଟ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ, ପ୍ରାତଃ ଘ.୦୫.୪୧ମି.ଗତେ ଘ.୦୬.୩୧ମି. ମଧ୍ୟେ, ଘ.୦୭.୨୦ମି.ଗତେ ଘ.୦୯.୪୭ମି. ମଧ୍ୟେ, ଘ.୧୨.୧୪ମି.ଗତେ ଘ.୦୨.୪୧ମି.ମଧ୍ୟେ,ଘ.୦୪.୧୯ମି.ଗତେଘ.୦୫.୫୮ମି.ମଧ୍ୟେ, ସନ୍ଧ୍ୟା ଘ.୦୭.୩୧ମି.ଗତେ ଘ.୦୯.୦୫ମି.ମଧ୍ୟେ, ରାତ୍ରି ଘ.୦୧.୪୬ମି.ଗତେ ଘ.୦୩.୨୦ମି.ମଧ୍ୟେ ଅମୃତବେଳା।



# ବିଭିନ୍ନ ଦେଶରେ ଭିନ୍ନ ନିୟମ

କରୋନା ସମଗ୍ର ବିଶ୍ୱରେ କାୟା ମେଲାଇଛି। ଏହାକୁ ରୋକିବାର ଏକମାତ୍ର ଉପାୟ ହେଲା ସାମାଜିକ ଦୂରତା। ତେଣୁ ଅଧିକାଂଶ ଦେଶରେ ଏବେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ହେଲେ ସବୁ ଦେଶରେ ଲକ୍‌ଡାଉନ୍ ନିୟମ ସମାନ ନୁହେଁ। ଏହାକୁ ସଫଳ କରିବା ପାଇଁ ବିଭିନ୍ନ ଦେଶ ନିଜର ଭିନ୍ନ ଭିନ୍ନ ଉପାୟ ଆପଣାଇଥିବା ଜଣାଯାଏ। 'କଲମ୍ବିଆ'ର କେତେକ ସହରରେ ଲକ୍‌ଡାଉନ୍‌ରେ ସେମାନଙ୍କ ଜାତୀୟ ପରିଚୟପତ୍ର(ନ୍ୟାଶନାଲ୍ ଆଇଡି)ରେ ରହିଥିବା ଅନ୍ତିମ ସଂଖ୍ୟା ଆଧାରରେ ବାହାରକୁ ଯିବାକୁ ଅନୁମତି ମିଳିଥାଏ। ଏହି ନମ୍ବର ଅନୁଯାୟୀ ସପ୍ତାହର ବିଭିନ୍ନ ଦିନରେ ଲୋକେ ଜରୁରୀ ସାମଗ୍ରୀ ପାଇଁ ବାହାରକୁ ଯାଇଥାନ୍ତି। 'ପାନାମା' ଦେଶରେ ମଧ୍ୟ କରୋନା ମାମଲା ବଢ଼ିବାରେ ଲାଗିଛି। ତେଣୁ ଏଠାରେ ଲକ୍‌ଡାଉନ୍ ଘୋଷଣା ହୋଇଛି। ଏହାକୁ ସଫଳ କରିବା ପାଇଁ ଏଠାରେ ଅନ୍ୟ ଦେଶଠାରୁ କିଛି ଭିନ୍ନ ନିୟମ ଲାଗୁ ହୋଇଛି। ସେଣ୍ଟ୍ରାଲ୍ ଆମେରିକାର ଏହି ଦେଶରେ ଲକ୍‌ଡାଉନ୍ ସମୟରେ ଲିଙ୍ଗ ଆଧାରରେ କିଛି ଦିନ ମହିଳା ଏବଂ ଆଉ କିଛି ଦିନ ପୁରୁଷ ଜରୁରୀ ସାମଗ୍ରୀ ପାଇଁ ୨ ଘଣ୍ଟା ବାହାରକୁ ଯିବାକୁ ଅନୁମତି ମିଳିଥାଏ। ମହିଳାଙ୍କ ପାଇଁ ସୋମବାର, ବୁଧବାର ଓ ଶୁକ୍ରବାର ଦିନ ନିର୍ଦ୍ଧାରିତ ହୋଇଥିବାବେଳେ ପୁରୁଷଙ୍କ ପାଇଁ ମଙ୍ଗଳବାର, ଗୁରୁବାର ଓ ଶନିବାର ରହିଛି। ତେବେ ରବିବାର ଏଠାରେ ବାହାରକୁ ଯିବାକୁ ଅନୁମତି ନାହିଁ। ସର୍ବିଆରେ ଲକ୍‌ଡାଉନ୍ ସମୟରେ ଭିଡ଼ ନିୟନ୍ତ୍ରଣ ପାଇଁ 'ଡଗ୍ ୱାକିଂ ଆୱାର୍' ଲାଗୁ ହୋଇଛି। ଏଥିରେ ରାତି ୮ଟାରୁ ୯ଟା ପର୍ଯ୍ୟନ୍ତ ଲୋକେ ବାହାରକୁ ଜରୁରୀ କାମରେ ଯାଇପାରିବେ। ଉଲ୍ଲେଖଯୋଗ୍ୟ, ଏଠାରେ ପୂର୍ବରୁ କୁକୁରଙ୍କ ବୁଲିବା ପାଇଁ ଏହି ନିୟମ ହୋଇଥିଲା। ତେବେ ଏହାର ବିରୋଧ ପରେ ନିୟମ ଉଠାଯାଇଥିଲା। 'ସ୍ୱିଡେନ୍'ରେ ୪୫୦୦ରୁ ଊର୍ଦ୍ଧ୍ୱ କରୋନା ସଂକ୍ରମିତ ଚିହ୍ନଟ ହୋଇସାରିଥିବାବେଳେ ଏଠାରେ ସେଭଳି ବିଶେଷ କଟକଣା ଜାରି ହୋଇନାହିଁ। ତେବେ ଗୋଟିଏ ସ୍ଥାନରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଏକାଠି ନ ହେବା ପାଇଁ ନିୟମ ଲାଗୁ ହୋଇଛି। ଲୋକେ ବୁଦ୍ଧିମତାର ସହ ଏଭଳି ପରିସ୍ଥିତିର ମୁକାବିଲା କରିବେ ବୋଲି ଏଠାକାର ସରକାର ଆଶା ପ୍ରକାଶ କରିଛନ୍ତି। ତେବେ ଏଠାରେ ୧୬ ବର୍ଷରୁ କମ୍ ପିଲାଙ୍କ ପାଇଁ ଏବେବି ସ୍କୁଲ ଖୋଲାଥିବାବେଳେ ରେସ୍ତୋରାଁ ଗୁଡ଼ିକରେ ମଧ୍ୟ ଟେବଲ୍ ସର୍ଭିସ୍ ମିଳୁଛି। ତେଣୁ ଲୋକଙ୍କ ଭିଡ଼ ମଧ୍ୟ ଜମୁଛି। 'ମାଲେସିଆ'ରେ ଆଂଶିକ ଲକ୍‌ଡାଉନ୍ ଘୋଷଣା ହୋଇଛି। ହେଲେ ଏଠାକାର ସରକାର ଲକଡାଉନ୍ ସମୟରେ ମହିଳାଙ୍କୁ କିଛି ବିବାଦୀୟ ପରାମର୍ଶ ଦେଇ କ୍ଷମା ମାଗିବାକୁ ପଡ଼ିଥିଲା। ମହିଳା ମନ୍ତ୍ରଣାଳୟ ପକ୍ଷରୁ ଏକ କାର୍ଟୁନ୍ ଜାରି କରାଯିବା ସହ ମହିଳାଙ୍କୁ ଘରେ ରହି ମେକ୍‌ଅପ୍ କର ଏବଂ ସ୍ୱାମୀଙ୍କ ସହ ଝଗଡ଼ାରୁ ଦୂରେଇ ରୁହ ଭଳି ଆପତ୍ତିଜନକ ପରାମର୍ଶ ଦିଆଯାଇଥିଲା। ହେଲେ 'ତୁର୍କମେନିସ୍ତାନ'ରେ କରୋନା ମୁକାବିଲା ପାଇଁ ଅଜବ ନିୟମ ଲାଗୁ ହୋଇଛି। ଏଠାରେ କରୋନା ଶବ୍ଦକୁ ହିଁ ହଟାଇ ଦିଆଯାଇଛି। ସୂଚନା ମୁତାବକ ଏଠାରେ କରୋନା ଭାଇରସ୍ ବିଷୟରେ କଥା ହେବା କିମ୍ବା ମାସ୍କ ପିନ୍ଧି ବୁଲିବା ଦେଖାଗଲେ ତାଙ୍କୁ ଗିରଫ ମଧ୍ୟ କରାଯାଇପାରେ। ଏଠାକାର ଅଧିକାରୀମାନଙ୍କ କହିବା ହେଲା ଏଠାରେ ଗୋଟିଏ ମଧ୍ୟ କରୋନା ସଂକ୍ରମିତ ମାମଲା ନଜରକୁ ଆସିନାହିଁ।




## ୯ ଦେଶରେ ନାହାନ୍ତି କରୋନା ସଂକ୍ରମିତ

**ନୂଆଦିଲ୍ଲୀ,୨।୪:** କରୋନାକୁ ନେଇ ବିଶ୍ୱବାସୀ ଏବେ ଚିନ୍ତାରେ। ୧୯୯ରୁ ଊର୍ଦ୍ଧ୍ୱ ରାଷ୍ଟ୍ର ଏହି କରୋନା କବଳରେ ରୁନ୍ଧି ହୋଇ ଲଢ଼େଇ ଜାରି ରଖିଛନ୍ତି। ତେବେ ୯ଟି ଦେଶ ଆଶ୍ଚର୍ଯ୍ୟଜନକ ଭାବେ ଏଥିରୁ ବାଦ୍ ପଡିଛନ୍ତି। ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟ କରୋନା ସମ୍ପର୍କରେ ଏକ ଡାଟା ପ୍ରସ୍ତୁତ କରିଛି। ଏହାର ଲାଇଭ୍ ଟ୍ରାକ୍ ମଧ୍ୟ ଚାଲୁଛି। ଯେଉଁଠି ପ୍ରତ୍ୟେକ ଦେଶର ସଂକ୍ରମିତ ଓ ମୃତ୍ୟୁସଂଖ୍ୟା ନେଇ ଅପଡେଟ୍ କରାଯାଉଛି। ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟ ଅନୁଯାୟୀ ୯ଟି ଦେଶ ଏହି କରୋନା କବଳରୁ ବର୍ତ୍ତି ରହିଛନ୍ତି। ଏହା ପାଖ ଦେଶରେ କରୋନା କାୟାବିସ୍ତାର କରିଥିଲେ ମଧ୍ୟ ଏହି ଦେଶରେ ଏଯାବତ୍ ଜଣେ ହେଲେ ସଂକ୍ରମିତ ହୋଇନାହାନ୍ତି। ସେହି ଦେଶଗୁଡ଼ିକ ମଧ୍ୟରେ ରହିଛି ଏସିଆର ତୁର୍କମେନିସ୍ତାନ। ଏଠାରେ ମାସ୍କ ଲଗାଇ ବୁଲିବା ଓ କରୋନା ନେଇ ଆଲୋଚନା କଲେ ପୋଲିସ ଗିରଫ କରି ଜେଲ୍ ପଠାଉଛି। ଅନ୍ୟଏକ ଦେଶ ହେଲା ତାଜିକିସ୍ତାନ। ଏହି ଦେଶ ବିଶ୍ୱରେ ବଡ଼ ପାହାଡ଼ ପାଇଁ ବେଶ୍ ପରିଚିତ। ଏହି ଦେଶକୁ ବହୁ ପର୍ବତାରୋହୀ ଆସିଥାନ୍ତି। ମାତ୍ର ମାର୍ଚ୍ଚ ପ୍ରଥମରୁ ୩୫ ଦେଶର ନାଗରିକଙ୍କ ପ୍ରବେଶ ଉପରେ କଟକଣା ଜାରି କରିଛି ତାଜିକିସ୍ତାନ। ବିଶ୍ୱରେ ସ୍ଥିତି ସ୍ୱାଭାବିକ ନ ହେବା ଯାଏ ବାହାରେ ଥିବା ନିଜ ଦେଶର ନାଗରିକଙ୍କୁ ମଧ୍ୟ ଘରକୁ ଫେରିବା ନେଇ କଟକଣା ଜାରି ହୋଇଛି। ଚାଇନା ପଡ଼ୋଶୀ ଦେଶ ଉତ୍ତରକୋରିଆରେ ମଧ୍ୟ କରୋନା କବଳରୁ ମୁକ୍ତ ରହିଛି। ଚାଇନାରେ କରୋନା ଭୂତାଣୁ କାୟାବିସ୍ତାର କରିବା ପରେ ଉତ୍ତରକୋରିଆ ସମସ୍ତ ସୀମାକୁ ସିଲ୍ କରିବା ସହ ବିଦେଶୀ ନାଗରିକଙ୍କ ପ୍ରବେଶ ନେଇ କଟକଣା ଜାରି କରାଯାଇଛି। ଉତ୍ତରଆଫ୍ରିକାର ୧.୧୧ କୋଟି ଜନସଂଖ୍ୟା ବିଶିଷ୍ଟ ଦକ୍ଷିଣ ସୁଦାନ ମଧ୍ୟ କରୋନା ପାଇଁ ସୀମା ସିଲ୍ କରିଦେଇଛି। ୟେମେନ, ଦକ୍ଷିଣ ଆଫ୍ରିକୀୟ ଦେଶ ବୁରୁଣ୍ଡି, ପୂର୍ବ ଆଫ୍ରିକୀୟ ଦେଶ ମାଲାବୀ, ଆଫ୍ରିକାର ଲିସୋଥୋ, କୋମରେସ୍ ଆଦି ଦେଶରେ କରୋନା (କୋଭିଡ୍-୧୯) ଭୂତାଣୁରେ କେହି ସଂକ୍ରମଣ ହୋଇ ନ ଥିବା ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି।

## ଶେନ୍‌ଜେନ୍‌ରେ ବିଲେଇ, କୁକୁର ଖାଇବାକୁ ବାରଣ

**ଶେନ୍‌ଜେନ୍,୨।୪:** ଚାଇନାର ଦକ୍ଷିଣାଞ୍ଚଳ ସହର ତଥା ଟେକ୍ନୋଲୋଜିର ହବ୍ କୁହାଯାଉଥିବା ଶେନ୍‌ଜେନ୍‌ରେ ବିଲେଇ ଓ କୁକୁରଙ୍କ ମାଂସ ଖାଇବା ଉପରେ ନିଷେଧାଦେଶ ଜାରି କରାଯାଇଛି। ଆସନ୍ତା ମେ ୧ରୁ ଏହା କାର୍ଯ୍ୟକାରୀ ହେବ। ଚାଇନାର ଉହାନ ସହରରୁ କରୋନା ଭାଇରସ୍ ସଂକ୍ରମଣ ସାରା ବିଶ୍ୱକୁ ବ୍ୟାପିଛି। ଏହି ଭୂତାଣୁରେ ଇତିମଧ୍ୟରେ ଚାଇନାରେ ୩ ହଜାର ୩୧୮ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସାରା ବିଶ୍ୱରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଆଖିବୁଜିଲେଣି। ସାଢ଼େ ୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଛନ୍ତି। ଏହାର ଭୟାବହତାକୁ ଦୃଷ୍ଟିରେ ରଖି ଏବଂ ବନ୍ୟଜନ୍ତୁ ଓ ଅନ୍ୟାନ୍ୟ ପ୍ରାଣୀ କାରବାରକୁ କଡ଼ାକଡ଼ି ଭାବେ ରୋକିବା ପାଇଁ ଶେନ୍‌ଜେନ୍‌ରେ ଏଭଳି ପଦକ୍ଷେପ ନିଆଯାଇଛି। ବହୁ ବୈଜ୍ଞାନିକ ସନ୍ଦେହ କରୁଛନ୍ତି ଯେ, ବନ୍ୟପ୍ରାଣୀଙ୍କଠାରୁ ମଣିଷକୁ କରୋନା ଭାଇରସ୍ ବ୍ୟାପିଛି। ପ୍ରଥମ କରି ଉହାନ ସହରରେ ବହୁ ଲୋକ କରୋନାରେ ସଂକ୍ରମିତ ହୋଇଥିବାବେଳେ ସେଠାରେ ବିଶାଳ ସାମୁଦ୍ରିକ, ବନ୍ୟ ଓ ଗୃହପାଳିତ ପ୍ରାଣୀଙ୍କ ବଜାର ରହିଛି। ସେଠାରୁ ଲୋକେ କୁକୁର, ବିଲେଇ, ସାପ, ବାଦୁଡ଼ି, ବିଭିନ୍ନ ପ୍ରକାର ପୋକଯୋକ, ପକ୍ଷୀ କିଣି ଖାଇଥାନ୍ତି। ପ୍ରାଚୀନ ସମୟରୁ ବହୁ ଦେଶରେ ଅନ୍ୟ ପ୍ରାଣୀ ଅପେକ୍ଷା କୁକୁର ଓ ବିଲେଇ ସହ ମଣିଷର ଘନିଷ୍ଠ ସମ୍ପର୍କ ରହିଛି। ହଂକଂ, ତାଇୱାନ ଓ ବିକଶିତ ଦେଶରେ କୁକୁର, ବିଲେଇ ଭଳି ପୋଷା ପ୍ରାଣୀଙ୍କୁ ମାରି ଖାଇବାକୁ ନିଷେଧ କରାଯାଇଛି। ଗତ ଫେବୃଆରୀ ଶେଷ ଭାଗରେ ଚାଇନାର ଉପର ବ୍ୟବସ୍ଥାପକ ସଭା ପକ୍ଷରୁ ବନ୍ୟପ୍ରାଣୀ ବାଣିଜ୍ୟ ଓ ଖାଇବା ନିଷିଦ୍ଧ କରାଯାଇଛି। ଏହି ନିଷେଧାଜ୍ଞାକୁ ଦେଶର ବିଭିନ୍ନ ରାଜ୍ୟ ଓ ସହର ପ୍ରଶାସନ ପକ୍ଷରୁ ଲାଗୁ କରିବାକୁ ପଦକ୍ଷେପ ନିଆଯାଉଛି। ଏ କ୍ଷେତ୍ରରେ ଅଧିକ ପଦକ୍ଷେପ ସ୍ୱରୂପ ଶେନ୍‌ଜେନ୍ ସହରରେ ବିଲେଇ ଓ କୁକୁର ମାରି ଖାଇବା ଉପରେ ରୋକ ଲଗାଯାଇଛି। କେବଳ ଚାଇନା ନୁହେଁ, ଏସିଆର ବିଭିନ୍ନ ଅଞ୍ଚଳରେ ଲୋକେ କୁକୁର ମାଂସ ଖାଇଥାନ୍ତି। ଶେନ୍‌ଜେନ୍‌ସ୍ଥିତ ରୋଗ ନିରାକରଣ ଓ ନିୟନ୍ତ୍ରଣ କେନ୍ଦ୍ରର ଜଣେ ଅଧିକାରୀ ଲିୟୁ ଜିଆନପିଙ୍ଗ୍ କହିଛନ୍ତି ଯେ, ଲୋକଙ୍କ ପାଇଁ ଉପଲବ୍ଧ କୁକୁଡ଼ା, ପଶୁସମ୍ପଦ ଓ ସାମୁଦ୍ରିକ ଖାଦ୍ୟ ଯଥେଷ୍ଟ। କୁକୁଡ଼ା ଓ ପଶୁସମ୍ପଦ ଅପେକ୍ଷା ବନ୍ୟପ୍ରାଣୀ ଅଧିକ ପୁଷ୍ଟିକର ବୋଲି କୌଣସି ପ୍ରମାଣ ନ ଥିବା ଲିୟୁ କହିଛନ୍ତି।



## ଯମରାଜ ସାଜି ସଚେତନ କରୁଛି ଆନ୍ଧ୍ର ପୋଲିସ

**ହାଇଦ୍ରାବାଦ୍ ,୨।୪:** ଦେଶରେ କରୋନା ସଂକ୍ରମଣକୁ ରୋକିବା ଲାଗି ସରକାରଙ୍କ ପକ୍ଷରୁ ୨୧ ଦିନିଆ ଲକ୍‌ଡାଉନ୍ ଜାରି ହୋଇଛି। ସଚେତନତା ଅଭାବରୁ ବହୁ ଲୋକ ଏହାକୁ ଅଣଦେଖା କରି ବାହାରକୁ ବାହାରୁଛନ୍ତି। ଏଭଳି ଲୋକଙ୍କୁ ସଚେତନ କରାଇବା ଲାଗି ଆନ୍ଧ୍ରପ୍ରଦେଶ ପୋଲିସ ପକ୍ଷରୁ ଏକ ନିଆରା ପଦକ୍ଷେପ ଗ୍ରହଣ କରାଯାଇଛି। ପୋଲିସ ଟିମ୍ ସହିତ ଯମରାଜ ବେଶରେ ଥିବା କର୍ମଚାରୀ ବାହାରେ ବୁଲୁଥିବା ଲୋକଙ୍କୁ ବୁଝାଉଛନ୍ତି। ଯମରାଜଙ୍କ ସହିତ ତାଙ୍କ ରାଜସଭାର ଅଧିକାରୀ ଚିତ୍ରଗୁପ୍ତ ଏବଂ ମୃତ୍ୟୁଦୂତ ମଧ୍ୟ ରହିଛନ୍ତି। ଯଦି ଖୁସି ଚାହୁଁଛନ୍ତି ତେବେ ଘରେ ରୁହନ୍ତୁ ନଚେତ ଭାଗ୍ୟ ଖରାପ ଥିଲେ ବାହାରେ ବୁଲନ୍ତୁ । ବାହାରେ ବୁଲିଲେ ମୃତ୍ୟୁଦୂତ ବାନ୍ଧିନେବ ବୋଲି ଯମରାଜ କହୁଛନ୍ତି। ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ତାଙ୍କ ବିରୋଧରେ ଅନ୍ୟ ଆଇପିସି ଧାରା ମଧ୍ୟ ଲାଗୁ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ତେବେ ମୌଲାନା ମାର୍ଚ୍ଚ ୨୮ରୁ ଫେରାର ଥିବା କୁହାଯାଉଛି। କୁରନୁଲ୍ ଜିଲାର ଧୋନେ ସହରରେ ପୋଲିସ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଇବା ପାଇଁ ଯମରାଜଙ୍କୁ କାମରେ ଲଗାଯାଇଛି। ଏବେ ଏହା ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।



## ସେନାର ୧୩୩ ହସ୍ପିଟାଲରେ ୮ ହଜାର ଡାକ୍ତର ପ୍ରସ୍ତୁତ

**ନୂଆଦିଲ୍ଲୀ,୨।୪:** ଭାରତରେ ଦେଖାଦେଇଥିବା କରୋନା ସଙ୍କଟର ମୁକାବିଲା ଲାଗି ସେନା ଅଣ୍ଟା ଭିଡ଼ିଛି। ଏନେଇ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏକ ଭିଡ଼ିଓ କନଫରେନ୍ସ କରିଛନ୍ତି। ଏଥିରେ ଯୋଗଦେଇଥିବା ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍(ସିଡିଏସ୍) ବିପିନ ରାୱତ ସେନା ପକ୍ଷରୁ କରୋନା ବିରୋଧରେ ସଂଗ୍ରାମ ଲାଗି କରାଯାଇଥିବା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି। ଦେଶରେ ସେନାର ୧୩୩ଟି ହସ୍ପିଟାଲ ସଂକ୍ରମିତଙ୍କ ଚିକିତ୍ସା ଲାଗି ପ୍ରସ୍ତୁତ ରହିଥିବା ସେ କହିଛନ୍ତି। ସେଥିମଧ୍ୟରୁ ୧୧୨ଟି ମିଲିଟାରୀ ହସ୍ପିଟାଲ ଥିବାବେଳେ ୧୨ଟି ଏୟାରଫୋର୍ସ ଏବଂ ୯ଟି ନୌସେନା ହସ୍ପିଟାଲ ରହିଛି। ଏସବୁ ହସ୍ପିଟାଲରେ ୮ ହଜାରରୁ ଅଧିକ ଅଭିଜ୍ଞ ଡାକ୍ତର ରହିଛନ୍ତି। ସେହିଭଳି ସେନା ମୁଖ୍ୟ ଜେନେରାଲ ଏମ୍.ଏମ୍. ନରାୱଣେ କହିଛନ୍ତି ଯେ, ୯ ହଜାରରୁ ଅଧିକ ଶଯ୍ୟା ସଂକ୍ରମିତଙ୍କ ଚିକିତ୍ସା ପାଇଁ ରହିଛି। ଆବଶ୍ୟକ ପଡ଼ିଲେ ନୌସେନାର ଜାହାଜ ମଧ୍ୟ ପ୍ରସ୍ତୁତ ହୋଇ ରହିଥିବା ନୌସେନା ମୁଖ୍ୟ ଆଡମିରାଲ କରମବୀର ସିଂ କହିଛନ୍ତି।

## ଜମିରେ ଜୀବନ

**ଜାଲନା:** କରୋନା ଭାଇରସ୍ ବିରୋଧୀ ଲଢ଼େଇରେ ସାମିଲ ହୋଇଛି ଭାରତ। ମହାମାରୀ ପାଲଟିଥିବା ଏହି ଭାଇରସ୍ ସଂକ୍ରମଣ ଦ୍ରୁତଗତିରେ ମାଡ଼ି ଚାଲିଥିବାବେଳେ ଏହାକୁ ଅଟକାଇବା ଲାଗି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଦେଶକୁ ଲକ୍‌ଡାଉନ୍ କରିଦେଇଛନ୍ତି। ତଥାପି କେଉଁଠି, କେତେବେଳେ ଆଉ କାହା ମାଧ୍ୟମରେ ଏହି ଭୂତାଣୁ ସଂକ୍ରମିତ ହେବ ତାହାକୁ ନେଇ ସମସ୍ତଙ୍କ ମନରେ ଅଜଣା ଭୟ। ଏପରି ସମୟରେ ଲୋକମାନେ ନିଜକୁ ସୁରକ୍ଷିତ ରଖିବା ଲାଗି ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। ଭାଇରସ୍ ସଂକ୍ରମଣ ଭୟରେ ମହାରାଷ୍ଟ୍ର ରାଜ୍ୟ ଜାଲନା ଜିଲାର ଜାନେଫଲ ପଣ୍ଡିତ ଗ୍ରାମର ବାସିନ୍ଦା ଘରଦ୍ୱାର ଛାଡ଼ି ଜମିରେ ରହିବା ଆରମ୍ଭ କରିଦେଇଛନ୍ତି। ଏଥିରୁ କୋଭିଡ୍-୧୯ ଲୋକଙ୍କ ମାନସିକସ୍ତରକୁ କେତେମାତ୍ରାରେ ପ୍ରଭାବିତ କରିଛି ତାହା ସ୍ପଷ୍ଟ ହୋଇଛି।

୪୦୦୦ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମର ଅଧିକାଂଶ ଘରେ ଏବେ ତାଲା ଝୁଲୁଛି। ଗାଁ ପରିବେଶରେ ଏବେ ରାଜୁତି କରୁଛି ନୀରବତା। ୩ଦିନ ତଳେ ଗ୍ରାମର ୨୦୦ ପରିବାର ଘରଦ୍ୱାର ଛାଡ଼ି ଖେତରେ ରହିବା ଆରମ୍ଭ କରିଦେଇଛନ୍ତି। ସେମାନେ କହିଛନ୍ତି, ଲକ୍‌ଡାଉନ କାରଣରୁ ସହରରୁ ହଜାର ହଜାର ସଂଖ୍ୟାରେ ଲୋକମାନେ ଗାଁମୁହାଁ ହୋଇଛନ୍ତି। ଏହାଦ୍ୱାରା ସେମାନଙ୍କୁ ଦିନରାତି ସଂକ୍ରମଣ ଭୟ ଘାରୁଛି। ଏହି କାରଣରୁ ସେମାନେ ଏବେ ଗାଁ ଛାଡ଼ି ଜମିରେ ରହିବା ଆରମ୍ଭ କରିଛନ୍ତି।

ଗ୍ରାମର ରମେଶ ପଣ୍ଡିତ କୁହନ୍ତି, ସେ ନିଜ ପରିବାରର ୯ଜଣ ସଦସ୍ୟଙ୍କ ସହ ଖେତରେ ରହୁଛନ୍ତି। ଏଥିଲାଗି ସେ ଜମିରେ ଏକ ଛୋଟ ଘର କରିଛନ୍ତି। ଲକ୍‌ଡାଉନ୍ ପରେ ସମସ୍ତ ଗ୍ରାମବାସୀ ଘରେ ରହୁଥିଲେ। ସହରରେ ରହୁଥିବା ଲୋକମାନେ ଗ୍ରାମାଞ୍ଚଳକୁ ଗଣପଳାୟନ କରୁଥିବା ଜଣାପଡ଼ିବା ପରେ ଅଜଣା ଭୟ ସୃଷ୍ଟି ହୋଇଛି। ଏଥିପାଇଁ ସେମାନେ ଘର ଛାଡ଼ି ଜମିରେ ରହିବା ଆରମ୍ଭ କରିଛନ୍ତି। କେବଳ ଏତିକି ନୁହେଁ, ସଂକ୍ରମଣ ପ୍ରତିରୋଧ କରିବାକୁ ସମସ୍ତ ବ୍ୟବସ୍ଥା ମଧ୍ୟ କରିଛନ୍ତି। ନିଜର ପରିବାରକୁ କରୋନା ଭଳି ମାରାତ୍ମକ ରୋଗରୁ ବଞ୍ଚାଇବାକୁ ସମସ୍ତେ ସଂକଳ୍ପ ନେଇଥିବା ରମେଶ କହିଛନ୍ତି। ଶାରଳା ତାୟଡେ କହିଛନ୍ତି, ପରିବାରର କେହି ଯେପରି କରୋନାରେ ପୀଡ଼ିତ ନ ହୁଅନ୍ତି ସେଥିଲାଗି ଗ୍ରାମବାସୀ ଏପରି ପଦକ୍ଷେପ ନେଇଛନ୍ତି। ଗ୍ରାମବାସୀଙ୍କ ସତର୍କତାମୂଳକ ପଦକ୍ଷେପ ଯୋଗୁ ଏଯାଏ ଗୋଟିଏ ବି ସଂକ୍ରମଣ ହୋଇନାହିଁ। କରୋନା ନିପାତ ନ ହେବା ଯାଏ ସେମାନେ ଜମିରେ ରହିବେ ବୋଲି ଶାରଳା କହିଛନ୍ତି।



## ରିଲିଫ ପାଣ୍ଠିକୁ ଦଇତାପତି ନିଯୋଗ ଦେଲା ଦେଢ଼ଲକ୍ଷ ଟଙ୍କା

**ପୁରୀ ଅଫିସ,୨।୪:** କରୋନା ଭୂତାଣୁ ସଂକ୍ରମଣକୁ କିପରି ରୋକାଯାଇପାରିବ ସେଥିପାଇଁ ସମଗ୍ର ଦେଶରେ ୨୧ ଦିନିଆ ଲକ୍‌ଡାଉନ ଚାଲିଛି। ଗାଡ଼ିମୋଟର ଚାଲୁ ନ ଥିବାବେଳେ ଦୋକାନ, ବଜାର ବନ୍ଦ ରହିଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବାକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ଏହାର ପ୍ରଭାବ ଜନସାଧାରଣଙ୍କ ଉପରେ ପଡ଼ିଛି । ବିଶେଷକରି ଏହି ସମୟରେ ଗରିବ, ଦିନମଜୁରିଆ, ଶ୍ରମିକ ଶ୍ରେଣୀର ଲୋକଙ୍କୁ ସହାୟତାର ହାତ ବଢାଇବା ଆବଶ୍ୟକ ହୋଇପଡ଼ିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ଦେବା ଲାଗି କୁହାଯାଇଛି। ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ମଧ୍ୟ ଏଦିଗରେ ଆଗ୍ରହ ପ୍ରକାଶ କରୁଛନ୍ତି। ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ଦେଉଛନ୍ତି। ଗୁରୁବାର ପୁରୀ ଜିଲା ପ୍ରଶାସନ ମାଧ୍ୟମରେ ଦଇତାପତି ନିଯୋଗ ୧ଲକ୍ଷ ୫୧ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦେଇଛନ୍ତି। ଜିଲାପାଳ ବଲୱନ୍ତ ସିଂକୁ ନିଯୋଗ କର୍ମକର୍ତ୍ତା ଉକ୍ତ ଚେକ୍ ପ୍ରଦାନ କରିଛନ୍ତି। ସେହିପରି ପୁରୀ ହୋଟେଲ ଆସୋସିଏଶନ ୧ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛି। ହାଡ଼ଗୋଡିଆ ସାହିର ଜଣେ ମହିଳା କନକଲତା ସାହୁ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୭୫ ହଜାର ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ ହଜାର ଟଙ୍କା ଦେଇଛନ୍ତି।



## ୧୦ଲକ୍ଷ ଟପିବ ସଂକ୍ରମିତଙ୍କ ସଂଖ୍ୟା: ଡବ୍ଲ୍ୟୁଏଚ୍ଓ

**ଜେନେଭା,୨।୪:** ଦିନକୁ ଦିନ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଇତିମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୯ ଲକ୍ଷ ୩୫ ହଜାରରୁ ଅଧିକ ଥିବାବେଳେ ମୃତକଙ୍କ ସଂଖ୍ୟା ୪୭ ହଜାର ୨୦୫ ଛୁଇଁଛି। ୧ ଲକ୍ଷ ୯୪ ହଜାରରୁ ଅଧିକ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତେବେ ଖୁବଶୀଘ୍ର ସଂକ୍ରମିତଙ୍କ ସଂଖ୍ୟା ୧୦ ଲକ୍ଷ ଟପିବା ସହିତ ମୃତ୍ୟୁ ସଂଖ୍ୟା ୫୦ ହଜାର ଟପିବାର ଆଶଙ୍କା ରହିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍ଓ)ପକ୍ଷରୁ କୁହାଯାଇଛି। ଏସମ୍ପର୍କରେ ଡବ୍ଲ୍ୟୁଏଚ୍ଓ ମୁଖ୍ୟ ଟେଡ୍ରେସ୍ ଗେବ୍ରେୟେସିୟୁସ୍ ସୂଚନା ଦେଇଛନ୍ତି। ୪ ମାସ ତଳେ କାହାକୁ କରୋନା ସମ୍ପର୍କରେ ଜଣା ନ ଥିଲା। ମାତ୍ର ଏବେ ଏହି ଭୂତାଣୁ ସମଗ୍ର ପୃଥିବୀ ପାଇଁ ସଙ୍କଟ ସୃଷ୍ଟି କରିଛି। ଗତ ଏକ ସପ୍ତାହ ମଧ୍ୟରେ କରୋନା ସଂକ୍ରମିତଙ୍କ ମୃତ୍ୟୁ ସଂଖ୍ୟା ଦୁଇଗୁଣା ହୋଇଯାଇଥିବା ସେ କହିଛନ୍ତି। ଏହା ପ୍ରତିଟି ଦେଶରେ ଦ୍ରୁତ ବେଗରେ ସଂକ୍ରମଣ ହେବାରେ ଲାଗିଛି। ଏଥିପାଇଁ ଜାରି ହୋଇଥିବା ସୁରକ୍ଷା ମାର୍ଗଦର୍ଶିକାକୁ ଲୋକେ ମାନିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ନିୟୋଜିତ ହେବେ ଅବସରପ୍ରାପ୍ତ ସେନା କର୍ମଚାରୀ

**ନୂଆଦିଲ୍ଲୀ,୨।୪(ପି.ଟି.):** କରୋନା ମହାମାରୀର ମୁକାବିଲା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ ହୋଇଥିବାବେଳେ ଆବଶ୍ୟକସ୍ଥଳେ ରାଜ୍ୟ ଓ ଜିଲା ପ୍ରଶାସନକୁ ସହାୟତା କରିବା ଲାଗି ଅବସରପ୍ରାପ୍ତ ସେନା କର୍ମଚାରୀ(ଇଏସ୍‌ଏମ୍)ମାନଙ୍କୁ ନିୟୋଜିତ କରାଯିବ। ଗୁରୁବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହା ଘୋଷଣା କରାଯାଇଛି। ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ସ୍ୱେଚ୍ଛାକୃତ ଭାବେ ଏହି କାର୍ଯ୍ୟରେ ଲଗାଇବାରେ ରାଜ୍ୟ ସୈନିକ ବୋର୍ଡ ଏବଂ ଜିଲା ସୈନିକ ବୋର୍ଡଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଖୋଜି ବାହାର କରିବା, ଗୋଷ୍ଠୀ ପର୍ଯ୍ୟବେକ୍ଷଣ, କ୍ୱାରାଣ୍ଟାଇନ ସୁବିଧାର ପରିଚାଳନା ଆଦି କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ପଞ୍ଜାବରେ ୪୨୦୦ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନେଇ ଗଠିତ 'ଗାର୍ଡିଆନ୍ସ ଅଫ ଗଭର୍ନାନ୍ସ' ଗ୍ରାମାଞ୍ଚଳରୁ ତଥ୍ୟ ସଂଗ୍ରହ କାର୍ଯ୍ୟରେ ସହାୟତା କରୁଛି। ଛତିଶଗଡ଼ ସରକାର ପୋଲିସକୁ ସହାୟତା କରିବା ଲାଗି କେତେଜଣ ପୂର୍ବତନ ସେନା ଯବାନଙ୍କୁ ନିୟୋଜିତ କରିଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶରେ ସମସ୍ତ ଜିଲାପାଳ ସ୍ୱେଚ୍ଛାସେବୀ ଇଏସ୍‌ଏମ୍‌ମାନଙ୍କ ସହଯୋଗ ଲୋଡ଼ିଛନ୍ତି।

## ମାତ୍ର ୩ ସେକେଣ୍ଡରେ ସାନିଟାଇଜ୍ କରୁଛି ସୁଡ଼ଙ୍ଗ

**ଚେନ୍ନାଇ,୨।୪:** ଭାରତରେ କରୋନା ସଂକ୍ରମଣ ନେଇ ସଙ୍କଟ ସୃଷ୍ଟି ହୋଇଛି। ଏଥିରୁ ଦୂରେଇ ରହିବା ପାଇଁ ସାନିଟାଇଜରର ବ୍ୟବହାର ଏବଂ ହାତ ଧୋଇବା ଉପରେ ଗୁରୁତ୍ୱ ଦିଆଯାଉଛି। ଲୋକଙ୍କ ସମଗ୍ର ଶରୀର ସାନିଟାଇଜ୍ କରିବା ପାଇଁ ତାମିଲନାଡୁର ତିରୁପୁର ଜିଲାରେ ଏକ ସାନିଟାଇଜ୍ ସୁଡ଼ଙ୍ଗ ନିର୍ମାଣ କରାଯାଇଛି। ଏହି ସୁଡ଼ଙ୍ଗ ଲୋକଙ୍କୁ ମାତ୍ର ୩ ସେକେଣ୍ଡରେ ସାନିଟାଇଜ୍ କରିପାରୁଛି। ଏହାକୁ ୯୦ ହଜାର ଟଙ୍କାରେ ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ)ର ଯୁବ ବାହିନୀ ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ନିର୍ମାଣ କରାଯାଇଛି। ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ଏଭଳି ଡିସ୍‌ଇନଫେକଶନ୍ ଟନେଲର ନିର୍ମାଣ କରାଯାଇଥିବା ସ୍ଥାନୀୟ ଜିଲାପାଳ ବିଜୟା କାର୍ତ୍ତିକେୟ ସୂଚନା ଦେଇଛନ୍ତି। ସୁଡ଼ଙ୍ଗରେ ପ୍ରବେଶ କରୁଥିବା ଲୋକଙ୍କ ଉପରେ ଉପରେ ୩ ସେକେଣ୍ଡରୁ ୫ ସକେଣ୍ଡ ପର୍ଯ୍ୟନ୍ତ ସାନିଟାଇଜର ସ୍ପ୍ରେ ହୋଇଥାଏ। ଏକକାଳୀନ ଏହା ୧୬ ଘଣ୍ଟା ପର୍ଯ୍ୟନ୍ତ ସାନିଟାଇଜର ସ୍ପ୍ରେ କରିବାକୁ ସକ୍ଷମ ବୋଲି ଜିଲାପାଳ କହିଛନ୍ତି।



ଧରିତ୍ରୀ
DHARITRI
ଶୁକ୍ରବାର, ୩ ଏପ୍ରିଲ, ୨୦୨୦

> ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ- ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି।
> -ଶ୍ରୀଅରବିନ୍ଦ



# କାହା ସ୍ୱାର୍ଥରେ ସରକାର

କେନ୍ଦ୍ର ସରକାର ଲୋକପ୍ରିୟ ସ୍ମଲ୍ ସେଭିଙ୍ଗ ସ୍କିମ୍ ବା ସ୍ୱଳ୍ପ ସଞ୍ଚୟ ଯୋଜନା ଉପରେ ସୁଧ ହାର ହ୍ରାସ କରିଛନ୍ତି। ଦେଶର ମୋଟ୍ ଜନସଂଖ୍ୟାର ପାଖାପାଖି ଅଧା ମୁଖ୍ୟତଃ ଗାଁରେ ରହୁଥିବା ଗରିବ ଏବଂ ସହରରେ ବାସ କରୁଥିବା ବରିଷ୍ଠ ନାଗରିକଙ୍କ ମୁଖ୍ୟ ସାହାରା ପାଲଟିଥିବା ଏହି ଯୋଜନାର ସୁଧ ହାର ୭୦ ବେସିସ୍ ପଏଣ୍ଟରୁ ୧୪୦ ବେସିସ୍ ପଏଣ୍ଟ ମଧ୍ୟରେ ହ୍ରାସ କରାଯାଇଛି। ସୁଧହାର କମାଇବା ସମ୍ପର୍କରେ ସରକାର ନିଜକୁ ବଞ୍ଚାଇବା ଲାଗି ସବିସ୍ତୃତ ବର୍ଣ୍ଣନା କରିଛନ୍ତି ଯେ, ରିଜର୍ଭବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଦ୍ୱାରା ରେପୋ ରେଟ୍‌ରେ ୭୫ ବେସିସ୍ ପଏଣ୍ଟ ହ୍ରାସକୁ ଆଧାର କରି ଏହା କରିବା ଜରୁରୀ ଥିଲା। ପବ୍ଲିକ୍ ପ୍ରୋଭିଡିଏଣ୍ଟ ଫଣ୍ଡ (ପିପିଏଫ୍) ଏବେ ୭.୧ ପ୍ରତିଶତ କମ୍ ସୁଧ ପାଇବ। ପୂର୍ବରୁ ଏହା ସଞ୍ଚୟକାରୀଙ୍କୁ ୭.୯ ପ୍ରତିଶତ ସୁଧ ଦେଉଥିଲା। ଜାତୀୟ ସଞ୍ଚୟ ସାର୍ଟିଫିକେଟ(ଏନ୍‌ଏସ୍‌ସି) ଉପରେ ସୁଧ ହାର ୧୧୦ ବେସିସ୍ ପଏଣ୍ଟ କମିବା ଦ୍ୱାରା ୬.୮କୁ ଖସିଯାଇଛି। କିସାନ ବିକାଶ ପତ୍ର୯ (କେଭିପି)ରେ ମୂଳରୁ ଦିଆଯାଉଥିବା ୭.୬ ପ୍ରତିଶତ ସୁଧରୁ କମିଆସି ୬.୯ରେ ରହଛି। ସେହିପରି ପାଞ୍ଚ ବର୍ଷିଆ ସିନିୟର ସିଟିଜେନ ସେଭିଙ୍ଗ୍‌ସ ସ୍କିମ୍(ଏସ୍‌ସିଏସ୍‌ଏସ୍)ର ସୁଧହାର ୧୨୦ ବେସିସ୍ ପଏଣ୍ଟ ହ୍ରାସ ପାଇ ମୂଳରୁ ପ୍ରଦାନ କରାଯାଉଥିବା ୮.୬ ପ୍ରତିଶତରୁ ୭.୪ କୁ କମି ଯାଇଥିବାବେଳେ ସେଭିଙ୍ଗ୍‌ସ ଡିପୋଜିଟିର ସୁଧହାରରେ କୌଣସି ପରିବର୍ତ୍ତନ କରା ନ ଯାଇ ୪ ପ୍ରତିଶତ ରଖାଯାଇଛି। ଏସ୍‌ସିଏସ୍‌ଏସ୍ ଉପରେ ସୁଧ ସରକାର ପ୍ରତି ତ୍ରୈମାସିକରେ ପ୍ରଦାନ କରନ୍ତି। ସୁକନ୍ୟା ସମୃଦ୍ଧି ଯୋଜନାର ସୁଧ ହାର ମଧ୍ୟ ପୂର୍ବ ନିର୍ଦ୍ଧାରିତ ୮.୪ ପ୍ରତିଶତରୁ କମି ୭.୪ ପ୍ରତିଶତ ହୋଇଛି। ଏଥିରେ ୧୦୦ ବେସିସ୍ ପଏଣ୍ଟ ବା ସୁଧହାର ୧ ପ୍ରତିଶତ କମିଛି। ସରକାରଙ୍କ ଏବକାର ପଦକ୍ଷେପ ବହୁ ପତୀକ୍ଷିତ ରେପୋରେଟ ୭୫ ବେସିସ୍ ପଏଣ୍ଟ କମିବାକୁ ଏକପ୍ରକାର ନିଷ୍ଫଳ କରି ଦେଇଛି। କେନ୍ଦ୍ରୀୟ ବ୍ୟାଙ୍କ ଗତ ଶୁକ୍ରବାର ଟଙ୍କା ନୀତିକୁ କୋହଳ କରିଥିଲା। ଏହାଦ୍ୱାରା ଅଧିକ ଟଙ୍କା ବ୍ୟାଙ୍କିଙ୍ଗ ସିଷ୍ଟମକୁ ଖୋଲି ଗ୍ରାହକ ଓ ଉଦ୍ୟୋଗକୁ ଲାଭ କରିବା ଦ୍ୱାରା କରୋନା ଭାଇରସ ଭଳି ଏକ ବିପତ୍ତିକୁ ମୁକାବିଲା କରିପାରିବ। ଏହି ପରିପ୍ରେକ୍ଷୀରେ ଗତ ସପ୍ତାହରେ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାରରେ ହ୍ରାସ ଆର୍‌ବିଆଇର ଆକ୍ରମଣାତ୍ମକ ନୀତି ଲାଗୁ କରିବାକୁ ବିଚାରକୁ ବିରୋଧ କରିଛି। ପ୍ରତି ତୈମାସିକରେ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧହାର ଉପରେ ସମୀକ୍ଷା କରିବା ଏବଂ ଏହି ସୁଧ ହାରକୁ ସରକାରୀ ବଣ୍ଡ ସହ ଯୋଡିଥାଏ। ସଞ୍ଚୟଗୁଡିକର ସୁଧହାର ସବୁବେଳେ ବ୍ୟାଙ୍କ ସଞ୍ଚୟଠାରୁ କିଛି ଅଧିକ ରହି ଆସିଥିବାରୁ ଦେଶରେ ସଂଖ୍ୟାବହୁଳ ଲୋକ ଯେଉଁମାନେ ଅର୍ଥିକ ସ୍ତରରେ ପଛୁଆ ସେମାନେ ନିତିଦିନିଆ ଜୀବନରେ ଏହି ସଞ୍ଚୟ ଉପରେ ନିର୍ଭର କରିଥାନ୍ତି।

## ଆଜିର ଅର୍ଥନୀତି

ଯେଉଁମାନେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଟଙ୍କା ସଞ୍ଚୟ କରିଛନ୍ତି ସେମାନଙ୍କ ପାଇଁ ସୁଧହାର କମିବା ଏକ ଖରାପ ଖବର। ଫିକ୍ସଡ୍- ଇନ୍‌କମ୍ ଇନ୍‌ଭେଷ୍ଟର କୁହାଯାଉଥିବା ସଂଖ୍ୟାଧିକ ବରିଷ୍ଠ ନାଗରିକ ଏବେ କମ୍ ସୁଧ ପାଇବେ। ପ୍ରଥମତଃ ସୁଧହାର ଅଧିକ ହ୍ରାସ ପାଇଛି ଏବଂ ଦ୍ୱିତୀୟରେ ଯେଉଁ ସମୟରେ ଏଭଳି ନିଷ୍ପତ୍ତି ନିଆଗଲା ତାହା ଅସ୍ୱାଭାବିକ ମନେହଏ। କୋଭିଡ-୧୯ ସଂକ୍ରମଣ ପରିସ୍ଥିତି ଭାରତରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକାକୁ ପ୍ରଭାବିତ କରିଛି ଯାହା ସରକାର ଏବଂ ସେଣ୍ଟ୍ରାଲ୍ ବ୍ୟାଙ୍କ୍‌କୁ ଆର୍ଥିକ ସ୍ତରରେ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ରିଲିଫ୍ ଯୋଗାଇ ଦେବା ପାଇଁ ଦୃଢ ପଦକ୍ଷେପ ନେବାକୁ ବାଧ କରିଛି। ଗତ ସପ୍ତାହରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗରିବଙ୍କ ପାଇଁ ୧.୭୦ ଲକ୍ଷ କୋଟି ଟଙ୍କାର ସହାୟତା ଘୋଷଣା କରିଥିଲେ। ଏହାର ଠିକ୍ ପରେ ଆର୍‌ବିଆଇ ରେପୋ ରେଟ୍ ୭୫ ବେସିସ୍ ପଏଣ୍ଟ ହ୍ରାସ କରି ବ୍ୟାଙ୍କ୍‌ଗୁଡିକୁ ସୁଧହାରରେ କୋହଳ କରିବାକୁ ପ୍ରୋତ୍ସାହିତ କରିଥିଲା। କରୋନା ଭାଇରସ ସଂକ୍ରମଣ ବ୍ୟାପୁଥିବାବେଳେ ସରକାର ସୁଧହାର ହ୍ରାସ କରିବା ଲକ୍ଷ ଲକ୍ଷ ହିତାଧିକାରୀଙ୍କ ପାଇଁ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ବ୍ୟାଙ୍କଗୁଡିକ ସଞ୍ଚୟ ସୁଧ ହାରକୁ କମାଇବା କିମ୍ବା ଆଗକୁ ସୁଧ ହାର ହ୍ରାସ କରିବାକୁ ସକ୍ଷମ ନୁହନ୍ତି ବୋଲି ଅଭିଯୋଗ କରିବା ସ୍ୱାଭାବିକ। ଯଦି ସରକାରଙ୍କ ପାଖରେ କିଛି ବିକଳ୍ପ ରହି ନ ଥିଲା ତେବେ ଅନ୍ତତଃ ପକ୍ଷେ ଏହାକୁ ଜୁନ୍ ଶେଷ ପର୍ଯ୍ୟନ୍ତ କିମ୍ବା ଲକ୍‌ଡାଉନ ମଧ୍ୟରେ ଏହାର ସମୀକ୍ଷାକୁ ଅଟକାଇ ପାରିଥାନ୍ତେ। କିନ୍ତୁ ଏହା ହୋଇପାରିଲାନାହିଁ। ସମ୍ଭବତଃ ସରକାର ବ୍ୟାଙ୍କଗୁଡିକ ଚାପରେ ସୁଧ ହାର ହ୍ରାସ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ସରକାର କାହା ସ୍ୱାର୍ଥରେ ଏହା କରିଛନ୍ତି ?

## ୨୫ ବର୍ଷ ତଳର ଧରିତ୍ରୀ

### ୩ ଏପ୍ରିଲ ୧୯୯୫

- ଗତ ୨ ସପ୍ତାହ ଧରି ଆଲଜେରୀୟ ସେନା ଇସ୍‌ଲାମୀୟ ଉଗ୍ରବାଦୀଙ୍କ ଆଡ୍ଡାସ୍ଥଳୀ ଗୁଡ଼ିକ ଉପରେ ଚଢାଉ କରିବା ସମୟରେ ୨୮୦୦ ଉଗ୍ରବାଦୀ ନିହତ ହୋଇଛନ୍ତି।
- କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନୂତନ ମଜୁରି ବ୍ୟବସ୍ଥା ଅନୁଯାୟୀ ଅଣକୁଶଳୀ କୃଷି ଶ୍ରମିକମାନେ ଅତି କମ୍‌ରେ ଟ୪୬.୬୨ରୁ ଟ୫୩.୬୨ ପର୍ଯ୍ୟନ୍ତ ପାଇବେ ଏବଂ କୁଶଳୀ ଶ୍ରମିକମାନେ ଟ୬୧.୬୨ରୁ ଟ୭୮.୬୨ ପର୍ଯ୍ୟନ୍ତ ପାଇବା ନେଇ ସଂଶୋଧିତ ମହଙ୍ଗାଭତ୍ତା ବୃଦ୍ଧି ଲାଗୁ ହେଲା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | 0 | | 3 | | 4 | | E | | | | | | |
| | | E | A | | 1 | 0 | | | | | | 3 | | |
| | | 5 | 8 | | D | | | | | | | E | 1 | 2 |
| | 7 | | | | E | | | 9 | | 0 | | | | 5 |
| 6 | A | B | 4 | C | | 8 | | 2 | | | | | | |
| | 0 | | | 1 | | D | | | | | 7 | | A | |
| | C | | | B | 7 | | 9 | | | | | | | |
| | | | 2 | | | | | | 3 | | | 7 | 9 | |
| | | 3 | | | | 6 | | 8 | | | | | | E |
| | | 9 | | A | | | | | 8 | C | | 4 | | 1 |
| | 8 | | 6 | | | E | | C | | | 1 | | B | |
| | | A | 7 | | | | | 0 | | E | | | 2 | 6 |
| | 9 | | | 8 | | 7 | B | 3 | | | 0 | A | | |
| | | | | | A | | 1 | | | | | | | 4 |
| B | | | 1 | 4 | | 2 | 8 | | | | C | 5 | 0 | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | D | 5 | 4 | 0 | 3 | 2 | E | C | 1 | 9 | 8 | 7 | A | 6 |
| 1 | A | 8 | B | 9 | E | 6 | 0 | 4 | D | 2 | 7 | 5 | C | 3 |
| 2 | 3 | 7 | 1 | 6 | C | 9 | 8 | A | 5 | 4 | E | 0 | D | B |
| 4 | 6 | E | A | D | 5 | 1 | B | 7 | C | 0 | 3 | 8 | 9 | 2 |
| 9 | C | 0 | 7 | 8 | 2 | D | 3 | 5 | B | A | 6 | 1 | 4 | E |
| A | 2 | C | 6 | E | 0 | 7 | D | 1 | 3 | B | 9 | 4 | 5 | 8 |
| 0 | 4 | 3 | 9 | 7 | A | B | C | 8 | 2 | E | 5 | 6 | 1 | D |
| 5 | B | 9 | 2 | 4 | D | 3 | 6 | E | 7 | 8 | 1 | A | 0 | C |
| D | 7 | 1 | 5 | B | 8 | 0 | A | 2 | 4 | 6 | C | E | 3 | 9 |
| E | 8 | 6 | 3 | C | 1 | 5 | 4 | 9 | A | D | 0 | 2 | B | 7 |
| 3 | 5 | D | 8 | 1 | B | A | 7 | 0 | E | C | 2 | 9 | 6 | 4 |
| C | 9 | 2 | 0 | 3 | 6 | E | 5 | D | 8 | 1 | 4 | B | 7 | A |
| 8 | 0 | B | E | A | 7 | 4 | 1 | 6 | 9 | 3 | D | C | 2 | 5 |
| 6 | E | 4 | D | 5 | 9 | C | 2 | B | 0 | 7 | A | 3 | 8 | 1 |
| 7 | 1 | A | C | 2 | 4 | 8 | 9 | 3 | 6 | 5 | B | D | E | 0 |

ଗତକାଲିର ଉତ୍ତର

# ପ୍ରକୃତି ହସୁଛି



ଡ. ଆଲୋକ ରଞ୍ଜନ ମିଶ୍ର

ପ୍ରକୃତି ହସୁଛି। ହସିବାର ଗୂଢ଼ ତାତ୍ପର୍ଯ୍ୟ ମଧ୍ୟ ରହିଛି, କାରଣ ଯେତେବେଳେ ସେ କହୁଥିଲା ଓ କାନ୍ଦୁଥିଲା ଯେ ମୋ ଉପରେ ଆଉ ଦାଉ ସାଧ ନାହିଁ। ମାତ୍ର ଏହି ନରରୂପୀ ରାକ୍ଷସ ମଣିଷ ଜାତି ତା' ଉପରେ ନାହିଁ ନ ଥିବା ଅତ୍ୟାଚାର କରିଚାଲିଥିଲା। ତା' ସୃଷ୍ଟିରେ ସେ ଜନ୍ମ ଦେଇଛି କୋଟି କୋଟି ଜୀବଜନ୍ତୁ, ବୃକ୍ଷଲତା, ନଦୀନାଳ, ସମୁଦ୍ର, ପାହାଡ଼ପର୍ବତ ଏମିତି ବହୁକିଛି। ତା' ସୃଷ୍ଟିର ସବୁଠୁ ଶ୍ରେଷ୍ଠ ହେଲା ସମଗ୍ର ମନୁଷ୍ୟ ଜାତି। କାରଣ କେବଳ ମଣିଷର ବୁଦ୍ଧି, ବିବେକ ଓ କେଉଁଟା ଭଲ ଏବଂ କେଉଁଟା ମନ୍ଦର ବିଚାର ଶକ୍ତିକୁ ସେ ପର୍ଯ୍ୟାପ୍ତ ମାତ୍ରାରେ ତା' ଭିତରେ ଖଞ୍ଜିଦେଇଛି। ତା' ସହିତ କିପରି ସମୟ ସହ ତାଳଦେଇ ଚାଲିବା ସଙ୍ଗେ ସଙ୍ଗେ ସୃଷ୍ଟିର ନିୟମ ଓ ଧର୍ମକୁ ସୁଚାରୁ ରୂପେ ପ୍ରତିପାଦନ କରିପାରିବ ସେଥିପାଇଁ ସବୁଠୁ ଶ୍ରେଷ୍ଠ ବିଚାର ଶକ୍ତି ଯୋଗାଇଦେଇଛି। କିନ୍ତୁ ପରିତାପର ବିଷୟ ହେଲା ଯେ, ମହାଦେବ ଭସ୍ମାସୁରକୁ ଅମର ବର ଦେବା ପରେ ଭସ୍ମାସୁର ନିଜର ହିତାହିତ ଜ୍ଞାନ ଭୁଲି ମହାଦେବଙ୍କୁ ହତ୍ୟା କରିବା ପାଇଁ ଗୋଡ଼ାଇଥିଲା। ବୁଦ୍ଧିଭ୍ରଷ୍ଟ ଭସ୍ମାସୁର ଜାଣିପାରିଲାନି ଯେ, ଯିଏ ତାକୁ ଏହି ଅମର ବର ଦେଇଛନ୍ତି ସେ ତା'ର ନିଧନର ବାଟ ମଧ୍ୟ ଜାଣିଛନ୍ତି। ତେଣୁ ଭସ୍ମାସୁରର ମୃତ୍ୟୁ ସୁନିଶ୍ଚିତ ଥିଲା। ଠିକ୍ ସେହିପରି ବର୍ତ୍ତମାନ ସମଗ୍ର ମନୁଷ୍ୟ ଜାତି ଭସ୍ମାସୁର ପାଲଟି ଯାଇଛି। ପ୍ରକୃତିର ଧର୍ମକୁ ଭୁଲି ଗୋଟିଏ ପରେ ଗୋଟିଏ ଅଧର୍ମ କରିଚାଲିଛି। ପୌରାଣିକ କାଳର ଇତିହାସ କହୁଛି ଯେ, ଯେତେବେଳେ ପୃଥିବୀରେ ଅଧର୍ମ ବଢ଼ିଚାଲେ ସ୍ୱୟଂ ଭଗବାନ ଭିନ୍ନ ଭିନ୍ନ ରୂପ ନେଇ ପୃଥିବୀପୃଷ୍ଠରେ ଅବତରଣ କରଥାନ୍ତି ଅଧର୍ମକୁ ନାଶ କରିବା ପାଇଁ। ଉଦାହରଣସ୍ୱରୂପ ଶ୍ରୀରାମଚନ୍ଦ୍ରଙ୍କ ରାବଣ ବଧ, ମା' ଦୁର୍ଗାଙ୍କ ମହିଷାସୁର ବଧ, ଶ୍ରୀକୃଷ୍ଣଙ୍କ କଂସ ବଧର ଆଭିମୁଖ୍ୟ ଗୋଟିଏ ଥିଲା ଯେ, ଏମାନେ ସମସ୍ତେ ପ୍ରକୃତିର ବିପକ୍ଷରେ ଯାଇ ଅତ୍ୟାଚାର, ଲୁଣ୍ଠନ, ରାହାଜାନି, ବଳାତ୍କାର ଆଦି କାର୍ଯ୍ୟରେ ଲିପ୍ତ ରହି ସମଗ୍ର ମାନବ ଓ ଦେବଗଣଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ୱୟଂ ଭଗବାନ 'କରୋନା' ରୂପୀ ଏକ ସଂକ୍ରମିତ ଭୂତାଣୁ ହୋଇ ପୃଥିବୀପୃଷ୍ଠକୁ ଓହ୍ଲାଇ ଆସିଛନ୍ତି ଉଦ୍ଧତ ମନୁଷ୍ୟକୁ ଉଚିତ ଶିକ୍ଷା ଦେବା ପାଇଁ। ପ୍ରକୃତିର ନିୟମକୁ ଖିନ୍‌ଭିନ୍ କରି ନଷ୍ଟ କରିଦେଇଥିବା ୭୫୦ କୋଟିରୁ ଊର୍ଦ୍ଧ୍ୱ ମନୁଷ୍ୟଙ୍କ ପାଇଁ କରୋନା ଭୂତାଣୁ ଏବେ ଯମସଦୃଶ ପାଲଟି ଯାଇଛି। ଏହାର ମୁଖ୍ୟ କାରଣ ହେଲା, ପ୍ରକୃତିର ନିୟମକୁ ଭଙ୍ଗକରି ପ୍ରକୃତି ଯୋଗାଇ ଦେଇଥିବା ଉପଯୁକ୍ତ ଖାଦ୍ୟ, ପାନୀୟ, ବାୟୁ, ଅଗ୍ନି, ଜଳକୁ ଭୁଲିଯାଇ ଅଖାଦ୍ୟ ଭୁଞ୍ଜିବା ସହିତ ସୃଷ୍ଟିର ଅନ୍ୟ ସମସ୍ତ ନିରୀହ ପ୍ରାଣୀଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିବା ହିଁ ଏକମାତ୍ର କାରଣ।

୩୧ ଡିସେମ୍ବର, ୨୦୧୯ରେ ପ୍ରଥମେ ଏହି କାଳରୂପୀ କରୋନା ଭୂତାଣୁର ଉତ୍ପତ୍ତି ହୋଇଥିଲା ଚାଇନାର ପ୍ରମୁଖ ସହର ଉହାନ୍‌ରେ। ୭ ଜାନୁୟାରୀ ୨୦୨୦ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ଟେ. ଡ୍ରୋସ୍ ଆଧାନାମୋ ଏହି ଭୂତାଣୁର ନାମକୁ କରୋନା ଭାଇରସ୍‌ର ନାମ ଦେଇ ଏହାକୁ ବିଶ୍ୱ ମହାମାରୀ ରୋଗ ଭାବରେ ଘୋଷଣା କରିଥିଲେ। ଏହାର ଉତ୍ପତ୍ତି ଉପରେ ଗବେଷଣା କରି ଗବେଷକମାନେ ଜାଣିବାକୁ ପାଇଲେ ଯେ, ଉହାନ୍ ସହରରେ ଥିବା ପଶୁ ଓ ମତ୍ସ୍ୟ ବଜାରର କୌଣସି ଏକ ପଶୁ ବା ପକ୍ଷୀର ଦେହରେ ଥିବା ରୋଗରୁ ଉତ୍ପତ୍ତି ହୋଇଛି। ଏହି ବଜାରରେ ବିଶ୍ୱର ସବୁ ପଶୁ, ପକ୍ଷୀ, କୀଟଙ୍କର କଞ୍ଚା ଏବଂ ରନ୍ଧାମାଂସ ପ୍ରସ୍ତୁତ କରାଯାଇ ପର୍ଯ୍ୟଟକ ଏବଂ ଚାଇନାବାସୀଙ୍କୁ ଭୋଜନରେ ଆପ୍ୟାୟିତ କରାଯାଇଥାଏ। ମିଳିଥିବା ସୂଚନା ଅନୁଯାୟୀ ମାଛ, ଛେଳି, ମେଣ୍ଢା, କୁକୁଡ଼ା ଏବଂ ଘୁଷୁରି ଛଡ଼ା ଏହି ବଜାରରେ ଭିଡ଼ ଜମିଥାଏ ଗୋରୁ, କୁକୁର, କୁମ୍ଭୀର, ସାପ, ମାଙ୍କଡ଼, ଗୋଧି, ବଜ୍ରକାପ୍ତା, ବେଙ୍ଗ, ଗଧ ଏବଂ ୧୧୨ ପ୍ରଜାତିର ମାଂସର ସ୍ୱାଦ ନେବା ପାଇଁ। ଚାଇନାବାସୀ ଏହିସବୁ ବିରଳ ଓ ପ୍ରକୃତିର ବ୍ୟତିକ୍ରମ ଅଖାଦ୍ୟ ଖାଇବା ପାଇଁ ବହୁମୂଲ୍ୟ ଦେଇଥାନ୍ତି। ମାତ୍ର ପ୍ରକୃତିର ସାମାନ୍ୟ କଡ଼ ଲେଉଟା ପ୍ରଥମେ ଏହି ଉହାନ୍ ବଜାରକୁ ବନ୍ଦ କରିଦେଲା। ଧୀରେ ଧୀରେ ସଂକ୍ରମିତ କରୋନା ଭୂତାଣୁରୂପୀ ନରରାକ୍ଷସର ପ୍ରଭାବ ଅନ୍ୟ ଦେଶଗୁଡ଼ିକୁ ବ୍ୟାପିଚାଲିଛି। ୟୁରୋପରେ ଏହାର ପ୍ରଭାବ ଅଧିକ ବଢ଼ି ବଢ଼ି ଚାଲିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଜାଣିବାକୁ ମିଳିଛି ଯେ, ପ୍ରତି ଶହେ ବର୍ଷରେ ପୃଥିବୀରେ ଏଭଳି ଗୋଟିଏ ଗୋଟିଏ ମହାମାରୀ ଭୂତାଣୁଜନିତ ରୋଗର ଆବିର୍ଭାବ ହୋଇଛି। କରୋନା ପରି ୟୁରୋପରେ ପ୍ଲେଗ୍ ରୋଗ ୧୭୨୦ ମସିହାରେ ସମଗ୍ର ବିଶ୍ୱକୁ ସଂକ୍ରମିତ ହୋଇ ୨୦କୋଟି ଲୋକଙ୍କର ପ୍ରାଣ ନେଇଥିଲା। ସେହି ସମୟରେ ପ୍ଲେଗ୍‌ର ନାମ ବ୍ଲାକ୍‌ଡେଥ୍ ନାମରେ ନାମିତ କରାଯାଇଥିଲା। ତା'ପରେ ପରେ ହଇଜା, କଲେରା ଭଳି ପ୍ରକୃତିର ସଂକ୍ରମିତ ରୋଗ ବହୁଲୋକଙ୍କର ଜୀବନ ନେଇଥିଲା। ବସନ୍ତ ରୋଗ ଯୋଗୁ ଆଫ୍ରିକାର ୩୫ଲକ୍ଷ ଲୋକ ୧୭୨୦-୧୮୨୦ ମସିହା ମଧ୍ୟରେ ଜୀବନ ହାରିଥିଲେ। ୧୯୨୦ ମସିହାରେ ସ୍ପାନିସ୍ ଫ୍ଲୁ ବଡ଼ ଭୟଙ୍କର ଥିଲା। ଫୁସ୍‌ଫୁସ୍‌ରେ ପାଣି ଜମି ଏହା ମଣିଷର ମୃତ୍ୟୁ ପୂର୍ବରୁ ଶରୀରକୁ ସମ୍ପୂର୍ଣ୍ଣ ନୀଳରଙ୍ଗ କରିଦେଉଥିଲା। ଏହି ରୋଗ ପାଖାପାଖି ୫କୋଟି ଲୋକଙ୍କର ଜୀବନ ନେଇଥିଲା। ଏବେ କରୋନା ଭୂତାଣୁର ପ୍ରାଦୁର୍ଭାବ ଦିନକୁ ଦିନ ଆତଙ୍କ ସୃଷ୍ଟି କରିସାରିଛି, ଯଦିଓ ବର୍ତ୍ତମାନ ସୁଦ୍ଧା ୭୦ହଜାରରୁ ଊର୍ଦ୍ଧ୍ୱ ରୋଗୀ ସୁସ୍ଥ ହୋଇଥିବାର ଖବର ହସ୍ତଗତ ହୋଇଛି।

ପୁଣ୍ୟଭୂମି ଭାରତ ଅନ୍ୟ ଦେଶଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏଠାରେ ଯେକୌଣସି ମହାମାରୀର ପ୍ରଭାବ ବହୁତ କମ୍ ରହିଥାଏ। କାରଣ ଏଠି ବସବାସ କରୁଥିବା ଧାର୍ମିକ ମନୁଷ୍ୟଙ୍କ ସଂଖ୍ୟା ଅନ୍ୟ ଦେଶ ତୁଳନାରେ ବହୁ ଅଧିକ। ଯୋଗାଭ୍ୟାସ, ବ୍ୟାୟାମ, ଖାଦ୍ୟପେୟରେ ନିୟନ୍ତ୍ରଣତା, ଅଖାଦ୍ୟଠାରୁ ଦୂରରେ ରହିବା ଏବଂ ସବୁଠୁ ବଡ଼ କଥା ହେଲା ଧର୍ମଭାବନା ଓ ଧର୍ମବିଶ୍ୱାସ ଭାରତକୁ ସମଗ୍ର ପୃଥିବୀପୃଷ୍ଠରେ ଏକ ଆଦର୍ଶ ଦେଶର ମାନ୍ୟତା ଦେଇଛି। ସେଥିପାଇଁ ତ କରୋନା ହସ୍ତମର୍ଦ୍ଦନ ଜାଗାରେ ସମଗ୍ର ବିଶ୍ୱକୁ ନମସ୍କାର କରିବା ପାଇଁ ଯେପରି ଏକପ୍ରକାର ବାଧ୍ୟ କରିଦେଇଛି। କାରଣ କରୋନା ଭୂତାଣୁର ସମ୍ପ୍ରସାରଣ କରମର୍ଦ୍ଦନ, ଆଲିଙ୍ଗନ ଓ ଚୁମ୍ବନ ଉପରେ ବିଶେଷ ଭାବରେ ନିର୍ଭର କରିଥାଏ। ଏହି ପାଶ୍ଚାତ୍ୟ ସଂସ୍କୃତିକୁ ଏକଦା ବହୁ ରାଷ୍ଟ୍ର ଗୁରୁତ୍ୱ ଦେଉଥିବା ବେଳେ ଏବେ ସବୁ ରାଷ୍ଟ୍ର ଭାରତୀୟ ସଂସ୍କୃତିର ବାର୍ତ୍ତାବହ ସାଜିଛନ୍ତି। ଅନୁକରଣ କରୁଛନ୍ତି ଭାରତୀୟ ଅତିଥି ଚର୍ଚ୍ଚାର ଶୈଳୀ, ଯେମିତି କି ଖାଇବା ପୂର୍ବରୁ ହାତ ଧୋଇବା, ଗୃହ ପ୍ରବେଶ ପୂର୍ବରୁ ଗୋଡ଼ ଧୋଇବା, ଭଲଭାବରେ ଗାଧୋଇବା ଇତ୍ୟାଦି ଇତ୍ୟାଦି। ଏହାଛଡ଼ା ପ୍ରକୃତିର ଭାରତକୁ ସର୍ବଶ୍ରେଷ୍ଠ ଦାନ ହେଲା ଯେ ଏହା ଏକ ଗ୍ରୀଷ୍ମପ୍ରଧାନ ଦେଶ। ଏଠାରେ କୌଣସି ପ୍ରକାର ସଂକ୍ରମିତ ଭୂତାଣୁର ପ୍ରାଦୁର୍ଭାବ ବେଶି ସମୟ ବା ମୋଟେ ରହେ ନାହିଁ ଏବଂ ତା'ର ପ୍ରମୁଖ କାରଣ ହେଲା ବାୟୁମଣ୍ଡଳର ଗଭୀର ଉଷ୍ମତା। ସେଥିପାଇଁ ଆଗରୁ ଭୂତାଣୁଜନିତ ରୋଗ ଇବୋଲା, ୟେଲୋ ଫିଭର, ସାର୍ସମାର୍ସ ଭଳି ସଂକ୍ରମିତ ରୋଗର କୌଣସି ପ୍ରଭାବ ଭାରତ ଉପରେ ପଡ଼ିନାହିଁ। କରୋନା ସଂକ୍ରମଣ ଏବଂ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଅବଶ୍ୟ ଏହାର ଉତ୍ପତ୍ତିସ୍ଥଳ ଚାଇନାର ଅବସ୍ଥାରେ ବହୁତ ସୁଧାର ଆସିଲାଣି। ପ୍ରକୃତିକୁ ଉପଯୁକ୍ତ ସମ୍ମାନ ଦେଲେ ପ୍ରକୃତି ମଧ୍ୟ ତା'ର ଧର୍ମ ନିଶ୍ଚୟ ନିଭେଇବ। ମାତ୍ର ଆଜି ସମଗ୍ର ମନୁଷ୍ୟ ଜାତି ପାର୍ଥିବ ସୁଖଜନିତ କର୍ମରେ ଲିପ୍ତ ରହି ଏଭଳି ବର୍ବରୋଚିତ ବିନାଶର ସମ୍ମୁଖୀନ ହେଉଛନ୍ତି। ଏଥିରୁ ରକ୍ଷା ପାଇବାକୁ ହେଲେ ସମଗ୍ର ବିଶ୍ୱକୁ ଏକପ୍ରକାର ନିଶ୍ଚିତ ସାଧାରଣ ଜୀବନଶୈଳୀ ନେଇ ବଞ୍ଚିବାକୁ ପଡ଼ିବ। ପ୍ରଥମତଃ ଅପ୍ରାକୃତିକ ଯୌନ ସମ୍ପର୍କରୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ରହିବା, ଅଖାଦ୍ୟ ନିବାରଣ, ଧାର୍ମିକ ମନୋଭାବ, ସହଜ ଜୀବନଚର୍ଯ୍ୟା, ଅହିଂସା, ବିଜ୍ଞାନର ଦ୍ରୁତଗତିକୁ ବିଶେଷ ପ୍ରୋତ୍ସାହନ ନ ଦେବା, ସବୁ ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉପଯୁକ୍ତ ସମ୍ମାନ ଦେବା ଏବଂ ସର୍ବଶ୍ରେଷ୍ଠ ଉପଚାର ହେଲା ପ୍ରକୃତିକୁ ଯଥାମାନ୍ୟ ସମ୍ମାନ ଦେଇ ବଞ୍ଚିବାକୁ ଚେଷ୍ଟା କଲେ ଏଭଳି କୌଣସି ସଂକ୍ରମିତ ଭୂତାଣୁ ମନୁଷ୍ୟର କିଛି କ୍ଷତି କରିପାରିବ ନାହିଁ।

ଭୁବନେଶ୍ୱର, ମୋ- ୯୮୬୧୧୨୬୮୦୦

# ବାରି ବରକୋଳି



ଡା. ବାସୁଦେବ ପ୍ରଧାନ

ଝିଅ ଅଳି କରି କହିଲା, ବାପା ବରକୋଳି ଆଣିବ। କଲିକତି କୋଳି ନୁହଁ, ଦେଶୀ କୋଳି। ବଜାରରେ ଆଖି ବୁଲେଇଲି। ସବୁଠି ଦେଖିଲି ବଡ ବଡ କୋଳି। ଶାକରକନ୍ଦା, ପିଜୁଳି, କମଳା, ସେଓଗୁଡ଼ିକ ଭିତରେ ତା'ର ଉପସ୍ଥିତି ଦେଖିଲି। ଠେଲା ଦୋକାନୀ ଭାଇଙ୍କୁ ପଚାରିଲି, ଭାଇ ବରକୋଳି ଦାମ୍ କେତେ? ବିକାଳି ଭାଇ କହିଲେ, କିଲୋ ଅଶୀ ଟଙ୍କା। ଇଚ୍ଛା ହେଉଥାଏ ଗୋଟିଏ ଚାଖିବି। ଭଲ ଲାଗିଲେ ନେବି। ହେଲେ, ହାତ ଯାଉ ନ ଥାଏ ଗୋଟିଏ ଧରିବାକୁ। ଦୋକାନୀ କହିଲା ନେଉନାହାନ୍ତି। ଭଲ ଲାଗିବ। ବାହାରୁ ଆସୁଚି। ସେଇଥିପାଇଁ ଏତେ ରେଟ୍। ହାତକୁ ଗୋଟିଏ ବଢେଇଦେଲା। କହିଲା ଚାଖନ୍ତୁ। ଭଲ ଲାଗିଲେ ନେବେ। ଖାଇବା ପୂର୍ବରୁ କୋଳିଟିକୁ ଧୋଇବି ବୋଲି ଭାବୁଥିଲି। ଦୋକାନୀ ଭାଇ ପାଣି ବଢେଇ ଦେଲେ। ଧୋଇବା ଭିତରେ ମନେପଡିଯାଉଥାଏ ପିଲାବେଳ କଥା। ପିଲାବେଳେ ସାଙ୍ଗମାନଙ୍କ ସହିତ କେତେ ଅସନା ଜାଗାରୁ ବିନା ଧୁଆରେ ଖାଇଛି। କାଇଁ ମୋର ତ କିଛି କ୍ଷତି ହୋଇନି। ଗାଁରେ କୋଳି ବିକୁଚି କିଏ। କିଣୁଚି କିଏ। ସମସ୍ତଙ୍କ ବାଡିରେ ବରକୋଳି ଗଛ। ଯେଉଁ ଗାଁରେ କୋଳି ଗଛ ନାହିଁ ସେ ଗାଁର ପିଲାମାନେ କୋଳି ଖାଇବାକୁ ପଡିଶା ଗାଁକୁ ଆସିଥାନ୍ତି। କୋଳି ଦବାନବା ଭିତରେ ବନ୍ଧୁତା ମଧ୍ୟ ବଢ଼େ। ପିଲାମାନେ କୋଳି ଖାଇବାକୁ ଅଧିକ ଭଲ ପାଆନ୍ତି। ପୁଣି ଝିଅମାନଙ୍କ କଥା ନ କହିଲେ ଭଲ। ସେମାନଙ୍କର କୋଳି ପାଇଁ ସ୍ୱତନ୍ତ୍ର ଦୁର୍ବଳତା ରହିଛି।

ମୋର ଭାବନାକୁ ବାଧା ଦେଇ କୋଳି ବିକାଳି କହିଲା କେତେ ଦେବି ବାବୁ? ଇଚ୍ଛା ନ ଥାଇ ବାଧ ହୋଇ ଅଢେଇଶ' ମାଗିଲି। ଦୋକାନୀ କହିଲା, ଅଢେଇଶ'ରେ କେତୋଟି ହେବ। ଅଧ କେଜିଏ ନେଇ ଯାଆନ୍ତୁ। ଘରେ ସମସ୍ତେ ଗୋଟେ ଦି'ଟା ଖାଇବେ। ମନା କଲି। କହିଲି, ଅଢେଇଶ' ଦିଅ। ଯେତୋଟି କୋଳି ମିଳିଲା ନ କହିଲେ ଭଲ। ଦୋକାନୀକୁ କହିଲି, ଦେଶୀ କୋଳି ରଖୁନ କି? ସେ କହିଲା, ଆସିବାକୁ ଡେରି ଅଛି। ଆଗ ଭଳି ଆଉ ଆଦାୟ ନାହିଁ। ଯେଉଁଠି କୋଳି ଆଦାୟ ହେଉଛି ସେମାନଙ୍କ ପାଇଁ ନିଅଁଟ। ସହରକୁ କମ୍ ଆସେ। ଅଳ୍ପ ଦିନ ପାଇଁ ଆସେ। ନ ସରିଲେ ଆମର ଲସ୍। ସେଗୁଡିକ ଶୀଘ୍ର ଶଢିଯାଏ। ସହରରେ ସେସବୁ ନେଇ ଆଚାର ବା କିଏ କରୁଛି?

କୋଳି ଦେଖୁ ଦେଖୁ ଝିଅର ଆନନ୍ଦ କହିଲେ ନ ସରେ। କୋଳି ନ ଧୋଇ ପାଟିକୁ ଗୋଟେ ନେଇଗଲା। ସତରେ ପାଚିଲା ବରକୋଳି ପିଲାଙ୍କୁ କେତେ ଆନନ୍ଦ ଦିଏ! ସେଓ, କମଳା, ଅଙ୍ଗୁର ତା'ର ସ୍ଥାନ ନେଇପାରିବନି। କୋଳି କଥା ଭାବୁ ଭାବୁ କେତେ କଥା ମନେପଡିଗଲା। ଦିନେ କୋଣାର୍କ ମନ୍ଦିର ନିର୍ମାଣରେ ନିମଗ୍ନ ଥିବା ବିଶୁ ମହାରଣା ବାରି ବରକୋଳି ଦେଖି ପୁଅକୁ ଚିହ୍ନିଥିଲା। ମା' ତା'ର ଗାମୁଛା କାନିରେ ବାନ୍ଧିଦେଇଥିଲା ବାରି ବରକୋଳି। ଜନ୍ମରୁ ଦେଖି ନ ଥିଲା ଧରମା ତା' ବାପା ବିଶୁକୁ। ବାରି ବରକୋଳି ବିଶୁର ଆଖି ଲୁହରେ ଧୋଇ ହୋଇଯାଉଥିଲା। ଘର, ବାଡି, ବରକୋଳି ଗଛ ଦର୍ପଣରେ ମୁହଁ ଦିଶିଲା ପରି ଗୋଟା ପରେ ଗୋଟେ ଦିଶିଗଲା। ଆଉ ବରକୋଳିର ସ୍ୱାଦ ମନେ ପଡିଗଲା। ପୁଅକୁ ନ ଚିହ୍ନିବ କେମିତି? ପୁଅକୁ ଜାବୁଡି ଧରିଲା। ଉଭୟଙ୍କ ରକ୍ତରେ ରହିଛି ବାରି ବରକୋଳିର ସ୍ୱାଦ, ରକ୍ତର ସମ୍ପର୍କ।

ସମୟକ୍ରମରେ ଯତ୍ନର ଅଭାବରୁ କେବଳ ବରକୋଳି ଗଛ କାହିଁକି ଅନେକ ଉପାଦେୟ କୋଳିଗଛ ବାଡି ବଗିଚା, ଗାଁ ପାହାଡ଼ରୁ ହଜିଗଲାଣି। ବାପା ବଳଦ ଧରି ଧାନ ବେଙ୍ଗଳା ପକାଇବାକୁ ରାତି ଅଧରୁ ଖଳାକୁ ଯାଆନ୍ତି। ହାତରେ ଲଣ୍ଠନ ଥାଏ। ଭାଲୁକୁ ଦେଖି ବଳଦମାନେ ଅଟକି ଗଲେ। ମା' ଭାଲୁ ଗଛ ଉପରେ। ଛୁଆ ଭାଲୁ ଗଛ ମୂଳରେ। ମା' ଭାଲୁ ଗଛ ଡାଳ ହଲାଉଥିଲା। ଯାହା ଝଡୁଥିଲା ଛୁଆ ଖାଉଥିଲେ।

ବରକୋଳି ସହିତ ଆମ ସଂସ୍କୃତି ବନ୍ଧା। ପ୍ରତ୍ୟେକ ଶୁଭ କାମରେ ଦୂବ, ବରକୋଳି ପତ୍ର, ଅରୁଆ ଚାଉଳ ଖୋଜାଯାଏ। ବରକୋଳିପତ୍ରର ଅନେକ ଔଷଧୀୟ ଗୁଣ ରହିଛି। ସେଥିରେ ମଧ୍ୟ ରହିଛି ପୋଷକ ତତ୍ତ୍ୱ। ଅତୀତରୁ ଆଜିଯାଏ ବରକୋଳି ଗଛକୁ ଖୋଜାଯାଉଛି। ବରକୋଳି ବିଭିନ୍ନ ପ୍ରକାରର। ଦେଶୀ ଆଉ ଫାର୍ମ। ଦେଶୀ ବରକୋଳି ମଧ୍ୟ ଅନେକ ପ୍ରକାରର। କେଉଁ କୋଳି ବାଲିଟିଆ ଲାଗେ, କେଉଁ କୋଳି ଖୁବ ସୁଆଦିଆ। ସେହିପରି ଆକୃତି ଦୃଷ୍ଟିରୁ କାହାକୁ ଚକା ବରକୋଳି ବା ଆଉ କାହାକୁ କାକୁଡିଆ ବା ନଡିଆ କୋଳି କୁହାଯାଏ। ସେ ଯାହାହେଉ ସବୁ ବରକୋଳି ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏହା ରୁଚିକାରକ ଓ ବଳକାରକ। ଶରୀରରେ ଶୁକ୍ର ଧାତୁ ବୃଦ୍ଧିକରେ। ଏହାର ଛାଲି, ପତ୍ର, ମଞ୍ଜିରେ ଅନେକ ପ୍ରକାର ଔଷଧୀୟ ତତ୍ତ୍ୱ ରହିଛି। ଯେଉଁମାନଙ୍କର ଗଳା ବସିଯାଏ, ସ୍ୱରଭଙ୍ଗ ହୁଏ ବରକୋଳିପତ୍ରକୁ ଗୁଆ ଘିଅରେ ଭାଜି ସୈନ୍ଧବ ଲବଣ ମିଶାଇ ଖାଇଲେ ଉପକାର ମିଳେ। ଲାଳରକ୍ତ ଝାଡା ହେଉଥିଲେ ଗଛର ଛେଲିକୁ ଶୁଖାଇ ଗୁଣ୍ଡ କରି ଛେଳି କ୍ଷୀରରେ ଖାଇଲେ ରକ୍ତ ପଡିବା ବନ୍ଦ ହୁଏ। ବରକୋଳି ପତ୍ର ସିଝାଇ କୁଳି କଲେ ପାଟି ଘା' ଭଲ ହୁଏ। ହାତପାଦ ଜଳାପୋଡା ହେଉଥିଲେ ପତ୍ରକୁ ବାଟି ହାତପାଦରେ ବୋଳିଲେ ଏହା ଦୂରହୁଏ। ସ୍ତନ ଏବଂ ତଳିପେଟର ଢିଲାପଣ ଦୂର କରିବା ପାଇଁ ଏହାର ପତ୍ର ସହିତ ଅନ୍ୟାନ୍ୟ ଦ୍ରବ୍ୟ ମିଶାଇ ପ୍ରଲେପ ଦିଆଯାଏ। ପତ୍ରରସ ସହିତ ମିଶ୍ରି ମିଶାଇ ଖାଇଲେ ଦୁର୍ବଳତା ଦୂର ହୁଏ। ଏଇ ଗଛଟି ଭାରି ଉପକାରୀ। ବଢିବା ପାଇଁ ବହୁତ ଦିନ ଲାଗେ। ଡାଳରେ କଣ୍ଟା ଥିବାରୁ ଫସଲ ସୁରକ୍ଷା ପାଇଁ ବାଡ ଦିଆଯାଏ।

ଦିନକୁ ଦିନ ଏ ବରକୋଳି ଗଛ ସଂଖ୍ୟା କମିଗଲାଣି। ଆମ ରାଜ୍ୟ ବରକୋଳି ଗଛ ଚାଷ ପାଇଁ ଉତ୍ତମ। ଏହାର ଅନେକ ଦେଶୀ ପ୍ରଜାତି ନଷ୍ଟ ହୋଇଗଲାଣି। ଆଉ ଖୋଜିଲେ ମିଳିବ ନାହିଁ। ତେଣୁ ଆଜିଠୁ ଆମକୁ ସଜାଗ ହେବାକୁ ପଡିବ। କେବଳ କେନ୍ଦୁଝର, ମୟୂରଭଞ୍ଜ, ବଉଦ ଅଞ୍ଚଳରୁ ସଂଗ୍ରହ କରାଯାଇ ସହରକୁ ଆସୁଛି। ବାଡି ବଗିଚାରେ, ଗାଁ ଜଙ୍ଗଲରେ ବରକୋଳି ଗଛ ଲଗାଇବା ଉଚିତ। କେବଳ ବରକୋଳି ନୁହେଁ କଣ୍ଟେଇକୋଳି, ନରକୋଳି, କେରେଣ୍ଡା କୋଳି, ଅଁଳା କୋଳି, କସେଇ କୋଳି, ଆଖୁ କୋଳି, କ୍ଷୀରିକୋଳି, ବଇଁଚକୋଳି ସବୁ ବିଲୁପ୍ତ ହେବାକୁ ବସିଲାଣି। ଏଗୁଡିକ ଉଭୟ ଖାଦ୍ୟ ଓ ଔଷଧ ରୂପେ ବ୍ୟବହାର କରାଯାଏ। ସଂକଳ୍ପ କରି ବାଡିବଗିଚା, ଗାଁ ପାହାଡରେ ଏସବୁ ଗଛ ଲଗେଇବା। ପଶୁପକ୍ଷୀ ଓ ଆଗାମୀ ଦିନର ପିଲାମାନଙ୍କ ପାଇଁ ହଜିଯାଉଥିବା କୋଳିଗଛକୁ ସାଇତିବା ଆମ ଦାୟିତ୍ୱ।

ସରକାରୀ ଆୟୁର୍ବେଦ ହସ୍ପିଟାଲ, ମାଉସୀମା' ଛକ, ଭୁବନେଶ୍ୱର
ମୋ-୯୪୩୭୩୦୫୦୪୫

## ଏଇ ଭାରତରେ

ଭାରତରେ ଲକ୍‌ଡାଉନ ନିୟମ ଭଙ୍ଗ କରିବା ଅଭିଯୋଗରେ ଲୋକମାନଙ୍କୁ ପୋଲିସ ଦଣ୍ଡ ଦେବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। କିନ୍ତୁ ଦିଲ୍ଲୀର ଜଣେ ପୋଲିସ ଅଫିସର୍ ଅବହେଳିତ ଲୋକମାନଙ୍କ ଯତ୍ନ ନେବାରେ ଲାଗିଛନ୍ତି। ଡିଫେନ୍ସ କଲୋନୀରେ ଥିବା ପୋଲିସ ଷ୍ଟେଶନର ଇନଚାର୍ଜ ଷ୍ଟେଶନ ହାଉସ ଅଫିସର(ଏସ୍‌ଏଚ୍‌ଓ) ଅରବିନ୍ଦ କୁମାର ଏଭଳି ସେବାରେ ଲାଗିଛନ୍ତି। ତାଙ୍କୁ ବର୍ତ୍ତମାନ ବୟସ ୪୮। ରହୁଛନ୍ତି ଦକ୍ଷିଣ ଦିଲ୍ଲୀରେ। ଥାନା ପଛପଟେ ଇନ୍ଦିରା କ୍ୟାମ୍ପ ବସ୍ତି ଅଞ୍ଚଳର ଦିନମଜୁରିଆ, ସଫାଇ କର୍ମଚାରୀ ଓ ଅନ୍ୟ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ପରିବାରକୁ ସେ ଖାଦ୍ୟ ଯୋଗାଉଛନ୍ତି। ପ୍ରାୟ ୩୫୦ ପରିବାର ପାଖରେ ରାଶନ କାର୍ଡ ନ ଥିବା ଜାଣିବା ପରେ ସେ ଥାନା ତରଫରୁ ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିଛନ୍ତି। ସରକାର ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ ମଧ୍ୟ ଅରବିନ୍ଦ ଏଭଳି ସେବା ଜାରି ରଖିଛନ୍ତି। ପ୍ରତ୍ୟେକ ଫୁଡ୍ ବ୍ୟାଗରେ ୨ କେଜି ଚାଉଳ,୨ କେଜି ଅଟା, ୨ କେଜି ଡାଲି ସହ ୧ ଲିଟର ତେଲ ମଧ୍ୟ ଦେଉଛନ୍ତି। ପିଲାମାନଙ୍କୁ ବି ଖାଦ୍ୟ ଯୋଗାଇ ଦିଆଯାଉଛି। ଲୋକମାନଙ୍କୁ ମାସ୍କ, ଗ୍ଲୋଭ୍ ଓ ସାନିଟାଇଜର ମଧ୍ୟ ବାଣ୍ଟୁଛନ୍ତି। ଅରବିନ୍ଦଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିବା ଲାଗି ଡିଫେନ୍ସ କାଲୋନୀ ମଧ୍ୟ ଆଗେଇ ଆସିଛି। ସେମାନେ ଖାଦ୍ୟ ସାମଗ୍ରୀ ଦାନ କରୁଛନ୍ତି। ଅରବିନ୍ଦ ଏହି କାର୍ଯ୍ୟରେ କେତେଜଣ ସ୍ୱେଚ୍ଛାସେବୀଙ୍କୁ ସାମିଲ କରିଛନ୍ତି। ସେମାନେ ଏକ ହ୍ୱାଟ୍ସଆପ୍ ଗ୍ରୁପ କରି ଏହା ମାଧ୍ୟମରେ ଲୋକଙ୍କ ଜରୁରୀ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇପାରୁଛନ୍ତି। ଖାଦ୍ୟ ସାମଗ୍ରୀ ସଂଗ୍ରହ କରାଯିବା ପରେ ପୋଲିସ୍ ଗାଡିରେ ତାହାକୁ ନିଆଯାଉଛି। ଦିନକୁ ଦୁଇ ଥର ସକାଳ ୧୧.୩୦ରେ ଓ ସନ୍ଧ୍ୟା ୫ଟାରେ ଏହାକୁ ଲୋକଙ୍କ ପାଖରେ ପହଞ୍ଚାଯାଉଛି।

## ଚିରନ୍ତନୀ

ଫୁଲେ ଫୁଲେ ଧରା ଉଠେ ଫୁଲି ଯେ
ଯୌବନ ଶିରୀ ଯାଏ ଭୁଲି
ଶିଶୁ ଯଥା ଭୁଲେ ନିଜ କାନ୍ତି
ଭୁବନେ ଜାଗିଛି ସେହି ଭ୍ରାନ୍ତି
କୋକିଳ ଭ୍ରମର ଆଜି ଗା'ନ୍ତି
ସେହି ଗୀତ ବନେ ବନେ ବୁଲି ହେ!

(ଫଗୁଣ ଜ୍ୟୋତ୍ସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଠିକ୍ ହେଉନି

ମହାଶୟ,

ସରକାର ଅନେକ ସଂସ୍କାର ଆଣୁଛନ୍ତି। କେତେ ନିୟମ କରୁଛନ୍ତି। କିନ୍ତୁ ସବୁଗୁଡିକ ବେନିୟମରେ ପରିଣତ ହୋଇଯାଉଛି। ସରକାର ବ୍ୟବସ୍ଥା କଲେ ୬୦ ବର୍ଷରେ ଲୋକେ ସରକାରୀ ଚାକିରିରୁ ଅବସର ନେବେ। ଅବସର ପରେ ସେମାନେ ପେନସନ, ଗ୍ରାଚୁଇଟି ଓ ପି.ଏଫ. ଇତ୍ୟାଦି ମୋଟା ଅଙ୍କର ଅର୍ଥ ପାଉଛନ୍ତି। ତାହା ସତ୍ତ୍ୱେ ମଧ୍ୟ ସେମାନଙ୍କୁ ୧୦, ୧୫, ୨୦ ହଜାର ଟଙ୍କା ଦେଇ ଅବସର ପରେ ପୁନଃନିଯୁକ୍ତି ଦିଆଯାଉଛି। ସେମାନେ ମଲା ପର୍ଯ୍ୟନ୍ତ ସେହି ଚୌକିରେ ବସି କାମ କରୁଛନ୍ତି। ଏହାଦ୍ୱାରା କେଉଁ ବେକାରି ସମସ୍ୟା ଦୂର ହେଉଛି। ସରକାର ସଫେଇ ଦେଉଛନ୍ତି, ସେମାନଙ୍କ କାମ ସ୍ୱଳ୍ପ ଅର୍ଥରେ ସୁଚାରୁ ରୂପେ ସମ୍ପାଦିତ ହେଉଛି। କିନ୍ତୁ ସାଧାରଣ ଲୋକ ଏବଂ ବେକାର ଯୁବକ ଯୁବତୀଙ୍କ କଥାକୁ ସରକାର ଭୁଲିଯାଉଛନ୍ତି। ଫଳତଃ ସେମାନେ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ଟଙ୍କିକିଆ ଚାଉଳ, ୫ ଟଙ୍କିଆ ଆହାର ମିଳିଯାଉଛି। ଗାଆଁର ଚାଷ ଜମିରେ ବେଣା ଚରିଗଲାଣି। ସରକାର ସେଗୁଡିକୁ ଆବାଦ କରି ଲୋକଙ୍କୁ ଚାଷ କରିବାକୁ ପ୍ରୋତ୍ସାହିତ କରୁନାହାନ୍ତି। ଜଳସେଚନର ବ୍ୟବସ୍ଥା ମଧ୍ୟ କରୁନାହାନ୍ତି। ଗାଆଁ ମୁଣ୍ଡରେ କିମ୍ବା ସହରର ଜନଗହଳି ଅଞ୍ଚଳରେ ଏତେ ମଦ ଦୋକାନ ଖୋଲିଦେଲେଣି ଯେ ପିଲାଏ ହାତ ପାହାନ୍ତାରେ ମଦ ବୋତଲ ପାଇଯାଉଛନ୍ତି। ତାସ ଖେଳରେ ସମୟ ଅତିବାହିତ କରୁଛନ୍ତି। ନେତାଙ୍କର ଡାକରା ଆସିଲେ ଶକ୍ତି ପ୍ରଦର୍ଶନ କରି ନେତାଙ୍କର ଜୟଜୟକାର କରୁଛନ୍ତି। ଏ ପିଲାଏ କେତେଦିନ ଯାଏ ପରାଙ୍ଗପୁଷ୍ଟ ହୋଇ ରହିବେ, ତାହା ବୁଝି ହେଉନାହିଁ। ସେମାନଙ୍କର ଭବିଷ୍ୟତ କ'ଣ ହେବ?

-ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ତାଳଦଣ୍ଡା ସେତୁ ଦୁର୍ବଳ

ନୂଆବଜାରଠାରେ ବ୍ରିଟିଶ ଅମଳର ପୁରୁଣା କାଳିଆ ପଥରେ ନିର୍ମିତ ପୋଲରେ ଫାଟ ଦେଖାଦେଲାଣି। ଚାରି ଚକିଆ, ଦୁଇ ଚକିଆ ଓ ଛ'ଚକିଆ ଦୈନିକ ଯା ଆସ କରୁଅଛି। ଏପରି କି ବାଲି ବୋଝେଇ ଡମ୍ଫର ଓ ଟ୍ରକ ଯାଉଅଛି। ପଥର ପରିବର୍ତ୍ତେ କଂକ୍ରିଟ୍ ଢଳେଇ କରାଯାଉ। ଓସାରିଆ ନ ଥିବାରୁ ଗୋଟିଏ ଗାଡି ଯିବା ବେଳେ ଅନ୍ୟ ଗାଡି ଅପେକ୍ଷା କରିବାକୁ ପଡିଥାଏ। ତୁରନ୍ତ ପୋଲକୁ ସ୍ଥାୟୀ କରାଗଲେ ଅଘଟଣ ଘଟିବାରୁ ସୁରକ୍ଷା ମିଳିପାରିବ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦିନକର ଦରମା ଦେବାକୁ ଓଏଏସ୍ ସଂଘର ଘୋଷଣା

**ଭୁବନେଶ୍ୱର, ୨।୪(ବ୍ୟୁରୋ):** ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣକୁ ପ୍ରତିହତ କରିବା ଦିଗରେ ରାଜ୍ୟ ସରକାରଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପ୍ରଶାସନିକ ସେବା ସଂଘ(ଓଏଏସ୍) ପକ୍ଷରୁ ସମସ୍ତ ସଦସ୍ୟା ଏବଂ ସଦସ୍ୟ ସେମାନଙ୍କ ଦିନକର ଦରମା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ କରିବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ମାଧ୍ୟମରେ ସଂଘ ତରଫରୁ ଜଣାଇ ଦିଆଯାଇଛି। ଜିଲା ସଂଘଗୁଡ଼ିକ ଏକ ସଙ୍ଗରେ ଆଦାୟ ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରେ ଜମା କରିବାକୁ କୁହାଯାଇଛି। ସଂଘ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସମସ୍ତ ଉଦ୍ୟମରେ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଜଣାଇଛି। ସେହିପରି ରାଧାକୃଷ୍ଣ ଏଜେନ୍ସିର ମାଲିକ ତାଙ୍କ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍-୧୯ ପାଣ୍ଠିକୁ ୧ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ କଳ୍ପନା ଛକ ଟୋକା ସଂଘ ୧୨ହଜାର ଟଙ୍କା ଦାନ କରିଛି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କୁ ଏହି ଚେକ୍ ସେମାନେ ପ୍ରଦାନ କରିଛନ୍ତି।

### ଓଡ଼ିଆଙ୍କ ସମସ୍ୟା ବୁଝିବାକୁ କର୍ଣ୍ଣାଟକ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

**ଭୁବନେଶ୍ୱର, ୨।୪(ବ୍ୟୁରୋ):** କରୋନା ଲକ୍ ଡାଉନ କାରଣରୁ କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ଓଡିଆ ଲୋକମାନେ ଅଟକି ରହିଥିବାବେଳେ ସେମାନଙ୍କ ଉପଯୁକ୍ତ ଯତ୍ନ ନେବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍ ୟେଦୁରୁପ୍ପା ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, ଲୋକଙ୍କ ଖାଇବା, ରହିବା ଏବଂ ସ୍ୱାସ୍ଥ୍ୟବ୍ୟବସ୍ଥାକୁ ଗୁରୁତ୍ୱ ଦେବା ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଉଭୟ ମୁଖ୍ୟମନ୍ତ୍ରୀ ଓଡିଆ ଲୋକଙ୍କ ଆନୁସଙ୍ଗିକ ବ୍ୟବସ୍ଥା କରିବା ସହିତ ଉପଯୁକ୍ତ ଯତ୍ନ ନେବାର ପ୍ରତିଶ୍ରୁତି ଦେଇଛନ୍ତି। ଓଡିଶା ଭଉଣୀ, ଭାଇ ଏବଂ ଗୁରୁଜନମାନେ ଯେଉଁଠାରେ ଅଛନ୍ତି ସେଠାରେ ରୁହନ୍ତୁ। ସମ୍ପୃକ୍ତ ରାଜ୍ୟର ସରକାର ଏବଂ ଜିଲା ପ୍ରଶାସନ ସହ ଯୋଗସୂତ୍ରରେ ରହି ସବୁ ପ୍ରକାର ସହଯୋଗ ଲାଗି ପ୍ରୟାସ କରୁଛନ୍ତି। ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ଆହୁରି ୩ ସଂସ୍ଥାରେ ପରୀକ୍ଷା ପାଇଁ ଅନୁମତି ମାଗିଲା ରାଜ୍ୟ

#### ୫୦,୦୦୦ ନମୁନା ପରୀକ୍ଷା ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର,୨।୪(ବ୍ୟୁରୋ):** ବ୍ୟାପକ ପରିମାଣରେ ବ୍ୟକ୍ତିବିଶେଷଙ୍କ ନମୁନା ପରୀକ୍ଷା ଦ୍ୱାରା ରାଜ୍ୟରେ କରୋନା ସମ୍ପର୍କିତ ସ୍ପଷ୍ଟ ଚିତ୍ର ମିଳିପାରିବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମସ୍ତ ପଦକ୍ଷେପ ନେଉଛି। ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଏମ୍ସ, ଆର୍ଏମ୍ଆର୍ସି ଏବଂ କଟକସ୍ଥିତ ଏସ୍ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ କରୋନା ସମ୍ପର୍କିତ ନମୁନା ପରୀକ୍ଷା କରାଯାଉଛି। ରାଜ୍ୟରେ ନମୁନା ପରୀକ୍ଷାକୁ ତ୍ୱରାନ୍ୱିତ କରିବା ପାଇଁ ଆଉ ୩ଟି ସଂସ୍ଥାକୁ ଅନୁମତି ଦେବାକୁ ଅନୁରୋଧ କରାଯାଇଛି। ଏହି ସଂସ୍ଥାଗୁଡିକ ହେଉଛି ବ୍ରହ୍ମପୁରସ୍ଥିତ ଏମ୍କେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ସମ୍ବଲପୁର ବୁର୍ଲାସ୍ଥିତ ଭିମ୍ସାର ଏବଂ ସୁନ୍ଦରଗଡ଼ ଜିଲା ରାଉରକେଲାର ଆରଜିଏଚ୍। ସେହିପରି ଆଗାମୀ ଦିନରେ ଅନ୍ୟୂନ ୫୦,୦୦୦ ନମୁନା ପରୀକ୍ଷା କରିବା କିଟ୍ ଯୋଗାଇ ଦେବା ପାଇଁ ଓଡ଼ିଶା ପକ୍ଷରୁ ଅନୁରୋଧ କରାଯାଇଛି।

# ଆରମ୍ଭ ହେବ 'ମୋ ପ୍ରତିଭା' କାର୍ଯ୍ୟକ୍ରମ

## ଲକ୍ଡାଉନ୍‌ରେ ଶିଶୁ, କିଶୋରଙ୍କୁ ସୃଜନଶୀଳ କରିବାକୁ ନିଆରା ପ୍ରୟାସ




**ଭୁବନେଶ୍ୱର,୨।୪(ବ୍ୟୁରୋ)**

କରୋନା ସଂକ୍ରମଣ ବ୍ୟାପିବାକୁ ରୋକିବା ଲାଗି ଦେଶରେ ୨୧ଦିନିଆ ଲକ୍ଡାଉନ୍ ଘୋଷଣା ହୋଇଛି। ଏହାଦ୍ୱାରା ସବୁବର୍ଗର ଲୋକେ ପ୍ରଭାବିତ ହୋଇଛନ୍ତି। ଏପରି କି କୋମଳମତି ଶିଶୁ, ଛୋଟ ପିଲା ଏବଂ ଛାତ୍ରୀଛାତ୍ର ଏଥିରୁ ବାଦ୍ ପଡ଼ି ନାହାନ୍ତି। ସ୍କୁଲ ବନ୍ଦ ରହିଥିବାରୁ ପିଲାମାନେ ପୂରା ସମୟ ଘରେ ରହୁଛନ୍ତି। ଏଭଳିସ୍ଥିତିରେ ଶିଶୁ, କିଶୋର ଏବଂ ଛାତ୍ରୀଛାତ୍ରଙ୍କୁ ଏହି ଲକ୍ଡାଉନ୍ ସମୟରେ ସୃଜନଶୀଳ କାର୍ଯ୍ୟରେ ନିୟୋଜିତ ରଖିବାକୁ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ରାଜ୍ୟ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ସହ ୟୁନିସେଫ୍‌ର ମିଳିତ ସହଯୋଗରେ ଖୁବ୍‌ଶୀଘ୍ର 'ମୋ ପ୍ରତିଭା' ନାମକ ଏକ ଅନ୍‌ଲାଇନ୍ ପ୍ରତିଯୋଗିତାର ଆୟୋଜନ କରିବାକୁ ସ୍ଥିର ହୋଇଛି।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୫ ରୁ ୧୮ ବର୍ଷ ବୟସର ଶିଶୁ ତଥା କିଶୋରୀକିଶୋରଙ୍କ ପାଇଁ 'ଲକ୍ ଡାଉନ୍ ସମୟରେ ଗୃହ ଭିତରେ ରହିବାର ଅନୁଭବ' ଓ 'ଜଣେ ଯୁବ ନାଗରିକ ହିସାବରେ କୋଭିଡ୍-୧୯ ସମୟରେ ମୋର କର୍ତ୍ତବ୍ୟ' ପ୍ରସଙ୍ଗ ଉପରେ ଚିତ୍ରାଙ୍କନ, ପୋଷ୍ଟର ତିଆରି, ସ୍ଲୋଗାନ ରଚନା, କ୍ଷୁଦ୍ରଗଳ୍ପ ଓ କବିତା ରଚନା ପ୍ରତିଯୋଗିତା କରାଯିବ। କ୍ଷୁଦ୍ରଗଳ୍ପ ୫୦୦ଶବ୍ଦ ମଧ୍ୟରେ ଲେଖିବାକୁ କୁହାଯାଇଥିବାବେଳେ ପଠାଯାଇଥିବା ବିଷୟ ନିଜେ ଲେଖିଥିବା ଆବଶ୍ୟକ। ଏହି ପ୍ରତିଯୋଗିତାକୁ ୫ରୁ ୧୦ ବର୍ଷ, ୧୧ ରୁ ୧୬ ବର୍ଷ ଏବଂ ୧୬ ରୁ ୧୮ ବର୍ଷ ୩ଟି ବର୍ଗରେ ବିଭକ୍ତ କରାଯିବ। ବିଜେତାଙ୍କ ନାମ ପ୍ରତି ଗୁରୁବାର ଘୋଷଣା କରାଯିବ। ସମସ୍ତ ଲେଖା, ଚିତ୍ରାଙ୍କନ, ପୋଷ୍ଟର ପ୍ରତିଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଅନ୍‌ଲାଇନ୍‌ରେ ପଠାଇବାକୁ ହେବ। ଅନ୍‌ଲାଇନ ମାଧ୍ୟମରେ ଏହି ପ୍ରତିଯୋଗିତରେ ଭାଗ ନେବାକୁ ଚାହୁଁଥିବା ୫ ରୁ ୧୮ବର୍ଷର ପିଲାମାନେ ସେମାନଙ୍କ ସମ୍ପୂର୍ଣ୍ଣ ନାମ, ଠିକଣା, ବୟସ, ସ୍କୁଲର ବିବରଣୀ ହ୍ୱାଟ୍ସଆପ୍ ନମ୍ବର ୭୬୫୭୦୩୯୮୯୧ ଏବଂ ଇମେଲ୍ info@sportsodisha.gov.in ରେ ନାମ ପଞ୍ଜିକରଣ କରିବାକୁ କୁହାଯାଇଛି। ଓଡ଼ିଶା ସରକାର ଏବଂ ୟୁନିସେଫ୍ ତରଫରୁ ବିଜେତାମାନଙ୍କୁ ମାନପତ୍ର ପ୍ରଦାନ କରାଯିବା ସହ ଶ୍ରେଷ୍ଠ ନିର୍ବାଚିତ ପ୍ରସଙ୍ଗଗୁଡ଼ିକ କୋଭିଡ୍-୧୯ ସୂଚନା ପ୍ରଚାର ଅଭିଯାନରେ ବ୍ୟବହୃତ ହେବ। ଏ ସମ୍ପର୍କରେ ଅଧିକ ତଥ୍ୟ ପାଇଁ www.sportsodisha.gov.in ଏବଂ www.wcdodisha.gov.in ୱେବ୍‌ସାଇଟ୍‌ରେ ଯୋଗାଯୋଗ କରିବାକୁ କୁହାଯାଇଛି।

# ପୂର୍ବତଟ ରେଳପଥର ୨୬୧ କୋଚ୍ ହେବ ଆଇସୋଲେଶନ ସେଣ୍ଟର

- ୧୫ ତାରିଖ ସୁଦ୍ଧା ପ୍ରସ୍ତୁତି କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ
- ଭୁବନେଶ୍ୱରରେ ରହିବ ସର୍ବାଧିକ ୩ ଟ୍ରେନ୍
- ରୋଗୀଙ୍କ ପାଇଁ ଉପଲବ୍ଧ ରହିବ ସମସ୍ତ ସୁବିଧା

**ଭୁବନେଶ୍ୱର,୨।୪(ବ୍ୟୁରୋ)**

କରୋନା ଭାଇରସ୍ କୋଭିଡ୍-୧୯ ବିରୋଧରେ ଲଢେଇ ପାଇଁ ଭାରତୀୟ ରେଳପଥ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରିଛି। ଅତ୍ୟାବଶ୍ୟକ ସାମଗ୍ରୀ ପରିବହନଠାରୁ ଆରମ୍ଭ କରି ଅସହାୟଙ୍କୁ ଖାଦ୍ୟ ଯୋଗାଇବା ସହ ମାସ୍କ ଓ ସାନିଟାଇଜର ଯୋଗାଣ ଉପରେ ଗୁରୁତ୍ୱ ଦେଇଛି। ସେହିଭଳି କରୋନା ସଂକ୍ରମିତଙ୍କ ପାଇଁ ଟ୍ରେନ୍‌ର କୋଚ୍‌ଗୁଡ଼ିକୁ ବ୍ୟବହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅନୁଯାୟୀ ପୂର୍ବତଟ ରେଳପଥ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୨୬୧ କୋଚ୍‌କୁ କ୍ୱାରାଣ୍ଟାଇନ୍ ଓ ଆଇସୋଲେଶନ ଫ୍ୟାସିଲିଟି ସେଣ୍ଟରରେ ପରିଣତ କରାଯିବ। ପୂର୍ବତଟ ରେଳପଥ ଅଧୀନ ବିଭିନ୍ନ କୋଚିଂ ଡିପୋଟ୍ ଏବଂ ୱାର୍କଶପ୍‌ରେ ଯୁଦ୍ଧକାଳୀନ ଭିତ୍ତିରେ ଏହି ରୂପାନ୍ତରଣ କାର୍ଯ୍ୟ କରାଯିବ। ମଞ୍ଚେଶ୍ୱରସ୍ଥିତ ୱାର୍କଶପ୍‌ରେ ୫୧ କୋଚ୍, ପୁରୀ କୋଚିଂ ଡିପୋରେ ୩୯, ଭୁବନେଶ୍ୱରରେ ୪୬, ସମ୍ବଲପୁରରେ ୩୨, ବିଶାଖାପାଟଣାରେ ୬୦ ଏବଂ ଖୋର୍ଦ୍ଧା ରୋଡ୍ ଷ୍ଟେଶନରେ ୩୩ କୋଚ୍‌ରେ ଏହି ବ୍ୟବସ୍ଥା ଉପଲବ୍ଧ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ଦିଆଯାଇଛି।

ଏପ୍ରିଲ୍ ୨ ସୁଦ୍ଧା ୨୩ କୋଚ୍‌କୁ ଆଇସୋଲେଶନ ଓ କ୍ୱାରାଣ୍ଟାଇନ୍‌ରେ ରୂପାନ୍ତରଣ କରାଯାଇଛି। ମଞ୍ଚେଶ୍ୱର ଓ ଖୋର୍ଦ୍ଧା ରୋଡ୍‌ରେ ଗୋଟିଏ ଲେଖାଏ, ପୁରୀରେ ୫, ଭୁବନେଶ୍ୱର ଓ ସମ୍ବଲପୁରରେ ୬ଟି ଲେଖାଏ ଏବଂ ବିଶାଖାପାଟଣାରେ ୪ଟି କୋଚ୍‌ର କାମ ଶେଷ ହୋଇଛି। ଆକ୍ରାନ୍ତ ଓ ସନ୍ଦିଗ୍ଧଙ୍କ ରହିବା ଲାଗି ଆବଶ୍ୟକ ସମସ୍ତ ସୁବିଧା ଏଠାରେ ଉପଲବ୍ଧ କରାଯାଇଛି। ଝରକାଗୁଡ଼ିକରେ ମଶାରୀ ଲଗାଯାଇଥିବାବେଳେ ପ୍ରତି କୋଚ୍‌ରେ ଗୋଟିଏ ବାଥ୍‌ରୁମ୍ ଓ ୩ ଶୌଚାଳୟ, ଲିକୁଇଡ୍ ଶପ୍ ଡିସ୍‌ପେନ୍ସର, ଡଷ୍ଟବିନ୍, ଚାର୍ଜିଂ ପଏଣ୍ଟ, ବେଡ୍‌ଶିଟ୍ ଓ ତକିଆ, ପ୍ଲାଷ୍ଟିକ୍ କର୍ଟେନ ଆଦି ଆବଶ୍ୟକ ବ୍ୟବସ୍ଥା ହୋଇଛି। ଏହାବ୍ୟତୀତ ଅକ୍ସିଜେନ୍ ସିଲିଣ୍ଡର ଓ ଆବଶ୍ୟକ ସମସ୍ତ ମେଡିକାଲ ଫ୍ୟାସିଲିଟି ମଧ୍ୟ ରହିଛି। ପ୍ରତି କୋଚ୍‌ର ପ୍ରଥମ କ୍ୟାବିନ୍‌କୁ ପାରାମେଡିକାଲ ଅଞ୍ଚଳଭାବେ ବ୍ୟବହାର କରାଯିବ ଓ ବାକି ସମସ୍ତ କ୍ୟାବିନ୍‌ରେ ରୋଗୀ ରହିବେ। ଅନ୍ୟସବୁଠି ରୂପାନ୍ତରଣ କାମ ସମ୍ପୂର୍ଣ୍ଣଭାବେ ଶେଷ ହେବାପରେ ଏହାକୁ ଟ୍ରେନ୍ ଇଞ୍ଜିନ ସହ ଯୋଡ଼ାଯାଇ ବିଭିନ୍ନ ଷ୍ଟେଶନରେ ରଖାଯିବ। ସେଠାରେ କୋଭିଡ୍-୧୯ ରୋଗୀଙ୍କ ପାଇଁ ଆବଶ୍ୟକ ସମସ୍ତ ପ୍ରକାର ଚିକିତ୍ସା ସେବା ଉପଲବ୍ଧ ହେବ। ଭୁବନେଶ୍ୱରରେ ୩ ଟ୍ରେନ୍, ଖୋର୍ଦ୍ଧା ରୋଡ୍‌ରେ ୨, ସମ୍ବଲପୁରରେ ୨, ଟିଟିଲାଗଡ଼ରେ ଗୋଟିଏ, ବିଶାଖାପାଟଣାରେ ୩, କଟକ ଓ ବିଜୟନଗରମ୍‌ରେ ଗୋଟିଏ ଲେଖାଏ ଏବଂ ପୁରୀ ଷ୍ଟେଶନରେ ୨ଟି କ୍ୱାରାଣ୍ଟାଇନ ଟ୍ରେନ୍ ରହିବ। ଆସନ୍ତା ୧୫ ସୁଦ୍ଧା ସମସ୍ତ କାମ ସାରିବାକୁ ପୂର୍ବତଟ ରେଳପଥ ଲକ୍ଷ୍ୟ ରଖିଥିବା ସୂଚନା ଦିଆଯାଇଛି।

# ୫ ପ୍ରତିଶତ ଲୋକ ଲକ୍‌ଡାଉନ୍ ନିୟମ ମାନୁନାହାନ୍ତି

**ଭୁବନେଶ୍ୱର, ୨।୪(ବ୍ୟୁରୋ)**

ଶୃଙ୍ଖଳିତ ଓ ବ୍ୟବସ୍ଥିତ ରହି ଲକ୍‌ଡାଉନ୍‌ର ଅବଶିଷ୍ଟ ସମୟକୁ ସଫଳ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଲକ୍‌ଡାଉନ୍‌ର ପ୍ରଥମ ସପ୍ତାହରେ ହୋଇଥିବା ଭୁଲ୍‌ର ପୁନରାବୃତ୍ତି ନ କରି ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ଘରେ ରହି ଲକ୍‌ଡାଉନ୍‌କୁ ଶତପ୍ରତିଶତ ସଫଳ କରିବାକୁ ସେ ନିବେଦନ କରିଛନ୍ତି। ଏକ ଭିଡିଓ ବାର୍ତ୍ତା ଜରିଆରେ ଧର୍ମେନ୍ଦ୍ର କହିଛନ୍ତି ଯେ, ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇଥିବା ଲକ୍‌ଡାଉନକୁ ପାଖାପାଖି ଏକସପ୍ତାହ ପୂରିଥିବା ବେଳେ ଏହା ଦ୍ୱିତୀୟ ସପ୍ତାହକୁ ପ୍ରବେଶ କରିଛି। ଦେଶର ସମସ୍ତ ନାଗରିକ, ସବୁ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ସବୁ ପ୍ରକାର ଭେଦଭାବକୁ ଭୁଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଲକ୍‌ଡାଉନ୍ ଆହ୍ୱାନକୁ ସଫଳ କରିବାରେ ଲାଗିଛନ୍ତି। ସମସ୍ତେ କରୋନାକୁ ହରାଇବା ପାଇଁ ଏକଜୁଟ ହୋଇଛନ୍ତି। ସମସ୍ତେ ଭେଦଭାବକୁ ଭୁଲି କରୋନା ବିରୋଧରେ ଏକାଠି ହେବା ଭଳି ଦେଶରେ ଗୋଟିଏ ବଡ଼ ଜନ ଆନ୍ଦୋଳନ ତିଆରି ହୋଇଛି, ହେଲେ କିଛି ଛୋଟ ବିସଙ୍ଗତି ବା ଅବ୍ୟବସ୍ଥା ଦୃଷ୍ଟିକୁ ଆସିଛି। ସାରା ଦେଶ ଲକ୍‌ଡାଉନ୍ ସତ୍ତ୍ୱେ କିଛି ଜାଗାରେ ଲୋକମାନେ ଘରୁ ବାହାରକୁ ବାହାରୁଛନ୍ତି। ଦେଶର ପ୍ରାୟ ୯୦ରୁ ୯୫ ପ୍ରତିଶତ ଲୋକ ଏହାକୁ ଶୃଙ୍ଖଳିତ ଭାବେ ପାଳନ କରୁଥିବାବେଳେ ୫ ପ୍ରତିଶତ ଲୋକ ଏହାର ବ୍ୟତିକ୍ରମ କରିବାକୁ ଚେଷ୍ଟା କରୁଛନ୍ତି। ଲକ୍‌ଡାଉନକୁ ଶୃଙ୍ଖଳିତଭାବେ ପାଳନ କରୁ ନ ଥିବା ଲୋକଙ୍କୁ ବୁଝାଇ ଶତପ୍ରତିଶତ ସଫଳ କରିବାକୁ ପଡିବ। ଆମେରିକା, ଇଟାଲୀ, ଚାଇନା ସମେତ ଅନେକ ଧନୀ ରାଷ୍ଟ୍ର କରୋନା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାତ୍ର ବିଶ୍ୱର କିଛି ଛୋଟ ଦେଶ ଲକ୍‌ଡାଉନକୁ ସୀମିତ ରଖି ସଙ୍କଟକୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି। ବର୍ତ୍ତମାନ ଅଜାଣତରେ ଛୋଟ ଭୁଲ୍ ହେଲେ ଏହାର ବଡ଼ ମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଭିଡିଓ କନ୍‌ଫରେନ୍ସିଂରେ ଅଧିକାରୀଙ୍କ ସହ କଥା ହେଲେ ପିପିଲି ବିଧାୟକ

**ପିପିଲି, ୨।୪ (ସ୍ୱ.ପ୍ର.):** ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ଲକ୍‌ଡାଉନ ସ୍ଥିତି ସମ୍ପର୍କରେ ଗୁରୁବାର ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି ପିପିଲି ବିଧାୟକ ପ୍ରଦୀପ ମହାରଥୀ। ଆଇସୋଲେଶନ ସେଣ୍ଟର ଗୁଡ଼ିକ ସମ୍ପର୍କରେ ପୁରୀ ସିଡିଏମଓଙ୍କୁ ପଚାରି ବୁଝିଥିଲେ। ମଙ୍ଗଳପୁର ଓ ପାଣିଦୋଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଧାୟକ ପାଣ୍ଠିରୁ ଅନୁଦାନ ଯୋଗାଇ ଦିଆଯାଇଛି। ତାହାକୁ ଖର୍ଚ୍ଚ କରିବାକୁ ସେ ପରାମର୍ଶ ଦେବା ସହ ଆବଶ୍ୟକ ପଡ଼ିଲେ ଆହୁରି ୫୦ ଲକ୍ଷ ଟଙ୍କା ଦିଆଯିବ ବୋଲି ମହାରଥୀ କହିଥିଲେ। ଗହଳିକୁ ଦୃଷ୍ଟିରେ ରଖି ପଦାପଡ଼ିଆରେ ଚାଲିଥିବା ଅସ୍ଥାୟୀ ପିପିଲି ହାଟକୁ ପୁଣି ପିପିଲି ହାଟ ଛକଠାରୁ ବ୍ଲକ ଛକ ପର୍ଯ୍ୟନ୍ତ କରିବା ପାଇଁ ସେ ପିପିଲି କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକଣ୍ଠ ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଶାସନ ଭାଙ୍ଗିଦେଲା ରାମନବମୀ ମଣ୍ଡପ

## ପ୍ରଶାସନିକ ନିର୍ଦ୍ଦେଶ ସତ୍ତ୍ୱେ ମାନି ନ ଥିଲେ, ୭ ଗିରଫ

**ବଲାଙ୍ଗୀର ଅଫିସ, ୨।୪**

କରୋନା ସଂକ୍ରମଣକୁ ଆଖି ଆଗରେ ରଖି ସରକାର ଲକ୍‌ଡାଉନ୍ କଟକଣା ଜାରି କରିଛନ୍ତି। ଅତ୍ୟାବଶ୍ୟକ କାମ ନ ଥିଲେ ଘରୁ ନ ବାହାରିବାକୁ ପ୍ରଶାସନ ପକ୍ଷରୁ ତାଗିଦ୍ କରାଯାଇଛି। ଏସବୁ ତାଗିଦ୍ ଓ ସଚେତନତା ସତ୍ତ୍ୱେ କେତେକେ ଏହି ନିୟମ ମାନୁନାହାନ୍ତି। ବଲାଙ୍ଗୀର ସହର ଉପକଣ୍ଠ ସଦାଇପାଲି ଗାଁରେ ଏଭଳି କେତେକ ଲୋକ ଲକ୍‌ଡାଉନ୍ ନିୟମର ଖୋଲାଖୋଲି ଉଲ୍ଲଂଘନ କରି ମଣ୍ଡପ ତିଆରି କରି ଗୁରୁବାର ରାମନବମୀ ଉତ୍ସବ ପାଳନ ଉଦ୍ୟମ କରିଥିଲେ। ଖବର ପାଇ ପ୍ରଶାସନିକ ଅଧିକାରୀ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରାମନବମୀ ମଣ୍ଡପକୁ ଭାଙ୍ଗି ଦେଇଥିଲେ। ଏଥିସହିତ ୭ଜଣଙ୍କୁ ପୋଲିସ ଗିରଫ କରିଛି।

ମଣ୍ଡପ ତିଆରି ଖବର ପାଇବା ପରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଆଡିଶନାଲ ଏସ୍‌ପି ମନୋରଞ୍ଜନ ପ୍ରଧାନ, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି କୌଣସି ଉତ୍ସବ ନ କରିବାକୁ କହିଥିଲେ। ପ୍ରଶାସନ ୧୦ ଦିନ ପୂର୍ବରୁ ସେଠାରେ ମଣ୍ଡପ ତିଆରି ନ କରି ଉତ୍ସବ ନ କରିବାକୁ କହିଥିଲା। ଏହାସତ୍ତ୍ୱେ ସେଠାରେ ମଣ୍ଡପ ତିଆରି କରାଯାଇଥିଲା। ତେବେ ପ୍ରଶାସନିକ ଅଧିକାରୀଙ୍କ ସଚେତନତାକୁ ନ ମାନି କେତେକ ଲୋକ ଯୁକ୍ତିତର୍କ କରିଥିଲେ। ପ୍ରଶାସନ ପକ୍ଷରୁ ୭ଜଣଙ୍କ ନାଁରେ ନିୟମ ଉଲ୍ଲଂଘନ କରିଥିବାରୁ ମାମଲା ରୁଜୁ କରାଯାଇ ଗିରଫ କରାଯାଇଥିଲା। ପରେ ପ୍ରଶାସନ ପକ୍ଷରୁ ଜେସିବି ଅଣାଯାଇ ମଣ୍ଡପକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିଲା। ଏନେଇ ସଦର ଥାନା ଆଇଆଇସି ତୋଫାନ୍ ବାଗଙ୍କୁ ପଚରାଯିବାରୁ ଆଇନ ଉଲ୍ଲଂଘନ କରିଥିବାରୁ ମଣ୍ଡପ ଭଙ୍ଗାଯିବା ସହ ୭ ଜଣଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ତେବେ ଗିରଫ ୭ ଜଣଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡାଯାଇଥିବା ସେ ସୂଚନା ଦେଇଛନ୍ତି।



ସଦେଇପାଲିଠାରେ ତିଆରି ହୋଇଥିବା ରାମନବମୀ ମଣ୍ଡପକୁ ପ୍ରଶାସନ ଜେସିବି ଲଗାଇ ଭାଙ୍ଗି ଦେଇଛି।

# 'ଆତଙ୍କିତ ନ ହୋଇ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଅ'

## କୋଭିଡ୍-୧୯ ସଂକ୍ରମିତଙ୍କୁ ସରକାରଙ୍କ ପରାମର୍ଶ

**ଭୁବନେଶ୍ୱର,୨।୪(ବ୍ୟୁରୋ)**

ଯଦି କୌଣସି ବ୍ୟକ୍ତିଙ୍କୁ କରୋନା ଲକ୍ଷଣ ଥିବା ଅନୁଭୂତ ହୁଏ ସମ୍ପୃକ୍ତ ବ୍ୟକ୍ତି ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ଆବଶ୍ୟକ। ଏଥିରେ କୌଣସି ଭୟଭୀତ ହେବାର ନାହିଁ। ସୂଚନା ଦେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମାଗଣା ଚିକିତ୍ସା ସହ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଏହା ସତ୍ତ୍ୱେ କରୋନା ସନ୍ଦିଗ୍ଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଉଥିବା ଫୋନ୍ କଲକୁ ଉଠାଉ ନାହାନ୍ତି। ଗୁରୁବାର ଗଣମାଧ୍ୟମକୁ ଏକ ଉଦାହରଣ ଦେଇ ରାଜ୍ୟ ସରକାରଙ୍କ (କୋଭିଡ-୧୯) ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି ଯେ, ଜଣେ କରୋନା ଆକ୍ରାନ୍ତ ବ୍ୟକ୍ତିଙ୍କ ନିକଟକୁ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ୪୯ ଥର ଫୋନ୍ କରିବା ପରେ ସମ୍ପୃକ୍ତ ବ୍ୟକ୍ତି ଫୋନ୍ ଉଠାଇଥିଲେ। କଫ, ଛିଙ୍କ, ଜ୍ୱର ଏବଂ ଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କଲେ ତାହା କରୋନା ଲକ୍ଷ୍ୟ ହୋଇପାରେ ବୋଲି ବାଗ୍‌ଚୀ କହିଛନ୍ତି। ଯଦି ଏପରି ହେଉଥିବ ତେବେ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଲେ ସମ୍ପୃକ୍ତ ବ୍ୟକ୍ତି ନିଜେ ଚିକିତ୍ସା ସୁରକ୍ଷା ପାଇବା ସହ ଅନ୍ୟମାନଙ୍କୁ ସୁରକ୍ଷିତ ରଖିପାରିବ। ଲୋକମାନେ ସରକାରଙ୍କ ଗାଇଡଲାଇନ ଅନୁକରଣ କରିବା ଦରକାର ବୋଲି ବାଗ୍‌ଚୀ କହିଛନ୍ତି।

# ୧୧୨ ନିର୍ବାଚନମଣ୍ଡଳୀର ଅସହାୟ ଲୋକଙ୍କୁ ଖାଦ୍ୟ ଦେଲାଣି ଭାଜପା

**ଭୁବନେଶ୍ୱର, ୨।୪(ବ୍ୟୁରୋ)**

କରୋନାରୁ ରକ୍ଷା ପାଇବା ପାଇଁ ସାମାଜିକ ଦୂରତ୍ୱ ଏକମାତ୍ର ବିକଳ୍ପ ହୋଇଥିବାରୁ ଦେଶବ୍ୟାପୀ ୨୧ଦିନ ପାଇଁ ଲକ୍‌ଡାଉନ୍ ଘୋଷଣା ହୋଇଛି। ଏହା ପ୍ରଭାବରେ ସାରା ବିଶ୍ୱ ଆଜି ଆର୍ଥିକ ସଙ୍କଟରେ ଗତି କରୁଛି। ଏଭଳି ସମୟରେ ଯେପରି ଜଣେ ହେଲେ ଗରିବ ଅସହାୟ ଭୋକିଲା ନ ରୁହେ ସେଥିପ୍ରତି ଧ୍ୟାନ ଦେବାକୁ ଭାଜପା କାର୍ଯ୍ୟକର୍ତ୍ତାମାନେ ଉଦ୍ୟମ ଜାରି ରଖିଛନ୍ତି। ଭାଜପାର ୪ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ବର୍ତ୍ତମାନ ସୁଦ୍ଧା ରାଜ୍ୟର ୧୧୨ଟି ବିଧାନସଭା ନିର୍ବାଚନମଣ୍ଡଳୀ, ୨୫୨ ବ୍ଲକ ଏବଂ ପୌରପାଳିକାରେ ବାସ କରୁଥିବା ୩୭ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧା ଏବଂ ୧୫ହଜାରରୁ ଅଧିକ ଶୁଖିଲା ଖାଦ୍ୟ ଓ ରାଶନ ସାମଗ୍ରୀ ବଣ୍ଟନ କରିଛନ୍ତି। କରୋନା ସଙ୍କଟ ଦୂରହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଲକ୍‌ଡାଉନ ସମୟରେ 'ଫିଡ୍ ଦି ନିଡି – ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନା' କାର୍ଯ୍ୟକ୍ରମ ଜରିଆରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଗରିବ, ଦିନ ମଜୁରିଆ, ଦୁଃଖୀଜନ ତଥା ଅଭାବୀ ଲୋକଙ୍କ ପାଖରେ ରନ୍ଧା ଓ ଶୁଖିଲା ଖାଦ୍ୟ, ରାଶନ ସାମଗ୍ରୀ, ଔଷଧ, ସାନିଟାଇଜର, ମାସ୍କ ଆଦି ନିତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାର କାର୍ଯ୍ୟ ଚାଲୁ ରହିଛି। ଏହା ସହ କରୋନା ମୁକାବିଲା ପାଇଁ ପିଏମ୍ କେୟାର୍ସ ଫାଣ୍ଡିକୁ କିପରି ଅଧିକରୁ ଅଧିକ ବଦାନ୍ୟ ବ୍ୟକ୍ତିଙ୍କୁ ଯୋଡ଼ିବା ସମ୍ପର୍କରେ ଆଲୋଚନା ହୋଇଛି।

# ପରୀକ୍ଷା କରାଯାଇଥିବା ୧୯ ରିପୋର୍ଟ ନେଗେଟିଭ୍

## ଓଡ଼ିଶାରେ ନିଜାମୁଦ୍ଦିନ ଲିଙ୍କ୍

**ଭୁବନେଶ୍ୱର,୨।୪(ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଦିଲ୍ଲୀସ୍ଥିତ ନିଜାମୁଦ୍ଦିନ୍ ଘଟଣାରେ ସମ୍ପୃକ୍ତ ଥିବା ୨୭ଜଣଙ୍କୁ ଠାବ କରାଯାଇଛି। ଠାବ ହୋଇଥିବା ଏହି ୨୭ ମଧ୍ୟରୁ ୧୯ଜଣଙ୍କ ନମୁନା ପରୀକ୍ଷା କରାଯାଇଥିଲା। ସେମାନଙ୍କଠାରୁ ସଂଗୃହୀତ ସମସ୍ତ ନମୁନା ନେଗେଟିଭ୍ ଆସିଥିବା ଜଣାପଡ଼ିଛି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଗୁରୁବାର ୨୧୩ଟି ନମୁନା ପରୀକ୍ଷା କରାଯାଇଥିଲା। ସମସ୍ତ ରିପୋର୍ଟ ନେଗେଟିଭ ଆସିଥିବା ଜଣାପଡ଼ିଛି। ଆରଏମ୍ଆରସିରେ ୧୭୬, ଏମ୍ସରେ ୨୭ ଏବଂ ଏସ୍‌ସିବିରେ ୧୦ ନମୁନା ପରୀକ୍ଷା ହୋଇଛି। ଏହିପରି ଭାବେ ଖବର ଲେଖାହେବା ବେଳକୁ ୧୧୧୩ଟି ନମୁନା ପରୀକ୍ଷା ହୋଇଛି। ତନ୍ମଧ୍ୟରୁ ୫ ପଜିଟିଭ ରହିଥିଲା। ଏଥିସହିତ ଜଣେ ସଂକ୍ରମଣରୁ ମୁକ୍ତ ହୋଇ ସାରିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।



## ଜିଲା ଚିଠି

### କେନ୍ଦ୍ରାପଡ଼ା

# ଜେଲରେ ଭିଡ଼

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ କୋର୍ଟ କାର୍ଯ୍ୟ ସୀମିତ। ଫଳରେ କେନ୍ଦ୍ରାପଡ଼ା ସବ୍‌ଜେଲରେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଠାରେ ମୋଟ ୧୯୦ ଜଣ କଏଦୀଙ୍କ ରହିବା ବ୍ୟବସ୍ଥା ଥିବାବେଳେ ଇତିମଧ୍ୟରେ ଏହି ସଂଖ୍ୟା ୨୨୦ରୁ ଊର୍ଦ୍ଧ୍ୱ ହୋଇଛି। ସୀମିତ ପରିସୀମାରେ କଏଦୀଙ୍କ ସଂଖ୍ୟା ବୃଦ୍ଧି କରୋନା ଭୂତାଣୁ ସଂକ୍ରମଣ ଭୟକୁ ବଢ଼ାଇ ଦେଇଛି। ନିକଟରେ ଉଚ୍ଚ ନ୍ୟାୟାଳୟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷା ଜଷ୍ଟିସ ସଞ୍ଜୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭିଡିଓ କନଫେରେନ୍ସିଂ ପରେ ବହୁ ବିଚାରାଧୀନ କଏଦୀ ଓ ଦୋଷୀଙ୍କୁ ଅନ୍ତରୀଣ ଜାମିନ ଅଥବା ପାରୋଲରେ ଛାଡିବା ପାଇଁ ଆଲୋଚନା ହୋଇଛି। ଏହାଦ୍ୱାରା ଜେଲରେ କରୋନା ସଂକ୍ରମଣରୁ ରକ୍ଷା ପାଇଁ ସାମାଜିକ ଦୂରତ୍ୱକୁ କାର୍ଯ୍ୟକାରୀ କରିହେବ। ତେବେ କେନ୍ଦ୍ରାପଡ଼ା ଜେଲରେ କଏଦୀଙ୍କ ସଂଖ୍ୟା ବୃଦ୍ଧି ନୂଆ ନୁହେଁ। ତଥ୍ୟ ଅନୁଯାୟୀ, ପ୍ରତିମାସ ପ୍ରାୟ ୩୫୦ରୁ ଅଧିକ ଅଭିଯୁକ୍ତ ଏହି ଜେଲରେ କିଛି ଦିନ ବା ସମୟ ପାଇଁ ରହିଥାନ୍ତି। ୨୦୧୮ରେ ଆଇନଜୀବୀଙ୍କ ଆନ୍ଦୋଳନ ସମୟରେ କଏଦୀଙ୍କ ଭିଡ଼ ଏକ ବିସ୍ଫୋରକ ସ୍ଥିତି ଆଣିଥିଲା। ଏହି ସମୟରେ ୫୧୯ ଜଣ କଏଦୀ ଏଠାରେ ରହିଥିଲେ। ଏଥିପାଇଁ ସେତେବେଳେ ୪୯ ଜଣ କଏଦୀଙ୍କୁ ଚୌଦ୍ୱାର ଜେଲକୁ ପଠାଯାଇଥିଲା। କଏଦୀଙ୍କ ସଂଖ୍ୟା ବୃଦ୍ଧି ସମସ୍ୟାର ସମାଧାନ ପାଇଁ ଜେଲ ପରିସର ନବୀକରଣ କରାଯିବା ଜରୁରୀ ହୋଇପଡିଛି। ବିଭିନ୍ନ ସମୟରେ ଗୃହ ବିଭାଗ ପକ୍ଷରୁ ଜିଲା ପ୍ରଶାସନ ନିକଟକୁ ଚିଠି ଆସିଥିବା ବେଳେ ଜେଲ କର୍ତ୍ତୃପକ୍ଷ ମଧ୍ୟ ଜିଲାପାଳଙ୍କୁ ଏ ନେଇ ଅବଗତ କରାଇଛନ୍ତି। ଡେରାବିଶ ତହସିଲ ଅଧୀନ ବାରିମୂଳଠାରେ ସ୍ଥାପିତ ଏହି ଜେଲର ପରିସୀମା ଏବେ ୪.୭୫ ଏକରରେ ସୀମିତ ଅଛି। ଏହାକୁ ୧୫ ଏକରରୁ ଅଧିକ ଆକାର ଦେବା ପାଇଁ ଜେଲ କର୍ତ୍ତୃପକ୍ଷ ୨୦୧୯ ଜୁନ ଓ ଜୁଲାଇରେ ଦୁଇଟି ଚିଠି ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ୨୦୧୯ ଅଗଷ୍ଟ ୧୯ ତାରିଖରେ ଡେରାବିଶ ତହସିଲଦାରଙ୍କୁ ଜେଲ ପରିସର ନିକଟରେ ଥିବା ସରକାରୀ ଜମି ଅନୁଧ୍ୟାନ କରିବାକୁ ଜିଲାପାଳ ଏକ ଚିଠି (୧୬୧୧) କରିଛନ୍ତି। ୭ ମାସ ପୂର୍ବର ଏହି ଚିଠିକୁ କାର୍ଯ୍ୟକାରୀ କରିବା ଏବେ ଜରୁରୀ ହୋଇଛି। ନ୍ୟାୟିକ ବ୍ୟବସ୍ଥାରେ ଜେଲ୍ ଏକ ଅପରିହାର୍ଯ୍ୟ ଅଙ୍ଗ। ଏହା ଦୋଷୀଙ୍କ ସଜା କାଟିବା ସହିତ ବିଚାରାଧୀନ କଏଦୀଙ୍କ ବାସସ୍ଥାନ। ଏହାର ପରିସର ବୃଦ୍ଧି ହେଲେ କଏଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାଠାରୁ ଆରମ୍ଭ କରି କୁଟୀରଶିଳ୍ପର ବିଭିନ୍ନ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇପାରିବ।

– ଜଗନ୍ନାଥ ଧଳ



❝ କୋଭିଡ୍-୧୯ର ପ୍ରଭାବ ଦେଶର ବିତ୍ତ ବଜାର ଉପରେ ଗଭୀର ଭାବେ ପଡିଛି। ଏହାକୁ କମ୍ କରିବା ଲାଗି ସରକାର ପୁନଶ୍ଚ ସହାୟତା କରିବା ଆବଶ୍ୟକ ।

– ଦୀପକ ସୁଦ, ମହାସଚିବ, ଆସୋଚାମ



❝ ଲକ୍‌ଡାଉନର ଧାର୍ଯ୍ୟ ସମୟ ପରେ ବିମାନ କମ୍ପାନୀଗୁଡିକ ପୂର୍ବବତ ସେବା ପ୍ରଦାନ କରିବେ। କଟକଣା ସମୟ ପରେ ଯେକୌଣସି ଦିନ ଲାଗି ବିମାନ କମ୍ପାନୀ ଟିକେଟ ବୁକିଂ କରିପାରିବେ।

– ପ୍ରଦୀପ ସିଂ ଖରୋଲା, ବେସାମରିକ ବିମାନ ଚଳାଚଳ ସଚିବ

# ଲକ୍‌ଡାଉନ ପାଇଁ ଦୈନିକ କ୍ଷତି ୪.୬୪ ବିଲିୟନ ଡଲାର

**ନୂଆଦିଲ୍ଲୀ, ୨।୪:** କୋଭିଡ୍-୧୯ ବ୍ୟାପିବା ରୋକିବା ଲାଗି ସାରା ଦେଶରେ ଏବେ ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହା ଦ୍ୱାରା ବାଣିଜ୍ୟ କାରବାର ଠପ୍ ହୋଇଥିବା ବେଳେ ବିମାନ, ଟ୍ରେନ ସମେତ ଅନ୍ୟ ପରିବହନ ବ୍ୟବସ୍ଥାକୁ ମଧ୍ୟ ବନ୍ଦ ରଖାଯାଇଛି। ଏଥିଲାଗି ଦୈନିକ ଭିତ୍ତିରେ ଦେଶର ଅର୍ଥ ବ୍ୟବସ୍ଥାକୁ ୪.୬୪ ବିଲିୟନ ଡଲାର କ୍ଷତି ସହିବାକୁ ପଡୁଛି। ଏହି ୨୧ ଦିନର ଲକ୍‌ଡାଉନ ସମୟ ମଧ୍ୟରେ ଭାରତ ମୋଟ ୯୮ ବିଲିୟନ ଡଲାର କ୍ଷତି ସହିବ ବୋଲି ଆକ୍ୱିଟ ରେଟିଂସ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ଗୁରୁବାର ଏକ ରିପୋର୍ଟରେ କୁହାଯାଇଛି। କୋଭିଡ୍ ପାଇଁ ସାରା ବିଶ୍ୱ ଲକ୍‌ଡାଉନ ହୋଇଛି। ଭାରତର କିଛି ଅଂଶକୁ ପ୍ରଥମେ ଲକ୍‌ଡାଉନ କରାଯାଇଥିଲା। ମାର୍ଚ୍ଚ ୨୫ରେ ସାରା ଦେଶକୁ ସମ୍ପୂର୍ଣ୍ଣ ଭାବେ ଲକ୍‌ଡାଉନ ଘୋଷଣା କରାଯାଇଛି। ଏପ୍ରିଲ ୧୫ରେ ଲକ୍‌ଡାଉନ ଉଠିଯିବ ବୋଲି ସରକାର କହୁଥିବା ବେଳେ ୨୧ ଦିନର ଲକ୍‌ଡାଉନ ଯୋଗୁ ବାଧାପ୍ରାପ୍ତ ହୋଇଥିବା ଆର୍ଥିକ କାର୍ଯ୍ୟକଳାପର ଗତି ଠିକ୍ ଟ୍ରାକ୍‌କୁ ଆସିବା ଲାଗି ଅଧିକ ଦିନ ଲାଗିବ ବୋଲି ଏଜେନ୍ସି ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ଭାରତ ସମେତ ସାରା ବିଶ୍ୱ କୋଭିଡ ପ୍ରକୋପରେ ଏବେ କ୍ଷତିଗ୍ରସ୍ତ ହୋଇଛି। ବିଶ୍ୱ ଅବସ୍ଥାକୁ ୨୦୨୦ରେ ମାନ୍ଦାବସ୍ଥା ଜାବୁଡି ଧରିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ପୂର୍ବାନୁମାନ କରିଛି। ଆକ୍ୱିଟ ରେଟିଂ ମୁତାବକ ୨୦୨୦-୨୧ ଆର୍ଥିକ ବର୍ଷ ଏପ୍ରିଲ-ଜୁନ ସମୟ ମଧ୍ୟରେ ଜିଡିପିରେ ୫ରୁ ୬% ହ୍ରାସ ହେବାର ଆଶଙ୍କା କରାଯାଇଛି। ସେହିଭଳି ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ମଧ୍ୟ ଆର୍ଥିକ କାର୍ଯ୍ୟକଳାପ ଶୀଘ୍ର ସୁଧାର ସ୍ଥିତିକୁ ଫେରିବା କଷ୍ଟକର ବୋଲି ପୂର୍ବାନୁମାନ କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୨-୩% ରହିବା ନେଇ ଏହା ପୂର୍ବାନୁମାନ କରିଛି। ବିଶେଷକରି ଦ୍ୱିତୀୟ ତ୍ରୈମାସରେ ଅର୍ଥ ବ୍ୟବସ୍ଥାରେ ସାମାନ୍ୟ ସୁଧାର ଆସିବାର ସମ୍ଭାବନା ରହିଛି ବୋଲି କୁହାଯାଇଛି।

ଏହି ସମୟରେ ଦେଶର ପରିବହନ, ହୋଟେଲ, ରେଷ୍ଟୁରାଣ୍ଟ ଏବଂ ରିୟଲ ଇଷ୍ଟେଟ ଭଳି କ୍ଷେତ୍ରଗୁଡିକରେ କାର୍ଯ୍ୟକଳାପ ଠପ୍ ହୋଇଯାଇଥିବାରୁ କ୍ଷେତ୍ରଗୁଡିକ ବେଶି କ୍ଷତି ସହିଛନ୍ତି। ଏହି କ୍ଷେତ୍ରଗୁଡିକରେ ୫୦% ଗ୍ରସ ଭାଲ୍ୟୁ ଆଡେଡ(ଜିଭିଏ) କ୍ଷତି ସହିବାକୁ ପଡୁଛି ବୋଲି ଆକ୍ୱିଟ ରେଟିଂର ସିଇଓ ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି। ଏହାବାଦ ଶିଳ୍ପଗୁଡିକର କାର୍ଯ୍ୟକଳାପ ମଧ୍ୟ ପ୍ରଭାବିତ ହୋଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର କାର୍ଯ୍ୟକଳାପରେ ପ୍ରଭାବ ମଧ୍ୟ ଦେଖାଯାଇଛି। ଲକ୍‌ଡାଉନ ପରେ ଯୋଗାଣ ଚେନ୍ ଠିକ୍ କରିବା ଲାଗି ୨ରୁ ୩ ମାସ ସମୟ ଲାଗିବ ବୋଲି କୁହାଯାଇଛି।



- ଆକ୍ୱିଟ ରେଟିଂସର ଆକଳନ
- ୨୧ ଦିନରେ ୯୮ ବିଲିୟନ ଡଲାର କ୍ଷତି ସହିବ ଭାରତ
- ଯୋଗାଣ ଚେନ୍ ଠିକ୍ ହେବାକୁ ସମୟ ଲାଗିବ

## ଅନିଶ୍ଚିତତାରେ ବିମାନ, ହୋଟେଲ ଶିଳ୍ପ

କରୋନା ଭୂତାଣୁ ଦେଶ ମଧ୍ୟରେ ଏବେ ବ୍ୟାପିଚାଲିଥିବା ବେଳେ ଦେଶର ବିମାନଚଳାଚଳ, ହୋଟେଲ ଏବଂ ମିଡିଆ କମ୍ପାନୀଗୁଡିକ ଏବେ ପରିଚାଳନା ନେଇ ଚ୍ୟାଲେଞ୍ଜ ସାମ୍ନା କରୁଛନ୍ତି। ଏହି ଶିଳ୍ପଗୁଡିକର ପରିଚାଳନା ଦିନକୁ ଦିନ ଅନିଶ୍ଚିତତା ଭିତରକୁ ଚାଲିଯାଉଥିବା ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଉକ୍ତ ଶିଳ୍ପଗୁଡିକୁ ସରକାର ସହାୟତା ପ୍ୟାକେଜ ଘୋଷଣା କରିବା ଆବଶ୍ୟକ ବୋଲି ବିଶେଷଜ୍ଞ କହିଛନ୍ତି। ସାରା ଦେଶରେ ବିମାନ ସେବା ଏବେ ଠପ୍ ହୋଇଥିବା ବେଳେ ଏହା ସହ ଜଡିତ ସପ୍ଲାୟର ଭେଣ୍ଡର ମଧ୍ୟ ସମସ୍ୟା ସାମ୍ନା କରୁଛନ୍ତି। ଦେଶର ବିମାନ କମ୍ପାନୀଗୁଡିକ ପରିଚାଳନାଜନିତ କ୍ଷତି ସହିବା ଯୋଗୁ କର୍ମଚାରୀଙ୍କ ବେତନ କାଟ ନେଇ ଘୋଷଣା କରିଛନ୍ତି। ଲକ୍‌ଡାଉନ ଖୋଲିବା ପରେ ମଧ୍ୟ ବିମାନ ସେବା ନେଇ ଚାହିଦା ଠିକ୍ ହେବ ବୋଲି ସ୍ପଷ୍ଟ ଭାବେ କହି ହେବ ନାହିଁ ବୋଲି କେୟାର ରେଟିଂ ପକ୍ଷରୁ ସୂଚନା ରହିଛି। ସେହିଭଳି ଆଗାମୀ କିଛି ତ୍ରୈମାସ ଲାଗି ଦେଶର ହୋଟେଲ ଶିଳ୍ପ ପ୍ରଭାବିତ ସ୍ଥିତିରେ ରହିବ ବୋଲି କୁହାଯାଇଛି। ହୋଟେଲ ଏବଂ ପର୍ଯ୍ୟଟନ ଶିଳ୍ପ ସହ ଜଡିତ ଲିଜର ଆଡଭେଞ୍ଚର, ହେରିଟେଜ, କ୍ରୁଜ କ୍ଷେତ୍ରର ସ୍ଥିତି ମଧ୍ୟ ଏହି ସମୟରେ ବିଗିଡିଯାଇଛି। ଏହା ସ୍ଥିତାବସ୍ଥାକୁ ଫେରିବାକୁ ହେଲେ ଆହୁରି କିଛି ଦିନ ଲାଗିବ। ସେହିଭଳି ଟିଭି, ପ୍ରିଣ୍ଟ, ସିନେମା ଶିଳ୍ପ ଏବଂ ଲାଇଭ ଇଭେଣ୍ଟ ଶିଳ୍ପ କ୍ଷତିଗ୍ରସ୍ତ ସ୍ଥିତିରେ ରହିଥିବା କୁହାଯାଇଛି।

**୧.୫ ଲକ୍ଷ କୋଟି କ୍ଷତି ସହିବ ପର୍ଯ୍ୟଟନ ଶିଳ୍ପ**





## ଲକ୍‌ଡାଉନ ଉଠାଇଦେବାକୁ ପରାମର୍ଶ

ବଜାରରୁ ଲକ୍‌ଡାଉନ ଉଠାଇ ଦେବାକୁ ଏଭଳି ସ୍ଥିତିରେ କେତେଜଣ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଆର୍ଥିକ ସ୍ଥିତିକୁ ବିଚାର କରି ଲକ୍‌ଡାଉନ ଉଠାଇବା ନେଇ ସରକାର ବିଚାର କରିବାର ଆବଶ୍ୟକତା ରହିଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଦେଶର ଦିନ ମଜୁରିଆ ଲୋକ ଅନେକ ଦିନ ଧରି ଜୀବିକା ହରାଇ ବସିଲେ ସେମାନେ ଭୋକରେ ମରିଯିବେ ବୋଲି ବିଶେଷଜ୍ଞ ଯୁକ୍ତି ବାଢିଛନ୍ତି। ସମସ୍ତଙ୍କୁ ଦୈନିକ ଖାଦ୍ୟ ଯୋଗାଇବା ସରକାରଙ୍କ ଲାଗି ସମ୍ଭବ ନୁହେଁ। ମନରେଗା ଭଳି ସ୍କିମଠାରୁ ଏବେ ମଧ୍ୟ ବହୁତ ଲୋକ ଦୂରରେ ରହିଥିବା ସେମାନେ କହିଛନ୍ତି। ଆମେରିକା ଓ ୟୁରୋପରେ ଲକ୍‌ଡାଉନ ହେଲେ ଏହାକୁ ଭାରତ ସହ ତୁଳନା କରିବା ଠିକ୍ ହେବ ନାହିଁ ବୋଲି ଏକ ରିପୋର୍ଟରେ କୁହାଯାଇଛି। ସେଠାରେ ଭାରତ ଭଳି ବହୁତ ସଂଖ୍ୟାରେ ଶ୍ରମିକ ନାହାନ୍ତି। ଲୋକମାନେ ସଚେତନ ଥିବାରୁ ଲକ୍‌ଡାଉନକୁ ମାନିଥାନ୍ତି। ମାତ୍ର ଭାରତରେ ଲକଡାଉନ ଘୋଷଣା ପରେ ଲୋକ ଏହାକୁ ମାନିବା ପରିବର୍ତ୍ତେ ଲକ୍ଷ ଲକ୍ଷ ସଂଖ୍ୟାରେ ରାସ୍ତାକୁ ଓହ୍ଲାଇଛନ୍ତି। ଆମେରିକା ଏବଂ ୟୁରୋପରେ ଶ୍ରମିକଙ୍କ ସଂଖ୍ୟା କମ୍ ଥିବାରୁ ଏହି ପ୍ରସଙ୍ଗକୁ ସମ୍ଭାଳିବା ସହଜ ହୋଇଥାଏ। ମାତ୍ର ଭାରତର ଚିତ୍ର ଏବେ ବାରି ହେଉଛି। କିଛି ପାଶ୍ଚାତ୍ୟ ଦେଶ କମ୍ପାନୀଗୁଡିକୁ ପାଣ୍ଠି ଯୋଗାଇ ଦେଇଛନ୍ତି।



## ବ୍ୟାଙ୍କଗୁଡ଼ିକ ପାଇଁ ଆଉଟଲୁକ୍ ନେଗେଟିଭ କଲା ମୁଡିସ୍





ମୁଡିସ୍ ଇନଭେଷ୍ଟର୍ସ ସର୍ଭିସ ଗୁରୁବାର ଭାରତୀୟ ବ୍ୟାଙ୍କଗୁଡିକ ଲାଗି ଆଉଟଲୁକ୍‌କୁ ନେଗେଟିଭ୍ କରିଛି। ଏହା ପୂର୍ବରୁ ଆଉଟଲୁକ୍ ଷ୍ଟେବଲ ବୋଲି ମୁଡିସ କହିଥିଲା। ବ୍ୟାଙ୍କଗୁଡିକର ଆସେଟ କ୍ୱାଲିଟି ବା ସମ୍ପତ୍ତି ଗୁଣବତ୍ତା ବର୍ତ୍ତମାନ ସମୟରେ ପ୍ରଭାବିତ ସ୍ଥିତିରେ ରହିବ ବୋଲି ଏହି ଏଜେନ୍ସି ମତ ରଖିଛି। କରୋନା ପ୍ରଭାବ ଯୋଗୁ ଦେଶର ଆର୍ଥିକ କାର୍ଯ୍ୟକଳାପ କମିଛି। ଏହାର ପ୍ରଭାବ ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ର ଉପରେ ପଡିଛି ବୋଲି ମୁଡିସ ଏହାର ରିପୋର୍ଟରେ ଉଲ୍ଲେଖ କରିଛି। କର୍ପୋରେଟ, କ୍ଷୁଦ୍ର ଏବଂ ମଧ୍ୟମ ଏଣ୍ଟରପ୍ରାଇଜେସ, ରିଟେଲ ସେଗମେଣ୍ଟରେ ଆସେଟ କ୍ୱାଲିଟି ପ୍ରଭାବିତ ହେବ। ଏ କ୍ଷେତ୍ରରେ ଉଭୟ ଲାଭ ଏବଂ ପୁଞ୍ଜି ଉପରେ ଚାପ ରହିବ। କରୋନା ଏବଂ ଆର୍ଥିକ କାର୍ଯ୍ୟକଳାପ ହ୍ରାସ ହେବା ଯୋଗୁ ଅର୍ଥନୈତିକ ମାନ୍ଦାବସ୍ଥା ବଜାରରେ ରହିବ ବୋଲି ରିପୋର୍ଟରେ କୁହାଯାଇଛି। ଲକ୍‌ଡାଉନ ପାଇଁ ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ନିବେଶ ଏବଂ ଚାହିଦା ଗଭୀର ଭାବେ ପ୍ରଭାବିତ ରହିବ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ପୁଞ୍ଜି ଏବଂ ନଗଦରେ ସ୍ଥିତାବସ୍ଥା ରହିଥିବା ଏହା ପ୍ରକାଶ କରିଛି। ଏହି ସମୟରେ କ୍ଷୁଦ୍ର ଘରୋଇ ବ୍ୟାଙ୍କଗୁଡିକ କେତେକ ଚ୍ୟାଲେଞ୍ଜ ସାମ୍ନା କରିପାରନ୍ତି ବୋଲି କୁହାଯାଉଛି।

## ନିମ୍ନ ସ୍ତରରେ ବିଜ୍‌ନେସ୍ ସେଣ୍ଟିମେଣ୍ଟ

କରୋନା ଯୋଗୁ ଦେଶର ମାନୁଫାକଚରିଂ କ୍ଷେତ୍ର କାର୍ଯ୍ୟକଳାପ ମାର୍ଚ୍ଚ ମାସରେ ହ୍ରାସ ଘଟିଛି। ଏହା ୪ ମାସର ସର୍ବନିମ୍ନ ସ୍ତର। କରୋନା ଏବଂ ଅନ୍ତର୍ଜାତୀୟ ବଜାରର ଚାହିଦା କମିବା ଯୋଗୁ ମାନୁଫାକଚରିଂ କମିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଆଇଏଚ୍‌ଏସ୍ ମାର୍କିଟ ଇଣ୍ଡିଆର ମାନୁଫାକ୍‌ଚରିଂ ପିଏମ୍‌ଆଇ ମାର୍ଚ୍ଚରେ ୫୧.୮%କୁ ଖସିଛି। ଏହା ଫେବୃୟାରିରେ ୫୪.୫% ରହିଥିଲା। ନଭେମ୍ବର ୨୦୧୯ ପରଠାରୁ ବାଣିଜ୍ୟିକ ସ୍ଥିତି ନିମ୍ନରେ ରହିଛି ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। କରୋନା ଯୋଗୁ କମ୍ପାନୀଗୁଡିକ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଥିବା ଆଇଏଚ୍‌ଏସ୍ ମାର୍କିଟର ଅର୍ଥନୀତିଜ୍ଞ ଇଲିୟଟ କେର୍ ସୂଚନା ଦେଇଛନ୍ତି। କରୋନା ଯୋଗୁ ବଜାର ଉପରେ ଖରାପ ପ୍ରଭାବ ଆଗାମୀ ଦିନଗୁଡିକରେ ମଧ୍ୟ ରହିବ ବୋଲି କେର୍ ମତ ପ୍ରକାଶ କରିଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ, ଉଭୟ ଲକ୍‌ଡାଉନ ଏବଂ ଚାହିଦା ହ୍ରାସର ପ୍ରଭାବ ବଜାର ଉପରେ ରହିଛି। ନୂଆ ଅର୍ଡର ଆସିବା କମିବା ଯୋଗୁ ଏହାର ପ୍ରଭାବ ଉତ୍ପାଦନ ଉପରେ ପଡିଛି। ସେହିଭଳି ଘରୋଇ ବଜାରରୁ ରପ୍ତାନି ମଧ୍ୟ କମିଛି। ଏହାର ପ୍ରଭାବ ଶିଳ୍ପ ଉପରେ ରହିଛି ବୋଲି କେର୍ କହିଛନ୍ତି।



## ୩୫% କମିପାରେ ଘର ବିକ୍ରି

ଦେଶର ଆବାସ ରିୟଲ ଇଷ୍ଟେଟ କରୋନା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଲକ୍‌ଡାଉନ ଯୋଗୁ ଏହି ଶିଳ୍ପର କାର୍ଯ୍ୟ ଏବେ ବନ୍ଦ ରହିଛି। ଏଥିଯୋଗୁ ୨୦୨୦ କ୍ୟାଲେଣ୍ଡର ବର୍ଷରେ ପ୍ରମୁଖ ସହରଗୁଡିକରେ ଘର ବିକ୍ରି ୩୫% ଖସିପାରେ ବୋଲି କୁହାଯାଉଛି। ଅଫିସ ଏବଂ ରିଟେଲ ରିୟଲ ଇଷ୍ଟେଟ ସେଗ୍‌ମେଣ୍ଟରେ କରୋନା ପ୍ରଭାବ ଗଭୀର ଭାବେ ରହିଥିବା ବ୍ରୋକରେଜ ଫାର୍ମ ଆନାରକ୍ ପ୍ରକାଶ କରିଛି। ବଜାରରେ ମାନ୍ଦାବସ୍ଥା ରହିଥିବା ବେଳେ ଏଥିରେ କାର୍ଯ୍ୟକଳାପ ପ୍ରଭାବିତ ସ୍ଥିତିରେ ରହିଥିଲା। ବର୍ତ୍ତମାନ କରୋନା ଯୋଗୁ ସ୍ଥିତି ଆହୁରି ବିଗିଡିଛି ବୋଲି ଆନାରକ ଏହାର ରିପୋର୍ଟରେ ପ୍ରକାଶ କରିଛି। ବଜାରର ସ୍ଥିତି ଠିକ୍ ନ ଥିବା ଯୋଗୁ ଚାହିଦା କମିଛି ବୋଲି ଆନାରକ ପ୍ରପର୍ଟିର କନସଲଟାଣ୍ଟ ଅଧ୍ୟକ୍ଷ ଅନୁଜ ପୁରୀ ସୂଚନା ଦେଇଛନ୍ତି।



## ଯାତ୍ରୀବାହୀ ଯାନ ବିକ୍ରିରେ ବୃହତ୍ ହ୍ରାସ

କରୋନା ପ୍ରଭାବରେ ଯାତ୍ରୀବାହୀ ଯାନ ବିକ୍ରି ବୃହତ୍ ପରିମାଣରେ ହ୍ରାସ ଘଟିଛି। ଏହାବାଦ ୨ ଚକିଆ ବିକ୍ରି ଉପରେ ଏହାର ପ୍ରଭାବ ମଧ୍ୟ ପରିଲକ୍ଷିତ ହୋଇଛି। ରିପୋର୍ଟ ମୁତାବକ ମାର୍ଚ୍ଚ ମାସରେ ହ୍ୟୁଣ୍ଡାଇର ଯାନ ବିକ୍ରିରେ ୪୭% ହ୍ରାସ ଘଟିଥିବା ସୂଚନା ରହିଛି। ମାରୁତି ସୁଜୁକିର ମାର୍ଚ୍ଚ ବିକ୍ରି ୪୭% କମିଥିବା ବେଳେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ବିକ୍ରି ୮୮% ଖସିଯାଇଛି। ସେହିଭଳି ଟିଭିଏସ୍ ମୋଟର୍ସର ବିକ୍ରି ୫୫% ଖସିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।



# ନାଲ୍‌କୋର ରେକର୍ଡ ଉତ୍ପାଦନ

**ଭୁବନେଶ୍ୱର, ୨।୪:** ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ) ୨୦୧୯-୨୦ ଆର୍ଥିକ ବର୍ଷରେ ବକ୍ସାଇଟ ଏବଂ ଆଲୁମିନା ଉତ୍ପାଦନ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ ହାସଲ କରିଛି। କମ୍ପାନୀ ୧୦୦%ରୁ ଊର୍ଦ୍ଧ୍ୱ କ୍ଷମତା ଉପଯୋଗକରି ଏହାର ଦାମନଯୋଡି ସ୍ଥିତ ପଞ୍ଚପଟମାଳି ବକ୍ସାଇଟ ମାଇନ୍ସରେ ୭୩.୦୨ ଲକ୍ଷ ମେଟ୍ରିକ ଟନ୍ ବକ୍ସାଇଟ ଉତ୍ତୋଳନ କରିପାରିଛି। ସେହିଭଳି ଆଲୁମିନା ପରିଶୋଧନ ପ୍ରକଳ୍ପରେ ୨୧.୬୧ ଲକ୍ଷ ମେଟ୍ରିକ ଟନ୍ ସର୍ବକାଳୀନ ରେକର୍ଡ ଉତ୍ପାଦନ କରିବାକୁ ସକ୍ଷମ ହୋଇଥିବା ନାଲ୍‌କୋ ପକ୍ଷରୁ ସୂଚନା ଦିଆଯାଇଛି। ଆଲୁମିନା ରିଫାଇନେରିର ଷ୍ଟିମ ଆଣ୍ଡ ପାୱାର ପ୍ଲାଣ୍ଟ ମଧ୍ୟ ସର୍ବକାଳୀନ ରେକର୍ଡ ଉତ୍ପାଦନ କରିପାରିଛି। ନାଲ୍‌କୋର ଅନୁଗୋଳସ୍ଥିତ ସ୍ମେଲଟର ପ୍ଲାଣ୍ଟ ୯୦% କ୍ଷମତା ଉପଯୋଗ କରି ୪.୧୮ ଲକ୍ଷ ମେଟ୍ରିକ ଟନ୍ ଆଲୁମିନିୟମ ଉତ୍ପାଦନ କରିଛି। ଏହି ସଫଳତା ଲାଗି କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର କର୍ମଚାରୀଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ବିଶ୍ୱର ମେଟାଲ ବଜାରରେ ମାନ୍ଦାବସ୍ଥା ରହିଥିବାରୁ ଉତ୍ପାଦନରେ ଖର୍ଚ୍ଚକାଟ ନେଇ ଅଭିନବ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କୋଭିଡ୍-୧୯ ଲାଗି କମ୍ପାନୀ ପକ୍ଷରୁ ବିଭିନ୍ନ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି।

# ଏଏସ୍‌ବିଏମ୍‌ରେ ଅନ୍‌ଲାଇନ କ୍ଲାସ୍

**ଭୁବନେଶ୍ୱର, ୨।୪:** ବର୍ତ୍ତମାନର କରୋନାଜନିତ ଲକ୍‌ଡାଉନ ସମୟରେ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍‌ଲାଇନ କ୍ଲାସ ଶୁଭାରମ୍ଭ ହୋଇଛି। ଫାକଲଟିମାନେ ଅନ୍‌ଲାଇନ ଲାଇଭ କ୍ଲାସ୍‌ରୁମ୍ ସେସନ କରୁଥିବା ବେଳେ କୋର୍ସ ଶେଷ କରିବାକୁ ପଦକ୍ଷେପ ନିଆଯାଇଛି। ଛାତ୍ରୀଛାତ୍ରଙ୍କ ଲାଗି ଅନ୍‌ଲାଇନରେ ଡାଉଟ କ୍ଲିୟରିଂ ଏବଂ କାଉନସେଲିଂ ମଧ୍ୟ କରାଯାଉଛି। ବିଶ୍ୱ ବିଦ୍ୟାଳୟ ଭର୍ଚୁଆଲ ମିଟିଂ ଏବଂ ଜୁମ୍ ଆପ୍‌ର ସହାୟତା ନେଉଛି। ଏହି ପଦକ୍ଷେପ ଦ୍ୱାରା ଛାତ୍ରୀଛାତ୍ର ଘରେ ରହିବା ସହ ପାଠ ପଢିବାର ସୁଯୋଗ ପାଇପାରୁଛନ୍ତି। ଏହାବାଦ ଶେଷ ହୋଇ ନ ଥିବା କୋର୍ସକୁ ସାରିବାରେ ଏଭଳି ପଦକ୍ଷେପ ସହାୟତା କରିଛି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ରହିଛି।

# ରାମ୍‌କୋ ସିମେଣ୍ଟ ପକ୍ଷରୁ ସହାୟତା

**ନୂଆଦିଲ୍ଲୀ, ୨।୪:** କୋଭିଡ୍-୧୯ ବିରୋଧୀ ଲଢେଇରେ ରାମ୍‌କୋ ସିମେଣ୍ଟ ଯୋଗଦାନ ରଖିଥିବା ସୂଚନା ଦେଇଛି। କମ୍ପାନୀ ଓଡିଶା ସମେତ ତାମିଲନାଡୁ, କେରଳ, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ସହ ମିଳିତ ହୋଇ ଏ ଦିଗରେ ନିଜର ଯୋଗଦାନ ରଖିଛି। ଓଡ଼ିଶା ଏବଂ ତାମିଲନାଡୁରେ କମ୍ପାନୀ ମେଡିକାଲ ଯନ୍ତ୍ରାଂଶ ଯୋଗାଣ ଦିଗରେ ଯୋଗଦାନ ରଖିଛି। ଏହା ମଧ୍ୟରେ ଅକ୍ସିଜେନ କନ୍‌ସେନଟ୍ରେଟର, ପ୍ରୋଟେକ୍ଟିଭ ଗିୟର ଅନ୍ୟ ଡିଭାଇସ ସାମିଲ ରହିଛି। ଏହା ବାଦ ଲକ୍‌ଡାଉନ ସମୟରେ ଲୋକଙ୍କ ଲାଗି ଖାଦ୍ୟପାନୀୟ ବ୍ୟବସ୍ଥା ଜିଲାପାଳ, ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ହାତକୁ ନିଆଯାଇଛି। କମ୍ପାନୀ ଏହାର ୪ଟି ଫ୍ୟାକ୍ଟ୍ରିରେ ସତର୍କତା ପଦକ୍ଷେପ ଗ୍ରହଣ କରିଛି। କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଉପରେ ଲଗାତର ନଜର ରଖାଯାଇଛି। ଯାନଗୁଡିକରେ ମଧ୍ୟ ପ୍ରତିଷେଧକ ବ୍ୟବସ୍ଥା କରାଯାଇଛି। ଫ୍ୟାକ୍ଟ୍ରି ଭିତରକୁ ପ୍ରବେଶ କରୁଥିବା ପ୍ରତି କର୍ମଚାରୀଙ୍କ ପରୀକ୍ଷା କରାଯାଇ ସୁସ୍ଥତା ନିଶ୍ଚିତ କରାଯାଉଛି। କର୍ମଚାରୀଙ୍କୁ ୩୦ ହଜାର ଫେସ୍‌ମାସ୍କ ଏବଂ ସାବୁନ ପ୍ରଦାନ କରାଯାଇଛି। ସେହିଭଳି ଆଇସୋଲେଶନ ସୁବିଧା, କେତେକ ସ୍ଥାନରେ ଦୈନିକ ମଜୁରି ଭିତ୍ତିରେ କାମ କରୁଥିବା ଦାଦନ ଶ୍ରମିକଙ୍କ ଲାଗି ଆର୍ଥିକ ପ୍ରୋତ୍ସାହନ ଏବଂ ଫ୍ୟାକ୍ଟ୍ରି ନିକଟବର୍ତ୍ତୀ ଗ୍ରାମଗୁଡିକରେ କରୋନା ଜନିତ ସଚେତନତା ହାତକୁ ନିଆଯାଇଛି। କରୋନା ବିରୋଧୀ ଲଢେଇରେ ସରକାରଙ୍କ ସହ ମିଳିତ ହୋଇ ଯୋଗଦାନ ରଖୁଥିବା କମ୍ପାନୀର ସିଇଓ ଏ.ଭି.ଧର୍ମକ୍ରିଷ୍ଣନ ସୂଚନା ଦେଇଛନ୍ତି।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୮ ବାଇକ୍ ଚାଳକଙ୍କୁ ଜରିମାନା

**ବାଲିଅନ୍ତା, ୨।୪(ଡି.ଏନ୍.ଏ):** ଲକ୍‌ଡାଉନ୍ ସମୟରେ ନିୟମ ନ ମାନି ରାସ୍ତାରେ ଗାଡ଼ି ଧରି ବୁଲିବା ଓ ବାଇକ୍ ନେଇ ପରିବା କିଣିବାକୁ ଆସିବା ଚାଳକଙ୍କ ପାଇଁ ମହଙ୍ଗା ପଡ଼ିଛି। ବାଲିଅନ୍ତା ପୋଲିସ୍ ପକ୍ଷରୁ ୨ଦିନ ଧରି ବାଲିଅନ୍ତା ଓ ଆଖପାଖରେ କଡ଼ାକଡ଼ି ଚେକିଂ କରାଯାଇଥିଲା। ୫୦ଟି ବାଇକ୍‌କୁ ଚେକିଂ କରାଯାଇ ତନ୍ମଧ୍ୟରୁ ୧୭ଟି ବାଇକ୍ ଚାଳକଙ୍କୁ ଫେରାଇ ଦିଆଯାଇଥିଲା। ୮ଟି ବାଇକ୍‌ର ଚାଳକଙ୍କୁ ଜରିମାନା କରାଯାଇଛି। ପ୍ରତି ବାଇକ୍ ପିଛା ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ପ୍ରଦୀପ ରାଉତ କହିଛନ୍ତି।

## ସଂକ୍ଷେପରେ

### ନନ୍ଦନକାନନରେ ହିମାଳୟ ଗ୍ରିଫନ ଶାଗୁଣା ମୃତ
#### ସିଂହି ଶ୍ୟାମା ଅସୁସ୍ଥ

**ବାରଙ୍ଗ,୨।୪(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗୁରୁବାର ଏକ ହିମାଳୟଗ୍ରିଫନ ଶାଗୁଣାର ମୃତ୍ୟୁ ହୋଇଛି। ଗତ ଫେବୃୟାରୀ ୨୬ରେ ଉକ୍ତ ଶାଗୁଣାକୁ ଖୋର୍ଦ୍ଧା ରଣପୁରରୁ ଉଦ୍ଧାର କରାଯାଇ ନନ୍ଦନକାନନକୁ ଅଣାଯାଇଥିଲା। ଏହାପରେ ତାକୁ ପ୍ରାଣୀଧନ ଚିକିତ୍ସାଳୟରେ ଡାକ୍ତରଙ୍କ ନଜରବନ୍ଦୀରେ ରଖାଯାଇଥିଲା। କିଛିଦିନ ଡାକ୍ତରଖାନାରେ ରହିବାପରେ ତାର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ତାକୁ ବଟାନିକାଲ ଗାର୍ଡେନରେ ଥିବା ଶାଗୁଣା ପ୍ରଜନନ କେନ୍ଦ୍ରରେ ଛଡ଼ାଯାଇଥିଲା। ଶାଗୁଣାଟି ଆସିବାପରେ ଏହି ପ୍ରଜାତି ଶାଗୁଣାଙ୍କ ସଂଖ୍ୟା ବୃଦ୍ଧିପାଇ ୩ରେ ପହଞ୍ଚିଥିଲା। ହେଲେ ଗୁରୁବାର ଶାଗୁଣାର ମୃତ୍ୟୁପରେ ଏହା ୨କୁ ପୁଣି ହ୍ରାସ ପାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଶାଗୁଣାର ମୃତ୍ୟୁର ପକୃତ କାରଣ ଜଣାପଡ଼ିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିଭଳି ଭାବେ ସିଂହ ସଫାରୀର ଅନ୍ୟତମ ଆକର୍ଷଣୀୟ ସିଂହି ଶ୍ୟାମା ଗୁରୁବାର ଅସୁସ୍ଥ ହୋଇପଡ଼ିବାରୁ ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବୟସାଧିକ ଏହି ମାଈ ସିଂହିର ଭୋକ ବଢ଼ାଇବାପାଇଁ ଗତ କିଛିଦିନ ହେବ ଇଞ୍ଜେକ୍ସନ ଦିଆଯାଉଥିଲା। କିନ୍ତୁ ତାର ଖାଇବାପରିମାଣ ବଢ଼ି ନ ଥିଲା। ଏପରି କି ଝାଡ଼ା ମଧ ନ ହେବାରୁ ଗୁରୁବାର ସିଂହ ସଫାରୀରୁ ଶ୍ୟାମାକୁ ଡାକ୍ତରଖାନାର କ୍ୱାରାଣ୍ଟାଇନ୍‌ରେ ଆଣି ରଖାଯାଇଥିବା ଜଣାପଡ଼ିଛି।

### ୨ହଜାରରୁ ଊର୍ଦ୍ଧ୍ୱ ଅସହାୟଙ୍କୁ ଖାଦ୍ୟ ଯୋଗାଇଛି ଫିକି ଫ୍ଲୋ

**ଭୁବନେଶ୍ୱର,୨।୪(ବ୍ୟୁରୋ):** ଲକ୍‌ଡାଉନ ପାଇଁ ଅଗଣିତ ଗରିବ, ଦିନ ମଜୁରିଆ, ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ, ମାନସିକ ବିକାରଗ୍ରସ୍ତ ଓ ଅଭାବୀ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିସ୍ଥିତିରେ ମହିଳା ଶିଳ୍ପୋଦ୍ୟୋଗୀଙ୍କୁ ନେଇ ଗଠିତ ଫିକି ଫ୍ଲୋ ଓଡିଶା ଅଧ୍ୟାୟ ସହାୟତାର ହାତ ବଢ଼ାଇଛି। ଭୁବନେଶ୍ୱରର ୨୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧାଖାଦ୍ୟ ସହ ଅସହାୟ ଶ୍ରେଣୀର ଲୋକଙ୍କୁ ଶୁଖିଲା ରାଶନ ୨୮ ମାର୍ଚ୍ଚରୁ ଯୋଗାଇ ଆସୁଛି। ଭୁବନେଶ୍ୱର ମହାନଗର ନିଗମ, ହମାରା ବଚପନ୍ ଟ୍ରଷ୍ଟ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଦ୍ୱାରା ଭୁବନେଶ୍ୱର ସହରାଞ୍ଚଳରେ ବସ୍ତିବାସିନ୍ଦା ଓ ଅସହାୟ ଶ୍ରେଣୀର ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରାଯାଇ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏହି ଖାଦ୍ୟବଣ୍ଟନ କରାଯାଉଛି। ଖାଦ୍ୟ ବଣ୍ଟନ ସମୟରେ ସାମାଜିକ ଦୂରତ୍ୱ ଓ ସ୍ୱାସ୍ଥ୍ୟରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି।

### ବାହାର ରାଜ୍ୟର ୧୫ ଶ୍ରମିକଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ

**ବାଲିଅନ୍ତା, ୨।୪(ଡି.ଏନ୍.ଏ):** ବାହାର ରାଜ୍ୟରୁ ଆସି ବାଲିଅନ୍ତା ଅଞ୍ଚଳରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ୧୫ଜଣଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିକକ୍ ସହାୟତାର ହାତ ବଢାଇଛି। ବ୍ଲକ୍ ପ୍ରଶାସନ ନିର୍ଦ୍ଦେଶ କ୍ରମେ ପିକ୍‌କ ପକ୍ଷରୁ ୧୭ ଶ୍ରମିକଙ୍କ ପାଇଁ ଚୁଡା, ଚାଉଳ, ଅଟା, ଡାଲି ଓ ପନିପରିବା ବଣ୍ଟାଯାଇଥିଲା। ପଶ୍ଚିମବଙ୍ଗରୁ କିଛି ମାସ ହେଲା ଏହି ଶ୍ରମିକମାନେ ଆସି ବଇଁଚୁଆ ଅଞ୍ଚଳରେ ରହି ଘର ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ତେବେ ଲକ୍‌ଡାଉନ୍ ଯୋଗୁ ସେମାନେ ଘରକୁ ଫେରି ପାରି ନ ଥିଲେ ।

### ହାଇଦ୍ରାବାଦରେ ଫସିଥିବା ଓଡ଼ିଆଙ୍କୁ ସହଯୋଗ କଲା ପ୍ରଶାସନ

**କାକଟପୁର, ୨।୪(ଡି.ଏନ.ଏ):** କାକଟପୁର ବ୍ଲକର ବିଭିନ୍ନ ଗ୍ରାମରୁ ହାଇଦ୍ରାବାଦରେ କାମ କରୁଥିବା କେତେଜଣ ଓଡ଼ିଆ ଶ୍ରମିକଙ୍କୁ ଘରମାଲିକ ବାହାର କରିଦେବାରୁ ସେମାନେ ହଇରାଣ ହେବା ସହ ବାହାରେ ବୁଲୁଥିଲେ। ଏ ସମ୍ପର୍କରେ କାକଟପୁର ଗମ୍ଭାରୀପଦା ଗ୍ରାମର ସାମାଜିକ କର୍ମୀ ଆଲୋକ କୁମାରଙ୍କୁ ସେମାନେ ଜଣାଇବା ପରେ ଭୁବନେଶ୍ୱରର ସ୍ୱେଚ୍ଛାସେବୀ ସୌମ୍ୟରଞ୍ଜନଙ୍କୁ ଟୁଇଟ କରିଥିଲେ। ସୌମ୍ୟରଞ୍ଜନ ଓଡ଼ିଶା ସରକାର ଏବଂ ତେଲଙ୍ଗାନା ପ୍ରଶାସନ ସହ ସେଠାକାର ବିଧାୟକଙ୍କୁ ଟୁଇଟ କରିଥିଲେ। ଏହାପରେ ସେଠାକାର ପ୍ରଶାସନ ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ସହାୟତା କେନ୍ଦ୍ରରେ ରଖି ରହିବା ଓ ଖାଇବା ବନ୍ଦୋବସ୍ତ କରିଥିଲେ।

# ଶିଳ୍ପୀ, ବୁଣାକାରଙ୍କ ଉପରେ ଚଡ଼କ

## ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଓଡ଼ିଶା ଶିଳ୍ପୀ ମହାସଂଘର ନିବେଦନ



**ଭୁବନେଶ୍ୱର,୨।୪(ବ୍ୟୁରୋ)**

କରୋନା ଲାଗି ବହୁ ଲୋକ ରୋଜଗାର ହରାଇଥିବାବେଳେ ଅନେକ ବେଉସା ବୁଡ଼ିଯାଇଛି। ୨୧ଦିନିଆ ଲକ୍‌ଡାଉନ ରାଜ୍ୟ ଶିଳ୍ପୀ ଓ ବୁଣାକାରଙ୍କ ନିଦ ହଜାଇ ଦେଇଛି। ମାର୍ଚ୍ଚ ୨୨ରେ ଜନତା କର୍ଫ୍ୟୁ ଓ ଏହାପରଠାରୁ ଲକ୍‌ଡାଉନ୍ ଯୋଗୁ ହସ୍ତତନ୍ତ ଓ ହସ୍ତକଳାର ବିକ୍ରିବଟା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏପରି କି କଞ୍ଚାମାଲ୍ ନ ଥିବାରୁ ଘରେ ବସି ଲୁଗା ବୁଣିବା ବି ଆଉ ସମ୍ଭବ ହେଉନି। ବଜାର ବନ୍ଦ ଥିବାରୁ ବୁଣାକାରଙ୍କ ନିକଟରେ ଆବଶ୍ୟକ ସୂତା ଆଦି କଞ୍ଚାମାଲର ଘୋର ଅଭାବ ଦେଖାଦେଇଛି। କଞ୍ଚାମାଲ୍ ଅଭାବ ଏବଂ ଉତ୍ପାଦିତ ସାମଗ୍ରୀ ବିକ୍ରି ନ ହେବା ସେମାନଙ୍କ ଦୁର୍ଦ୍ଦଶା ବଢାଇଦେଇଛି।

ଗୋଟିଏପଟେ ବୁଣାକାରଙ୍କ ଅବସ୍ଥା ଏଭଳି ହୋଇଥିବାବେଳେ ହସ୍ତଶିଳ୍ପୀମାନେ ମଧ ସମାନ ଦୁର୍ଦ୍ଦଶା ଭୋଗୁଛନ୍ତି। କଞ୍ଚାମାଲ୍ ନ ଥିବା ଯୋଗୁ ସାମଗ୍ରୀ ପ୍ରସ୍ତୁତ କରିହେଉନି। ବାତ୍ୟା ଫନୀ ପରେ କରୋନାର ମାଡ଼ ରାଜ୍ୟ ଶିଳ୍ପୀ ଓ ବୁଣାକାରଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ପ୍ରଳୟଙ୍କର ଫନୀରେ ପ୍ରାୟ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଶିଳ୍ପୀ ପ୍ରଭାବିତ ହୋଇଥିଲେ। ଏବେ ପୁଣିଥରେ ଶିଳ୍ପୀ ଓ ବୁଣାକାରଙ୍କୁ କରୋନା ଦୁଃଖ ଦେଇଛି। କେବଳ ହସ୍ତ ଓ ବୟନକଳା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରି ଆସୁଥିବା ରାଜ୍ୟର ଲକ୍ଷାଧିକ ଶିଳ୍ପୀ ଓ ବୁଣାକାର ଏବେ ଆଶଙ୍କିତ ଭବିଷ୍ୟତକୁ ନେଇ ଚିନ୍ତାରେ କାଳ କାଟୁଛନ୍ତି। ଲକ୍‌ଡାଉନରେ ପ୍ରଭାବିତ ଗରିବ ଲୋକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ୨୨୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ଏହି ପ୍ୟାକେଜରେ ରାଜ୍ୟର ନିର୍ମାଣ ଶ୍ରମିକ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଓ ବେସାହାରଙ୍କୁ ସାମିଲ କରାଯାଇଥିଲେ ମଧ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ବାଦ୍ ଦିଆଯାଇଛି। ଏଭଳି ଏକ ଦୁସ୍ଥିତି ସମୟରେ ଓଡ଼ିଶାର ନାମକୁ ବିଶ୍ୱ ଦରବାରରେ ଉଚ୍ଚା କରିଥିବା କାରିଗରମାନଙ୍କୁ ସରକାର ଭୁଲିଯିବା ଦୁର୍ଭାଗ୍ୟଜନକ ବୋଲି ଓଡ଼ିଶା ଶିଳ୍ପୀ ମହାସଂଘ କହିଛି। ତୁରନ୍ତ ଏ ଦିଗରେ ମୁଖ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ସଂଘ ପକ୍ଷରୁ ସମ୍ପାଦକ ପ୍ରିୟରଞ୍ଜନ କର ଓ ସଭାପତି ଉଦୟ ମହାନ୍ତି ଦାବି କରିଛନ୍ତି।

# ଏଣିକି ଗୋଟିଏ ସମୟ ଖୋଲିବ ହାଟ

## ବାଇକ୍‌ରେ ବୁଲିଲେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ
## ଚାଲିଚାଲି ଯାଇ ସାମଗ୍ରୀ କିଣନ୍ତୁ: ଏସ୍‌ପି

**ଖୋର୍ଦ୍ଧା ଅଫିସ,୨।୪**

ମହାମାରୀ କରୋନା ମୁକାବିଲା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ତିନି ସପ୍ତାହ ଲାଗି ଦେଶରେ ଲକ୍‌ଡାଉନ ଘୋଷଣା ହୋଇଛି। କିନ୍ତୁ ଖୋର୍ଦ୍ଧାରେ କେତେକ ଲୋକ ଏହାକୁ ବେଖାତିର କରି ବାହାରେ ବୁଲିବା ସହ ଅଯଥାରେ ହାଟଗୁଡ଼ିକରେ ଗହଳି କରୁଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଗୋଟିଏ ସମୟରେ ହାଟ ଖୋଲିବାକୁ ନିଷ୍ପତ୍ତି ହୋଇଛି। ପନିପରିବା, ଫଳମୂଳ, ମାଛ, ମାଂସ, ଅଣ୍ଡା ଆଦି ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ହେଉଥିବା ହାଟ ବା ଦୋକାନ ସକାଳ ୬ଟାରୁ ୧୨ ଟା ପର୍ଯ୍ୟନ୍ତ ଖୋଲିବା ଲାଗି ଉପଜିଲାପାଳ ଶାନ୍ତନୁ ମହାନ୍ତି ବୁଧବାର ନୋଟିସ ଜାରି କରିଛନ୍ତି। ଏହାସହ ଓମ୍‌ଫେଡ ବୁଥ୍ ଦୁଇଥର ସକାଳ ୭ରୁ ୯ ଓ ସନ୍ଧ୍ୟା ୫ରୁ ୭ଟା ପର୍ଯ୍ୟନ୍ତ ଖୋଲା ରହିବ। କିନ୍ତୁ ଔଷଧ ଦୋକାନ ୨୪ ଘଣ୍ଟା ଖୋଲା ରହିବ। ଶୁକ୍ରବାରଠାରୁ ସଂଶୋଧିତ ନିୟମ ଲାଗୁ ହେବ ଓ ଏହାକୁ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅନ୍ୟପକ୍ଷରେ ସହରରେ ଦୁଇ ଓ ଚାରି ଚକିଆ ଯାନ ଚଳାଚଳ ଉପରେ ମଧ କଟକଣା କରାଯାଇଛି। ବିନା କାରଣରେ ସହରରେ ଏଣେତେଣେ ବୁଲିଲେ କାର୍ଯ୍ୟାନୁଷ୍ଠାନ କରାଯିବ। କରୋନାର ଭୟାବହତାଙ୍କୁ ଦୃଷ୍ଟିରେ ରଖି ସମସ୍ତେ ଘରେ ରହିବାକୁ ଉପଜିଲାପାଳ ମହାନ୍ତି ନୋଟିସ୍‌ରେ ଦର୍ଶାଇଛନ୍ତି। ସେହିପରି ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କୁହନ୍ତି, ଲକ୍‌ଡାଉନ କଟକଣାକୁ କଡ଼ାକଡ଼ି ପାଳନ କରାଯିବ। ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ଲାଗି ଚାଲି ଆସିବା ଲାଗି ପରାମର୍ଶ ଦିଆଯାଇଛି। ଜିଲା ସୀମାକୁ ସିଲ୍ କରାଯାଇଛି। ଖୋର୍ଦ୍ଧା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କୁହନ୍ତି, ପ୍ରବାସୀ ଶ୍ରମିକ ଏବଂ ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ଯୋଗାଣର ବ୍ୟବସ୍ଥା କରାଯାଉଛି।

# ସୁପରହିରୋଙ୍କୁ ସଂକ୍ରମଣରୁ ବଞ୍ଚାଇବା ଲକ୍ଷ୍ୟ

**ଭୁବନେଶ୍ୱର,୨।୪(ବ୍ୟୁରୋ)**



କରୋନାର କରାଳ ରୂପ ସମଗ୍ର ବିଶ୍ୱକୁ ଗ୍ରାସ କରିଥିବା ବେଳେ ଚାରିଆଡେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ରାସ୍ତାରେ ବୁଲୁଥିବା ଗାଇଗୋରୁ, କୁକୁର, ବିଲେଇ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି। ଏଭଳିସ୍ଥଳେ ମାନବିକତା ଦେଖାଇ ସମାଜ ପାଇଁ କିଛି କରିବାକୁ ଆଗେଇ ଆସିଛନ୍ତି ବିଭିନ୍ନ ସଂଗଠନ। ଅସହାୟଙ୍କୁ ସାହାରା ହେଉଛନ୍ତି ଓ ଜୀବଜନ୍ତୁଙ୍କୁ ଖାଦ୍ୟ ଦେଉଛନ୍ତି। କରୋନା ସଂକ୍ରମଣ ଭୟକୁ ଖାତିର ନକରି ଲୋକଙ୍କ ସୁରକ୍ଷା ପାଇଁ ସବୁପ୍ରକାର ଉଦ୍ୟମ କିଛି ଯୁବ ଗୋଷ୍ଠୀ। ସହର ସାରା ପାଟ୍ରୋଲିଂ କରୁଥିବା ପୋଲିସ କର୍ମଚାରୀଙ୍କୁ ସଂକ୍ରମଣ ହେବାର ବହୁଳ ଆଶଙ୍କା ରହିଥିବାବେଳେ ସେମାନଙ୍କୁ ଏଥିରୁ ରକ୍ଷା କରିବା ଲାଗି ପୁରୁଣା ଭୁବନେଶ୍ୱରର ପ୍ରଫୁଲ୍ଲ ସ୍ୱାଇଁ ନାମକ ଜଣେ ଯୁବକ ନିଜସ୍ୱ ପ୍ରଚେଷ୍ଟାରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି।

ପ୍ରଫୁଲ୍ଲ ଓ ତାଙ୍କ ସହ କିଛି ଯୁବ ସ୍ୱେଚ୍ଛାସେବୀ ମିଶି ପୁରୁଣା ଭୁବନେଶ୍ୱରର ବିଭିନ୍ନ ପୋଲିସ ଷ୍ଟେଶନକୁ ବିଶୋଧନ କରୁଛନ୍ତି। ଏହାସହ ପୋଲିସଙ୍କୁ ମାଗଣା ସାନିଟାଇଜର ଓ ମାସ୍କ ବଣ୍ଟନ କରୁଛନ୍ତି। କେବଳ ପୋଲିସ ଷ୍ଟେଶନ ନୁହେଁ, ପୋଲିସମାନେ ବ୍ୟବହାର କରୁଥିବା ଗାଡ଼ିଗୁଡ଼ିକୁ ମଧ ଏମାନେ ବିଶୋଧନ କରୁଛନ୍ତି। ଏନେଇ ପ୍ରଫୁଲ୍ଲ କହିଛନ୍ତି, ପୋଲିସ୍ ଷ୍ଟେସନକୁ ପୋଲିସ ବ୍ୟତୀତ ବାହାର ଲୋକ ମଧ ଆସୁଛନ୍ତି। ସେହିଭଳି ଅନ୍ୟ କାର୍ଯ୍ୟାଳୟ ଭଳି ବର୍ତ୍ତମାନ ସମୟରେ ପୋଲିସ ଷ୍ଟେସନକୁ ବନ୍ଦ କରିବା ମଧ ଅସମ୍ଭବ। ପୋଲିସ କର୍ମଚାରୀମାନେ ଓଭର ଟାଇମ୍ କାମ କରୁଥିବା ବେଳେ ବିଭିନ୍ନ ଅଞ୍ଚଳ ବୁଲୁଛନ୍ତି ଓ ବହୁ ଲୋକଙ୍କ ସଂସ୍ପର୍ଶରେ ଆସୁଛନ୍ତି। ତେଣୁ ସେମାନଙ୍କୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ଏହାସହ ପ୍ରଫୁଲ୍ଲଙ୍କ ଏହି ଟିମ୍ ସ୍ଥାନୀୟ ଲୋକଙ୍କୁ ମଧ କରୋନା ସଂକ୍ରମଣ ବିଷୟରେ ସଚେତନ କରୁଛନ୍ତି। ଗରିବ ଲୋକଙ୍କୁ ସାନିଟାଇଜର ସହ ମାସ୍କ ବାଣ୍ଟୁଛନ୍ତି। କେହି ଯେମିତି ଭୋକିଲା ନ ରହିବେ ସେଥିଲାଗି ଅସହାୟ ଓ ଅଭାବୀ ପରିବାରକୁ ରାଶନ ଓ ଖାଦ୍ୟ ସାମଗ୍ରୀ ଦେଉଛନ୍ତି। ସାହି, ଗଳି ବୁଲି ଲୋକଙ୍କ ଘର ସମ୍ମୁଖକୁ ସାନିଟାଇଜ୍ ମଧ କରୁଥିବା ଦେଖିବାକୁ ମିଳିଛି।

# ନିୟମ ଉଲ୍ଲଂଘନ: ୨୪ ଘଣ୍ଟାରେ ୨୪୫ ମାମଲା

**ଭୁବନେଶ୍ୱର,୨।୪(ବ୍ୟୁରୋ):** କୋଭିଡ-୧୯ ପାଇଁ ଲାଗୁ ହୋଇଥିବା ଲକ୍‌ଡାଉନ୍ ସମୟରେ ବିଭିନ୍ନ ନିୟମ ଉଲ୍ଲଂଘନ କରାଯାଉଛି। ଏନେଇ ଓଡିଶା ପୋଲିସ ୨୪ ଘଣ୍ଟା ମଧ୍ୟରେ ମୋଟ ୨୪୫ ମାମଲା ରୁଜୁ କରିଛି। ଏପ୍ରିଲ ୧ ସକାଳଠାରୁ ଏପ୍ରିଲ ୨ ସନ୍ଧ୍ୟା ମଧ୍ୟରେ ସାରା ରାଜ୍ୟରେ ଏହି ମାମଲା ରୁଜୁ ହୋଇଥିବା ଓଡିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ୨୨୯ ମାମଲା ହୋଇଥିବାବେଳେ ହୋମ୍ କ୍ୱାରାଣ୍ଟାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ୬ ଓ ଅନ୍ୟ ନିୟମ ଉଲ୍ଲଂଘନ ପାଇଁ ୧୦ ମାମଲା ରୁଜୁ ହୋଇଛି।

# କରୋନା ମୁକାବିଲା: ସ୍ଥାନାନ୍ତର ହେଲେ ୯୮୯ କଏଦୀ

**ଭୁବନେଶ୍ୱର,୨।୪(ବ୍ୟୁରୋ):** ଓଡିଶା କାରାଗାର ନିର୍ଦ୍ଦେଶାଳୟ ପକ୍ଷରୁ କୋଭିଡ-୧୯ ମୁକାବିଲା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ୯୦ ଜେଲରେ ୧୮ ହଜାର ୧୨ ଜଣ କଏଦୀ ରହିବା ପାଇଁ ବ୍ୟବସ୍ଥା ରହିଥିବାବେଳେ ଏବେ ୧୭ ହଜାର ୫୧୯ ଜଣ କଏଦୀ ଅଛନ୍ତି। କରୋନା ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଥିବାରୁ ମାର୍ଚ୍ଚରୁ ଏପ୍ରିଲ ୧ ମଧ୍ୟରେ ମୋଟ ୧ ହଜାର ୮୭୩ଜଣ ବିଚାରାଧୀନ କଏଦୀଙ୍କୁ ଜାମିନରେ ଛାଡ଼ି ଦିଆଯାଇଛି। ସେହିପରି ୯୮୯ କଏଦୀଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରାଯାଇଛି। ୨୦ଜଣ କଏଦୀଙ୍କୁ ପାରୋଲରେ ଛାଡି ଦିଆଯାଇଥିବାବେଳେ ଉତ୍ତମ ବ୍ୟବହାର ପାଇଁ ୧୭୭ ଜଣଙ୍କୁ ଜେଲଦଣ୍ଡ ସମୟ ହ୍ରାସ କରାଯାଇ ଛାଡିଦିଆଯାଇଥିବା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ସାମାଜିକ ଦୂରତ୍ୱ ରକ୍ଷା ପାଇଁ ପୂର୍ବରୁ ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ କଏଦୀ ସମ୍ପର୍କୀୟଙ୍କ ପାଇଁ ଇ-ଭିଜିଟ ଅର୍ଥାତ ଇ-ମୁଲାକାତ ବ୍ୟବସ୍ଥା କରାଯାଇଥିଲା।

# ରାମନବମୀ ଫିକା

**ଭୁବନେଶ୍ୱର,୨।୪(ବ୍ୟୁରୋ):** ପ୍ରଥମଥର ଶ୍ରଦ୍ଧାଳୁଙ୍କ ଅନୁପସ୍ଥିତିରେ ମନ୍ଦିରଗୁଡ଼ିକରେ ଗୁରୁବାର ଅନୁଷ୍ଠିତ ହୋଇଛି ପବିତ୍ର ରାମନବମୀ। ଲକ୍‌ଡାଉନ୍ ପାଇଁ ମନ୍ଦିର ଫାଟକରେ ତାଲା ପଡ଼ିଥିବାବେଳେ ଶ୍ରଦ୍ଧାଳୁଙ୍କ ପ୍ରବେଶ ନିଷେଧ ଥିଲା। କେବଳ ଠାକୁରଙ୍କର ନୀତିକାନ୍ତି ସମୟ ଅନୁସାରେ କରାଯାଇଥିଲା। ଫଳରେ ପ୍ରତିବର୍ଷ ରାଜଧାନୀରେ ଧୁମ୍‌ଧାମ୍‌ରେ ପାଳିତ ହେଉଥିବା ରାମ ନବମୀ ଏଥର ଫିକା ପଡ଼ିଥିଲା। ଘରୁ ବାହାରିବା ବାରଣ ଥିବାରୁ ଲୋକେ ଘରେ ପୂଜାର୍ଚ୍ଚନା କରି ଶ୍ରୀରାମଙ୍କୁ ଆରାଧନା କରିଥିଲେ। କିଛି ଶ୍ରଦ୍ଧାଳୁ ରାସ୍ତାରେ ନଡିଆ ଫଟାଇ ଶ୍ରୀରାମଙ୍କୁ ଡାକିଥିଲେ। ରାମ ମନ୍ଦିର ଓ ଇସ୍କନ ମନ୍ଦିରରେ ପୋଲିସ ମୁତୟନ କରାଯାଇଥିଲା। ଭୋର୍ ୪ଟାରୁ ଠାକୁରଙ୍କ ଶୃଙ୍ଗାର ଆରତି ଓ ସକାଳ ୭ଟାରେ ମଙ୍ଗଳ ଆରତି କରାଯାଇଥିଲା। ପରେ ଅବକାଶ ନୀତି, ମହାସ୍ନାନ, ସକାଳ ଧୂପ ଓ ବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟା ୩୦ରୁ ହୋମଯଜ୍ଞ କରାଯାଇ ୧୧ଟା ୩୦ରେ ଶୃଙ୍ଗାର କରାଯାଇଥିଲା। ୧୨ଟାରୁ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳନ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ପରେ ଜୟନ୍ତୀ ଆଳତି ହୋଇଥିଲା। ଏହାପରେ ରାତି ୧୦ଟାରେ ଭୋଗ ଆରତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ପ୍ରଭୁଙ୍କ ନିକଟରେ ବିଭିନ୍ନ ଫଳ ସହିତ ମାଲପୁଆ ଆଦି ଭୋଗ ଲାଗି କରାଯାଇଥିବା ଶ୍ରୀରାମମନ୍ଦିର ପରିଚାଳକ ମହାବୀର ପ୍ରସାଦ ଶର୍ମା କହିଛନ୍ତି। ସେହିଭଳି ଇସ୍କନ ମନ୍ଦିରରେ ମଧ କେବଳ ନୀତିକାନ୍ତି ଓ ନାମକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ରାଜଧାନୀର ସମସ୍ତ ବିଷ୍ଣୁ ଓ ହନୁମାନ ମନ୍ଦିରରେ କେବଳ ନୀତିକାନ୍ତି କରାଯାଇଥିଲା।

# ବିଶୋଧନ ହେଲା ସୂର୍ଯ୍ୟନଗର ଅଞ୍ଚଳ

**ଭୁବନେଶ୍ୱର, ୨।୪ (ବ୍ୟୁରୋ):** ମଙ୍ଗଳବାରଠାରୁ ଭୁବନେଶ୍ୱର ମହାନଗର ନିଗମ ସହାୟତାରେ ଅଗ୍ନିଶମ ବିଭାଗ ପକ୍ଷରୁ ସହରକୁ ସାନିଟାଇଜ୍ କାର୍ଯ୍ୟ ଜାରି ରହିଛି। ବୁଧବାର ୟୁନିଟ୍-୭ ଅନ୍ତର୍ଗତ ସୂର୍ଯ୍ୟନଗର ଅଞ୍ଚଳରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଗୁରୁବାର ସେହିଅଞ୍ଚଳକୁ ସମ୍ପୂର୍ଣ୍ଣ ସାନିଟାଇଜ୍ କରାଯାଇଛି। ସୋଡିୟମ୍ ହାଇପୋକ୍ଲୋରାଇଟ୍ କେମିକାଲ ମିଶା ପାଣିକୁ ମୁଖ୍ୟରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦି ସବୁଠି ସ୍ପ୍ରେ କରାଯାଇଛି। ସେହିଭଳି ରାଜଭବନ ପରିସର ସମେତ ଏଜି ଛକରୁ ରାଜଭବନ ଛକକୁ ସଂଯୋଗ କରୁଥିବା ରାସ୍ତା, ନ୍ୟୁ ଫରେଷ୍ଟ ପାର୍କ, ମାଉସୀମା'ରୋଡ୍, ଓଟିଡିସି କାର୍ଯ୍ୟାଳୟ ଥିବା ଅଞ୍ଚଳ, ଏକ ନମ୍ବର ମାର୍କେଟ ଅଞ୍ଚଳ, କ୍ୟାପିଟାଲ ହସ୍ପିଟାଲ ପରିସର,ଏୟାରପୋର୍ଟ ଛକରୁ ଏଜି ଛକ ରାସ୍ତା ଓ ୟୁନିଟ୍-୬ ବନଦୁର୍ଗା ବସ୍ତିଅଞ୍ଚଳରେ ବ୍ୟାପକ ସାଇନିଟାଇଜ୍ କରାଯାଇଥିଲା। ସେହିପରି ଭୂତାଣୁ ନାଶକ ଧୂଆଁ ମଧ ଛଡ଼ାଯାଉଛି। ବିଏମ୍‌ସି କାର୍ଯ୍ୟାଳୟ ପଛପାର୍ଶ୍ୱ ସମେତ ୩ ଜୋନ୍‌ର ୪୧ ୱାର୍ଡ ଅନ୍ତର୍ଗତ ଅଞ୍ଚଳକୁ ସିଞ୍ଚନ ଓ ଧୂଆଁ ଦ୍ୱାରା ବିଶୋଧନ କରାଯାଇଛି। ଅଗ୍ନିଶମ ଅଧିକାରୀ ରମେଶ ମାଝିଙ୍କ ତତ୍ତ୍ୱାବଧାନତାରେ ହୋଇଥିବା ଏହି କାର୍ଯ୍ୟରେ ଅଗ୍ନିଶମ ବିଭାଗର ୫ ଦମକଳ ଗାଡ଼ି ଏଥିରେ ସାମିଲ ଥିଲା। ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୬୬ ୱାର୍ଡ, ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ୫୩ଟି ୱାର୍ଡରେ ସାନିଟାଇଜ୍ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ବିଏମ୍‌ସି ସୂର୍ଯ୍ୟନଗର ଅଞ୍ଚଳରେ ସଫେଇ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଛି। ପ୍ରତ୍ୟେହ ଦିନ ଦୁଇଥର ସଫେଇ କାର୍ଯ୍ୟ କରାଯିବା ସହ ଦୁଇଥର କେମିକାଲ ମିଶ୍ରଣ ସିଞ୍ଚଣ ଓ ଧୂଆଁ ଦ୍ୱାରା ବିଷୋଧନ କରାଯିବ ବୋଲି କୁହାଯାଇଛି।





## ଦୁଇଥର କେମିକାଲ ପାଣି ସିଞ୍ଚନ ଓ ଧୂଆଁ ଛଡ଼ାଯିବ

### ହାତ ପାଆନ୍ତାରେ ମିଳିବ ଅତ୍ୟାବଶ୍ୟକ ସାମଗ୍ରୀ

ସୂର୍ଯ୍ୟନଗରକୁ ନିଷିଦ୍ଧାଞ୍ଚଳ ଘୋଷଣା ସହ ସିଲ୍ କରିଦିଆଯାଇଛି। ସବୁ ଦୋକାନ ବଜାର ବନ୍ଦ କରିଦିଆଯାଇଛି। ଲୋକଙ୍କୁ ଘରୁ ନ ବାହାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକେ ଯେପରି କୌଣସି ସମସ୍ୟାରେ ନ ପଡ଼ିବେ ସେଥିପାଇଁ ବିଏମ୍‌ସି ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ହୋଇଛି। ଲୋକଙ୍କ ଘର ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ ହେବ। ଏଥିପାଇଁ ଦିନକୁ ଦୁଇଥର ବିଏମ୍‌ସି ଦ୍ୱାରା ପରିଚାଳିତ ମୋବାଇଲ୍ ଭେଣ୍ଡରମାନେ ଟାଟା ଏସିଇ ଗାଡ଼ିରେ ଗ୍ରସେରୀ, ପନିପରିବା, ମାଛ, ମାଂସ, ଅଣ୍ଡା, ମଟନ ବିକ୍ରି କରିବେ। ଲୋକମାନେ ଆବଶ୍ୟକତା ଅନୁସାରେ ଏସବୁ ସାମଗ୍ରୀ କିଣିପାରିବେ। ଜିନିଷପତ୍ର ପାଇଁ ସୂର୍ଯ୍ୟନଗରବାସୀ ଚିନ୍ତିତ ନ ହୋଇ ସହଯୋଗ କରିବାକୁ ବିଏମ୍‌ସି ଡେପୁଟି କମିଶନର କମଲଜିତ୍ ଦାସ କହିଛନ୍ତି।

### ଭୟ: ଘର ଛାଡ଼ି ଚାଲିଯାଉଛନ୍ତି ଲୋକେ

କରୋନା ଆକ୍ରାନ୍ତଙ୍କୁ ନେଇ ସୂର୍ଯ୍ୟନଗର ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି। ବିଶେଷକରି ସମ୍ପୃକ୍ତ ଆକ୍ରାନ୍ତଙ୍କ ଆଖପାଖରେ ରହୁଥିବା ଲୋକେ ନାନା ଆଶଙ୍କା ମଧ୍ୟରେ ରହିଛନ୍ତି। ଇତିମଧ୍ୟରେ ସୂର୍ଯ୍ୟନଗରକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯିବା ସହ ସମ୍ପୂର୍ଣ୍ଣ ସିଲ୍ କରି ଦିଆଯାଇଛି। ତେବେ ବିଏମ୍‌ସି ଏପରି ପଦକ୍ଷେପ ନେବା ପୂର୍ବରୁ ରାତି ଓ ସକାଳେ କିଛି ଲୋକେ ସ୍ଥାନ ଛାଡ଼ିଥିବା ମଧ ସୂଚନା ମିଳିଛି। ତେବେ ଗୁରୁବାର ରାତିରେ ଆଉ କେତେଜଣ ଗାଁକୁ ଯିବାକୁ ପ୍ରସ୍ତୁତ ହୋଇଥିଲେ ମଧ ସିଲ୍ ଯୋଗୁ ଯାଇପାରି ନାହାନ୍ତି। ବିଶେଷକରି ଏସବୁ ଅଞ୍ଚଳରେ ରହୁଥିବା ବସ୍ତିବାସିନ୍ଦା ଅଧିକ ଛାନିଆ ହୋଇପଡିଛନ୍ତି।

### ସାବୁନ, ସାନିଟାଇଜର ବାଣ୍ଟିଲେ

ସୂର୍ଯ୍ୟନଗର ଅଞ୍ଚଳରେ ଗୁରୁବାର ବ୍ୟାପକ ସଚେତନତା କରାଯାଇଛି। ବିଭିନ୍ନ ସଂଗଠନ ପକ୍ଷରୁ ୟୁନିଟ୍-୭ ଓ ୬ ଅନ୍ତର୍ଗତ ବିଭିନ୍ନ ବସ୍ତିରେ ଲୋକଙ୍କୁ ସାବୁନ ଓ ସାନିଟାଇଜ୍ ବଣ୍ଟନ କରାଯାଇଛି। ସବୁବେଳେ ହାତ ଧୋଇବା ସହ ସାମାଜିକ ଦୂରତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଶୁଖିଲା ଖାଦ୍ୟ ମଧ ବଣ୍ଟନ କରାଯାଇଛି।

# ଭୁବନେଶ୍ୱର କୋର୍ଟକୁ ସମ୍ପୂର୍ଣ୍ଣ ସାନିଟାଇଜ୍ କରିବାକୁ ଦାବି

## ଆଇନଜୀବୀ ଆତଙ୍କିତ

**ଭୁବନେଶ୍ୱର,୨।୪ (ବ୍ୟୁରୋ):** ପଞ୍ଚମ କରୋନା ସଂକ୍ରମିତ ସୂର୍ଯ୍ୟନଗରରେ ରହୁଥିବା ପ୍ରଦୀପ୍ତ ଦଳବେହେରାଙ୍କ ନାମକୁ ସାର୍ବଜନୀନ କରାଯିବା ପରେ ଏବେ ଭୁବନେଶ୍ୱର ବାର୍‌ର ଆଇନଜୀବୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। କାରଣ ସଂକ୍ରମିତଙ୍କ ଭାଇ ଭୁବନେଶ୍ୱର କୋର୍ଟରେ ନୋଟାରି ଭାବେ କାର୍ଯ୍ୟ କରୁଛନ୍ତି। ସେ ତାଙ୍କ ସଂସ୍ପର୍ଶରେ ଆସିଥିବା ଆଇନଜୀବୀମାନେ ସନ୍ଦେହ କରୁଛନ୍ତି। ସେ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ କାର୍ଯ୍ୟସ୍ଥଳରେ ରହି ବହୁ ଆଇନଜୀବୀ ଓ ନୋଟାରିଙ୍କ ସହ ମିଶିଥିବାରୁ ସମସ୍ତଙ୍କ ମଧ୍ୟରେ ଭାଳେଣି ପଡିଛି। ଇତିମଧ୍ୟରେ କେତେଜଣ ଆଇନଜୀବୀ ଟୋଲ୍ ଫ୍ରିନ ନଂ.୧୦୪କୁ କଲ୍ କରି ଆଇସୋଲେଶନରେ ରହିଥିବା ଜଣାଇଛନ୍ତି। ଭୁବନେଶ୍ୱର ବାର୍‌ର ସେକ୍ରେଟେରୀ ବିଶ୍ୱ ନାରାୟଣ ମହାନ୍ତି କହିଛନ୍ତି, ଶୁଣାଣି ପାଇଁ କୋର୍ଟକୁ ଏବେ ମୁଦାଲା ଓ ସେମାନଙ୍କ ସମ୍ପର୍କୀୟମାନେ ଆସୁଛନ୍ତି। ଫଳରେ ସେମାନଙ୍କ ସହ ଜେଲକୁ କରୋନା ସଂକ୍ରମଣ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ କୋର୍ଟକୁ ସମ୍ପୂର୍ଣ୍ଣ ସାନିଟାଇଜ୍ କରାଯିବା ସହ ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି।

## ସଂକ୍ଷେପରେ

### ଦୋକାନ ସିଲିଣ୍ଡରରେ ନିଆଁ

ପିପିଲି, ୨।୪(ସ୍ୱ.ପ୍ର.): ପିପିଲି ହାଟଛକସ୍ଥିତ ଏକ ଫଳଦୋକାନର ଗ୍ୟାସ ସିଲିଣ୍ଡରରେ ହଠାତ୍ ନିଆଁ ଲାଗି ଯିବାରୁ ଲୋକେ କିଛି ସମୟ ପାଇଁ ଆତଙ୍କିତ ହୋଇପଡ଼ିଥିଲେ। ଖବର ପାଇ ପିପିଲି ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ବଡ ବିପଦରୁ ଦୋକାନ ମାଲିକ ସନ୍ତୋଷ କୁମାର ସାହୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସନ୍ତୋଷ ନିଜ ଦୋକାନରେ ଗ୍ୟାସ ସିଲିଣ୍ଡରରେ ରୋଷେଇ କରୁଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁ ଲିଭାଇବା ପାଇଁ ସେ ଚେଷ୍ଟା କରି ବିଫଳ ହେବାରୁ ସିଲିଣ୍ଡରକୁ ଦୋକାନ ବାହାରକୁ ଫିଙ୍ଗି ଦେଇଥିଲେ।

### ଅସହାୟ, ନିରାଶ୍ରୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

ଅସ୍ତରଙ୍ଗ,୨।୪(ଡି.ଏନ.ଏ): ଅସ୍ତରଙ୍ଗ ବଜାରରେ ବୁଲୁଥିବା ଅସହାୟ, ନିରାଶୟ ବ୍ୟକ୍ତିଙ୍କୁ କେବିଏମ କନଷ୍ଟ୍ରକନ ସଂସ୍ଥା ତରଫରୁ ଆଜିଠୁ ମାଗଣା ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ଏଥିସହ ଅସ୍ତରଙ୍ଗ ଅଞ୍ଚଳରେ ସେବା ପ୍ରଦାନ କରୁଥିବା ବ୍ୟକ୍ତି ବିଶେଷଙ୍କୁ ମଧ ଖାଦ୍ୟ ଦିଆଯାଉଥିବା ସଂସ୍ଥାର ମୁଖ୍ୟ ସୁବାଷ କୁମାର ମହାନ୍ତି କହିଛନ୍ତି। ଉକ୍ତ ସଂସ୍ଥା ଗୁରୁବାର ଶତାଧିକ ବ୍ୟକ୍ତିଙ୍କୁ ଖାଦ୍ୟ ଦେଇଛନ୍ତି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଖାଦ୍ୟ ବଣ୍ଟାଯିବ ବୋଲି ଅସ୍ତରଙ୍ଗ ପଞ୍ଚାୟତ ସମିତି ସଭ୍ୟ ଦିବାକର ଛାଟୋଇ କହିଛନ୍ତି।

### ରେବଣା ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ର ସାନିଟାଇଜେଶନ ହେଲା

ବ୍ରହ୍ମଗିରି, ୨।୪(ଡି.ଏନ.ଏ): କରୋନା ସଂକ୍ରମଣଜନିତ ପରିସ୍ଥିତିର ମୁକାବିଲା ପାଇଁ ସ୍ୱଚ୍ଛତା ଓ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ଗୁରୁବାର ବ୍ରହ୍ମଗିରିସ୍ଥିତ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାନିଟାଇଜେଶନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ସାନିଟାଇଜେଶନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

### କୃଷ୍ଣପ୍ରସାଦରେ ଲକ୍‌ଡାଉନକୁ ଅବମାନନା

କୃଷ୍ଣପ୍ରସାଦ,୨।୪(ଡି.ଏନ୍.ଏ)- କରୋନା ପାଇଁ ସାରା ଦେଶକୁ ଲକଡାଉନ କରାଯାଇଛି। ସବୁ ଗାଡି, ମୋଟର, ଟ୍ରେନ ବନ୍ଦ ରହିଛି। ପୁରୀ ଜିଲାର ସୀମାକୁ ମଧ ସିଲ କରାଯାଇଛି। ପୁରୀ ଜିଲାର ସୀମା ଗଞ୍ଜାମକୁ ପୋଲିସ କଡା ନଜର ରଖିଛି। ଆବଶ୍ୟକତାକୁ ଭିତ୍ତିକରି ସୀମା ପାର ପାଇଁ ଅନୁମତି ଦେଉଥିବା ଜଣାପଡିଛି। ହେଲେ କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ ବ୍ୟବସାୟୀ କେନ୍ଦ୍ର ମାଲୁଦ, କୃଷ୍ଣପ୍ରସାଦ ଏବଂ ଚାରିଛକରେ ଦିନସାରା ମାଳମାଳ ହୋଇ ଲୋକମାନେ ବୁଲୁଥିବା, ସଉଦା କିଣୁଥିବାର ଦେଖାଯାଇଛି। ପୋଲିସ କିଛିଦିନ ଏହି ଛକଗୁଡ଼ିକରେ ଚଢାଉ କରିଥିବାବେଳେ ଲୋକମାନେ ଭୟଭୀତ ହୋଇ ଆସୁ ନ ଥିଲେ। କିଛି ସମୟ ପରେ ପୋଲିସ ଯିବାରୁ ପୁଣିଥରେ ଲୋକେ ଅବମାନନା କରିଥିଲେ। ଲକଡାଉନ ଚାଲିଥିବାବେଳେ ମାଲୁଦ ଫାଣ୍ଡି ସାମନା, ରାଜାବଜାର, ମଲେଶ୍ୱରୀ ରାସ୍ତା, ଗିଳିନାସାଗାଁ ମଦ ବ୍ୟବସାୟୀଙ୍କ ଚରାଭୂଇଁ ପାଲଟିଛି। ମାଲୁଦ ପୋଲିସ ସାମନାରେ ଚୋରା ମଦ ବିକ୍ରି ଚାଲିଛି। ପ୍ରଶାସନ ଓ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜିଲାରୁ ଯୋଗଦେଇଥିଲେ ୩ଜଣ

## ଦିଲ୍ଲୀରେ କ୍ୱାରାଣ୍ଟାଇନରେ ୨, ଜଣେ ପଶ୍ଚିମବଙ୍ଗ ଯାଇଛନ୍ତି

**ନିଜାମୁଦ୍ଦିନ ଧର୍ମସଭା ଖୋଳତାଡ଼**

ପୁରୀ ଅଫିସ,୨।୪

କରୋନାକୁ ନେଇ ବିଶ୍ୱ ଥରହର। ଦିନକୁ ଦିନ ଅଧିକ ଉଗ୍ରରୂପ ଧାରଣ କରି ନୂଆ ନୂଆ ଦେଶକୁ ମାଡୁଛି ଏହି ପ୍ରାଣଘାତୀ ଭୂତାଣୁ। କରୋନା କବଳରୁ ରକ୍ଷା ପାଇବା ପାଇଁ ବିଶ୍ୱବାସୀ ତ୍ରାହି ତ୍ରାହି ଡାକୁଛନ୍ତି। ଭାରତରେ ବି ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। କରୋନା ଭୂତାଣୁ ସଂକ୍ରମଣକୁ କିପରି ରୋକାଯାଇ ପାରିବ ସେ ନେଇ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ସମଗ୍ର ଦେଶରେ ୨୧ ଦିନିଆ ଲକ୍ ଡାଉନ ଜାରି ରହିଛି। ଏଭଳିସ୍ଥିତିରେ ଦେଶବାସୀଙ୍କ ଆଖିରୁ ନିଦ ହଜାଇଛି ନୂଆଦିଲ୍ଲୀର ନିଜାମୁଦ୍ଦିନ ଧର୍ମସଭା। ଏହାକୁ ନେଇ ସମଗ୍ର ଦେଶ ଏବେ ଭୟଭୀତ। ଏଥିରେ ଯୋଗଦେଇଥିବା ଲୋକମାନଙ୍କଠାରେ କରୋନା (କୋଭିଡ-୧୯) ପଜିଟିଭ ଚିହ୍ନଟ ହେବା ପରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ବଢିଯାଇଛି। ବିଭିନ୍ନ ରାଜ୍ୟକୁ କେନ୍ଦ୍ର ସତର୍କ କରାଇଥିବାବେଳେ ଏହାକୁ ନେଇ ପୁରୀ ଜିଲାରେ ଖୋଳତାଡ଼ କରୁଛି ଜିଲା ପ୍ରଶାସନ। ଏହି ଧର୍ମ ସଭାରେ ଜିଲାରୁ ବହୁ ସଂଖ୍ୟକ ଯୋଗଦେଇଥିବା ନେଇ ଚର୍ଚ୍ଚା ହେବା ପରେ ପ୍ରଶାସନିକ ଅଧିକାରୀ ବିଭିନ୍ନ ଅଞ୍ଚଳକୁ ଯାଇ ତଥ୍ୟ ସଂଗ୍ରହ କରିଛନ୍ତି। ତେବେ ଏହି ଧର୍ମ ସଭାରେ ୩ଜଣ ଯୋଗଦେଇଥିବା ଜିଲାପାଳ ବଲୱନ୍ତ ସିଂ କହିଛନ୍ତି।

ନିଜାମୁଦ୍ଦିନ ଧର୍ମସଭାକୁ ଯାଇଥିବା ନେଇ ବୁଧବାର ପ୍ରଶାସନିକ ଅଧିକାରୀ ଅସ୍ତରଙ୍ଗ ବ୍ଲକ ଏବଂ ଗୋପ ବ୍ଲକର କିଛି ଅଞ୍ଚଳକୁ ଯାଇ ପଚରାଉଚରା କରିଥିଲେ। ଯେଉଁମାନେ ଯାଇଥିଲେ ବୋଲି ଶୁଣିବାକୁ ପାଇଥିଲେ ସେମାନଙ୍କ ଯାତ୍ରାର ବିବରଣୀ ଆଦି ବିଷୟରେ ଖୋଳତାଡ଼ କରିଥିଲେ। ଫଳରେ ଏହାକୁନେଇ ଲୋକଙ୍କ ଭିତରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଗୁରୁବାର ଏ ସମ୍ପର୍କରେ ଜିଲାପାଳ ସ୍ପଷ୍ଟ ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି, ନିଜାମୁଦ୍ଦିନ ଧର୍ମସଭାରେ ମାର୍ଚ୍ଚ ୨୬ ତାରିଖରେ ପୁରୀ ଜିଲାର କାକଟପୁର, ପିପିଲି, ନିମାପଡ଼ାରୁ ଜଣେ ଲେଖାଏ ଯୋଗଦେଇଥିଲେ। ଏମାନଙ୍କ ମଧ୍ୟରୁ କାକଟପୁର ଓ ପିପିଲିର ଦୁଇଜଣ ବ୍ୟକ୍ତି ଦିଲ୍ଲୀରେ କ୍ୱାରାଣ୍ଟାଇନରେ ରହିଛନ୍ତି। ନିମାପଡ଼ାର ଜଣେ ବ୍ୟକ୍ତି ଦିଲ୍ଲୀରୁ ପଶ୍ଚିମବଙ୍ଗ ଯାଇଛନ୍ତି। ଏନେଇ ପଶ୍ଚିମବଙ୍ଗ ସରକାରଙ୍କୁ ଅବଗତ କରାଯାଇଛି। ତେବେ ସମସ୍ତ ଘଟଣା ଉପରେ ନଜର ରଖାଯାଇଛି ବୋଲି ଜିଲାପାଳ କହିଛନ୍ତି।

### ୩୮ ରିପୋର୍ଟ ନେଗେଟିଭ

ବିଶ୍ୱ ମହାମାରୀ କରୋନାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁଭଳି ନିର୍ଦ୍ଦେଶନାମା ଆସୁଛି ତାହାକୁ ପାଳନ କରାଯାଉଛି। ପୁରୀ ଜିଲାବାସୀ ମଧ ପ୍ରଶାସନକୁ ସହଯୋଗ କରିଆସୁଛନ୍ତି। ଏଥିପାଇଁ ଜିଲାବାସୀଙ୍କୁ ଜିଲାପାଳ ବଲୱନ୍ତ ସିଂ ଧନ୍ୟବାଦ ଜଣାଇବା ସହ ଆଗକୁ ଏହିପରି ସହଯୋଗ ରଖିବା ପାଇଁ ଅନୁରୋଧ କରିଛନ୍ତି। ଗୁରୁବାର ଏକ ଭିଡ଼ିଓ ମାଧ୍ୟମରେ ଜିଲାପାଳ କହିଛନ୍ତି, ଲକ୍ ଡାଉନକୁ ନେଇ ନିଶ୍ଚିତ ସମସ୍ତେ କଷ୍ଟ ଭୋଗୁଛନ୍ତି। କିନ୍ତୁ ଜୀବନ ପାଇଁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ କରୋନା ସନ୍ଦେହରେ ବର୍ତ୍ତମାନ ସୁଦ୍ଧା ଜିଲାରୁ ୪୭ଜଣଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ୩୮ଟିର ରିପୋର୍ଟ ମିଳିସାରିଥିବା ବେଳେ ସବୁ ନେଗେଟିଭ ରହିଛି। ଜିଲାରେ କୌଣସି ପଜିଟିଭ କେସ୍ ବାହାରି ନାହିଁ। ତେବେ ପ୍ରତିଷେଧକ ପାଇଁ ସବୁ ପଞ୍ଚାୟତ ଏବଂ ପୌରାଞ୍ଚଳରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ପ୍ରସ୍ତୁତ କରାଯାଇଛି। ଫ୍ଲୁ ସମ୍ବନ୍ଧିତ କୌଣସି ପ୍ରକାର ଲକ୍ଷଣ ଯଦି କାହାଠାରେ ଦେଖାଯାଏ ତେବେ ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଆନ୍ତୁ ନାହିଁ। ଜିଲା ସଂକ୍ରାମକ ରୋଗ ଚିକିତ୍ସାଳୟ(ଆଇଡିଏଚ୍)କୁ ଯିବା ଲାଗି ଜିଲାପାଳ ପରାମର୍ଶ ଦେଇଛନ୍ତି। ଆଇଡିଏଚ୍‌ରେ ସ୍ୱତନ୍ତ୍ର ଭାବେ ଫ୍ଲୁ କର୍ଣ୍ଣର ଖୋଲାଯାଇଛି। ସେହିପରି ସହର ବାହାରର କୌଣସି ବ୍ୟକ୍ତି ପ୍ରଥମେ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଆନ୍ତୁ। ଏହାଦ୍ୱାରା ସର୍ବସାଧାରଣ ରୋଗୀଙ୍କ ଲାଗି ଉଦ୍ଦିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗହଳି ନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

# ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ



କରୋନା ଆତଙ୍କ ଯୋଗୁ ଶ୍ରୀରାମ ନବମୀରେ ଶ୍ରୀମନ୍ଦିର ଭକ୍ତ ଶୂନ୍ୟ।

ପୁରୀ ଅଫିସ,୨।୪

ଶ୍ରୀମନ୍ଦିରରେ ଗୁରୁବାର ଶ୍ରୀରାମ ନବମୀ ତଥା ଶ୍ରୀରାମ ଜନ୍ମନୀତି ସମ୍ପନ୍ନ ହୋଇଛି। ଏହି ଜନ୍ମ ନୀତି ପାଇଁ ଅପରାହ୍ନ ୨ଟା ୫୫ରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଶୁଦ୍ଧସୁଆର ଭଣ୍ଡାର ଘର ଆଗରେ ପୋଛା ମାରିଥିଲେ। ପୂଜାପଣ୍ଡା ପଞ୍ଚ ମୁରୁଜରେ ଜନ୍ମମଣ୍ଡଳ କାଟିଥିଲେ। ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଶ୍ରୀରାମଦେବଙ୍କୁ ମହାଜନ ସେବକ ରତ୍ନସିଂହାସନକୁ ବିଜେ କରାଇଥିଲେ। ମୁଦିରସ୍ତ ଧଣ୍ଡି ପ୍ରସାଦ ଲାଗି କରିଥିଲେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀରାମଦେବ ମଣ୍ଡଳ ଉପରକୁ ବିଜେ କରିଥିଲେ। ସେଠାରେ ଜଣେ ମହାଜନ ସେବକ ଦଶରଥ ଏବଂ ଅନ୍ୟଜଣେ କୌଶଲ୍ୟା ରୂପରେ ଖଣ୍ଡୁଆ ଘୋଡ଼ି ହୋଇ ଜନ୍ମନୀତି ସମ୍ପନ୍ନ କରିଥିଲେ। ଏହାପରେ ଠାକୁରଙ୍କୁ କର୍ପୂର ଆଳତି ବନ୍ଦାପନା କରାଯାଇଥିଲା। ମହାସୁଆର ସେବକ ଗଣ୍ଡୁସ ମସଲା ଓ କ୍ଷୀର ମଣୋହି କରିଥିଲେ। ପୂଜାପଣ୍ଡା ଜନ୍ମ ବିଧିମାନ କରାଇ ପଇତା ଲାଗି ବଢ଼ିବା ପରେ ଶୀତଳ ଭୋଗ ମଣୋହି ହୋଇଥିଲା। ମହାସୁଆର ସେବକ ଜୟ ବିଜୟ ଦ୍ୱାର ଚରୁ ଭାତ ମଣୋହି କରାଇଥିଲେ। ଏହାପରେ ଠାକୁର ଦକ୍ଷିଣୀ ଘରକୁ ବିଜେ ହୋଇଥିଲେ।

# ସରିଲା ରାମ ଜନ୍ମ, ଆଜି ଯଜ୍ଞରକ୍ଷା

ପୁରୀ ଅଫିସ,୨।୪

ଶ୍ରୀଜଗନ୍ନାଥଙ୍କ ଉପାସନାରେ ଶ୍ରୀରାମଲୀଳା ଏକ ଅଙ୍ଗ। ଏହି ଲୀଳା ଶ୍ରୀମନ୍ଦିରରେ ପାଳିତ ହେବା ସହିତ ଶ୍ରୀକ୍ଷେତ୍ରରେ ସାହିଯାତ ମାଧ୍ୟମରେ ପାଳିତ ହୋଇଥାଏ। ସାହିଯାତରେ ସାମରିକ କଳା, ଲୋକକଳା, ଲୋକନୃତ୍ୟ ଓ ସାଂସ୍କୃତିକ ପରମ୍ପରାର ସମ୍ମିଶ୍ରଣ ଦେଖିବାକୁ ମିଳେ। ଶ୍ରୀକ୍ଷେତ୍ରର ସାତ ସାହି ଆଖଡ଼ା ପକ୍ଷରୁ ଏହି ଯାତ ସମ୍ପନ୍ନ ହୋଇଥାଏ। ହେଲେ ଏଥର କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ସାହିଯାତ ବନ୍ଦ ରହିଛି। କେବଳ ମହାପ୍ରଭୁଙ୍କ ନୀତି ପାଇଁ ବିଭିନ୍ନ ସାହି ପକ୍ଷରୁ ନିଷ୍ପତ୍ତି ହୋଇଛି। ଗୁରୁବାର କାଳିକାବେଦୀ ସାହି ଆଖଡ଼ା ପକ୍ଷରୁ ସମ୍ପନ୍ନ ହୋଇଛି ଶ୍ରୀରାମ ଜନ୍ମ ନୀତି। ଶ୍ରୀମନ୍ଦିରରେ ଦ୍ୱିପହର ଧୂପ ସରିବା ପରେ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଥିଲା। ଏହି ନୀତି ପାଇଁ କାଳିକାଦେବୀ ସାହିର ରାଜକୁମାର ପ୍ରତିହାରୀ, ନିରଞ୍ଜନ ସମର୍ଥା, ରାହୁଲ ଲାଲ, ଆୟୁଷପ୍ରତାପ ସାହୁ ଓ ମାନସ ଦାସ ଶ୍ରୀମନ୍ଦିରକୁ ଯାଇଥିଲେ। ମନ୍ଦିରରେ ରାଜକୁମାର ରାମବେଶ ଧାରଣ କରିଥିବାବେଳେ ନିରଞ୍ଜନ ଲକ୍ଷ୍ମଣ, ରାହୁଲ ଭରତ, ଆୟୁଷ ଶତ୍ରୁଘ୍ନ ଓ ମାନସ ଋଷ୍ୟଶୃଙ୍ଗ ବେଶରେ ନୀତି ସମ୍ପନ୍ନ କରି ଘରକୁ ଫେରିଥିଲେ। ଶୁକ୍ରବାର ଶ୍ରୀରାମଲୀଳାରେ ଯଜ୍ଞରକ୍ଷା ନୀତି ଅନୁଷ୍ଠିତ ହେବ।



ରାମ ନବମୀ ଉପଲକ୍ଷେ ବିଭିନ୍ନ ବେଶ ଧାରଣ।

### ଆର୍ଥିକ ସମସ୍ୟାରେ ଚୁକ୍ତିଭିତ୍ତିକ କର୍ମଚାରୀ

ପୁରୀ ଅଫିସ,୨।୪

ବିଏସ୍‌ଏନ୍‌ଏଲ୍ ପୁରୀ ଡିଭିଜନରେ କାର୍ଯ୍ୟ କରୁଥିବା ଚୁକ୍ତିଭିତ୍ତିକ କର୍ମଚାରୀମାନେ ଘୋର ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ପ୍ରାୟ ୮ମାସ ହେବ ସେମାନଙ୍କୁ ଦରମା ମିଳିନାହିଁ। ବର୍ତ୍ତମାନ କରୋନା ଯୋଗୁ ଲକ୍ ଡାଉନ ଚାଲିଥିବାବେଳେ ସେମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ବୋଲି କହିଛନ୍ତି ପୁରୀ ବିଏସ୍‌ଏନଏଲ ଲେବର ୟୁନିୟନର ସମ୍ପାଦକ କରୁଣାକର ପ୍ରଧାନ। ପୁରୀ ଡିଭିଜନରେ ପ୍ରାୟ ୬୦ଚୁକ୍ତିଭିତ୍ତିକ କର୍ମଚାରୀ ରହିଛନ୍ତି। ଏତେ ମାସ ଧରି ଦରମା ମିଳି ନ ଥିବାରୁ ପରିବାର ପ୍ରତିପୋଷଣ କିପରି କରିବେ ସେ ନେଇ ସମସ୍ତେ ଚିନ୍ତାରେ ପଡ଼ିଛନ୍ତି। କେବଳ ପୁରୀରେ ରାଜ୍ୟର ସବୁ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟର ଠିକା କର୍ମଚାରୀ ଦରମା ନ ପାଇ ହନ୍ତସନ୍ତ ହେଉଛନ୍ତି। କେନ୍ଦ୍ର ସରକାର ଏ ଦିଗରେ ବିହୀତ ପଦକ୍ଷେପ ନେବା ଲାଗି ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

# ଗୁଜବ ନୁହେଁ, ଅଧିକୃତ ଅଧିକାରୀଙ୍କ କଥାକୁ ବିଶ୍ୱାସ କରନ୍ତୁ

**ଥଟ୍ଟା, ମଜା କରିବାର ସମୟ ନୁହେଁ**

ପୁରୀ ଅଫିସ,୨।୪

ବର୍ତ୍ତମାନ ଏକ କଠିନ ପରିସ୍ଥିତି ଦେଇ ଆମେ ସମସ୍ତେ ଗତି କରୁଛେ। ଏଭଳି ସମୟରେ ମହାମାରୀ କରୋନାକୁ ନେଇ କୌଣସି ପ୍ରକାର ଗୁଜବ ନ ଶୁଣନ୍ତୁନି କିମ୍ବା ଏହାକୁ ପ୍ରଚାର କରନ୍ତୁନି। ସରକାରଙ୍କ ପକ୍ଷରୁ ସୂଚନା ଦେବା ଲାଗି ଅଧିକୃତ ଅଧିକାରୀଙ୍କ କଥାକୁ ବିଶ୍ୱାସ କରିବା କରନ୍ତୁ ବୋଲି ଜିଲାବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଜିଲାପାଳ ବଲୱନ୍ତ ସିଂ। ଗୁରୁବାର ଏକ ଭିଡ଼ିଓ ମାଧ୍ୟମରେ ଜିଲାପାଳ କହିଛନ୍ତି, ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସ୍ୱାସ୍ଥ୍ୟ ବିଭାଗ ହୁଅନ୍ତୁ ବା ଅନ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀ ବ୍ୟସ୍ତତା ଭିତରେ କାମ କରୁଛନ୍ତି। ଏହା ଥଟ୍ଟା ମଜା କରିବାର ସମୟ ନୁହେଁ। ଅଯଥାରେ କେହି ସେମାନଙ୍କୁ କଲ୍ ନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅତୀତରେ ଆମେ ବହୁତ ବଡ଼ ବିପର୍ଯ୍ୟୟକୁ ସଂଯମତାର ସହ ସମ୍ମୁଖୀନ ହୋଇଛେ। ବିଶ୍ୱ ମହାମାରୀ କରୋନାର ମୁକାବିଲା ବି ଠିକ୍ ଭାବେ କରିପାରିବା ଏହି ବିଶ୍ୱାସ ଆମର ରହିଛି। ଗୁଜବକୁ ପ୍ରତିହତ କରି ଏହାକୁ ମୁକାବିଲା କରିବାକୁ ପଡିବ ବୋଲି ଜିଲାପାଳ ଆହ୍ୱାନ ଦେଇଛନ୍ତି।

# ରିଟେଲରଙ୍କ ଲାଇସେନ୍ସ ରଦ୍ଦ

**କୋଭିଡ-୧୯ ଆଇନ ଉଲ୍ଲଂଘନ**

ପୁରୀ ଅଫିସ,୨।୪

କରୋନା ମୁକାବିଲା ପାଇଁ ରାଜ୍ୟସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଇଛନ୍ତି। ଲକ୍‌ଡାଉନ ଯୋଗୁ ଦୋକାନ ବଜାର ବନ୍ଦ ରହିଥିବାବେଳେ କାହାକୁ ଘରୁ ନ ବାହାରିବା ଲାଗି ପରାମର୍ଶ ଦିଆଯାଇଛି। ଜନସାଧାରଣ ଯେପରି ଅସୁବିଧାରେ ନ ପଡ଼ିବେ ସେଥିଲାଗି ଆଗୁଆ ୩ମାସର ଖାଉଟି ସାମଗ୍ରୀ ବଣ୍ଟନ କରାଯାଉଛି। ଏପରି କି ସାମାଜିକ ଦୂରତା ରକ୍ଷାକୁ ଦୃଷ୍ଟିରେ ରଖି ହିତାଧିକାରୀଙ୍କ ଘରକୁ ଯାଇ ଖାଉଟି ସାମଗ୍ରୀ ବାଣ୍ଟିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। କିନ୍ତୁ ଏହି ନିୟମକୁ ନ ମାନି ଜଣେ ରିଟେଲର ଗୋଟିଏ ଜାଗାରେ ହିତାଧିକାରୀଙ୍କୁ ଏକାଠି କରି ସାମଗ୍ରୀ ବାଣ୍ଟୁଥିଲେ। ଏଥିପାଇଁ ସମ୍ପୃକ୍ତ ରିଟେଲର ଅସ୍ତରଙ୍ଗ ଥାନା ନଗର ପଞ୍ଚାୟତ ବଲଡିହାର ରବୀନ୍ଦ୍ର କୁମାର ବେହେରାଙ୍କ ନାଁଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଏଥିସହ କୋଭିଡ-୧୯ ଆଇନ ଉଲ୍ଲଂଘନ ଏବଂ ଜିଲାପାଳଙ୍କ ନିର୍ଦ୍ଦେଶ ଅବମାନନା କରିଥିବାରୁ ଅସ୍ତରଙ୍ଗ ତହସିଲଦାର ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୨୭/୨୦) ରୁଜୁ କରିବା ସହ ରବୀନ୍ଦ୍ରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଆଇଆଇସି ସୂଚନା ଦେଇଛନ୍ତି।

### କରୋନା ମୁକାବିଲା ପାଇଁ ସହାୟତା

ବ୍ରହ୍ମଗିରି, ୨।୪(ଡି.ଏନ.ଏ)

ବ୍ରହ୍ମଗିରି ବ୍ଲକ କୃଷି ବିଭାଗର କର୍ମଚାରୀ ତଥା ଯୁବ ସାମାଜିକ କର୍ମୀ ଶ୍ୟାମଘନ ମଲ୍ଲିକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୧୦ ହଜାର ଏବଂ ପ୍ରଧାନମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୨,୧୨୧ ଟଙ୍କା ଦାନ କରିଛନ୍ତି। ଶ୍ୟାମଘନ ପେସାରେ ଜଣେ ସରକାରୀ କର୍ମଚାରୀ ହୋଇଥିବା ବେଳେ ସମାଜସେବାକୁ ସେ ନିଶା ଭାବେ ଗ୍ରହଣ କରିଛନ୍ତି।

### ମାସ୍କ, ସାବୁନ ବାଣ୍ଟି ସଚେତନ କଲେ ମହିଳା

ଗୋପ,୨।୪(ଡି.ଏନ୍.ଏ)

କରୋନା ସଂକ୍ରମଣ ରୋକିବା ନେଇ ଗୋପ ବ୍ଲକ ଗଣେଶ୍ୱରପୁର ପଞ୍ଚାୟତ ଅଧୀନ ସୁବର୍ଣ୍ଣପୁର ଗ୍ରାମର ମିନାକ୍ଷୀ ପୃଷ୍ଟି ଗାଁ ଗାଁ ବୁଲି ମାସ୍କ ଓ ସାବୁନ ବାଣ୍ଟି ଲୋକଙ୍କୁ କରୋନା ସଚେତନତା କରୁଛନ୍ତି। ବ୍ଲକର ମହିଳା ମହାସଂଘର ସଭାନେତ୍ରୀ ପୃଷ୍ଟି ବିଭିନ୍ନ ସମୟରେ ଘଟୁଥିବା ପ୍ରାକୃତିକ ଦୁର୍ବିପାକରେ ସାଧାରଣ ଲୋକଙ୍କୁ ଯଥାସମ୍ଭବ ସାହାଯ୍ୟ କରିଆସୁଛନ୍ତି। ଲକଡାଉନ ଯୋଗୁ ଗାଁ ଗହଳିରେ ସାଧାରଣ ଲୋକେ ଘରେ ରହୁଥିବାବେଳେ ମିନାକ୍ଷୀ ନିଜେ ଗଣେଶ୍ୱରପୁର ପଞ୍ଚାୟତରେ ଥିବା ୧୮୦୦ ଶହରୁ ଊର୍ଦ୍ଧ୍ୱ ପରିବାରକୁ ଗୋଟିଏ ମାସ୍କ, ସାବୁନ ବାଣ୍ଟିଛନ୍ତି।

# କାକଟପୁର: ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ

କାକଟପୁର,୨।୪(ଡି.ଏନ୍.ଏ.)

କରୋନା ଭୂତାଣୁର ମୁକାବିଲା ପାଇଁ ସରକାର ଲକଡାଉନ ଘୋଷଣା କରିଥିବାବେଳେ ଦିନ ମଜୁରିଆ, ଶ୍ରମିକ, ଅସହାୟ, ନିରାଶୟମାନଙ୍କ ପାଇଁ ଚଡ଼କ ସଦୃଶ ପାଲଟିଛି। ଏମାନଙ୍କ ରୋଜଗାର ବନ୍ଦ ହୋଇଯିବାରୁ ଦାନା ଯୋଗାଡ଼ କରିବାରେ ଅସମର୍ଥ ହୋଇପଡିଛନ୍ତି। ଏଭଳି ସମୟରେ କେତେକ ସହୃଦୟ ବ୍ୟକ୍ତି ଏମାନଙ୍କ ସାହା ହୋଇପଡ଼ନ୍ତି। ସେହିଭଳି କାକଟପୁର ବ୍ଲକ ଅନ୍ତର୍ଗତ ସୁହାଣପୁର ପଞ୍ଚାୟତ ଅଧୀନସ୍ଥ ଗୋପୀକାନ୍ତପୁର ଗ୍ରାମରେ ଲକଡାଉନ ଯୋଗୁ ଗ୍ରାମର କୈଳାସ ରଥ ଏକରକମ ଅସହାୟ ହୋଇପଡ଼ିଥିଲେ। ଏହି ସମୟରେ ଖବରପାଇ ସୁହାନପୁର ପଞ୍ଚାୟତ ତରଫରୁ ସରପଞ୍ଚ ସନ୍ଧ୍ୟାରାଣୀ କାଣ୍ଡି ନିଜେ ଯାଇ କୈଳାସଙ୍କୁ ଭେଟି ଚାଉଳ, ଡାଲି, ଆଳୁ, ବିସ୍କୁଟ ଇତ୍ୟାଦି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିବା ସୂଚନା ମିଳିଛି। ଏଥିରେ ସରପଞ୍ଚ କାଣ୍ଡିଙ୍କ ସମେତ ଝୁମମଣୀ ସାହୁ, ସାମାଜିକ କର୍ମୀ ଆଶିଷ କାଣ୍ଡି, ପ୍ରଫୁଲ୍ଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାକଟପୁର ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ୟୁଥ ମାସ ପକ୍ଷରୁ ମେଡିକାଲ ଛକ, କାକଟପୁର ବଜାରର ବିଭିନ୍ନ ସ୍ଥାନରେ ଅସହାୟ ବ୍ୟକ୍ତିମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ଏଥିସହ ବଜାରରେ ବୁଲୁଥିବା ଗୋରୁମାନଙ୍କୁ ମଧ ତୋରାଣି ଓ ଗୋଖାଦ୍ୟ ବଣ୍ଟନ କରିଥିଲେ। ଏହି ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ କାକଟପୁର ଥାନା ପୋଲିସ ଅଧିକାରୀ ଯୋଗ ଦେଇଥିବାବେଳେ ଲୋକମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ।



ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି।

# ଛୋଟ ଦୋକାନୀଙ୍କ ବଢ଼ିଛି ପେଟପାଟଣା ଚିନ୍ତା

**କରୋନା କଟକଣା**

ପୁରୀ ଅଫିସ,୨।୪

କରୋନା ପାଇଁ ୨୧ଦିନିଆ ଲକ୍‌ଡାଉନ ହୋଇଛି ଦେଶ। ଅର୍ଥନୈତିକ କାରବାର ଉପରେ ଲାଗିଛି ରୋକ୍। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରିବଟା ଚାଲିଥିବାବେଳେ ଅନ୍ୟ ସମସ୍ତ ଦୋକାନ, ବଜାର ବନ୍ଦ ରହିଛି। ଲକ୍‌ଡାଉନକୁ ଇତିମଧ୍ୟରେ ୮ ଦିନି ବିତିଥିବାବେଳେ ଅନେକଙ୍କ ଜୀବନ ଜୀବିକା ଉପରେ ଏହାର ପ୍ରଭାବ ପଡ଼ିଲାଣି। ବିଶେଷକରି ଶ୍ରମିକ ଓ ଦିନମଜୁରିଆ ଶ୍ରେଣୀର ଲୋକେ ପରିବାର ପ୍ରତିପୋଷଣ କରିବା ନେଇ ସମସ୍ୟାରେ ପଡ଼ିଛନ୍ତି। ସେହିପରି କ୍ଷୁଦ୍ର ବ୍ୟବସାୟୀ, ରାସ୍ତାକଡ଼ରେ ଛୋଟ ଦୋକାନ କରି ପରିବାର ଚଳାଉଥିବା ଦୋକାନୀ ଏବେ ଚିନ୍ତାରେ ପଡ଼ିଛନ୍ତି। କ'ଣ କରିବେ, କେମିତି ପରିବାର ପ୍ରତିପୋଷଣ କରିବେ ସେ ନେଇ ସମସ୍ୟାରେ ପଡ଼ିଥିବାବେଳେ ସରକାରଙ୍କ ନଜର ତାଙ୍କ ଉପରେ ପଡ଼ିନାହିଁ। ସହରାଞ୍ଚଳରେ ପଞ୍ଜୀକୃତ ଉଠାଦୋକାନୀଙ୍କ ପାଇଁ ରାଜ୍ୟ ସରକାର ୩ ହଜାର ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ପ୍ରାୟ ୬୫ ହଜାର ଉଠାଦୋକାନୀ ଉପକୃତ ହେବେ ବୋଲି କୁହାଯାଉଛି। କିନ୍ତୁ ଗ୍ରାମାଞ୍ଚଳରେ ରାସ୍ତାକଡ଼ରେ ପେଟପାଟଣା ପାଇଁ ଧାର ଉଧାର କରି ତେଲ ଲୁଣର ସଂସାର ଆଗେଇ ନେଉଥିବା ଦୋକାନୀ ଏବେ ମୁଣ୍ଡରେ ହାତ ଦେଇଛନ୍ତି। କରୋନା କଟକଣା ସେମାନଙ୍କ ପେଟପାଟଣା ଚିନ୍ତା ବଢ଼ାଇଦେଇଛି। ଏଭଳି ଦୁର୍ଦ୍ଦିନରେ ସରକାର କିଛି ଆର୍ଥିକ ସହାୟତା ଦିଅନ୍ତୁ ବୋଲି ସେମାନେ ଗୁହାରି କରୁଛନ୍ତି।

କରୋନା ଭୂତାଣୁ ସଂକ୍ରମଣ ଉପରେ ରୋକ୍ ଲଗାଇବା ପାଇଁ ସରକାର ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରିଛନ୍ତି। ଦେଶବ୍ୟାପୀ ଜାରି ହୋଇଥିବା ଏହି ଲକ୍‌ଡାଉନକୁ ଇତିମଧ୍ୟରେ ଆଠଦିନ ପୂରିଛି। ବନ୍ଦ ରହିଛି ସହରଠୁ ଗ୍ରାମାଞ୍ଚଳରେ ଥିବା ଛକ ବଜାର। ଘରେ ହାତବାନ୍ଧି ବସିଛନ୍ତି ଛୋଟବଡ଼ ଦୋକାନୀ ଓ ବ୍ୟବସାୟୀ। କରୋନା କଟକଣା ଏବେ କ୍ଷୁଦ୍ର ବ୍ୟବସାୟୀ ଓ ସେମାନଙ୍କ ପରିବାରର ପେଟପାଟଣା ଚିନ୍ତା ବଢାଇ ଦେଇଛି। ଆଜିର ମହଙ୍ଗା ଯୁଗରେ ପରିବାର ଚଳାଇବାକୁ କିଏ ଗାଁ ଛକ, ପାଖ ବଜାର ଏବଂ ପଞ୍ଚାୟତ ଓ ବ୍ଲକ ପକ୍ଷରୁ ଯୋଗାଇ ଦିଆଯାଇଥିବା ଦୋକାନ ଗୃହକୁ ଭଡ଼ାରେ ନେଇଥିଲେ। ଏଠାରେ କେହି ଷ୍ଟେଶନେରୀ, ଜେରକ୍ସ, ଘରକରଣା ସାମଗ୍ରୀ, ଖେଳଣା, ଖିଲିପାନ ଦୋକାନ କରିଥିଲେ ତ କେହି ଚା' ଓ କଫିର ଷ୍ଟଲ ଖୋଲିଥିଲେ। ଏଥିରୁ ଯାହା ରୋଜଗାର ହୁଏ ସେଥିରେ ଅନେକପରିବାରରେ ଚୁଲିଜଳେ। ହେଲେ କରୋନା ପାଇଁ ହୋଇଥିବା ଲକ୍‌ଡାଉନ ଯୋଗୁ ଏସବୁ ବନ୍ଦ ହୋଇଯାଇଛି। ଘରେ ଯାହା ବି ଅଳ୍ପ କିଛି ସଞ୍ଚିତ ଅର୍ଥ ଥିଲା ତାହା ବି ସରିଗଲାଣି। ଲକ୍‌ଡାଉନ ଆହୁରି ୧୩ଦିନ ରହିବ। କେମିତି ଚଳିବେ ନିଜେ, କିପରି ପରିବାର ଲୋକଙ୍କ ପେଟକୁ ଦାନାମୁଠାଏ ଯୋଗାଇବେ ଏହି ଚିନ୍ତାରେ ପେଷି ହେଉଛନ୍ତି।

ବର୍ତ୍ତମାନର ବାସ୍ତବସ୍ଥିତିକୁ ଗମ୍ଭୀରତାର ସହ ନେଇ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ପ୍ରକାର ଆର୍ଥିକ ପ୍ୟାକେଜ ଘୋଷଣା କରୁଛନ୍ତି। ରାଜ୍ୟ ସରକାର ସହରାଞ୍ଚଳର ପଞ୍ଜୀକୃତ କ୍ଷୁଦ୍ର ବ୍ୟବସାୟୀଙ୍କୁ ୩ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇଦେବାକୁ ଘୋଷଣା କରିଛନ୍ତି। କିନ୍ତୁ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ହଜାରହଜାର ଛୋଟବଡ଼ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀଙ୍କ ପାଇଁ କିଛି ବି ସହାୟତାର ବ୍ୟବସ୍ଥା ହୋଇନାହିଁ। ଏନେଇ ସେମାନେ ମାନସିକସ୍ତରରେ ଭାଙ୍ଗି ପଡ଼ିଛନ୍ତି। ସ୍ଥାନୀୟ ତହସିଲଦାରଙ୍କ ନିର୍ଦ୍ଦେଶରେ ରାଜସ୍ୱ ନିରୀକ୍ଷକମାନେ ନିଜ ନିଜ ଅଞ୍ଚଳର ଛକ ବଜାରରେ ଦୋକାନ କରିଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ତାଲିକା ପ୍ରସ୍ତୁତ କରି ସରକାର ସେମାନଙ୍କ କଥାକୁ ବିଚାରକୁ ନିଅନ୍ତୁ ବୋଲି ବ୍ୟବସାୟୀମାନେ କହିଛନ୍ତି।

# ରାଜ୍ୟ ବାହାର ଶ୍ରମିକ, ନିରାଶ୍ରୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

ନିମାପଡ଼ା,୨।୪(ଡି.ଏନ.ଏ.)

ଲକଡାଉନ ଘୋଷଣା ପରେ ନିମାପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଫସିଥିବା ରାଜ୍ୟ ବାହାର ୧୪୦ଜଣ ଶ୍ରମିକଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ୭ଦିନ ପାଇଁ ଚାଉଳ, ଡାଲି, ତେଲ, ପନିପରିବା ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ସେହିପରି ଗଡ଼ପଦନପୁର, ସିଲଙ୍ଗ, ଅଲଣ୍ଡା, ନୂଆସନ୍ତ, ବାମନାଳ, ବାହାରେଣା, କୋଟକୋସାଙ୍ଗ ଆଦି ୭ଟି ପଞ୍ଚାୟତରେ ଥିବା ଗରିବ, ନିରାଶ୍ରୟ, ମାନସିକବିକାରଗ୍ରସ୍ତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିବା ବିଡିଓ ମନୋଜ କୁମାର ବେହେରା କହିଛନ୍ତି। ବ୍ଲକ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀମାନଙ୍କ ସହାୟତାରେ ଅନ୍ୟ ଜାଗାରେ ରହିଥିବା ବାହାର ରାଜ୍ୟର ଶ୍ରମିକ, ଦିନମଜୁରିଆ, ଗରିବମାନଙ୍କୁ ଗ୍ରସେରି ସାମଗ୍ରୀ, ପନିପରିବା, ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଏହାସହ ଶ୍ରମିକମାନେ ରହିବା ପାଇଁ ବିଭିନ୍ନ ବିଦ୍ୟାଳୟ, ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ଅଙ୍ଗନୱାଡି ଗୃହ ଆଦିରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ବିଡିଓ ବେହେରା କହିଛନ୍ତି।

**ସଂକ୍ଷେପରେ**

## କୋଭିଡ୍-୧୯ ନିୟମ ଉଲ୍ଲଂଘନ, ୮ ଗିରଫ

**ଖୋର୍ଦ୍ଧା ଅଫିସ,୨।୪ :** କୋଭିଡ-୧୯ ଉଲ୍ଲଂଘନ ନେଇ ସଦର ଥାନା ପୋଲିସ ୮ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାଇପଦର ଅଞ୍ଚଳର ସତ୍ୟରଞ୍ଜନ ସାହୁ(୨୧), ଚୁକୁନା ରାଉତରାୟ(୪୫), ଆଲାଉଦ୍ଦିନ(୪୮) ଓ ବାବୁ ପାତ୍ର, ଦଉଳପୁଟର ସତ୍ୟବାନ ପାଲଟାସିଂ(୩୦) ଏବଂ ସିଆଲିଆର ସଞ୍ଜୟ କାଳିଆ(୨୯), ଜିତେନ୍ଦ୍ର ସାମନ୍ତରାୟ(୫୩) ଓ ତପନ ପାତ୍ର(୨୬)। ଏ ନେଇ ଥାନାରେ ପୃଥକ ଭାବେ ଆଇପିସି ଦଫା ୧୮୮/୨୬୯/୨୭୦/୩୪ କେଶ ନଂ୬୩/୬୪/୬୫ ରେ ମାମଲା ରୁଜୁ ହୋଇଛି ବୋଲି ସଦର ଥାନାଧିକାରୀ ଅନିତା ସାହୁ କହିଛନ୍ତି। ଗିରଫ ଅଭିଯୁକ୍ତମାନେ କୋଭିଡ-୧୯ ଆଇନକୁ ଉଲ୍ଲଂଘନ କରି ଚାହା ଓ ପାନ ଦୋକାନ ଖୋଲି ବେପାର କରୁଥିବା ଅଭିଯୋଗରେ ଗିରଫ କରାଯାଇଥିବା ଥାନାଧିକାରୀ ସାହୁ କହିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହୁନି ସାମାଜିକ ଦୂରତ୍ୱ

**କଣ୍ଟାପଡ଼ା,୨।୪(ଡି.ଏନ.ଏ.):** ଦିନକୁଦିନ ମହାମାରୀ କରୋନାର ରୂପ ଭୟାନକ ହେବାରେ ଲାଗିଛି। ଏହି ଭୂତାଣୁର ସଂକ୍ରମଣ ରୋକିବା ଲାଗି ସରକାର ଲକଡାଉନ ଘୋଷଣାର କରିବା ସହ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେବାକୁ ବିଭିନ୍ନ କ୍ଷେତ୍ରରେ ସଚେତନ କରାଯାଉଛି। ଏହାସତ୍ତ୍ୱେ କଣ୍ଟାପଡ଼ା ଅଧୀନ ଅଡ଼ଶପୁରସ୍ଥିତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଏହାକୁ ଆଦୌ ଗୁରୁତର ସହ ନେଉନାହାନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ କାଶ, ଥଣ୍ଡା ଓ ଜ୍ୱରରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି। ଫଳରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ରୋଗୀଙ୍କ ସୁଅ ଛୁଟୁଛି। ଗୁରୁବାର ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀମାନଙ୍କ ପ୍ରବଳ ଭିଡ଼ ଦେଖାଯାଇଥିଲା। କିନ୍ତୁ ପରସ୍ପର ମଧ୍ୟରେ ସାମାନ୍ୟ ହେଲେ ବି ସାମାଜିକ ଦୂରତ୍ୱ ରଖୁ ନ ଥିବା ଦେଖାଯାଇଛି। ସ୍ଥାନୀୟ ସାମାଜିକ କର୍ମୀ ନିରଞ୍ଜନ ଭୋଇ ଗୁରୁବାର ସକାଳେ ଜଣେ ରୋଗୀଙ୍କୁ ନେଇ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଏଭଳି ପରିସ୍ଥିତି ଦେଖି ଉପସ୍ଥିତ ରୋଗୀ ଓ ସମ୍ପର୍କୀୟଙ୍କୁ ସାମାଜିକ ଦୂରତ୍ୱ ରଖିବା ପାଇଁ କହିଥିଲେ। ମାତ୍ର କେହି ନ ଶୁଣିବାରୁ ସେଠାରେ ଉପସ୍ଥିତ ଥିବା ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ଜଣାଇଥିଲେ। ମାତ୍ର ସିକ୍ୟୁରିଟି ଗାର୍ଡଜଣଙ୍କ ନିଜର ଅକ୍ଷମତା ପ୍ରକାଶ କରିଥିଲେ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ପରିସ୍ଥିତି ରହିଲେ କରୋନା ସଂକ୍ରମଣକୁ ଆଦୌ ଏଡ଼ାଇ ଦିଆ ନ ଯାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ୧୨୫୩୨୬ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ

**କଟକ ଅଫିସ, ୨।୪:** କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ଓ ପ୍ରତିହତ ନିମନ୍ତେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ରାପିଡ ରେସ୍ପନ୍ସ ଟିମ ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ପଞ୍ଚାୟତ ସ୍ତରରେ ଗୁରୁବାର ପର୍ଯ୍ୟନ୍ତ ୩୭୮ଟି ଏବଂ ପୌରାଞ୍ଚଳ ଗୁଡ଼ିକରେ ୧୬ଟି ଆସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ଖାଦ୍ୟ ସୁରକ୍ଷା ଯୋଜନାରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୧୨୫୩୨୬ ହିତାଧିକାରୀଙ୍କୁ ୧୯୮୩୬.୪୮ କୁଇଣ୍ଟାଲ ଚାଉଳ ବଣ୍ଟାଯାଇଛି। ୧୯୧ ପଞ୍ଚାୟତ ଓ ୪ଟି ପୌରାଞ୍ଚଳରେ ଯଥାକ୍ରମେ ୭୬୫୭୩ ଏବଂ ୫୭୬୯ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୨୩୦୪୮୯ ହିତାଧିକାରୀଙ୍କୁ ଟ ୪୬,୮୬,୫୦,୮୦୦ ଟଙ୍କା ଭତ୍ତା ଦିଆଯାଇଛି।

## ରନ୍ଧା, ଶୁଖିଲା ଖାଦ୍ୟ ବଣ୍ଟନ

**ଜଟଣୀ,୨।୪(ଡି.ଏନ.ଏ):** ନିରାଶ୍ରୟ, ଗରିବ ଲୋକଙ୍କୁ ମ୍ୟୁନିସିପାଲିଟି ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ଏହାଛଡ଼ା କେତେକ ବ୍ୟକ୍ତିବିଶେଷ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ନିରାଶ୍ରୟ, ଗରିବଙ୍କ ସମେତ ବୁଲାକୁକୁର, ଗାଇ, ଷଣ୍ଢ ଆଦିଙ୍କୁ ଖାଦ୍ୟ ବଣ୍ଟାଯାଉଛି। ଆଶ୍ରୟ, ବଜରଙ୍ଗୀ ସେବା ସଂଘ, ଆଶାକିରଣ ସଙ୍ଗଠନ ସମେତ କଳିଙ୍ଗ ସାହୁ, ନୌସର ଅଲ୍ଲୀ, ଶେଖ୍ ସାହିରୁଦ୍ଦିନ, ପ୍ରଣୟ ପଟ୍ଟନାୟକ, ଶିବ ମହାନ୍ତି, ଉତ୍କଳ ବଳିୟାରସିଂ ପ୍ରମୁଖ ବହୁ ସାମାଜିକ କର୍ମୀ ବିଭିନ୍ନ ସ୍ଥାନରେ ଖାଦ୍ୟ ବାଣ୍ଟୁଛନ୍ତି। ଏହି ସମୟରେ ସାମାଜିକ ଦୂରତା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି।

# ନିଜାମୁଦ୍ଦିନ ଫେରନ୍ତାଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୧୩

**ଖୋର୍ଦ୍ଧା ଅଫିସ, ୨।୪**

ଦେଶରେ କରୋନା ଭୂତାଣୁ ସଂକ୍ରମଣ ବୃଦ୍ଧି ଲାଗି ଗତ ଦୁଇ ଦିନ ଧରି ଚର୍ଚ୍ଚାରେ ରହିଛି ନିଜାମୁଦ୍ଦିନ ମରକଜ୍ (ମସ୍‌ଜିଦ୍) ତାବଲିଗି ଜମାତ। ସେଠାରେ ଯୋଗଦାନ କରି ଓଡ଼ିଶାକୁ ଫେରିଥିବା ଯାତ୍ରୀଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ୧୩ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜଟଣୀରୁ ୭, ଟାଙ୍ଗୀରୁ ୩ ଏବଂ ଖୋର୍ଦ୍ଧାରୁ ୩ଜଣ ରହିଥିବା ଗୁରୁବାର ଜିଲାପାଳ ଶୀତାଂଶୁ ରାଉତ କହିଛନ୍ତି। ସେ କହିଲେ ଯେ, ଏ ସମ୍ପର୍କରେ ଜଣାପଡ଼ିବା ପରେ ପ୍ରଥମେ ଜଟଣୀ ଓ ଟାଙ୍ଗୀ ଅଞ୍ଚଳରୁ ଯୋଗଦେଇଥିବା ବ୍ୟକ୍ତିଙ୍କ ସହ ମୋବାଇଲ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ସେମାନଙ୍କ ଘରକୁ ସ୍ଥାନୀୟ ପୋଲିସ ଓ ତହସିଲଦାର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ୧୦ ଜଣଙ୍କ ମଧ୍ୟରୁ ୯ଜଣ ନିଜାମୁଦ୍ଦିନରେ କ୍ୱାରାଣ୍ଟାଇନରେ ରହିଥିବା ବେଳେ ଜଣେ କିଶନଗଞ୍ଜରେ ରହିଛନ୍ତି।

ଗତ ୧୦ରୁ ୧୨ତାରିଖ ମଧ୍ୟରେ ଖୋର୍ଦ୍ଧା ବ୍ଲକରୁ ୩ଜଣ ନିଜାମୁଦ୍ଦିନ କାର୍ଯ୍ୟକ୍ରମରେ ଯୋଗଦେଇ ଗାଁକୁ ଫେରିଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ସେମାନଙ୍କୁ ତୁରନ୍ତ ଘରୁ ଅଣାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସୋଲେଶନ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ୩ଜଣଙ୍କ ସ୍ୱାବ୍ ପରୀକ୍ଷା ଲାଗି ଭୁବନେଶ୍ୱର ଏମ୍ସକୁ ପଠାଯାଇଛି। ଖୋର୍ଦ୍ଧା ବ୍ଲକର ସମ୍ପୃକ୍ତ ୩ଜଣ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ତାହାର ଖୋଜ ଖବର ଜାରି ରହିଛି। ପ୍ରଶାସନ ପକ୍ଷରୁ ଏ ନେଇ କଡ଼ା ନଜର ରଖାଯାଇଛି। ଜିଲାରୁ ଅନ୍ୟ କେହି ନିଜାମୁଦ୍ଦିନରୁ ଫେରିଥିବା ଖବର ନାହିଁ। ଅନ୍ୟପକ୍ଷରେ ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଆତଙ୍କ ପ୍ରକାଶ ପାଇଛି। ଏ ନେଇ ଆତଙ୍କିତ ନ ହେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୪୬ଜଣଙ୍କ ସ୍ୱାବ୍ ପରୀକ୍ଷା ଲାଗି ପଠାଗଲା ଏମ୍ସ

**ଖୋର୍ଦ୍ଧା ଅଫିସ,୨।୪/ ବାଲକାଟୀ (ଡି.ଏନ୍.ଏ.)**

ଗୁରୁବାର ସୁଦ୍ଧା ଖୋର୍ଦ୍ଧା ଜିଲାରୁ ୪୬ କରୋନା ସନ୍ଦିଗ୍ଧଙ୍କ ସ୍ୱାବ ପରୀକ୍ଷା ଲାଗି ଭୁବନେଶ୍ୱର ଏମ୍ସ ପଠାଯାଇଛି। ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବୋଲଗଡ଼, ଟାଙ୍ଗୀ, ବାଲକାଟୀ ଓ ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଅସ୍ଥାୟୀ ସ୍ୱାବ୍ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି। ଇତିମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୨୧, ଟାଙ୍ଗୀରୁ ୧୨, ବୋଲଗଡ଼ରୁ ୮, ବାଲକାଟୀରୁ ୫ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ସେହିଭଳି ସମସ୍ତ ଡାକ୍ତରଖାନାରେ ଆଇସୋଲେଶନ ୱାର୍ଡ ଓ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲାଯାଇ ଜରୁରିକାଳୀନ ପରିସ୍ଥିତିର ମୁକାବିଲା ଲାଗି ପ୍ରସ୍ତୁତ ରଖାଯାଇଛି। ଜୀବନ ରକ୍ଷାକାରୀ ଔଷଧଠାରୁ ଆରମ୍ଭ କରି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜିଲାପାଳ ସୀତାଂଶୁ ରାଉତ କହିଛନ୍ତି। ତେବେ ବୁଧବାର ଖୋର୍ଦ୍ଧାରୁ ପଠାଯାଇଥିବା ୩ ନମୁନା ରିପୋର୍ଟ ନେଗେଟିଭ୍ ଆସିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ସୂଚନୁସାରେ, ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସରଦେଇପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ କରୋନା ସ୍ୱାବ୍ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି। ଗୁରୁବାର ଦ୍ୱିତୀୟ ଦିନରେ ୫ଜଣ କରୋନା ସନ୍ଦିଗ୍ଧଙ୍କ ସ୍ୱାବ ସଂଗ୍ରହ କରାଯାଇ ଏମ୍‌ସକୁ ପରୀକ୍ଷା ପାଇଁ ପଠାଯାଇଛି। ଏହି ସନ୍ଦିଗ୍ଧଙ୍କ ମଧ୍ୟରୁ ବାଲିଅନ୍ତା ଓ ବାଲିପାଟଣା ବ୍ଲକର ୪ଜଣ ବିଦେଶ ଫେରନ୍ତା ରହିଛନ୍ତି। ସେମାନେ ହେଲେ ଦୁବାଇରୁ ଫେରିଥିବା ବାଲିଅନ୍ତା ବ୍ଲକର ୫୪ ବର୍ଷିୟା ମହିଳା, ଦକ୍ଷିଣ ଆଫ୍ରିକାରୁ ଫେରିଥିବା ଜଣେ ୩୨ ବର୍ଷୀୟ ଯୁବକ, ଜର୍ମାନୀରୁ ଫେରିଥିବା ବାଲିପାଟଣା ବ୍ଲକର ଜଣେ ୩୪ ବର୍ଷୀୟ ଯୁବକ ଓ ବାହାରିନରୁ ଆସିଥିବା ଏହି ବ୍ଲକ୍‌ର ଅନ୍ୟଜଣେ ୨୮ ବର୍ଷର ଯୁବକ। ତେବେ ପଞ୍ଚମ ସନ୍ଦିଗ୍ଧ ଜଣକ ଭୁବନେଶ୍ୱର କର କ୍ଲିନିକର କର୍ମଚାରୀ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।




## ଆଜିଠୁ କରୋନା କେୟାର ପ୍ରଶିକ୍ଷଣ

**କଟକ ଅଫିସ, ୨।୪**

ଅନେକ ସ୍ଥାନରେ କରୋନା ରୋଗୀଙ୍କ ସେବାରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀ ସଂକ୍ରମଣର ଶିକାର ହୋଇଛନ୍ତି। ବୁଧବାର ନୂଆଦିଲ୍ଲୀରେ ଏକ କ୍ୟାନସର ହସ୍ପିଟାଲର ଡାକ୍ତର କରୋନା ସଂକ୍ରମଣର ଶିକାର ହୋଇଥିବା ସାମ୍ନାକୁ ଆସିଛି। ତେଣୁ କରୋନା ରୋଗୀଙ୍କ ଚିକିତ୍ସା ବେଳେ କ'ଣ ସବୁ ସାବଧାନତା ଅବଲମ୍ବନ କରିବାକୁ ହେବ ଏ ନେଇ ଏକ ପ୍ରଶିକ୍ଷଣ ଶିବିର ୩ ତାରିଖ ଶୁକ୍ରବାରଠାରୁ ଏସ୍‌ସିବି ମେଡିକାଲ କଲେଜରେ ଆରମ୍ଭ ହେବ। ଏଥିରେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡିକାଲ କର୍ମଚାରୀମାନଙ୍କୁ ୫୦ ଜଣିଆ ଗ୍ରୁପରେ ବିଭକ୍ତ କରାଯାଇ ତାଲିମ ଦିଆଯିବ। ତାଲିମ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ଏସ୍‌ସିବିର ପଲମୋଲୋଜି ବିଭାଗର ଡାକ୍ତରମାନେ ତଦାରଖ କରିବେ। ଉକ୍ତ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଲା ରୋଗୀଙ୍କୁ ନିରାପଦ ଚିକିତ୍ସା ଓ ସ୍ୱାସ୍ଥ୍ୟକର୍ମୀଙ୍କ ବ୍ୟକ୍ତିଗତ ସୁରକ୍ଷାକୁ ଗୁରୁତ୍ୱ ଦେବା। ଏମ୍‌ବିବିଏସ୍ ପାଠ୍ୟକ୍ରମର ୭ମ ୮ମ ଓ ୯ମ ସେମିଷ୍ଟର ଛାତ୍ରୀଛାତ୍ରଙ୍କୁ ଜରୁରୀ ପଡ଼ିଲେ କରୋନା ମୁକାବିଲାରେ ନିୟୋଜିତ କରିବାର ଯୋଜନା ଥିବାରୁ ଏହି ଶିବିର ଦ୍ୱାରା ଅନେକ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି କୁହାଯାଇଛି।



ଗ୍ରାହକ ନ ଥିବାରୁ ବକ୍ସିବଜାର ରାସ୍ତା ପାର୍ଶ୍ୱରେ ଗୁରୁବାର ମଧ୍ୟାହ୍ନରେ ଠେଲାଗାଡ଼ିରେ ଫଳ ବିକୁଥିବା ଜଣେ ମହିଳା ଶୋଇପଡ଼ିଛନ୍ତି।

## ୧୮୩୦୫ ପରିବାରକୁ ଚାଉଳ ବଣ୍ଟନ

### ୩୩, ୭୩, ୯୦, ୮୦୦ ଟଙ୍କା ଭତ୍ତା ପ୍ରଦାନ

**ଖୋର୍ଦ୍ଧା ଅଫିସ,୨।୪**

କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨କୋଟି ଟଙ୍କା ଆସିଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖୋର୍ଦ୍ଧା ଜିଲାରେ ୧୮,୩୦୫ ପରିବାରଙ୍କୁ ୧୨୯୭୦.୯୮ କୁଇଣ୍ଟାଲ ଚାଉଳ ଦିଆଯାଇଛି। ଜିଲାର ୧୯୦ଟି ପଞ୍ଚାୟତ ସମେତ ୨ଟି ପୌର ପରିଷଦ ଏବଂ ୨ଟି ବିଜ୍ଞପିତ ଅଞ୍ଚଳ ପରିଷଦରେ ମୋଟ ୨୧୦ଟି ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଛି। ଏଥିରେ ୪୭୯୦ ଶଯ୍ୟା ବ୍ୟବସ୍ଥା କରାଯାଇଛି। ୬୦୨୦ ଶଯ୍ୟା ଲାଗି ଯୋଜନା ରହିଛି। ଜିଲାରେ ୧,୫୯, ୯୭୭ ହିତାଧିକାରୀଙ୍କୁ ଭତ୍ତା ବାବଦରେ ୩୩ କୋଟି ୭୩ ଲକ୍ଷ ୯୦ ହଜାର ୮ଶହ ଟଙ୍କା ପ୍ରଦାନ କରାଯାଇଛି ବୋଲି ଜିଲାପାଳ ଶୀତାଂଶୁ ରାଉତ ଗୁରୁବାର ସୂଚନା ଦେଇଛନ୍ତି। ଜିଲାର ସେବାଶ୍ରମ ବିଦ୍ୟାଳୟ ଛାତ୍ରାବାସ ଓ ଅନ୍ୟାନ୍ୟ ଛାତ୍ରାବାସରେ ରହୁଥିବା ୩୪୮୯ ଛାତ୍ରୀଛାତ୍ରଙ୍କୁ ହଷ୍ଟେଲରୁ ଖାଲି କରାଯାଇଛି। ଜିଲାରେ ପୋଷ୍ଟ ମାଟ୍ରିକ ଷ୍ଟାଇପେଣ୍ଡ ବାବଦରେ ୮୧ ଲକ୍ଷ ୪୯ ହଜାର୫ ଶହ ଟଙ୍କା ପ୍ରଦାନ କରାଯାଇଛି। ଜାମୁଝରି ଓ ଛତାବରରେ ୨ଟି କ୍ୱାରାଣ୍ଟାଇନ ସେଣ୍ଟରରେ ୨୫୨ ଜଣଙ୍କ ରହିବା ବ୍ୟବସ୍ଥା କରାଯାଇଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ୬୨୨୦ଜଣ ଅସହାୟ ବ୍ୟକ୍ତିଙ୍କୁ ମାଗଣା ଖାଇବା ଦିଆଯାଇଛି। ୧୧୧ଟି ସ୍ୱୟଂସହାୟକ ଗୋଷ୍ଠୀ ଏଥିରେ ନିୟୋଜିତ ଅଛନ୍ତି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ନିଜାମୁଦ୍ଦିନ ଫେରନ୍ତାଙ୍କ ଅଡିଓ କ୍ଲିପ୍ ଜାରି କଲା ପୋଲିସ

**କଟକ ଅଫିସ,୨।୪**

ଦିଲ୍ଲୀର ନିଜାମୁଦ୍ଦିନରେ ଅନୁଷ୍ଠିତ ଧର୍ମସଭାରେ ଯୋଗଦେଇଥିବା ଅଧିକାଂଶ ଏବେ କରୋନା ଭୂତାଣୁରେ ଆକ୍ରାନ୍ତ। ଦେଶବ୍ୟାପୀ ସେମାନଙ୍କୁ ଚିହ୍ନଟ କରି କରୋନା ପରୀକ୍ଷା କରାଯିବା ସହ କ୍ୱାରାଣ୍ଟାଇନରେ ରଖାଯାଉଛି। ଏହି ଧର୍ମସଭାରେ କଟକର ୩ଜଣ ବ୍ୟକ୍ତି ଭାଗ ନେଇଥିବା କୁହାଯାଉଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଚିହ୍ନଟ କରିବାରେ ପୋଲିସ ସଫଳ ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏସ୍‌ସିବି କ୍ୱାଣ୍ଟାଇନରେ ରଖାଯାଇଛି। ଗୁରୁବାର ସମ୍ପୃକ୍ତ ବ୍ୟକ୍ତିଙ୍କ ଏକ ଅଡିଓ କ୍ଲିପ ଜାରି କରିଛି ପୋଲିସ। ଏହି ଅଡିଓ କ୍ଲିପରେ ବ୍ୟକ୍ତି ଜଣଙ୍କ ଧର୍ମସଭାରୁ ଫେରିଥିବା ଅନ୍ୟମାନଙ୍କୁ କେତେକ ଅହ୍ୱାନ ଦେଇଥିବା ଶୁଣିବାକୁ ମିଳୁଛି। ଧର୍ମସଭାରୁ ଫେରିଥିବା ବ୍ୟକ୍ତି ବିଶେଷ ନିଜସ୍ୱ କରୋନା ଟେଷ୍ଟ କରିବାକୁ ଆସନ୍ତୁ।୧୦୪ ଡାଏଲ କରି ନିଜ ନାମ ପଞ୍ଜିକରଣ କରିବା ସହ ଏହି ମହାମାରୀରୁ ନିଜ ପରିବାର ତଥା ସମାଜକୁ ରକ୍ଷା କରନ୍ତୁ ବୋଲି ଅଡିଓ କ୍ଲିପ ମାଧ୍ୟମରେ ନିବେଦନ କରିଛନ୍ତି।

## ମାଗଣା ଭୋଜନ ପାଇଁ ଅଗ୍ରିମ ୨୦ ହଜାର

**କଟକ ସଦର,୨।୪(ଡି.ଏନ୍.ଏ.)**

ଲକଡାଉନ ଯୋଗୁ ଫସିଥିବା ଶ୍ରମିକ ତଥା ଗରିବ, ଦିନମଜୁରିଆ, ନିରାଶ୍ରୟମାନଙ୍କୁ ମାଗଣା ଭୋଜନ ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ଏଥିପାଇଁ କଟକ ସଦର ବ୍ଲକ ପ୍ରଶାସନ ୨୩ଟି ପଞ୍ଚାୟତର ପିଇଓ(ପଞ୍ଚାୟତ କାର୍ଯ୍ୟନିର୍ବାହୀ)ଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଗୁରୁବାର ଅଗ୍ରୀମ ୨୦ହଜାର ଟଙ୍କା ଲେଖାଏ ଟ୍ରାନ୍ସଫର କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହାୟତାରେ ଭୋଜନ ରନ୍ଧାଯାଇ ଲୋକଙ୍କୁ ଯୋଗାଇ ଦିଆଯିବ। କିନ୍ତୁ ବ୍ଲକରେ ଏଥିପାଇଁ ଥିବା ନିର୍ଦ୍ଧାରିତ ଗାଇଡଲାଇନକୁ ନ ମାନି କେତେଜଣ ଅଯୋଗ୍ୟ ବ୍ୟକ୍ତିଙ୍କୁ ଭୋଜନ ଦିଆଯାଉଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ବିଶେଷ କରି ଇଟାଭାଟି ଶ୍ରମିକ ଏବଂ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଏହି ଭୋଜନରେ ସାମିଲ କରିଥିବାରୁ ଅନେକେ ବିରୋଧ କରିଛନ୍ତି। କାରଣ ଏମାନଙ୍କୁ କେତେଜଣ ଠିକାଦାର, ଇଟାଭାଟି ମାଲିକ ୩ମାସ ହେବ ରାଜ୍ୟ ବାହାରୁ ଆଣି କାମ କରାଉଥିଲେ। ଏଥିରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସହାୟତାରେ ଭୋଜନ ଦିଆଯାଉଥିବାରୁ ଏହା ଦୁର୍ଭାଗ୍ୟଜନକ ବୋଲି ଆୟତପୁର ପଞ୍ଚାୟତର ସମିତିସଭ୍ୟ ତଥା ଭାଜପା ନେତା ଗୋକୁଳଚନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଭୋଜନ ପାଇଁ ଅର୍ଥ ସ୍ୱତନ୍ତ୍ର ରିଲିଫ କମିଶନର ଯୋଗାଇ ଦେଉଥିବାରୁ ଏଥିପାଇଁ ସମ୍ପୃକ୍ତ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୨୦୫୩/୩୦.୩.୨୦ରେ ଗାଇଡଲାଇନ ପ୍ରସ୍ତୁତ କରାଯାଇଛି। ଏହି ଗାଇଡଲାଇନ ଠିକ ଭାବେ କାର୍ଯ୍ୟକାରୀ ହେଉନାହିଁ ବୋଲି ପ୍ରଧାନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।

## ଏନ୍‌ଡିଆର୍‌ଏଫ୍ ପକ୍ଷରୁ ସାନିଟାଇଜେଶନ




**ନରାଜ,୨।୪(ଡି.ଏନ.ଏ.)**

କଟକ ମୁଣ୍ଡଳୀସ୍ଥିତ ୩ୟ ବାହିନୀ ଏନ୍‌ଡିଆରଏଫ ପକ୍ଷରୁ କରୋନା ମୁକାବିଲା ପାଇଁ ସାନିଟାଇଜେଶନ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବାରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଏହି ସାନିଟାଇଜେଶନ କରାଯିବ। ଗୁରୁବାର ପ୍ରଥମ ପର୍ଯ୍ୟାୟରେ ଷଣ୍ଢପୁରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଡିସାହି ଫାଣ୍ଡି, ରାମଦାସପୁର, ନରାଜ ମାର୍ଥାପୁର ସ୍କୁଲରେ ହୋଇଥିବା ଅସ୍ଥାୟୀ କ୍ୱାରାଣ୍ଟାଇନ ଓ ନରାଜ ମାର୍ଥାପୁର ରେଳ ଷ୍ଟେସନ ପରିସରକୁ ସାନିଟାଇଜେଶନ କରାଯାଇଛି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜିଏସ ପଟେଲଙ୍କ ତତ୍ତ୍ୱାବଧାନ ଓ ଇନ୍ସପେକ୍ଟର ବିକେ ସିଂଙ୍କ ନେତୃତ୍ୱରେ ଏକ ୬ ଜଣିଆ ସବଟିମ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଚୌଦ୍ୱାର ଗ୍ରାମ ସିଲ୍ କଲା ପୋଲିସ

**ଚୌଦ୍ୱାର,୨।୪(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକାର ୫ଟି ୱାର୍ଡ଼କୁ ନେଇ ଗଠିତ ଚୌଦ୍ୱାର ଗ୍ରାମକୁ ପୋଲିସ ବୁଧବାର ସିଲ କରିଛି। କଟକ ପଟୁ ବ୍ୟାରେଜ ରୋଡ଼ର ଚୌଦ୍ୱାର ତଳ ବଜାର ନିକଟରେ ଏବଂ ହାଇଲେବୁଲ କେନାଲର ପ୍ରଧାନ ସାହି ନିକଟରେ ଥିବା ପୋଲକୁ ବନ୍ଦ କରି ଦିଆଯାଇଛି। ଓଟିଏମ୍ ପଟୁ ହନୁମାନ ମନ୍ଦିର ସମ୍ମୁଖ ରାସ୍ତା ଓ ଆଇଟିଟି ପଛପଟେ ଯାଇଥିବା ରାସ୍ତାକୁ ବନ୍ଦ କରାଯାଇଛି। ତଳବଜାର–ଗୁପ୍ତେଶ୍ୱର ସାହି ରାସ୍ତା, ପ୍ରଧାନ ସାହି ରାସ୍ତା, ମହାଜନ ସାହି ରାସ୍ତା ଆଦିକୁ ବାଉଁଶ ବାନ୍ଧି ବନ୍ଦ କରାଯାଇଛି।

## ମନ୍ଦିରରେ ଭିଡ଼କୁ ବିରୋଧ କରିବାରୁ ଆକ୍ରମଣ

**ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ**

**କଟକ ଅଫିସ, ୨।୪**

ମଙ୍ଗଳାବାଗ ଥାନା ଅନ୍ତର୍ଗତ ନାୟକ ସାହିରେ ଲକଡାଉନ ବେଳେ ଅନେକ ଲୋକ ଏକାଠି ହୋଇ ମନ୍ଦିରରେ ପୂଜା କରିବାକୁ କେନ୍ଦ୍ରକରି ଉତ୍ତେଜନା ସୃଷ୍ଟିହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ମଙ୍ଗଳାବାଗ ଥାନା ଅନ୍ତର୍ଗତ ନାୟକସାହିରେ କେତେଜଣ ମହିଳା ମନ୍ଦିରରେ ରାମ ନବମୀ ପୂଜା କରୁଥିଲେ। ମାତ୍ର ସାମାଜିକ ଦୂରତ୍ୱ ନ ରଖି ୨୫ରୁ ୨୦ ବ୍ୟକ୍ତି ଏକାଠି ହୋଇ ପୂଜା କରୁଥିବାରୁ ଉକ୍ତ ଅଞ୍ଚଳର ରମାକାନ୍ତ ନାୟକ ଏହାକୁ ବିରୋଧ କରିଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସହ ତାଙ୍କର ବଚସା ହୋଇଥିଲା। ଯୁବକ ଜଣକ ରମାକାନ୍ତଙ୍କୁ ଗାଳିଗୁଲଜ କରି ଧକ୍କା ମାରି ବିଦା କରିଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି ବୋଲି ମଙ୍ଗଳବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର କହିଛନ୍ତି। ଉକ୍ତ ଅଞ୍ଚଳର କିଛି ଯୁବକଙ୍କ ସହ ଅଭିଯୋଗକାରୀଙ୍କର ପୂର୍ବ ଶତ୍ରୁତା ରହିଛି। ଲକଡାଉନ କାରଣରୁ ସମସ୍ତ ଲୋକଙ୍କୁ ଡକାଇ ଘଟଣାର ତଦନ୍ତ କରିବା ବର୍ତ୍ତମାନ ସମ୍ଭବ ନୁହେଁ । ମାତ୍ର ପୋଲିସ ଆଗାମୀ ଦିନରେ ଉକ୍ତ ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛନ୍ତି।

# ରେଭେନ୍‌ଶାରେ ଅନ୍‌ଲାଇନରେ ପାଠପଢ଼ା

- କୋର୍ସ ସାରିବାକୁ କୁଳପତିଙ୍କ ନିର୍ଦ୍ଦେଶ
- 'ଜୁମ' ଆପ୍‌ରେ ହେଉଛି କ୍ଲାସ

**କଟକ ଅଫିସ,୨।୪:** ଅନ୍‌ଲାଇନରେ ଚାଲିଛି ପାଠପଢା। ଅଧ୍ୟାପକମାନେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଛାତ୍ରୀଛାତ୍ରଙ୍କର କ୍ଲାସ ନେଉଛନ୍ତି। ସାରା ଦେଶରେ ଲକ୍‌ଡାଉନ ପାଇଁ ସମସ୍ତ ଶିକ୍ଷାନୁଷ୍ଠାନରେ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ପାଠପଢା ବନ୍ଦ ରହିଛି। ଏହାକୁ ଦୃଷ୍ଟିରେ ରଖି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଲକ୍‌ଡାଉନ ସମୟରେ ଅଧ୍ୟାପକମାନେ ଭିଡିଓ କନଫରେନ୍ସିଂରେ ଛାତ୍ରୀଛାତ୍ରଙ୍କ କ୍ଲାସ ନେବା ପାଇଁ କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ମୁଖ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି। ଅଧ୍ୟାପକମାନେ କ୍ଲାସ ନେଉଛନ୍ତି କି ନାହିଁ ସେ ବିଷୟରେ ଅବଗତ କରାଇବା ସହ କୋର୍ସ ଶେଷ କରିବାକୁ ମଧ୍ୟ କୁଳପତି କହିଛନ୍ତି। ଏଥିପାଇଁ 'ଜୁମ୍' ନାମକ ଏକ ଆପ୍ ସହଯୋଗରେ ଏକ ସମୟରେ ଶହେରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ କ୍ଲାସ ନିଆଯାଉଥିବା କୁଳପତି କହିଛନ୍ତି । ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ କ୍ଲାସ ଆରମ୍ଭ ହେଉଛି ଏବଂ କେଉଁ ବିଷୟ ଉପରେ କ୍ଲାସ କରାଯାଉଛି ସେ ନେଇ ବିଶ୍ୱବିଦ୍ୟାଳୟକୁ ତଥ୍ୟ ଦେବାକୁ ସମସ୍ତ ଅଧ୍ୟାପକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ୱେବ୍‌ସାଇଟରୁ ମିଳିବ ପାଠ୍ୟପୁସ୍ତକ

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୱେବସାଇଟରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ପାଇପାରିବେ। ଅନଲାଇନରେ ଯେଉଁ କ୍ଲାସ କରାଯିବ ତାହାର ପାଠ୍ୟପୁସ୍ତକ ବିଶ୍ୱବିଦ୍ୟାଳୟ ୱେବସାଇଟକୁ ଯାଇ ପଢିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ସେମାନେ କହନ୍ତି...



➤ ଘରେ ଖାଲି ବସିବା ଅପେକ୍ଷା ପିଲାମାନଙ୍କୁ ପଢାଇବା ବହୁତ ଭଲ। କୁଳପତିଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ କରାଯାଇଛି। ବିଶ୍ୱବିଦ୍ୟାଳୟ ଖୋଲିବା ପୂର୍ବରୁ କୋର୍ସ ଶେଷ କରିବା ପାଇଁ ପ୍ରୟାସ କରାଯାଉଛି।

**– ପ୍ରଫେସର ଅସୀମା ସାହୁ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ**



➤ ଛାତ୍ରୀଛାତ୍ରଙ୍କ ପାଇଁ ଏହି ଅନ୍‌ଲାଇନ କ୍ଲାସ ବହୁ ଉପାଦେୟ ହେବ। ପାଠପଢାରେ ଯଦି ବି କିଛି ସନ୍ଦେହ ରୁହେ ସିଧାସଳଖ ଆମ ସହ ଆଲୋଚନା କରିପାରିବେ। ବର୍ତ୍ତମାନ ସମୟରେ ଅନ୍ୟ କିଛି କାମ ନାହିଁ। ତେଣୁ ଛାତ୍ରୀଛାତ୍ରମାନେ ଯେତେ ସମୟ ଚାହିଁବେ ଆମ ସହିତ ବିଷୟବସ୍ତୁ ଉପରେ ଆଲୋଚନା କରିପାରିବେ।

**– ଡ. ଉର୍ମିଶ୍ରୀ ବେଦମତ୍ତା, ଅଧ୍ୟାପିକା, ଇଂଲିଶ ବିଭାଗ**



➤ ଅନଲାଇନ କ୍ଲାସ ମାଧ୍ୟମରେ ଏକ ସମୟରେ ସବୁ ପିଲାଙ୍କୁ ପଢାଯାଇପାରୁଛି । ଯଦି ବି କିଛି ତ୍ରୁଟି ରହେ ସେମାନେ ସିଧାସଳଖ ଅଧ୍ୟାପକ ଏବଂ ମୋ' ସହିତ ଯୋଗାଯୋଗ କରିପାରିବେ। ଏଥିପାଇଁ ଯୋଗଯୋଗ ନମ୍ବର ମଧ୍ୟ ଦିଆଯାଇଛି।

**– ପ୍ରଫେସର ଈଶାନ କୁମାର ପାତ୍ର, କୁଳପତି**

## ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ସାଲେପୁର,୨।୪(ଡି.ଏନ.ଏ.)**

ଅଧିକ ଯୌତୁକ ଦାବି କରି ସ୍ତ୍ରୀଙ୍କୁ ହତ୍ୟା କରିବାପରେ ଆତ୍ମହତ୍ୟା ରୂପଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଗୁରୁବାର ସାଲେପୁର ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସାଲେପୁର ଥାନା ଅଧୀନ ନରଦା ପଞ୍ଚାୟତ ଗରଗରା ଗ୍ରାମର ନିର୍ମଳ ବେହେରା। ୯ବର୍ଷ ତଳେ ନିର୍ମଳ ବୈରୀ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ଚକ୍ରଧର ଜେନାଙ୍କ ଝିଅ ସିନାଙ୍କୁ କୋର୍ଟରେ ବିବାହ କରିଥିଲେ। ବିବାହ ପରେ ନିର୍ମଳ ସିନାଙ୍କୁ ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ସିନାଙ୍କ ମୃତଦେହ ଶୋଇବା ଘର ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତେବେ ତାଙ୍କୁ ହତ୍ୟାକରି ନିର୍ମଳ ଆତ୍ମହତ୍ୟାର ରୂପ ଦେଉଥିବା ସିନାଙ୍କ ବାପା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ–୧୩୦/୨୦ରେ ଏକ ମାମଲା ରୁଜୁ କରିଥିଲା। ପ୍ରକାଶଯୋଗ୍ୟ, ନିର୍ମଳଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁପରେ ସିନାଙ୍କୁ ସେ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବାବେଳେ ସିନାଙ୍କ ଗୋଟିଏ ଝିଅ ଥିବା ଜଣାପଡ଼ିଛି।



ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ଓ ନିର୍ଦ୍ଦେଶକ ମହେଶ ଭଟ୍ଟଙ୍କ ପରେ ଏବେ ବଲିଉଡ୍ ଟ୍ରାଜେଡି କିଙ୍ଗ ଦିଲୀପ କୁମାର ମଧ କରୋନାକୁ ନେଇ ଦୁଇଧାଡି କବିତା ଲେଖିଛନ୍ତି। ବୁଧବାର ସେ ତାଙ୍କ ଟୁଇଟର ହ୍ୟାଣ୍ଡେଲରେ ଲେଖିଥିବା ୪ ଧାଡିର କବିତା କରୋନା ସମ୍ପର୍କରେ ବହୁତ କିଛି କଥା କହିଛି। ଉକ୍ତ କବିତା ମାଧମରେ ଦିଲୀପ କୁମାର ଲକ୍‌ଡାଉନ୍ ସମୟରେ ଘରେ ରହିବାକୁ ପରାମର୍ଶ ଦେଇଛନ୍ତି।





# ସହଯୋଗର ହାତ ବଢ଼ାଇଲେ ପ୍ରିୟଙ୍କା

**ମୁମ୍ବାଇ:** ମହାମାରୀ କରୋନା ଭାଇରସ୍ ସହ ଲଢ଼ିବା ପାଇଁ ଅନେକ ବଲିଉଡ୍ କଳାକାର ଆଗେଇ ଆସି ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ମଧ ଏଥିରେ ସାମିଲ ହୋଇଛନ୍ତି। ଖାଲି ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ନୁହେଁ, ସେ ଅନ୍ୟସବୁ ଅନୁଷ୍ଠାନକୁ ମଧ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସହାୟତା ରାଶି ସେ କରୋନା ମହାମାରୀ ସହ ଲଢୁଥିବା ମହିଳାମାନଙ୍କୁ ପ୍ରଦାନ କରିଛନ୍ତି। ଏହି କଥା ପ୍ରିୟଙ୍କା ତାଙ୍କ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି। ଏହି ଫଟୋ ସହିତ ପ୍ରିୟଙ୍କା ଏକ ଭିଡିଓ ମଧ ଶେୟାର କରିଛନ୍ତି। ଭିଡିଓରେ ସେ କହିଛନ୍ତି, ଏପରି ସଂକଟ ସମୟରେ ସଂଗ୍ରାମ କରୁଥିବା ମହିଳାମାନଙ୍କୁ ୧,୦୦୦୦୦ ଆମେରିକୀୟ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୭୬.୩ ଲକ୍ଷ ଟଙ୍କା ପ୍ରଦାନ କରୁଛି। ସେ ଆହୁରି ମଧ କହିଛନ୍ତି, ଆପଣ ଯଦି ଏପରି କୌଣସି ମହିଳାଙ୍କ ବିଷୟରେ ଜାଣିଛନ୍ତି, ତାଙ୍କୁ ଆମ ସାମ୍ନାକୁ ଆଣନ୍ତୁ। ଯେମିତିକି ସେମାନେ କୌଣସି ସେବା କରୁଥିବେ। ବଡ଼ ବ୍ୟବସାୟ ହେଉ କି ଛୋଟ। ଆମେ ସମସ୍ତଙ୍କ ସହ ରହିଛୁ। ସେ କହିଛନ୍ତି, ଏପରି ସମୟରେ କିଛି ସାହାଯ୍ୟ କରିବା ନିହାତି ଜରୁରୀ। ତେଣୁ ନିକ୍ ଏବଂ ମୁଁ ଏଭଳି ସହଯୋଗର ହାତ ବଢ଼ାଇଛୁ।

**ନୂଆଦିଲ୍ଲୀ:** କରୋନା ଭାଇରସ୍ କେତେ ପ୍ରଭାବଶାଳୀ ତାହା ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା ଦେଖି ସହଜରେ ଅନୁମାନ କରିହେଉଛି। କିନ୍ତୁ ଏହି ଭାଇରସ୍ ଖାଲି ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଲେ ହୁଏ ନାହିଁ, ରୋଗୀ ବ୍ୟବହାର କରୁଥିବା ପ୍ରତ୍ୟେକଟି ଜିନିଷ ଛୁଇଁଲେ ମଧ କରୋନା ସଂକ୍ରମିତ ହୋଇଥାଏ। ଏପରି ଏକ ଘଟଣା ଘଟିଛି ଚଣ୍ଡିଗଡ଼ର ଜଣେ ନର୍ସଙ୍କ କ୍ଷେତ୍ରରେ। ଏହି ନର୍ସ ଜଣକ କରୋନା ସଂକ୍ରମିତଙ୍କ ସେବା କରୁଥିଲେ। ଭୁଲ୍‌ରେ ସେ ରୋଗୀଙ୍କ ମୋବାଇଲ୍ ଛୁଇଁ ଦେଇଥିଲେ। ଫଳରେ ଏହା ତାଙ୍କ ପାଇଁ ମହଙ୍ଗା ପଡ଼ିଛି। ସେ ମଧ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ନର୍ସ ଜଣକ ଚଣ୍ଡିଗଡ଼ର ପଞ୍ଚକୁଲାସ୍ଥିତ ଏକ ହସ୍ପିଟାଲରେ କାମ କରୁଛନ୍ତି। ତାଙ୍କଠାରେ କୋଭିଡ୍ – ୧୯ ପଜିଟିଭ୍ ଦେଖାଯାଇଛି। ଫଳରେ ନର୍ସଙ୍କୁ ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ନର୍ସଙ୍କ ପରିବାରର ୪ ସଦସ୍ୟ, ସେ ରହୁଥିବା ଭଡ଼ାଘରର ମାଲିକ ଏବଂ ମାଲିକାଣୀଙ୍କୁ ମଧ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଏହା ପୂର୍ବରୁ ଦିଲ୍ଲୀର ୩ ଜଣ ଡାକ୍ତର ମଧ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଥିଲେ। ତେଣୁ ଆବଶ୍ୟକ ସ୍ଥଳେ କରୋନା ସଂକ୍ରମିତଙ୍କ କୌଣସି ଜିନିଷରେ ହାତମାରିବା ପୂର୍ବରୁ ଜଣେ ସତର୍କ ରହିବା ଲାଗି କୁହାଯାଇଛି।

# କରୋନା ଆକ୍ରାନ୍ତଙ୍କ ଫୋନ୍ ଛୁଇଁବା ମନା

## ନର୍ସଙ୍କୁ ଆଇସୋଲେଶନରେ ରଖାଗଲା



# ତମେ ରାସ୍ତାକୁ ଆସିଲେ ଆମେ ଘରକୁ ଯିବୁ



**ବେଙ୍ଗାଲୁରୁ:** ଲକ୍‌ଡାଉନ୍ ସମୟରେ ଘରୁ ବାହାରକୁ ନ ଆସିବା ନିମନ୍ତେ ପୋଲିସକୁ ବିଭିନ୍ନ ସ୍ଥାନରେ ବେଳେବେଳେ ଅଜବ ଉପାୟ ଚିନ୍ତା କରିବାକୁ ପଡୁଛି। ଏମିତି ଏକ ଭିନ୍ନ ଉପାୟ ଅବଲମ୍ବନ କରିଛି ବେଙ୍ଗାଲୁରୁ ପୋଲିସ୍। ଏଇ ସହରରେ ବିଭିନ୍ନ ସ୍ଥାନରେ ପୋଲିସ୍ ଲୋକଙ୍କୁ ଘରୁ ନ ବାହାରିବା ପାଇଁ ପରାମର୍ଶ ଦେବାରେ ଲାଗିଛି। ଲୋକଙ୍କୁ ଅଧିକ ପ୍ରଭାବିତ କରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ଚେକ୍ ପୋଷ୍ଟ, ବ୍ୟାରିକେଡ୍ ନିର୍ମାଣ ସହ ରାସ୍ତା ଉପରେ ବଡ଼ ବଡ଼ ଅକ୍ଷରରେ ଲେଖାଯାଇଛି 'ଆପଣମାନେ ଯଦି ରାସ୍ତା ଉପରକୁ ଆସିବେ ତେବେ ଆମେ ଆପଣଙ୍କ ଘରକୁ ଚାଲିଯିବୁ'। ପୋଲିସର ଏହି ବାର୍ତ୍ତା ଉଭୟ ଇଂଲିଶ ଓ ଆଞ୍ଚଳିକ ଭାଷାରେ ଲେଖାଯାଇଛି। କରୋନା ବିରୋଧରେ ଲଢିବା ପାଇଁ ପୋଲିସ୍ ପ୍ରଶାସନର ଏଭଳି ଉଦ୍ୟମକୁ ପ୍ରଶଂସା କରାଯାଇଛି। ବିଭିନ୍ନ ଗଣମାଧମ ଏହି ଖବର ପ୍ରସାରିତ କରି ଲୋକଙ୍କୁ ସଚେତନ କରିବାକୁ ଚେଷ୍ଟା କରୁଛନ୍ତି। ପ୍ରାଣଘାତୀ କରୋନା କବଳରୁ ରକ୍ଷାପାଇବା ଲାଗି ସରକାର ଲୋକଙ୍କୁ ସଚେତନର ବାର୍ତ୍ତା ଦେଉଥିବା ବେଳେ ଏହାକୁ ମାନିଚଳିବା ସମସ୍ତଙ୍କ ଧର୍ମ। ତେଣୁ ଏହାକୁଅବଜ୍ଞା ନକରିବାକୁପୋଲିସ ଲୋକମାନଙ୍କୁ ବୁ ଝା ଇ ଛି ।



ମଲାଇକା ଆରୋରା



**ମୁମ୍ବାଇ:** କରୋନା ଭାଇରସ୍ ସଂକ୍ରମଣ କାରଣରୁ ଏବେ ସାରା ଦେଶରେ ୨୧ ଦିନିଆ ଲକ୍‌ଡାଉନ୍ ପାଳନ କରାଯାଉଛି। ଏହି ସମୟରେ ଘରୁ ବାହାରିବାକୁ ବାରଣ କରାଯାଇଛି। ତେଣୁ ସମସ୍ତେ ଘରେ ବସି ବସି କିଛି ନା କିଛି କାମ କରୁଥିବା ଦେଖାଯାଇଛି। ବିଶେଷ କରି ଏହି ସମୟରେ ବଲିଉଡ୍ ସେଲିବ୍ରିଟିମାନେ କେମିତି ସମୟ କାଟୁଛନ୍ତି ମଝିରେ ମଝିରେ ସେମାନଙ୍କର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନିକଟରେ ବଲିଉଡ୍ ବିୟୁଟି ମଲାଇକା ଆରୋରା ମଧ ମଏମିତି ଏକ ଭିଡ଼ିଓ ଶେୟାର କରିଛନ୍ତି ଯାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓରେ ମଲାଇକା ବେସନ ଲଡୁ ତିଆରି କରୁଥିବା ଦେଖାଯାଇଛି। ତାଙ୍କର ଏହି ଭିଡିଓକୁ ଦର୍ଶକମାନେ ବେଶ୍

# ଲଡୁ ତିଆରି ଶିଖୁଛନ୍ତି ମଲାଇକା

ପସନ୍ଦ କରିଛନ୍ତି। ଏହାସହ ମଲାଇକା ଏହି ରିସିପି ଶେୟାର କରିବା କଥା ମଧ କହିଛନ୍ତି। ଏଥିସହ ଆଉକିଛି ଫଟୋ ଶେୟାର କରି କ୍ୱାରାଣ୍ଟାଇନ ପିରିୟଡ୍‌ରେ କେମିତି ସମୟ କାଟୁଛନ୍ତି ତାହା ମଧ ଉଲ୍ଲେଖ କରିଛନ୍ତି।

# ସଫେଇ କର୍ମୀଙ୍କୁ ଫୁଲରେ ସ୍ୱାଗତ

**ଚଣ୍ଡିଗଡ଼:** ଲକ୍‌ଡାଉନ୍ ସମୟରେ ନିଜ ଜୀବନକୁ ବିପନ୍ନ କରି ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ। ଠିକ୍ ସେହିପରି ନିଜ କଥା ଚିନ୍ତା ନକରି ଆମ ସମସ୍ତଙ୍କ ପାଇଁ ପରିବେଶ ପରିଷ୍କାର କରିବା ଲାଗି କାମ କରିଥାନ୍ତି ସଫେଇ କର୍ମଚାରୀ। ଆମ ଘର ଚାରିପାଖର ଅଳିଆକୁ ସଫା କରି ସେମାନେ ଆମ ପାଇଁ ସୁସ୍ଥ ପରିବେଶ ତିଆରି କରିଥାନ୍ତି। ତେଣୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ପଞ୍ଜାବରେ ଲୋକେ ସଫେଇକର୍ମୀଙ୍କୁ ଫୁଲ ପକାଇ ସ୍ୱାଗତ କରିଛନ୍ତି। ପଞ୍ଜାବର ବିଭିନ୍ନ ସ୍ଥାନରେ ଲୋକେ ସଫେଇ କର୍ମୀଙ୍କୁ ଫୁଲହାର ଦେଇ ସ୍ୱାଗତ କରୁଛନ୍ତି। କେତେକ ସ୍ଥାନରେ ଲୋକେ ଛାତ ଉପରୁ କିମ୍ବା ବାଲକୋନିରେ ରହି ସେମାନଙ୍କ ଉପରେ ଫୁଲ ପକାଇ ତାଙ୍କୁ ଉତ୍ସାହିତ କରୁଛନ୍ତି। କେତେକ ସ୍ଥାନରେ ଲୋକେ ସଫେଇ କର୍ମୀଙ୍କୁ ଟଙ୍କାର ହାର ବି ପିନ୍ଧାଇଛନ୍ତି। ସଫେଇ କର୍ମୀଙ୍କୁ ପ୍ରଶଂସା କରି ପ୍ରଥମେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଏକ ଭିଡିଓ ଶେୟାର କରି ସ୍ୱଚ୍ଛତା ହିଁ ସୁସ୍ଥତାର ମୂଳମନ୍ତ୍ର ବୋଲି ଟୁଇଟ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କର ଏଭଳି ଟୁଇଟ ପରେ ବହୁସଂଖ୍ୟାରେ ଲୋକେ ଏଭଳି କାମ କରିବା ସହ ଟୁଇଟ ମଧ କରୁଛନ୍ତି।



**ମୁମ୍ବାଇ:** କରୋନା ଭାଇରସ୍‌କୁ ନେଇ ସାରା ବିଶ୍ୱ ଭୟଭୀତ ଅବସ୍ଥାରେ ଥିବାବେଳେ ଦେଶରେ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ ଘରେ ରହି ସାମାଜିକ ଦୂରତ୍ୱ ଗ୍ରହଣ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ମହାମାରୀ ସହ ଲଢିବାକୁ ବହୁ ସେଲିବ୍ରିଟି ସହାୟତାର ହାତ ବଢାଇଛନ୍ତି। ଏହି କ୍ରମରେ ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ୨୫ କୋଟି ଟଙ୍କା ଦାନ କରିଛନ୍ତି। ଆଉ ଏବେ ଅକ୍ଷୟଙ୍କ ସ୍ତ୍ରୀ ଟ୍ୱିଙ୍କଲ ଏମିତି ଏକ କଥା କହିଛନ୍ତି, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରି କହିଛନ୍ତି ଏବେ ଯେଉଁ ପରିସ୍ଥିତି ଉପୁଜିଛି, ୨୦୧୫ରେ ସେ ଏମିତି ଏକ କଥା ଅନୁମାନ କରିଥିଲେ। ଏ ସମ୍ପର୍କରେ ସେ ଏକ ଷ୍ଟୋରି ଆଇଡ଼ିଆ କରିବା ସହ ତାଙ୍କ ଏଡିଟର ଚିକ୍କି ସରକାରଙ୍କ ସହ ମଧ ଏହାକୁ ନେଇ ଆଲୋଚନା କରିଥିବା କହିଛନ୍ତି। ତେବେ ୨୦୧୫ରେ ଟ୍ୱିଙ୍କଲ ଯାହା ଅନୁମାନ କରିଥିଲେ ତାହା ଏବେ ସତ ହୋଇଛି ବୋଲି ସେ ପରୋକ୍ଷରେ କହିଛନ୍ତି। ପ୍ରାଣଘାତୀ ଭାଇରସ୍ ଏବେ ସାରାବିଶ୍ୱକୁ ଆତଙ୍କ ଭିତରକୁ ଠେଲିଦେଇଛି। ସୂଚନାଯୋଗ୍ୟ, ବିବାହ ପରେ ଟ୍ୱିଙ୍କଲ ଅଭିନୟ କରୁନାହାନ୍ତି ସତ, ହେଲେ ଷ୍ଟୋରି ଲେଖିବା ଓ ଇଣ୍ଟିରିୟର ଡିଜାଇନରେ ନିଜକୁ ବ୍ୟସ୍ତ ରଖୁଛନ୍ତି।

# ସତ ହେଲା ଟ୍ୱିଙ୍କଲଙ୍କ ଭବିଷ୍ୟବାଣୀ



# ବିପଦ ବେଳର ବନ୍ଧୁ

**ମୁରାଦାବାଦ:** କରୋନା ପାଇଁ ଲକ୍‌ଡାଉନର ପ୍ରଭାବ ଏବେ ଲୋକଙ୍କୁ ଅନେକ ଦୁର୍ଦ୍ଦିନର କଥା ମନେପକାଇ ଦେଇଛି। ମହାମାରୀ କରୋନା ଏବେ ଲୋକଙ୍କୁ ନିରୁପାୟ କରିଦେଇଛି। ଏ ପରିସ୍ଥିତିରେ କିଛିଲୋକଙ୍କ ପାଖରେ ଦି'ଓଳି ଦୁଇମୁଠା ଖାଇବାକୁ ତ ନାହିଁ, ତା ସାଙ୍ଗକୁ ରୋଜଗାର କରିବାର ଉପାୟ ବି ସେମାନେ ହରାଇଛନ୍ତି। ଏମିତି ଏକ ପରିସ୍ଥିତିରେ ଘର କବାଟ ପାଖରେ ଆପେ ଆପେ କେହି ଖାଦ୍ୟ ରଖି ଦେଇଯିବ ଏକଥା ଭାବିବା ସ୍ୱପ୍ନ। କିନ୍ତୁ ଲୋକଙ୍କର କିଛି ଏମିତି ସ୍ୱପ୍ନକୁ ସତରେ ପରିଣତ କରିଛନ୍ତି ଉତ୍ତରପ୍ରଦେଶ ମୁରାଦାବାଦ ଅନ୍ତର୍ଗତ ରତନପୁର ଗାଁର ଯୁବକମାନେ। ଲକ୍‌ଡାଉନ୍ ପାଇଁ କିଛିଲୋକଙ୍କ ପାଖରେ ଖାଇବାକୁ କିଛି ନାହିଁ। ଏକଥାକୁ ହୃଦୟଙ୍ଗମ କରି ରତନପୁରର ଯୁବକମାନେ ସହାୟତା କରିବାକୁ ନିଷ୍ପତ୍ତି ନେଇଥିଲେ। ଗାଁର ଯୁବକମାନେ ଏକାଠି ହୋଇ ଏଥିପାଇଁ ପ୍ୟାକେଜ୍ ତିଆରି କରିଥିଲେ। ବିଭିନ୍ନ ସ୍ଥାନରୁ ଅର୍ଥ ଯୋଗାଡ଼ କରିବା ସହ ସେମାନେ ଆବଶ୍ୟକ ସାମଗ୍ରୀ ଏକାଠି କରିଥିଲେ। ଏହାପରେ ପ୍ରତି ଘର ପିଛା ଏକ ପ୍ୟାକେଟରେ ୫କେଜି ଚାଉଳ, ୫କେଜି ଅଟା, ୩କେଜି ଡାଲି ଓ ୩ କେଜି ଚିନି, ଏକ ଲିଟର ତେଲ, ଆଳୁ, ପିଆଜ, ସାବୁନ, ଡିଟରଜେଣ୍ଟ ଆଦି ସାମଗ୍ରୀ ଦେଇଥିଲେ। ଜରୁରୀ ସାମଗ୍ରୀ ଆବଶ୍ୟକ କରୁଥିବା ୩୫୦ ପରିବାରଙ୍କ ତାଲିକା କରି ସେମାନଙ୍କ ଘରେ ପହଞ୍ଚାଇଥିଲେ।



## ସଂକ୍ଷେପରେ

### ବିଶୁଦ୍ଧୀକରଣ ହେଲା ମୁଖ୍ୟରାସ୍ତା

ଫୁଲବାଣୀ ଅଫିସ, ୨।୪- କନ୍ଧମାଳ ଜିଲା ଫୁଲବାଣୀ ସହରର ମୁଖ୍ୟ ରାସ୍ତାଗୁଡ଼ିକୁ ବିଶୋଧନ କରାଯାଇଛି। ପୌର ପରିଷଦ ଓ ଅଗ୍ନିଶମ ବିଭାଗର କର୍ମଚାରୀ ହାଇପୋ କ୍ଲୋରାଇଡ଼ ଓ ବ୍ଲିଚିଂ ପକାଇ ବିଶୋଧିତ କରିଥିଲେ। ସହରର ବସଷ୍ଟାଣ୍ଡ, ସର୍କିଟ ହାଉସ, ପୌର ପରିଷଦ, ଏସ୍‌ପି ଅଫିସ, ରିଜର୍ଭ ବାଟାଲିୟନ, ମାଦିକୁନ୍ଦା ଛକରୁ ବିଜୁ ପଟନାୟକ ଛକ ଦେଇ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ରାସ୍ତାକୁ ବିଶୋଧିକରଣ କରାଯାଇଥିଲା। ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ କରୋନା ସଂକ୍ରମଣ ରୋକିବାକୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଆଗକୁ ମଧ ଏପରି ବିଶୋଧନ ଚାଲୁ ରହିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

### ହାତୀମୁଣ୍ଡିଆ ପାହାଡ଼ରେ ନିଆଁ

ଭଞ୍ଜନଗର,୨।୪(ଡି.ଏନ.ଏ.)- ଭଞ୍ଜନଗରସ୍ଥିତ ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ହାତୀମୁଣ୍ଡିଆ ପାହାଡ଼ରେ ଗୁରୁବାର କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଅପରାହ୍ନ ପ୍ରାୟ ୫ଟାରେ ପାହାଡ଼ର ଶୀର୍ଷ ଭାଗରୁ ଧୁଆଁ ବାହାରୁଥିବା ଲକ୍ଷ୍ୟ କରାଯାଇଛି । ଡିଏଫଓ ଅଭୟ କୁମାର ଦଳେଇ ଏହି ସୂଚନା ପାଇ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି ।

### କୋଭିଡ୍ ଫଣ୍ଡକୁ ୨ ଲକ୍ଷ ଦେଲା ବିଡେକା

ଭଞ୍ଜନଗର,୨।୪(ଡି.ଏନ.ଏ)-କରୋନା ମୁକାବିଲା ପାଇଁ ଭଞ୍ଜନଗର ଜଳସମ୍ପଦ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ (ବିଡେକା) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୨ ଲକ୍ଷ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଭଞ୍ଜନଗର ଜଳସମ୍ପଦ ନିର୍ବାହୀଯନ୍ତ୍ରୀ ତଥା ବିଡେକା ସଭାପତି ଇଂ.ନୀହାର ରଞ୍ଜନ ସାମନ୍ତରାୟ ଉକ୍ତ ଚେକ୍ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ପ୍ରଦାନ କରିଛନ୍ତି । ଏହି ସମୟରେ ସହକାରୀ ନିର୍ବାହୀଯନ୍ତ୍ରୀ ସୁମା ପ୍ରଧାନ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ଗତ କିଛିଦିନ ହେଲା ବିଡେକା ପକ୍ଷରୁ ଭଞ୍ଜନଗର ସହରରେ ଗରିବ ଲୋକଙ୍କୁ ଏନ୍‌ଏସି ମାଧ୍ୟମରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି ।

### ଡାକ ବିଭାଗ ବାଣ୍ଟିଲା ଶୁଖିଲା ଖାଦ୍ୟ

ଆସିକା/ହିଞ୍ଜିଳିକାଟୁ,୨।୪(ଡି.ଏନ.ଏ.): କରୋନା ଲାଗି ଲକ୍‌ଡାଉନ୍ ଜାରି ରହିଥିବା ବେଳେ ଆସିକା ଡାକ ମଣ୍ଡଳ ପକ୍ଷରୁ ଗୁରୁବାର ଗରିବ ଲୋକଙ୍କୁ ଖାଦ୍ୟ ବଣ୍ଟାଯାଇଛି। ଆସିକା ସହର ଉପକଣ୍ଠ କାଳଷଣ୍ଡପୁର ଓ ହିଞ୍ଜିଳିକାଟୁ ପୌରାଞ୍ଚଳର ଆଙ୍କୋରଡ଼ାରେ ଗରିବଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ଓ ସାବୁନ ବଣ୍ଟାଯାଇଥିଲା । ମଣ୍ଡଳ ଡାକ ଅଧୀକ୍ଷକ ସୁରେନ୍ଦ୍ରନାଥ ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ କାଳଷଣ୍ଡପୁରରେ ସରପଞ୍ଚ ଧନମାଳି ସିଅ, ଆଙ୍କେରଡ଼ାରେ ହିଞ୍ଜିଳିକାଟୁ ଉପ ଡାକପାଳ ରତିକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆସିକା ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ନୀଳମଣି ପଟ୍ଟନାୟକ ଯୋଗଦେଇ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।

### ପରୀକ୍ଷା ପାଇଁ ପଠାଗଲା ୨ସନ୍ଦିଗ୍ଧଙ୍କ ସ୍ୱାବ୍

#### ଟ୍ରକ୍‌ରୁ ୬୦ ଉଦ୍ଧାର ଘଟଣା

ଛତ୍ରପୁର,୨।୪(ଡି.ଏନ.ଏ):ଗଞ୍ଜାମ ଜିଲା ଜଗନ୍ନାଥପୁର ଛକ ନିକଟରେ ସୋମବାର ସନ୍ଧ୍ୟାରେ ପୋଲିସ ରାଞ୍ଚିରୁ ଚେନ୍ନାଇ ଯାଉଥିବା ଏକ ଟ୍ରକ୍‌ରୁ ଉଦ୍ଧାର କରିଥିବା ୬୦ ଜଣଙ୍କୁ ଏବେ ଚମାଖଣ୍ଡି ଓଡିଶା ଆଦର୍ଶ ବିଦ୍ୟାଳୟରେ ହୋଇଥିବା ଆଇସୋଲେଶନ ସେଣ୍ଟରରେ ରଖାଯାଇଛି । ସମସ୍ତେ ବାହାର ରାଜ୍ୟର ବୋଲି ସୂଚନା ମିଳିଛି । ବୁଧବାର ସେମାନଙ୍କ ମଧ୍ୟରୁ ଜ୍ୱରରେ ପୀଡ଼ିତ ଥିବା ୯ ଜଣଙ୍କ ମଧ୍ୟରୁ ଗୁରୁବାର ୨ଜଣଙ୍କ ସ୍ୱାବ ବ୍ରହ୍ମପୁର ଠାରେ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି । ସେହିପରି ଅନ୍ୟ ୨ ଜଣଙ୍କ ସ୍ୱାବ ସଂଗ୍ରହ କରାଯିବ ବୋଲି ଜଣାପଡ଼ିଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ ଓ ତାଙ୍କ ଟିମ୍ ସ୍ୱାସ୍ଥ୍ୟ ସମ୍ପର୍କୀୟ ବିଷୟ ମନିଟରିଂ କରୁଛନ୍ତି।

# କମ୍ପାନୀ ଅଧିକାରୀଙ୍କ ପାଇଁ ନାକେଦମ ପ୍ରଶାସନ

ଛତ୍ରପୁର,୨।୪(ଡି.ଏନ.ଏ.)

- ବାହାର ରାଜ୍ୟରୁ ଫେରିଥିଲେ, ପରୀକ୍ଷା ପାଇଁ ଗଲା ସ୍ୱାବ୍
- ଆପାର୍ଟମେଣ୍ଟ ସିଲ୍, ସମସ୍ତେ ହୋମ କ୍ୱାରାଣ୍ଟାଇନ୍‌ରେ

ବାହାର ରାଜ୍ୟରୁ ଫେରି ନିଜ ତଥ୍ୟ ଲୁଚାଇଥିବା ଏକ ଘରୋଇ କମ୍ପାନୀର ଜଣେ ଅଧିକାରୀଙ୍କ ପାଇଁ ଗଞ୍ଜାମ ଜିଲା ପ୍ରଶାସନ ନାକେଦମ ହୋଇଛି । ସମ୍ପୃକ୍ତ ଅଧିକାରୀଙ୍କୁ ଆଇସୋଲେଶନ ସେଣ୍ଟରରେ ରଖାଯାଇଛି। ସେ ରହୁଥିବା ଆପାର୍ଟମେଣ୍ଟକୁ ସିଲ କରାଯାଇଛି। ଆପାର୍ଟମେଣ୍ଟର ସମସ୍ତ ଲୋକ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି।

ବାହାର ରାଜ୍ୟରୁ ଫେରି ଘରୋଇ କମ୍ପାନୀ ଅଧିକାରୀ ଜଣକ ଛତ୍ରପୁର ଉପକଣ୍ଠ କଣମଣା ପଞ୍ଚାୟତ ପୁରୁଣା ଛତ୍ରପୁରସ୍ଥିତ ଆପାର୍ଟମେଣ୍ଟକୁ ଫେରିଥିବା ବୁଧବାର ରାତିରେ ପ୍ରଶାସନକୁ ସୂଚନା ମିଳିଥିଲା । ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଏସ୍‌ଡିପିଓ ଗୌତମ କିଷାନ, ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ତହସିଲଦାର ନୀଳମାଧବ ଭୋଇ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ


ସିଲ୍ ହୋଇଥିବା ଆପାର୍ଟମେଣ୍ଟ।

ପାଣିଗ୍ରାହୀ ପ୍ରମୁଖ ସ୍ୱାସ୍ଥ୍ୟ ଟିମ୍ ଓ ଆମ୍ବୁଲାନ୍ସ ନେଇ ରାତିରେ ସେଠାକୁ ଯାଇଥିଲେ। ଜନସ୍ୱାସ୍ଥ୍ୟ ଅଧିକାରୀ ଆପାର୍ଟମେଣ୍ଟରେ ପ୍ରବେଶ କରି ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ସହ ଆଉ ୨ ଜଣ ରହୁଥିବା ଫ୍ଲାଟ୍‌କୁ ଯାଇ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ । ପରେ ଉକ୍ତ ୩ ଜଣଙ୍କୁ ଆମ୍ବୁଲାନରେ ବ୍ରହ୍ମପୁର ନିଆଯାଇଥିଲା । ବିଳମ୍ବିତ ରାତିରେ ସ୍ୱାବ ସଂଗ୍ରହ କରାଯାଇ ଭୁବନେଶ୍ୱରକୁ ପରୀକ୍ଷା ପାଇଁ ପଠାଯାଇଥିଲା। ପରେ ସମ୍ପୃକ୍ତ ଅଧିକାରୀଙ୍କୁ ବ୍ରହ୍ମପୁରର ଏକ ଆଇସୋଲେଶନ ସେଣ୍ଟରରେ ରଖାଯାଇଛି। ଅନ୍ୟ ୨ ଜଣଙ୍କୁ ଆପାର୍ଟମେଣ୍ଟକୁ ଫେରାଇ ଅଣାଯାଇଛି। ଉକ୍ତ ଆପାର୍ଟମେଣ୍ଟରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ରହୁଥିବା ବେଳେ ସମସ୍ତେ ଏବେ ହୋମ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଅନ୍ୟପକ୍ଷରେ ଆପାର୍ଟମେଣ୍ଟକୁ ପ୍ରଶାସନ ପକ୍ଷରୁ ସିଲ୍ କରି ଦିଆଯାଇଛି। ଗୁରୁବାର ସ୍ୱାସ୍ଥ୍ୟଟିମ୍ ସେଠାକୁ ଯାଇ ମନିଟରିଂ କରଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଘରୋଇ କମ୍ପାନୀର ଅଧିକାରୀ ଜଣଙ୍କ ରାଜସ୍ଥାନରୁ ଦିଲ୍ଲୀ ଏବଂ ପରେ ଭୁବନେଶ୍ୱରକୁ ଫ୍ଲାଇଟ୍ ଯୋଗେ ଆସଥିଲେ। ଭୁବନେଶ୍ୱରରୁ ସରକାରୀ ବସ୍‌ରେ ମାର୍ଚ୍ଚ ୧୫ ତାରିଖରେ ଛତ୍ରପୁରକୁ ଫେରିଥିଲେ।

# ଠାକୁର ଦର୍ଶନକୁ ନେଇ ଦୁଇ ଗୋଷ୍ଠୀ ମାରପିଟ, ୮ ଆହତ

ପାତ୍ରପୁର,୨।୪(ଡି.ଏନ.ଏ.)

**ସାମାଜିକ ଦୂରତ୍ୱ ଅବଲମ୍ବନ ହେଲାନି**

ଜରଡ଼ା ଥାନା ଗୋପାଳପଲ୍ଲୀ ଗ୍ରାମରେ ଶ୍ରୀରାମ ନବମୀରେ ଠାକୁର ଦର୍ଶନକୁ ନେଇ ଗୁରୁବାର ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ପଥର ମାଡ଼ରେ ପ୍ରାୟ ୮ ଜଣ ଆହତ ହୋଇଛନ୍ତି। ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଏତଲା ପ୍ରକାରେ ପୋଲିସ ପୃଥକ ୨ଟି ମାମଲା (ନଂ.୫୫, ୫୬/୨୦) ରୁଜୁ କରି ଦୁଇ ଗୋଷ୍ଠୀର କେତେଜଣଙ୍କୁ ଅଟକ ରଖିଛି। ଶ୍ରୀରାମ ନବମୀ ଅବସରରେ ରାମ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିବା ବେଳେ କରୋନା ପ୍ରତିହତ ପାଇଁ ସାମାଜିକ ଦୂରତ୍ୱ ଅବଲମ୍ବନ କରିବାକୁ ଗୋଟିଏ ଗୋଷ୍ଠୀ କହିଥିଲେ। ଏହାକୁ ଅନ୍ୟ ଏକ ଗୋଷ୍ଠୀ ଆମକୁ ଠାକୁର ଦର୍ଶନ ପାଇଁ ବାରଣ କରାଯାଉଛି କହିବାରୁ ଯୁକ୍ତିତର୍କ ହୋଇଥିଲା । ପରେ ଉଭୟ ଗୋଷ୍ଠୀ ପଥର ଫିଙ୍ଗି ମାରପିଟ ହୋଇଥିଲେ। ଏଥିରେ ଟି. ମୋହନ ରାଓ, ଦେବରାଜ ରେଡ୍ଡୀ, ପୁରୁଷୋତ୍ତମ ରେଡ୍ଡୀ, ଭାସ୍କର ରେଡ୍ଡୀ, ସଞ୍ଜୀବ ରେଡ୍ଡୀ, ଟି. ଯୁଧିଷ୍ଠିର ପ୍ରମୁଖ ଆହତ ହେଇଥିବା ଜଣାପଡ଼ିଛି । ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ସୂଚନା ଦେଇଛନ୍ତି।

# କୁଇଭାଷାରେ ସଚେତନ କଲେ ଏସ୍‌ଡିପିଓ

ଦାରିଙ୍ଗବାଡ଼ି/କୋଟଗଡ଼, ୨।୪(ଡି.ଏନ.ଏ.)

ବାଲିଗୁଡ଼ା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ କରୋନା ସଂକ୍ରମଣ ପ୍ରତିହତ କରିବା ପାଇଁ ଗୁରୁବାର କୋଟଗଡ଼ ଥାନା ଶ୍ରୀରାମପୁର ଏବଂ ସୁବର୍ଣ୍ଣଗିରି ଅଞ୍ଚଳରେ ଲୋକଙ୍କୁ ସଚେତନ କରାଇଛନ୍ତି । ଅଞ୍ଚଳର ଅନୁସୂଚିତ ଜାତି ଏବଂ ଜନଜାତି ସମ୍ପ୍ରଦାୟ ଲୋକଙ୍କୁ ସେ କୁଇଭାଷାରେ ବୁଝାଇଛନ୍ତି। କରୋନାରୁ ରକ୍ଷା ପାଇବା ପାଇଁ ସାବୁନରେ ହାତ ସଫା କରିବା, ଜରୁରୀ ନ ଥିଲେ ଘରୁ ନ ବାହାରିବା ଓ ସାମାଜିକ ଦୂରତ୍ୱ ଅବଲମ୍ବନ କରିବାକୁ ଶପଥପାଠ କରାଇଥିଲେ। ସମ୍ପୃକ୍ତ ଅଞ୍ଚଳରେ ଅନେକ ଲୋକ ପୂର୍ବରୁ କରୋନା ସମ୍ପର୍କରେ ଜାଣି ନ ଥିଲେ ବୋଲି ଏସ୍‌ଡିପିଓ ବାରିକ କହିଛନ୍ତି।


ବାଲିଗୁଡ଼ା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଶପଥପାଠ କରାଉଛନ୍ତି।

# ଉଦ୍‌ଘାଟିତ ହେଲା ଦ୍ୱିତୀୟ ଦୁଗ୍ଧ ଏଟିଏମ୍

ବ୍ରହ୍ମପୁର ଅଫିସ,୨।୪

ଗଞ୍ଜାମ-ଗଜପତି ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ପକ୍ଷରୁ ଗଞ୍ଜାମ ଜିଲାର ଦ୍ୱିତୀୟ ଦୁଗ୍ଧ ବିଶୋଧିତ ଏବଂ ଭିଟାମିନ୍ ମିଶ୍ରିତ ଏଟିଏମ୍ ଗୁରୁବାର ବ୍ରହ୍ମପୁର ତୁଳସୀନଗର ମେନ୍‌ରୋଡରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ରଜନୀକାନ୍ତ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସାଧାରଣ ପରିଚାଳକ ଦିଲୀପ କୁମାର ପଟ୍ଟନାୟକ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ତ୍ରିନାଥ ନାୟକ, ସହ ପରିଚାଳକ କାହ୍ନୁଚରଣ ପଣ୍ଡା, ପ୍ରକଳ୍ପ ଅଧିକାରୀ ବସନ୍ତ କୁମାର ସାହୁ, ଜିଲା ଦୁଗ୍ଧ ସଂଗ୍ରହ ଅଧିକାରୀ ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାର ଦୁଗ୍ଧ ଚାଷୀଙ୍କ ଆର୍ଥିକ ବିକାଶ ପାଇଁ ସଂଘ ପକ୍ଷରୁ ଦୁଗ୍ଧ ଏଟିଏମ୍ ସ୍ଥାପନ ନେଇ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଜୁଲାଇ ୪ରେ ଶ୍ରୀଗୁଣ୍ଡିଚା ଯାତ୍ରାରେ ଜିଲାର ପ୍ରଥମ ଦୁଗ୍ଧ ଏଟିଏମ୍ ଗେଟବଜାରସ୍ଥିତ ସଂଘ କାର୍ଯ୍ୟାଳୟରେ ଉଦ୍‌ଘାଟିତ ହୋଇଥିଲା। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଦ୍ୱିତୀୟ ଏଟିଏମ୍ ଖୋଲାଯାଇଛି। ଚାଷୀଙ୍କଠାରୁ କିଣାଯାଉଥିବା କ୍ଷୀରକୁ ବିଶୁଦ୍ଧୀକରଣ ସହ ଭିଟାମିନ୍-ଏ ଏବଂ ଭିଟାମିନ୍ -ବି ମିଶାଇ ବିକ୍ରି କରାଯିବ। ଲିଟର ପିଛା ଦର ୪୪ ଟଙ୍କା ରଖାଯାଇଥିବା ବେଳେ ଗ୍ରାହକ ମେଶିନରେ ଟଙ୍କା ପକାଇ କ୍ଷୀର କିଣିପାରିବେ । ୨୫୦ ଏମ୍‌ଏଲରୁ ୫ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଗ୍ରାହକ ଏହି ଏଟିଏମ୍‌ରୁ କିଣିପାରିବେ ବୋଲି ସଂଘ ସାଧାରଣ ପରିଚାଳକ ପଟ୍ଟନାୟକ କହିଛନ୍ତି। ଏଥିସହ ଆଗାମୀ ଦିନରେ ସଂଘ ପକ୍ଷରୁ ଏମ୍‌କେସିଜି, ଛତ୍ରପୁରରେ ଦୁଇଟି ଏଟିଏମ୍ ଖୋଲିବାକୁ ଯୋଜନା ରହିଥିବା ବେଳେ ଏକ ମୋବାଇଲ୍ ଦୁଗ୍ଧ ଏଟିଏମ୍ ଭ୍ୟାନ୍ ମଧ୍ୟ ଶୁଭାରମ୍ଭ କରାଯିବାକୁ ଯୋଜନା ରଖାଯାଇଥିବା ପଟ୍ଟନାୟକ ସୂଚାଇଛନ୍ତି।



ଉଦ୍‌ଘାଟନୀ ଅବସରରେ ଜିଲାପାଳ ଓ ସଂଘ କର୍ମକର୍ତ୍ତା ।

# ବିଦେଶରୁ ସର୍ବାଧିକ ଆସିଛନ୍ତି ଖଲ୍ଲିକୋଟକୁ

ଛତ୍ରପୁର,୨।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲାକୁ ବିଦେଶ ଓ ବାହାର ରାଜ୍ୟରୁ ୨୫ ହଜାର ୫୮୦ ଜଣ ଫେରିଛନ୍ତି। ସେଥିମଧ୍ୟରେ ବାହାର ରାଜ୍ୟରୁ ୨୪ ହଜାର ୮୫୦ ଓ ବିଦେଶରୁ ୭୩୦ ଜଣ ରହିଛନ୍ତି। ଅପରପକ୍ଷରେ ବିଦେଶରୁ ଗଞ୍ଜାମ ଜିଲାରେ ଖଲ୍ଲିକୋଟ ବ୍ଲକ ଓ ଏନ୍‌ଏସିକୁ ସର୍ବାଧିକ ୧୪୦ ଜଣ ଆସିଛନ୍ତି। ବ୍ରହ୍ମପୁର ମହାନଗର ନିଗମକୁ ୯୮ ଜଣ ବିଦେଶରୁ ଆସିଥିବାବେଳେ ଚିକିଟି ବ୍ଲକକୁ ୯୯, ରଙ୍ଗେଇଲୁଣ୍ଡା ବ୍ଲକକୁ ୮୨, ପାତ୍ରପୁର ବ୍ଲକ ୭୯ ଜଣ ଆସିଛନ୍ତି। ମାତ୍ର ଉଭୟ ରାଜ୍ୟ ବାହାରୁ ଓ ବିଦେଶରୁ ସର୍ବାଧିକ ପୋଲସରାକୁ ୧୮୨୦ ଆସିଛନ୍ତି। ସେହିପରି ହିଞ୍ଜିଳିକାଟୁକୁ ୧୭୯୨ ଜଣ, କବିସୂର୍ଯ୍ୟନଗରକୁ ୧୭୦୧, ଧରାକୋଟକୁ ୧୪୮୦ ଜଣ ଓ ରଙ୍ଗେଇଲୁଣ୍ଡାକୁ ୧୪୫୨ ଜଣ ଆସିଛନ୍ତି।

# ୧୪ ଦଣ୍ଡୁଆଙ୍କୁ ଗିରଫ କଲା ପୋଲିସ

ବୁଗୁଡ଼ା,୨।୪(ଡି.ଏନ.ଏ.)

କରୋନା ସଂକ୍ରମଣ ଆଶଙ୍କାରେ ବିଭିନ୍ନ ଯାତ୍ରା ଓ ସାମାଜିକ କାର୍ଯ୍ୟକ୍ରମ କଟକଣା ଯୋଗୁ ଦଣ୍ଡଯାତ୍ରାକୁ ମଧ ବନ୍ଦ କରାଯାଇଛି। ତଥାପି ବୁଗୁଡ଼ା ଥାନା ଗୋଳିଆ ଓ ଭାମଶିଆଳିରେ ଗୁରୁବାର ପ୍ରାୟ ୧ ଘଣ୍ଟାରେ ସମ୍ପୃକ୍ତ ଗ୍ରାମର ଦଣ୍ଡୁଆମାନେ ନାଚ କରୁଥିବା ଖବର ପାଇ ବୁଗୁଡ଼ା ଆଇଆଇସିଙ୍କ ନେତୃତ୍ୱରେ ପୋଲିସ ସଦଳବଳେ ପହଞ୍ଚି ଗୋଳିଆରୁ ୭ ଦଣ୍ଡୁଆ ଓ ଭାମଶିଆଳିରୁ ୭ ଦଣ୍ଡୁଆଙ୍କୁ ଗିରଫ କରିଥିବା ଥାନାଧିକାରୀ ପ୍ରକାଶ କରିଛନ୍ତି। ଗୋଳିଆ ଦଣ୍ଡୁଆଙ୍କ ବିରୋଦ୍ଧରେ ବୁଗୁଡ଼ା ଥାନାରେ ନଂ ୭୯/୨୦ ଏବଂ ଭାମଶିଆଳି ଦଣ୍ଡୁଆଙ୍କ ବିରୁଦ୍ଧରେ ୮୦/୨୦ରେ ୨ଟି ମାମଲା ରୁଜୁ ହୋଇଛି। ଏଥିସହ ଉଭୟ ଗ୍ରାମର ୭ ଜଣ ଲେଖାଏ ଦଣ୍ଡୁଆଙ୍କୁ ଗିରଫ କରାଯାଇଛି।

### ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଦାନ

ବେଗୁନିଆପଡା, ୨।୪(ଡି.ଏନ.ଏ.)- କରୋନା ମୁକାବିଲା ପାଇଁ ଅନେକ ବଦାନ୍ୟ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଦାନ କରୁଛନ୍ତି। ଗୁରୁବାର ବେଗୁନିଆପଡାର ଜଣେ ବ୍ୟବସାୟୀ କେ.ବୃନ୍ଦାବନ ସେନାପତି ଓ କେ.ବାଲାଜୀ କୁମାର ସେନାପତି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ୧୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି।

### ଜୁଆ ଆଡ୍ଡାରୁ ୬ ଗିରଫ

ଆସିକା,୨।୪(ଡି.ଏନ୍.ଏ.): ଆସିକା ଥାନା ଅନ୍ତର୍ଗତ ବାଲିସିରା ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ପୋଲିସ ଗୁରୁବାର ଚଢାଉ କରିଥିଲା । ସେଠାରୁ ୬ଜଣଙ୍କୁ ଗିରଫ କରାଯିବା ସହ ୨୨ଶହ ଟଙ୍କା ଜବତ କରାଯାଇଛି। ଏ ନେଇ ଆସିକା ଥାନାରେ ନଂ. ୧୭୭/୨୦ରେ ମାମଲା ରୁଜୁ ହୋଇଛି।

# ଓଡ଼ିଶା ସୀମା ସିଲ୍ ଅନୁଧ୍ୟାନ କଲେ ଡିଆଇଜି

ପାତ୍ରପୁର,୨।୪ (ଡି.ଏନ.ଏ.):

ରାଜ୍ୟରେ କରୋନା ସଂକ୍ରମଣ ରୋକିବା ନିମନ୍ତେ ଆନ୍ଧ୍ର- ଓଡ଼ିଶା ସୀମା ସିଲ୍ କରାଯାଇଛି। ବାହାର ରାଜ୍ୟର କେହି ଯେଭଳି ଲୁଚାଛପାରେ ନ ଆସିପାରିବେ ସେଥିପ୍ରତି ତୀକ୍ଷଣ ଦୃଷ୍ଟି ରଖାଯାଇଛି। ଗୁରୁବାର ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ସୀମାନ୍ତ ବଳରାମପୁର ଫାଟକରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜାତୀୟ ରାଜପଥରେ କ୍ଷୀର, ଗ୍ୟାସ ଓ ରାଶନ ସାମଗ୍ରୀ ବୋଝେଇ କରି ଆସୁଥିବା ଟ୍ରକକୁ ଯାଞ୍ଚ କରି ଓଡ଼ିଶା ସୀମାକୁ ଛାଡ଼ିବା ପାଇଁ ଫାଟକରେ ଥିବା ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି କୌଣସି ଲୋକ ଓଡ଼ିଶାରେ ପ୍ରବେଶ କରୁଛନ୍ତି, ତୁରନ୍ତ ସେମାନଙ୍କ ନାମ ପଞ୍ଜୀକରଣ କରି ରୋଲାଣ୍ଡ କଲେଜକୁ ସ୍ଥାନାନ୍ତର ପାଇଁ ଡିଆଇଜି ନିର୍ଦ୍ଦେଶ ଦେଇଛନ୍ତି।



ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ସୀମାନ୍ତ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ୨ଦିନ ହେଲା ଏଟିଏମ୍‌ରେ ଟଙ୍କା ନାହିଁ

ଶେରଗଡ଼,୨।୪(ଡି.ଏନ୍.ଏ.)

ଲକ୍‌ଡାଉନ୍ ପ୍ରଭାବରେ ଦୋକାନ ବଜାର ବନ୍ଦ ଥିବାବେଳେ ଶେରଗଡ଼ ବ୍ଲକରେ ୨ଦିନ ହେଲା କୌଣସି ଏଟିଏମ୍‌ରେ ଟଙ୍କା ମିଳୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ଶେରଗଡରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଦୁଇଟି ଶାଖା, ଆନ୍ଧ୍ର ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଆହ୍ଲାବାଦ ବ୍ୟାଙ୍କ, ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କର ଗୋଟିଏ ଲେଖାଏ ଶାଖା ଅଛି। ବ୍ୟାଙ୍କ ସେବାକୁ ଲକ୍‌ଡାଉନ କଟକଣାରୁ ବାଦ୍ ଦିଆଯାଇଥିଲେ ମଧ ଏଟିଏମ୍‌ରେ ଟଙ୍କା ନ ମିଳିବା ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏଦିଗରେ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଅସହାୟଙ୍କୁ ରାଶନ ବାଣ୍ଟିଲେ ପୂର୍ବତନ କର୍ପୋରେଟର

ବ୍ରହ୍ମପୁର ଅଫିସ,୨।୪

କରୋନା ସଂକ୍ରମଣକୁ ପ୍ରତିରୋଧ କରିବାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଲକ୍‌ଡାଉନ୍ ଜାରି ରହିଛି । ଏହାର ପ୍ରଭାବରେ ସହରର ଜୀବନ ଜୀବିକା ପ୍ରଭାବିତ ଯୋଗୁ ଅନାହାରରେ ଦିନ କାଟୁଥିବା ଅସହାୟଙ୍କୁ ଆହାର ଯୋଗାଇବାକୁ ବ୍ରହ୍ମପୁରର ବହୁ ସ୍ୱେଚ୍ଛାସେବୀ ଆଗକୁ ଆସିଛନ୍ତି । ଗୁରୁବାର ବ୍ରହ୍ମପୁର ମହାନଗର ନିଗମର ୫ ନଂ. ୱାର୍ଡ ଅଞ୍ଚଳରେ ରହିଥିବା ବସ୍ତିବାସିନ୍ଦା, ଗରିବ ଅସହାୟଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ସ୍ଥାନୀୟ ପୂର୍ବତନ କର୍ପୋରେଟର ଆର. ମୁରଲୀମୋହନ ତୁଳସୀନଗର, ସୋମନାଥ ନଗର ରାଜୀବ ଆବାସ ଗୃହ, ନିଳାଦ୍ରୀବିହାର, ସୁରଜ ବିହାର ଅଞ୍ଚଳରେ ରହିଥିବା ପ୍ରାୟ ୬୦୦ ଅସହାୟ, ଗରିବ ପରିବାରଙ୍କୁ ରାଶନ ସାମଗ୍ରୀ ପ୍ୟାକେଟ ବଣ୍ଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁକୁନ୍ଦ ଗୌଡ, ଏସ୍‌କେ ଇକ୍‌ବାଲ, ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସମେତ ତୁଳସୀନଗର ବଣିକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।


ରାଶନ ସାମଗ୍ରୀ ପ୍ୟାକେଟ ବଣ୍ଟନ କରାଯାଉଛି।

# କ୍ୟାରିୟର ନେଇ ଭିଡିଓ କଲ୍‌ରେ ପରାମର୍ଶ ଦେବେ ଏକ୍ସପର୍ଟ

## ଗଞ୍ଜାମ ଜିଲା ପ୍ରଶାସନର ଅଭିନବ ପଦକ୍ଷେପ

ଛତ୍ରପୁର,୨।୪ (ଡି.ଏନ୍.ଏ.)

କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସମସ୍ତେ ଘରେ ଅଛନ୍ତି। ତେବେ ଅନେକ ଘରେ ବସି ବୋର୍ ହେଉଛନ୍ତି। ଏଥିରୁ ମୁକ୍ତି ପାଇଁ ଗଞ୍ଜାମ ଜିଲାପ୍ରଶାସନ ଅଭିନବ ପଦକ୍ଷେପ ନେଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଉଦ୍ୟମକ୍ରମେ ଏଣିକି କ୍ୟାରିୟର ସମ୍ପର୍କରେ ଗଞ୍ଜାମ ଜିଲାର ୧୧ ଜଣ ଏକ୍ସପର୍ଟ ସୂଚନା ଦେବେ। ଏମାନଙ୍କୁ ସନ୍ଧ୍ୟା ୫ ଟାରୁ ରାତି ୮ଟା ପର୍ଯ୍ୟନ୍ତ ଉଭୟ ଭିଡିଓ ଓ ଭଏସ୍ କଲ କରି ୟୁପିଏସ୍‌ସି, ଓପିଏସ୍‌ସି, ଆର୍ମି, ମ୍ୟାନେଜମେଣ୍ଟ, କମ୍ପ୍ୟୁଟର, ଇଞ୍ଜିନିୟରିଂ, ମେଡ଼ିସିନ, ଆର୍କିଟେକ୍ଟର ଆଦିରେ କ୍ୟାରିୟର ସମ୍ବନ୍ଧୀୟ ପ୍ରଶ୍ନ ଗଞ୍ଜାମ ଜିଲାର ଜନସାଧାରଣ ପଚାରିପାରିବେ। ଉକ୍ତ ଏକ୍ସପର୍ଟଙ୍କ ମଧ୍ୟରେ ପ୍ରୋବେଶନ ଆଇଏଏସ୍ ଅଫିସର ଭି. କୀର୍ତ୍ତି ଭାଶନ, ଓଏଏସ୍ ଅଫିସର ତଥା କୁକୁଡାଖଣ୍ଡି ତହସିଲଦାର ଡକ୍ଟର ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଡାକ୍ତର ସୁନୀଲ କୋଟା ପ୍ରମୁଖ ରହିଛନ୍ତି।

Daily 5pm-8pm(Voice/Video Call)

| Field | Contact Number | Name of the Person |
|---|---|---|
| UPSC | 7042973890 | Keerthi Vasan V, IAS |
| OPSC | 9438049349 | Dr. Ipsita Priyadarsini Mishra OAS-I(SB) Tahasildar,Kukudakhandi |
| Armed Forces | 9437480517 | Raman Killana Regional Asst. Director(SZ), Employement |
| Medicine | 9668600444 | Dr. Sunil Kota DNB(Superspecialty) in Endocrinology |
| Event Management | 9937008912 | Akshyendu Pattnaik Director,Celebrations Live |
| Hotel Management | 7008505262 | Bishnu Prasad Mahapatra Founder,Khanti odia Hotel |
| Architecture | 8338030000 | Shailendra Nengalia Agrawal Founder,Design Studio |
| Computer Engineering | 9777162062 | Asish Rauto Director, Datsdakey |
| Management / Startup | 7381700700 | Jayendra Sahu,IIM Director, Odisha career |
| Digital Marketing | 9861569256 | Jagdish Sahu Admin,Discover Brahmapur |
| Civil Engneering | 8763271801 | Tulalu Lokesh Assistant executive engineer(R&B Dept) |

For the age group 15-21

ଏକ୍ସପର୍ଟ ତାଲିକା।

# ଆହାର ଛଡ଼ାଇ ନେଇଛି କରୋନା

**ସମ୍ବଲପୁର, ୨।୪ (ବ୍ୟୁରୋ)**

କରୋନା ଭୂତାଣୁ ସମଗ୍ର ବିଶ୍ୱବାସୀଙ୍କ ନିଦ ହଜାଇ ଦେଇଛି । ଭାରତ ମଧ୍ୟ କରୋନା ଭୂତାଣୁ ସଂକ୍ରମଣରୁ ବାଦ୍ ପଡିନାହିଁ । ଦେଶବାସୀ ସମସ୍ତ ପ୍ରକାର ପ୍ରତିଷେଧକ ବ୍ୟବସ୍ଥାକୁ ଗ୍ରହଣ କରୁଛନ୍ତି । ଜନତା କର୍ଫ୍ୟୁ ପରେ ୨୧ ଦିନ ଲକ୍‌ଡାଉନକୁ ସବୁ ବର୍ଗର ଜନସାଧାରଣ ମାନିଛନ୍ତି । କିନ୍ତୁ କରୋନା ଭୂତାଣୁ ଯେତିକି ଭୟ ସୃଷ୍ଟି କରିଛି, ସେତିକି ଛୋଟ ଦୋକାନୀଙ୍କ ନିଦ ହଜାଇ ଦେଇଛି । ଛୋଟ ଦୋକାନୀମାନେ ଲକ୍‌ଡାଉନକୁ ମାନି ଘରେ ବସିଛନ୍ତି । ସେମାନେ କିପରି ବଞ୍ଚିବେ ସେ ନେଇ ରାହା ଖୋଜୁଛନ୍ତି । ଅପରପକ୍ଷେ ସହରରେ ଥିବା ବିଭିନ୍ନ ସାମାଜିକ ଅନୁଷ୍ଠାନଗୁଡିକ ରେଳଷ୍ଟେସନ, ବସଷ୍ଟାଣ୍ଡ, ଧାର୍ମିକ ଅନୁଷ୍ଠାନ ସମ୍ମୁଖରେ ଥିବା ଗରିବଙ୍କୁ ରନ୍ଧା ଓ ସୁଖା ଖାଦ୍ୟ ବଣ୍ଟନ କରୁଛନ୍ତି । ଏପଟେ ସହରରେ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀଙ୍କ ପ୍ରତି କାହାରି ନିଘା ପଡୁନାହିଁ।



ଭିନ୍ନକ୍ଷମ ପୁଅକୁ ନେଇ ୪ ପ୍ରାଣୀର ଆମ ପରିବାର । ମୁଁ ମଧ ଭିନ୍ନକ୍ଷମ । ଭତ୍ତା ପାଉଛି, କିନ୍ତୁ ପରିବାର ଚଳାଇବାକୁ ଚର୍ଚ୍ଚ ଛକ ନିକଟରେ ଅଣ୍ଡା ଦୋକାନ ଦେଇଛି । ଲକ୍ ଡାଉନ ଯୋଗୁଁ ମୋର ଦୋକାନ ଖୋଲିବାରେ କୌଣସି ଅସୁବିଧା ହୋଇନାହିଁ । କିନ୍ତୁ ଜନସାଧାରଣ ଅଣ୍ଡା କିଣିବାକୁ ଆସୁନାହାନ୍ତି । ଆଗରୁ ପ୍ରତିଦିନ ୫ଶହ ଟଙ୍କା ବିକ୍ରି କରୁଥିଲି । ଏବେ ୧ଶହ ଟଙ୍କା ବିକିଲେ ବହୁତ କିଛି । ଲକ୍‌ଡାଉନ ଶେଷ ସମୟ ପର୍ଯ୍ୟନ୍ତ ଦୁଃଖ କଷ୍ଟରେ ପରିବାର ପ୍ରତିପୋଷଣ କରିହେବ । ଅଧିକ ସମୟ ଲକ୍‌ଡାଉନ ହେଲେ ବଞ୍ଚିବା କଷ୍ଟକର ହେବ ।

**–ଅଶୋକ ମିଶ୍ର, ଅଣ୍ଡା ଦୋକାନୀ, ସମ୍ବଲପୁର**



ଜିଲା ପ୍ରଶାସନ ପନିପରିବା, କିରାନା ସମେତ ଫଳ ଦୋକାନ ମଧ ଖୋଲିବାକୁ ଅନୁମତି ଦେଇଛନ୍ତି । ମୁଁ ସକାଳ ୮ଟାରୁ ୧ଟା ପର୍ଯ୍ୟନ୍ତ ଠେଲାରେ ଫଳ ବିକ୍ରି କରୁଛି । ସନ୍ଧ୍ୟାରେ ଜଣେ ମଧ ଗ୍ରାହକ ଆସୁନାହାନ୍ତି । ଏଭଳି ପରିସ୍ଥିତିରେ ଦିନକୁ ଦେଢ଼ ଶହ ଟଙ୍କା ବିକିବା କଷ୍ଟ ହେଉଛି। ସେଥି ପାଇଁ କରୋନା ଭୂତାଣୁ ହୃଦୟରେ ଭୟ ସୃଷ୍ଟି କରିଛି । ଅପରପକ୍ଷେ କରୋନା କଟକଣା ଆମ ପରି ଠେଲା ଦୋକାନୀଙ୍କ ମୁହଁରୁ ଆହାର ଛଡାଇ ନେଇଛି ।

**–ମହମ୍ମଦ ସୌକତ୍, ଫଳ ଦୋକାନୀ, ସମ୍ବଲପୁର**



କରୋନା ଭୂତାଣୁ ପ୍ରତିଷେଧକ ଭାବେ ଲକ୍‌ଡାଉନକୁ ମାନି ନେଉଛି । କିନ୍ତୁ କରୋନା କଟକଣା ଯୋଗୁଁ ସମସ୍ତ ପ୍ରକାର ସାମାଜିକ, ଧାର୍ମିକ କାର୍ଯ୍ୟକ୍ରମ ବନ୍ଦ ରହିଛି । ପବିତ୍ର ଚୈତ୍ର ମାସରେ ରାମନବମୀ, ହନୁମାନ ଜୟନ୍ତୀ, ନାମଯଜ୍ଞ, ଶ୍ରୀରାମ କଥା, ବିବାହ, ବ୍ରତ ପ୍ରଭୃତି ହୋଇଥାଏ । ଏହି କାର୍ଯ୍ୟକ୍ରମଗୁଡିକରେ ଫଟୋ ଉତ୍ତୋଳନ କରି ପରିବାର ପ୍ରତିପୋଷଣ କରିଥାଏ । ଲକ୍ ଡାଉନ ଯୋଗୁଁ ଘରେ ବସି ରହିଛି । ଆୟ ସଂପୂର୍ଣ୍ଣ ଭାବେ ଶୂନ ହୋଇଛି । ଭୟ ସହ ଆୟ ପାଇଁ ଚିନ୍ତା ଘାରୁଛି ।

**–ଜଗଦୀଶ କର, ଫଟୋଗ୍ରାଫର, ସମ୍ବଲପୁର**



ଛୋଟ ଗ୍ୟାରେଜରୁ ଦିନକୁ ୩ଶହ ଟଙ୍କା ଉପାର୍ଜନ କରିଥାଏ । ଏଥିରୁ ପରିବାରର ୫ଜଣ ସଭ୍ୟ ଖୁସିରେ ଚଳିଥାଉଁ । ଲକ୍‌ଡାଉନ ଯୋଗୁଁ ହାତ ବନ୍ଧା ହୋଇଛି । କାମ ନାହିଁ, ପରିବାର ପୋଷିବା କଷ୍ଟ ହେଉଛି । ଅନେକ ଗ୍ରାହକ ଫୋନ ଯୋଗେ ଦୁଇଚକିଆ ଯାନ ମରାମତି କରିବା ପାଇଁ ଅନୁରୋଧ କରୁଛନ୍ତି । କିନ୍ତୁ ଲକ୍‌ଡାଉନକୁ ଭୟ କରି କାମ କରୁନାହିଁ । ଲକ୍‌ଡାଉନ ଶେଷ ହେଲେ ପୁଣି ରୋଜଗାର ହେବ ବୋଲି ଆଶା ବାନ୍ଧି ବସିଛି । କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତଙ୍କ ପାଇଁ ସହାୟତା ଯୋଗାଇଦେବା ଆବଶ୍ୟକ।

**–ମହମ୍ମଦ ରଫିକ, ଗ୍ୟାରେଜ ଦୋକାନୀ, ସମ୍ବଲପୁର**

**ପ୍ରସ୍ତୁତି: ବି. ଶଙ୍କର**

# ସେବା ଯୋଗାଇବାରେ ସମସ୍ୟା ସୃଷ୍ଟି କରୁଛି ତାପମାତ୍ରା ବୃଦ୍ଧି



ପ୍ରଚଣ୍ଡ ଖରାରେ ଦୁଇ ପୋଲିସ କର୍ମଚାରୀ ଛତା ଧରି ଲକ୍‌ଡାଉନ୍ ନିୟମକୁ କାର୍ଯ୍ୟକାରୀ କରୁଛନ୍ତି ।

**ବଲାଙ୍ଗୀର ଅଫିସ, ୨।୪**

କରୋନା ସଂକ୍ରମଣକୁ ରୋକିବା ଦିଗରେ ଘୋଷିତ ଲକ୍‌ଡାଉନ୍‌କୁ ବଲାଙ୍ଗୀର ସହରରେ କଡାକଡି ଭାବେ ପାଳନ କରାଯାଉଛି । ଏହି ଲକ୍‌ଡାଉନ୍‌କୁ ଶତ ପ୍ରତିଶତ ସଫଳ କରିବା ପାଇଁ ବଲାଙ୍ଗୀର ପୋଲିସ ଦିନରାତି ସେବା ଯୋଗାଉ ଆସୁଛି। ସହରର ସମସ୍ତ ମୁଖ୍ୟ ରାସ୍ତା, ଛକ, ଡେଲିମାର୍କେଟ, ମାଛ ବଜାର, ବିଭିନ୍ନ ଜନଗହଳିପୂର୍ଣ୍ଣ ଦୋକାନ ବଜାରରେ ପୋଲିସ ଲକ୍‌ଡାଉନ୍ ଓ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ପରାମର୍ଶ ଦେଉଛନ୍ତି । ବିଭିନ୍ନ ଗଳିକନ୍ଦି ରାସ୍ତାରେ ପିସିଆର ଗାଡି ଓ ପୋଲିସ ଅଧିକାରୀଙ୍କ ଗାଡି ଘୂରି ବୁଲୁଛି । ପୋଲିସ କର୍ମଚାରୀ ଓ ଅଧିକାରୀଙ୍କ ଏଭଳି କାର୍ଯ୍ୟକୁ ସମସ୍ତେ ପସନ୍ଦ କରୁଛନ୍ତି । ଏବେ ଏହି ପୋଲିସ ବାହିନୀ ପାଇଁ ଆଉ ଏକ ସମସ୍ୟା ମୁଣ୍ଡ ଟେକିଛି । ତାହା ହେଉଛି ଅତ୍ୟଧିକ ତାପମାତ୍ରା ବୃଦ୍ଧି । ମାର୍ଚ୍ଚ ଶେଷ ଓ ଏପ୍ରିଲ ମାସ ଆରମ୍ଭ ବେଳକୁ ବଲାଙ୍ଗୀରର ତାପମାତ୍ରା ଦିନ ବେଳା ୪୦ ଡିଗ୍ରୀକୁ ଛୁଇଁଲାଣି । ଏଭଳି ସମୟରେ ପ୍ରଚଣ୍ଡ ଖରାରେ ପୋଲିସ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ କର୍ତ୍ତବ୍ୟ ଜାରି ରଖିଛନ୍ତି। ପୋଲିସ କର୍ମଚାରୀମାନେ ଛତା ଧରି ଡ୍ୟୁଟି କରୁଛନ୍ତି । ସହର ଭିତରେ ଓ ସହର ଉପକଣ୍ଠରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବାରୁ ପାଣି ମୁନ୍ଦାଏ ମିଳିବା କଷ୍ଟକର ହୋଇପଡୁଛି । ଏହାକୁ ଆଖି ଆଗରେ ରଖି କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କୁ ପାଣି ଯୋଗାଇବା ଦିଗରେ ପ୍ରୟାସ ଆରମ୍ଭ ହୋଇଥିବା ଟାଉନ୍ ଥାନା ଆଇଆଇସି ସଂଗ୍ରାମ ପଟ୍ଟନାୟକ କହିଛନ୍ତି ।

# ଦାଦନ ଦୁଃଖ: ଅର୍ଦ୍ଧାହାରରେ ଇଟା ଗଢୁଛନ୍ତି ଶ୍ରମିକ



ଗୁରୁବାର ସମ୍ବଲପୁର ବଡବଜାର ଅଞ୍ଚଳରୁ ଜଣେ ବୃଦ୍ଧା ବହଳଫୁଲ ସାଗ ବିକ୍ରି କରି ଫେରୁଛନ୍ତି ।

**ବରଗଡ଼ ଅଫିସ୍, ୨।୪**

ଲକ୍ ଡାଉନ୍ ଦାଦନ ଶ୍ରମିକଙ୍କ ସମସ୍ୟାକୁ ବହୁଗୁଣିତ କରି ପକାଇଛି। ଏଭଳିସ୍ଥଳେ ସେମାନେ ନା ଘରକୁ ଫେରି ପାରୁଛନ୍ତି କିମ୍ବା ସାମାଜିକ ଦୂରତା ରଖି ଘର ମଧ୍ୟରେ ରହି ପାରୁଛନ୍ତି। ତେଲେଙ୍ଗାନାରେ ନିଜ ପିଲାଛୁଆଙ୍କ ସହିତ ବନ୍ଧା ପଡ଼ିଥିବା ୪୪ଶ୍ରମିକ ଇଟାଭାଟି ମାଲିକଙ୍କ ତାଗିଦ୍ ଯୋଗୁ ଅର୍ଦ୍ଧାହାରରେ ରହି ଖରାତାତିରେ ଇଟା ଗଢ଼ି ନିର୍ଯାତିତ ଜୀବନ କାଟୁଥିବା ସୂଚନା ମିଳିଛି । ତେଲେଙ୍ଗାନାର କିସାରା ମଣ୍ଡଳ ବୋମ୍ମାଲା ରମାରମ ଥାନା କେଶବପୁର ଗ୍ରାମ ହନୁମାନ ମନ୍ଦିର ପାଖରେ ରହିଥିବା ଏକ ଇଟାଭାଟିକୁ ବରଗଡ଼ ଜିଲା ପାଇକମାଲ ଥାନା ଭେଙ୍ଗରାଜପୁର, ସାଲେପାଲି, ଝେଙ୍ଗନାଡିହି ଗ୍ରାମର ୭ଜଣ ଏବଂ ନୂଆପଡ଼ା ଜିଲା ବୋଡ଼େନ, କୋଟଗାଁ, ପାତଲଗଙ୍ଗା, ଦର୍ଲିପଡ଼ା ଆଦି ଗ୍ରାମର ଶ୍ରମିକମାନେ ଜଣେ ମଧ୍ୟସ୍ଥଙ୍କ ପ୍ରଲୋଭନରେ ପଡ଼ି ନିଜ ପିଲାଛୁଆ ଧରି ଦୀର୍ଘଦିନ ପୂର୍ବରୁ ଦାଦନ ଖଟିବାକୁ ଯାଇଛନ୍ତି । ଲକ୍ ଡାଉନ୍ କଟକଣା ଲାଗୁ ପରେ ସେଠାରେ ଦୋକାନ, ବଜାର ବନ୍ଦ ହୋଇ ପଡ଼ିଛି । ସେହିପରି ଇଟାଭାଟି ମାଲିକ ୪କିଗ୍ରା ଲେଖାଏଁ ଚାଉଳ ଦେଉଥିଲେ ସୁଦ୍ଧା ତାହା ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି । ଫଳରେ ସେମାନଙ୍କୁ ବର୍ତ୍ତମାନ ଅଧିକାଂଶ ସମୟରେ ଭୋକିଲା କିମ୍ବା ଅର୍ଦ୍ଧାହାରରେ ରହିବାକୁ ପଡୁଛି । ଅପରପକ୍ଷେ ଏଭଳି ସ୍ଥିତିରେ ସମ୍ପୃକ୍ତ ଶ୍ରମିକମାନଙ୍କୁ ଇଟାଗଢ଼ା କାମରୁ ନିସ୍ତାର ମିଳିନାହିଁ। ଇଟାଭାଟି ମାଲିକ ସେମାନଙ୍କୁ ଇଟାଗଢ଼ା କାମରେ ଖଟାଉଛନ୍ତି ।

ଏ ସମ୍ପର୍କରେ ସୂଚନା ପାଇବା ପରେ ବରଗଡ଼ର ଜଣେ ସାମାଜିକ କର୍ମୀ ରଞ୍ଜିତା ପ୍ରିୟଦର୍ଶିନୀ ଆଇଜି ଅମିତାଭ ଠାକୁରଙ୍କ ସମେତ ବରଗଡ଼, ନୂଆପଡ଼ା ଜିଲାପାଳଙ୍କୁ ସେ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାସତ୍ତ୍ୱେ ସମ୍ପୃକ୍ତ ଶ୍ରମିକମାନଙ୍କ ପାଖକୁ ରନ୍ଧାଖାଦ୍ୟ ଭଳି କୌଣସି ସରକାରୀ ସହାୟତା ପହଞ୍ଚି ପାରିନାହିଁ। ଫଳରେ ଗୁରୁବାର ସେ ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ତେଲେଙ୍ଗାନାରେ ଭୋକିଲା ରହିଥିବା ଓଡ଼ିଆ ଶ୍ରମିକଙ୍କ ପେଟକୁ ଆହାର ମୁଠାଏ ଯୋଗାଇ ଦେବା ପାଇଁ ସେ ରାଜ୍ୟ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଜଣାଇଛନ୍ତି ବୋଲି ରଞ୍ଜିତା ପ୍ରକାଶ କରିଛନ୍ତି ।



ତେଲଙ୍ଗାନାରେ ଇଟା ଗଢୁଥିବା ଓଡ଼ିଆ ଶ୍ରମିକ ।

# ଦୁଇ ପୋଲିସ କନଷ୍ଟେବଲଙ୍କ ନିଲମ୍ବନ ପ୍ରତ୍ୟାହୃତ

**ବଲାଙ୍ଗୀର ଅଫିସ, ୨।୪**

ଲକ୍‌ଡାଉନ୍ ଉଲ୍ଲଂଘନ କରିଥିବା ଦୁଇଜଣ ଯୁବକଙ୍କୁ କିଛିଦିନ ତଳେ ବଲାଙ୍ଗୀର ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଲାଠିରେ ମାଡ ମାରିବା, ଉଠବସ କରାଇବା ଓ ଆଣ୍ଠେଇ ଚଲାଇବା ଭିଡିଓ ଭାଇରାଲ ପରେ ଗଣମାଧ୍ୟମରେ ଖବର ପରିବେଷଣ ହୋଇଥିଲା । ଏହାକୁ ନେଇ ଏସ୍‌ପି ସନ୍ଦୀପ ମାଡକର ଦୁଇ ପୋଲିସ କନଷ୍ଟେବଲ ସୂର୍ଯ୍ୟକାନ୍ତ ସାମାନ୍ତରାୟ ଓ ପ୍ରଦ୍ୟୁମ୍ନ ସାମଲଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ । ଏହି ଘଟଣାକୁ ନେଇ ପୋଲିସର ମନୋବଳ ଭାଙ୍ଗି ଯାଇଥିବା ଚର୍ଚ୍ଚା ହୋଇଥିଲା । ବିଭିନ୍ନ ମହଲରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ଲକ୍‌ଡାଉନ୍ ସମୟରେ ଦୁଇ ପୋଲିସ କର୍ମଚାରୀଙ୍କ ନିଲମ୍ବନ ଘଟଣାକୁ ନେଇ ଭିନ୍ନ ମତ ପ୍ରକାଶ ପାଇଥିଲା । ତେବେ ନିଲମ୍ବିତ ଦୁଇ ପୋଲିସ କର୍ମଚାରୀ ସାମନ୍ତରାୟ ଓ ସାମଲଙ୍କ ନିଲମ୍ବନକୁ ଏସ୍‌ପି ମାଡକର ବୁଧବାର ପ୍ରତ୍ୟାହାର କରି ନେଇଛନ୍ତି ।

# ସାନିଟାଇଜ୍ ହେଲା ଝାରସୁଗୁଡ଼ା ସହର

**ଝାରସୁଗୁଡା ଅଫିସ,୨।୪**

ଝାରସୁଗୁଡା ସହରରେ ଜିଲା ପ୍ରଶାସନ ପକ୍ଷରୁ କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଗୁରୁବାର ପଦକ୍ଷେପ ସଦୃଶ ସହରର ବିଭିନ୍ନ ପ୍ରମୁଖ ରାସ୍ତାଗୁଡିକୁ ସାନିଟାଇଜ କରାଯାଇଛି। ଦମକଳବାହିନୀ ବିଭିନ୍ନ ରାସାୟନିକ ମିଶା ପାଣି ସହରରେ ସିଞ୍ଚନ କରିଛି। ବସଷ୍ଟାଣ୍ଡଠାରୁ ଏହି କାର୍ଯ୍ୟ ଆରମ୍ଭ କରି ସହରର ବିଭିନ୍ନ ମୁଖ୍ୟ ରାସ୍ତାଗୁଡିକରେ ପାଣି ସିଞ୍ଚନ କରାଯାଇଥିଲା। ଝାରସୁଗୁଡା ପୌର ପରିଷଦ ନିର୍ବାହୀ ଅଧିକାରୀ ରାରମଚନ୍ଦ୍ର ପ୍ରଧାନ ଓ ପିଡି ଡିଆରଡିଏ ତପିରାମ ମାଝି ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ତେବେ ଏହି ପାଣି ସିଞ୍ଚନ ଦ୍ୱାରା ସହରର ରାସ୍ତାରେ ଥିବା ବିଭାନ୍ନ ପ୍ରକାର କୀଟାଣୁ ମରିଯିବ। ଏକ ସୁସ୍ଥ ବାତାବରଣ ତିଆରି ହେବ ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ କହିଛନ୍ତି।



ବସ୍‌ଷ୍ଟାଣ୍ଡ ରାସ୍ତାରେ ସାନିଟାଇଜ କରାଯାଉଛି।

# ଝାରସୁଗୁଡ଼ାରେ କଲେଜ ଛାତ୍ରଙ୍କୁ ପୋଲିସର ନାଲି ଆଖି

**ଝାରସୁଗୁଡା ଅଫିସ,୨।୪**

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ସମଗ୍ର ଦେଶକୁ ଲକ୍‌ଡାଉନ କରାଯାଉଛି। ଏହି କଟକଣାକୁ ମାନୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ତେବେ କଟକଣାକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ଅଭିଯୋଗ ହେଉଛି। ତେବେ ଏହି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିବାରୁ ଝାରସୁଗୁଡା ସହରର ଜଣେ କଲେଜ ଛାତ୍ରଙ୍କୁ ପୋଲିସ ନାଲି ଆଖି ଦେଖାଇଛି। ଏହି କଲେଜ ଛାତ୍ର ଜଣକ ପ୍ରଶାସନର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିବାର ଭିଡିଓ ଏବଂ ଜଣେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅଧିକାରୀ ବାଡି ଧରି ବୁଲୁଥିବାର ଏକ ଫଟୋ ସୋସିଆଲ ମିଡିଆରେ ବୁଲୁଛି, ଯାହା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।



ଅଧିକାରୀ ଜଣକ ଏକ ବାଡି ଧରି ବୁଲୁଥିବା ଭାଇରାଲ ଫଟୋ।

ସୂଚନା ମୁତାବକ ଜଣେ କଲେଜ ଛାତ୍ର ବୁଧବାର ସ୍ଥାନୀୟ ସରବାହାଲ ଅଞ୍ଚଳକୁ ଯାଇଥିଲେ। ଗୁରୁବାର ଅସହାୟମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ସେମାନେ ଯୋଜନା କରି ଆଲୋଚନା ସାରି ସେଠାରୁ ସେ ଫେରୁଥିଲେ। ଏତିକିବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଜଣେ ଅଧିକାରୀ ତାଙ୍କୁ ଅଟକାଇ ବାଡିରେ ମାଡ ମାରିଥିଲେ। ଏହାକୁ ବିରୋଧ କରି ଏହି କଲେଜ ଛାତ୍ର ଜଣକ ନିଜେ ଏକ ଭିଡିଓ ତିଆରି କରି ପୋଲିସ ଓ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ନାଁ ନେଇ ନିଜ ଫେସ୍‌ବୁକ୍ ଆଇଡିରେ ଛାଡିଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ଜାଣିପାରି ପୋଲିସ ତାଙ୍କୁ ଉଠାଇ ନେଇ ଫେସ୍‌ବୁକ୍ ଆଇଡିରୁ ଡିଲିଟ୍ କରିବାକୁ କହିଥିଲା। ଶେଷରେ ତାଙ୍କୁ ଚେତାବନୀ ଦେଇ ଛାଡି ଦେଇଥିବା ଝାରସୁଗୁଡା ଥାନା ଅଧିକାରୀ ସାବିତ୍ରୀ ବଳ କହିଛନ୍ତି। ସେହିପରି ଲକ୍‌ଡାଉନ୍ ସମୟରେ ମାଜିଷ୍ଟ୍ରେଟ ଡ୍ୟୁଟିରେ ଥିବା ଜଣେ ଅଧିକାରୀ ହାତରେ ବାଡି ଧରି ସହରର ବିଭିନ୍ନ ଦୋକାନ ଓ ବଜାରରେ ବୁଲୁଥିବା ଏକ ଫଟୋ ଭାଇରାଲ ହୋଇଛି। ହେଲେ ସମ୍ପୃକ୍ତ ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

# ନିୟମ ମାନିବାକୁ ଲୋକେ ନାରାଜ

**ସମ୍ବଲପୁର, ୨।୪ (ବ୍ୟୁରୋ):** ସମ୍ବଲପୁର ସହରରେ ଲକ୍‌ଡାଉନ ଲାଗି ରହିଛି । ତଥାପି ଜନସାଧାରଣ ଅନେକାଂଶରେ ନିୟମ ମାନୁ ନାହାନ୍ତି । ଘରୁ ବାହାରି ପୋଲିସକୁ ମିଛ କହି ବୁଲୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ସମ୍ବଲପୁର ସମଲେଇଗୁଡି ଛକରେ ଟ୍ରାଫିକ ଯାଞ୍ଚ କଡାକଡି କରାଯାଇଥିଲା। କ୍ଷେତରାଜପୁର ଥାନା ଆଇଆଇସି ମମତା ନାୟକ ଯାଞ୍ଚ ତଦାରଖ କରିଥିଲେ । ଏହା ଯୋଗୁ କ୍ଷେତରାଜପୁର, ବଡବଜାର, ବଙ୍ଗାଳିପଡାରୁ ଆସୁଥିବା ମହିଳା, ପୁରୁଷ ଫେରି ଯାଉଥିଲେ । ସେମାନେ ସମଲେଶ୍ୱରୀ ମନ୍ଦିର ଛକ ଗଳିରେ ରିଂ–ରୋଡ ବାଟରେ ଯାଉଥିଲେ ।

# ବଲାଙ୍ଗୀରରେ ଫସି ରହିଛନ୍ତି ୩୦ ଅଣ ଓଡ଼ିଆ ଶ୍ରମିକ

ବଲାଙ୍ଗୀର ଅଫିସ, ୨।୪: ପଶ୍ଚିମବଙ୍ଗରୁ ବଲାଙ୍ଗୀରକୁ କାମ କରିବାକୁ ଆସିଥିବା ୩୦ ଜଣ ଅଣ ଓଡ଼ିଆ ଶ୍ରମିକ ଏଠାରେ ଫସି ରହିଛନ୍ତି। ସ୍ଥାନୀୟ ଆନନ୍ଦନଗର ନିକଟରେ ସେମାନେ ଏକ ଏକ ଭଡାଘରେ ରହୁଛନ୍ତି। ମହାମାରୀ କରୋନା ଭୂତାଣୁଜନିତ ଲକ୍‌ଡାଉନ ଯୋଗୁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ରାଜ୍ୟ ବାହାରର ଏହି ଶ୍ରମିକମାନେ। ସେମାନେ କାମ କରୁଥିବା ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟ ବନ୍ଦ କରିଦେବାରୁ ଏହି ଶ୍ରମିକମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏବେ ସେମାନେ କିପରି ଜୀବନ ବିତାଇବେ ତାହାକୁ ନେଇ ଚିନ୍ତିତ ହୋଇ ପଡିଛନ୍ତି । ସେମାନେ କିଭଳି ଘରକୁ ଫେରିପାରିବେ ସ୍ଥାନୀୟ ପ୍ରଶାସନ ତାହାର ବ୍ୟବସ୍ଥା କରୁ । ନ ହେଲେ ସେମାନଙ୍କୁ ଖାଦ୍ୟପେୟ ଦେବାର ବ୍ୟବସ୍ଥା କରାଯାଉ ବୋଲି ଏହି ଦୁର୍ଦ୍ଦଶାଗ୍ରସ୍ତ ଶ୍ରମିକମାନେ ନିବେଦନ କରିଛନ୍ତି।



ବଲାଙ୍ଗୀର ଆନନ୍ଦନଗରଠାରେ ପଶ୍ଚିମବଙ୍ଗର ଶ୍ରମିକମାନେ ଅଟକି ରହିଛନ୍ତି।

# ସାହସ ଦେଖାଇଲେ, ରକ୍ତଦାନ କଲେ

- କରୋନା ବେଳେ ଯୁବତୀ, ଯୁବକଙ୍କ ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରଶଂସା
- ଆଗେଇଲା ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ, ଯୁବ ଆକ୍ସନ କମିଟି
- ଖାଲି ରକ୍ତଭଣ୍ଡାରକୁ ଯୋଗାଇଲେ ରକ୍ତ

**ବଲାଙ୍ଗୀର ଅଫିସ, ୨।୪**

କରୋନା ମହାମାରୀ ଏବେ ସମଗ୍ର ବିଶ୍ୱକୁ ଆତଙ୍କିତ କରି ରଖିଛି । ଏହାକୁ ନେଇ ସମଗ୍ର ଦେଶରେ ୨୧ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯାଇଛି । ଅତ୍ୟାବଶ୍ୟକ କାମ ନଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଏଭଳି ସନ୍ଧିକ୍ଷଣରେ ବହୁ ରୋଗୀ, ଗରିବ ଲୋକ, ଅସହାୟ ବୃଦ୍ଧାବୃଦ୍ଧ ଓ ଛୋଟ ଶିଶୁମାନେ ଅସୁବିଧାରେ ପଡିଛନ୍ତି। ବିଶେଷକରି ବିଭିନ୍ନ ରୋଗରେ ପୀଡିତ ରୋଗୀମାନେ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି । ରକ୍ତଭଣ୍ଡାରରେ ରକ୍ତ ଅଭାବ ଯୋଗୁଁ କେତେକ ରୋଗୀଙ୍କ ସ୍ଥିତି ଗମ୍ଭୀର ହୋଇପଡିଛି । କରୋନାକୁ ନେଇ ସମସ୍ତେ ଆତଙ୍କିତ ଥିବାବେଳେ ବଲାଙ୍ଗୀରର କେତେକ ସ୍ୱେଚ୍ଛାସେବୀ ସଙ୍ଗଠନର ଯୁବ ସ୍ୱେଚ୍ଛାସେବୀ ସେମାନଙ୍କ ଉତ୍ସର୍ଗୀକୃତ ସେବାରେ ଲୋକଙ୍କ ହୃଦୟ ଜିଣି ନେଇଛନ୍ତି । ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍‌ର ସଦସ୍ୟ ବଲାଙ୍ଗୀର ରକ୍ତଭଣ୍ଡାରରେ ରକ୍ତ ନ ଥିବା ଜାଣିବା ପରେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି ।



ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍ ଯୁବ ସଦସ୍ୟାମାନେ ରକ୍ତଦାନ କରୁଛନ୍ତି ।

ଏଥିରେ ଯୁବତୀମାନେ ମଧ ବେଶ୍ ଉତ୍ସାହ ଦେଖାଇଛନ୍ତି । ଫାଉଣ୍ଡେସନ୍ ସଦସ୍ୟା ରୂପା ଦାସ, ରୋଜାଲିନ୍ ମିଶ୍ର, ସୁପ୍ରାଞ୍ଜଳି ରଣା, ଯୁବ ସ୍ୱେଚ୍ଛାସେବୀ ସ୍ୱାଧୀନ ମୁନି, ଅଭିଜିତ୍ ମିଶ୍ର, ସୁନୀଲ ସାହୁ ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରଛନ୍ତି। କରୋନା ସଂକ୍ରମଣ କାଳରେ ଏହି ଯୁବତୀ, ଯୁବକମାନେ ରକ୍ତଦାନ କରି ଆଦର୍ଶ ପ୍ରତିଷ୍ଠା କରିଛନ୍ତି । ଏହି ଅନୁଷ୍ଠାନର ୫ ଜଣ ସଦସ୍ୟ ଲଗାତାର ୩ ଦିନ ହେଲାଣି ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି । ଠିକ୍ ସେହିପରି ବଲାଙ୍ଗୀର ୟୁଥ୍ ଆକ୍ସନ କମିଟି ସଦସ୍ୟମାନେ ମଧ ରକ୍ତ ଅଭାବ ଦୂର କରିବାକୁ ଯାଇ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। କମିଟି ସଭାପତି ବିନୋଦ କୁମାର କାଲସାଲଙ୍କ ନେତୃତ୍ୱରେ ଅଜୟ କୁମାର ନାଗ, ଅରୁଣ ଦୋରା, ରାଜେଶ ମିଶ୍ର, ହେମ ସାଗର ବଗର୍ତ୍ତିର ରକ୍ତଦାନ କରିଛନ୍ତି । ଏଭଳି କଠିନ ସମୟରେ ରକ୍ତଦାନ କରି ରୋଗୀଙ୍କ ଜୀବନ ବଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ଯୁବ ସ୍ୱେଚ୍ଛାସେବୀଙ୍କୁ ସବୁ ବର୍ଗରୁ ପ୍ରଶଂସା କରାଯାଇଛି ।

# ମହୁଲ ଦେଉନି ମୂଲ

କରୋନା ପ୍ରଭାବ

ସମ୍ବଲପୁର,୨।୪(ବ୍ୟୁରୋ)

ଓଡିଶାରେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଆଦିବାସୀ ପରିବାର ନିର୍ଭର କରନ୍ତି । ସମୟ ଅନୁସାରେ ଜଙ୍ଗଲରୁ ମିଳୁଥିବା ସାମଗ୍ରୀ ବିକ୍ରି କରି ସେମାନେ ପରିବାର ପ୍ରତିପୋଷଣ କରିଥାନ୍ତି । ସମ୍ବଲପୁର ଜିଲା କୁଚିଣ୍ଡା, ଜମନକିରା, ରେଙ୍ଗାଲି, ରେଢାଖୋଲ, ନାକଟିଦେଉଳ, ଯୁଯୁମୁରା, ମାନେଶ୍ୱର ବ୍ଲକ ଅଞ୍ଚଳରେ ଅଧିକ ମହୁଲ ସଂଗ୍ରହ ହୋଇଥାଏ। ଫେବ୍ରୁୟାରୀ ଶେଷ ସପ୍ତାହରୁ ମହୁଲ ସଂଗ୍ରହ ଆରମ୍ଭ ହୁଏ । ମାର୍ଚ୍ଚ ଓ ଏପ୍ରିଲ ମାସରେ ଗୋଟାଳିମାନେ ମହୁଲ ବିକ୍ରି କରନ୍ତି। ହେଲେ ଚଳିତ ବର୍ଷ କରୋନା କଟକଣା ମହୁଲ ସଂଗ୍ରହ ଉପରେ ପ୍ରଭାବ ପକାଇଛି। କଟକଣା ଯୋଗୁ ଲୋକମାନେ ଅନ୍ୟ ରୋଜଗାର ନ ପାଇ ଜଙ୍ଗଲ ଓ ନିଜସ୍ୱ ଜମିରେ ଥିବା ଗଛ ଗୁଡିକରୁ ମହୁଲ ଗୋଟାଉଛନ୍ତି । କିଛି ରୋଜଗାର ହେବା ଆଶଙ୍କାରେ ସେମାନେ ସକାଳେ ଓ ସନ୍ଧ୍ୟାରେ ପରିଶ୍ରମ କରୁଛନ୍ତି । ହେଲେ କିଛି ଲାଭ ମିଳୁ ନ ଥିବା ଅଭିଯୋଗ ହୋଇଛି। କରୋନା କଟକଣା ଯୋଗୁ ବଜାର ଦର ନିର୍ଦ୍ଧାରଣ କରାଯାଇନାହିଁ। ଅବକାରୀ ବିଭାଗ ପକ୍ଷରୁ ମଧ୍ୟ ମହୁଲ କିଣା ବିକା ପାଇଁ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ମହୁଲ ଗୋଟାଉଥିବା ପରିବାର ଚିନ୍ତାରେ ପଡି ଯାଇଛନ୍ତି । ସେମାନେ ସ୍ଥାନୀୟ ଦଲାଲ ମାନଙ୍କ ଶୀକାର ହେଉଛନ୍ତି । ଦଲାଲମାନେ କମ୍ ଦାମ ଦେବା ସହ ଲୁଣ ତେଲ ଚୂଡା ଭଳି ସାମଗ୍ରୀ ଦେଇ ମହୁଲ ନେଉଯାଉଛନ୍ତି । ସେମାନେ ସଂଗ୍ରହକାରୀଙ୍କ ଠାରୁ ମହୁଲ କେଜି ପ୍ରତି ୧୦ରୁ ୧୫ ଟଙ୍କାରେ କିଣି ଦେଶୀ ମଦଭାଟି ମାନଙ୍କୁ ଚଢା ଦରରେ ଦରରେ ବିକ୍ରି କରୁଛନ୍ତି । କଟକଣା ଯୋଗୁ ରାଜ୍ୟ ବାହାର ଛତିଶଗଡ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, କଳିକତା ଭଳି ସ୍ଥାନକୁ ଚାଲାଣ ହୋଇ ପାରୁନାହିଁ। ରାଜ୍ୟ ବାହାର ବ୍ୟବସାୟୀ ନ ଆସିବାରୁ ସ୍ଥାନୀ ଭାଟି ମାଲିକ ଓ ତାଙ୍କ ଦଲାଲମାନେ ସକ୍ରିୟ ହୋଇପଡିଛନ୍ତି। ଏ ନେଇ ଗଡଲୁଇସିଂ ସରପଞ୍ଚ କହିଛନ୍ତି, କରୋନା କଟକଣା ଥିବା ସମୟରେ ନିୟମ ପାଳନ କରି ମଧ୍ୟ ମହୁଲ କିଣାଯାଇ ପାରିବ । ସରକାର ଅନୁମତି ଦେଲେ ପଞ୍ଚାୟତ ପକ୍ଷରୁ କିଣାଯାଇ ଗଚ୍ଛିତ ରଖାଯିବ। ଏଥିରେ ଗୋଟାଳିମାନେ ଉଚିତ ଦର ପାଇବେ। କରୋନା ମୁକାବିଲା ନେଇ ସବୁ କାମ ଠପ ହୋଇଯାଇଥିବା ବେଳେ ସେମାନଙ୍କୁ କିଛି ରୋଜଗାର ମିଳିପାରିବ।


ସମ୍ବଲପୁର ଜିଲାରେ ମହୁଳ ସଂଗ୍ରହ କରାଯାଉଛି ।

## ସଂକ୍ଷେପରେ

### କଳାହାଣ୍ଡିରୁ ୫ ନମୁନା ପରୀକ୍ଷା ପାଇଁ ପଠାଗଲା

ଭବାନୀପାଟଣା, ୨।୪ (ଡି.ଏନ୍.ଏ.): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲାର ସୀମାନ୍ତବର୍ତ୍ତୀ ନବରଙ୍ଗପୁର, ବଲାଙ୍ଗୀର, ନୂଆପଡା, ଛତିଶଗଡ, ସୀମାନ୍ତରେ ଆନ୍ତଃ ରାଜ୍ୟ ଓ ଆନ୍ତଃ ଜିଲା ସୀମାନ୍ତ ସିଲ୍ କରି ଦିଆଯାଇଛି । ଜିଲାର ୩୧୦ଟି କେନ୍ଦ୍ରରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ଯାଇଛି । ରାଜ୍ୟ ଓ ଦେଶ ବାହାରୁ ଆସିଥିବା ଏବଂ ସଙ୍ଗରୋଧରେ ଥିବା ଲୋକମାନଙ୍କ ଉପରେ ପ୍ରଶାସନ ପକ୍ଷରୁ କଡା ନଜର ରଖାଯାଇଛି । ପୂର୍ବରୁ ୩ଟି ନମୂନା ପରୀକ୍ଷା ପାଇଁ ଭୁବନେଶ୍ୱରକୁ ପଠାଯାଇଥିଲା। ଉକ୍ତ ୩ଟି ଯାକ ନମୂନା ନେଗେଟିଭ ବାହାରିଛି । ପୁଣି ଜିଲାର ବିଭିନ୍ନ ସ୍ଥାନରୁ ଗତ ୩୦ତାରିଖରେ ୫ଟି ରକ୍ତ ସ୍ୱାବ୍ ପରୀକ୍ଷଣ ପାଇଁ ଭୁବନେଶ୍ୱର ପଠାଯାଇଛି।

### ଲକ୍ ଡାଉନ ଉଲ୍ଲଂଘନ କରି ଯୁବକ ଗିରଫ

ମନମୁଣ୍ଡା, ୨।୪ (ଡି.ଏନ.ଏ) କରୋନା ସଂକ୍ରମଣ ରୋକିବା ପାଇଁ କରାଯାଇଥିବା ଲକ୍ ଡାଉନ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ବୁଧବାର ରାତ୍ରିରେ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ମନମୁଣ୍ଡାର ତିଲକ ବେହେରା (୨୦)। ଏ ନେଇ ଏକ ମାମଲା (ନଂ. ୪୮/୨୦) ରୁଜୁ କରି ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ନିଖୋଜ ଶ୍ରମିକଙ୍କ ମୃତଦେହ ଉଦ୍ଧାର

ବିନିକା,୨।୪(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ତଥା ରାମପୁର ଥାନା କୁଇବାହାଲ ଗ୍ରାମରେ ବୁଧବାର ଜଣେ ଶ୍ରମିକ କ୍ଷେତକୁ କାମ କରିବାକୁ ଯାଇ ନିଖୋଜ ହୋଇ ଯାଇଥିଲେ। ସେ ହେଲେ ତପନ ମହାନନ୍ଦ ଓରଫ କାଳିଆ(୪୩)। ବହୁ ଖୋଜାଖୋଜି ପରେ ତାଙ୍କ ପତ୍ତା ମିଳି ନ ଥିଲା। ମୃତକଙ୍କ ପରିବାର ଲୋକେ ଓ କୁଇବାହାଲ ଗ୍ରାମବାସୀ ତପନଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଏହାକୁ ନେଇ ଗ୍ରାମରେ ବୁଧବାର ସନ୍ଧ୍ୟାରୁ ଉତ୍ତେଜନା ଲାଗି ରହିଥିଲା। ସବିଶେଷ ସୂଚନାନୁସାରେ ଗୁରୁବାର ରାତି ପ୍ରାୟ ୯ଟାରେ ଶ୍ରମିକଙ୍କ ମୃତଦେହ ବିନିକା ବାରଡୁଙ୍ଗୁରୀ ଜଙ୍ଗଲରୁ ଉଦ୍ଧାର ହୋଇଛି ବୋଲି ଲଛିପୁର ଫାଣ୍ଡି ଅଧିକାରୀ କ୍ଷୀରୋଦ୍ର ଚନ୍ଦ୍ର ବାଗ କହିଛନ୍ତି।

ସୂଚନା ଅନୁସାରେ ତପନ ବୁଧବାର ପୂର୍ବାହ୍ନ ୧୦ଟାରୁ ବିନିକା ବ୍ଲକ ମେଘଲା ପଞ୍ଚାୟତ ଅନ୍ତର୍ଗତ ସିଲଜୁରୀ ଗ୍ରାମର ଜଣେ ଚାଷୀଙ୍କ ରବିଧାନ କ୍ଷେତରେ ସାର ପକାଇବାକୁ ଯାଉଛି କହି ଘରୁ ବାହାରିଥିଲେ । ମାତ୍ର ସନ୍ଧ୍ୟା ୬ଟା ଯାଏଁ ଘରକୁ ଫେରି ନ ଥିଲେ। ସ୍ତ୍ରୀ ଯାଜ୍ଞସେନୀ ଏ ନେଇ ସାହି ପଡିଶାଙ୍କୁ ଜଣାଇଲେ । ପରେ ସାହିର କେତେକ ଯୁବକ ସିଲଜୁରୀ ଗ୍ରାମକୁ ଯାଇ ସମ୍ପୃକ୍ତ ଚାଷୀଙ୍କୁ ତପନଙ୍କ ସମ୍ପର୍କରେ ପଚରାଉଚୁରା କରିଥିଲେ। ହେଲେ ତପନ ମୋ କ୍ଷେତକୁ ସାର ପକାଇବାକୁଆସି ନ ଥିବା ସମ୍ପୃକ୍ତ ଚାଷୀ ଜଣକ କହିଥିଲେ । ଏହା ପରେ କୁଇବାହାଲ ଗାଁର ଯୁବକମାନେ ତାଙ୍କ କଥାରେ ସନ୍ଦେହ ପ୍ରକାଶ କରିଥିଲେ। ପରେ ସମ୍ପୃକ୍ତ ଚାଷୀଙ୍କୁ କୁଇବାହାଲ ହରିଜନପଡାସ୍ଥିତ କ୍ଲବ ଘରକୁ ଆଣି ପଚରାଉଚୁରା କରିଥିଲେ। ଘଟଣା ବିଷୟରେ ସୂଚନା ପାଇ ରାତି ପ୍ରାୟ ସାଢେ ୧ଟାରେ ରାମପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତପନଙ୍କୁ ମାରି ଦିଆଯାଇଛି ବୋଲି କୁଇବାହାଲ ଗ୍ରାମବାସୀ ଅଭିଯୋଗ କରିବା ସହ ପ୍ରବଳ ପାଟିତୁଣ୍ଡ କରିଥିଲେ। ଖବର ପାଇ ଜିଲା ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାଶ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ରାମପୁର ପୋଲିସ ସମ୍ପୃକ୍ତ ଚାଷୀ ଓ କୁଇବାହାଲ ଗାଁରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୬/୨୦)ରୁଜୁ ହୋଇଥିଲା। ଶୁକ୍ରବାର ଏସ୍‌ଡିପିଓ ମିହିର ପଣ୍ଡା ରାମପୁର ଓ ବିନିକା ଥାନା ପୋଲିସ ଅଟକ ଦୁଇଜଣଙ୍କୁ ବିନିକା ବାରଡୁଙ୍ଗୁରୀ ଜଙ୍ଗଲକୁ ନେଇ ତପନଙ୍କୁ ଖୋଜାଖୋଜି କରିଥିଲେ। ଏହାକୁ ନେଇ କୁଇବାହାଲରେ ଉତ୍ତେଜନାମୂଳକ ପରିସ୍ଥିତି ଜାରି ରହିଛି। ଗାଁରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ପରିସ୍ଥିତି ପ୍ରତି ତୀକ୍ଷଣ ଦୃଷ୍ଟି ରଖାଯାଇଛି ବୋଲି ଏସ୍‌ଡିପିଓ ପଣ୍ଡା କହିଛନ୍ତି।

**ଉତ୍ତେଜନା, ପୋଲିସ ଫୋର୍ସ ମୁତୟନ**


କୁଇବାହାଲ ଗାଁରେ ମୁତୟନ ହୋଇଥିବା ପୋଲିସ ଫୋର୍ସ।

## ଦାଦନଙ୍କୁ ସୁହାଉଛି ମାଲବାହୀ ଯାନ

ସମ୍ବଲପୁର,୨।୪(ବ୍ୟୁରୋ)

କରୋନା ମୁକାବିଲା ପାଇଁ ଲକ୍‌ଡାଉନ ଘୋଷଣା ହେବା ପରେ ସମଗ୍ର ଦେଶ ଏକ ପ୍ରକାର ଠପ ହୋଇପଡିଛି । ସରକାର ପାସେଞ୍ଜର ରେଳ ଚଳାଚଳ, ବିମାନ ସେବା ବନ୍ଦ କରିଦେଇଛନ୍ତି । ଏପରିକି ସମସ୍ତ ଆନ୍ତଃରାଜ୍ୟ ରାସ୍ତା ଗୁଡିକ ସିଲ କରାଯାଇଛି। ଏଭଳି ସ୍ଥିତିରେ ରାଜ୍ୟ ବାହାରେ କାମ କରୁଥିବା ଶ୍ରମିକମାନେ ସେମାନଙ୍କ ସମସ୍ୟା ନେଇ ସୋସିଆଲ ମିଡିଆରେ ଭିଡିଓ ଓ ଫଟୋ ଭାଇରାଲ କରି ସରକାରଙ୍କୁ ସହଯୋଗ ମାଗୁଛନ୍ତି। ସରକାରୀ ସ୍ତରରେ ଶ୍ରମିକମାନଙ୍କୁ ସମସ୍ତ ପ୍ରକାର ସହଯୋଗ ମଧ୍ୟ ଯୋଗାଇ ଦିଆଯାଉଛି। ତେବେ ସେମାନେ ସୁବିଧା ପାଇଲେ ପରିବାର ଚିନ୍ତାରେ ଘରକୁ ଫେରିବାକୁ ଚାହୁଁଛନ୍ତି । ଏବେ ମାଲ୍‌ବାହୀ ଟ୍ରେନ ଓ ଟ୍ରକ, ଗ୍ୟାସ ଓ ତେଲ ଟ୍ୟାଙ୍କି, ପନିପରିବା, ଆଳୁ, ପିଆଜ ଅତ୍ୟାବଶକ ସାମାଗ୍ରୀ ପରିବହନ କରୁଥିବା କୋଇଲା ଟ୍ରକ ଚଳାଚଳ ଉପରେ କୋହଳ କରାଯାଇଛି। ଏହା ରାଜ୍ୟ ବାହାରେ କାମ କରୁଥିବା ଦାଦନ ଶ୍ରମିକଙ୍କୁ ସୁହାଉଛି । ସେମାନେ ଏହି ଟ୍ରକ ଓ ମାଲବାହୀ ଟ୍ରେନରେ ଘରକୁ ଫେରୁଛନ୍ତି । ସେଗୁଡିକୁ ଠିକ ଭାବେ ଯାଞ୍ଚ କରାଯାଉ ନ ଥିବାରୁ ସେମାନେ ଏହାର ଫାଇଦା ନେଉଛନ୍ତି । ଗ୍ରାମକୁ ଆସିଲେ ସ୍ଥାନୀୟ ଲୋକମାନେ ସେମାନଙ୍କୁ ବିରୋଧ କରୁଛନ୍ତି । ଆଶା ଓ ଅଙ୍ଗନୱାଡି କର୍ମୀ ଘରକୁ ଯାଇ ପଚାରିଲେ ସେମାନେ ତଥ୍ୟ ଲୁଚାଉଛନ୍ତି। ଓଲଟା ଧମକ ଚମକ ଦେଉଥିବା ଅଭିଯୋଗ ହେଉଛି । ପରିବାର ସଦସ୍ୟମାନେ ମଧ୍ୟ ସେମାନଙ୍କୁ ସହଯୋଗ କରୁଛନ୍ତି । ଏବେ କରୋନା ସଂକ୍ରମଣ ଗ୍ରାମାଞ୍ଚଳରେ ଦେଖାଦେବାର ସମ୍ଭାବନା ରହିଛି । ଏଭଳି ପରିସ୍ଥିତିରେ ପ୍ରଶାସନ ସଜାଗ ନ ହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ଅନୁସାରେ, ଗତ ମଙ୍ଗଳବାର ରାତିରେ କୋଇଲା ବୋଝେଇ ଟ୍ରକରେ ଏକ ସମ୍ପ୍ରଦାୟର ଜଣେ ମହିଳା ଓ ପୁରୁଷ ମାନେଶ୍ୱର ଛକରେ ଓହ୍ଲାଇଥିଲେ । ସେହପରି କିଛି ଦିନ ତଳେ ସମ୍ବଲପୁର-ତାଳଚେର ରୋଡ ମାନେଶ୍ୱର ରେଳ ଷ୍ଟେଶନରେ ପ୍ରାୟ ୧୧ ଜଣ ଯୁବକ ଓହ୍ଲାଇଥିବା ଜଣାପଡିଛି। ସେମାନେ ଏକ ମାଲବାହୀ ଟ୍ରେନରୁ ଓହ୍ଲାଇ ଲୁଚି କରି ନିକଟସ୍ଥ ଗ୍ରାମକୁ ଯାଇଥିଲେ। ସ୍ଥାନୀୟ ଲୋକ ଓ ପୋଲିସ ସେମାନଙ୍କୁ ପଚାରିବା ପରେ ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। ପରେ ପୋଲିସ ଚାଲିଯାଇଥିଲା । ଏଭଳି ଘଟଣା ଏବେ ଦିନକୁ ଦିନ ବଢିବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମନରେ ଭୟ ସୃଷ୍ଟି ହୋଇଛି ।

**ବାହାରୁ ଚାଲିଆସୁଛନ୍ତି ଶହ ଶହ ଶ୍ରମିକ**

## ନାବାଳିକାଙ୍କୁ ବଳାତ୍କାର

ସମ୍ବଲପୁର,୨।୪(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ପରମାଣପୁର ଅଞ୍ଚଳରେ ଜଣେ ନାବାଳିକା (୧୧ବର୍ଷ)ଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଇଛି । ନାବାଳିକା ଜଣକ ଦୁର୍ବୃତ୍ତଙ୍କ ପରିଚୟ ଜାଣି ନ ଥିବାରୁ ପୋଲିସ ଏହି ମାମଲାରେ କାହାକୁ ଗିରଫ କରିପାରିନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ ନାବାଳିକା ପରିବାର ସହ ଘର ଭିତରେ ଶୋଇଥିଲେ। ଏହି ସମୟରେ ଦୁର୍ବୃତ୍ତ ଜଣକ ଆସି ତାଙ୍କୁ ଘରୁ ଟେକି ନେଇ ଘର ପଛ ବାଡିରେ ବଳାତ୍କାର କରିଥିଲେ । ପରେ ନାବାଳିକା ଘରକୁ ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ । ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି ।

## ମହିଳାଙ୍କ ସମେତ ୪ ଜଣଙ୍କୁ ହତ୍ୟା

ସୁନ୍ଦରଗଡ, ୨।୪ (ଡି.ଏନ୍.ଏ)

ଓଡିଶା ରାଜ୍ୟ ସୁନ୍ଦରଗଡ ଜିଲା ସୀମାନ୍ତ ଝାଡଖଣ୍ଡ ରାଜ୍ୟ ସିମଡେଗା ଥାନା ଅନ୍ତର୍ଗତ କୁଟୁମାକଛାର ଗ୍ରାମରେ ୨ ପରିବାର ମଧ୍ୟରେ ମହୁଲ ସଂଗ୍ରହକୁ କେନ୍ଦ୍ର କରି ହୋଇଥିବା ଗୋଷ୍ଠୀ ସଂଘର୍ଷରେ ଜଣେ ମହିଳାଙ୍କ ସମେତ ୪ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଲାଇନବତୀ ଦେବୀ, ସୁନୀଲ ଯାଦବ, ମହେନ୍ଦ୍ର ଯାଦବ, ବିଡୋଲରାମ ଯାଦବ । ପୋଲିସ ଏହି ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇଛି। ଗୁରୁବାର ସକାଳ ପ୍ରାୟ ୭ଟା ବେଳେ ମହୁଲ ସଂଗ୍ରହକୁ କେନ୍ଦ୍ର କରି ହୋଇଥିବା ଏହି ସଂଘର୍ଷରେ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ଜଣେ ଗୁରୁତର ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି।

## ଭିମ୍‌ସାରରୁ ମାସ୍କ ଚୋରି, ଅଭିଯୋଗ ପରେ ଜବତ ହେଲା

ସମ୍ବଲପୁର, ୨।୪ (ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭିମସାରକୁ ଆସିଥିବା ଏମ- ୯୫ ମାସ୍କରୁ ୧୦୦ଟି ଚୋରି ହୋଇଛି । ଅଭିଯୋଗ ପାଇବା ପରେ ବୁର୍ଲା ପୋଲିସ ଶହେଟି ମାସ୍କ ଭିମସାରର ଜଣେ କର୍ମଚାରୀଙ୍କ ନିକଟରୁ ଜବତ କରିଛି। ତେବେ ଚୋରି ସାମଗ୍ରୀ ଜବତ ହେବା ପରେ ମାମଲା ପ୍ରତ୍ୟାହାର କରାଯାଇଛି । ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି । ଏଭଳି ସମୟରେ ଡାକ୍ତର ଓ ନର୍ସମାନଙ୍କ ପାଇଁ ସରକାର ମାସ୍କ ଯୋଗାଇ ଦେଇଛନ୍ତି । ହେଲେ କର୍ମଚାରୀମାନେ ବାହାରେ ବିକ୍ରି କରୁଥିବା ଓ ଧରାପଡିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପୂର୍ବରୁ ମଧ୍ୟ ଭିମସାରକୁ ଆସୁଥିବା ଅନେକ ସାମଗ୍ରୀ ବିଭିନ୍ନ ନର୍ସିଂହୋମ ଓ ଘରୋଇ କ୍ଲିନିକ ଗୁଡିକରେ ବ୍ୟବହାର ହେଉଥିବା ନେଇ ଅଭିଯୋଗ ହେଉଥିଲା। ଏହି ଘଟଣା ପରେ ପୁଣି ଭିମସାର କର୍ତ୍ତୃପକ୍ଷ ବିବାଦରେ ପଡିଯାଇଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୩୧ ତାରିଖରେ ଭୁବନେଶ୍ୱର ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟୋରରୁ ଗାଡି ନଂ (ଓଡି୧୫କ୍ୟୁ/୦୦୫୩) ଯୋଗେ ୫ଶହଟି ଏମ-୯୫ ମାସ୍କ ବୁର୍ଲା ଭିମସାରକୁ ଆସିଥିଲା। ଏହି ସମୟରେ ଷ୍ଟୋର ଦାୟିତ୍ୱରେ ଥିବା କର୍ମଚାରୀ ମାସ୍କକୁ ରଖିବା ବେଳେ ଶହେଟି ମାସ୍କ କମ୍ ଥିବା ନେଇ ଜାଣିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ସେ ଅଧୀକ୍ଷକ ଓ ଅନ୍ୟ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଏହାକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ସିନିୟର ଫାର୍ମାସିଷ୍ଟ ପ୍ରକାଶ ବିଶ୍ୱାଳ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବୁର୍ଲା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏ ସମ୍ପର୍କରେ ପୋଲିସ ଗାଡି ଡ୍ରାଇଭର ଓ ଭିମସାର ଚତୁର୍ଥ କର୍ମଚାରୀଙ୍କୁ ପଚରାଉଚୁରା ବେଳେ କର୍ମଚାରୀ ଜଣକ ନୟାଗଡ ଜିଲାର ଜଣେ ସମ୍ପର୍କୀୟଙ୍କୁ ଶହେଟି ମାସ୍କ ଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ସେ ଦୁଇ ଦିନ ସମୟ ମାଗି ଗୁରୁବାର ଉକ୍ତ ମାସ୍କ ଆଣଇ ପୋଲିସ ଜିମା ଦେଇଥିଲେ । ଏ ସମ୍ପର୍କରେ କଲେଜ ଅଧୀକ୍ଷକ ଜୟଶ୍ରୀ ଦୋରାଙ୍କୁ ପଚାରିବାରୁ ମାସ୍କ ଏପଟ ସେପଟ ହୋଇଯାଇଥିଲା । ଏ ସମ୍ପର୍କରେ ମୋ ପାଖରେ କିଛି ଅଧିକ ତଥ୍ୟ ନାହିଁ ବୋଲି କହିଥିଲେ ।

## ପରିସ୍ଥିତିରେ ପେସା ପରିବର୍ତ୍ତନ

ସମ୍ବଲପୁର,୨।୪(ବ୍ୟୁରୋ)

କରୋନା କଟକଣା ଓ ପରେ ଲକ୍ ଡାଉନ ଘୋଷଣା ହେବାପରେ ସମଗ୍ର ଦୋକାନ, ବଜାର ବନ୍ଦ ହୋଇଯାଇଛି। ଔଷଧ, ପନିପରିବା, ମାଂସ, ମାଛ, ଅଣ୍ଡା, କିରାନା ଦୋକାନକୁ ଛାଡି ଦେଲେ ପ୍ରାୟ ସମସ୍ତ ଦୋକାନ ବନ୍ଦ କରିବାକୁ କଡା ନିର୍ଦ୍ଦେଶ ରହିଛି । ଏଭଳି ପରିସ୍ଥିତିରେ ଲୋକମାନେ ନିଜର ଜୀବନଜୀବିକା ନିର୍ବାହ କରିବା କଷ୍ଟକର ହୋଇପଡିଛି। ଏଭଳି ସ୍ଥିତିରେ ପରିବାରରେ ଦିମୁଠା ଖାଇବା ପାଇଁ କଷ୍ଟକର ହୋଇପଡିଛି । ତେଣୁକରି ବ୍ୟବସାୟୀମାନେ ନିଜ ବୃତ୍ତିରେ ପରିବର୍ତ୍ତନ କରିଛନ୍ତି। ସମ୍ବଲପୁର ମହାନଗର ନିଗମ ମାନେଶ୍ୱର ଅଞ୍ଚଳର ଜଣେ ଜଳଖିଆ ଦୋକାନୀ ବିକାଶ ସାହୁ ତାଙ୍କର ବୃତ୍ତି ପରିବର୍ତ୍ତନ କରିଛନ୍ତି । ସେ ଏବେ ଜଳଖିଆ ବିକ୍ରି କରୁଥିବା ଠେଲାରେ ଫଳମୂଳ ବିକ୍ରି କରୁଛନ୍ତି । କଦଳୀ, ଅଙ୍ଗୁର, ସେଓ ବିକ୍ରି କରି ରୋଜଗାର କରୁଛନ୍ତି । ଏ ସମ୍ପର୍କରେ ସେ କହିଛନ୍ତି ଯେ, ପୂର୍ବରୁ ଜଳଖିଆ ଦୋକାନରେ ପ୍ରତିଦିନ ୪ ରୁ ୫ ହଜାର ଟଙ୍କା ବିକ୍ରି ହେଉଥିଲା । ସେଥିରୁ ଭଲ ଲାଭ ମିଳୁଥିଲା । ହେଲେ ଏବେ ଫଳ ଦୋକାନ କରିଛନ୍ତି। ସେମିତି ବିକ୍ରି ହେଉନାହିଁ କି ଲାଭ ହେଉନାହିଁ । ଯାହା ରୋଜଗାର ହେଉଛି, ସେଥିରେ ସନ୍ତୁଷ୍ଟ ହେବାକୁ ପଡୁଛି। ବସି ରହିବା ଅପେକ୍ଷା କିଛି ରୋଜଗାର ହୋଇଯିବା ଆଶା ନେଇ ଫଳ ଦୋକାନ ଖୋଲିଛନ୍ତି ବୋଲି ବିକାଶ କହନ୍ତି।


ସମ୍ବଲପୁର ଜିଲା ମାନେଶ୍ୱରର ଫଳ ଦୋକାନୀ ବିକାଶ ସାହୁ ।

## ଫଟୋରେ ଖବର...


ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ସହରାଟିକ୍ରାର ଏକ ପଡ଼ିଆରେ ବସିଥିବା ପରିବା ବଜାରରେ ଲୋକଙ୍କ ଗହଳି ।

## ଅଡୁଆ ସାଜିଛି ଜନସମାଗମ

ବରଗଡ଼ ଅଫିସ୍,୨।୪

କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍ ଡାଉନ କଟକଣା ଲାଗୁ କରାଯାଇଛି। ଏଥିରେ ସାମାଜିକ ଦୂରତ୍ୱକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ପରିବା ବଜାର ସମେତ ଡେଜରାଜି, ମାଛ, ମାଂସ, ଅଣ୍ଡା ଦୋକାନକୁ ଏହି କଟକଣାରୁ ମୁକ୍ତ କରାଯାଇଛି । ତେବେ ସମ୍ପୃକ୍ତ ଦୋକାନ, ବଜାର ଗୁଡ଼ିକରେ ସାମାଜିକ ଦୂରତ୍ୱ ରଖିବାକୁ ପରାମର୍ଶ ଦିଆଯାଇଛି । ମାତ୍ର ବରଗଡ଼ ଜିଲାର ବିଭିନ୍ନ ପରିବା ବଜାରରେ ସାମାଜିକ ଦୂରତା ରହୁ ନ ଥିବାବେଳେ ସେଥିପ୍ରତି ପୋଲିସ ମଧ୍ୟ ନିରୁପାୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି ।

ବରଗଡ଼ ଜିଲାର ପ୍ରାୟ ପ୍ରତି ପରିବା, ମାଛ, ମାଂସ ବଜାରରେ ଏଭଳି ସ୍ଥିତି ଉପୁଜିଛି। ବୁଧବାର ଭେଡ଼େନ ଥାନା ଅନ୍ତର୍ଗତ ସହରାଟିକ୍ରାର ଏକ ପଡ଼ିଆରେ ପରିବା ବଜାର ବସିଥିଲା । ବଜାରରେ ଲୋକଙ୍କ ଭିଡ଼ ଦେଖି ସ୍ଥାନୀୟ ଲୋକେ ଭେଡ଼େନ ପୋଲିସ, ତହସିଲଦାରଙ୍କୁ ଖବର ଦେଇଥିଲେ । ଖବର ପାଇ ପୋଲିସ ସେଠାକୁ ପହଞ୍ଚିଥିଲା। ମାତ୍ର ଭିଡ଼ ହଟାଇବା ବଦଳରେ ପୋଲିସ ସେଠାରେ ପରିବା କିଣାକିଣିରେ ବ୍ୟସ୍ତ ରହିଥିଲା। ପରେ ସେହି ବଜାରକୁ ଅପରାହ୍ନରେ ସ୍ଥାନୀୟ ମାର୍କେଟ ୟାର୍ଡ଼କୁ ସ୍ଥାନାନ୍ତର ହୋଇଥିଲା । କିନ୍ତୁ ସେଠାରେ ମଧ୍ୟ ଅବସ୍ଥା ଯଥା ପୂର୍ବଂ ତଥା ପରଂ ରହିଥିଲା ।

ସେହିପରି ବରଗଡ଼ ହାଟପଦା, ଜର୍ଜ ହାଇସ୍କୁଲ ପଡ଼ିଆର ଅସ୍ଥାୟୀ ପରିବା ବଜାରରେ ମଧ୍ୟ ସବୁଦିନ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି । ପରିବା ବଜାର ଭିଡ଼ ହଟାଇବା ପାଇଁ ପୂର୍ବରୁ ସ୍ଥାନୀୟ ସବଜେଲ୍ ପାର୍ଶ୍ୱସ୍ଥ ରାସ୍ତାରେ ବସୁଥିବା ପରିବା ବଜାରକୁ ଜର୍ଜ ହାଇସ୍କୁଲ ପଡ଼ିଆକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ପଡ଼ିଆଟି ବିସ୍ତୃତ ହୋଇଥିଲେ ହେଁ ପରିବା ବିକାଳିମାନେ ଯେଭଳି ଭାବେ ବସିଛନ୍ତି ଏବଂ ଗରାଖଙ୍କ ଭିଡ଼ ହେଉଛି, ସେଠାରେ ଏବେ ମଧ୍ୟ ସାମାଜିକ ଦୂରତ୍ୱ ରହୁଥିବା ଅନୁଭବ ହେଉନାହିଁ । ମାତ୍ର ପୂର୍ବସ୍ଥାନ ଅପେକ୍ଷା ଭିଡ଼ ସାମାନ୍ୟ କମ୍ ରହୁଥିବା ଦେଖିବାକୁ ମିଳୁଛି । ଅନ୍ୟପଟେ ହାଟପଦା ବଜାର ସ୍ଥିତି ମଧ୍ୟ ବଦଳି ନାହିଁ ଏବଂ ସକାଳୁ ସେଠାରେ ଗରାଖଙ୍କ ଭିଡ଼ ହେଉଛି ।

ଲକ୍ ଡାଉନ୍‌କୁ ଜିଲାରେ ସଫଳ କରିବା ପାଇଁ ପୋଲିସ ରାସ୍ତାଘାଟର ମୁଖ୍ୟଛକଠାରୁ ଆରମ୍ଭ କରି ପଡ଼ୋଶୀ ରାଜ୍ୟର ସୀମାନ୍ତ ଅଞ୍ଚଳକୁ ପହଞ୍ଚି ସେଠାରେ ପଇଁତରା ମାରୁଛି । ସାମାଜିକ ଦୂରତା ଅବଲମ୍ବନ କରିବାକୁ ଲୋକଙ୍କୁ ସଚେତନ ମଧ୍ୟ କରୁଛି । ଏହାସତ୍ତ୍ୱେ ପରିବା, ମାଛ, ମାଂସ ବଜାର ଗୁଡ଼ିକରେ ଦେଖାଯାଉଥିବା ଭିଡ଼ ତଥା ଜନସମାଗମ ସମସ୍ତଙ୍କ ପାଇଁ ବର୍ତ୍ତମାନ ସମୟରେ ଅଡୁଆ ସାଜିଛି ।

**ପରିବା ବଜାରରେ ରହୁନି ସାମାଜିକ ଦୂରତ୍ୱ**




ରାଜ୍ୟ ଆଥ୍‌ଲେଟିକ୍ସର ସେ ହେଉଛନ୍ତି ଡିସ୍କସ୍ କୁଇନ୍। ଦୀର୍ଘ ୨୭ ବର୍ଷରୁ ଊର୍ଦ୍ଧ୍ୱ ଏଥିରେ ତିଷ୍ଠି ରହିଥିଲେ ହେଁ ଏବେ ମଧ୍ୟ ଥକିଯାଇ ନାହାନ୍ତି। ଖେଳପଡ଼ିଆରେ ଡିସ୍କସ୍ କହେ ତାଙ୍କ ସଫଳତାର କଥା। କଠିନ ପରିଶ୍ରମ ସହ ନିଷ୍ଠା ଓ ଅଧ୍ୟବସାୟ ଯୋଗୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ସଫଳତା ଧାରା ଜାରି ରହିଛି। ପଦକ ପରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିବା ଏହି ମହିଳା କ୍ରୀଡ଼ାବିତ୍ ହେଲେ ପାର୍ବତୀ ସେଠୀ...

# ଡିସ୍କସ୍ କୁଇନ

ପାର୍ବତୀ ସେଠୀ

ଆଥ୍‌ଲେଟିକ୍ସରେ ୨୭ ବର୍ଷ। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ତାହା ପୁଣି ଡିସ୍କସ୍ ଓ ଶଟ୍‌ପୁଟ୍ ପରି କଷ୍ଟସାଧ୍ୟ ଇଭେଣ୍ଟରେ। ନିଯୁକ୍ତି ସଂସ୍ଥା ରେଲୱେ ପକ୍ଷରୁ ବିଭିନ୍ନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଅନୁମତି ମିଳିଛି ସତ, ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ସେପରି ଆଖିଦୃଶିଆ ସହାୟତା ଏବେ ମଧ୍ୟ ତାଙ୍କ ପାଇଁ ଅପହଞ୍ଚ ଇଲାକା ହୋଇ ରହିଛି। ତଥାପି ନିଜ ବ୍ୟକ୍ତିଗତ ଉଦ୍ୟମରେ ଏବଂ ପରିବାର ସମର୍ଥନରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ପରେ ପଦକ ଜିତି ରାଜ୍ୟକୁ ଗର୍ବିତ କରି ଆସିଥିବା ଆଥ୍‌ଲେଟ ଜଣକ ହେଲେ ଡିସ୍କସ୍ କୁଇନ୍ ପାର୍ବତୀ ସେଠୀ। ପିଲାଟି ଦିନରୁ କ୍ରୀଡ଼ା ପ୍ରତି ମୋହ ଥିବାବେଳେ ଠିକ୍ ସମୟରେ କୁବେର ବେହେରାଙ୍କ ପରି ସ୍ୱାମୀଙ୍କ ହାତ ଧରିବା ତାଙ୍କ ପାଇଁ ବରଦାନ ସଦୃଶ ହୋଇଛି। ନିଜ ସମୟରେ ଜଣେ ପ୍ରତିଭାବାନ ଫୁଟବଲ ଖେଳାଳି ଥିବାରୁ କୁବେର ଜଣେ କ୍ରୀଡ଼ାବିତ୍‌ର ମନର କଥା ଭଲଭାବେ ଜାଣନ୍ତି। ତେଣୁ ୨୦୦୪ରେ ବିବାହ କରିବା ପରଠାରୁ ସେ କେବେହେଲେ ପାର୍ବତୀଙ୍କୁ ପଛକୁ ଫେରି ଚାହିଁବାକୁ ଦେଇ ନାହାନ୍ତି। ଏହି ସୁଯୋଗ ମଧ୍ୟ ହାତଛଡ଼ା କରିନାହାନ୍ତି ପାର୍ବତୀ। ଉଭୟ ଡିସ୍କସ୍ ଓ ଶଟ୍‌ପୁଟ ଜାରି ରଖିଥିଲେ ହେଁ ରାଜ୍ୟର ପ୍ରଥମ ମହିଳା ଡିସ୍କସ୍ କୁଇନ୍‌ଭାବେ ସେ ସଫଳତା ଗୋଟାଇ ଚାଲିଛନ୍ତି।

**ଦୃଢ଼, କର୍ତ୍ତବ୍ୟନିଷ୍ଠ:** ୧୯୮୦ ଜାନୁୟାରୀ ୧ରେ କଟକରେ ଜନ୍ମିତ ପାର୍ବତୀ ସ୍ୱାଭାବିକଭାବେ ଜଣେ ସ୍ୱଳ୍ପଭାଷୀ କ୍ରୀଡ଼ାବିତ୍‌ଭାବେ ପରିଚିତ। ମାତ୍ର ଜଣେ ଟ୍ରେନ୍ ଟିକେଟ ଇନ୍‌ସ୍ପେକ୍ଟର(ଟିଟିଆଇ) ଭାବେ ସେ ଯେତେବେଳେ ନିଜ କର୍ତ୍ତବ୍ୟ ସମ୍ପାଦନ କରୁବାକୁ ବାହାରନ୍ତି ସେତେବେଳେ ତାଙ୍କୁ ଭିନ୍ନ ରୂପରେ ଦେଖିବାକୁ ମିଳେ। ସେଠାରେ ସେ ଦେଖାଇଥାଆନ୍ତି ନିଜର କର୍ତ୍ତବ୍ୟନିଷ୍ଠା ଏବଂ ଦୃଢ଼ତା। ସେଥିପାଇଁ ନିଯୁକ୍ତି ସଂସ୍ଥା ରେଲୱେ ମହଲରେ ସେ ଖୁବ୍ ପ୍ରଶଂସିତ।

**ସଫଳତା ପାଇଁ ଏବେ ବି ଭୋକିଲା:** ୧୯୯୩ରୁ ୨୦୨୦ ଦୀର୍ଘ ୨୭ ବର୍ଷ ଆଥ୍‌ଲେଟିକ୍ସରେ କରିସ୍ମା ଦେଖାଇ ଚାଲିଥିବା ପାର୍ବତୀ ଏବେ ମଧ୍ୟ ସଫଳତା ପାଇଁ ଭୋକିଲା। ଦୀର୍ଘ ପଥ ଆସିଥିଲେ ହେଁ କେବେ ଥକାପଣ ଦେଖାଇ ନାହାନ୍ତି। ଆହୁରି ଆଗକୁ ଯିବାକୁ ପ୍ରତିଶ୍ରୁତିବଦ୍ଧ। କରୋନା ସଂକ୍ରମଣ ଯୋଗୁ ଚଳିତବର୍ଷର ଅନେକ କ୍ରୀଡ଼ା ଇଭେଣ୍ଟ ସ୍ଥଗିତ କିମ୍ବା ବାତିଲ ହୋଇଯାଇଥିବାରୁ ସ୍ୱାଭାବିକଭାବେ ଦୁଃଖ ଲାଗିଥିଲେ ହେଁ ବାସ୍ତବିକତାକୁ ଗ୍ରହଣ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରାମର୍ଶକୁ ମାନି ବାହାରକୁ ନ ବାହାରିବା ସହ ନିଜ କ୍ୱାର୍ଟର୍ସ ପରିସରରେ ଅଭ୍ୟାସ ଜାରି ରଖିଛନ୍ତି। ୨୦୨୧ରେ ଜାପାନର କାନସାଇରେ ହେବାକୁଥିବା ୱାର୍ଲ୍ଡ ମାଷ୍ଟର୍ସ ଗେମ୍ସରେ ସଫଳତା ପାଇଁ ଆଶା ରଖିଛନ୍ତି ଏହି ତାରକା କ୍ରୀଡ଼ାବିତ୍।

### ସଂକ୍ଷେପରେ...

ନାମ: ପାର୍ବତୀ ସେଠୀ
ଜନ୍ମ: ୧୯୮୦ ଜାନୁୟାରୀ ୧, କଟକ
ପରିବାର: ମା: ରାଧା ସେଠୀ, ବାପା: ରାମଚନ୍ଦ୍ର ସେଠୀ, ସ୍ୱାମୀ: କୁବେର ବେହେରା, ପୁଅ: ଆଦିତ୍ୟ ବେହେରା।
ଚାକିରି: ଟ୍ରେନ୍ ଟିକେଟ ଇନ୍‌ସ୍ପେକ୍ଟର (ଇଷ୍ଟକୋଷ୍ଟ ରେଲୱେ)
ଇଭେଣ୍ଟ: ଡିସ୍କସ୍, ଶଟ୍‌ପୁଟ
ଫେଭରାଇଟ: ଡିସ୍କସ୍
ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ: ୪୮.୫୦ ମିଟର

**ନିଜ ପରିସରରେ ଅଭ୍ୟାସ:** କରୋନା ଭାଇରସ ସଂକ୍ରମଣ ଯୋଗୁ ଏବେ ସାରା ଭାରତ ଲକ୍‌ଡାଉନ୍ ଥିବାରୁ ବିଶ୍ୱସ୍ତରରେ ଅନେକ କ୍ରୀଡ଼ା ବାତିଲ ହୋଇଛି କିମ୍ବା ସ୍ଥଗିତ ରହିଛି। କ୍ରୀଡ଼ାବିତ୍‌ଙ୍କ ଟ୍ରେନିଂ ପାଇଁ ମଧ୍ୟ କଟକଣା ଜାରି କରାଯାଇଛି। ସମସ୍ତ କ୍ୟାମ୍ପକୁ ଏବେ ବନ୍ଦ ରଖାଯାଇଛି। ପରିସ୍ଥିତିର ବାସ୍ତବିକତାକୁ ଦୃଷ୍ଟିରେ ରଖି ଏବେ ଅଧିକାଂଶ ଖେଳାଳି ସୁରକ୍ଷିତ ପରିବେଶରେ ବ୍ୟକ୍ତିଗତଭାବେ ଫିଟ୍‌ନେସ୍ ଏବଂ ଅଭ୍ୟାସ ଜାରି ରଖିଛନ୍ତି। ପାର୍ବତୀଙ୍କ କ୍ଷେତ୍ରରେ ମଧ୍ୟ ତାହା ହୋଇଛି। କଟକସ୍ଥିତ ନିଜ ରେଲୱେ କ୍ୱାର୍ଟର୍ସ ପରିସରରେ ସକାଳେ ୨ ଘଣ୍ଟା ଓ ସନ୍ଧ୍ୟାରେ ୨ ଘଣ୍ଟା ସେ ଅଭ୍ୟାସ କରୁଛନ୍ତି। "ବଡ଼ ଗ୍ରାଉଣ୍ଡ ଏବେ ମିଳିବା ସମ୍ଭବ ନୁହେଁ, ତେଣୁ ନିଜେ ଏବେ ୨୦-୨୫ ମିଟର ଭିତରେ ଅଭ୍ୟାସ କରୁଛି। ଡିସ୍କସ୍ ଟେକ୍ନିକ, ବଲ୍ ଥ୍ରୋ, ଟାୟାର, ଡମ୍ବଲ, ରଶି ସାହାଯ୍ୟରେ ନିଜେ ଅଭ୍ୟାସ ଜାରି ରଖିଛି। ଏହାବ୍ୟତୀତ ସ୍ପେଡ୍ ଥ୍ରୋ, ଶଟ୍‌ପୁଟ୍ ଷ୍ଟାଇଲ୍ ଅଭ୍ୟାସ ଚାଲିଛି। ହାତରେ ପାୱାର ବଢ଼ାଇବା ପାଇଁ ମଧ୍ୟ ଟେକ୍ନିକ ଅଭ୍ୟାସ ଚାଲିଛି। ଏବେ ଇଣ୍ଡିଆନ ଗ୍ରାଁ ପ୍ରି, ଫେଡେରେଶନ କପ୍ ଆଦି ସ୍ଥଗିତ ରହିଛି। କୌଣସି ଟୁର୍ନାମେଣ୍ଟ ସମ୍ଭବ ହେଉନି। ଘରେ ଅଭ୍ୟାସ କରି ନିଜକୁ ଫିଟ୍ ରଖିବାକୁ ପଡୁଛି। ୨୦୨୧ରେ ଜାପାନରେ ୱାର୍ଲ୍ଡ ଇଣ୍ଟରନ୍ୟାଶନାଲ ମାଷ୍ଟର୍ସ ଗେମ୍ସ ହେବ। ଏହି ପ୍ରତିଯୋଗିତା ପାଇଁ ଏବଂ ରେଲୱେ ମିଟ୍ ପାଇଁ ପ୍ରସ୍ତୁତ ହେବି" ବୋଲି କହିଛନ୍ତି ପାର୍ବତୀ। ନିଜ ଫିଟ୍‌ନେସ ଏବଂ ଅଭ୍ୟାସ ସମ୍ପର୍କିତ ଏକ ସଂକ୍ଷିପ୍ତ ଭିଡିଓ ମଧ୍ୟ ପ୍ରସ୍ତୁତ କରିଛନ୍ତି ଏହି ମହିଳା କ୍ରୀଡ଼ାବିତ୍। ଯେଉଁଥିରେ ସେ ବଡ଼ ଟ୍ରକ୍ ଟାୟାରକୁ ଓଲଟାଇବା, ଛୋଟ ଟାୟାରକୁ ଦୁଇ ହାତରେ ଦୁଇ କଡ଼କୁ ବୁଲାଇବା, ଆଗରୁ ପଛକୁ ଫିଙ୍ଗିବା, ଜମ୍ପିଂ, ବଲ୍ ଥ୍ରୋ, ଷ୍ଟ୍ରେଚିଂ, ମେଡିସିନ ବଲ୍‌ରେ ବ୍ୟାୟାମ କରୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ପରିସ୍ଥିତିରେ କ୍ରୀଡ଼ାବିତ୍‌ମାନେ ନିଜର ଫିଟ୍‌ନେସ ବଜାୟ ରଖିବା ସବୁଠାରୁ ବଡ଼ କଥା। ଘରେ ସ୍ୱାମୀଙ୍କ ସହଯୋଗ ଯୋଗୁ ଆଜି ପର୍ଯ୍ୟନ୍ତ ସ୍ପୋର୍ଟ୍ସରେ ରହି ପାରିଛି ବୋଲି ପାର୍ବତୀ ପ୍ରକାଶ କରିଛନ୍ତି।

**ସରକାରୀ ସହାୟତା ଆକାଶ କଇଁଆ:** ଦୀର୍ଘ ୨୭ ବର୍ଷରୁ ଊର୍ଦ୍ଧ୍ୱ ଆଥ୍‌ଲେଟିକ୍ସରେ ତିଷ୍ଠି ରହିଥିଲେ ହେଁ ତାଙ୍କ ପ୍ରତି ସରକାରଙ୍କ ଦୃଷ୍ଟି ପଡ଼ିନାହିଁ। ସରକାରୀ ସହାୟତା ତାଙ୍କ ପାଇଁ ଆକାଶ କଇଁଆ ସଦୃଶ ହୋଇଛି। ୨୦୧୪ରେ ଥରେ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ତାଙ୍କୁ ୧୬,୦୦୦ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ବାସ୍ ସେତିକି। ଏହା ପରେ ସେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ଚାଲିଥିଲେ ହେଁ ତାହା ସରକାରଙ୍କ ନଜରକୁ ଆସି ପାରିନାହିଁ। ସେଥିପାଇଁ ସମ୍ଭବତଃ ସେ ଏପର୍ଯ୍ୟନ୍ତ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇପାରି ନାହାନ୍ତି। "ସରକାରଙ୍କ ପକ୍ଷରୁ ଆଜିପର୍ଯ୍ୟନ୍ତ ମୋତେ ମାତ୍ର ୧୬,୦୦୦ଟଙ୍କା ମିଳିଛି। ଏହା ପୁଣି ୯/୧୦ ବର୍ଷ ପୂର୍ବରୁ। ମାତ୍ର ଖେଳରେ ଅଧିକ ଭଲ କରିବା ପାଇଁ କିଛି ସାହାଯ୍ୟ ମିଳିନାହିଁ। ପଦକ ଜିତିଲେ ରେଲୱେ ହେଉ କିମ୍ବା ସରକାର କେବଳ ଅଭିନନ୍ଦନ ଜଣାଉଛନ୍ତି। ବାସ୍ ଆଉକିଛି ନାହିଁ। ତେବେ ବିନା ସାହାଯ୍ୟରେ ମୁଁ ଯେତେ ସଫଳତା ପାଇଛି ସେଥିରେ ଖୁବ୍ ସନ୍ତୁଷ୍ଟ। ନିଜ ପାରିଶ୍ରମିକରୁ କିଛି ଅର୍ଥ ବାହାର କରି ନିଜ ପାଇଁ ଖର୍ଚ୍ଚ କରୁଛି। ଡିସ୍କସ୍ ଗୋଟେ କିଣିବାକୁ ଗଲେ ୭୦୦୦ରୁ ୮୦୦୦ଟଙ୍କା ପଡୁଛି। ଜୋତା ମଧ୍ୟ ୧୩୦୦୦ରୁ ୧୪୦୦୦ଟଙ୍କାରେ ବାହାରୁ ମଗାଇବାକୁ ପଡୁଛି। ପ୍ରୋତ୍ସାହନ ନ ମିଳିଥିଲେ ହେଁ ମୁଁ କେବେହେଲେ ଭାଙ୍ଗି ପଡ଼ିନାହିଁ" ବୋଲି ପାର୍ବତୀ କହିଛନ୍ତି।

**ଫୁଟବଲରେ ପୁଅର ଆଗ୍ରହ:** "ପୁଅ ଆଦିତ୍ୟ ଫୁଟବଲ ଓ କରାଟେରେ ଆଗ୍ରହ ଦେଖାଉଛି। ମୁଁ ଏବେ ତା'ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେଇପାରିନି। ମୋର ଆଶା ରହିଛି ସେ ଭଲ କରିବ। ପଢ଼ା ଠିକ୍ ଚାଲିଛି ବୋଲି ତାକୁ ଖେଳ ପାଇଁ ଏବେ ଜୋର ଦିଆଯାଉନାହିଁ। ମୁଁ ଡ୍ୟୁଟି ସହିତ ଅଭ୍ୟାସ ଯୋଗୁ ତା' ପ୍ରତି ସେତେ ଧ୍ୟାନ ଦେଇ ପାରିନାହିଁ। ତେବେ ମୁଁ ଅଭ୍ୟାସ କଲାବେଳେ ତାକୁ ଅଳ୍ପ ଫିଟ୍‌ସେନ କରାଉଛି। ବାପା ଫୁଟବଲ ଖେଳାଳି ହୋଇଥିବାରୁ ପୁଅ ସେଥିରେ ଆଗ୍ରହ ଦେଖାଉଛି" ବୋଲି କହିଛନ୍ତି ପାର୍ବତୀ।

**ଫିଟ୍‌ନେସ ବଡ଼ କଥା:** କରୋନା ଭାଇରସ ସଂକ୍ରମଣ ଯୋଗୁ ଏବେ ସମଗ୍ର ବିଶ୍ୱରେ ଭୟର ବାତାବରଣ ଖେଳି ଯାଇଛି। ଏବେ କିଛି ବି ଖେଳ ନାହିଁ। ତେଣୁ ଏପରି ସଙ୍କଟ ସମୟରେ କ୍ରୀଡ଼ାବିତ୍‌ମାନେ ଫିଟ୍‌ନେସ ବଜାୟ ରଖିବା ଜରୁରୀ ବୋଲି ତାଙ୍କ ମତ। "ମୁଁ ଏତିକି କହିବି ଯେ, କ୍ରୀଡ଼ାବିତ୍‌ମାନେ ଘଣ୍ଟେ ୨ ଘଣ୍ଟା ସମୟ ଦେଇ ଫିଟ୍‌ନେସ ଜାରି ରଖନ୍ତୁ। ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ମାନି ବର୍ତ୍ତମାନ ପରିସ୍ଥିତିରେ ଘରେ ରୁହନ୍ତୁ। ନିଜେ ସୁରକ୍ଷିତ ରହିବା ସହ ପରିବାର, ପାଖ ପଡ଼ୋଶୀ ଏବଂ ଅନ୍ୟମାନଙ୍କୁ ସୁରକ୍ଷିତ ରଖନ୍ତୁ। କ୍ରୀଡ଼ାମନ୍ତ୍ରୀ ମଧ୍ୟ ନିଜେ ଫୁଟବଲ ଖେଳି କ୍ରୀଡ଼ାବିତ୍‌ଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ମନ ଦୃଢ଼ ରଖିବା ପାଇଁ ଉତ୍ସାହିତ କରିଛନ୍ତି। ଆମେ ତାକୁ ମାନି ନିଜ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ" ବୋଲି ପାର୍ବତୀ ପ୍ରକାଶ କରିଛନ୍ତି।

ପ୍ରସ୍ତୁତି: ତପନ ସ୍ୱାଇଁ

### ସଫଳତା ଫର୍ଦ୍ଦ

| ପ୍ରତିଯୋଗିତା | ଭେନ୍ୟୁ | ବର୍ଷ | ପଦକ | ଇଭେଣ୍ଟ |
|---|---|---|---|---|
| ଇଷ୍ଟଜୋନ୍ ଆଥଲେଟିକ୍ ମିଟ୍ | ରାଞ୍ଚି | ୧୯୯୩ | ରୌପ୍ୟ | ଶଟ୍‌ପୁଟ |
| ଇଷ୍ଟଜୋନ୍ ଆଥଲେଟିକ୍ ମିଟ୍ | କୋଲକାତା | ୧୯୯୪ | ବ୍ରୋଞ୍ଜ | ଶଟ୍‌ପୁଟ |
| (୧୭ ବର୍ଷରୁ କମ୍ ବାଳିକା) | | | | |
| ଆଇଟିସି ଜୋନାଲ ଆଥ୍‌ଲେଟିକ୍ସ | ନୂଆଦିଲ୍ଲୀ | ୧୯୯୫ | ସ୍ୱର୍ଣ୍ଣ | ଡିସ୍କସ୍ |
| (୧୬ ବର୍ଷରୁ କମ୍) | | | | |
| ଆଇଟିସି ଜୋନାଲ ଆଥ୍‌ଲେଟିକ୍ସ | ନୂଆଦିଲ୍ଲୀ | ୧୯୯୬ | ବ୍ରୋଞ୍ଜ | ଡିସ୍କସ୍ |
| ଆଇଟିସି ଜୋନାଲ ଆଥ୍‌ଲେଟିକ୍ସ | ପଶ୍ଚିମବଙ୍ଗ | ୧୯୯୭ | ସ୍ୱର୍ଣ୍ଣ | ଡିସ୍କସ୍ |
| ଆନ୍ତଃରାଜ୍ୟ ଜୁନିୟର ଆଥ୍‌ଲେଟିକ୍ସ | କେରଳ | ୧୯୯୮ | ବ୍ରୋଞ୍ଜ | ଡିସ୍କସ୍ |
| ଆନ୍ତଃରାଜ୍ୟ ଜୁନିୟର ଆଥ୍‌ଲେଟିକ୍ସ | କଟକ | ୧୯୯୯ | ବ୍ରୋଞ୍ଜ | ଡିସ୍କସ୍ |
| ଆନ୍ତଃରାଜ୍ୟ ଜୁନିୟର ଆଥ୍‌ଲେଟିକ୍ସ | ତାମିଲନାଡୁ | ୨୦୦୦ | ବ୍ରୋଞ୍ଜ | ଡିସ୍କସ୍ |
| ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ | ତାମିଲନାଡୁ | ୨୦୦୮ | ବ୍ରୋଞ୍ଜ | ଡିସ୍କସ୍ |
| ସର୍ବଭାରତୀୟ ରେଲୱେ ଆଥ୍‌ଲେଟିକ୍ସ | ପୁଣେ | ୨୦୦୯ | ରୌପ୍ୟ | ଡିସ୍କସ୍ |
| ଇଣ୍ଡିଆନ ଗ୍ରାଁ ପ୍ରି-୪ | ଜାମସେଦପୁର | ୨୦୦୯ | ବ୍ରୋଞ୍ଜ୍ | ଡିସକସ୍ |
| ଇଣ୍ଡିଆନ ଗ୍ରାଁ ପ୍ରି-୫ | ରାଞ୍ଚି | ୨୦୦୯ | ରୌପ୍ୟ | ଡିସକସ୍ |
| ଫେଡେରେଶନ କପ୍ ସିନିୟର | ରାଞ୍ଚି | ୨୦୧୦ | ରୌପ୍ୟ | ଡିସ୍କସ୍ |
| ନ୍ୟାଶନାଲ ଓପନ ଆଥ୍‌ଲେଟିକ୍ସ | କୋଚି | ୨୦୧୦ | ରୌପ୍ୟ | ଡିସ୍କସ୍ |
| ଏସିଆନ ଗ୍ରାଁ ପ୍ରି-୩ | ପୁଣେ | ୨୦୧୦ | ୪ର୍ଥ ସ୍ଥାନ | ଡିସ୍କସ୍ |
| ଏସିଆନ ଗ୍ରାଁ ପ୍ରି-୨ | ବେଙ୍ଗାଲୁରୁ | ୨୦୧୦ | ୪ର୍ଥ ସ୍ଥାନ | ଡିସ୍କସ୍ |
| ଏସିଆନ ଗ୍ରାଁ ପ୍ରି-୧ | ଚେନ୍ନାଇ | ୨୦୧୦ | ୪ର୍ଥ ସ୍ଥାନ | ଡିସ୍କସ୍ |
| ଏସିଆନ ଅଲ୍‌ଷ୍ଟାର ମିଟ୍ | ନୂଆଦିଲ୍ଲୀ | ୨୦୧୦ | ଅଂଶଗ୍ରହଣ | ଡିସ୍କସ୍ |
| ସର୍ବଭାରତୀୟ ରେଲୱେ ମିଟ୍ | ଭୋପାଳ | ୨୦୧୫ | ବ୍ରୋଞ୍ଜ | ଡିସ୍କସ୍ |
| ଜାତୀୟ କ୍ରୀଡ଼ା | କେରଳ | ୨୦୧୫ | ଅଂଶଗ୍ରହଣ | ଡିସ୍କସ୍ |
| ସର୍ବଭାରତୀୟ ରେଲୱେ ମିଟ୍ | ତିରୁଚି | ୨୦୧୭ | ବ୍ରୋଞ୍ଜ | ଡିସ୍କସ୍ |
| ଇଣ୍ଡିଆନ ଗ୍ରାଁ ପ୍ରି-୧ | ପଟିଆଲା | ୨୦୧୭ | ସ୍ୱର୍ଣ୍ଣ | ଡିସ୍କସ୍ |
| ଇଣ୍ଡିଆନ ଗ୍ରାଁ ପ୍ରି-୨ | ନୂଆଦିଲ୍ଲୀ | ୨୦୧୭ | ସ୍ୱର୍ଣ୍ଣ | ଡିସ୍କସ୍ |
| ରାଜ୍ୟ ଆଥଲେଟିକ୍ ମିଟ୍ | କଟକ | ୨୦୧୭ | ସ୍ୱର୍ଣ୍ଣ | ଡିସ୍କସ୍ |
| ସର୍ବଭାରତୀୟ ଆଥଲେଟିକ୍ ମିଟ୍ | ଲକ୍ଷ୍ନୌ | ୨୦୧୭ | ସ୍ୱର୍ଣ୍ଣ | ଡିସ୍କସ୍ |
| ଇଣ୍ଡିଆନ ଗ୍ରାଁ ପ୍ରି-୧ | ପଟିଆଲା | ୨୦୧୮ | ରୌପ୍ୟ | ଡିସ୍କସ୍ |
| ଅନ୍ତର୍ଜାତୀୟ ମାଷ୍ଟର ଗେମ୍ସ | ଚଣ୍ଡିଗଡ଼ | ୨୦୧୮ | ସ୍ୱର୍ଣ୍ଣ | ଶଟ୍‌ପୁଟ୍ |
| ଅନ୍ତର୍ଜାତୀୟ ମାଷ୍ଟର ଗେମ୍ସ | ଚଣ୍ଡିଗଡ଼ | ୨୦୧୮ | ସ୍ୱର୍ଣ୍ଣ | ଡିସ୍କସ୍ |
| ଏସିଆ ପାସିଫିକ୍ ମାଷ୍ଟର୍ସ | ମାଲେସିଆ | ୨୦୧୮ | ସ୍ୱର୍ଣ୍ଣ | ଡିସ୍କସ୍ |
| ଏସିଆ ପାସିଫିକ୍ ମାଷ୍ଟର୍ସ | ମାଲେସିଆ | ୨୦୧୮ | ରୌପ୍ୟ | ଶଟ୍‌ପୁଟ୍ |
| ଜାତୀୟ ମାଷ୍ଟର୍ସ | ତିଡିଏନ | ୨୦୧୯ | ସ୍ୱର୍ଣ୍ଣ | ଡିସ୍କସ୍ |
| ଜାତୀୟ ମାଷ୍ଟର୍ସ | ତିଡିଏନ | ୨୦୧୯ | ସ୍ୱର୍ଣ୍ଣ | ଶଟ୍‌ପୁଟ୍ |
| ଇଣ୍ଡିଆନ ଗ୍ରାଁ ପ୍ରି-୩ | ସଙ୍ଗୃର | ୨୦୧୯ | ବ୍ରୋଞ୍ଜ | ଡିସ୍କସ୍ |
| ଇଣ୍ଡିଆନ ଗ୍ରାଁ ପ୍ରି-୪ | ପଞ୍ଚକୁଲା | ୨୦୧୯ | ରୌପ୍ୟ | ଡିସ୍କସ୍ |
| ୟୁରୋପିଆନ ମାଷ୍ଟର୍ସ ଗେମ୍ସ | ଟୋରିନୋ | ୨୦୧୯ | ରୌପ୍ୟ | ଡିସ୍କସ୍ |
| ୟୁରୋପିଆନ ମାଷ୍ଟର୍ସ ଗେମ୍ସ | ଟୋରିନୋ | ୨୦୧୯ | ବ୍ରୋଞ୍ଜ | ଶଟ୍‌ପୁଟ୍ |
| ମାଷ୍ଟର ଗେମ୍ସ ଫେଡେରେଶନ | ଭଦୋଦରା | ୨୦୨୦ | ସ୍ୱର୍ଣ୍ଣ | ଶଟ୍‌ପୁଟ୍ |
| ମାଷ୍ଟର ଗେମ୍ସ ଫେଡେରେଶନ | ଭଦୋଦରା | ୨୦୨୦ | ସ୍ୱର୍ଣ୍ଣ | ଡିସ୍କସ୍ |

# ସର୍ବକାଳୀନ ଶ୍ରେଷ୍ଠ ଇନିଂସ

୨୦୦୧ରେ ଇଡେନଗାର୍ଡେନରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ମ୍ୟାଚରେ ଭାରତୀୟ ମିଡିଲଅର୍ଡର ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ୧୮୧ ରନର ଐତିହାସିକ ଇନିଂସ ଖେଳିଥିଲେ। ଏହା ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଟେଷ୍ଟ ଇନିଂସ ବୋଲି ଇଆନ ଚାପେଲ ବିବେଚନା କରନ୍ତି...

ବିଶ୍ୱସ୍ତରୀୟ ସ୍ପିନ୍ ବୋଲିଂ ବିପକ୍ଷରେ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ଇଆନ ଚାପେଲ ତାଙ୍କ ଦୁଇଟି ସର୍ବକାଳୀନ ଶ୍ରେଷ୍ଠ ତଥା ଫେଭରାଇଟ୍ ଇନିଂସ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏଥିରେ ସେ ଭାରତୀୟ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ୨୦୦୧ରେ ଇଡେନ ଗାର୍ଡେନରେ ଖେଳିଥିବା ୨୮୧ ରନର ଟେଷ୍ଟ ଇନିଂସକୁ ସାମିଲ କରିଛନ୍ତି। ଲକ୍ଷ୍ମଣଙ୍କ ସହ ରାହୁଲ ଦ୍ରାବିଡ୍ ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷ ଏହି ଦ୍ୱିତୀୟ ଟେଷ୍ଟରେ ୧୮୦ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଲକ୍ଷ୍ମଣ ଓ ଦ୍ରାବିଡ ୩୭୬ ରନର ଭାଗୀଦାରି ସ୍ଥାପନ କରି ଅଷ୍ଟ୍ରେଲିଆକୁ ନିରାଶ କରି ଭାରତକୁ ବିଜୟୀ କରାଇଥିଲେ। ଏହି ବିଜୟ ସହ ଭାରତ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଶେନ୍ ୱର୍ନ ଓ ଅନ୍ୟ ବିଶ୍ୱସ୍ତରୀୟ ସ୍ପିନରଙ୍କ ବିପକ୍ଷରେ ଲକ୍ଷ୍ମଣ ଦୃଷ୍ଟାନ୍ତମୂଳକ ବ୍ୟାଟିଂ ପ୍ରଦର୍ଶନ କରିଥିଲେ ବୋଲି ଚାପେଲ କହିଛନ୍ତି। ଲକ୍ଷ୍ମଣ ୪୫୨ଟି ବଲ୍ ଖେଳିଥିଲେ ଓ ୪୪ଟି ବାଉଣ୍ଡରି ମାରିଥିଲେ। ସ୍ପିନ୍ ବୋଲିଂକୁ ବେଶ୍ ଭଲ ଭାବେ ଖେଳୁଥିବା ନିଜ ସାଥି ବ୍ୟାଟ୍ସମ୍ୟାନ ଡଗ୍ ୱାଲ୍ଟର୍ସଙ୍କୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ଗୋଟିଏ ସେସନରେ ୩ଥର ୱାଲ୍ଟର୍ସ ଗୋଟିଏ ଲେଖାଏ ଟେଷ୍ଟ ଶତକ ହାସଲ କରିଛନ୍ତି। ୧୯୯୬ରେ ମାଡ୍ରାସର ମାଇନ୍‌ଫିଲ୍ଡରେ ଭାରତ ବିପକ୍ଷରେ ୱାଲ୍ଟର୍ସ ଏକ ଲଡୁଆ ଶତକ ଅର୍ଜନ କରିଥିଲେ। ସ୍ପିନ୍ କିମ୍ବଦନ୍ତୀ ଏରାପଲ୍ଲୀ ପ୍ରସନ୍ନାଙ୍କ ସ୍ପିନ୍ ବୋଲିଂକୁ ସେ ସଫଳତାର ସହ ମୁକାବିଲା କରିଥିଲେ। ଏହି ଇନିଂସରେ ସେ ୧୪ଟି ଚୌକା ଓ ୨ ଛକା ମାରିଥିଲେ। ସ୍ପିନ୍ ବିପକ୍ଷରେ ଏହା ଅନ୍ୟତମ ଶ୍ରେଷ୍ଠ ଇନିଂସ ବୋଲି ଚାପେଲ କହିଛନ୍ତି। ସାରା ବିଶ୍ୱରେ କୋଭିଡ-୧୯ ସଂକ୍ରମଣ ନେଇ ଆତଙ୍କ ଦେଖାଦେଇଥିବା ବେଳେ କ୍ରିକେଟ ମ୍ୟାଚ୍ ଆୟୋଜନ ପୂରା ବନ୍ଦ ହୋଇଛି। ଫଳରେ ସ୍ପିନ୍ ବିପକ୍ଷରେ ଶ୍ରେଷ୍ଠ ଇନିଂସ ଚୟନ କରିବା ନେଇ ମୋତେ ସମୟ ତଥା ସୁଯୋଗ ମିଳିଛି ବୋଲି ସେ କହିଛନ୍ତି।



ଭିଭିଏସ୍ ଲକ୍ଷ୍ମଣ

# ବିଶ୍ୱକପ୍ ଖେଳି ନ ଥିବା ମହାନ୍ ବ୍ୟାଟ୍ସମ୍ୟାନ

କ୍ରିକେଟରଙ୍କ ପାଇଁ ବିଶ୍ୱକପ୍ ଖେଳିବା ଏକ ସମ୍ମାନର ବିଷୟ। କ୍ରିକେଟ ଇତିହାସରେ କିଛି ଏଭଳି ମହାନ୍ ଖେଳାଳି ଅଛନ୍ତି, ଯେଉଁମାନେ ଲମ୍ବା ସମୟ ଧରି ଦଳରେ ଥିଲେ, ହେଲେ ବିଶ୍ୱକପ୍ ଖେଳିବାକୁ ସୁଯୋଗ ପାଇ ନ ଥିଲେ। ଏହି ଧାରାରେ ପ୍ରଥମେ ଅଛନ୍ତି ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଲିଷ୍ଟର କୁକ୍। ସେ ଅନ୍ତର୍ଜାତୀୟ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍ କରିଥିବା ଇଂଲଣ୍ଡ ବ୍ୟାଟ୍ସମ୍ୟାନ ହୋଇଥିଲେ ମଧ୍ୟ ଥରେ ହେଲେ ବି ବିଶ୍ୱକପ୍ ଖେଳି ପାରି ନ ଥିଲେ। ୨୦୧୫ ବିଶ୍ୱକପ୍‌ରେ କୁକ୍ ଇଂଲଣ୍ଡ ଦଳର ନେତୃତ୍ୱ ନେଇଥାନ୍ତେ। ଟୁର୍ନାମେଣ୍ଟର ମାସେ ପୂର୍ବରୁ ତାଙ୍କ ବଦଳରେ ଇଆନ ମୋର୍ଗାନଙ୍କୁ ଦଳର ଅଧିନାୟକ ଚୟନ କରାଯାଇଥିଲା। ଏହାପରେ ତାଙ୍କ ଦିନିକିଆ କ୍ୟାରିୟରର ପ୍ରାୟ ଶେଷ ହୋଇଯାଇଥିଲା। ତାଙ୍କ ଭଳି ପୂର୍ବତନ ଭାରତୀୟ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ। ୨୦୦୩ ବିଶ୍ୱକପ୍ ବେଳକୁ ସେ କ୍ୟାରିୟରର ଶୀର୍ଷରେ ଥିଲେ। ମାତ୍ର ଦଳରେ ବୋଲିଂ ବିକଳ୍ପର ଆବଶ୍ୟକତା ଥିବାରୁ ଚୟନକର୍ତ୍ତା ଦୀନେଶ ମୋଙ୍ଗିଆଙ୍କୁ ବାଛିଥିଲେ। ଲକ୍ଷ୍ମଣ ୧୩୪ ଟେଷ୍ଟରେ ୪୬ ହାରରେ ୮୭୮୧ ରନ୍ କରିଥିଲେ। ଏଥିରେ ୧୭ ଶତକ ଥିଲା। ସେହିଭଳି ଅଷ୍ଟ୍ରେଲିଆର ପୂର୍ବତନ ଓପନର ଜଷ୍ଟିନ ଲାଙ୍ଗର ୧୪ ବର୍ଷ ଧରି ଜାତୀୟ ଦଳ ପାଇଁ ଖେଳିଥିଲେ। ସେ ୧୦୫ ଟେଷ୍ଟ ଖେଳି ୭ ହଜାରରୁ ଅଧିକ ରନ୍ କରିଥିଲେ। ହେଲେ ଦିନିକିଆ ଫର୍ମାଟରେ ସେ ଏତେଟା ସଫଳ ନ ଥିଲେ। ୮ ମ୍ୟାଚ୍ ଖେଳି ଗୋଟିଏ ଅର୍ଦ୍ଧଶତକ ସହାୟତାରେ ୧୬୦ ରନ୍ କରିଥିଲେ। ଦିନିକିଆରେ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ କେବେ ବିଶ୍ୱକପ୍ ଖେଳିବାର ସୌଭାଗ୍ୟ ହାସଲ କରି ନ ଥିଲେ।



ଆଲିଷ୍ଟର କୁକ୍

ମହାନ୍ ବ୍ୟାଟ୍ସମ୍ୟାନ ବିବେଚିତ ହେଉଥିଲେ ମଧ୍ୟ ବିଶ୍ୱରେ ଏପରି କେତେଜଣ କ୍ରିକେଟର ଅଛନ୍ତି, ଯେଉଁମାନେ ବିଶ୍ୱକପ୍ ଖେଳିନାହାନ୍ତି।

# ଗୀତ ଗାଇଲେ ବ୍ରାଭୋ



ଡ୍ୱେନ୍ ବ୍ରାଭୋ

ବର୍ଷରେ ସବୁ ସମୟରେ ନାଚଗୀତରେ ମଜି ରହୁଥିବା ୱେଷ୍ଟଇଣ୍ଡିଜ ଅଧିବାସୀ କ୍ରିକେଟରେ କିନ୍ତୁ ସାରା ବିଶ୍ୱରେ ବହୁ ପୂର୍ବରୁ ସ୍ୱତନ୍ତ୍ର ପରିଚୟ ହାସଲ କରିସାରିଛି। ଏବେ କରୋନା ଭାଇରସ୍‌ର ମୁକାବିଲା ଲାଗି ଲୋକଙ୍କ ମନରେ ସାହସ ଆଣିଦେବା ପାଇଁ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଡ୍ୱେନ ବ୍ରାଭୋ ନୂଆ ଗୀତ ଲଞ୍ଚ୍ କରିଛନ୍ତି...

କୋଭିଡ୍-୧୯ ପାଇଁ ଆତଙ୍କ ଖେଳିଯାଇଥିବା ବେଳେ ୱେଷ୍ଟଇଣ୍ଡିଜ ତଥା ତ୍ରିନିଦାଦ ଅଲରାଉଣ୍ଡର ଡ୍ୱେନ ବ୍ରାଭୋ ବିଶ୍ୱବାସୀଙ୍କ ମନରେ ସାହସ ଦେବା ପାଇଁ ଏକ ନୂଆ ଉପାୟ ଅବଲମ୍ବନ କରିଛନ୍ତି। ସେ ତାଙ୍କ ନୂଆ ଗୀତ ଲଞ୍ଚ କରିଛନ୍ତି। ନାଚଗୀତ ପାଇଁ ବେଶ୍ ଜଣାଶୁଣା ଥିବା ବ୍ରାଭୋ ଲୋକମାନଙ୍କ ନୈତିକ ତଥା ମାନସିକ ବଳ ବୃଦ୍ଧି କରିବା ପାଇଁ ଗୀତ ଗାଇଛନ୍ତି। ନିଜ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ବ୍ରାଭୋ ଏହି ନୂଆଗୀତ ଲଞ୍ଚ୍ କରିଛନ୍ତି। କୋଭିଡ-୧୯ ମହାମାରୀକୁ ଦୃଷ୍ଟିରେ ରଖି ସେ ଏହି ଗୀତ ସୁନ୍ଦର ଭାବେ ଗାଇଛନ୍ତି। ସେ ବେଶ ଭାବପ୍ରବଣ ହୋଇ ଏହି ପୋଷ୍ଟର କ୍ୟାପଶନ ଲେଖିଛନ୍ତି। 'ଏହା ମହାମାରୀ ରୂପ ନେଇଥିଲେ ମଧ୍ୟ ଆମେ ହାର ମାନିବା ନାହିଁ, ସମସ୍ତଙ୍କ ପାଇଁ ମୁଁ ହୃଦୟରୁ ପ୍ରାର୍ଥନା କରୁଛି' ବୋଲି ସେ ଉଲ୍ଲେଖ କରିଛନ୍ତି। ୩୧ ସେକେଣ୍ଡ ସମୟ ବିଶିଷ୍ଟ ଏହି ଗୀତରେ ବ୍ରାଭୋ ବେଶ୍ ଭାବପ୍ରବଣ ହୋଇଥିବା ଲକ୍ଷ୍ୟ କରାଯାଇଛି। ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ସେ ଅଧିକ ଗୁରୁତ୍ୱ ଦେଇଛନ୍ତି। ନିୟମିତ ଭାବେ ହାତ ଧୋଇବା, ଘରେ ରହିବା ନେଇ ସେ ଗୀତରେ ଜନସାଧାରଣଙ୍କୁ ଅପିଲ କରିଛନ୍ତି।

ପୂର୍ବରୁ ନ୍ୟୁଜିଲାଣ୍ଡ ସ୍ପିନର ଇଶ୍ ସୋଧୀ ମଧ୍ୟ ଏକ ଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରି ଏକ ଭିଡିଓ ଟୁଇଟ କରି କରୋନା ଭାଇରସ ନେଇ ସଚେତନ କରାଇବାକୁ ପ୍ରୟାସ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରାଜସ୍ଥାନ ରୟାଲ୍ସ ତରଫରୁ ଖେଳୁଥିବା ସୋଧୀ ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦେଇଥିଲେ। 'କରୋନା ଭାଇରସ ମୋ ପାଖକୁ ଆସ ନାହିଁ। ମୁଁ କ୍ରିକେଟ ଖେଳିବି। କୋଭିଡ୍-୧୯ କ'ଣ ମୁଁ ଭଲଭାବେ ଜାଣିଛି। ଟିଭି ପରଦାରେ ତମ ନାଁ ଶୁଣି ମୁଁ ଅସୁସ୍ଥ ହୋଇପଡିଲିଣି' ବୋଲି ସୋଧୀ ଟୁଇଟ୍ କରିଥିବା ଭିଡିଓରେ ଏକ ଗୀତ ମାଧ୍ୟମରେ କହିଛନ୍ତି। ସମସ୍ତେ ସାବଧାନତା ଅବଲମ୍ବନ କରନ୍ତୁ। ସରକାର ଜାରି କରିଥିବା ନିୟମକୁ ଦୟାକରି ସମସ୍ତେ ପାଳନ କରନ୍ତୁ ବୋଲି ସେ ଏହି ଭିଡିଓରେ କହିଛନ୍ତି। ଉଲ୍ଲେଖଥାଉ କି, ମାର୍ଚ୍ଚ ୨୫ ତାରିଖରୁ ସରକାର ୨୧ ଦିନିଆ ଲକ୍‌ଡାଉନ୍ ଜାରି କରିଛନ୍ତି।

କରୋନା ମୁକାବିଲା

ସାମାଜିକ ଦୂରତା ହିଁ ପ୍ରକୃତ ମାଧ୍ୟମ

# ସମୟ ବିତାଉଛି ରାମାୟଣ



ଲକ୍‌ଡାଉନ୍ କଟକଣା ଅନେକଙ୍କ ଦୈନନ୍ଦିନ ଜୀବନରେ ବଡ଼ଧରଣର ପ୍ରଭାବ ପକାଇଛି। ଏଥିରୁ ନେତାମାନେ ବାଦ୍ ପଡ଼ିନାହାନ୍ତି। ସେମାନଙ୍କ ଜୀବନଚର୍ଯ୍ୟା ବଦଳିଯାଇଛି। ପୂର୍ବ ଯୋଜନା ଅନୁଯାୟୀ ସକାଳୁ ରାତି ଯାଏ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ। ନିର୍ବାଚନମଣ୍ଡଳୀ ବୁଲି ଲୋକଙ୍କ କଥା ବୁଝୁଥିଲେ। ବିଶ୍ୱବ୍ୟାପୀ କରୋନା ଭାଇରସ ସଂକ୍ରମଣ ପରେ ଏବେ ଯେମିତି ସବୁକିଛି ଠପ୍ ହୋଇଯାଇଛି। ଏହି ସମୟରେ ଯାଜପୁର ଜିଲାର କେତେଜଣ ନେତାଙ୍କ ସମୟ କିପରି କଟୁଛି ସେନେଇ ଏକ ଉପସ୍ଥାପନା।

## ଭଲ ଭଲ ପୁସ୍ତକ ପଢୁଛି



ବର୍ତ୍ତମାନ କରୋନା ବିରୋଧରେ ସାରା ବିଶ୍ୱରେ ଲଢେଇ ଚାଲିଛି। ସେଥିରେ ଭାରତ ମଧ ପଛରେ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଏହାର ମୁକାବିଲା କରୁଛନ୍ତି। କେବଳ ସରକାର ଚାହିଁଲେ ହେବନି, ଜନସାଧାରଣଙ୍କୁ ମଧ ସଚେତନ ହେବାକୁ ପଡ଼ିବ। ପୂର୍ବରୁ ପରିବାରକୁ ଠିକ୍ ଭାବେ ସମୟ ଦେଇ ପାରୁ ନ ଥିଲି। ଏବେ ସମୟ ମିଳିଛି ସାନ ପୁଅ ସହ ସମୟ କାଟୁଛି। ପଢିବା ଅଭ୍ୟାସକୁ ପୁଣି ଥରେ ଆରମ୍ଭ କରିଛି। ବହୁତ ଭଲ ଭଲ ପୁସ୍ତକ ପଢୁଛି। ବ୍ୟାୟାମ କରୁଛି। ଘର କାମରେ ସହାୟକ ହେବାକୁ ମଧ ଉଦ୍ୟମ କରୁଛି। ଘରେ ରହି, ସୁସ୍ଥ ରହିଲେ କରୋନା ଭୂତାଣୁ ଆପେ ଆପେ ଅପସରି ଯିବ।

- ଆକାଶ ଦାସନାୟକ, ନେତା, ଅଭିନେତ

## ମର୍ନିଂ ୱାକ୍ ବନ୍ଦ କରି ଘରେ ଯୋଗ କରୁଛି



ଟିଭି ସିରିୟଲ ରାମାୟଣ ଓ ମହାଭାରତ ଦେଖୁଛି। ଛାତ ଉପରେ ବସି ସମୟ କାଟୁଛି। ନିର୍ବାଚନମଣ୍ଡଳୀର ଲୋକମାନଙ୍କ ସହ ଫେସ୍‌ବୁକ ଓ ଟେଲିଫୋନ, ଭିଡିଓ କଲିଂ ଆଦି ଅନ୍‌ଲାଇନରେ ଯୋଗାଯୋଗ କରୁଛି। ମର୍ନିଂ ୱାକ୍ ମଧ ବନ୍ଦ କରିଦେଇଛି। କିନ୍ତୁ ଶାରୀରିକ ସୁସ୍ଥତା ପାଇଁ ଘରେ ଯୋଗ କରୁଛି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଉଚିତ। ପଦାକୁ ବାହାରିବା ନାହିଁ, ଆତ୍ମସଂଯମ ରକ୍ଷା କରିବା। ଜଣେ ଦାୟିତ୍ୱବାନ ନାଗରିକ ଭାବେ ଆମର କର୍ତ୍ତବ୍ୟ କରିଯିବା ଉଚିତ।

- ଅମରପ୍ରସାଦ ଶତପଥୀ, ବଡ଼ଚଣା ବିଧାୟକ

## ନିଜେ ସଚେତନ ହୁଅନ୍ତୁ, ଅନ୍ୟଙ୍କୁ କରାନ୍ତୁ



ପରିବାର ସହ ସମୟ କାଟୁଛି। ସକାଳୁ ଉଠିଲା ପରେ ଯୋଗ କରୁଛି। ଫୋନ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ନିର୍ବାଚନମଣ୍ଡଳୀର ଲୋକଙ୍କୁ ବୁଝାଉଛି। ଘରେ ରୁହନ୍ତୁ, ସୁସ୍ଥ ରୁହନ୍ତୁ ବୋଲି ଲୋକଙ୍କୁ ପରାମର୍ଶ ଦଉଛି। ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ମଧ ସଚେତନ କରିବାରେ ସହାୟକ ହୁଅନ୍ତୁ।

- ପ୍ରଣବ କୁମାର ବଳବନ୍ତରାୟ, ଧର୍ମଶାଳା ବିଧାୟକ

## ମୋବାଇଲରେ ଲୋକଙ୍କୁ ସଚେତନ କରୁଛି



ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ କରୋନା ମୁକାବିଲା ପାଇଁ ଲକ୍‌ଡାଉନ୍ ଜାରି କରିଛନ୍ତି। ତେଣୁ ସମସ୍ତେ ଏହାକୁ ମାନି ଚାଲିବା କଥା। ସାମାଜିକ ଦୂରତା ରକ୍ଷା କରିବା ହିଁ କରୋନା ମୁକାବିଲାରେ ମୁଖ୍ୟ ଅସ୍ତ୍ର ହେବ। ସାମାଜିକ କାର୍ଯ୍ୟରେ ମୁଁ ନିଜକୁ ବ୍ୟସ୍ତ ରଖିଛି। ମୋବାଇଲ ଦ୍ୱାରା ଲୋକଙ୍କୁ ସଚେତନ କରୁଛି। ଗଛମାନଙ୍କରେ ପାଣି ଦେଉଛି। ନାତିନାତୁଣୀଙ୍କ ସହ ସମୟ ବିତାଉଛି।

- ରସାନନ୍ଦ ମହାନ୍ତି, ପୂର୍ବତନ ପୌରାଧକ୍ଷ, ବ୍ୟାସନଗର

## ସପରିବାର ଏକତ୍ର ଖାଇବାର ସୁଯୋଗ ମିଳିଛି



କରୋନା ମୁକାବିଲାରେ ସାରା ରାଜ୍ୟବାସୀ ଏକତ୍ର ହୋଇ କାର୍ଯ୍ୟ କରିବା ଉଚିତ। ଘରୁ ନ ବାହାରି ସାମାଜିକ ଦୂରତା ରକ୍ଷା କରି ପାରିଲେ ଆମେ କରୋନା ଭୂତାଣୁକୁ ଦୂରେଇ ଦେଇପାରିବା। ସକାଳୁ ଉଠି ନିତ୍ୟକର୍ମ ସାରି ଉଷୁମ ପାଣି ପିଉଛି। ଏହାସହ ପ୍ରାଣାୟମ ନିୟମିତ ଭାବେ କରୁଛି। ନିରାମିଷ ଖାଦ୍ୟ ରାନ୍ଧି ସପରିବାର ଏକତ୍ର ଖାଇବାର ସୁଯୋଗ ମିଳୁଛି।

- ସୁନନ୍ଦା ଦାସ, ବରୀ ବିଧାୟିକା

## ଅଧ୍ୟୟନରେ ଅଧିକ ସମୟ ଦେଉଛି



ନିତ୍ୟକର୍ମ ସାରି ଟିଭି ଦେଖି ଦେଶ ଓ ବିଶ୍ୱର ଖବର ଦେଖୁଛି। ଅଧ୍ୟୟନରେ ଅଧିକ ସମୟ ଦେଉଛି। ଖବରକାଗଜର ସମ୍ପାଦକୀୟକୁ ଭଲ ଭାବେ ପଢୁଛି। ନିର୍ବାଚନମଣ୍ଡଳୀର ଲୋକଙ୍କ ସହ ଫୋନ ମାଧ୍ୟମରେ ଯୋଗାଯୋଗ କରୁଛି। ରାମାୟଣ ଦେଖିବାର ସୁଯୋଗ ମିଳିଛି। ପିଲାଙ୍କର ଓ ନିଜର କପଡ଼ାକୁ ସଫା କରିବାରେ ସନ୍ତୋଷ ଲାଭ କରୁଛି। ବିଶେଷ ଭାବେ ସପରିବାର ଏକାଠି ଖାଇବାର ସୁଯୋଗ ମିଳୁଛି। ତେବେ ସଂଯମ ଓ ସାମାଜିକ ଦୂରତା ରକ୍ଷା କରି କରୋନା ସଂକ୍ରମଣରୁ ଦୂରେଇ ରୁହନ୍ତୁ।

- ଗୌତମ ରାୟ, ଭାଜପା ଜିଲା ସଭାପତି

## ସମସ୍ତେ ଏକାଠି ହୋଇ କାମ କରିବା



କରୋନା ମୁକାବିଲା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପ ନିହାତି ସ୍ୱାଗତଯୋଗ୍ୟ। ନିଜେ ବି ସଚେତନ ହେବା ଦରକାର। ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ କାମ କରିବା ଉଚିତ। କଂଗ୍ରେସ ପକ୍ଷରୁ ଏକ ହେଲପ୍‌ଲାଇନ୍ ନମ୍ବର ମଧ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତକୁ ସରକାର ୫ ଲକ୍ଷ ଟଙ୍କା ଲେଖାଏ ଦେଇଛନ୍ତି। ସେହି ଟଙ୍କାକୁ ଠିକ ଭାବେ ବିନିଯୋଗ କରିବା ଉଚିତ। ନିର୍ବାଚନ ମଣ୍ଡଳୀର ଲୋକଙ୍କ ସହ ଯୋଗାଯୋଗ ରକ୍ଷା କରିଛି। ଗରିବ ଲୋକେ ଏବେ ଅତ୍ୟନ୍ତ ଦୁଃଖରେ ରହିଛନ୍ତି, ସରକାର ସେମାନଙ୍କ ଦାୟିତ୍ୱ ନେବା କଥା। ଏବେ ପରିବାର ସହ ସମୟ କାଟୁଛି। ନିଜେ ରୋଷେଇ କରୁଛି।

- ବନ୍ଦିତା ପରିଡ଼ା, କଂଗ୍ରେସ ନେତ୍ରୀ

ଉପସ୍ଥାପନା-ହର୍ଷବର୍ଦ୍ଧନ ବେହେରା, ଅଭିଳାଷ ଦାସ, ବାଞ୍ଛାନିଧି ସାହୁ

# ଖଣି ଅଞ୍ଚଳରେ ପାନୀୟଜଳ ସଙ୍କଟ

- ଶୁଖିଗଲାଣି କୂଅ, ପୋଖରୀ
- ଟ୍ୟାଙ୍କର ଯୋଗେ ଜଳଯୋଗାଣ ହେଉନି

କାଳିଆପାଣି,୨।୪(ଡି.ଏନ.ଏ.)

ଏପ୍ରିଲ ମାସ ଆରମ୍ଭରୁ ସୁକିନ୍ଦା ବ୍ଲକର ଖଣି ଅଞ୍ଚଳରେ ପାନୀୟ ଜଳସଙ୍କଟ ଦେଖା ଦେଲାଣି। ଖଣି ସଂଲଗ୍ନ ସମସ୍ତ ଗ୍ରାମରେ ଏବେ କୂଅ, ପୋଖାରୀ, ନଳକୂପ ଆଦି ଶୁଖି ଯାଉଥିବାବେଳେ ଅଳ୍ପ କେତେକ କୂଅରୁ ଟୁଲୁ ପମ୍ପ ଯୋଗେ ଲୋକେ ପାଣି ସଂଗ୍ରହ କରୁଛନ୍ତି। ବ୍ଲକର କ୍ରୋମଖଣି ଅଞ୍ଚଳରେ ରହିଥିବା କାଙ୍କଡ଼ପାଳ, ଚିଙ୍ଗୁଡ଼ିପାଳ, କୁହିକା, ପିମ୍ପୁଡ଼ିଆ, ରାଁସୋଳ, କଂସ ଓ କାଳିଆପାଣି ପଞ୍ଚାୟତ ଅଧୀନରେ ଥିବା ଗ୍ରାମ ଗୁଡ଼ିକରେ ଏହି ଜଳସଙ୍କଟ ଦେଖିବାକୁ ମିଳିଛି। ଅଞ୍ଚଳରେ ଅନେକ ଖଣି ଚାଲିଥିବା ବେଳେ ସମସ୍ତ ଖଣି କର୍ତ୍ତୃପକ୍ଷ ନିଜର କର୍ମଚାରୀ ଓ କଲୋନୀ ବାସୀଙ୍କ ପାଇଁ ଗଭୀର ନଳକୂପ କରି ଜଳ ଯୋଗାଣ କରୁଥିବା ବେଳେ ପ୍ରଭାବିତ ଗ୍ରାମ ଗୁଡ଼ିକରେ ପାନୀୟ ଜଳ ପାଇଁ ଅଧିବାସୀ ନାହିଁ ନ ଥିବା କଷ୍ଟ ଭୋଗ କରୁଛନ୍ତି। ପ୍ରତିବର୍ଷ ମାର୍ଚ୍ଚ ବେଳକୁ ଏଠାକାର ଖଣି କର୍ତ୍ତୃପକ୍ଷ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରୁଥିବା ବେଳେ ଚଳିତ ବର୍ଷ କରୋନା ଯୋଗୁ ତାହା ହୋଇ ପାରନାହିଁ।

୩ ବର୍ଷ ହେବ ଖଣି କର୍ତ୍ତୃପକ୍ଷ ସ୍ଥାନୀୟ ପ୍ରଭାବିତ ଗ୍ରାମ ଗୁଡ଼ିକରେ ପାନୀୟ ଜଳ ଯୋଗାଣ କରୁଥିବା ବେଳେ ଚଳିତ ବର୍ଷ ତିନୋଟି ଖଣିର ଲିଜ ଅବଧି ମାର୍ଚ୍ଚ ୩୧ରେ ଶେଷ ହୋଇଛି। ଯାହାକି ଟାଟା, ମିଶ୍ରିଲାଲ, ବିସି ମହାନ୍ତି ପରି ଖଣିର ଲିଜ ଅବଧି ଶେଷ



କୂଅରେ ପମ୍ପ୍ ପକାଯାଇ ପାଣି ଉଠାଯାଉଛି।

ହୋଇ ନୂତନ ଭାବେ ଟିଏସଆଲଏଜ କମ୍ପାନୀ ହାତକୁ ଯାଇଛି। ତେବେ ଟିଏସଆଲଏଜ କମ୍ପାନୀ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ କରି ନ ଥିବା ବେଳେ ତିନି କମ୍ପାନୀର ସିଂହ ଭାଗ ପାନୀୟ ଜଳ ଯୋଗାଣ କିପରି ହୋଇପାରିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମେଗା ଜଳ ପ୍ରକଳ୍ପ କାଙ୍କଡ଼ପାଳଠାରେ ନିର୍ମାଣ କାର୍ଯ୍ୟ ୨ ବର୍ଷ ହେବ ଚାଲୁଥିଲେ ବି ଅଦ୍ୟାବଧି ତାହା ସରି ପାରୁନାହିଁ। ଟାଟା ଏଟିଏମ ଗେଟ ନିକଟରେ ରହିଥିବା କାଟେପୂର୍ତ୍ତି ନଗର ହାଟପାଖ ବସ୍ତିରେ ଅନ୍ୟୁନ ୨୦୦ ପରିବାର ବସବାସ କରୁଥିବା ବେଳେ ଏକ ଗଭୀର କୂପ ଉପରେ ଅଧିକାଂଶ ଅଧିବାସୀ ନିର୍ଭର କରୁଛନ୍ତି। ବହୁ ବାର ସେମାନେ ସ୍ଥାନୀୟ ରାଜନେତାଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଦାବି କରି ନିରାଶ ହେଉଥିବା ବେଳେ ସୁକିନ୍ଦା ବିଡିଓ କେବଳ ଜଳ ଯୋଗାଣ ନିମନ୍ତେ ପ୍ରତିଶ୍ରୁତି ଦେଉଛନ୍ତି। ଜଣଙ୍କ ପରେ ଜଣେ ବିଡିଓ ବଦଳି ହେବା ପରେ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଇଥିବା ଗ୍ରାମର ଲକ୍ଷ୍ମୀ ମହାନ୍ତ, ସମ୍ଭୁରାଇ ମୁର୍ମୁ, ସତିଦାନ୍ଦ ମୁର୍ମୁ ଓ କୁମଳମଣି ହେମ୍ବ୍ରମ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ଗ୍ରାମରେ ଜଳସଙ୍କଟ ନେଇ ଅନେକ ଥର ଖବର ପ୍ରକାଶ ପାଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ସୁବିଧା କରାଯାଉନି। କୂଅଗୁଡ଼ିକ ଅତ୍ୟଧିକ ଗଭୀର ହେଉଥିବାରୁ ଜଳ କାଢିବା ମଧ ସମ୍ଭବ ହେଉନାହିଁ। ଫଳରେ ଅଧିକାଶଂ ପରିବାର ଗ୍ରାମରେ ଥିବା ଗୋଟିଏ କୂଅରେ ପାଣି ପମ୍ପକୁ ଝୁଲାଇ ଜଳ କାଢୁଛନ୍ତି। ଗ୍ରାମରେ ୩ଟି ନଳକୂପ ଥିବାବେଳେ ଦୁଇଟି ଅଚଳ ହୋଇପଡ଼ିଛି। ତେଣୁ ଏହାକୁ ତୁରନ୍ତ ସଚଳ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ବିଡିଓ ବିଶ୍ୱଜିତ ଦାସଙ୍କୁ ପଚାରିବାରେ ସେ କହିଥିଲେ, ଏବେ ଲକ୍‌ଡାଉନ୍ ଚାଲିଥିବାରୁ କିଛି କରି ହେବନାହିଁ। ଲକଡାଉନ ପରେ ଯାହାକିଛି କରାଯିବ।




ଅଗ୍ନିଶମ ବାହିନୀ ପକ୍ଷରୁ ବ୍ଲିଚିଂ ପାଣି ପକାଯାଇ ଶୋଧନ କରାଯାଉଛି।

## ଜନ ସମାଗମ ସ୍ଥଳ ସାନିଟାଇଜ କଲା ପ୍ରଶାସନ

**ରସୁଲପୁର,୨।୪(ଡି.ଏନ.ଏ.):** ରସୁଲପୁର ବ୍ଲକର ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କୁଆଖିଆ ବଜାର, କୁଆଖିଆ ଥାନା, ରସୁଲପୁର ତହସିଲ ଆଦି ଜନସମାଗମସ୍ଥଳକୁ ଗୁରୁବାର ପ୍ରଶାସନ ପକ୍ଷରୁ ସାନିଟାଇଜ୍ କରାଯାଇଛି। ରସୁଲପୁର ଦମକଳ କେନ୍ଦ୍ର ପକ୍ଷରୁ ଏସବୁ ସ୍ଥାନକୁ ବ୍ଲିଚିଂ ପାଣି ସିଞ୍ଚନ କରାଯାଇ ବିଶୋଧନ କରାଯାଇଛି। ରସୁଲପୁର ବିଡିଓ ଉମାକାନ୍ତ ପରିଡା, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, କୁଆଖିଆ ଥାନା ଅଧିକାରୀ ମନୋଜ ସ୍ୱାଇଁ, ରସୁଲପୁର ଦମକଳକେନ୍ଦ୍ର ଅଧିକାରୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ବିଶୋଧନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଚେତନତା, ସତର୍କତା, ସ୍ୱଚ୍ଛତା ହିଁ କରୋନାରୁ ବଞ୍ଚିବାର ଏକମାତ୍ର ଉପାୟ ହୋଇଥିବାରୁ ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେଇ ଆସୁଛି।

## ସଙ୍ଗରୋଧ କୋଠରି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

**ବରୀ,୨।୪(ସ୍ୱ.ପ୍ର.):** କରୋନା ମୁକାବିଲା ପାଇଁ ବରୀ ବ୍ଲକ ପ୍ରଶାସନ ପକ୍ଷରୁ ୨୯ ପଞ୍ଚାୟତରେ ୩୨ ସଙ୍ଗରୋଧ କୋଠରି ପ୍ରସ୍ତୁତ କରାଯାଇଛି। ଏସବୁ କୋଠରି କାର୍ଯ୍ୟ ଗୁରୁବାର ସନ୍ଧ୍ୟା ସୁଧା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩ଟି କୋଠରି ପ୍ରସ୍ତୁତ ହୋଇ ସାରିଛି। ତାହା ହେଲା ରାମଚନ୍ଦ୍ରପୁରସ୍ଥିତ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ୨୫୦ ଶଯ୍ୟା, ବାଲିଆସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ଯୁକ୍ତ ୨ ମହାବିଦ୍ୟାଳୟରେ ୧୦୦ଶଯ୍ୟା ଓ ରାଜାତୋଟାସ୍ଥିତ କାଦମ୍ବିନୀପାଳ ମହିଳା ବିଦ୍ୟାଳୟରେ ୧୦୦ ଶଯ୍ୟା। ୧୧ ପଞ୍ଚାୟତରେ ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଖାମଖିଆଲି ଯୋଗୁ ପ୍ରସ୍ତୁତିରେ ବିଳମ୍ବ ଘଟିଛି। ଇଶାଣପୁର ପଞ୍ଚାୟତ ନୋଡାଲ ବିଦ୍ୟାଳୟରେ ଖୋଲା ଯାଇଥିବା ସଙ୍ଗରୋଧ କୋଠରିରେ ଗ୍ୟାସ ସିଲିଣ୍ଡର ଓ ବହୁ ଅଦରକାରୀ ବସ୍ତୁ ପଡିଥିବା ଦେଖିବାକୁ ମିଳିଛି। ବରୀ ବିଧାୟିକା ସୁନନ୍ଦା ଦାସ ବୁଧବାର କେତେକ କୋଠରି ପରିଦର୍ଶନ କରିବା ସହ ବ୍ଲକ କାର୍ଯ୍ୟାଳୟରେ କରୋନା ଭାଇରସ ଉପରେ ସଚେତନତା କର୍ମଶାଳା କରିଥିଲେ।

## ୧୨ ଘଣ୍ଟା ଖୋଲା ରହିବ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ

**ଯାଜପୁର ଟାଉନ,୨।୪(ଡି.ଏନ.ଏ.):** ଯାଜପୁର ଜିଲାରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲାରହିବ। ଜିଲାପାଳ ରଞ୍ଜନ କୁମାର ଦାସ ଗୁରୁବାର ଜିଲାବାସୀଙ୍କୁ ଏହି ସୂଚନା ଦେଇଛନ୍ତି। ତେବେ କେହି ଗାଡ଼ି ବ୍ୟବହାର ନ କରି ଚାଲି ଚାଲି ନିକଟସ୍ଥ ଦୋକାନରୁ ସାମଗ୍ରୀ କ୍ରୟ କରିପାରିବେ ବୋଲି ଜିଲାପାଳ କହିଛନ୍ତି। ପୂର୍ବରୁ ଅତ୍ୟାବଶ୍ୟକ ସାମଗ୍ରୀ କଳାବଜାର ରୋକିବାକୁ ମୂଲ୍ୟଧାର୍ଯ୍ୟ କରାଯାଇଥିଲା। ତେବେ ଧାର୍ଯ୍ୟ ମୂଲ୍ୟ ଅପେକ୍ଷା କେତେକ ସାମଗ୍ରୀର ମୂଲ୍ୟ ହ୍ରାସ ପାଇଥିବାରୁ ଦୈନିକ ପୂର୍ବଭଳି ସ୍ଥାନୀୟ ରେଟ୍ ଆଧାରରେ ସାମଗ୍ରୀ ବିକ୍ରିହେବ।

# ହାଟରେ ରହୁନି ସାମାଜିକ ଦୂରତ୍ୱ

ରସୁଲପୁର ବ୍ଲକ

- କରୋନା ସଂକ୍ରମଣ ବ୍ୟାପିବା ଭୟ
- ବ୍ରହ୍ମବରଦା ସମେତ ଅନ୍ୟ ସାପ୍ତାହିକ ହାଟ ବନ୍ଦ ଦାବି

ରସୁଲପୁର, ୨।୪ (ଡି.ଏନ୍.ଏ.)

କେବଳ ସଂଗରୋଧ ଦ୍ୱାରା ହିଁ ମହାମାରୀ କରୋନା ସଂକ୍ରମଣ ରୋକିବା ସମ୍ଭବ ହୋଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଉଥିବାରୁ ସାରାଦେଶରେ ଗତ ୨୪ରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ୨୧ ଦିନ ସମସ୍ତେ ଘରେ ରହିବା ସହ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ କୁହାଯାଇଛି। ଏ ନେଇ ବିଭିନ୍ନ ସ୍ଥାନରେ ସାପ୍ତାହିକ ହାଟ ଆଖାପାଖ ବଡ଼ ପଡ଼ିଆକୁ ସ୍ଥାନାନ୍ତର କରାଯିବା ସହ ଲୋକମାନେ ପରସ୍ପର ଭିତରେ ନିର୍ଦ୍ଦିଷ୍ଟ ଦୂରତା ରଖି ପନିପରିବା କିଣାବିକା କରିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଶେଷ ଭାବେ ଧ୍ୟାନ ଦିଆଯାଉଛି।

ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳର ବାରବାଟୀ ଓ କୁଆଖିଆ ବଜାରରେ ଦୈନିକ ପରିବାହାଟ, ହରିପୁର, ମଧୁବନ, ନଠୁଆବର, କଲଣ, ତରାପୁର,ବାଲିପାଟଣା ପ୍ରଭୃତି ସ୍ଥାନରୁ ସାପ୍ତାହିକ ହାଟଗୁଡ଼ିକୁ ବିଭାଜିତ କରାଯାଇଛି। ହେଲେ ହାଟରେ ଲୋକମାନେ ଲକ୍‌ଡାଉନ୍ କଟକଣା ନ ମାନି ବହୁ ଲୋକ ଏକାଠି ହୋଇ ପରିବା କିଣୁଥିବା ଦେଖାଯାଉଛି। ହାଟଗୁଡ଼ିକରେ ଯେଉଁଭଳି ଭାବେ ଭିଡ଼ ଜମୁଛି, ଯଦି ସେମାନଙ୍କ ମଧ୍ୟରେ ଜଣେ କେହି ସଂକ୍ରମିତ ଥାଆନ୍ତି, ତା'ହେଲେ ସ୍ଥାନୀୟ ଅଞ୍ଚଳ ସାରା କରୋନା ସଂକ୍ରମଣ ବ୍ୟାପିବାର ଭୟ ରହିଛି। ବ୍ଲକର




ହାଟରେ ଲୋକମାନେ ଭିଡ଼ ଜମାଇଛନ୍ତି।

ବ୍ରହ୍ମବରଦା ସାପ୍ତାହିକ ହାଟରେ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏଭଳି ସ୍ଥିତିରେ ଉକ୍ତ ହାଟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ପାଇଁ ବୁଦ୍ଧିଜୀବୀମାନେ କହିଛନ୍ତି। ଏଥିସହ ଉକ୍ତ ଅଞ୍ଚଳର ୨ଜଣ ଦିଲ୍ଲୀ ନିଜାମୁଦ୍ଦିନ ତବଲିଗ୍ ଜମାତରେ ଯୋଗଦେଇ ଫେରିଥିବା ଜଣାପଡ଼ିବା ପରେ ତାଙ୍କୁ ପ୍ରଶାସନ ପକ୍ଷରୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ତେବେ ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ କରୋନାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହାଛଡ଼ା ଉକ୍ତ ଅଞ୍ଚଳଟି ମୁସଲ୍‌ମାନ ବହୁଳ ଅଞ୍ଚଳ ହୋଇଥିବା ବେଳେ ଏଠାକାର ବହୁ ଲୋକ ନିକଟରେ ସୌଦି, ଦୁବାଇ, ସିଙ୍ଗାପୁର ଆଦି ସ୍ଥାନରୁ ଫେରିଛନ୍ତି। ତେବେ ଏ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ କାହାରି ଶରୀରରେ କରୋନା ଲକ୍ଷଣ ଦେଖାଯାଇ ନାହିଁ। ମାତ୍ର ସେମାନଙ୍କ ମଧ୍ୟରୁ ଅନେକ କ୍ୱାରାଣ୍ଟାଇନ୍‌ରେ ରହୁ ନ ଥିବା ନେଇ ପୂର୍ବରୁ ରସୁଲପୁର ବିଡିଓଙ୍କ ନିକଟରେ ଅଭିଯୋଗ ମଧ ହୋଇଛି। ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବା ବେଳେ ହାଟ ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ସବୁଜ ସଙ୍କେତ ଦିଆଯିବାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ସପ୍ତାହରେ ଦୁଇ ଦିନ ବୁଧବାର ଓ ଶନିବାର ବସୁଥିବା ବେଳେ ଆସନ୍ତା ଶନିବାରଠାରୁ ହାଟ ବନ୍ଦ ରଖିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହାଛଡ଼ା ବ୍ଲକ ଅଞ୍ଚଳର ଅନ୍ୟ ସ୍ଥାନଗୁଡ଼ିକରେ ଚାଲୁଥିବା ହାଟ ମଧ ବନ୍ଦ ରଖିବାକୁ ସାଧାରଣରେ ଦାବି ହୋଇଛି। ଏ ଦିଗରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ପଚାରିବାରେ ବ୍ରହ୍ମବରଦା ସାପ୍ତାହିକ ହାଟ ଆରମ୍ଭ କରାଯାଇଥିବା ବେଳେ ଲୋକମାନଙ୍କୁ କଟକଣା ମାନିବା ପାଇଁ କୁହାଯାଇଛି। ପ୍ରଶାସନ ପକ୍ଷରୁ ମଧ ହାଟ ଉପରେ ନଜର ରଖାଯାଉଛି। ରସୁଲପୁର ବ୍ଲକ ଅଞ୍ଚଳରେ ଥିବା ହାଟଗୁଡିକ ଚାଲିବା ଉପରେ ପୁନଃବିଚାର କରାଯିବ ବୋଲି କହିଛନ୍ତି।

# ବ୍ରହ୍ମବରଦାରେ ଏସ୍‌ପିଙ୍କ ସମୀକ୍ଷା

ରସୁଲପୁର,୨।୪(ଡି.ଏନ.ଏ.)

କରୋନା ପାଇଁ ସାରାଦେଶର ଲୋକେ ଗୃହ ବନ୍ଦୀ ହୋଇ ରହିଛନ୍ତି। ମାତ୍ର ଏହାରି ଭିତରେ ଦିଲ୍ଲୀ ନିଜାମୁଦ୍ଦିନସ୍ଥିତ ମୁସଲିମ ଧର୍ମ ସମ୍ମିଳନୀ କରୋନା ରୋଗର ଭୟବହତାକୁ ବଢାଇ ଦେଇଛି। ଏବେ ଏହି ସମ୍ମିଳନୀରେ ଯୋଗଦେଇଥିବା ମୌଲବୀ, ଭକ୍ତଙ୍କୁ ଖୋଜା ଚାଲିଛି। ଏହାକୁ ନେଇ ଚାରିଆଡେ ଚର୍ଚ୍ଚା ଲାଗି ରହିଥିବାବେଳେ ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଅଞ୍ଚଳ ଏଥିରେ ସାମିଲ ହୋଇଛି।



ବ୍ରହ୍ମବରଦାରେ ସ୍ଥିତି ସମୀକ୍ଷା କରୁଛନ୍ତି ଏସ୍‌ପି।

ଅଦ୍ୟାବଧି ସମଗ୍ର ଜିଲାରେ ୪ଜଣ ନିଜାମୁଦ୍ଦିନ ଫେରନ୍ତାଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଏଥିରେ ବ୍ରହ୍ମବରଦାରୁ ଦୁଇଜଣ ଅଛନ୍ତି। ଏହାକୁ ନେଇ ଉକ୍ତ ଅଞ୍ଚଳ ସମଗ୍ର ଦେଶରେ ଚର୍ଚ୍ଚାକୁ ଆସିଛି। ନିଜାମୁଦ୍ଦିନ ଫେରାନ୍ତଙ୍କୁ ନେଇ ଯାଜପୁର ଜିଲା ପ୍ରଶାସନର ନିଦ ହଜିଯାଇଛି। ଗୁରୁବାର ଅପରାହ୍ନ ସାଢେ ୧୨ଟାରେ ଯାଜପୁର ଏସ୍‌ପି ଚରଣ ସିଂ ମୀନା ବ୍ରହ୍ମବରଦା ଅଞ୍ଚଳରେ ପହଞ୍ଚି ଘଟଣାର ସମୀକ୍ଷା କରି ଫେରିଛନ୍ତି। ଏସ୍‌ପି ମୀନା ବ୍ରହ୍ମବରଦାରଠାରେ ପ୍ରାୟତଃ ୧ ଘଣ୍ଟା ରହିଥିଲେ। ଏହି ଅବଧି ମଧ୍ୟରେ ଏସ୍‌ପିଙ୍କ ସହ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା, ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ, ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ଉପସ୍ଥିତ ଥିଲେ। ଏସ୍‌ପି ବଡ଼ବଜାରଠାରୁ ଆରମ୍ଭ କରି ସମଗ୍ର ଅଞ୍ଚଳ ବୁଲିବା ପରେ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଅଞ୍ଚଳରେ ଲକଡାଉନ କଡ଼ାକଡ଼ି ପାଳନ କରାଯିବା ସହ ବିଦେଶ ଓ ରାଜ୍ୟ ବାହାର ଫେରନ୍ତାଙ୍କ ଉପରେ ତୀକ୍ଷ୍ଣ ନଜର ଦେବାକୁ କୁହାଯାଇଛି। ଯେପରି ଏଠାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହୁଏ ସେ ଦିଗରେ ପୋଲିସ ବିଶେଷ ଧ୍ୟାନ ଦେବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।

# ହାତ ବାନ୍ଧି ବସିଛନ୍ତି କୁଟୀର ଶିଳ୍ପୀ

**ଲକ୍‌ଡାଉନ୍ ପ୍ରଭାବ**

- ରୋଜଗାର ହରାଇଛନ୍ତି କତା, ନାଳିଆ, ବାଉଁଶ ଓ କାଇଁଚ କାରିଗର
- ବଜାର ବନ୍ଦ ଯୋଗୁ ବିକ୍ରି ହୋଇପାରୁନି ପୂର୍ବ ଉତ୍ପାଦିତ ସାମଗ୍ରୀ

କେନ୍ଦ୍ରାପଡ଼ା ଅଫିସ୍, ୨।୪

କରୋନା ସଂକ୍ରମଣ ରୋକିବା ପାଇଁ ୨୧ ଦିନିଆ ତାଲାବନ୍ଦର ପ୍ରଭାବ କେନ୍ଦ୍ରାପଡା ଜିଲାରେ ପଡିଛି। ଅନ୍ତର୍ଜାତୀୟସ୍ତରରେ ସୁନାମ ଥିବା କାଇଁଚ ଶିଳ୍ପଠାରୁ ଆରମ୍ଭ କରି ମାଟି ଶିଳ୍ପ କାରିଗରମାନେ ବଜାର ଅଭାବରୁ ହାତବାନ୍ଧି ଘରେ ବସିଛନ୍ତି। ଆଗାମୀ ଦିନରେ କୁଟିର ଶିଳ୍ପ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି କାରିଗରମାନେ ମତ ଦେଇଛନ୍ତି। କାଇଁଚ ଶିଳ୍ପ କାରିଗରି ପାଇଁ କେନ୍ଦ୍ରାପଡା ବ୍ଲକର ବାରୋ ଗ୍ରାମ ଜିଲା ଓ ଜିଲା ବାହାରେ ବେଶ୍ ସୁନାମ ଅର୍ଜନ କରିଛି। ଏଠାରୁ ଉତ୍ପାଦିତ ସାମଗ୍ରୀ ଦେଶ ବିଦେଶରେ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରି ହେଉଥିଲା। ଏପରି କି ଜିଲା ପ୍ରଶାସନ ପକ୍ଷରୁ ନିକଟରେ ଜଜାଙ୍ଗଠାରେ କାଇଁଚ ଶିଳ୍ପ କ୍ଲଷ୍ଟର ଖୋଲାଯାଇଛି। ତେବେ କେନ୍ଦ୍ରାପଡା ଜିଲା ସୀମା ସିଲ୍ ସହ ତାଲା ବନ୍ଦ ଯୋଗୁ ଏହି କ୍ଲଷ୍ଟର ଏବେ ବନ୍ଦ ରହିଛି। ଫଳରେ ଶିଳ୍ପୀଙ୍କ ଉତ୍ପାଦ ବିକ୍ରି ନ ହୋଇ ପଡି ରହିଥିବା ଜଜାଙ୍ଗ ଗ୍ରାମର କାରିଗର ଶାନ୍ତିଲତା ସାମଲ କହିଛନ୍ତି। ସେ କହିଛନ୍ତି ଯେ, କାଇଁଚ ଶିଳ୍ପ କ୍ଲଷ୍ଟର ଯୋଗୁ ୫ ଶହରୁ ଊର୍ଦ୍ଧ୍ୱ ମହିଳା ସ୍ୱାବଲମ୍ବୀ ହୋଇ ପାରୁଥିଲେ। କାଇଁଚ ଉତ୍ପାଦ ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇଛି। ତେବେ ତାଲାବନ୍ଦ ଯୋଗୁ କାଇଁଚ ଉତ୍ପାଦ ବନ୍ଦ କରାଯାଇଥିବା ବେଳେ ପୂର୍ବରୁ ତିଆରି ସାମଗ୍ରୀ ବଜାରକୁ ଯାଇ ପାରୁନାହିଁ। ପ୍ରାୟ ୧୦ ଲକ୍ଷ ଟଙ୍କାର ଉତ୍ପାଦ ବିକ୍ରି ନ ହୋଇ ପଡିରହିଛି। ଫଳରେ ଶିଳ୍ପୀମାନେ ଏବେ ସଞ୍ଚିତ ଅର୍ଥରେ ପରିବାର ପ୍ରତିପୋଷଣ କରୁଛନ୍ତି। ଆଗାମୀ ଦିନରେ କାରିଗରମାନେ ଆହୁରି ଅସୁବିଧା ଭୋଗିବେ ବୋଲି ସେ ମତ ଦେଇଛନ୍ତି।

ସେହିପରି ମାର୍ଶାଘାଇ ବ୍ଲକ ତିଖିରୀ ଗ୍ରାମର ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ବାଉଁଶ କାରିଗରିରେ ସିଦ୍ଧହସ୍ତ। ମୁଖ୍ୟ ଉପାଦାନ ବାଉଁଶ ଏବେ ସଂଗ୍ରହ କରି ହେଉ ନ ଥିବା ଏସ୍‌ଏଚ୍‌ଜି ସଦସ୍ୟା ଉଷାରାଣୀ ବେହେରା କହିଛନ୍ତି। ସେ କହିଛନ୍ତି ଯେ, କରୋନା ଭୂତାଣୁ ସଂକ୍ରମଣ ପାଇଁ ଗୋଷ୍ଠୀ ସଦସ୍ୟାମାନେ ମିଳିତ ଭାବେ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ତାଲାବନ୍ଦ ଯୋଗୁ ଘରେ ରହୁଥିଲେ ମଧ୍ୟ ବାଉଁଶ ନ ଥିବାରୁ ଏଥିରୁ ଉତ୍ପାଦିତ ସାମଗ୍ରୀ ତିଆରି କରିହେଉନାହିଁ। ରାଜ୍ୟ ଓ କେନ୍ଦ୍ର ସରକାର ଏ ନେଇ ଚିନ୍ତା କରିବା ଆବଶ୍ୟକ ହୋଇଛି। ପ୍ରତି ପରିବାରକୁ ଆଗାମୀ ୩ ମାସ ପାଇଁ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଯୋଗାଇ ଦେଲେ ବାଉଁଶ ଶିଳ୍ପ ବଞ୍ଚିରହିବ ବୋଲି ସେ ମତ ଦେଇଛନ୍ତି। ଡେରାବିଶ ବ୍ଲକ ମନ୍ତ୍ରୀପଡ଼ାର ସଖୀ କଣ୍ଢେଇ, ପାଲକଣାର ଗୋପାଳିଆ (ସୂତା କଣ୍ଢେଇ) ପ୍ରଦର୍ଶନୀ ଖରାଦିନେ ସାରା ଜିଲାରେ ଅନୁଷ୍ଠିତ ହୋଇଥାଏ। ତେବେ ଏହାର ଶିଳ୍ପୀ ଓ କଳାକାରମାନେ ତାଲାବନ୍ଦ ଯୋଗୁ ଘରେ ରହିଛନ୍ତି। କରୋନା ଭୂତାଣୁ ସଂକ୍ରମଣ ସେମାନଙ୍କ ରୋଜଗାର ବନ୍ଦ କରିଥିବା ମନ୍ତ୍ରୀପଡ଼ାର କଳାକାର ପ୍ରଫୁଲ୍ଲ ସିଂହ କହିଛନ୍ତି। ସେ କୁହନ୍ତି ଯେ, ରୋଜଗାର ସାମୟିକ ଭାବେ ବନ୍ଦ ହୋଇଥିଲେ ମଧ୍ୟ ଜୀବନ ବଞ୍ଚାଇବା ଏବେ ପ୍ରାଥମିକ ଦାୟିତ୍ୱ ହୋଇଛି। ସେହିପରି ମାଟି କାରିଗର, କତାଶିଳ୍ପ, ନାଳିଆ ଘାସ ଶିଳ୍ପ କାରିଗରମାନେ ତାଲାବନ୍ଦ ପାଇଁ ଘରେ ରହିଥିବାରୁ ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ଥିବା କହିଛନ୍ତି।



ଜଜାଙ୍ଗ ଗ୍ରାମରେ ଜଣେ ମହିଳାଙ୍କ ଦ୍ୱାରା କାଇଁଚରେ ତିଆରି ହୋଇଥିବା ବିଭିନ୍ନ ସାମଗ୍ରୀ।

## ଲକ୍‌ଡାଉନ୍ ସମୟରେ ସାମ୍ବାଦିକଙ୍କୁ ସହାୟତା ଦାବି

### ଉତ୍କଳ ସାମ୍ବାଦିକ ସଂଘର ଦାବିପତ୍ର ପ୍ରଦାନ

**ଯାଜପୁର ଅଫିସ,୨।୪:** କରୋନା ସଂକ୍ରମଣ ଭଳି ସମ୍ବେଦନଶୀଳ ପରିସ୍ଥିତିରେ ସାମ୍ବାଦିକମାନେ ନିରବଚ୍ଛିନ୍ନ ଭାବେ ସେବା ପ୍ରଦାନ କରି ଆସୁଛନ୍ତି। ତେଣୁ ପେସାଦାର ସାମ୍ବାଦିକମାନଙ୍କୁ ସରକାରୀ ଯୋଜନାରେ ତାଲିକାଭୁକ୍ତ କରିବା ପାଇଁ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖା ପକ୍ଷରୁ ଦାବି ହୋଇଛି। ଏହିମର୍ମରେ ସଂଘର ଜିଲା ସଭାପତି ହରିହର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ୫୦ ଲକ୍ଷ ଟଙ୍କାର ଜୀବନ ବୀମା ଓ ଲକଡାଉନ ସମୟରେ ମାସକୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଦାବି କରାଯାଇଛି। ଉକ୍ତ ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ରବିନାରାୟଣ କର, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଉପସଭାପତି ପୀତବାସ ଭୂୟାଁ, ପ୍ରିୟରଞ୍ଜନ କର ପ୍ରମୁଖ ସାମିଲ ହୋଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଭତ୍ତା ଟଙ୍କା ଦାନ

**ରାଜନଗର, ୨।୪ (ଡି.ଏନ.ଏ.):** କରୋନା ମହାମାରୀ ଭଳି ମାଡି ଚାଲିଛି। ବିପର୍ଯ୍ୟୟ ସମୟରେ ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ ବ୍ୟକ୍ତି ଓ କମ୍ପାନୀ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରୁଛନ୍ତି। ଏଭଳି ସମୟରେ ରାଜନଗର ବ୍ଲକର ଜଣେ ୭୯ବର୍ଷର ବ୍ୟକ୍ତି ନିଜେ ସଞ୍ଚୟ କରି ରଖିଥିବା ୪୫୦୦ ଭତ୍ତା ଟଙ୍କାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ଖମାରସାହି ପଞ୍ଚାୟତ ନଳିତାପାଟିଆ ଗାଁର ମୁରଲୀଧର ନାୟକ ଗୁରୁବାର ରାଜନଗର ବ୍ଲକ କାର୍ଯ୍ୟାଳୟରେ ବିଡିଓ ମନ୍ଦରଧର ମହାଲିକଙ୍କୁ ଭେଟି ଭତ୍ତା ଟଙ୍କା ପ୍ରଦାନ କରିଛନ୍ତି। ଦେଶର ହିତପାଇଁ ସେ ଏହି ଅର୍ଥ ଦାନ କରିଥିବା କହିଛନ୍ତି। ଏହି ସମୟରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳଧର ବେହେରା, କନିଷ୍ଠ ଯନ୍ତ୍ରୀ ଦେବ ରଞ୍ଜନ ବେହେରା ଓ ତାଙ୍କ ପୁଅ ରାମଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।



ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରୁଛନ୍ତି।

## ଲକ୍‌ଡାଉନ ସମୟରେ ଇଟାଭାଟିରେ ୩୦ ଶ୍ରମିକ

**ରାଜନଗର,୨।୪(ଡି.ଏନ.ଏ.):** କରୋନା ମୁକାବିଲା ପାଇଁ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ କୌଣସି ନିର୍ମାଣ କାର୍ଯ୍ୟ ହେବ ନାହିଁ ବୋଲି ସରକାର କଡାକଡି ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହି ନିର୍ଦ୍ଦେଶକୁ ଅମାନ୍ୟ କରି ରାଜନଗର ଅଞ୍ଚଳର ଏକ ଇଟାଭାଟିରେ ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ କାମ କରୁଛନ୍ତି। ଉହଡହ ଖରାରେ ଦିନ ୧ଟା ବେଳେ କାମ ଜାରି ରହିଥିଲା। ଖବରପାଇ ରାଜନଗର ତହସିଲଦାର ଭୋଳାନାଥ ସେଠୀ ଘଟଣାସ୍ଥଳରେ ପହଞ୍ଚି କାମ ବନ୍ଦ କରିଛନ୍ତି। ତହସିଲଦାରଙ୍କୁ ଦେଖି କାମ କରୁଥିବା ଶ୍ରମିକ ଦୌଡି ପଳାଇଥିଲେ। ସୂଚନା ମୁତାବକ ରାଜନଗର ବ୍ଲକ ଭୀମସୀନଗର ଗାଁର ଜଣେ ବ୍ୟକ୍ତି ବେଆଇନ ଭାବେ ରାସ୍ତାକଡରେ ଇଟା ତିଆରି କରୁଛନ୍ତି। ଏଥିଲାଗି ସେ ତହସିଲରୁ ଅନୁମତି ଆଣିନାହାନ୍ତି। ଇଟା ପୋଡିବା ପାଇଁ ଗୁରୁବାର ଭାଟିରେ ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ ଇଟା ଲଦୁଥିଲେ। ସାମାଜିକ ଦୂରତ୍ୱ ନିୟମ ନ ମାନି କାମ ଜାରି ରହିଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ତହସିଲଦାର ଘଟଣାସ୍ଥଳରେ ପହଞ୍ଚିଥିଲେ। କାମ ବନ୍ଦ କରି ଆସିଛୁ। ସେ ଇଟା ପୋଡିବା ପାଇଁ କୌଣସି ଅନୁମତି ନେଇ ନାହାନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ସେଠୀ କହିଛନ୍ତି।

## ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର: ବହୁ ଅବ୍ୟବସ୍ଥା

**ବିରିଡ଼ି, ୨।୪ (ଡି.ଏନ୍.ଏ.):** ସବୁ ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ସହ କରୋନା ସନ୍ଦିଗ୍ଧଙ୍କୁ ସେଠାରେ ରଖାଯାଇ ଚିକିତ୍ସା କରାଯିବା ସକାଶେ ପ୍ରତି ପଞ୍ଚାୟତକୁ ୫ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ବିରିଡ଼ି ବ୍ଲକ ଅଧୀନ ୨୧ ପଞ୍ଚାୟତରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥିବା ବେଳେ ବୁଧବାର ଜଗତ୍‌ସିଂହପର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ସେଗୁଡ଼ିକ ଅନୁଧ୍ୟାନ କରିଛନ୍ତି। ଅତିରିକ୍ତ ଜିଲାପାଳ ବଡମୀରା ପଞ୍ଚାୟତସ୍ଥିତ କାଳିଆବୁଦା ବିଦ୍ୟାନିକେତନଠାରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାରେ ପୁରୁଣା ବେଡ୍‌ଶିଟ୍, ପୁରୁଣା ତକିଆ ଓ ପୁରୁଣା ଗଦି ପଡ଼ିଥିବା ଦେଖିଥିଲେ। ଏଥିସହ ୨୪ ଘଣ୍ଟିଆ ଆଲୋକ, ପଙ୍ଖା ଓ ଆକ୍ୱାଗାର୍ଡ ନ ଥିବା ବେଳେ ଘରଗୁଡ଼ିକ ବିଶୋଧନ କରାଯାଇ ନ ଥିବା ଦେଖିଥିଲେ। ତେବେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବା ସହ ସରକାରୀ ନିୟମାନୁସାରେ କାର୍ଯ୍ୟ କରିବାକୁ ଦାବି କରିଥିଲେ। ତେବେ ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବା ପାଇଁ ବରିଡ଼ି ବିଡିଓଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଉକ୍ତ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାନା ଅବ୍ୟବସ୍ଥା ଥିବା ଜଣାପଡ଼ିଛି।

## ଗୋଟିଏ ଦିନ ବସିବ ସାପ୍ତାହିକ ହାଟ

**ଏରସମା, ୨।୪ (ସ୍ୱ.ପ୍ର.):** କରୋନା ଭୂତାଣୁ ପ୍ରତିହତ ପାଇଁ ଦେଶ ଲକ୍‌ଡାଉନ୍ କରାଯିବା ସହ ନିହାତି ଆବଶ୍ୟକ ନ ଥିଲେ ଘରୁ ନ ବାହାରିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ବିଭିନ୍ନ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ କେତେକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଏରସମା ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ଚାଲିଥିବା ସାପ୍ତାହିକ ହାଟ ୨ ଦିନ ପରିବର୍ତ୍ତେ ଗୋଟିଏ ଦିନ ବସିବ ବୋଲି ବ୍ଲକ ପ୍ରଶାସନ ନିଷ୍ପତ୍ତି ନେଇଛି। ବିଶେଷକରି କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର କୋଠି ନିମୋଳ, ପଏଦା ପଞ୍ଚାୟତର ଚମ୍ପାହାଟ, ଆମ୍ବିକି ପଞ୍ଚାୟତର ଆମ୍ବିକି, ପଦ୍ମପୁର ପଞ୍ଚାୟତର ଓଲରା, ସୋମପୁର ପଞ୍ଚାୟତର ଘୋଡାଡିଆଁ, ନାରଦିଆ ପଞ୍ଚାୟତର ପଞ୍ଚପଲୀ, ଗୋଡା, କୁଞ୍ଜକୋଠି ପଞ୍ଚାୟତର ଖୁରାଣ୍ଟ, ବାଲିତୁଠ ଓ ଏରସମା ହାଟ ସପ୍ତାହରେ ୨ ଦିନ ବସିବା ଉପରେ ପ୍ରଶାସନ ପକ୍ଷରୁ ରୋକ ଲଗାଯାଇଛି। ସେହି ହାଟଗୁଡ଼ିକ ଗୋଟିଏ ଦିନ ବସିବ। ଏଥିସହିତ ଉଠା ବ୍ୟବସାୟୀମାନେ ହାଟ ପଡିଆରେ ନ ବସି ସାମାଜିକ ଦୂରତା ରକ୍ଷା କରି ଭିନ୍ନ ଭିନ୍ନ ଜାଗାରେ ବସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ଏରସମା ତହସିଲଦାର ଚିତ୍ତରଞ୍ଜନ ମହାନ୍ତଙ୍କୁ ପଚାରିବାରେ କରୋନା ସଂକ୍ରମଣ ଯେଉଁଭଳି ଭାବେ ବଢିଚାଲିଛି, ତାକୁ ଦୃଷ୍ଟିରେ ରଖି ହାଟରେ ଗହଳି ରୋକିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ହାଟ ଗୋଟିଏ ଦିନ ବସିବ ନିଷ୍ପତ୍ତି ହୋଇଛି ବୋଲି କହିଛନ୍ତି।

## ସୀମା ସିଲ୍‌କୁ ଭାଙ୍ଗିଦେଲେ ଦୁର୍ବୃତ୍ତ

**ବରୀ,୨।୪(ସ୍ୱ.ପ୍ର.):** କରୋନା ସଂକ୍ରମଣ ରୋକିବା ପାଇଁ ଯାଜପୁର ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବରୀ ବ୍ଲକ ପ୍ରଶାସନ ସୋମବାର ଅପରାହ୍ନରେ ଯାଜପୁର-କେନ୍ଦ୍ରାପଡ଼ା ଜିଲାର ସୀମାନ୍ତକୁ ସିଲ କରିଥିଲା। ମାତ୍ର ଇନ୍ଦୁପୁର-ଗମ୍ଭୁ ନିକଟରେ ହୋଇଥିବା ସୀମା ସିଲକୁ ଗୁରୁବାର କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ବରୀ ପୋଲିସ ସୂଚନା ଦେଇଛି। ପୂର୍ନବାର ସ୍ଥାନୀୟ ଲୋକ ଓ ପୋଲିସ ସହ ଯୋଗରେ ବାଡ଼ା ବନ୍ଧା ଯାଇଛି। ଏହି ସୀମାରେ ଜଣେ କନଷ୍ଟେବଲ ଓ ଜଣେ ହୋମଗାର୍ଡ କାର୍ଯ୍ୟରତ ଥିଲାବେଳ ଏମାନଙ୍କ ଅନୁପସ୍ଥିତିରେ ବାଉଁଶ ବାଡା ଭଙ୍ଗାଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି। ପୋଲିସକୁ ସହଯୋଗ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ହାଟ ଗୋଟିଏ ଦିନ ବସିବ ନିଷ୍ପତ୍ତି ହୋଇଛି ବୋଲି କହିଛନ୍ତି।



ବିରିଡ଼ି ହାଟରେ ସାମାଜିକ ଦୂରତା ରକ୍ଷା କରାଯାଇନାହିଁ।

## ବିରିଡ଼ି ହାଟରେ ସାମାଜିକ ଦୂରତା ରହିଲାନି

**ବାଲିଆ,୨।୪:** ଗୁରୁବାର ସକାଳୁ ବିରିଡି ବ୍ଲକର ସାପ୍ତାହିକ ହାଟ ହୋଇଥିବେଳେ ପ୍ରବଳ ଜନଗହଳୀ ଦେଖିବାକୁ ମିଳିଥିଲା। କରୋନା କଟକଣା ସତ୍ତ୍ୱେ କେହି ସାମାଜିକ ଦୂରତା ଅବଲମ୍ବନ କରି ନ ଥିଲେ। ବିରିଡ଼ି ପୋଲିସ ଲୋକଙ୍କୁ ପରିବା କିଣିବା ବେଳେ ସାମାଜିକ ଦୂରତା ରକ୍ଷା କରିବାକୁ ବୁଝାଉଥିଲେ ମଧ୍ୟ ଲୋକମାନେ ମାନୁ ନ ଥିବା ଦୃଶ୍ୟ ବେଶ ଚକିତ କରିଥିଲା। ଅନ୍ୟପଟେ ଏହି ହାଟରେ ଏତେ ଜନଗହଳିକୁ ପୋଲିସ ପକ୍ଷରୁ ନିୟନ୍ତ୍ରଣ ପାଇଁ ପ୍ରଚେଷ୍ଟା କରାଯାଇଥିଲେ ମଧ୍ୟ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ବ୍ଲକ, ତହସିଲ ପ୍ରଶାସନ କିମ୍ବା ବଜାର ନିୟନ୍ତ୍ରଣ କମିଟି କର୍ମକର୍ତ୍ତାଙ୍କ ଦେଖା ମିଳି ନ ଥିଲା। ଏନେଇ ବିଡିଓ ଏବଂ ତହସିଲଦାରଙ୍କ ମତାମତ ମିଳି ପାରିନାହିଁ।

## ଆଇସୋଲେଶନରେ ୨ ସନ୍ଦିଗ୍ଧ

**ଏରସମା, ୨।୪ (ସ୍ୱ.ପ୍ର.):** ଏରସମା ବ୍ଲକ ଅଧୀନ ଆମ୍ବିକି ପଞ୍ଚାୟତ ଅଞ୍ଚଳର ୨ଜଣଙ୍କୁ ବୁଧବାର ରାତିରୁ ଆଇସୋଲେଶନରେ ରଖାଯାଇଛି। ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମୀୟ ସ୍ୱାଇଁ, ଏରସମା ଥାନାଧିକାରୀ ପ୍ରଶାନ୍ତ କୁମାର ମାଝି ସମ୍ପୃକ୍ତ ବ୍ୟକ୍ତି ଦ୍ୱୟଙ୍କ ଘରକୁ ଯାଇ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଫେରିଛନ୍ତି। ଏ ସମ୍ପର୍କରେ ଡା. ସ୍ୱାଇଁଙ୍କୁ ପଚାରିବାରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେମାନଙ୍କ ଶରୀରରେ କରୋନା ଭୂତାଣୁ ଲକ୍ଷଣ ନ ଥିବା ଦେଖାଯାଇଛି। ତେବେ ଉଭୟଙ୍କୁ ଆଇସୋଲେଶନରେ ରଖାଯାଇଛି।

## ଗାଁ ପରିବେଶ ସୁଧାରିଲେ ଯୁବଗୋଷ୍ଠୀ

ମାର୍ଶାଘାଇ,୨।୪ (ଡି.ଏନ.ଏ.)

ଲକ୍‌ଡାଉନର ପ୍ରଭାବରେ ପ୍ରାୟତଃ ଲୋକମାନେ ଘରୁ ବାହାରୁ ନାହାନ୍ତି। କେନ୍ଦ୍ରାପଡା ଜିଲା ମାର୍ଶାଘାଇ ପଞ୍ଚାୟତ ତୁଳସୀପୁର ଗ୍ରାମବାସୀଙ୍କ ପାଇଁ ସତେଯେପରି ଏହା ଏକ ସୁଯୋଗ ଆଣିଦେଇଛି। ଗ୍ରାମର ଯୁବଗୋଷ୍ଠୀ ଗାଁ ପରିବେଶ ସୁଧାରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

ଗ୍ରାମରେ ତିନୋଟି ୱାର୍ଡକୁ ନେଇ ଏକ ରାଜସ୍ୱ ଗ୍ରାମ ହୋଇଥିବା ବେଳେ ପ୍ରାୟ ୨ହଜାର ଲୋକ ବାସ କରୁଛନ୍ତି। ହାତଗଣତି କେତେଜଣକୁ ଛାଡିଦେଲେ ଅନ୍ୟମାନେ ଛୋଟ ଛୋଟ ବ୍ୟବସାୟ କରିବା ସହିତ ଦିନ ମଜୁରିଆ ଓ କୃଷିଜୀବୀ ଭାବେ ଜୀବନଯାପନ କରୁଛନ୍ତି। ଗାଁରେ ୭ଟି ନଳକୂପ ରହିଥିବା ବେଳେ ସେଥିରେ ଶୋକପିଟ ନ ହୋଇ ନଳକୂପର ଅବ୍ୟବହୃତ ପାଣି ରାସ୍ତାରେ ଲହଡି ମାରୁଛି। ଡ୍ରେନ ବ୍ୟବସ୍ଥା ନ ଥିବାରୁ ଗାଁ ଦାଣ୍ଡର ପାଣି ରାସ୍ତାରେ ଜମି ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ଏପରିସ୍ଥଳେ କରୋନା ସଚେତନତା ପ୍ରଭାବରେ ଗାଁର ଲୋକମାନେ କେହି କୁଆଡେ ନ ଯାଇ ଗାଁ ପରିବେଶ ସୁଧାରିବାକୁ ମନ ବଳାଇଥିଲେ। ଗ୍ରାମରେ ଯୁବକମାନେ ସାମାଜିକ ଦୂରତ୍ୱ ବଜାୟ ରଖି ନଳକୂପ ଜଳ ନିଷ୍କାସନ ପାଇଁ ଅସ୍ଥାୟୀ ଡ୍ରେନ ଖୋଳିଥିଲେ। ଗାଁ ଦାଣ୍ଡର ଜଳ ନିଷ୍କାସନ ବ୍ୟବସ୍ଥା ମଧ୍ୟ କରିଥିଲେ। ସେହିପରି କେନାଲବନ୍ଧର ଅପରିଷ୍କାର ପରିବେଶକୁ ସୁଧାରିବା ପାଇଁ ଯୁବକମାନେ ଅନାବନା ଗଛକୁ କୋଦାଳ ଓ ଫାଉଡା ସାହାଯ୍ୟରେ ସଫା କରିଥିଲେ। ଯୁବକମାନଙ୍କ ଏହି ପ୍ରୟାସ ଯୋଗୁ ଅବହେଳିତ ଗାଁ ତୁଳସୀପୁର ଏକ ଆଦର୍ଶ ଗ୍ରାମରେ ପରିଣତ ହେବାକୁଯାଉଥିବା ଏଠାରେ ଆଲୋଚନା ହେଉଛି।

## କଡ଼ାକଡ଼ି ହେଲା ଲକ୍‌ଡାଉନ ନିୟମ

**ମାର୍ଶାଘାଇ,୨।୪(ଡି.ଏନ.ଏ.):** ଦେଶରେ କୋରୋନା ମୃତ୍ୟୁ ସଂଖ୍ୟା ବଢି ଚାଲିଛି। ଏହାର ଭୟାବହତା ଏବେ କେନ୍ଦ୍ରାପଡା ଜିଲାରେ ଦେଖାଦେଇଛି। ଜିଲାକୁ ବିଭିନ୍ନ ରାଜ୍ୟ ଓ ବିଦେଶରୁ ଆସିଥିବା ଲୋକଙ୍କ ସଂଖ୍ୟା ଉଦ୍‌ବେଗଜନକ ହୋଇଥିବାରୁ ପ୍ରଶାସନିକ କଟକଣା କଡାକଡି ହୋଇଛି। କେନ୍ଦ୍ରର ଘୋଷଣା ପରେ ଲକ୍‌ଡାଉନ ୧୪ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିଛି। ତେବେ ଏହି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହୁଥିବା ବେଳେ ବୁଧବାରଠାରୁ କଟକଣାକୁ ବଢାଇ ଦିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେବଳ ଔଷଧ ଦୋକାନକୁ ବାଦ ଦେଲେ ଅନ୍ୟ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ୧୪ ତାରିଖ ପର୍ଯ୍ୟନ୍ତ ସକାଳ ୬ଘଟିକା ଠାରୁ ଦିନ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିମଧ୍ୟରେ ସମସ୍ତ ୪ ଚକିଆ ଓ ଦୁଇଚକିଆ ଯାନକୁ ବାରଣ କରାଯାଇଛି। ଜରୁରୀ ସାମଗ୍ରୀ କିଣିବାକୁ ଚାଲିଚାଲି ଆସିବା ସହିତ ସାମାଜିକ ଦୂରତା ପାଳନ କରିବାକୁ ପ୍ରଶାସନ ତରଫରୁ ନିବେଦନ କରାଯାଇଛି। ଏଥିନେଇ ବିଭିନ୍ନ ଥାନାକୁ ନିର୍ଦ୍ଦେଶ ଦେବା ପରେ ପୋଲିସ ପ୍ରଶାସନର ଅଧିକାରୀମାନେ ନିୟମ କଡାକଡି ପାଳନ କରୁଥିବା ଦେଖିବାକୁ ମିଳିଛି।

**କରୋନା ସଂକ୍ରମଣଜନିତ ସ୍ଥିତି ସମୀକ୍ଷା କଲେ ଜିଲାପାଳ**

# ଆଜିଠୁ ଲକ୍‌ଡାଉନ୍ କଡ଼ାକଡ଼ି

- ସକାଳ ୬ରୁ ୧୧ ପର୍ଯ୍ୟନ୍ତ ଖୋଲିବ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ
- ପୋଷ୍ଟ ଅଫିସ ଛକରୁ ୧୦ନମ୍ବର ଓ ଏସ୍‌ଭିଏମ୍ କଲେଜ ପରିସରରେ ହେବ ହାଟ

ଜଗତ୍‌ସିଂହପୁର ଅଫିସ,୨।୪

କରୋନା ଭୂତାଣୁ ପାଇଁ ଲକ୍‌ଡାଉନ୍ ନିୟମ କାର୍ଯ୍ୟକାରୀ ହେବା ସତ୍ତ୍ୱେ କେତେଜଣ ଲୋକ ଏହି ନିର୍ଦ୍ଦେଶକୁ ପାଳନ କରୁନାହାନ୍ତି। ଏନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କଠୋର ହୋଇଛନ୍ତି। ଶୁକ୍ରବାରଠାରୁ ଜିଲାରେ ଲକ୍‌ଡାଉନ୍ ନିୟମକୁ କଡାକଡି କରାଯିବାକୁ ନିଷ୍ପତ୍ତି ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲାପାଳ ପ୍ରଥମେ ଔଷଧ ସମେତ ମାଛ, ମାଂସ, ଫଳ, ପରିବା ଓ ତେଜରାତି ଦୋକାନ ଖୋଲା ରଖିବାକୁ ଘୋଷଣା କରିଥିଲେ। ପରେ ସକାଳ ୯ରୁ ମଧ୍ୟାହ୍ନ ୧୨ ଓ ଅପରାହ୍ନ ୩ରୁ ୫ଟା ପର୍ଯ୍ୟନ୍ତ ଔଷଧକୁ ବାଦ୍ ଦେଇ ଏହିସବୁ ଦୋକାନ ଖୋଲିବ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏଣିକି ପ୍ରତ୍ୟହ ଫଳ, ପରିବା, ମାଛ, ମାଂସ ଓ ତେଜରାତି ଦୋକାନ ସକାଳ ୬ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଖୋଲାଯାଇ ପାରିବ ବୋଲି ଜିଲାପାଳ ଘୋଷଣା କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସୱାନ ଭିସି ରୁମରେ ଜିଲାର ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂରେ କରୋନା ସଂକ୍ରମଣଜନିତ ସ୍ଥିତି ସମୀକ୍ଷା ବେଳେ ଜିଲାପାଳ ଏହା କହିଛନ୍ତି। ସେ କହିଥିଲେ, ସ୍ଥାନୀୟ ସୋମନାଥ ହାଟ ସପ୍ତାହରେ ଗୋଟିଏ ଦିନ କରାଯାଉଛି। କିନ୍ତୁ ଏହି ହାଟ ଏଣିକି ସାନବଜାରସ୍ଥିତ ପୋଷ୍ଟ ଅଫିସ ଛକରୁ ୧୦ ନମ୍ବର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା କେନାଲ ପାର୍ଶ୍ୱରେ ହେବ। ଏଥିସହ ସ୍ୱାମୀ ବିବେକାନନ୍ଦ ସ୍ମାରକୀ(ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମଧ୍ୟ ବ୍ୟବସାୟୀ ଓ ଚାଷୀ ବ୍ୟବସାୟ କରିପାରିବେ। ହାଟ ସମୟ ସକାଳ ୬ରୁ ପୂର୍ବାହ୍ନ ୧୧ଟା ରହିବ।

ଜିଲାର ଗ୍ରାମାଞ୍ଚଳରେ ୧ ତାରିଖ ସୁଦ୍ଧା ୧୬୯ଟି ପଞ୍ଚାୟତରେ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ହୋଇଛି। ପୌରାଞ୍ଚଳର ୪ କେନ୍ଦ୍ର କରାଯାଇଛି। ୧୬ ହଜାରରୁ ଅଧିକ ହିତାଧିକାରୀଙ୍କୁ ୧୧,୪୯୩.୮୨ କୁଇଣ୍ଟାଲ ଚାଉଳ ଓ ଗହମ ବଣ୍ଟନ ବ୍ୟବସ୍ଥା କରାଯାଇଛି। ହିତାଧିକାରୀ ପିଛା ୧ ହଜାର ଟଙ୍କା ପ୍ରଦାନ କରିବାକୁ କୁହାଯାଇଛି। ଜିଲାରେ ୮୨ ପଞ୍ଚାୟତର ୧,୯୬୯, ଜଗତ୍‌ସିଂହପୁର ଓ ପାରାଦୀପ ପୌରାଞ୍ଚଳରେ ୧,୧୫୯ ନିରାଶ୍ରୟ, ବୃଦ୍ଧାବୃଦ୍ଧଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ସାମାଜିକ ସୁରକ୍ଷା ଯୋଜନାରେ ୧,୦୪,୨୧୯ ହିତାଧିକାରୀଙ୍କୁ ୨୨ କୋଟି ୨୬ ଲକ୍ଷ ୫୨ ହଜାର ଟଙ୍କା ବଣ୍ଟନ କରାଯାଇଛି। ମୋଟ ଭତ୍ତାଧାରୀଙ୍କ ମଧ୍ୟରୁ ୭୭% ଲୋକଙ୍କୁ ଭତ୍ତା ପ୍ରଦାନ କରାଯାଇ ଥିବାବେଳେ ୫ ତାରିଖ ସୁଦ୍ଧା ଅବଶିଷ୍ଟଙ୍କୁ ଦେବାକୁ ବିଡିଓମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର ଅଭିଭାବକଙ୍କ ମଧ୍ୟରୁ ୭୫,୮୬୫ ଜଣଙ୍କୁ ସେମାନଙ୍କ ପିଲାଙ୍କ ମଧ୍ୟାହ୍ନଭୋଜନ ବାବଦ ଚାଉଳ କୁପନ ପ୍ରଦାନ କରାଯାଇଛି। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମରାମତି କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସମୂହ ପ୍ରାର୍ଥନା ଓ ନମାଜ ପାଠ ଉପରେ କଟକଣା କରାଯାଇଛି। କରୋନା ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ସରକାର ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏଥିସହ ବାହାରେ ବୁଲାବୁଲି ନ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ଯେପରି ଘରେ ରହିବା ସାଙ୍ଗକୁ ସଙ୍ଗରୋଧ ପାଇଁ ସଚେତନ ରହିବେ ସେନେଇ ବ୍ୟାପକ ପ୍ରଚାର କରାଯାଉଛି ବୋଲି ଜିଲାପାଳ କହିଛନ୍ତି।



ଭିଡିଓ କନ୍‌ଫରେନସିଂ ମାଧ୍ୟମରେ ଜିଲାପାଳ ସମୀକ୍ଷା କରୁଛନ୍ତି।

## ଶ୍ରୀରାମ ଜନ୍ମ ବିଧାନ ସମ୍ପନ୍ନ, ଜାନିଯାତ୍ରା ବନ୍ଦ



ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉ।

**ଓଡ଼ଗାଁ,୨।୪(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀରଘୁନାଥ ଜୀଉଙ୍କ ଗୁରୁବାର ଶ୍ରୀରାମ ନବମୀ ଉତ୍ସବରେ ଶ୍ରୀରାମ ଲାଲାଙ୍କ ଜନ୍ମ ବିଧାନ ସମ୍ପନ୍ନ ହୋଇଛି। ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ଅବକାଶ, ଖଟଣୀ, ବଲ୍ଲଭ ଭୋଗଲାଗି ପରେ ଶ୍ରୀଜୀଉଙ୍କୁ ସକାଳ ଖେଚୁଡ଼ି ଧୂପ ଲାଗି ହୋଇଥିଲା। ମଧ୍ୟାହ୍ନ ବେଳକୁ ମା' କୌଶଲ୍ୟାଙ୍କ ଗର୍ଭ ଶୂଳ ଠାରୁ ଆରମ୍ଭ କରି ଶ୍ରୀରାମଙ୍କ ନାଭି ଛେଦନ ପର୍ଯ୍ୟନ୍ତ ଜନ୍ମ କର୍ମ ପଣ୍ଡିତ, ପୁରୋହିତ ଓ ସେବାୟତଙ୍କ ଦ୍ୱାରା ସମାପନ ହୋଇଥିଲା। ବୈଦିକ ଓ ମନ୍ଦିର ପରମ୍ପରା ଅନୁସାରେ ହୋମ, ଯଜ୍ଞାଦି କର୍ମ ସହିତ ପ୍ରଭୁଙ୍କ ଆଗମନ ନିମନ୍ତେ ବେଦପାଠ କରାଯାଇଥିଲା। ପାଳିଆପଣ୍ଡା ପ୍ରଦ୍ୟୁମ୍ନ କୁମାର ଦାଶ, ପୁରୋହିତ ଶିବ ଷଡ଼ଙ୍ଗୀ, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡ଼ଙ୍ଗୀ କର୍ତ୍ତା ଓ ଅନ୍ୟ ସେବକ, ସୁଆରମାନେ ଜନ୍ମ କାର୍ଯ୍ୟରେ ସହଯୋଗ କରିଥିଲେ। କରୋନା କଟକଣା ହେତୁ ସେବକମାନେ ସାମାଜିକ ଦୂରତା ରକ୍ଷା କରିଥିବା ଦେଖିବାକୁ ମିଳିଥିଲା। ରାମନବମୀ ଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ମନ୍ଦିର ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ ରହିଥିଲା।

## ନାହିଁ ସଂକ୍ରମଣ ଭୟ
# ସେବା ଦେଇ ପାଉଛନ୍ତି ଆନନ୍ଦ

**ନୟାଗଡ଼ ଅଫିସ,୨।୪:** ଘାତକ କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଛି। ସଂକ୍ରମଣ ଆଶଙ୍କାରେ ଲୋକେ ଘରୁ ବାହାରୁ ନାହାନ୍ତି। ଏଭଳି ସମୟରେ ସାମାଜିକ ଦୂରତ୍ୱ ରକ୍ଷା କରି ଭୋକିଲା ପେଟକୁ ମୁଠାଏ ଦାନା ଯୋଗାଇ ଚାଲିଛନ୍ତି କିଛି ସାମାଜିକ କର୍ମୀ। କେହି ନିଜ ରୋଜଗାର ଅର୍ଥରେ ତ ଆଉ କେହି ସଂସ୍ଥା ମାଧ୍ୟମରେ ଅସହାୟ ଲୋକ, ଜୀବଜନ୍ତୁଙ୍କ ମୁହଁରେ ଦାନା ଯୋଗାଇବାକୁ ଆଗେଇ ଆସିଛନ୍ତି। ସେପରି କିଛି ଚରିତ୍ରକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନ।

### ପୁଅ ପାଇଁ ସଞ୍ଚିତ ଅର୍ଥ ଖର୍ଚ୍ଚ



ନୟାଗଡ଼ ପୁରୁଣା ସହରର ବିଭୂତି ଭୂଷଣ ପଟ୍ଟନାୟକ। ପୁଅର ପାଠପଢ଼ା ପାଇଁ ରଖିଥିଲେ ୧୫ ହଜାର ଟଙ୍କା। ୪ବର୍ଷର ଶିଶୁ କଦଳୀ ଖାଇବା ସମୟରେ କିଛିଦିନ ତଳେ ପ୍ରାଣ ହରାଇଲେ। ପୁଅର ପାଠପଢ଼ା ଟଙ୍କାକୁ ସେ ସଞ୍ଚୟ କରି ରଖିଥିଲେ। କରୋନାରେ ଖାଇବାକୁ ପାଉ ନ ଥିବା ଅସହାୟ, ଦରିଦ୍ର, ଭିକାରୀ ଓ ବିକୃତମସ୍ତିଷ୍କ ଲୋକଙ୍କ ଉଦ୍ଦେଶ୍ୟରେ ଖର୍ଚ୍ଚ କରୁଛନ୍ତି ଟଙ୍କା। ରେଡକ୍ରସ୍ ଭଲ୍ୟୁଣ୍ଟାରି ଫୋରମର ସଦସ୍ୟମାନଙ୍କ ସହଯୋଗରେ ସେ ଏହି କାର୍ଯ୍ୟ କରୁଛନ୍ତି। ସେ ପିଲାଟି ଦିନରୁ ଦୁଃଖୀ ଦରିଦ୍ରଙ୍କ ସେବା କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହା ପରେ ଆଉ ପଛକୁ ହଟିନାହାନ୍ତି। ଦାରିଦ୍ର୍ୟ ତାଙ୍କୁ ପଥ ଅବରୋଧ କରୁଥିଲେ ହେଁ ସେ ପରର ସେବା କରି ଖୁସି ଅନୁଭବ କରନ୍ତି।

### ସଚେତନତା ସହ ଜୀବଜନ୍ତୁ ପ୍ରୀତି



ନୂଆଗାଁ ବ୍ଲକ ଦୁର୍ଦ୍ଧୁରା ଗାଁର ସଞ୍ଜୟ କୁମାର ସାହୁ କରୋନା ସମ୍ପର୍କରେ ବ୍ଲକର ବିଭିନ୍ନ ଗାଁରେ ଲୋକଙ୍କୁ ସଚେତନ କରାଉଛନ୍ତି। କରୋନାର ଭୟାବହତା ଓ ଏଥିପାଇଁ କିପରି ସାମାଜିକ ଦୂରତ୍ୱ ରକ୍ଷା କରି ଘରେ ରହିବାକୁ ହୁଏ ସେ ନେଇ ବୁଝାଉଛନ୍ତି। ଲୋକଙ୍କୁ ହାତ ଧୋଇବାକୁ ସାବୁନ ଯୋଗାଇ ଦେଉଛନ୍ତି। କୁକୁର, ଗୋରୁଙ୍କୁ ନିଜସ୍ୱ ଖର୍ଚ୍ଚରେ ଖାଦ୍ୟ ଯୋଗାଉଛନ୍ତି। ପାରା, ଚଢ଼େଇଙ୍କୁ ମଧ୍ୟ ଖାଦ୍ୟ ଦେଉଛନ୍ତି। ପିଲାଟି ଦିନରୁ ଜୀବଜନ୍ତୁଙ୍କ ପ୍ରତି ଏଭଳି ପ୍ରୀତି ରହିଥିବା ସଞ୍ଜୟ କହିଛନ୍ତି।

### ଅସହାୟଙ୍କ ଆଶ୍ରା ପାଲଟିଛନ୍ତି



ଅସହାୟଙ୍କ ଆଶ୍ରା ପାଲଟିଛନ୍ତି ରବିଗାଡିଆର ସତ୍ୟବାଦୀ ସ୍ୱାଇଁ। କରୋନା ସମୟରେ ନିଜର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ପ୍ରତିଦିନ ୫୦ ଅସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଆସୁଛନ୍ତି। ସେ ଚାରିଟେବୁଲ ଟ୍ରଷ୍ଟ ରବିଗାଡିଆର ସମ୍ପାଦକ ଥାଇ ଏହି କାର୍ଯ୍ୟ କରୁଛନ୍ତି। ଭୋକିଲା ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ସେ ପଦକ୍ଷେପ ନେଇଛନ୍ତି।

### ଜୀବଜନ୍ତୁଙ୍କୁ ଯୋଗାଉଛନ୍ତି ଆହାର



ନୟାଗଡ ପୁରୁଣା ସହରର ପୂର୍ଣ୍ଣଚନ୍ଦ୍ର ମହାପାତ୍ର। ଲକ୍‌ଡାଉନ ବେଳେ ଖାଇବାକୁ ପାଉ ନ ଥିବା କୁକୁର, ଗାଈ ପରି କିଛି ପ୍ରାଣୀଙ୍କୁ ଆହାର ଯୋଗାଉଛନ୍ତି। ଭୋକିଲା ହୋଇ ଏଣେତେଣେ ବୁଲୁଥିବା କୁକୁର, ଗାଈଙ୍କୁ ଚିହ୍ନଟ କରି ନିଜର ୧୫ ସହଯୋଗୀଙ୍କ ମାଧ୍ୟମରେ ଏହି କାର୍ଯ୍ୟ କରିଆସୁଛନ୍ତି। ଅନ୍ୟପକ୍ଷେ ନୟାଗଡ ପୌରପରିଷଦ ପକ୍ଷରୁ ଭୋକିଲା ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ତାଙ୍କୁ ସୁଯୋଗ ମିଳିଛି। ନିଜର କିଛି ସହଯୋଗୀଙ୍କ ଦ୍ୱାରା ଅସହାୟ ଲୋକଙ୍କୁ ଖାଦ୍ୟ ଯୋଗାଉଛନ୍ତି। ତେବେ ଭୋକିଲା ଲୋକଙ୍କ ଖାଦ୍ୟ ବାବଦ ଖର୍ଚ୍ଚ ନୟାଗଡ ପୌରପାଳିକା ବୁଝୁଛି ବୋଲି ସେ କହିଛନ୍ତି। କର୍ମଚାରୀ ଅଭାବ ଯୋଗୁ ତାଙ୍କୁ କେବଳ ବଣ୍ଟନ କରିବାକୁ କୁହାଯାଇଛି।

## ଗାଁରୁ ସହର ସବୁଠି ଲକ୍‌ଡାଉନର ପ୍ରଭାବ



ଖଣ୍ଡପଡାର ଏକ ଗାଁ ମୁଣ୍ଡରେ ବାଉଁଶ ବାଡ ଦିଆଯାଇଛି।

**ଖଣ୍ଡପଡା,୨।୪(ସ୍ୱ.ପ୍ର.):** କରୋନା ଭୂତାଣୁ ସଂକ୍ରମଣଙ୍କଠାରୁ ଦୂରେଇ ରହିବା ପାଇଁ ପ୍ରଶାସନ ପକ୍ଷରୁ ଲକ୍‌ଡାଉନ ବ୍ୟବସ୍ଥା ଲାଗୁ କରାଯାଇଛି। ଏହାର ପ୍ରଭାବ ଖଣ୍ଡପଡାର ଗାଁଠାରୁ ଆରମ୍ଭ କରି ସହର ସବୁଠି ଦେଖିବାକୁ ମିଳିଛି। ଏପରି କି ଆଦିବାସୀ ପଡାଗୁଡିକରେ ବସବାସ କରୁଥିବା ଜନସାଧାରଣ ବେଶ୍ ସଜାଗ ରହିଛନ୍ତି। ସେମାନେ ଗାଁ ମୁଣ୍ଡରେ ବାଉଁଶ ବାଡଦେଇ ବାହାର ଲୋକଙ୍କ ଯାତାୟାତ ଉପରେ ରୋକ୍ ଲଗାଇଛନ୍ତି। ଲୋକମାନେ ପାଳିକରି ଏହି ସ୍ଥାନରେ ଜଗିରହିଛନ୍ତି। ଫଳରେ ଗତ ୧୦ ଦିନ ଧରି ଅନେକ ଗ୍ରାମକୁ ବାହାରୁ ବନ୍ଧୁବାନ୍ଧବ ଆସୁ ନ ଥିବା ଜଣାପଡିଛି।

## ୨ ପିଇଓଙ୍କୁ ଆକ୍ରମଣ ଘଟଣା: ଜେଲ ଗଲେ ଯୁବକ

**ଖଣ୍ଡପଡ଼ା,୨।୪(ସ୍ୱ.ପ୍ର.):** ପଞ୍ଚାୟତ କାର୍ଯ୍ୟ ସାରି ୨ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପିଇଓ) ସୋମବାର ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟକୁ ଫେରୁଥିବା ବେଳେ ଜଣେ ନିଶାସକ୍ତ ଯୁବକଙ୍କ ଆକ୍ରମଣର ଶିକାର ହୋଇଥିଲେ। ଆକ୍ରମଣରେ ପିଇଓ ଗୋବର୍ଦ୍ଧନ ଦାଶ (୪୪) ଓ ପ୍ରଭାକର ମିଶ୍ର(୫୨) ଗୁରୁତର ଆହତ ହୋଇଥିଲେ। ଗୋବର୍ଦ୍ଧନଙ୍କ ଲିଖିତ ଅଭିଯୋଗକ୍ରମେ ଖଣ୍ଡପଡା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ଗୁରୁବାର ଆକ୍ରମଣକାରୀ ଯୁବକ ସିଂଘାପଡା ପଞ୍ଚାୟତ ବେଡାଙ୍ଗୀ ଗ୍ରାମର ଦେବରାଜ ସ୍ୱାଇଁ(୩୮)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଆକ୍ରମଣରେ ଗୋବର୍ଦ୍ଧନଙ୍କ ଦୁଇଟି ହାତ ଭାଙ୍ଗି ଯାଇଥିବାବେଳେ ସେ ଏବେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି।

## ଅଗ୍ନିଶମ ବାହିନୀ ପକ୍ଷରୁ ଶୋଧନ

**ଓଡ଼ଗାଁ/ରଣପୁର, ୨।୪(ସ୍ୱ.ପ୍ର.):** ଓଡ଼ିଶା ଅଗ୍ନିସେବା ଇନ୍ସପେକ୍ଟର ଅଫ ଜେନେରାଲଙ୍କ ନିର୍ଦ୍ଦେଶ ଅନୁସାରେ ଗୁରୁବାର ସ୍ଥାନୀୟ ଅଗ୍ନିଶମ ବାହିନୀ ଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ରଘୁନାଥ ଜୀଉ ମନ୍ଦିର ପରିସରକୁ ବ୍ଲିଚିଂ ପାଉଡର ଦ୍ୱାରା ଶୋଧନ କରାଯାଇଥିଲା। ଏଥିରେ ୨ଗୋଟି ଦମକଳ ନିୟୋଜିତ ହୋଇଥିବା ବେଳେ ଓଡ଼ଗାଁ ଅଗ୍ନିସେବା ଅଧିକାରୀ ପ୍ରତାପ ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସାନିଟାଇଜର ଦ୍ୱାରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୋଧନ କରାଯିବ ବୋଲି ସମ୍ପୃକ୍ତ ଅଧିକାରୀ ପ୍ରଧାନଙ୍କଠାରୁ ପ୍ରକାଶ।

ସେହିପରି ରଣପୁର ସହରର ସମସ୍ତ ବଜାର ଅଞ୍ଚଳ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁବାର ଶୋଧନ କରାଯାଇଛି। ଦମକଳ ବାହିନୀର ଅଧିକାରୀ ସରୋଜ କୁମାର ଦାସଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ତାପସ ବିଶି, ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବୈଦ୍ୟନାଥ ନନ୍ଦ, ବିଜୁ ଯୁବବାହିନୀ କୋଅର୍ଡିନେଟର ଦୀପକ ସାମଲ ଉପସ୍ଥିତ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରଣପୁର ଏନ୍‌ଏସି କାର୍ଯ୍ୟାଳୟ ସମେତ ବିଭିନ୍ନ ଅଞ୍ଚଳ ବିଶୋଧନ କରାଯିବ ବୋଲି ରଣପୁର ଦମକଳ ବାହିନୀ ପକ୍ଷରୁ କୁହାଯାଇଛି।



ରଣପୁର ବଜାର ଅଞ୍ଚଳ ଶୋଧନ କରାଯାଉଛି।

## ଜାତୀୟ ମାନବାଧିକାର କମିଶନରଙ୍କୁ ଫେରାଦ

### ଖବରଦାତାଙ୍କୁ ମାଡ଼ମରା ପ୍ରସଙ୍ଗ

**ନୟାଗଡ ଅଫିସ,୨।୪:** ଏକ ଦୈନିକ ଖବରକାଗଜର ନୟାଗଡ଼ ଜିଲା ପ୍ରତିନିଧି ଅନିଲ କୁମାର ପଣ୍ଡାଙ୍କୁ ମାଡ଼ ମରାଯିବା ଘଟଣା ଜାତୀୟ ମାନବିକ ଅଧିକାର କମିଶନରଙ୍କ ନିକଟରେ ପହଞ୍ଚିଛି। ମାନବାଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି ପୋଲିସର ବର୍ବରତାକୁ ବିରୋଧ କରି ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଗତ ସୋମବାର ନୟାଗଡ ସଦର ଥାନାର ବାରବାଟିଠାରେ ଅନିଲ କୁମାର ପଣ୍ଡାଙ୍କୁ ଜଣେ ପୋଲିସ କର୍ମଚାରୀ ମାଡ଼ ମାରିଥିଲେ। ଅନିଲ ନିଜକୁ ଖବରଦାତାର ପରିଚୟ ଦେବା ସହ ପ୍ରେସ୍ କାର୍ଡ ଦେଖାଇଥିଲେ। ହେଲେ ପୋଲିସ ପ୍ରେସ୍ କାର୍ଡ ଦେଖି ବି ପିଟିଥିଲା। ନିକଟରେ କିଛି ଲୋକ ପହଞ୍ଚିବା ପରେ ମାଡ ମାରିଥିବା ମହିଳା ପୋଲିସ ଫେରାର ହୋଇଯାଇଥିଲେ। ଏ ନେଇ ଏସ୍‌ପିଙ୍କ ନିକଟରେ ନୟାଗଡର ଜିଲା ପ୍ରତିନିଧିମାନେ ଫେରାଦ ହୋଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ମହିଳା କନଷ୍ଟେବଲଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି । ଘଟଣାର ତଦନ୍ତ କରାଯାଇ ୭ ତାରିଖ ମଧ୍ୟରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ଗଣମାଧ୍ୟମକୁ କହିଛନ୍ତି।

## ରିଲିଫ୍ ପାଣ୍ଠିକୁ ବଢ଼ୁଛି ସହାୟତା

**ନୟାଗଡ଼ ଅଫିସ,୨।୪:** କରୋନା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଛୁଟୁଛି ସହାୟତା। ନୟାଗଡ ଦିଅନବନ୍ଧ ସାହିର ସପ୍ତମଶ୍ରେଣୀ ଛାତ୍ରୀ ସ୍ୱନ୍ଦତା ବେହେରା ୨ବର୍ଷ ପକେଟ ମନିରୁ ସଂଗୃହୀତ ୧୦ ହଜାର ଟଙ୍କା ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଇଟାମାଟିର ରବୀନ୍ଦ୍ର ସାହୁ ଏକଲକ୍ଷ ଟଙ୍କା, ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ୩ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏଥିରେ ବ୍ୟାଙ୍କ କର୍ମଚାରୀଙ୍କ ୧ ଦିନର ଦରମା ୧ ଲକ୍ଷ ଟଙ୍କା ରହିଛି । ଭାଟସାହି ସରପଞ୍ଚ କିଶୋର ଚନ୍ଦ୍ର ସାହୁ ୧ ଲକ୍ଷ ଟଙ୍କା ଜିଲାପାଳ ଓ ଭାଟସାହି ପଞ୍ଚାୟତ ଡିଆଁପଡା ଗାଁର ଭିକ୍ଷାକାରୀ ମହାପାତ୍ର ୫୧ ହଜାର ଟଙ୍କା ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଓଡଗାଁ ବ୍ଲକ ସୋଲପଟା ପଞ୍ଚାୟତର ସରପଞ୍ଚ ସୁଶାନ୍ତ କୁମାର ଜେନା ୧୦ ହଜାର ଓ ଦଶପଲ୍ଲା ତହସିଲର କର୍ମଚାରୀମାନେ ଗୋଟିଏ ଦିନର ଦରମା ପ୍ରଦାନ କରିଛନ୍ତି।

## ରାତି ୩ଟାରୁ ଖୋଲାଯାଉଛି ଦୋକାନ



ଚାନ୍ଦପୁର ବଜାରରେ ଲୋକଙ୍କ ଭିଡ ଜମିଛି।

### ଚାନ୍ଦପୁର ବଜାରରେ ନିୟମ ନାହିଁ

**ରଣପୁର,୨।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକର ଚାନ୍ଦପୁରଠାରେ ପରିବା ଓ ଗ୍ରସେରି ଦୋକାନ ଭୋର ୩ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଖୋଲୁଛି। ଲୋକେ ପରିବା ଓ ସଉଦା ନେବା ପାଇଁ ରାତିରେ ଆସି ଭିଡ ଜମାଉଛନ୍ତି। କେହି ସାମାଜିକ ଦୂରତା ରକ୍ଷା କରୁନାହାନ୍ତି। ଯାଞ୍ଚ ହେଉ ନ ଥିବାରୁ ଏଠାରେ ଲକ୍‌ଡାଉନ କାମ କରୁନି। ବ୍ଲକ ପ୍ରଶାସନ କିମ୍ବା ଚାନ୍ଦପୁର ଥାନା ପକ୍ଷରୁ କୌଣସି ପଦକ୍ଷେପ ନାହିଁ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ସରକାରୀ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ଫଳରେ ଚାନ୍ଦପୁର ଅଞ୍ଚଳ ପାଇଁ ବିପଦ ସୃଷ୍ଟି ହେବା ଆଶଙ୍କା ରହିଛି। ଏ ନେଇ ଚାନ୍ଦପୁର ଥାନା ଅଧିକାରୀ ଧନେଶ୍ୱର ନାହାକଙ୍କୁ ପଚାରିବାରୁ ସେ କହିଥିଲେ, ଚାନ୍ଦପୁର ପରିବା ମାର୍କେଟକୁ ଚାଷୀମାନେ ପରିବା ବିକ୍ରି କରିବାକୁ ଶୀଘ୍ର ଆସୁଛନ୍ତି। ଗହଳିକୁ ଆଖିଆଗରେ ରଖି ଆମେ ଲଗାମ ଲଗାଇବୁ ବୋଲି କହିଛନ୍ତି।

## ସାମାଜିକ ଦୂରତା ରଖି ବାଣ୍ଟିଲେ ଖାଉଟି ସାମଗ୍ରୀ



ଜଣେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

**ଖଣ୍ଡପଡ଼ା,୨।୪(ସ୍ୱ.ପ୍ର.):** କରୋନା ଭୂତାଣୁ ସଂକ୍ରମଣରୁ ଦୂରେଇ ରହିବା ପାଇଁ ସାମାଜିକ ଦୂରତ୍ୱ ନିୟମକୁ କଡାକଡି ଲାଗୁ କରାଯାଇଛି। ଏ ପରିପ୍ରେକ୍ଷୀରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡା ସହରର ପ୍ରତ୍ୟେକ ୱାର୍ଡରେ ସାମାଜିକ ଦୂରତ୍ୱ ବଜାୟ ରଖି ହିତାଧିକାରୀଙ୍କୁ ଚାଉଳ ଓ ନଗଦ ୧ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଖଣ୍ଡପଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦାୟିତ୍ୱରେ ଥିବା ମା' ଝାଡେଶ୍ୱରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମୁଖ୍ୟ ପଦ୍ମାଳୟା ପାଣି, ଉର୍ମିଳା ସେଠୀ ପ୍ରମୁଖ ପ୍ରତ୍ୟେକ ୱାର୍ଡରେ ହିତାଧିକାରୀଙ୍କୁ ଭେଟି ଚାଉଳ ଓ ଟଙ୍କା ପ୍ରଦାନ କରିଥିଲେ।

## ବାସନ୍ତିକ ଦୁର୍ଗାପୂଜା ଓ ରାମନବମୀ: ମନ୍ଦିର ପରିସର ଶୂନ୍‌ଶାନ

**ଖଣ୍ଡପଡା,୨।୪(ସ୍ୱ.ପ୍ର.):** ଲକ୍‌ଡାଉନ ପ୍ରଭାବରେ ଫିକାପଡିଛି ଶ୍ରୀରାମ ନବମୀ ଯାତ୍ରା। ଖଣ୍ଡପଡା କୁଞ୍ଜବିହାରୀପୁରର ଶ୍ରୀରାମ ମନ୍ଦିର, ବସନ୍ତପୁର ଗ୍ରାମସ୍ଥିତ ଶ୍ରୀରାମ ମନ୍ଦିର ଓ ଆଖପାଖ ଅଞ୍ଚଳରେ ଅବସ୍ଥିତ ମଠ ଓ ମନ୍ଦିରରେ ଗୁରୁବାର ଶ୍ରୀରାମ ନବମୀରେ କେବଳ ଦେବନୀତି ଅନୁଷ୍ଠିତ ହୋଇଛି। ମନ୍ଦିରରେ ହୋମଯଜ୍ଞ, ପୂଜା ପାଠ ଆଦି କରାଯାଇଥିଲା। ଜଗନ୍ନାଥପ୍ରସାଦ ପଞ୍ଚାୟତ ଦରଦା ଗ୍ରାମସ୍ଥିତ ମହିଷାସୁଣୀ ପୀଠରେ ୩ଦିନ ବ୍ୟାପୀ ବାସନ୍ତିକ ଦୁର୍ଗାପୂଜା ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଗୁରୁବାର ଉଦ୍‌ଯାପନୀ ଦିବସରେ ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରାଯାଇ ପ୍ରତ୍ୟେକଙ୍କ ଦୁଆରେ ଭୋଗଲାଗି ହୋଇଥିଲା। କରୋନା କଟକଣା ଯୋଗୁ ମନ୍ଦିର ପରିସର ଶୂନ୍‌ଶାନ ହୋଇପଡିଥିଲା।

# ସାମାଜିକ ଦୂରତ୍ୱ ରକ୍ଷା କରିବାରେ ପ୍ରଶାସନ ଅସଫଳ

**ନୟାଗଡ ଅଫିସ,୨।୪**

ନୟାଗଡ ସହରର ବ୍ରଜେନ୍ଦ୍ର ହାଇସ୍କୁଲ ପଡିଆରେ ହୋଇଥିବା ଅସ୍ଥାୟୀ ପରିବା ମାର୍କେଟରେ ଗହଳି ବଢ଼ୁଛି। ଏଠାରେ ସାମାଜିକ ଦୂରତ୍ୱ ରକ୍ଷା କରିବାରେ ପ୍ରଶାସନ ଅସଫଳ ହୋଇଛି। ଲୋକ ଏ ଦିଗରେ ସଚେତନ ହେଉନାହାନ୍ତି। ଗହଳି ଏଡାଇବାକୁ ପ୍ରଶାସନ ଆର୍‌ଏମ୍‌ସି ପଛପାଖ, ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟ ଓ ପୁରୁଣା ସହର ପରିବା ମାର୍କେଟରେ ପରିବା ହାଟ କରିବାକୁ ନିଷ୍ପତ୍ତି ନେଇଛି । ଯଦି ପୃଥକ୍ ସ୍ଥାନରେ ହାଟ କରାଯାଏ ପରିବା ଦରରେ ତାରତମ୍ୟ ରହିବ। ଯେଉଁଠି ଦାମ୍ କମ ରହିବ ସେଠାରେ ଭିଡ ହେବ। ପନିପରିବା ଯୋଗାଇବା ସମ୍ଭବ ହେବନି। ଅନ୍ୟ ସ୍ଥାନରେ ବିକ୍ରି କମିଯିବ। ବ୍ୟବସାୟୀ କ୍ଷତିରେ ପଡିବେ। କେବଳ ବ୍ରଜେନ୍ଦ୍ର ହାଇସ୍କୁଲ ନିକଟରେ ହାଟ କରାଇ ଭିଡ କମାଇବା ପାଇଁ ଦୋକାନଗୁଡିକ ମଧ୍ୟରେ ଖାଲିସ୍ଥାନ ରଖିଲେ ଭିଡ଼ କମିଯିବ ବୋଲି କିଛି ବ୍ୟବସାୟୀ ମତ ରଖିଛନ୍ତି।



ନୟାଗଡ଼ ପରିବା ହାଟରେ ଲୋକଙ୍କ ଭିଡ଼।

### ଅମାନିଆ ଚିନ୍ତାର କାରଣ

ନୟାଗଡ ସହରରେ ଲକ୍‌ଡାଉନ ପ୍ରହସନ ପାଲଟିଛି। ସବୁ ସମୟରେ ରାସ୍ତାରେ ଯାନବାହନ ଚାଲିଛି। କିଛି ଅମାନିଆଙ୍କ ଯୋଗୁ ଜିଲାବାସୀଙ୍କ ଚିନ୍ତା ବଢ଼ିଛି। ଭଦ୍ରକ ଓ ଭୁବନେଶ୍ୱରରେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ନୟାଗଡରେ ଭୟର ବାତାବରଣ ଦେଖାଦେଇଛି। କାମ ଥାଉ ବା ନ ଥାଉ କିଛି ଅମାନିଆ ବ୍ୟାଗ ଝୁଲାଇ ପରିବା କିଣା ନାଁରେ ସହରରେ ବାଇକ୍ ଧରି ବୁଲୁଛନ୍ତି। ପୋଲିସ ମଧ୍ୟ ନାଚାର। କିଛି ଲୋକଙ୍କୁ ଯାଞ୍ଚ କରୁଥିଲେ ମଧ୍ୟ ସୁଫଳ ମିଳୁନି। ଅପରାହ୍ନ ୪ଟାରେ ପରିବା ହାଟ ପରେ ବାଇକ୍ ଚଳାଚଳ କମ୍ ରହୁଛି। ଅନ୍ୟପକ୍ଷେ ପରିବା ଦୋକାନ ଖୋଲିବା ପୂର୍ବରୁ ବସଉଠ କରାଇ, ମାଡ ମାରି ପୋଲିସ ଭୟର ବାତାବରଣ ସୃଷ୍ଟି କରିଥିଲା। ଲୋକମାନେ ଭୟରେ ବଜାରକୁ ଆସୁ ନ ଥିଲେ। କିନ୍ତୁ ଏବେ ପରିସ୍ଥିତି ଭିନ୍ନ ରହିଛି।

### ଘାରିଲାଣି ଅଂଶୁଘାତ ଭୟ

ଖରାର ପ୍ରକୋପ ବଢ଼ି ଚାଲିଛି। ପ୍ରଶାସନ କରୋନାକୁ ଗୁରୁତ୍ୱ ଦେଉଥିବାବେଳେ ଅଂଶୁଘାତକୁ ପୂରା ଭୁଲିଯିବା ପରି ମନେ ହେଉଛି। ସହରରେ ପରିବା ହାଟର ସମୟ ନିର୍ଘଣ୍ଟ ଅଂଶୁଘାତକୁ ନିମନ୍ତ୍ରଣ କରିଛି। ଯଦି କେହି ଅଂଶୁଘାତରେ ପ୍ରାଣ ହରାନ୍ତି ସେଥିପାଇଁ କାହାକୁ ଦାୟୀ କରାଯିବ ବୋଲି ପ୍ରଶ୍ନ ଉଠିଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲୁଛି ପରିବା ମାର୍କେଟ। ଖରାରେ ଲୋକମାନେ ଆସି ପରିବା କିଣୁଛନ୍ତି। ଏ ନେଇ ନୟାଗଡ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ସମାଜିକ ଦୂରତ୍ୱ ରକ୍ଷା କରିବାକୁ ପ୍ରଶାସନ ପଦକ୍ଷେପ ନେଉଛ। ଲୋକମାନେ ଗହଳି କରିବା ଦ୍ୱାରା ପରିବା ହାଟ ଅନ୍ୟତ୍ର କିଛି ସ୍ଥାନରେ ଅଲଗା ଭାବରେ କରିବାକୁ ଯୋଜନା ରହିଛି।

## ନାଗସାପ ଉଦ୍ଧାର



ଉଦ୍ଧାର ନାଗସାପ।

**ଖଣ୍ଡପଡା,୨।୪(ସ୍ୱ.ପ୍ର.):** ଖଣ୍ଡପଡା ତ୍ରିନାଥ ଛକସ୍ଥିତ ମନୋଜ କୁମାର ସାହୁଙ୍କ ଘରୁ ଗୁରୁବାର ଏକ ୫ଫୁଟ ଲମ୍ବର ନାଗ ସାପ ଉଦ୍ଧାର କରାଯାଇଛି। ମନୋଜଙ୍କ ପରିବାରବର୍ଗ ସାପଟିକୁ ଦେଖିବା ପରେ ସ୍ନେକ ହେଲ୍ପଲାଇନର ସହାୟତା ଲୋଡିଥିଲେ। ଖଣ୍ଡପଡା ବ୍ଲକ ଖଳିସାହି ପଞ୍ଚାୟତ କୋଟପୋଖରୀ ଗ୍ରାମର ସ୍ନେକ ହେଲ୍ପଲାଇନର ଗୋଲକ ବିହାରୀ ପରିଡା ଓ ସହଯୋଗୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରି ବାହାଡା ନିକଟ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଛନ୍ତି।

## ଚର୍ଚ୍ଚାକୁ ନେଇ ଭୟ

**ନୟାଗଡ଼ ଅଫିସ,୨।୪:** ଦିଲ୍ଲୀର ହଜରତ୍ ନିଜାମୁଦ୍ଦିନ୍‌ରେ ନୂଆଗାଁ ବ୍ଲକ କିରିଆରଲାଞ୍ଜି ଗାଁର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ଯୋଗଦେଇଥିବା ଚର୍ଚ୍ଚା ହେଉଛି। ଖବର ପାଇବା ପରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚୁରା ପାଇଁ ଯାଇଥିଲେ ମଧ୍ୟ ଟେର ପାଇ ନାହିଁ। ସିନ୍ଦୂରିଆର କିଛି ବ୍ୟକ୍ତି ଯାଇଥିବା ଅନୁରୂପ ଚର୍ଚ୍ଚା ଚାଲିଛି।

## ସଂକ୍ଷେପରେ

### ଚୋରା ମଦ କାରବାର ବୃଦ୍ଧି

ଆଠମଲ୍ଲିକ, ୨।୪(ଡି.ଏନ.ଏ.)- ଲକ୍‌ଡାଉନ ବେଳେ ଆଠମଲ୍ଲିକରେ ଚୋରା ମଦ କାରବାର ବୃଦ୍ଧି ପାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ସହ ମଦ ଦୋକାନଗୁଡ଼ିକ ମଧ ବନ୍ଦ ଥିବାରୁ ଆଠମଲ୍ଲିକରେ ବିଦେଶୀ ଚୋରା ମଦ କାରବାର ବ୍ୟାପକ ଭାବେ ଚାଲିଥିବା ଅଭିଯୋଗ ହୋଇଛି। ଏପରିକି ସରକାରଙ୍କ ଅନୁମତି କ୍ରମେ ଖୋଲା ଯାଇଥିବା କେତେକ ଢାବାରେ ମଧ ଏହି କାରବାର ହେଉଥିବା ସ୍ଥାନୀୟ ଲୋକେ ବୁଧବାର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ୫୦ ଲକ୍ଷ ଟଙ୍କାର ବୀମା ଦାବି

ତାଳଚେର,୨।୪(ନି.ପ୍ର.)- କରୋନା ସଂକ୍ରମଣ ଭୟ ଓ ଲକ୍‌ଡାଉନ୍ କଟକଣା ମଧ୍ୟରେ ଦିନରାତି ଏକ୍ କରି ଗଣମାଧ୍ୟମ ପ୍ରତିନିଧିମାନେ ଲୋକଙ୍କ ନିକଟରେ ଖବର ପହଞ୍ଚାଉଛନ୍ତି। ସାମାଜିକ ସଚେତନତା ମଧ ସୃଷ୍ଟି କରୁଛନ୍ତି। ତେଣୁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସୁରକ୍ଷା ପାଇଁ ୫୦ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା କରିବାକୁ ତାଳଚେର ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି।

### ମାଉସୀ ଝିଅଙ୍କୁ ବଳାତ୍କାର ଅଭିଯୋଗ

ଅନୁଗୋଳ ଅଫିସ, ୨।୪- ବିବାହ ପ୍ରତିଶ୍ରୁତି ଦେଇ ମାଉସୀ ଝିଅଙ୍କୁ ବଳାତ୍କାର କରିବା ଅଭିଯୋଗରେ ଅନୁଗୋଳ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଗୋଟିଏ କମ୍ପାନୀରେ କାମ କରୁଥିବାବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହି ସମୟରେ ଅଭିଯୁକ୍ତ ବିବାହ ପ୍ରତିଶ୍ରୁତି ଦେଇ ମାଉସୀ ଝିଅଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ବିବାହ କଥା ଉଠିବାରୁ ଅଭିଯୁକ୍ତ ଧରାଛୁଆଁ ଦେଇ ନ ଥିଲେ। ଏହି ଘଟଣା ପୂର୍ବରୁ ଥରେ ଥାନାକୁ ଆସିଥିଲେ ମଧ ସମାଧାନ ହୋଇଯାଇଥିଲା। ପରେ ଯୁବତୀ ଜଣକ ପୁଣି ଅଭିଯୋଗ କରିବାରୁ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

### ଅସହାୟଙ୍କୁ ରନ୍ଧାଖାଦ୍ୟ

ତାଳଚେର,୨।୪(ନି.ପ୍ର.)- ତାଳଚେର ସାମ୍ବାଦିକ ପରିବାର, ସାମାଜିକ କର୍ମୀ ଓ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ତାଳଚେରର ୧୫୦ ରୁ ୨୦୦ ଗରିବ, ଅସହାୟ ଲୋକଙ୍କୁ ୩ ଦିନ ହେଲା ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଲକ୍‌ଡାଉନ୍ ନ ଉଠିବା ପର୍ଯ୍ୟନ୍ତ ଏହି ସହାୟତା ପ୍ରଦାନ କରାଯିବ। ଏଥିପାଇଁ କେତେଜଣ ଭଦ୍ର ବ୍ୟକ୍ତି ମଧ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଉଛନ୍ତି। ତାଳଚେରର ନୂତନ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କୁ ଗୁରୁବାର ଖବରଦାତାମାନେ ସାକ୍ଷାତ କରି ଏ ସମ୍ପର୍କରେ ଅବଗତ କରାଇଥିଲେ। ପରେ ଉପଜିଲାପାଳ ସ୍ୱାଇଁ ପହଞ୍ଚି ସାନିଟାଇଜ୍‌ର, ସାବୁନ୍‌ରେ ହାତ ଧୋଇବା, କାମ ନ ଥିଲେ ଘରୁ ନ ବାହାରିବାକୁ ଲୋକଙ୍କୁ ସଚେତନ କରାଇଥିଲେ। ତହସିଲଦାର ଗୌରୀ ନାଏକ, ତାଳଚେର ପୌର ନିର୍ବାହୀ ଅଧିକାରୀ ଅତଶୀ ପରିଡା ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

### କଟକଣା ଉଲ୍ଲଂଘନ, ୬୭ ଗିରଫ

ଅନୁଗୋଳ ଅଫିସ, ୨।୪- ଲକ୍‌ଡାଉନ ଓ କ୍ୱାରାଣ୍ଟାଇନ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ଗୁରୁବାର ଅନୁଗୋଳ ଜିଲାର ବିଭିନ୍ନ ଥାନା ପୋଲିସ ମୋଟ୍ ୬୭ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୩୫ ଜଣ ଲକ୍‌ଡାଉନ୍‌ର ଅବମାନନା କରିଥିଲେ। ସେମାନଙ୍କଠାରୁ ୨୦ଟି ଗାଡ଼ି ଜବତ କରାଯାଇଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ନାଲ୍‌କୋ ଥାନାରେ ଦୁଇଟି ମାମଲା ରୁଜୁ ସହ ୨୮ ଜଣଙ୍କୁ ଗିରଫ କରାଯାଇଛି। ୧୧ଟି ମୋଟର ସାଇକେଲ ଜବତ ହୋଇଛି। ଜରପଡ଼ା ଥାନାରେ ଗୋଟିଏ ମାମଲା ସହ ଜଣଙ୍କୁ ଗିରଫ କରାଯାଇଛି ଓ ସେମାନଙ୍କ ବାଇକ୍ ଜବତ ହୋଇଛି। କଲିୟରୀ ପୋଲିସ ୨ଟି ଗାଡ଼ି ଜବତ ସହ ୨ ଜଣଙ୍କୁ ଗିରଫ କରିଛି। ଅନୁଗୋଳ ପୋଲିସ ୬ ଜଣଙ୍କୁ ଗିରଫ କରି ୬ଟି ମୋଟରସାଇକେଲ ଜବତ କରିଛି। ସେହିପରି ହୋମ୍ କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ନାଲ୍‌କୋ ଥାନା ଅଞ୍ଚଳରେ ୧୪ ଜଣଙ୍କୁ ଗରିଫ କରାଯାଇଛି। ଏଥିସହ ଏକ କାର ଜବତ କରାଯାଇଛି। ତାଳଚେର ଅଞ୍ଚଳରେ ୧୮ ଜଣଙ୍କୁ ଗିରଫ ସହ ଗୋଟିଏ କାର ପୋଲିସ ଜବତ କରିଛି। ନିୟମ ଭାଙ୍ଗିଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି।

# କଟକଣା ଫାଙ୍କି କାମ

**ରାଇସ୍‌ମିଲ୍‌ର ଶ୍ରମିକଙ୍କ ମଧ୍ୟରେ ରହୁନି ସାମାଜିକ ଦୂରତ୍ୱ**

**ଜିଲାପାଳଙ୍କୁ ଅଭିଯୋଗ କଲେ ସରପଞ୍ଚ**

**ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ- ଉପଜିଲାପାଳ**

ବଇଣ୍ଡା, ୨।୪(ଡି.ଏନ.ଏ.)


ଟ୍ରକ୍‌ରୁ ଶ୍ରମିକମାନେ ଚାଉଳ ବସ୍ତା ଅନ୍‌ଲୋଡ କରୁଛନ୍ତି।

କରୋନା ମୁକାବିଲା ପାଇଁ ଲକ୍‌ଡାଉନ ସହ ସାମାଜିକ ଦୂରତା ରକ୍ଷା ଭଳି ବିଭିନ୍ନ କଟକଣା ଜାରି ହୋଇଥିଲେ ହେଁ ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗାଁବଇଣ୍ଡା ପଞ୍ଚାୟତ ବଡହୁଲାଠାରେ ଥିବା ରାଇସ୍ ମିଲ୍‌ରେ ଏହାର ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ମିଲ୍‌ରେ କେତେଜଣ ଶ୍ରମିକଙ୍କୁ କାମରେ ଲଗାଯାଇଥିବା ବେଳେ ସେମାନଙ୍କୁ ସୁରକ୍ଷା ଉପକରଣ ମଧ ଯୋଗାଇ ଦିଆଯାଇ ନାହିଁ। ଏ ନେଇ ସ୍ଥାନୀୟ ସରପଞ୍ଚ ମାନସ ସାହୁ ଗୁରୁବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ଲୋକଙ୍କୁ ଘରୁ ନ ବାହାରିବାକୁ ସଚେତନ କରାଉଥିବାବେଳେ ବଡହୁଲାଠାରେ ଥିବା ସରକାରୀ ରାଇସ ମିଲ୍‌ରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବୁଧବାର ଉକ୍ତ ମିଲ୍‌ରେ ୨ଟି ଟ୍ରକ୍‌ରେ ଆସିଥିବା ଚାଉଳ ବସ୍ତା ଅନ୍‌ଲୋଡ କରିବାକୁ ୨୦ରୁ ଅଧିକ ଶ୍ରମିକ ନିୟୋଜିତ ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରେ କିପରି ସାମାଜିକ ଦୂରତା ବଜାୟ ରହିବ ଓ ଶ୍ରମିକମାନେ ମାସ୍କ, ଗ୍ଲୋଭ୍ସ ଆଦି ବ୍ୟବହାର କରିବ ସେ ନେଇ ଦୃଷ୍ଟି ଦିଆଯାଇ ନ ଥିଲା। ଏପରିକି ଶ୍ରମିକମାନଙ୍କୁ ସୁରକ୍ଷା ସାମଗ୍ରୀ ଦେବାକୁ ମିଲ୍ କର୍ମଚାରୀଙ୍କୁ ସରପଞ୍ଚ କହିଥିଲେ ହେଁ କେହି ଶୁଣି ନ ଥିବା ସେ ଅଭିଯୋଗ କରିଛନ୍ତି। ଜିଲାପାଳ ଏପରି ସମ୍ବେଦନଶୀଳ ଘଟଣା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ କୁହନ୍ତି, ଲକ୍‌ଡାଉନ୍ ବେଳେ ବଡହୁଲାଠାରେ ଥିବା ରାଇସ୍ ମିଲ୍‌ରେ ଶ୍ରମିକ ନିୟୋଜିତ ହେବା ଠିକ୍ ନୁହେଁ। ଏ ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।


ଏକ ଢାବାରେ ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି ଅନୁଗୋଳ ଉପଜିଲାପାଳ।

# ଢାବା ସ୍ଥିତି ପରଖିଲେ ଉପଜିଲାପାଳ

ଅନୁଗୋଳ ଅଫିସ, ୨।୪

ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥରେ ମାଲ୍ ପରିବହନ କରୁଥିବା ଗାଡ଼ି ଚାଳକଙ୍କ ସୁବିଧା ପାଇଁ କେତେକ ସ୍ଥାନରେ ଢାବା ଓ ହୋଟେଲ ଖୋଲା ରଖାଯାଇଛି। ସେଠାରୁ ଚାଳକ ଓ ହେଲପରମାନେ କେବଳ ପାର୍ସଲ ନେଇପାରିବେ। ହେଲେ ଉକ୍ତ ଢାବାଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା କିପରି ରହିଛି, ସାନିଟାଇଜର ବ୍ୟବହାର କରାଯାଉଛି କି ନାହିଁ ସେ ନେଇ ଗୁରୁବାର ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ସ୍ଥିତି ପରଖିଛନ୍ତି। ଏଥିସହ ଖାଦ୍ୟର ମୂଲ୍ୟ ପୂର୍ବପରି ରହିଛି କି ଅଧିକ ନିଆଯାଉଛି ସେ ସମ୍ପର୍କରେ ଉପଜିଲାପାଳ ଗାଡ଼ି ଚାଳକମାନଙ୍କୁ ପଚାରି ବୁଝିଛନ୍ତି। ଏହାପରେ ସହର ଓ ଅନ୍ୟ ଅଞ୍ଚଳରେ ଖୋଲାଯାଇଥିବା ହୋଟେଲ ଓ ଢାବାଗୁଡ଼ିକ ମଧ ଉପଜିଲାପାଳ ପରିଦର୍ଶନ କରିଥିବା ସୂଚନା ମିଳିଛି।

# ସାନିଟାଇଜର, ମାସ୍କ ବଣ୍ଟନ

ବଇଣ୍ଡା/ଆଠମଲ୍ଲିକ, ୨।୪(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ଫ୍ରେଣ୍ଡସ କ୍ଲବ, ସ୍ୱେଚ୍ଛାସେବୀ ସଙ୍ଗଠନ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ଗୁରୁବାର କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟଠାରେ ରହୁଥିବା ଗରିବ, ଶ୍ରମିକ ତଥା ଅସହାୟ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଛି। କ୍ଲବ ସଭାପତି ସଞ୍ଜୟ କୁମାର ପ୍ରଧାନ, ସମ୍ପାଦକ ବିଶ୍ୱଜିତ ପଟ୍ଟନାୟକ, ଅମିତ ନାୟକ, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସ୍କ, ସାବୁନ୍, ସାନିଟାଇଜର ବଣ୍ଟନ କରିଥିଲେ। ଏଥିସହ ସାମାଜିକ ଦୂରତା ରଖିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ସାମାଜିକକର୍ମୀ ଅର୍ଜୁନ ସାହୁ ବୁଧବାର ମାସ୍କ, ସାନିଟାଇଜର ବଣ୍ଟନ କରିଛନ୍ତି। ସାହୁଙ୍କ ସହ ଏକ ପ୍ରତିନିଧି ଦଳ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ଡା. କସ୍ତୁରୀ ମିଶ୍ରଙ୍କୁ ଭେଟି ଦୁଇ ଶହରୁ ଉର୍ଦ୍ଧ୍ୱ ମାସ୍କ, ଗ୍ଲୋଭ୍ସ, ସାନିଟାଇଜର ପ୍ରଦାନ କରିଥିଲେ। ଏଥିସହ ସେ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ସମସ୍ତ ପଞ୍ଚାୟତରେ ମାସ୍କ, ଗ୍ଲୋଭ୍ସ, ସାନିଟାଇଜର ବଣ୍ଟନ କରିଥିଲେ। ଯୁବନେତା ପ୍ରଦୀପ ଦାଶଙ୍କ ନେତୃତ୍ୱରେ ଗତ ତିନି ଦିନ ଧରି ଡାକ୍ତରଖାନାରେ ରୋଗୀଙ୍କ ସହାୟକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି। ଏହି ଖାଦ୍ୟ ଯୋଗାଣ ଲକ୍‌ଡାଉନ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପ୍ରଦୀପ ପ୍ରକାଶ କରିଛନ୍ତି। ଗୁରୁବାର ମଧ ସାମାଜିକ କର୍ମୀ ସାହୁ ଆଠମଲ୍ଲିକ ବଜାରରେ ବୁଲି ମାସ୍କ ବଣ୍ଟନ କରିଥିଲେ। ତାଙ୍କ ସହିତ ଯୁବ ନେତା ପିନା ପାଣିଗ୍ରାହୀ, ଶ୍ରୀ ବାହିନୀପତି ଉପସ୍ଥିତ ଥିଲେ ।


ଅସହାୟଙ୍କୁ ମାସ୍କ ବଣ୍ଟନ କରାଯାଉଛି।

# ଖାଦ୍ୟ ସଙ୍କଟରେ ଦିନମଜୁରିଆ

ଆଠମଲ୍ଲିକ,୨।୪(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତର ସବର ତଫସିଲଭୁକ୍ତ ଜାତି ଜନଜାତିର ଲୋକେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିବା ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ କର୍ଣ୍ଣ ଅଭିଯୋଗ କରିଛନ୍ତି। ଏ ନେଇ ସେ ୨୦୧୯ ସେପ୍ଟେମ୍ବର ୨୧ରେ ଚିଠି ନମ୍ବର ୪୭୨/୧୯ରେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ, ଅନୁଗୋଳ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନାହିଁ। ରାଶନ କାର୍ଡ ନ ଥିବାରୁ ଏହି ପଞ୍ଚାୟତର କୁଟୁଗାଁର ଛବି ନାଏକ, ଚୁମକି ନାଏକ, ଲତା ବେହେରା, ପ୍ରଦୀପ ଦେହୁରୀ, ଅର୍ଚ୍ଚନା ଦେହୁରୀ, ବିକାଶ ଦେହୁରୀ, ବିନୁ ଦେହୁରୀ, ଯଜ୍ଞ ଦେହୁରୀ, ଓଳଥ ଗ୍ରାମର ବିନିୟ ବେହେରା, ବିସ୍ମୟ ବେହେରା, ଅଇଁଠୁ ବେହେରା, ଅଏଡା ଗ୍ରାମର ସୁପ୍ରିଆ ପାତ୍ର, ରେସମା ପାତ୍ର, ଶିବାନୀ କଅଁର ପ୍ରମୁଖ ବର୍ତ୍ତମାନ ଲକ୍‌ଡାଉନ ସମୟରେ ଖାଇବାକୁ ପାଉନାହନ୍ତି। ତୁରନ୍ତ ସେମାନଙ୍କୁ ରାଶନ କାର୍ଡ ସହ ୩ ମାସର ରାଶନ ଯୋଗାଇ ଦେବାକୁ ଦାବି ହୋଇଛି।


ଅନୁଗୋଳ ଥାନାରୁ ଜଣେ ଲୋକ ତାଙ୍କ ସାମଗ୍ରୀ ନେଇ ଯାଉଛନ୍ତି।

# ହାଣ୍ଡି, କଡ଼େଇ ଉଠାଇଆଣିଲା ପୋଲିସ

**ଚାଲିଥିଲା ଭୋଜି, ଛଣାଯାଉଥିଲା ତେଲଭାଜି**

ଅନୁଗୋଳ ଅଫିସ, ୨।୪

କରୋନା ସଂକ୍ରମଣ ଆଶଙ୍କା ସତ୍ତ୍ୱେ ଲୋକେ ଲକ୍‌ଡାଉନ୍‌କୁ ବେଖାତିର କରି ଭୋଜି କରିବା ଓ ତେଲଭାଜି ଦୋକାନ ଖୋଲିବା ଅନୁଗୋଳ ପୋଲିସର ଚିନ୍ତା ବଢ଼ାଇ ଦେଇଛି। ବୁଧବାର ସନ୍ଧ୍ୟାରେ ସହର ଉପକଣ୍ଠରେ ଏପରି କିଛି ଚାଲିଥିବା ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ହାଣ୍ଡି, କଡ଼େଇ ସହ ସାମିଲ ଲୋକଙ୍କୁ ପୋଲିସ ଥାନାକୁ ଆଣିଥିଲା। ସୂଚନା ଅନୁଯାୟୀ, କେତେଜଣ ଯୁବକ ଏକ ସ୍ଥାନରେ ଭୋଜି କରୁଥିଲେ। ସେହିପରି ସହରର କେତୋଟି ସ୍ଥାନରେ ତେଲଭାଜି ଦୋକାନ ମଧ ଖୋଲା ରହିଥିଲା। ଜଳଖିଆ ଖାଇବାକୁ ସେଠାରେ ଲୋକେ ମଧ ରୁଣ୍ଡ ହୋଇଥିଲେ। ଏ ନେଇ ପୋଲିସକୁ ଖବର ମିଳିବା ମାତ୍ରେ ସେଠାରେ ଚଢ଼ାଉ କରାଯାଇଥିଲା। ଭୋଜି ଓ ତେଲଭାଜି ଛାଣୁଥିବା ଲୋକଙ୍କୁ ପୋଲିସ ଗିରଫ କରିବା ସହ କଡେଇ, ହାଣ୍ଡି ଜବତ କରିଥିଲା। ଥାନାକୁ ଆଣିଥିବା ଲୋକଙ୍କ ନାମରେ ମାମଲା ରୁଜୁ କରିବା ପରେ ସମସ୍ତଙ୍କୁ ନୋଟିସ୍ ଦେଇ ଛଡ଼ାଯାଇଥିଲା। କଟକଣା ପୁନର୍ବାର ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଛି।

# ନଜର ରଖିବାକୁ ୨୪ ଘଣ୍ଟିଆ କଲ୍ ସେଣ୍ଟର, ହ୍ୱାଟ୍ସଆପ୍ ଗ୍ରୁପ୍

ଅନୁଗୋଳ ଅଫିସ, ୨।୪

କରୋନା ମୁକାବିଲା ପାଇଁ ଅନୁଗୋଳ ପୋଲିସ ପକ୍ଷରୁ ୨୪ ଘଣ୍ଟିଆ କଲ୍ ସେଣ୍ଟର ଖୋଲାଯାଇଥିବା ବେଳେ ଅଭିଯୋଗ ଶୁଣିବାକୁ ହ୍ୱାଟ୍ସଆପ୍ ଗ୍ରୁପ୍ କରାଯାଇଛି। ଏହି ୨୪ ଘଣ୍ଟିଆ କଲ୍ ସେଣ୍ଟରରୁ ପର୍ଯ୍ୟାୟ କ୍ରମେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଥିବା ଲୋକଙ୍କ ପାଖକୁ ଫୋନ୍ କଲ୍ ଯିବ। ଏହାପରେ କ୍ୱାରାଣ୍ଟାଇନ୍‌ରେ ଥିବା ଲୋକମାନେ ଲୋକେଶନ ଶେୟାର କରିବେ। ଏହାଦ୍ୱାରା କ୍ୱାରାଣ୍ଟାଇନ୍ ନିୟମ ଫାଙ୍କୁଥିବା ଲୋକେ ଧରାପଡ଼ିବେ ବୋଲି ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଏଥିସହ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଡାକ୍ତର, ତେଜରାତି ହୋଲସେଲ୍‌ର, ମେଡିସିନ୍ ହୋଲସେଲର ଓ ପେଟ୍ରୋଲ ପମ୍ପ ମାଲିକଙ୍କୁ ସାମିଲ କରାଯାଇଛି। ଏହି ଗ୍ରୁପ୍ ଜରିଆରେ ସେମାନଙ୍କ ସମସ୍ୟା ଜଣାଇଲେ ପୋଲିସ ତୁରନ୍ତ ସମାଧାନ କରିବ। ଏଥିସହିତ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା ଗାଡ଼ି ଚାଳକଙ୍କ ପାଇଁ ରାଜପଥ ପାର୍ଶ୍ୱରେ ଖୋଲିଥିବା ଢାବା ଓ ଗ୍ୟାରେଜ୍‌କୁ ଫୋନ୍ କରାଯାଇ ବ୍ୟବସ୍ଥା ଠିକ୍ ଭାବେ ଚାଲିକି ନାହିଁ ତାହାର ତଦାରଖ କରାଯିବ।


ପୋଲିସ ପକ୍ଷରୁ ଖୋଲାଯାଇଥିବା କଲ୍ ସେଣ୍ଟରରେ କାର୍ଯ୍ୟରତ କର୍ମଚାରୀ।

# ଅନୁଗୋଳ ଆସିଥିଲେ ନିଜାମୁଦ୍ଦିନ ଧର୍ମଗୁରୁ

**ବିଭିନ୍ନ ଅଞ୍ଚଳ ବୁଲି କରିଥିଲେ ଧର୍ମଚର୍ଚ୍ଚା**

- ୨୦ ତାରିଖରେ ଯାଇଥିଲେ ପଶ୍ଚିମବଙ୍ଗ
- ଚିହ୍ନଟ ପରେ କ୍ୱାରାଣ୍ଟାଇନରେ ୩୧ ଜଣ

ଅନୁଗୋଳ ଅଫିସ୍/ତାଳଚେର, ୨।୪

ଦିଲ୍ଲୀର ନିଜାମୁଦ୍ଦିନ ମରକଜ୍‌ଠାରେ ଯୋଗ ଦେଇଥିବା ମୁସଲିମ ସମ୍ପ୍ରଦାୟର ଧର୍ମଗୁରୁଙ୍କ ମଧ୍ୟରୁ ୫ଜଣ ମହିଳା ଓ ପୁରୁଷ ନିକଟରେ ଅନୁଗୋଳ ଆସିଥିବା ଜଣାପଡିଛି। ସେମାନେ ଜିଲାର ବିଭିନ୍ନ ଅଞ୍ଚଳକୁ ଯାଇ କେତେଜଣଙ୍କ ଘରେ ରହିବା ସହ ସ୍ଥାନୀୟ ମସଜିଦ୍‌କୁ ମଧ ଯାଇଥିଲେ। ଏ ନେଇ ତନାଘନା ପରେ ସନ୍ଦେହରେ ଜିଲାର ମୋଟ୍ ୩୧ ଜଣଙ୍କୁ ପ୍ରଶାସନ ପକ୍ଷରୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

ଜିଲାପାଳ କହିଛନ୍ତି ଯେ, ସମ୍ପୃକ୍ତ ଧର୍ମଗୁରୁମାନେ ଗତ ମାର୍ଚ୍ଚ ୧୫ରେ ଅନୁଗୋଳ ଆସିବା ସହ ୨୦ ତାରିଖରେ ଜିଲା ବାହାରକୁ ଯାଇଥିଲେ। ସହର ଉପକଣ୍ଠ ବିଭିନ୍ନ ସ୍ଥାନ ସହ ନାଲ୍‌କୋ ଅଞ୍ଚଳ ଓ ତାଳଚେର ମଧ ଯାଇଥିଲେ। ତେଣୁ ସହର ଉପକଣ୍ଠର ୧୨ଜଣଙ୍କ ସହ ନାଲ୍‌କୋ ଅଞ୍ଚଳରୁ ୧୧ ଓ ତାଳଚେରରୁ ୮ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି। ଏହାକୁ ନେଇ ଜିଲାବାସୀ ଭୟଭୀତ ହୁଅନ୍ତୁ ନାହିଁ। ଅନୁଗୋଳ ପୋଲିସ କହିଛି, ଧର୍ମଗୁରୁମାନେ ପଶ୍ଚିମବଙ୍ଗରୁ ଆସି ଜିଲାର ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସିଥିବା ସୂଚନା ମିଳିଛି। କାଳେ ସେମାନେ ଦିଲ୍ଲୀରୁ ସିଧାସଳଖ ଅନୁଗୋଳ ଆସି ଧର୍ମ ଚର୍ଚ୍ଚା କରିଥିବେ ସେ ନେଇ ଜିଲା ପ୍ରଶାସନ ଆଶଙ୍କା କରି ଲୋକମାନଙ୍କୁ କ୍ୱାରାଣ୍ଟାଇନ୍ କରିଛି। ଅନୁଗୋଳ ତହସିଲଦାର ନେହେରୁ ମାଝି, ପୌରପରିଷଦ ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, ଅନୁଗୋଳ ଥାନା ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା, ଅରକ୍ଷିତ ସେଠୀ ପ୍ରମୁଖ ସମ୍ପୃକ୍ତ ଲୋକମାନଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଆଣିଥିବା ପୋଲିସ ପ୍ରକାଶ କରିଛି।


ପ୍ରଶାସନ ପକ୍ଷରୁ କରାଯାଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟର।

# ଗୋରୁ, କୁକୁରଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା

ଅନୁଗୋଳ ଅଫିସ, ୨।୪

ଅନୁଗୋଳ ସହରରେ ବୁଲୁଥିବା ଗୋରୁ ଓ କୁକୁରଙ୍କୁ ପୌରପାଳିକା ପକ୍ଷରୁ ଖାଦ୍ୟ ଦିଆଯାଉଛି। ପ୍ରତ୍ୟେକ ଦିନ ୫୦ରୁ ଅଧିକ ଗୋରୁଙ୍କୁ ସକାଳେ ଓ ସନ୍ଧ୍ୟାରେ ରୁଟି ଖୁଆଯାଉଥିବା ବେଳେ ଶହେରୁ ଉର୍ଦ୍ଧ୍ୱ ବୁଲା କୁକୁରଙ୍କୁ ବିସ୍କୁଟ ଦିଆଯାଉଥିବା ପୌରନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଲକ୍‌ଡାଉନ ପାଇଁ ସହରରେ ଥିବା ବିଭିନ୍ନ ଦୋକାନ ଓ ହୋଟେଲ ବନ୍ଦ ହୋଇଥିବାରୁ ବୁଲା ଗୋରୁ, କୁକୁରମାନେ ଖାଦ୍ୟ ପାଉନାହାନ୍ତି। ତେଣୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏପରି ବ୍ୟବସ୍ଥା କରାଯାଇଥିବା ପୌର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


ବୁଲା ଗୋରୁଙ୍କୁ ପୌରପାଳିକା ପକ୍ଷରୁ ଖାଦ୍ୟ ଦିଆଯାଉଛି।

**ସଂକ୍ଷେପରେ**

## ୫ ଟନ୍ ଚୋରା କୋଇଲା ଜବତ



**ପରଜଙ୍ଗ, ୨।୪(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଖାଲପାଳ ଗାଁ ନିକଟ ବାହ୍ମଣୀ ନଦୀଘାଟରୁ ଗୁରୁବାର ରାତିରେ ୫ ଟନ୍ ଚୋରା କୋଇଲା ଜବତ କରାଯାଇଛି। ଉକ୍ତ କୋଇଲା ଇଟାଭାଟିରେ ବ୍ୟବହାର କରିବା ଲାଗି ତାଳଚେର ଅଞ୍ଚଳରୁ ଡଙ୍ଗା ସହାୟତାରେ ନଦୀ ପାର କରି ଅଣାଯାଇଥିଲା। ଘଟଣାସ୍ଥଳରୁ କୋଇଲା ମାଫିଆମାନେ ଦୌଡ଼ି ପଳାଇଥିଲେ। ପୋଲିସ ନଂ. ୭୦/୨୦୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ସରାଙ୍ଗ ଫାଣ୍ଡି ଅଧିକାରୀ ଦାମୋଦର ସାହୁଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ। ବାରିହାପୁର, କମର, ଗଇଲୋ, ମଝିକା, କୁଲେଇ, ଖାଲପାଳ, ଜଟିଆ, ପରଜଙ୍ଗ, ଡମୋଳ, ମୁଣ୍ଡେଇଲୋ, ନାଉପାଳ ଅଞ୍ଚଳରେ ୧୦୦ରୁ ଉର୍ଦ୍ଧ୍ୱ ବେଆଇନ୍ ଇଟାଭାଟି ଗଢ଼ିଉଠିଛି । ଏସବୁ ଭାଟିରେ ଲକ୍ଷାଧିକ ଟଙ୍କାର ଚୋରା କୋଇଲା ବ୍ୟବହାର କରାଯାଉଛି। ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ଇଟାପୋଡ଼ା ଦ୍ୱାରା ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶିତ ହେବାପରେ ପୋଲିସ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ପିଏମ୍ ରିଲିଫ ପାଣ୍ଠିକୁ ୧ ଲକ୍ଷ ଦେଲେ ଆଇନଜୀବୀ

**ଢେଙ୍କାନାଳ ଅଫିସ, ୨।୪:** କରୋନା ମୁକାବିଲା ଲାଗି ଆଗେଇ ଆସିଛନ୍ତି ଢେଙ୍କାନାଳ ସହରସ୍ଥିତ କୁଞ୍ଜକାନ୍ତ ଅଞ୍ଚଳର ବରିଷ୍ଠ ଟାକ୍ସ ଆଇନଜୀବୀ ଶୁଭେନ୍ଦୁ ମହାପାତ୍ର। ସେ ପ୍ରଧାନମନ୍ତ୍ରୀ ନ୍ୟାଶନାଲ ରିଲିଫ୍ ଫଣ୍ଡକୁ



୧ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନେଟ୍ ବ୍ୟାଙ୍କିଙ୍ଗ୍ ମାଧମରେ ସେ ଏହି ଅର୍ଥ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି।

## ପାଳନ ହେଲାନି ବାର୍ଷିକ ଉତ୍ସବ

**କଣିହାଁ, ୨।୪(ଡି.ଏନ.ଏ.):** କରୋନା କଟକଣା ଯୋଗୁ କଣିହାଁ ଅଞ୍ଚଳରେ ଶ୍ରୀରାମ ନବମୀ ଫିକା ପଡ଼ିଛି। ବିଶେଷ କରି ବିଜିଗୋଳ ଗ୍ରାମରେ ପ୍ରତିବର୍ଷ ରାମନବମୀ ଉତ୍ସବ ଧୂମ୍‌ଧାମରେ ପାଳନ କରାଯାଏ। କିନ୍ତୁ ଚଳିତବର୍ଷ କେବଳ ପୂଜାପାଠରେ ସୀମିତ ରହିଛି। ଏଥିସହ ଗହମ, ଡେରାଙ୍ଗ ହନୁମାନପୁର ଆଦି ଗ୍ରାମର ବାର୍ଷିକ ଉତ୍ସବ ମଧ ପାଳନ କରାଯାଇ ନ ଥିବା ଜଣାପଡ଼ିଛି।

# ଡୋକ୍ରା ଶିଳ୍ପକୁ କରୋନା ମାଡ଼

**ଢେଙ୍କାନାଳ ଅଫିସ, ୨।୪**



ଡୋକ୍ରା ହସ୍ତଶିଳ୍ପ କାରିଗର।

**ଆସୁନାହାନ୍ତି ପର୍ଯ୍ୟଟକ, ଚିନ୍ତାରେ କାରିଗର**

**କମ୍ ଦାମ୍‌ରେ ବିକିଦେଉଛନ୍ତି କଞ୍ଚାମାଲ୍**

କୋଭିଡ୍-୧୯ ସଂକ୍ରମଣରେ ପ୍ରଭାବିତ ହୋଇଛି ସମଗ୍ର ଶିଳ୍ପ ଜଗତ। ଏଥିରୁ ବାଦ୍ ପଡ଼ିନି ପାରମ୍ପରିକ ହସ୍ତଶିଳ୍ପ। ଖାସ୍ କରି ଲକ୍‌ଡାଉନ ପରେ ଡୋକ୍ରା ଭଳି କୁଟୀରଶିଳ୍ପକୁ ପୁଞ୍ଜି କରି ପରିବାର ପୋଷୁଥିବା ଶିଳ୍ପୀଙ୍କ ହାତ ଖାଲି। ପର୍ଯ୍ୟଟକ ଆସୁ ନ ଥିବାରୁ ମାନ୍ଦା ଧରିଛି ବେପାର। ଏପରି କି ଦୈନିକ ଗୁଜରାଣ ମେଣ୍ଟାଇବା ବି ସେମାନଙ୍କ ପକ୍ଷରେ ହୋଇଯାଇଛି କାଠିକର ପାଠ।

ଢେଙ୍କାନାଳ ଜିଲା ସପ୍ତଶଯ୍ୟା ପଞ୍ଚାୟତର ଡୋକ୍ରା ଶିଳ୍ପୀଗ୍ରାମ ଭାବେ ପରିଚିତ ନୂଆଗାଁ। ନବଜୀବନପୁରରୁ ଉଠିଆସି ଏଠାରେ ବସତି ସ୍ଥାପନ କରି ରହୁଛନ୍ତି ୪୦ ଶିଳ୍ପୀ ପରିବାର। ଢେଙ୍କାନାଳ ଡୋକ୍ରା ହସ୍ତଶିଳ୍ପର ଖାସ୍ ଚାହିଦା ରହିଛି। ଜିଲା ପରିଭ୍ରମଣରେ ଆସୁଥିବା ବିଦେଶୀ ପର୍ଯ୍ୟଟକମାନେ ନୂଆଗାଁ ଆସି ଶିଳ୍ପୀଙ୍କ ସହ ଭାବ ବିନିମୟ କରିବା ସହିତ ହସ୍ତଶିଳ୍ପ ସାମଗ୍ରୀ କିଣି ନେଇଥାନ୍ତି। ସେହିପରି ମେଳା ମହୋତ୍ସବରେ କାରିଗରମାନେ ହାତ ତିଆରି ସାମଗ୍ରୀ ବିକ୍ରି କରି ବେଶ୍ ଦୁଇପଇସା ପାଇଥାନ୍ତି। ହେଲେ ଲକ୍‌ଡାଉନ୍ ଘୋଷଣା ପରେ ଏବେ ଶିଳ୍ପୀ ଗ୍ରାମ ଖାଁ ଖାଁ। ପର୍ଯ୍ୟଟକ ଆସୁ ନ ଥିବାରୁ ପ୍ରଭାବିତ ହୋଇଛି ଡୋକ୍ରା କାରିଗରଙ୍କ ଜୀବିକା। ସେହିପରି କରୋନା ସଂକ୍ରମଣ ପ୍ରତିରୋଧ ନେଇ କୌଣସି ବ୍ୟବସ୍ଥା କରାଯାଇ ନ ଥିବା କେତେଜଣ ଶିଳ୍ପୀ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ବରିଷ୍ଠ ଡୋକ୍ରା ହସ୍ତଶିଳ୍ପ କାରିଗର ଦୁଃଶାସନ ବେହେରା (୬୭) କୁହନ୍ତି, ୧୫ଦିନ ତଳେ ବ୍ୟବସାୟ ସ୍ୱାଭାବିକ ଚାଲିଥିଲା। କିନ୍ତୁ କଟକଣା ଲାଗୁହେବା ପରେ କେହି ଆସୁନାହାନ୍ତି। ସରକାରଙ୍କ ପକ୍ଷରୁ କେବଳ ଚାଉଳ ଯୋଗାଣ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଚଢ଼ା ଦରରେ ବିକ୍ରି ହେଉଥିବାରୁ ଭାତ, ଡାଲି ସହ ଆଳୁ ଖାଇବା ବି କଷ୍ଟକର ହୋଇପଡୁଛି। ହସ୍ତଶିଳ୍ପ ତିଆରି ପାଇଁ ୩୦୦ ଟଙ୍କା ଦେଇ ଆଣୁଥିବା ମହମ ଓ ପିତଳକୁ ବାଧହୋଇ ୧୫୦ ଟଙ୍କାରେ ବିକି ଦେଉଛୁ। ବ୍ୟବସାୟ ନ ଥିବାରୁ ସାମଗ୍ରୀ ତିଆରି କରି ରଖିବା ଲାଭ ନାହିଁ ବୋଲି ଦୁଃଶାସନ କହିଛନ୍ତି। ସରପଞ୍ଚ ଯେଶସ ସାହୁ କୁହନ୍ତି, ଡୋକ୍ରା କାରିଗର ରହୁଥିବା ବସ୍ତି ଉପରେ ନଜର ରଖାଯାଇଛି। ସେମାନଙ୍କୁ ୩ମାସର ଚାଉଳ ସାଙ୍ଗକୁ ଭତ୍ତା ଦିଆଯାଇଛି। ସରକାରଙ୍କ ପକ୍ଷରୁ ମାସ୍କ ମିଳି ନ ଥିବାରୁ ଦିଆଯାଇପାରି ନାହିଁ। ଭୂତାଣୁ ସଂକ୍ରମଣରୁ ସଚେତନ କରିବାକୁ ମାଇକ୍ ଯୋଗେ ପ୍ରଚାର କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ସନ୍ଦିଗ୍ଧଙ୍କୁ ନେଲାନି ୧୦୮

**ଛେଣ୍ଡିପଦା, ୨।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୩ଜଣ କରୋନା ସନ୍ଦିଗ୍ଧଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ରେଫର କରାଯାଇଥିଲେ ହେଁ ୧୦୮ ଆମ୍ବୁଲାନ୍ସ ସେମାନଙ୍କୁ ନେବାକୁ ମନା କରିଦେବା ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ବ୍ୟକ୍ତିମାନେ ଆନ୍ଧ୍ରପ୍ରଦେଶରୁ ଫେରିବା ପରେ ଥଣ୍ଡା, କାଶ ଓ ଜ୍ୱରରେ ପୀଡ଼ିତ ହୋଇଥିଲେ। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମହାମିଳନ ମୁର୍ମୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖିବା ସହ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଟିମ୍ ଯାଇ ସନ୍ଦିଗ୍ଧମାନଙ୍କ ସ୍ୱାବ ସଂଗ୍ରହ କରିବ ବୋଲି ସିଡିଏମ୍‌ଓ ପରାମର୍ଶ ଦେଇଥିବା ମୁର୍ମୁ ପ୍ରକାଶ କରିଛନ୍ତି।



ଇଟାଭାଟି ମାଲିକଙ୍କ ସହ ତହସିଲଦାର ଆଲୋଚନା କରୁଛନ୍ତି।

# ୨୪୦ ଇଟାଭାଟି ଶ୍ରମିକ ଥଇଥାନ

**କାମାକ୍ଷାନଗର, ୨।୪(ଡି.ଏନ.ଏ.)**

**ସହାୟତା ହାତ ବଢ଼ାଇଲା ତହସିଲ ପ୍ରଶାସନ**

**ଖାଦ୍ୟପେୟ ବ୍ୟବସ୍ଥା କରିବାକୁ ଭାଟି ମାଲିକଙ୍କୁ ନିର୍ଦ୍ଦେଶ**

ଲକ୍‌ଡାଉନ୍ ସମୟରେ ସମସ୍ୟାରେ ସନ୍ତୁଳି ହେଉଥିବା ଇଟାଭାଟି ଶ୍ରମିକଙ୍କୁ କାମାକ୍ଷାନଗର ତହସିଲ ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇଛି। ତହସିଲଦାର ସଞ୍ଜୟ କୁମାର ରାଉତଙ୍କ ଉଦ୍ୟମରେ ୨୪୦ ଜଣ ଶ୍ରମିକଙ୍କୁ ପୃଥକ୍ ସ୍ଥାନରେ ରଖାଯାଇଛି। ସେମାନଙ୍କୁ ଖାଦ୍ୟପାନୀୟ ଦିଆଯିବା ବ୍ୟବସ୍ଥା କରାଯିବା ସହ ଆବଶ୍ୟକ ଯତ୍ନନେବାକୁ ଭାଟି ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, କାମାକ୍ଷାନଗରରେ ଅନେକ ବେଆଇନ ଇଟାଭାଟି ଗଢ଼ିଉଠିଛି। ଇଟାଭାଟିଗୁଡ଼ିକ ଉପରେ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ାଉ କରାଯାଉଥିଲେ ମଧ ଭାଟି ମାଲିକମାନେ ଲୁଚକାଳି ଖେଳ ଖେଳୁଥିଲେ। ଲକ୍‌ଡାଉନ୍ ପରେ ପ୍ରଶାସନ ପକ୍ଷରୁ ସମସ୍ତ ଭାଟିକୁ ସିଲ୍ କରିଦିଆଯାଇଥିଲା। ଫଳରେ ଏଠାରେ କାର୍ଯ୍ୟରତ ଶ୍ରମିକମାନେ ଦୁଇଓଳି ଖାଇବାକୁ ନ ପାଇ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ସେମାନେ ଘରକୁ ଫେରିପାରୁ ନ ଥିଲେ। ଦୟନୀୟ ଅବସ୍ଥାରେ ଥିବା ସମ୍ପୃକ୍ତ ଶ୍ରମିକଙ୍କ ପାଖରେ ତହସିଲଦାର ପହଞ୍ଚି ସହାୟତାର ହାତ ବଢ଼ାଇଥିଲେ। ଉଦ୍ଧାର ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ୨୧୦ ଜଣଙ୍କୁ ଆଳତୁମା ଉଚ୍ଚବିଦ୍ୟାଳୟରେ ରଖାଯାଇଛି। ଏଥିଲାଗି ସ୍କୁଲର ୧୦ ଗୃହ ଖୋଲାଯାଇଛି। ପ୍ରତି ପ୍ରକୋଷ୍ଠରେ ସାମାଜିକ ଦୂରତା ରକ୍ଷା କରିବା ଭଳି ବ୍ୟବସ୍ଥା ହୋଇଛି। ସେହିପରି ଜନ୍ତାରିବୋଲ ସେବାଶ୍ରମରେ ୩୦ଜଣ ଶ୍ରମିକଙ୍କୁ ଥଇଥାନ କରାଯାଇଛି। ଶ୍ରମିକମାନେ କାମ କରୁଥିବା ଭାଟି ମାଲିକଙ୍କୁ ସେମାନଙ୍କ ଖାଇବା ପିଇବା ବନ୍ଦୋବସ୍ତ କରିବା ସହ ଆବଶ୍ୟକ ଯତ୍ନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଶ୍ରମିକଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ମଧ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

## ଔଷଧ କିଣିବା ବାହାନାରେ ଭାଙ୍ଗୁଛନ୍ତି ନିୟମ

**କାମାକ୍ଷାନଗର, ୨।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ବାରମ୍ବାର ଲକ୍‌ଡାଉନ୍ ନିୟମ ଭାଙ୍ଗୁଥିବା କେତେଜଣ ଅମାନିଆ ଯୁବକଙ୍କ ପାଇଁ ଚିନ୍ତାରେ ପଡ଼ିଛି ପୋଲିସ। ସମ୍ପୃକ୍ତ ଯୁବକମାନେ ଖାଦ୍ୟ ସାମଗ୍ରୀ, ଔଷଧ କିଣିବା ବାହାନାରେ ମେଳି ବାନ୍ଧି ଖଟି କରୁଛନ୍ତି। ସଂକ୍ରମଣ ରୋକିବାକୁ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଏପରି କେତେଜଣଙ୍କ ପାଇଁ ସବୁ କିଛି ଫସର ଫାଟିଯିବା ଆଶଙ୍କା ସୃଷ୍ଟି ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଦିନ ତମାମ ସହର ଶୂନ୍‌ଶାନ ରହୁଛି। ହେଲେ ସକାଳ ସନ୍ଧ୍ୟାରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ବାହାନା କରି ଯୁବକମାନେ ଦଳ ଦଳ ହୋଇ ରାସ୍ତାରେ ବୁଲୁଛନ୍ତି। ବିଭିନ୍ନ ସ୍ଥାନରେ ମେଳି ବାନ୍ଧୁଛନ୍ତି। ସେହିପରି ସହରରେ କଟକଣା କଡ଼ାକଡ଼ି ହେବା ପରେ ଅନେକ ପରିବାର ଗାଁରେ ଥିବା ଘରେ ଯାଇ ରହୁଛନ୍ତି। ଲୋକ ଦେଖାଣିଆ ଭାବେ ସେମାନେ ବାଉଁଶ ବାଡ଼ରେ ପ୍ରବେଶ ପଥ ବନ୍ଦ କରି ତାସ୍ ଖେଳରେ ମାତୁଛନ୍ତି। ପୋଲିସଠାରୁ ବର୍ତ୍ତିବା ଲାଗି ସେମାନେ ଏପରି ମନ୍ଦ ଉପାୟ କରୁଛନ୍ତି। ଏପରି କଟକଣା ଭାଙ୍ଗୁଥିବା ଲୋକଙ୍କ ଉପରେ କଡ଼ା ନଜର ରଖାଯାଇଛି। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ମୃତଦେହ ରଖି କ୍ଷତିପୂରଣ ଦାବି

**ଛେଣ୍ଡିପଦା, ୨।୪(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବାଗଡିଆ ଗ୍ରାମ ରଥସାହିରେ ଗତ ବୁଧବାର ଏକ ଫ୍ୟାକ୍ଟ୍ରିର ପାଚେରି ଭୁଶୁଡ଼ି ସଦାନନ୍ଦ ବେହେରାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ତ୍ରୀ ବେବି ଗୁରୁତର ହୋଇଥିଲେ। ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟରୁ ସଦାନନ୍ଦଙ୍କ ମୃତଦେହ ଆଣି ଆସିବା ପରେ ପରିବାର ସଦସ୍ୟ ଏବଂ ସାହି ଲୋକେ କ୍ଷତିପୂରଣ ଦାବିରେ ଉକ୍ତ ଫ୍ୟାକ୍ଟ୍ରି ମାଲିକଙ୍କ ଘର ସମ୍ମୁଖରେ ରଖି ଆନ୍ଦୋଳନ କରିବା ସହ ବାଗଡିଆ ଫାଣ୍ଡିରେ ଅଭିଯୋଗ କରିଥିଲେ। ତେବେ ଦୀର୍ଘ ସମୟ ପରେ ବି ମୃତଦେହ ଉଠା ନ ଯିବାରୁ ସାହିର ଅନ୍ୟ ବାସିନ୍ଦାମାନେ ୧୫୩ ବି ଜାତୀୟ ରାଜପଥ ଅବରୋଧ କରି ବସି ରହିଥିଲେ। ସନ୍ଧ୍ୟା ସାଢ଼େ ୭ଟାରେ କମ୍ପାନୀ ମାଲିକ ୪୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍‌ରୁ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ମିଳିବା ପରେ ପରିବାର ଲୋକେ ମୃତଦେହ ଉଠାଇଥିଲେ। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ, ଏସ୍‌ଆଇ ପ୍ରତାପ ଚନ୍ଦ୍ର ଦଳେଇ, ସଂଘମିତ୍ରା ଶତପଥୀ, ଅବଦୁଲ ଓସିମ ଖାନ୍ ପ୍ରମୁଖ ଉପସ୍ଥିତ ରହି ବୁଝାଶୁଝା କରିଥିଲେ।



ମୃତଦେହ ରଖି ଲୋକେ କ୍ଷତିପୂରଣ ଦାବି କରୁଛନ୍ତି।

## ୮୨୧ ଜଣଙ୍କୁ ରନ୍ଧାଖାଦ୍ୟ

**କଣିହାଁ, ୨।୪(ଡି.ଏନ.ଏ.)**

କଣିହାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ନିରାଶ୍ରୟମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଗୁରୁବାର ୨୭ଟି ପଞ୍ଚାୟତ ମଧ୍ୟରୁ ୧୯ଟିରେ ଥିବା ବାହାର ରାଜ୍ୟ ଓ ଜିଲାର ଶ୍ରମିକ ଏବଂ ନିରାଶ୍ରୟମାନଙ୍କୁ ଖାଦ୍ୟ ଦିଆଯାଇଛି। ମୋଟ୍ ୮୨୧ ଜଣ ଏଥିରେ ଉପକୃତ ହୋଇଥିବା ବିଡିଓ ରମେଶ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ତେବେ ଏ ବାବଦରେ ଆସୁଥିବା ସରକାରୀ ଅର୍ଥ ଯେପରି ବାଟମାରଣା ନ ହୁଏ ସେ ନେଇ ସମସ୍ତଙ୍କୁ ତାଗିଦ କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି।

# ଯୁବଗୋଷ୍ଠୀ ବାଣ୍ଟୁଛନ୍ତି ରନ୍ଧାଖାଦ୍ୟ

**ଓଡ଼ାପଡ଼ା, ୨।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦାଶିବପୁର ଏବଂ ଗଦାଶିଳା ପଞ୍ଚାୟତର କେତେଜଣ ଯୁବକ କରୋନା ମହାମାରୀ ସମୟରେ ଅଭାବୀ ଲୋକଙ୍କ ପେଟର ଭୋକ ମେଣ୍ଟାଇବାକୁ ଅଣ୍ଟା ଭିଡ଼ିଛନ୍ତି। ସାମାଜିକ ଦୂରତ୍ୱକୁ ବଜାୟ ରଖି ସକାଳୁ ସକାଳୁ ସେମାନେ ରନ୍ଧାଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ସେଗୁଡ଼ିକୁ ପ୍ୟାକେଟ୍ କରି ଗରିବ ଲୋକଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। ଏହି କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୪ ତାରିଖ ଯାଏ ଚାଲିବ। ଦୀପ୍ତିରଞ୍ଜନ ଦାସ, ମିହିର ଖଟୁଆ, ରାଜେନ୍ଦ୍ର ରାଉତ, ଦେବୀପ୍ରସାଦ ଚୌଧୁରୀ, ସୂର୍ଯ୍ୟମଣି ପ୍ରଧାନ, ଦୁର୍ଗାଚରଣ ବେହେରା, ପ୍ରକାଶ ମହାରଣା, ଦିଲୀପ ସାହୁ, ସାହିଲ ଖଟୁଆ ପ୍ରମୁଖ ଏଥିରେ ସହାୟତା କରୁଛନ୍ତି।



ଯୁବକମାନେ ଖାଦ୍ୟ ପୁଡ଼ିଆ ପ୍ରଦାନ କରୁଛନ୍ତି।

# ଭକ୍ତ ବିନା ଜୟନ୍ତୀ ପାଳିଲେ ପ୍ରଭୁ ଶ୍ରୀରାମ

**ଢେଙ୍କାନାଳ ଅଫିସ, ୨।୪**



ରାମନବମୀରେ ସପ୍ତଶଯ୍ୟା ପୀଠ ଶୂନଶାନ।

**ରାମନବମୀରେ ସପ୍ତଶଯ୍ୟା ପୀଠ ଶୂନଶାନ୍**

**ବିଧି ଅନୁଯାୟୀ ହେଲା ନୀତି**

**ଶ୍ରୀଜୀଉଙ୍କ ରାଜାରାଜେଶ୍ୱର ବେଶ**

ଅଳଙ୍କାର ଆଭୂଷଣ, ବେଶଭୂଷାରେ ସଜ୍ଜିତ ହୋଇଥିଲେ ଶ୍ରୀଜୀଉ। ହେଲେ ଏହି କମନୀୟ ବେଶ ଦର୍ଶନ କରିବାକୁ ନ ଥିଲା ଭକ୍ତଙ୍କ ଗହଳି। ଶ୍ରଦ୍ଧାଳୁଙ୍କ ବିନା ପ୍ରଭୁ ଶ୍ରୀରାମ ପାଳିଛନ୍ତି ଜୟନ୍ତୀ। ଚଳିତବର୍ଷ ଭକ୍ତ-ଭଗବାନଙ୍କ ମଧ୍ୟରେ ଏପରି ବ୍ୟବଧାନ ବଢ଼ାଇଛି ମାରାତ୍ମକ କରୋନା ଭାଇରସ୍, ଯାହା ବାରି ହୋଇପଡ଼ିଥିଲା ଢେଙ୍କାନାଳ ସପ୍ତଶଯ୍ୟାସ୍ଥିତ ରାମମନ୍ଦିରରୁ। ପକ୍ଷୀଙ୍କ କଳରବ, ଭୋକିଲା ମାଙ୍କଡ଼ଙ୍କ ବ୍ୟତୀତ ସମ୍ପୂର୍ଣ୍ଣ ପୀଠ ଲାଗୁଥିଲା ଖାଁ ଖାଁ। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ସପ୍ତଶଯ୍ୟାର ଅନନ୍ୟ ଆକର୍ଷଣ ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିର। ଗୁରୁବାର ଥିଲା ପବିତ୍ର ରାମନବମୀ। ଏହି ପବିତ୍ର ଦିନରେ ପ୍ରତିବର୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ହେଲେ ଚଳିତ ବର୍ଷ କରୋନା ପାଇଁ ଲାଗିଥିବା କଟକଣା ଯୋଗୁ ଶୂନ୍‌ଶାନ ଥିଲା ପୀଠ। ଶ୍ରଦ୍ଧାଳୁଙ୍କ ସମାଗମ ରୋକିବାକୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିସର, ପୀଠ ପାଦଦେଶରେ ପୋଲିସ ମୁତୟନ ହୋଇଥିଲେ। ପୀଠଠାରୁ ୫କିମି ପୂର୍ବରୁ ବଡ଼ଗିଲା ଗ୍ରାମ ସୀମାରେ ବାଉଁଶ ବାନ୍ଧି ରାସ୍ତା ବନ୍ଦ କରାଯିବା ସହ ସଚେତନତାମୂଳକ ବ୍ୟାନର ଲଗାଯାଇଥିଲା। ସେହିପରି ପୀଠରେ ଯଜ୍ଞ, ଅଷ୍ଟପ୍ରହର, ସର୍ବସାଧାରଣ ପ୍ରସାଦ ସେବନ ବନ୍ଦ ରହିଥିଲା।

ଅନ୍ୟପଟେ ପରମ୍ପରା ଅନୁଯାୟୀ ସକାଳୁ ଶ୍ରୀଜୀଉଙ୍କ ନୀତିକାନ୍ତି କରାଯାଇଥିଲା। ପୂଜାର୍ଚ୍ଚନା ପରେ ମହାପ୍ରଭୁଙ୍କ ରାଜାରାଜେଶ୍ୱର ବେଶ ହୋଇଥିଲା। ଶ୍ରୀରାମ ନବମୀ ପାଳନ ଅବସରରେ ରାଜ ପରିବାରର ସଦସ୍ୟ ପୀଠକୁ ଯାଇ ଶ୍ରୀଜୀଉଙ୍କ ଦର୍ଶନ କରିଥାନ୍ତି। କିନ୍ତୁ ଚଳିତବର୍ଷ କଟକଣାକୁ ସମ୍ମାନ ଜଣାଇ କେହି ଆସି ନ ଥିବା ଜିମାଦାର ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ସୂତ୍ରରୁ ଜଣାପଡ଼ିଛି। ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ପୁରୋଧା ମହେଶ କୁମାର କର ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ।

୧୯୫୬ରେ ରାଣୀ ରତ୍ନପ୍ରଭା ଦେବୀ, ରାଜା ଶଙ୍କର ପ୍ରତାପ ସିଂଦେଓ ମହିନ୍ଦ୍ର ବାହାଦୁରଙ୍କ ଉଦ୍ୟମରେ ଏହି ମନ୍ଦିର ପ୍ରତିଷ୍ଠା ହୋଇଥିଲା। ମନ୍ଦିର ପ୍ରତିଷ୍ଠା ଦିନଠାରୁ ପ୍ରତିବର୍ଷ ରାମନବମୀରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି। ହେଲେ ଚଳିତ ବର୍ଷ କରୋନା ପାଇଁ ଏପରି ବ୍ୟତିକ୍ରମ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଶ୍ୱଶୁରଙ୍କୁ ପିଟି ମାରିଦେଲେ ଜ୍ୱାଇଁ

ଟିକିରି,୨।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା ଟିକିରି ଥାନା ଅଧୀନ ତେନ୍ତୁଳିପଦର ଗ୍ରାମରେ ଜ୍ୱାଇଁ ଆକ୍ରମଣରେ ଗୁରୁତର ଥିବା ଶ୍ୱଶୁରଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ସେହିପରି ସ୍ତ୍ରୀ, ଶାଶୁ ଓ ଶାଳୀ ଆହତ ହୋଇଛନ୍ତି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ କିଆ ମାଝି ତେନ୍ତୁଳିପଦରସ୍ଥିତ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ ଥିବା ସ୍ତ୍ରୀ ଶାନ୍ତିଙ୍କୁ ଘରୁ ଟାଣିଆଣି ମାଡ଼ ମାରିଥିଲେ। ଘରେ ଥିବା ଶାଶୁ ବିଷକୁଡ଼ି, ଶ୍ୱଶୁର କାନ୍ତାରୁ ଓ ଶାଳୀ ବାସନ୍ତୀ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ କିଆ କାଠଫାଳିଆରେ ଆକ୍ରମଣ କରିଥିଲେ। କାନ୍ତାରୁଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିବା ଫଳରେ ସେ ଘଟଣାସ୍ଥଳରେ ଟଳିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ରାୟଗଡ଼ା ମେଡିକାଲ ଓ ସେଠାରୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ କେସ୍ ନଂ. ୫୫/୨୦ରେ ମାମଲା ରୁଜୁକରି ଅଭିଯୁକ୍ତ କିଆ ମାଝିଙ୍କୁ ପୋଲିସ ପଚରାଉଚରା କରୁଥିବା ଆଇଆଇସି ସୁଜ୍ଞାନୀ ସାହୁ ସୂଚନା ଦେଇଛନ୍ତି।

### ସଫେଇ କର୍ମଚାରୀଙ୍କୁ ସଚେତନ କଲେ ଜେଆରସି

ସୁନାବେଡ଼ା,୨।୪: ସୁନାବେଡା ଏଡିଏଭି ହାଇସ୍କୁଲ ଜୁନିଅର ରେଡକ୍ରସ ୟୁନିଟର କାଉନସିଲର ତଥା ଜେଆରସି ଜିଲା ସାଧନ କର୍ମୀ ଶାହେଦା ପରବିନ କରୋନା ସମ୍ପର୍କରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ସହର ଉପକଣ୍ଠ ଆର୍‌ଏ ଜୋନରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନାବେଡ଼ାର ସଫେଇ କର୍ମଚାରୀଙ୍କୁ ବୁଝାଇବା ସହ ନିଜେ କିଭଳି ନିଜର ଯତ୍ନ ନେବେ ଓ ବ୍ୟକ୍ତିଗତ ତଥା ପାରିବାରିକ ପରିଷ୍କାର ପରିଚ୍ଛନ୍ନତା ଉପରେ ସଚେତନ କରାଯାଇଥିଲା। ହାତଧୁଆ, ଘରେ ଓ ବାହାରେ ସାମାଜିକ ଦୂରତ୍ୱ ରକ୍ଷା ଉପରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୁନିଅର ରେଡକ୍ରସର କୋରାପୁଟ ଜିଲା ସମ୍ପାଦକ ବିପ୍ରଚରଣ ପଣ୍ଡା, ଜିଲା ଜୁନିଅର ରେଡକ୍ରସ ଅଧିକାରୀ ଯଜ୍ଞେଶର ପଣ୍ଡା ଉତ୍ସାହିତ କରିଥିଲେ ଓ ଭାରତୀୟ ରେଡକ୍ରସ ସୋସାଇଟିର ଆଜୀବନ ସଦସ୍ୟ ଶେଖ ଇବ୍ରାହିମ ସହଯୋଗ କରିଥିଲେ।

### ରନ୍ଧାଖାଦ୍ୟ ବାଣ୍ଟିଲେ ବିଭିନ୍ନ ସଂସ୍ଥା

ବୋରିଗୁମ୍ମା/ପାପଡ଼ାହାଣ୍ଡି, ୨।୪(ଡି.ଏନ୍.ଏ.): କୋରାପୁଟ ଜିଲା ବୋରିଗୁମ୍ମା ସହର ଉପକଣ୍ଠରେ ସାଇ ସୁଧା ଫିଲିଙ୍ଗ ଷ୍ଟେଶନ ପକ୍ଷରୁ ଲୋକଙ୍କୁ ମାଗଣାରେ ରନ୍ଧାଖାଦ୍ୟ ଦିଆଯାଇଛି। ଗୁରୁବାର ସାଇ ସୁଧା ଫିଲିଙ୍ଗ ଷ୍ଟେଶନ ପରିସରରେ ଟ୍ରକ ଚାଳକ, କର୍ମଚାରୀ ଓ ଅସହାୟ ଲୋକେ ରନ୍ଧାଖାଦ୍ୟ ଖାଇଥିଲେ। ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଭୋଜନ ଦିଆଯାଇଛି ବୋଲି ଫିଲିଙ୍ଗ ଷ୍ଟେଶନ ମୁଖ୍ୟ ପରିଚାଳକ କେ. ସୁଧାକର କହିଛନ୍ତି। ଲୋକେ ଖାଇବା ସମୟରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଲକ ଡାଉନ ଯୋଗୁ ଗ୍ରାମରେ ରହିଥିବା ଅସହାୟ ଲୋକ ଓ ଜଙ୍ଗଲରେ ରହୁଥିବା ମାଙ୍କଡ଼ଙ୍କୁ ସହାୟତାର ହାତ ବଢ଼ାଇଛି ପୋଲିସ। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପୋଲିସ ସେମାନଙ୍କୁ ଖାଦ୍ୟ ବାଣ୍ଟିଛି। ହାଟପଦା ନିକଟରେ ରହୁଥିବା ମରାଠୀ ଓ ଅନ୍ୟ ଅସହାୟଙ୍କ ସହ ପ୍ରାୟ ୪୦ ଜଣଙ୍କୁ ଶୁଖା ଖାଦ୍ୟ ଦିଆଯାଇଥିଲା। ବାବାଜୀଗୁଡ଼ା ନିକଟରେ ଜାତୀୟ ରାଜପଥ ୨୬ କଡ଼ରେ ଥିବା ମାଙ୍କଡ଼ମାନଙ୍କୁ ମଧ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏସ୍‌ଡିପିଓ ପ୍ରତ୍ୟୁଷ ମହାପାତ୍ର, ଏସ୍‌ଡିପିଓ ଗୋବିନ୍ଦ ଚନ୍ଦ୍ର ବୁରୁଦା, ଆଇଆଇସି ଶୁଭେନ୍ଦୁହେଲା ଶବର, ପିଏଲ୍‌ଭି ସଭ୍ୟ ରାଜ କିଶୋର ରାଓ ଉପସ୍ଥିତ ଥିଲେ।

### ଲକଡାଉନ ବେଳେ ନିର୍ମାଣ କାମ

ବିଦ୍ୟୁତ ଆଘାତରେ ପରିବାରର ୬ ଆହତ

ବୋରିଗୁମ୍ମା,୨।୪(ଡି.ଏନ୍.ଏ.)-ନିଜ ନିର୍ମାଣାଧୀନ ଘର କାନ୍ଥରେ ପାଣି ମଡ଼ାଉଥିବା ବେଳେ ଦୁର୍ଘଟଣା ଘଟିଛି। ଗୋଟିଏ ପରିବାର ୬ ଜଣ ସଦସ୍ୟ ବିଦ୍ୟୁତ ଆଘାତରେ ଗୁରୁତର ହୋଇଛନ୍ତି। କୋରାପୁଟ ଜିଲା ସର୍ଗିଗୁଡ଼ାରେ ଗୁରୁବାର ସକାଳୁ ଦୁର୍ଯ୍ୟୋଧନ ହରିଜନଙ୍କ ପରିବାର ୬ ଜଣ ସଦସ୍ୟ ନିଜ ନିର୍ମାଣାଧୀନ ଘରକାମରେ ଲାଗିଥିଲେ। ଏତିକିବେଳେ ଘର କାନ୍ଥରେ ବିଦ୍ୟୁତ ତାର ଲାଗିଯିବା ସହ ତାହା ସଂସ୍ପର୍ଶରେ ଆସି ସମସ୍ତେ ଆହତ ହୋଇଥିଲେ। ସେମାନେ ହେଲେ ପବିତ୍ର ହରିଜନ, ଦେବେନ୍ଦ୍ର, କୁମ୍ଭ, ଚନ୍ଦ୍ର, ଦେବା ଓ ଦୁର୍ଯ୍ୟୋଧନ। ସେମାନଙ୍କୁ ପ୍ରଥମେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଜୟପୁର ଜିଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା।

# କରୋନା ଲଢ଼େଇରେ ସୈନିକ ସାଜିଛନ୍ତି ଏସ୍‌ଏଚ୍‌ଜି ମହିଳା

**ଲୋକଙ୍କ ସେବାରେ ନିୟୋଜିତ ୫୧୨ ଏସ୍‌ଏଚ୍‌ଜିର ୭ ହଜାର ସଦସ୍ୟା**

ଜୟପୁର,୨।୪(ନି.ପ୍ର.)

ଓଡ଼ିଶାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାର ମୁକାବିଲା ପାଇଁ ଘରୁ ନ ବାହାରିବା, ସାମାଜିକ ଦୂରତା ରଖିବାକୁ ସଚେତନ କରାଯାଉଛି। କରୋନା ସହ ଏଇ ମୁକାବିଲା ପରିସ୍ଥିତିରେ ସୈନିକ ସାଜିଛନ୍ତି କୋରାପୁଟ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା। ବିପତ୍ତି ସମୟରେ ସେମାନେ ଘରେ ନ ରହି ଲୋକଙ୍କ ସେବା ପାଇଁ ଅଣ୍ଟା ଭିଡ଼ିଛନ୍ତି। କରୋନା ମୁକାବିଲା ପାଇଁ କୋରାପୁଟ ଜିଲାରେ ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ (ଓଏଲ୍‌ଏମ୍) ମହିଳା ଶକ୍ତି ରୂପେ କାର୍ଯ୍ୟ କରୁଛି।

କୋରାପୁଟ ଜିଲାରେ ୫୧୨ ଏସ୍‌ଏଚ୍‌ଜିର ୭ ହଜାର ସଦସ୍ୟା ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଗାଁଠାରୁ ସହର ଯାଏ ବୟସ୍କ ଓ ଅସହାୟ ଲୋକଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇ ଚାଲିଛନ୍ତି। ମାର୍ଚ୍ଚ ଆରମ୍ଭରୁ ଏମାନେ କରୋନା ମୁକାବିଲା ପାଇଁ ପ୍ରସ୍ତୁତ ପୋଷ୍ଟର ଲଗାଇ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିଥିଲେ। ସାଧାରଣ ଲୋକଙ୍କ ମଧ୍ୟରେ ମାସ୍କର ଚାହିଦାକୁ ନଜରରେ ରଖି ୧୨ଟି ଗୋଷ୍ଠୀ ଏବେ ମାସ୍କ ସିଲେଇ କାର୍ଯ୍ୟରେ ଲାଗିଛନ୍ତି। ଏମାନେ ଏ ପର୍ଯ୍ୟନ୍ତ ୩୦ ହଜାରରୁ ଊର୍ଦ୍ଧ୍ୱ ମାସ୍କ ସିଲେଇ କରିସାରିଲେଣି। ଲକ୍‌ଡାଉନ ଘୋଷଣା ହେବା ପରେ ଲୋକେ ରାଶନ ଓ ପରିବା ପାଇବା ମୁଖ୍ୟ ଚିନ୍ତା ହୋଇଥିବାବେଳେ ଏଥିରେ ମଧ ମହିଳାମାନେ ନିଜକୁ ନିୟୋଜିତ କରିଛନ୍ତି। ଜିଲାର ସୁନାବେଡ଼ାରେ ୨ ଗୋଷ୍ଠୀ, କୋରାପୁଟରେ ୩ ଓ ଜୟପୁରରେ ଗୋଟିଏ ଗୋଷ୍ଠୀ ଠେଲାଗାଡ଼ିରେ



ସାହି ସାହି ବୁଲି ପରିବା ବିକୁଛନ୍ତି। ଫୋନ୍ କଲେ ମଧ ମହିଳାମାନେ ଆବଶ୍ୟକ ସାମଗ୍ରୀ ଘରେ ପହଞ୍ଚାଉଛନ୍ତି। ଆଳୁ, ପିଆଜ ବିକ୍ରି ପାଇଁ ୪ ବ୍ଲକ୍‌ରେ ୧୪ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତି ପଞ୍ଚାୟତରେ ନିରାଶ୍ରୟ, ବରିଷ୍ଠ ନାଗରିକ ଓ ଅସହାୟ ଲୋକଙ୍କୁ ମାଗଣାରେ ରନ୍ଧାଖାଦ୍ୟ ଯୋଗାଇବା ପାଇଁ ଜିଲାର ୨୪୦ ପଞ୍ଚାୟତରେ ଗୋଟିଏ ଲେଖାଏ ଗୋଷ୍ଠୀ ନିୟୋଜିତ ହୋଇଛନ୍ତି। ଜୟପୁର ପୌରାଞ୍ଚଳରେ ମା' ଜଗତଜନନୀ ଗୋଷ୍ଠୀ ଓ କୋଟପାଡ଼ ଏନ୍‌ଏସିରେ ଅନ୍ୟ ଏକ ଗୋଷ୍ଠୀ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ଘରେ, ଉଠା ଦୋକାନୀ, ଦିବ୍ୟାଙ୍ଗଙ୍କୁ ଯୋଗାଉଛନ୍ତି। ୨୪୦ ପଞ୍ଚାୟତରେ ଖୋଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ମଧ ଗୋଟିଏ ଲେଖାଏ ଗୋଷ୍ଠୀ ନିୟୋଜିତ ହୋଇଛନ୍ତି। ଏମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଦ୍ୟ, ସଫେଇ, ପାନୀୟ ଜଳ ଯୋଗାଣ କାର୍ଯ୍ୟରେ ଲାଗିଛନ୍ତି। କରୋନା ମୁକାବିଲାରେ ଏମାନଙ୍କ ଯୋଗଦାନକୁ ସବୁ ମହଲରେ ପ୍ରଶଂସା କରାଯାଉଛି।

# ୨୨୦ କି.ମି. ଚାଲି ଫେରିଲେ ୮ ଶ୍ରମିକ

ରାୟଗଡ଼ା ଅଫିସ,୨।୪

ଲକ୍ ଡାଉନ ବେଳେ ବାହାର ରାଜ୍ୟକୁ କାମ କରିବା ପାଇଁ ଯାଇଥିବା ଶ୍ରମିକମାନେ ଗାଡ଼ି ବସ୍ ନ ଥାଇ ହଇରାଣ ହରକତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଘରକୁ ଚାଲିଚାଲି ଫେରିବାରେ ଲାଗିଛନ୍ତି। ଜୁନାଗଡ଼ ଓ ଥେରୁବାଲିର ୮ ଜଣ ଶ୍ରମିକ ବିଶାଖପାଟଣାର ଏକ ଇଟା କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ ଯୋଗୁ କମ୍ପାନୀ ବନ୍ଦ ହେବ ପରେ ମାଲିକ ଟଙ୍କା ଦେବାକୁ ମନା କରିଦେଲେ। ତେଣୁ ସେମାନେ ଚାଲି ଚାଲି ସେଠାରୁ ପ୍ରାୟ ୨୨୦ କିମି ଅତିକ୍ରମ କରି ଗୁରୁବାର ଥେରୁବାଲି ରେଳ ଷ୍ଟେଶନରେ ପହଞ୍ଚିଥିଲେ। ୫ ଦିନ ତଳେ ସେମାନେ ଯାତ୍ରା ଆରମ୍ଭ କରିଥିଲେ। ମୁଖ୍ୟରାସ୍ତାରେ ପୋଲିସ ଧରୁଥିବାରୁ



ବିଶାଖାପାଟଣାରୁ ଚାଲିଚାଲି ଶ୍ରମିକମାନେ ଗୁରୁବାର ରାୟଗଡା ଜିଲା ଥେରୁବାଲିରେ ପହଞ୍ଚିଛନ୍ତି ।

ସେମାନେ ଗଳି ରାସ୍ତାରେ ଆସିଛନ୍ତି। ଥେରୁବାଲିର ସ୍ଥାନୀୟ ଲୋକେ ଶ୍ରମିକଙ୍କୁ ଦେଖି ଖବର ଦେବା ପରେ ପୋଲିସ ଆସି ସେମାନଙ୍କୁ ଆଶ୍ରୟସ୍ଥଳୀକୁ ଯିବା ପାଇଁ କହିଥିଲା। ଶ୍ରମିକଙ୍କମ ଧ୍ୟରୁ ଥେରୁବାଲି ଡିପି କ୍ୟାମ୍ପ ପାଖରେ ୨ ଜଣଙ୍କର ଘର। ଅନ୍ୟମାନେ ଜୁନାଗଡ଼ର ବୋଲି ଜଣାପଡ଼ିଛି। ସେମାନେ ଚାଲିଚାଲି ଘରକୁ ଯିବେ ବୋଲି କହିଥିଲେ ମଧ ପ୍ରଶାସନ ବୁଝାଶୁଝା କରି ସେମାନଙ୍କୁ ଆଶ୍ରୟସ୍ଥଳୀରେ ଥଇଥାନ କରିଛି। ଏହି ଶ୍ରମିକମାନେ ହେଲେ ହେମନ୍ତ ଜିନାଲ, ଅକ୍ଷୟ, ଦୁଷ୍ମନ୍ତ, ହେମନ୍ତ, ନକୁଳ ସୁନାନୀ, ପପୁ ବାଗ, ବିଦେଶୀ କୌଶଲ୍ୟା, ସୁରେନ୍ଦ୍ର ମାଣ୍ଡାଙ୍ଗୀ, ଜିଙ୍ଗା ସାରକା।

# କରୋନା ବେଳେ ବଢ଼ୁଛି ମଦ ବେପାର

କାଶୀନଗର,୨।୪ (ଡି.ଏନ୍.ଏ.)

କରୋନା ମୁକାବିଲା କରିବାରେ ପୋଲିସ ଓ ପ୍ରଶାସନ ବ୍ୟସ୍ତ ଥିବାବେଳେ ଏହାର ସୁଯୋଗ ନେଇ କାଶୀନଗର ଅଞ୍ଚଳରେ ଚାଲିଛି ବେଆଇନ ମଦ କାରବାର। ଖବର ପାଇ କାଶୀନଗର ପୋଲିସ ଓ ତହସିଲଦାର (ମାଜିଷ୍ଟ୍ରେଟ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯାଇଛି। ବୁଧବାର ରାତିରେ କାଶୀନଗର ଥାନା ଅଧୀନ ବୁଦ୍ଧୁରା ଓ କାଶୀନଗର ଗ୍ରାମରେ ଏହି ମିଳିତ ଚଢ଼ାଉ କରାଯାଇଥିଲା। ଏହି ସମୟରେ ପୋଲିସ ବୁଦ୍ଧୁରା ଅଞ୍ଚଳର ପେନିବାକୁଲା ସାଇରାଜୁ (୨୪) ଓ କାଶୀନଗର ଅଞ୍ଚଳର ଏସ୍.କେ. ଓ୍ୱାଜିର (୫୪)ଙ୍କୁ ଗିରଫ କରିଛି। ଏମାନଙ୍କ ନିକଟରୁ ୨୫୦ ଦେଶୀ ମଦ ପାଉଚ୍ ଓ ୧୨ ବିଅର୍ ବୋତଲ ଜବତ କରାଯାଇଥିବା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଏ ନେଇ କେସ୍ ନଂ. ୩୩/୨୦ ଓ ୩୪/୨୦ରେ ଦୁଇଟି ମାମଲା ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ରିଲିଫ ପାଣ୍ଠିକୁ ସହାୟତା ଦେଲା ରିଟେଲର୍ସ ଆସୋସିଏଶନ

ଭୁବନେଶ୍ୱର,୨।୪:

ଭୁବନେଶ୍ୱରର ବାପୁଜୀନଗରସ୍ଥିତ ମୋବାଇଲ ରିଟେଲର୍ସ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ କରୋନା ମୁକାବିଲା ପାଇଁ ସହାୟତା ଭାବେ ୬୬ ହଜାର ୬୬୬ ଟଙ୍କା ପ୍ରଦାନ କରାଯାଇଛି। ଏନେଇ ସଭାପତି ରାମଚନ୍ଦ୍ର ଦାଶ, ସମ୍ପାଦକ ପ୍ରଦୀପ୍ତ ପାତ୍ର ଏହି ସୂଚନା ଦେଇଛନ୍ତି।

# ଘରେ ପହଞ୍ଚୁନି, କାଉଣ୍ଟରରେ ଭିଡ଼

**ପିଡିଏସ୍ ସାମଗ୍ରୀ ଯୋଗାଣ ପ୍ରସଙ୍ଗ**

ସେମିଳିଗୁଡ଼ା,୨।୪(ସ୍ୱ.ପ୍ର.)

ସାରା ଦେଶ ଲକ ଡାଉନରେ ଥିବାବେଳେ ଲୋକଙ୍କ ଅତ୍ୟାବଶ୍ୟକ ସୁବିଧା ପାଇଁ ବ୍ୟବସ୍ଥା କରାଯାଇଛି। ବସ୍ତିବାସିନ୍ଦାଙ୍କୁ ୩ ମାସର ପିଡିଏସ୍ ଚାଉଳ ଘରକୁ ଘର ବୁଲି ଦିଆଯିବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ସେମିଳିଗୁଡ଼ାର କିଛି ପିଡିଏସ୍ କାଉଣ୍ଟରରେ ସରକାରୀ ନିୟମକୁ ବେଖାତିର କରାଯାଉଛି। ଚାଉଳ ଓ ରାଶନ ଘରେ ପହଞ୍ଚିବା ବଦଳରେ ସେମିଳିଗୁଡ଼ାର କଲେଜ ରୋଡ ନିକଟରେ ଥିବା ପିଡିଏସ୍ କାଉଣ୍ଟରରେ ଭିଡ଼ ଲାଗୁଛି। ସାମାଜିକ ଦୂରତ୍ୱ ଓ ସଚେତନତାକୁ ଲୋକେ ବେଖାତିର କରି ଚାଉଳ ନେଉଥିବା ଦେଖିବାକୁ ମିଳିଛି । ଏହା କୋଭିଡ-୧୯ ପାଇଁ ସରକାର ଜାରି କରିଥିବା ଗାଇଡଲାଇନର ସମ୍ପୂର୍ଣ୍ଣ ଉଲ୍ଲଂଘନ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

# ଜିଲାରେ କରୋନା ନ ପଶିବା ପାଇଁ ପୂଜାପାଠ

ମାଲକାନଗିରି,୨।୪(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ କରୋନା ଭୂତାଣୁ ପ୍ରବେଶ ନ କରିବା ଲାଗି ପାଇଁ ଏବେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରାଯାଉଥିବା ଦେଖିବାକୁ ମିଳିଛି। କେବଳ ପୂଜକ ଏବଂ ୨/୪ ଜଣ ବ୍ୟକ୍ତି ସାମାଜିକ ଦୂରତା ରକ୍ଷାକରି ଏହି ପୂଜା, ହୋମ କରୁଛନ୍ତି। ଗୁରୁବାର କୋରକୋଣ୍ଡାସ୍ଥିତ ସୁଳିଆ ପାହାଡ ତଳେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି।



ଏହି ପୂଜା ବରିଷ୍ଠ ଆଇନଜୀବୀ ଗୋବିନ୍ଦ ପାତ୍ର କରିଥିବା ଜଣାପଡିଛି।

# ଜିଲା ଚିକିତ୍ସାଳୟକୁ ବିଧାୟକ ପାଣ୍ଠିରୁ କୋଟିଏ ଅନୁଦାନ

ଜୟପୁର,୨।୪(ଡି.ଏନ୍.ଏ.)

ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବିଧାୟକ ପାଣ୍ଠିରୁ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟକୁ ଏକ କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। କୋଭିଡ-୧୯ର ମୁକାବିଲା ପାଇଁ ଉନ୍ନତ ଚିକିତ୍ସା ଉପଲବ୍ଧ କରିବା ସହ ଓ ବିଭିନ୍ନ ଉପକରଣ କିଣାଯିବା ପାଇଁ ସେ ଏହି ଅନୁଦାନ ପ୍ରଦାନ କରିଥିବା ଘୋଷଣା କରିଛନ୍ତି। ପୂର୍ବରୁ ସେ ୫୦ ଲକ୍ଷ ଟଙ୍କା ଘୋଷଣା କରିଥିଲେ। କିନ୍ତୁ ଅଧିକ ଟଙ୍କା ଆବଶ୍ୟକ ଥିବାରୁ ଆଉ ୫୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଏହି ଅନୁଦାନରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ୨ଟି ଭେଣ୍ଟିଲେଟର, ୨୦ ଲକ୍ଷ ଟଙ୍କାରେ ୨୦୦ଟି ସ୍ୱତନ୍ତ୍ର ପୋଷାକ, ୧୦ଲକ୍ଷ ଟଙ୍କାରେ ୪ଟି ଇସିଜି ମେଶିନ, ୧୧ ଲକ୍ଷ ଟଙ୍କାରେ ୨୨୦୦ଟି ସ୍ୱତନ୍ତ୍ର ସୁରକ୍ଷା ସାମଗ୍ରୀ ଓ ଅକ୍ସିଜେନ ସିଲିଣ୍ଡର ଓ ଅନ୍ୟ ସାମଗ୍ରୀ କିଣାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ସମିତି ବଜେଟ ପ୍ରସ୍ତୁତ କରିଛି।

# ଜୟପୁରରେ ୧୩୦ ଶଯ୍ୟାର କରୋନା ହସ୍ପିଟାଲ

ଜୟପୁର,୨।୪(ଡି.ଏନ୍.ଏ.)

ଜୟପୁରରେ କରୋନା ସନ୍ଦିଗ୍ଧଙ୍କ ଚିକିତ୍ସା ପାଇଁ ୧୩୦ଟି ବେଡର ଏକ ସ୍ୱତନ୍ତ୍ର ଚିକିତ୍ସାଳୟ ହେବ। ଏଥିପାଇଁ ସିଡିଏମ୍‌ଓ ଡା. ମକରନ୍ଦ ବେଉରାଙ୍କ ନେତୃତ୍ୱରେ ଏକ ଜିଲାସ୍ତରୀୟ ଦଳ ଜିଲା ଚିକିତ୍ସାଳୟ ଓ ପୁରାତନ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ସହର ଭିତରେ ଥିବା ପୁରାତନ ଉପଖଣ୍ଡ ଚିକିତ୍ସାଳୟରେ ୧୩୦ ଶଯ୍ୟାବିଶିଷ୍ଟ ଏହି ଚିକିତ୍ସାଳୟ କରାଯିବ। ପୁରାତନ ଭବନରେ ୫୦ଟି ଶଯ୍ୟାର ମରାମତି ଓ ସଫେଇ ସରିଛି। ବାକି ବେଡ ପାଇଁ ଅନ୍ୟ କକ୍ଷଗୁଡ଼ିକୁ ପ୍ରସ୍ତୁତ କରାଯିବ ବୋଲି ସିଡିଏମ୍‌ଓ ବେଉରା ସୂଚନା ଦେଇଛନ୍ତି । ପୁରାତନ ଚିକିତ୍ସାଳୟରେ ଥିବା ଚକ୍ଷୁ ୱାର୍ଡକୁ କିଛି ଦିନ ପାଇଁ ସ୍ଥଗିତ ରଖାଯିବ।

# ଡଙ୍ଗରଛିଞ୍ଚି ଆଶ୍ରୟସ୍ଥଳୀରେ କେନ୍ଦୁଝର, ଭଦ୍ରକର ୧୭ ଶ୍ରମିକ

ଜୟପୁର,୨।୪(ଡି.ଏନ୍.ଏ.)

କୋରାପୁଟ ଜିଲାର ବିଭିନ୍ନ ପଞ୍ଚାୟତରେ ବିଦ୍ୟୁତ ସଂଯୋଗୀକରଣ କାର୍ଯ୍ୟରେ ନିୟୋଜିତ କେନ୍ଦୁଝର ଓ ଭଦ୍ରକ ଜିଲାର ୧୭ ଶ୍ରମିକ ଲକ୍‌ଡାଉନ ଯୋଗୁ ଡଙ୍ଗରଛିଞ୍ଚି ପଞ୍ଚାୟତ ଆଶ୍ରୟସ୍ଥଳୀରେ ରହିଛନ୍ତି। ଜୟପୁର ବ୍ଲକ୍ ଅନ୍ତର୍ଗତ ଡଙ୍ଗରଛିଞ୍ଚି ପଞ୍ଚାୟତରେ ଏମାନେ ମାର୍ଚ୍ଚ ୧୫ରୁ ବିଦ୍ୟୁତ୍ କାମ କରୁଥିଲେ। ହେଲେ ଦେଶରେ ଲକ୍‌ଡାଉନ ଘୋଷଣା ଯୋଗୁ କାମ ବନ୍ଦ ହୋଇଥିଲା। ସେପଟେ ବସ୍, ଟ୍ରେନ୍ ମଧ ବନ୍ଦ ଯୋଗୁ ଗାଁକୁ ଫେରିପାରି ନ ଥିଲେ। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଏମାନଙ୍କୁ ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ପଞ୍ଚାୟତର ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯିବା ସହ ରନ୍ଧାଖାଦ୍ୟ ଦିଆଯାଉଛି। ୩ ଦିନ ହେଲା ଏମାନଙ୍କ ଖାଦ୍ୟ ଯୋଗାଇ ଦିଆଯାଉଥିବା ଶ୍ରମିକମାନେ କହିଛନ୍ତି। ଏମାନଙ୍କ ମଧ୍ୟରେ କେନ୍ଦୁଝର ଜିଲାର ୧୧ ଓ ଭଦ୍ରକ ଜିଲାର ୬ ଶ୍ରମିକ ରହିଛନ୍ତି।




ଡଙ୍ଗରଛିଞ୍ଚି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଶ୍ରମିକମାନେ ରହିଛନ୍ତି ।

# ପଶିଆସୁଛନ୍ତି ଆନ୍ଧ୍ର ଫେରନ୍ତା ଶ୍ରମିକ

ପଟ୍ଟାଙ୍ଗି,୨।୪(ଡି.ଏନ୍.ଏ.)

କରୋନା ସଂକ୍ରମଣକୁ ବ୍ୟାପକ ନ କରିବା ପାଇଁ ଦେଶବ୍ୟାପୀ ଲକଡାଉନ କରାଯିବା ସହ ବିଭିନ୍ନ ରାଜ୍ୟର ସୀମାନ୍ତ ସିଲ୍ ହୋଇଛି। ଏହା ସତ୍ତ୍ୱେ ଅନୁପ୍ରବେଶ କରୁଛନ୍ତି ଆନ୍ଧ୍ରପ୍ରଦେଶ ଓ ଅନ୍ୟ ରାଜ୍ୟରେ ଫସିରହିଥିବା ଦାଦନ ଶ୍ରମିକ। କୋରାପୁଟ ଜିଲା ସୀମାନ୍ତ ପଟ୍ଟାଙ୍ଗି ବ୍ଲକରେ ଏବେ ଏହି ସ୍ଥିତି ଦେଖିବାକୁ ମିଳୁଛି। ଆନ୍ଧ୍ରର ବିଶାଖାପାଟଣାରେ ଉତ୍ତରପ୍ରଦେଶର ୧୦ ଓ ରାଜସ୍ଥାନର ୩୯ ଦାଦନ ଶ୍ରମିକ ଫସିରହିଥିଲେ। ସେମାନେ ବୁଧବାର ସନ୍ଧ୍ୟାରେ ବିଶାଖାପାଟଣାରୁ କିଛି ବାଟ ଚାଲିଚାଲି ଆସିବା ପରେ ରାଜସ୍ଥାନ ଯାଉଥିବା ଏକ ଦଶ ଚକିଆ ଟ୍ରକ (ଆର୍‌ଜେ୦୭ ଜିସି ୫୩୧୭)



ଟ୍ରକରେ ବାହାର ରାଜ୍ୟରୁ ଆସିଥିବା ଦାଦନ ଶ୍ରମିକମାନେ ।

ଡାଲାରେ ବସିଥିଲେ। ସେହି ଟ୍ରକ୍ ପଟ୍ଟାଙ୍ଗି ପହଞ୍ଚିବା ବସ୍‌ଷ୍ଟାଣ୍ଡରେ ପୋଲିସ ତାହାକୁ ଅଟକାଇଥିଲା। ସେଥିରେ ୪୯ ଜଣ ଦାଦନ ଶ୍ରମିକ ଥିଲେ। ଥାନା ଅଧିକାରୀ ବିଜୟ ରାଜ ମାଝି ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଶ୍ରମିକଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ବ୍ଲକ ପ୍ରଶାସନଙ୍କୁ ଜଣାଇଥିଲେ। ବିଡିଓ ମୋନାଲିସା ଦେବତାଙ୍କ ନିର୍ଦ୍ଦେଶ କ୍ରମେ କନିଷ୍ଠ ଯନ୍ତ୍ରୀ ବିଜୟା ନନ୍ଦ ଓ ଏପିଓ ସୌମେନ୍ଦ୍ର ନାୟକ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କରାଯାଇଥିବା ଆଇସୋଲେଶନ ସେଣ୍ଟରରେ ଶ୍ରମିକଙ୍କୁ

**ସୀମା ସିଲ୍ ପ୍ରଭାବହୀନ**

ରଖିବା ବ୍ୟବସ୍ଥା କରିଛନ୍ତି। ଶ୍ରମିକମାନେ ୧୪ ଦିନ ପର୍ଯ୍ୟନ୍ତ ସେଠାରେ ରହିବେ। ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ଉକ୍ତ ସେଣ୍ଟରରେ ପହଞ୍ଚି ସମସ୍ତ ବ୍ୟବସ୍ଥା ତଦାରଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସୀମାନ୍ତ ସିଲ୍ ଥାଇ ମଧ ଏତେ ସଂଖ୍ୟାରେ ଦାଦନ ଶ୍ରମିକଙ୍କୁ ନେଇ ଏହି ଟ୍ରକ୍ ପଟ୍ଟାଙ୍ଗିରେ ପହଞ୍ଚିବା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କ୍ୱାରାଣ୍ଟାଇନରେ ନ ରହି ଗାଁ ଲୋକଙ୍କ ସହ ଝଗଡ଼ା

ନନ୍ଦପୁର,୨।୪(ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥୁବା ପଞ୍ଚାୟତ ଘାଗଡ଼ାପଣ୍ଡି ଗ୍ରାମର ଦୁଇ ଜଣଙ୍କୁ ୧୪ ଦିନ କ୍ୱାରାଣ୍ଟାଇନରେ ରହିବାକୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପରାମର୍ଶ ଦେଇଛନ୍ତି। କିନ୍ତୁ ସେମାନେ ତାହା ନ କରି ଗାଁରେ ରହି ସମସ୍ତଙ୍କ ସହ ମିଳାମିଶା କରିବା ସହ ମନଇଚ୍ଛା ଏଣେତେଣେ ବୁଲୁଛନ୍ତି। ଗ୍ରାମବାସୀ ସେମାନଙ୍କୁ ଘର ଭିତରେ ରହିବା କିମ୍ବା ଥୁବାସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟରକୁ ଯିବା ପାଇଁ କହିବା ପରେ ସେହି ଦୁଇ ଜଣ ଏହାକୁ ବିରୋଧ କରି ଗ୍ରାମବାସୀଙ୍କ ସହ ଝଗଡ଼ା କରିଛନ୍ତି। ଏହାକୁ ନେଇ ଗ୍ରାମରେ ଏକ ପ୍ରକାର ଉତ୍ତେଜନା ପ୍ରକାଶ ପାଇଥିଲା। ଦୁଇ ଜଣଙ୍କ ମଧ୍ୟରୁ ଜଣେ ଉକ୍ତ ଗ୍ରାମର ହୋଇଥିବା ବେଳେ ଅନ୍ୟ ଜଣକ କୋରାପୁଟ ଅଞ୍ଚଳର ବୋଲି ଜଣାପଡ଼ିଛି। ଉଭୟ ତିନି ଦିନ ତଳେ ଝାଡ଼ଖଣ୍ଡରୁ ଏଠାରେ ପହଞ୍ଚିଥିବା ଗ୍ରାମବାସୀ କହିଛନ୍ତି।

## ସଂକ୍ଷେପରେ

### ପୌରାଞ୍ଚଳରେ କ୍ଲୋରିନ ସିଞ୍ଚନ



ନବରଙ୍ଗପୁର,୨୧୪(ବି.ପ୍ର.)- ନବରଙ୍ଗପୁର ସହରରେ କରୋନା ଭାଇରସ ପ୍ରତିହତ ପାଇଁ ଲକଡାଉନ ରହିଛି । ଖରା, ଗରମ ଓ ଗୁଳୁଗୁଳି ମଧ ଆରମ୍ଭ ହୋଇ ଯାଇଛି । ମଶା ବଂଶ ବଧ ବୃଦ୍ଧି ପାଉଛି । ଏନେଇ ପୌର ସଂସ୍ଥା ପକ୍ଷରୁ ପ୍ରତ୍ୟେକ ୱାର୍ଡରେ ବ୍ଲିଚିଂ ଓ ମଶା ଦମନ ପାଇଁ ଟାସ୍କ ଫୋର୍ସ ବୈଠକରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାରପୌର ସଂସ୍ଥାର ଦୁଇଟି ମେଶିନ ମାଧମରେ କ୍ଲୋରିନ ତରଳ ପଦର୍ଥ ସହରର ମୁଖ୍ୟ ରାସ୍ତା ସହ ବଡ ଗାଡି ଯାତାୟାତ କରୁଥିବା ରାସ୍ତାରେ ଦମକଳ ଗାଡି ସହାୟତାରେ ସିଞ୍ଚନ କରାଯାଇଥିଲା। ଶୁକ୍ରବାର ସହର ଅନ୍ୟ ସାହି,ଗଳି ସିଞ୍ଚନ କରାଯିବ ବୋଲି ପୌର ପରିଷଦ ପକ୍ଷରୁ କୁହାଯାଇଛି।

### ଅସହାୟଙ୍କୁ ପୌର ପରିଷଦ ବାଣ୍ଟୁଛି ରନ୍ଧାଖାଦ୍ୟ

ମାଲକାନଗିରି,୨୧୪(ଡି.ଏନ୍.ଏ.)- ମାଲକାନଗିରି ପୌର ପରିଷଦ ପକ୍ଷରୁ ଅସହାୟ ଗରିବ ଏବଂ ଭିକ୍ଷାବୃତ୍ତି କରି ଚଳୁଥିବା ମହିଳା ପୁରୁଷଙ୍କୁ ମାଗଣା ରନ୍ଧାଖାଦ୍ୟ ବିତରଣ କରାଯାଉଛି। କରୋନା ପ୍ରଭାବରେ ଜିଲା ସାରା ଲକ୍‌ଡାଉନ୍ ଜାରି ରହିଥିବା ବେଳେ ଅସହାୟ,ଗରିବ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ପୌର ପରିଷଦ ସେମାନଙ୍କୁ ବସ୍‌ଷ୍ଟାଣ୍ଡରେ ଥିବା ଆଶ୍ରୟସ୍ଥଳୀରେ ରଖିବା ସହ ସେମାନଙ୍କୁ ଦୁଇବେଳା ରନ୍ଧାଖାଦ୍ୟ ଯୋଗାଇ ଦେଉଛି।ସେମାନଙ୍କ ମଧରେ ସାମାଜିକ ଦୂରତା ରକ୍ଷା କରାଯାଉଥିବା ପୌର ନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁ କହିଛନ୍ତି।

### ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ରନ୍ଧାଖାଦ୍ୟ ବଣ୍ଟନ

ପଡ଼ିଆ, ୨୧୪(ଡି.ଏନ.ଏ.)- ପଡ଼ିଆ ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଦ୍ୱାରା ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ବିଭିନ୍ନ ପଞ୍ଚାୟତରେ ନିଃସହାୟ, ଗରିବ, ବରିଷ୍ଠ ନାଗରିକ ତଥା ଭିନ୍ନକ୍ଷମଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏହି ଖାଦ୍ୟ ବଣ୍ଟନ କରୁଛନ୍ତି ବୋଲି ବିପିଏମ୍ ଅନୁପ ମିଶ୍ର ସୂଚନା ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହାୟତା



ମାଲକାନଗିରି,୨୧୪(ଡି.ଏନ୍.ଏ.)- କରୋନା ପ୍ରତିହତ ପାଇଁ ସମସ୍ତେ ସଜାଗ ରହିଥିବା ବେଳେ ଏନେଇ ଅର୍ଥର ଆବଶ୍ୟକ ରହିଛି। ଏହି ସମୟରେ ମାଲକାନଗିରି ଜିଲାର ଅନେକ ବ୍ୟକ୍ତି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥଦାନ କରୁଛନ୍ତି। ଠିକାଦାର ପାଣ୍ଡୁ ରାଙ୍ଗାରାଜୁ ୪ ଲକ୍ଷ, ସନ୍ତୋଷ କୁମାର ରାଉତ ୨ ଲକ୍ଷ, ସତ୍ୟଜିତ ପଡିଆରୀ ୧ ଲକ୍ଷ, ମହାଦେବ ଦେ ୫୧ ହଜାର, ପ୍ରମୋଦ କୁମାର ସ୍ୱାଇଁ ୫୦ ହଜାର, ମଳୟ ସରକାର ୫୦ ହଜାର, ଉତ୍ତମ ମଲିକ ୧ ଲକ୍ଷ ୪୫ହଜାର, ବିନୋଦ ଟାବାରି ୧ ଲକ୍ଷ ଟଙ୍କା, କ୍ରିଷ୍ଣ ସରକାର ୫୦ ହଜାର, ପାତାଳି ସଂସ୍ଥା ୨୫ ହଜାର ଚେକ୍ ଆକାରରେ ପ୍ରଦାନ କରିଛନ୍ତି।

### ଚାଉଳ, ଭତ୍ତା ବଣ୍ଟନ

କୁଡୁମୁଲୁଗୁମ୍ମା,୨୧୪(ଡି.ଏନ.ଏ.)- କୁଡୁମୁଲୁଗୁମ୍ମା ପଞ୍ଚାୟତର ଚିତାପାରି ଓ ଚିତାପାରି କଲୋନୀରେ ରହୁଥିବା ଗରିବ ପରିବାରଙ୍କୁ ରାଶନ ଚାଉଳ ସହ ପ୍ରତି ପରିବାରକୁ ଭତ୍ତା ଟଙ୍କା ୧ ହଜାର ଲେଖାଏ ବଣ୍ଟନ କରାଯାଇଛି। ଏହି ସମୟରେ ଲୋକଙ୍କୁ ଲକ୍‌ଡାଉନର ନିୟମ ମାନିବାକୁ କୁହାଯାଇଛି। ପିଇଓ ପ୍ରଦୀପ ପଣ୍ଡା, ଯୋଗାଣ ସହାୟକ ଦେବେନ୍ଦ୍ର ରାଉତ ସାମିଲ ହୋଇଥିଲେ।

# ଲକ୍‌ଡାଉନ୍ ବେଳେ ୟୁଟ୍ୟୁବ୍‌ରେ ପାଠପଢ଼ା

## ପିଲାଙ୍କ ପାଇଁ ଶିକ୍ଷକଙ୍କ ଅଭିନବ ପ୍ରୟାସ

ନବରଙ୍ଗପୁର,୨୧୪(ବି.ପ୍ର.)

କରୋନା ସଂକ୍ରମଣରୁ ରକ୍ଷା ପାଇବା ଓ ସୁରକ୍ଷା ଦୃଷ୍ଟିରୁ ସରକାର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକ ଛୁଟି ଘୋଷଣା କରିଛନ୍ତି। ଯୁକ୍ତ ୨ ଓ ଯୁକ୍ତ ୩ରେ କେତେକ ବିଷୟ ପରୀକ୍ଷା ସ୍ଥଗିତ ରଖାଯାଇଛି। ଆଗକୁ ଏହି ବିଷୟଗୁଡିକ ପରୀକ୍ଷା ହେବ। ଶିକ୍ଷାନୁଷ୍ଠାନଗୁଡିକ ଛୁଟି ରହିଛି। ଟ୍ୟୁସନ ମଧ୍ୟ ବନ୍ଦ ରହିଛି। ଫଳରେ ଛାତ୍ରୀଛାତ୍ରମାନେ ପାଠ ପଢିବାରେ ସମସ୍ୟା ଦେଖା ଦେଉଛି। ଏପରି ସ୍ଥଳେ ଜଣେ ଶିକ୍ଷକ ସୋସିଆଲ ମିଡିଆ ୟୁଟ୍ୟୁବ୍ ମାଧ୍ୟମରେ ଭିଡିଓ ଦ୍ୱାରା ଶିକ୍ଷାଦାନ ବ୍ୟବସ୍ଥା କରିଛନ୍ତି । ନବରଙ୍ଗପୁର ସହରର ଏମ.ଡି. ଜାକିରୁଦ୍ଦିନ କୋରାପୁଟ ଜିଲା ଆଉଁଳି ପଞ୍ଚାୟତ ସଦର ମହକୁମା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ୨୦ ବର୍ଷ ହେବ ପିଲାଙ୍କୁ ଗଣିତ, ବିଜ୍ଞାନ, ରସାୟନ ବିଜ୍ଞାନ ବିଷୟରେ ପାଠ ପଢାଇ ଆସୁଛନ୍ତି। ଲକ୍‌ଡାଉନ ସମୟରେ ଛାତ୍ରୀଛାତ୍ରଙ୍କୁ ପାଠ ପଢାରେ ସହାୟତା କରିବା ଲାଗି ସେ ଗଣିତ ଓ ରସାୟନ ବିଜ୍ଞାନ ପାଠ ୟୁଟ୍ୟୁବ୍ ମାଧ୍ୟମରେ ପଢାଉଛନ୍ତି। ପରୀକ୍ଷାର୍ଥୀଙ୍କ ପାଇଁ ଏହା ବେଶ୍ ସହାୟକ ହେବ ବୋଲି ଯୁକ୍ତ ୨ ବିଜ୍ଞାନ ଛାତ୍ରୀ ଓମତିକା ଦାଶ କହିଛନ୍ତି। ଶିକ୍ଷକଙ୍କ ଏଭଳି ସହାୟତାକୁ ଛାତ୍ରୀ ଛାତ୍ରମାନେ ପ୍ରଶଂସା କରିଛନ୍ତି।




## ଶୃଙ୍ଖଳା ଭାଙ୍ଗି ଶିକ୍ଷକ ନିଲମ୍ବିତ

ରାୟଗଡ଼ା ଅଫିସ,୨୧୪:

ଶୃଙ୍ଖଳା ଭାଙ୍ଗିଥିବାରୁ ଜଣେ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ରାୟଗଡ଼ା ଜିଲାପାଳ। କରୋନା ମୁକାବିଲା ପାଇଁ କିଛି ବିଦ୍ୟାଳୟକୁ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଛି। ସେଥିରୁ ଗୋଟିଏ ହେଉଛି ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ। ସେଠାରେ ସଂସ୍କୃତ ଶିକ୍ଷକ ଭାବେ କାମ କରୁଛନ୍ତି ମହେନ୍ଦ୍ର କୁମାର ତ୍ରିପାଠୀ। ସ୍କୁଲରେ ଶିକ୍ଷକଙ୍କ ରୋଷ୍ଟର ଡ୍ୟୁଟି ପଡ଼େ ଓ ଜଣେ ଲେଖାଏଁ ଶିକ୍ଷକ ଦାୟିତ୍ୱରେ ଥାଇ ବିଦ୍ୟାଳୟ ତଦାରଖ କରନ୍ତି। ଗତ ୩୦ରୁ ୬ ତାରିଖ ମହେନ୍ଦ୍ରଙ୍କ ଡ୍ୟୁଟି ଥିଲା। କିନ୍ତୁ ସେ କେନ୍ଦ୍ରରେ ଅନୁପସ୍ଥିତ ଥିବାରୁ ଜିଲାପାଳ ପ୍ରମୋଦ କୁମାର ବେହେରା ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ କହିଛନ୍ତି।

## ଲକ୍‌ଡାଉନ ବେଳେ ଧର୍ମକାର୍ଯ୍ୟ:୪ ଜଣଙ୍କ ନାଁରେ ମାମଲା

ଗୁଣପୁର,୨୧୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପୋଲିସ ୪ ଜଣଙ୍କ ନାମରେ ଗୁରୁବାର ମାମଲା ରୁଜୁ କରିଛି। ସେମାନେ ସମସ୍ତେ ଗୁଣପୁର ସହର ମଧ୍ୟରେ ଥିବା ରାମ ମନ୍ଦିରରେ ବସିବା ସହ ପୂଜାର୍ଚ୍ଚନା ଓ ଯଜ୍ଞ ଆୟୋଜନ କରୁଥିଲେ। ଏହା ଜାଣିବା ପରେ ପୋଲିସ ସେଠାରେ ପହଞ୍ଚି ୪ ଜଣଙ୍କୁ ଗୁଣପୁର ଥାନାକୁ ଆଣି ମାମଲା ରୁଜୁ କରିଥିଲା। ସେମାନେ ହେଲେ ରାମନାଗୁଡ଼ାର ଆରକେ ନଗର ଅଞ୍ଚଳର କିଶୋର ବେହେରା, ସଦାନନ୍ଦ ମହାନ୍ତି ଓ କରାବାଙ୍କ ଗ୍ରାମର ବାବୁଲି ନାୟକ ଓ ଇପିଲି ସେନ୍ତାପ୍ରସାଦ। ଏପରି ୪ ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରିଛି ବୋଲି ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବୁର୍ଢିଂଗୁଡ଼ା ଅଞ୍ଚଳରେ ମଧ ଏପରି ଧାର୍ମିକ କାର୍ଯ୍ୟ ଆୟୋଜନ କରିବା ଅଭିଯୋଗରେ ପୂର୍ବରୁ ୩ ଜଣଙ୍କ ନାମରେ ଗୁଣପୁର ଥାନାରେ ମାମଲା ରୁଜୁ ହୋଇଥିଲା।

## ସୀମା ସିଲ୍ ସତ୍ତ୍ୱେ ପହଞ୍ଚିଛନ୍ତି ୨୦୭ ବ୍ୟକ୍ତି

ଏମ୍‌ଭି ୭୯,୨୧୪(ଡି.ଏନ୍.ଏ.)

କରୋନା ପ୍ରକୋପର ମୁକାବିଲା ଲାଗି ମାଲକାନଗିରି ଜିଲାର ପଡିଆ ସୀମାନ୍ତ ମୋଟୁକୁ ସିଲ୍ କରାଯାଇଅଛି । ଏହି ସୀମାନ୍ତ ୪ଟି ରାଜ୍ୟ ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ଛତିଶଗଡ଼ ଏବଂ ତେଲଙ୍ଗାନାକୁ ସଂଯୋଗ କରୁଛି । ତେବେ ସୀମା ସିଲ୍ ସତ୍ତ୍ୱେ ଲୋକେ ଚାଲି ଚାଲି ଆସିବାକୁ ପଛାଉନାହାନ୍ତି । ମୋଟୁଠାରେ ଏବେ ପ୍ରାୟ ୨୦୭ ଲୋକ ଆସି ରହିଛନ୍ତି। ସମସ୍ତଙ୍କୁ ୧୪ ଦିନ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନ୍‌ରେ ରଖାଯିବ ବୋଲି ସ୍ଥାନୀୟ ତହସିଲଦାର କହିଛନ୍ତି।



ସୀମାନ୍ତରେ ବାହାର ରାଜ୍ୟରୁ ଆସି ପହଞ୍ଚିଥିବା ଶ୍ରମିକମାନେ ।

## କରୋନା ମୁକାବିଲା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଦାୟିତ୍ୱ

ନବରଙ୍ଗପୁର,୨୧୪(ବି.ପ୍ର.)

ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଜିଲାପାଳ ଡ. ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କରୋନା ସମ୍ପର୍କିତ ଅଧିକ ସଚେତନ ସୃଷ୍ଟି କରିବା ସହ ପଞ୍ଚାୟତ ମାନଙ୍କରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଚାଳନା ଓ ସ୍ୱେଚ୍ଛାସେବୀ ମାଇଗ୍ରେଟ ୱାର୍କର, ଖାଦ୍ୟ ଓ ଖାଦ୍ୟ ସାମଗ୍ରୀ, ଅର୍ଥ ସହାୟତା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ରନ୍ଧାଖାଦ୍ୟ ଆବଶ୍ୟକ ଥିବା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଛନ୍ତି। ଅସହାୟ, ଗରିବ ଓ ରାସ୍ତାରେ ବୁଲୁଥିବା ନିଃସହାୟଙ୍କୁ ଖାଦ୍ୟ ଯୋଗାଇବାରେ ସହଯୋଗ କରିବା ପାଇଁ ଜିଲାପାଳ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକୁ ପରାମର୍ଶ ଦେଇଛନ୍ତି। ସଂପୃକ୍ତ ବ୍ଲକର ବିଡିଓଙ୍କ ସହ ଯୋଗଯୋଗ ସ୍ଥାପନ କରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱେଡ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଜିଲାର ନୋଡାଲ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବରେ ଜିଲାର ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ଯୋଗାଯୋଗ କରି କରୋନା ମୁକାବିଲା ସମ୍ପର୍କିତ କାର୍ଯ୍ୟକ୍ରମକୁ ସୁପରିଚାଳନା ପାଇଁ କୁହାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ,ଉପଜିଲାପାଳ ଭାସ୍କର ରଇତୋଙ୍କ ସହ ଜିଲାସ୍ତରୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଉଛି ।

## ପ୍ରଶାସନର ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ

ଖଇରପୁଟ,୨୧୪(ଡି.ଏନ.ଏ.)

ଖଇରପୁଟ ବ୍ଲକ ବଣ୍ଡାଘାଟିର ମୁଦୁଲିପଡା ପଞ୍ଚାୟତ ବାଳକ ଉଚ୍ଚ ବିଦ୍ୟାଳୟ ଗୃହରେ ୫୦ ଜଣଙ୍କ ରହିବା ପାଇଁ ହୋଇଥିବା ସଙ୍ଗରୋଧକେନ୍ଦ୍ରକୁ ଜିଲା ପ୍ରଶାସନ ପକ୍ଷରୁ ପରିଦର୍ଶନ କରାଯାଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଖଇରପୁଟ ବିଡିଓ ହୃଦାରଞ୍ଜନ ସାହୁ ପରିଦର୍ଶନ କରିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ। ଏଠାରେ ବସବାସ କରୁଥିବା ଜନଜାତିର ଲୋକେ ଲକ ଡାଉନ ଯୋଗୁ ଗଭୀର ଭାବେ ପ୍ରଭାବିତ ହୋଇଥିବାରୁ ସେମାନଙ୍କ ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଥିଲା।



ସଂଗରୋଧ କେନ୍ଦ୍ରକୁ ଅଧିକାରୀମାନେ ପରିଦର୍ଶନ କରୁଛନ୍ତି ।

## ବିଶାଖାପାଟଣାରୁ ଫେରିଥିବା ଶ୍ରମିକ କ୍ୱାରାଣ୍ଟାଇନରେ ରହିଲେ

ଚନ୍ଦାହାଣ୍ଡି,୨୧୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିରେ ଆନ୍ଧ୍ରର ବିଶାଖାପାଟଣାରୁ ଚାଲିଚାଲି ଆସିଥିବା ଶ୍ରମିକଙ୍କୁ ବ୍ଲକ ପ୍ରଶାସନ ଥଇଥାନ କରିଛି। ସେମାନଙ୍କ କ୍ୱାରାଣ୍ଟାଇନରେ ରଖଯାଇଛି। ଖବରରୁ ଜଣାପଡିଛି ବ୍ଲକର ମାଲଗାଁ ଓ ମୋହରା ଗ୍ରାମର ୭ଜଣ ଶ୍ରମିକ ବିଶାଖାପାଟଣା କାମ କରିବାକୁ ଯାଇଥିଲେ। ସେମାନେ ସେଠାରୁ ଚାଲିଚାଲି ଆସି ବୁଧବାର ନବରଙ୍ଗପୁରରେ ପହଞ୍ଚିବା ପରେ ଏ ସମ୍ପର୍କରେ ଜିଲା ପ୍ରଶାସନ ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝିଙ୍କୁ ଜଣାଇଥିଲେ। ପରେ ମାଝି ପହଞ୍ଚି ସେମାନଙ୍କୁ ଚନ୍ଦାହାଣ୍ଡି ଆଣିଥିଲେ। ମାଲଗାଁର ୫ଜଣ ଶ୍ରମିକଙ୍କ ସମେତ ଛତିଶଗଡ଼ର ପହଞ୍ଚିଥିବା ୬ଜଣ ଶ୍ରମିକଙ୍କୁ ପ୍ରଶାସନ ମାଲଗୁରିଆପଠାସ୍ଥିତ ବିଦ୍ୟାଳୟରେ କ୍ୱାରାଣ୍ଟାଇନରେ ରଖାଯାଇଛି। ଗୁରୁବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଟିମ୍ ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚି ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏହି ଶ୍ରମିକମାନେ ଚାଲିଚାଲି ଆସିବା ବାଟରେ ପଟ୍ଟାଙ୍ଗୀଠାରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।




କ୍ୱାରାଣ୍ଟାଇନରେ ଥିବା ଶ୍ରମିକ ।

## ସହରରେ ସିଞ୍ଚନ ହେଲା ସାନିଟାଇଜର

ପାରଳାଖେମୁଣ୍ଡି, ୨୧୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ପୌର ପରିଷଦର ତତ୍ତ୍ୱାବଧାନରେ ଅଗ୍ନିଶମ ବିଭାଗ ଦ୍ୱାରା ସାନିଟାଇଜର ସିଞ୍ଚନ ଆରମ୍ଭ ହୋଇଛି । କରୋନା ଭୂତାଣୁକୁ ପ୍ରତିରୋଧ କରିବା ପାଇଁ ରାଜ୍ୟର ବିଭିନ୍ନ ସହରରେ ସାନିଟାଇଜର ସିଞ୍ଚନ କାର୍ଯ୍ୟ ଆରମ୍ଭ ହୋଇଛି। ପାରଳାଖେମୁଣ୍ଡିଠାରେ ମଧ ଏହି କାର୍ଯ୍ୟ ଚାଲୁରହିଛି । ସହରର ମୁଖ୍ୟ ରାସ୍ତା ବଜାର ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ସାନିଟାଇଜର ସିଞ୍ଚନ କରାଯାଇଥିଲା। ସହରର ସମସ୍ତ ମୁଖ୍ୟ ରାସ୍ତାରେ ସାନିଟାଇଜର କରିବା ସହ ବିଭିନ୍ନ ସାହି ଓ ବସ୍ତି ଅଞ୍ଚଳରେ ମଧ ଏପରି ସିଞ୍ଚନ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ କହିଛନ୍ତି।

## କୁତବାନପାଲିରେ ସ୍ୱୟଂସହାୟକ ଗୋଷ୍ଠୀ ବାଣ୍ଟିଲେ ଖାଦ୍ୟ

କାଲିମେଳା,୨୧୪(ଡି.ଏନ.ଏ.)

କରୋନାକୁ ନେଇ ସାରା ଦେଶରେ ଲକଡାଉନ ଜାରି ରହିଛି। ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନ ଛାଡିଦେଲେ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଛି। ଗାଡିମୋଟର ଚଳାଚଳ ବନ୍ଦ ରଖାଯାଇଛି । ଏହି ଲକଡାଉନ ଯୋଗୁ ଦିନମଜୁରିଆ ଶ୍ରମିକ, ଗରିବ ଏବଂ ଅସହାୟ ଲୋକେ ବହୁ ମାତ୍ରାରେ ପ୍ରଭାବିତ ହୋଇଛନ୍ତି । ସରକାରଙ୍କ ପକ୍ଷରୁ ରନ୍ଧାଖାଦ୍ୟ ବଂଟନ କରାଯିବାକୁ ନିର୍ଦ୍ଦେଶ ଆସିବା ପରେ ମାଲକାନଗିରି ଜିଲା କାଲିମେଳା ବ୍ଲକର ୨୩ଟି ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ପ୍ରତ୍ୟେକ ଞ୍ଚାୟତରେ ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ କୁହାଯାଇଛି। ବିଡିଓ ଉମା ଶଙ୍କର ଦଳାଇଙ୍କ ନେତୃତ୍ୱରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ରନ୍ଧାଖାଦ୍ୟକୁ ପୁଡିଆ ରୂପେ ପ୍ରସ୍ତୁତ କରି ଲୋକମାନଙ୍କୁ ବଣ୍ଟନ କରୁଛନ୍ତି। ବ୍ଲକରେ ଗତ ୨୯ରୁ ୨ ୬୦୮୨ ଜଣଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଗଲାଣି। ଗୁରୁବାର ଅପହଞ୍ଚ ଅଞ୍ଚଳ ଭାବେ ପରିଚିତ ବଡିଗେଟା ପଞ୍ଚାୟତର କୁତବାନପାଲି ଗ୍ରାମରେ ଥିବା ଯମୁନା ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାମାନେ ଗ୍ରାମରେ ୩୧ ଜଣଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି ବୋଲି ଓଡିଶା ଜିବିକା ମିଶନର ବ୍ଲକ ପରିଚାଳିକା ରୋଜାଲିନ ଦାସ କହିଛନ୍ତି। ଏଥିରେ ବ୍ଲକ ସଂଯୋଜକ ଦୀପକ ବାଇନ ଏବଂ ରତନ ଗୋଲଦାର ସହାୟତା କରୁଛନ୍ତି।



ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଅସହାୟଙ୍କୁ ଖାଦ୍ୟ ଦେଉଛନ୍ତି ।

# ଜିଲାରେ କଡ଼ାକଡ଼ି ହେଲା ଯାତାୟାତ

ମାଲକାନଗିରି,୨୧୪(ଡି.ଏନ୍.ଏ.)

କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ଦେଶରେ ବୃଦ୍ଧ ପାଉଛି। ଏହା ସାଧାରଣରେ ଭୟ ସୃଷ୍ଟି ହୋଇଛି। ମାଲକାନଗିରି ଜିଲାରେ ଏହାକୁ କିପରି ପ୍ରତିରୋଧ କରାଯାଇପାରିବ ସେଥିପାଇଁ ଗୁରୁବାର କଡ଼ା ପଦକ୍ଷେପ ନିଆଯାଇଛି। ଜିଲାର ସମସ୍ତ ସୀମାନ୍ତ ରାଜ୍ୟ ରାସ୍ତା ସିଲ୍ କରାଯାଇଛି। ରାଜ୍ୟ ବାହାରୁ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଜିଲାରେ ପ୍ରବେଶ ମନା ହୋଇଛି। ଏପରିକି ଜିଲା ବାହାରକୁ ଯିବାକୁ କୌଣସି ବ୍ୟକ୍ତିଙ୍କୁ ଅନୁମତି ମିଳୁନାହିଁ। ଜିଲା ପ୍ରଶାସନର ସମସ୍ତ ବିଭାଗର ଅଧିକାରୀ, ପୋଲିସ ପ୍ରଶାସନର ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣମାଧ୍ୟମ ପ୍ରତିନିଧି ଏବଂ ଜନ ପ୍ରତିନିଧିମାନେ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଜରୁରୀ ଆବଶ୍ୟକ ନ ଥିଲେ ଘରୁ ନ ବାହାରିବା, ସାମାଜିକ ଦୂରତା ବଜାୟ ରଖିବା ପାଇଁ ପରାମର୍ଶ ଦେଉଛନ୍ତି। ପୋଲିସ ପକ୍ଷରୁ ଜିଲାର ୭ଟି ବ୍ଲକ, ସହରର ବିଭିନ୍ନ ଛକରେ ଯାନବାହନ ଚଳାଚଳକୁ ବନ୍ଦ କରାଯାଇଛି। କେବଳ ଜରୁରିକାଳୀନ ସେବାରେ ନିୟୋଜିତ ଗାଡିକୁ ଛଡାଯାଉଛି। ବୁଧବାର ଏପରି କଡ଼ାକଡ଼ି ଯାଞ୍ଚ ବେଳେ ଶତାଧିକ ବାଇକ୍ ଜବତ କରାଯାଇଥିଲା। ଫଳରେ ଗୁରୁବାର ସହରରେ ବାଇକ ଚଳାଚଳ ବନ୍ଦ ରହିଛି। ତେବେ ଆଇନ ଅମାନ୍ୟ କରିଥିବା ୩୦ଜଣଙ୍କ ବାଇକ୍ ଜବତ କରାଯାଇଛି। ଆଇଆଇସି ରାମ ପ୍ରସାଦ ନାଗ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନେଇ ବିଭିନ୍ନ ଗ୍ରାମାଞ୍ଚଳ ଲୋକଙ୍କୁ ସଚେତନ କରୁଛନ୍ତି। ଗ୍ରାମାଞ୍ଚଳରେ ପ୍ରତି ଆଦିବାସୀ ଗ୍ରାମର ଯୁବକମାନେ ଗ୍ରାମ ପ୍ରବେଶ ରାସ୍ତାରେ ବାଡ଼ ପକାଇ ଅନ୍ୟ ଗ୍ରାମ କିମ୍ବା ଜିଲା ବାହାରୁ ଆସୁଥିବା ଲୋକଙ୍କୁ ଗ୍ରାମ ଭିତରକୁ ପ୍ରବେଶ କରାଇ ଦେଉନାହାନ୍ତି। ଆଗାମୀ ୧୪ତାରିଖ ପର୍ଯ୍ୟନ୍ତ ଏହି ନିୟମ ସମସ୍ତେ ମାନିଲେ ମାଲକାନଗିରି ଜିଲାରେ କରୋନା ଭୟ ରହିବନାହିଁ ବୋଲି ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ କହିଛନ୍ତି।

- ସଚେତନ କାର୍ଯ୍ୟରେ ନିୟୋଜିତ ସବୁ କର୍ମଚାରୀ
- ବାହାରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର
- ଆଇନ ଅମାନ୍ୟକାରୀଙ୍କ ୩୦ ବାଇକ୍ ଜବତ




ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯାଉଛି ।

## ସଂକ୍ଷେପରେ

### ପୋଲିସର ଲାଠି ମାଡ଼ ନେଇ ଭିଡିଓ ଭାଇରାଲ

କେନ୍ଦୁଝର, ୨।୪(ସ୍ୱ.ପ୍ର.): କରୋନା ମୁକାବିଲା ପାଇଁ ଲକଡାଉନ ଘୋଷଣା ହୋଇଛି। ଲକ୍‌ଡାଉନ ଖିଲାପୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ବିନା କାରଣରେ ପଦାକୁ ବାହାରୁଥିବା ଲୋକଙ୍କୁ ପୋଲିସ ତାଗିଦ୍ କରୁଛି ଓ ଅନେକ ସମୟରେ କଡା ଆଭିମୁଖ୍ୟ ଗ୍ରହଣ କରୁଛି, ଯାହାକୁ ସାଧାରଣରେ ସ୍ୱାଗତ କରାଯାଉଛି। ଅନେକ ସମୟରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ମଧ ସାଧାରଣରେ ନାପସନ୍ଦ କରାଯାଇଛି। କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ପୋଲିସ ଆକ୍ରମଣର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଜଣେ ବ୍ୟକ୍ତି ଜଣେ ପୋଲିସ ଅଧିକାରୀଙ୍କ ନିକଟରେ କାକୁତି ମୀନତି ହେବାର ଦୃଶ୍ୟ ଦେଖିବାକୁ ମିଳୁଛି। ବ୍ୟକ୍ତି ଜଣଙ୍କ ଉଲଗ୍ନ ଥିବାବେଳେ ପୋଲିସ ବାବୁଙ୍କୁ ନେହୁରା ହୋଇ ଆଉ କୌଣସି ଭୁଲ କରିବେ ନାହିଁ ବୋଲି କହୁଥିବା ଦେଖାଯାଇଛି। ଏହି ଭିଡିଓରେ ପୋଲିସ ମାଡର ଦୃଶ୍ୟ ଦେଖିବାକୁ ମିଳିଛି।

### ମା'ଙ୍କ ଶ୍ରାଦ୍ଧବାର୍ଷିକୀରେ ବାଣ୍ଟିଲେ ସାନିଟାଇଜର

ସୋର, ୨।୪(ଡି.ଏନ୍.ଏ.): ମା'ଙ୍କ ଶ୍ରାଦ୍ଧବାର୍ଷିକୀରେ ସାନଟାଇଜର ଓ ମାସ୍କ ବାଣ୍ଟି ଉଦାହରଣ ସୃଷ୍ଟି କରିଛନ୍ତି ସୋର ଥାନା ଅଧୀନ ସିଙ୍ଗାଖୁଣ୍ଟା ପଞ୍ଚାୟତ ଚକ୍ରଧରପୁର ଶାସନର ସୁରେନ୍ଦ୍ର ପ୍ରସାଦ ମିଶ୍ର। ଚିରାଚରିତ ପ୍ରଥାନୁଯାୟୀ ଭୋଜି ଭାତ ଓ ସ୍ମୃତିଚାରଣ ସଭା ଆୟୋଜନରୁ ଦୂରେଇ ରହି ସୁରେନ୍ଦ୍ର ଏହି ସଚେତନତା କାର୍ଯ୍ୟ କରିଛନ୍ତି। ତାଙ୍କ ମା' ପଦ୍ମାଳୟାଙ୍କର ବୁଧବାର ଥିଲା ଶ୍ରାଦ୍ଧବାର୍ଷିକୀ। ସେ ସ୍ଥାନୀୟ ଲୋକପ୍ରତିନିଧି ଯୋଗେନ୍ଦ୍ର ଜେନା, ସରୋଜିନୀ ତ୍ରିପାଠୀଙ୍କ ସହ ମିଶି ଘର ଘର ବୁଲି ଘରେ ସଙ୍ଗରୋଧରେ ରହିବା ସହ ବାରମ୍ବାର ସାବୁନ ଓ ସାନିଟାଇଜରରେ ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା ଆଦି ପରାମର୍ଶ ଦେଇଥିଲେ।

### ସାବୁନ ବାଣ୍ଟିଲେ ମହିଳା ଗ୍ରୁପ

ବାହାନଗା, ୨।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ବ୍ରହ୍ମପୁର ଗ୍ରାମରେ ଥିବା ମହାଲକ୍ଷ୍ମୀ ମହିଳା ଏସଏଚ୍‌ଜି ଦ୍ୱାରା କରୋନା ସତର୍କତା ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରୁପ ପକ୍ଷରୁ ଗ୍ରାମର ମହିଳା ପୁରୁଷମାନଙ୍କୁ ହାତ ଧୋଇବା ପାଇଁ ସାବୁନ ବଣ୍ଟନ କରାଯାଇଥିଲା। ସଭାନେତ୍ରୀ ଜୟନ୍ତୀ ଜେନାଙ୍କ ପୌରୋହିତ୍ୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସମସ୍ତ ସଦସ୍ୟାମାନେ ଯୋଗଦେଇ ଏହି ରୋଗର ଭୟାବହତା ସମ୍ପର୍କରେ ଆଲୋଚନା କରିବା ସହିତ ନିଜ ଗ୍ରାମକୁ କିପରି ସଂକ୍ରମଣ ନ ହେବ ଉପସ୍ଥିତ ଗ୍ରାମବାସୀ ଓ ମହିଳାମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଯେନା, ସମ୍ପାଦିକା ଶକୁନ୍ତଳା ନାୟକ, ସଦସ୍ୟା ନିରୁପମା ଯେନା, ମନୋରମା ପାତ୍ର, ମୋନାଲିସା ନାୟକ, ରାଜଶ୍ରୀ ରାଉତ, ବାସନ୍ତୀ ଯେନା, କନକଲତା ରାଉତ, ମୀନତି ମହାପାତ୍ର, ଲକ୍ଷ୍ମୀପ୍ରିୟଦର୍ଶନୀ ଯେନା, ମଧୁସ୍ମିତା ଯେନା, ପୂଜାଶ୍ରୀ ରାଉତ ସହଯୋଗ କରିଥିଲେ।

# ହାତବାନ୍ଧି ବସିଛନ୍ତି ପାନଚାଷୀ

## ୨୪ ହଜାରରୁ ଉର୍ଦ୍ଧ୍ୱ ପ୍ରଭାବିତ

ଭୋଗରାଇ, ୨।୪(ଡି.ଏନ.ଏ.)

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଏବେ ସମଗ୍ର ଦେଶ ଲକ୍‌ଡାଉନରେ ରହିଛି। ଏହାର ପ୍ରତିକୂଳ ପ୍ରଭାବ ପାନ ଚାଷ ଉପରେ ପଡିଛି। ଏହି ଚାଷ ଉପରେ ନିର୍ଭର କରୁଥିବା ବାଲେଶ୍ୱର ଜିଲା ଭୋଗରାଇ ଓ ବାଲିଆପାଳ ଅଞ୍ଚଳର ହଜାର ହଜାର ପାନ ଚାଷୀ ଓ ବ୍ୟବସାୟୀ ପ୍ରତ୍ୟକ୍ଷ, ପରୋକ୍ଷ ଭାବେ ଜୀବିକା ହରାଇ ଘରେ ହାତ ବାନ୍ଧି ବସିଛନ୍ତି।

ପାନ ଏକ ଅର୍ଥକାରୀ ଫସଲ। ଏହି ଚାଷ କରି ଦୁଇ ବ୍ଲକ ଅଞ୍ଚଳର ଲୋକେ ଆର୍ଥିକ ସ୍ଥିତିକୁ ଦୃଢ କରିପାରିଛନ୍ତି। ଭୋଗରାଇ ଓ ବାଲିଆପାଳ ଅଞ୍ଚଳର ପାନ ମୁମ୍ବାଇ, ଦିଲ୍ଲୀ, ବନାରସ, ଅଜମଗଡ, ବାଲିଆ, ନାଗପୁର, ଟାଟା ଓ ବାଙ୍ଗାଲୋର ଆଦି ଅଞ୍ଚଳକୁ ବିକ୍ରି ପାଇଁ ପଠାଯାଇଥାଏ। ଲକ୍‌ଡାଉନ ଯୋଗୁ ବ୍ଲକର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ୨୪ ହଜାରରୁ ଉର୍ଦ୍ଧ୍ୱ ପାନଚାଷୀ ପ୍ରଭାବିତ ହୋଇଛନ୍ତି। ଏବେ ବଜାରରେ ପାନ କିଣା ବିକା ବନ୍ଦ ହୋଇଯିବାରୁ ଚାଷୀଙ୍କ ଉପରେ କରୋନା ଚଡକ ପଡିଛି। ଏହି ଦୁଇ ଅଞ୍ଚଳର ପାନଚାଷୀ ବାହାର ରାଜ୍ୟକୁ ପାନ ପଠାଇ ନ ପାରି ବାଧ ହୋଇ ବାଡି ବଗିଚାରେ ଫୋପାଡୁଛନ୍ତି। କାରବାର ବନ୍ଦ ହେବା ଯୋଗୁ ପାନଚାଷୀମାନେ ଦୁର୍ଦ୍ଦିନ ମଧ୍ୟରେ କାଳାତିପାତ କରୁଛନ୍ତି। ଏହି ଚାଷ ଉପରେ ନିର୍ଭର କରୁଥିବା ଚାଷୀମାନେ ଶ୍ରମ ହରାଇ ପରିବାର ଚଳାଇବା କଷ୍ଟକର ହୋଇପଡିଛି। ଏହାବ୍ୟତୀତ ପାନଚାଷରେ ବ୍ୟବହାର ହେଉଥିବା ଖଡି ଓ ଇକଡ ଚାଷ ମଧ ଗଭୀର ଭାବେ ପ୍ରଭାବିତ ହୋଇଛି। ଏତଦ୍‌ଭିନ୍ନ ପାନ ରପ୍ତାନୀ ପାଇଁ ବ୍ୟବହାର ହେଉଥିବା ବାଉଁଶ ତିଆରି ଟୋକେଇ ବା ଝୁଡି ପ୍ରସ୍ତୁତକାରୀମାନେ ଜୀବନଜୀବିକା ହରାଇ ବେରୋଜଗାର ହୋଇପଡିଛନ୍ତି। ଦୀର୍ଘଦିନ ଧରି ଏହି ଲକ୍‌ଡାଉନ ସମସ୍ୟା ଲାଗି ରହିଲେ ପାନବ୍ୟବସାୟୀଙ୍କ ମେରୁଦଣ୍ଡ ଦୋହଲିଯିବାର ଆଶଙ୍କା ଦେଖାଦେଇଛି।


ପଚିଯାଇଥିବା ପାନକୁ ଫିଙ୍ଗା ଯାଇଛି।



## କରୋନା ସଚେତନତା ନାଁରେ ବୈଠକ କରି ଜଣେ ଗିରଫ

ଠାକୁରମୁଣ୍ଡା, ୨।୪(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ହାତୀଘୋଡା ପଞ୍ଚାୟତର ଘୋଡାବିନ୍ଧା ଗ୍ରାମରେ ଗୁରୁବାର ଅପରାହ୍ନରେ ଗ୍ରାମବାସୀମାନଙ୍କୁ ନେଇ କରୋନା ସଚେତନତା ନାମରେ ବୈଠକ କରିବା ଘଟଣାରେ ଠାକୁରମୁଣ୍ଡା ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ନେପା ଜରିକା। ଏନେଇ ଥାନାରେ ଏକ ମାମଲା (ନଂ.୩୯/୨୦୨୦) ରୁଜୁ ହୋଇଛି। ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ଜଡିତ ନେପା ଜରିକା ସକାଳେ ଗ୍ରାମବାସୀଙ୍କ ଘରକୁ ଯାଇ କରୋନା ସଂକ୍ରମଣ ରୋକିବା ଦିଗରେ ଏକ ସଚେତନତା ବୈଠକ ହେବ ବୋଲି ସୂଚନା ଦେଇଥିଲେ। ଅପରାହ୍ନରେ ଲୋକମାନେ ଗ୍ରାମରେ ରୁଣ୍ଡ ହୋଇଥିଲେ। ଖବରପାଇ ଠାକୁରମୁଣ୍ଡା ଥାନା ଅଧିକାରୀ ନିରୋଜ ସାମଲ, ବିଡ଼ିଓ ଶ୍ୟାମସୁନ୍ଦର ଗୁଡୁ, ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ବୈଠକକୁ ବନ୍ଦ କରିଥିଲେ।



# ଲକଡାଉନ୍ ଅମାନିଆଙ୍କୁ ଛାଟ

## ୭ ଦିନରେ ୧୦୬ ମାମଲା

- ୧୪୨ ଜଣ ଗିରଫ, ୧୦୬ ଗାଡ଼ି ଜବତ
- ୧ ଲକ୍ଷ ୪୭ ହଜାର ୪୦୦ ଜରିମାନା ଆଦାୟ

ବାରିପଦା ଅଫିସ, ୨।୪

ମୟୂରଭଞ୍ଜ ଜିଲାରେ ଲକ୍‌ଡାଉନ ଅମାନ୍ୟ କରୁଥିବା ଲୋକଙ୍କୁ ବାଜିଛି ଛାଟ। ୭ ଦିନ ମଧ୍ୟରେ ଜିଲାର ବିଭିନ୍ନ ଥାନାରେ କୋଭିଡ୍-୧୯ ଆଇନ ଅମାନ୍ୟ କରାଯାଇଥିବା ନେଇ ୧୦୬ଟି ମାମଲା ରୁଜୁ ହୋଇଛି। ୧୪୨ ଜଣଙ୍କୁ ଗିରଫ କରାଯାଇ ଜାମିନ୍‌ରେ ଛାଡ଼ି ଦିଆ ଯାଇଥିବା ବେଳେ ୧୦୬ଟି ଗାଡ଼ିକୁ ଜବତ କରାଯାଇଥିବା ଜିଲା ପୋଲିସ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଅନ୍ୟ ପକ୍ଷେ ଏହି ଆଇନ ଉଲ୍ଲଂଘନକାରୀଙ୍କଠାରୁ ୧ଲକ୍ଷ ୪୭ ହଜାର ୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରକାଶ ଯେ, ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଲକଡାଉନ ପାଳନ କରିବା ପାଇଁ କୁହାଯାଇଛି। ହେଲେ କେତେକ ଲୋକ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ବାହାନାରେ ବିଭିନ୍ନ ସମୟରେ ବଜାରକୁ ଯାଉଥିବା ଦେଖିବାକୁ ମିଳୁଛି। କଡ଼ାକଡ଼ି ଯାଞ୍ଚ ଯୋଗୁଁ କିଛି ମାତ୍ରାରେ ଲୋକେ ଜରୁରୀ କାମ ନ ଥିଲେ ପଦାକୁ ବାହାରୁ ନ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ମୁଖ୍ୟ ଡାକ୍ତରଖାନାରୁ ଆରମ୍ଭ ହେଲା ବିଶୋଧନ

ବାଲେଶ୍ୱର ଅଫିସ, ୨।୪

କରୋନା ଭୂତାଣୁ ସହ ମୁକାବିଲା କରିବା ପାଇଁ ପୋଲିସ ପ୍ରଶାସନ ଅଗ୍ନିଶମ ବିଭାଗ ସହ ମିଶି ବାଲେଶ୍ୱର ଜିଲାର ସହରଗୁଡ଼ିକୁ ବିଶୋଧନ କରିବା ପାଇଁ ଯୋଜନା କରାଯାଇଛି। ସହରରେ ଥିବା ଡାକ୍ତରଖାନା, ବ୍ୟାଙ୍କ, ଦୈନନ୍ଦିନ ବଜାର, ମୁଖ୍ୟରାସ୍ତା ଏପରିକି ଲୋକେ ଯା'ଆସ କରୁଥିବା ଅଞ୍ଚଳଗୁଡ଼ିକୁ ବିଶୋଧନ କରାଯାଇଛି। ଏହି କାର୍ଯ୍ୟ ପାଇଁ ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକ ଅଗ୍ନିଶମ ବିଭାଗର ଜିଲା ଅଧିକାରୀ ଧୀରେନ ସୋରେନଙ୍କ ସହ ବୁଧବାର ଆଲୋଚନା କରିଥିଲେ। ଗୁରୁବାର ପ୍ରଥମେ ଜିଲା ମୁଖ୍ୟ ଡାକ୍ତରଖାନାକୁ ବିଶୋଧନ କରାଯାଇଛି ବୋଲି ଜିଲା ଅଗ୍ନିଶମ ଅଧିକାରୀ ସୋରେନ କହିଛନ୍ତି। ସହରର ସମସ୍ତ ଜନବହୁଳ ଅଞ୍ଚଳଗୁଡ଼ିକୁ ମୁଖ୍ୟ ସୋଡ଼ିୟମ୍ ହାଇପୋକ୍ଲୋରାଇଡ଼ରେ ବିଶୋଧନ କରାଯିବ।

## କରୋନା ମୁକାବିଲା ପାଇଁ ପୂର୍ବତନ ବିଧାୟକଙ୍କ ସହାୟତା

ଯୋଡ଼ା, ୨।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ କରୋନା ମୁକାବିଲା ନେଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୧ଲକ୍ଷ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସରକାରଙ୍କ ପକ୍ଷରୁ ଜାରି କରାଯାଉଥିବା ପ୍ରତ୍ୟେକ ନିୟମକୁ ମାନି ଚଳିବା ପାଇଁ ସେ ସାଧାରଣ ଲୋକମାନଙ୍କୁ ନିବେଦନ କରିଛନ୍ତି। ଏହାବ୍ୟତୀତ ସେ ଯୋଡାରେ ସାମାଜିକ ଦୂରତା, ହାତ ଧୋଇବା ବାର୍ତ୍ତା ଦେବା ସହିତ ଖଣିରେ କାର୍ଯ୍ୟ କରୁଥିବା କେତେକ ଶ୍ରମିକଙ୍କୁ ମାସ୍କ ବଣ୍ଟନ କରିଛନ୍ତି।

## ୭ ଦିନ ପରିବର୍ତ୍ତେ ୨ ଘଣ୍ଟାରେ ପୂଜା ଶେଷ

### କଟକଣା ପାଇଁ ରାମନବମୀ ପୂଜା ଫିକା

ବନ୍ତ, ୨।୪(ଡି.ଏନ୍.ଏ.)

କରୋନା କଟକଣା ପାଇଁ ଚଳିତ ବର୍ଷ ବନ୍ତ ବ୍ଲକ ଟିଲୋ ମାଳିସାହି ଛକ ଠାରେ ନିରାଡମ୍ବର ସହକାରେ ରାମନବମୀ ପୂଜା ପାଳିତ ହୋଇଛି। ଦୀର୍ଘ ୪୩ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ପୂଜା ଚଳିତ ବର୍ଷ ୭ ଦିନ ପରିବର୍ତ୍ତେ ୨ ଘଣ୍ଟାରେ ଶେଷ ହୋଇଛି। ଭୋର ସମୟରେ ନିକଟସ୍ଥ ଗ୍ରେନଗୋଲା ବୁଡି ପୋଖରୀରୁ କଳସ ଅଣାଯାଇ ଘଟ ସ୍ଥାପନା ପୂର୍ବକ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ୫ କଳସ ପରିବର୍ତ୍ତେ କେବଳ ବରିଷ୍ଠ ସଭ୍ୟ ଜଗବନ୍ଧୁ ଖୁଣ୍ଟିଆ କଳସ ଆଣିଥିଲେ। ପୂଜକଭାସ୍କର ଚନ୍ଦ୍ର ଶତପଥୀ, ସହକାରୀ ପୂଜକ ବିଜୟ ଦାଶଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମାପନ ହୋଇଥିଲା। ସକାଳ ୯ଟା ସୁଦ୍ଧା ପୂଜାର ସମସ୍ତ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସାମାଜିକ ଦୂରତା ରକ୍ଷା କରି ସ୍ଥାନୀୟ ଅଞ୍ଚଳର ଓଷା ରଖିଥିବା ମହିଳା ଓ ପୁରୁଷ ଭକ୍ତ ମାନେ ପଣା ଓ ପ୍ରସାଦ ସେବନ କରିଥିଲେ। ପୂଜା କମିଟିର ସଭାପତି ଘନଶ୍ୟାମ ସା ଓ ସମ୍ପାଦକ ମଧୁସୂଦନ ସାମଲ, ଦେବେନ୍ଦ୍ର ନାଥ ସାହୁ, ବିଦ୍ୟାଧର ଲେଙ୍କା, କ୍ଷୀରୋଦ ରାଉତ, ସଂଗ୍ରାମ କେଶରୀ ଜେନା ଏଥିରେ ସହଯୋଗ କରିଥିଲେ।


ଟିଲୋ ମାଳିସାହି ଠାରେ ନିରାଡମ୍ବରରେ ରାମନବମୀ ପୂଜା।

# ୪ଦିନ ହେଲା ଟୋକନ ଧରି ବସିଛନ୍ତି ସ୍କୁଲପିଲା

ଆରଡି, ୨।୪(ଡି.ଏନ.ଏ.)

ଭଦ୍ରକ ଜିଲା ଆରଡି ଅଞ୍ଚଳରେ ଥିବା ବିଭିନ୍ନ ସ୍କୁଲ ଲକଡାଉନ ପାଇଁ ବନ୍ଦ ରହିଛି। ସ୍କୁଲ ପିଲାଙ୍କୁ ଶୁଖିଲା ଖାଦ୍ୟ ଯୋଗାଇବାକୁ ସରକାରୀ ନିଷ୍ପତ୍ତି ହୋଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ନିଜ ସ୍କୁଲକୁ ଆସି ସୋମବାର ଘର ଘର ବୁଲି ଟୋକନ ଦେଇଥିଲେ। ସେହି ଟୋକନରେ ୧ମରୁ ୫ମ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ୩ମାସକୁ ୨୭ କେଜି ଓ ୬ଷ୍ଠରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ର ୪୦କେଜି ୫୦୦ ଗ୍ରାମ ଚାଉଳ ପାଇବା କଥା ଉଲ୍ଲେଖ ହୋଇଛି। ତେବେ ଏହି ଚାଉଳ ଗାଁ ଡିଲର କି ଅନ୍ୟ କେଉଁ ଅଧିକାରୀ ଦେବେ ତାହା ଏ ପର୍ଯ୍ୟନ୍ତ ଜଣାପଡୁନି। ଚାଉଳ ନ ମିଳିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀ ପ୍ରଣୟ ନାୟକଙ୍କୁ ପଚାରିବାରୁ ଜିଲା ଯୋଗାଣ ଅଧିକାରୀ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଚାଉଳ ଯୋଗାଣ କରିବେ। ବ୍ଲକ ଯୋଗାଣ ଅଧିକାରୀମାନେ ପିଡିଏସ୍ ସାମଗ୍ରୀ ବାଣ୍ଟୁଥିବା ଡିଲରମାନଙ୍କୁ ଚାଉଳ ଯୋଗାଇବେ। ସେମାନଙ୍କଠାରୁ ପିଲାଙ୍କ ଅଭିଭାବକମାନେ ଚାଉଳ ନେଇପାରିବେ ବୋଲି କହିଛନ୍ତି। ବ୍ଲକ ଶିକ୍ଷାଧିକାରୀଙ୍କ କହିବା ଅନୁସାରେ ୪ ଦିନ ବିତିଲାଣି ଆଉ କେତେଦିନ ଯିବ ତାହା ଦେଖିବାକୁ ବାକି ରହିଲା।

## କରୋନା ସଂକ୍ରମଣ ରୋକିବାକୁ ପଦକ୍ଷେପ ଜାରି

ଭଣ୍ଡାରିପୋଖରୀ, ୨।୪(ଡି.ଏନ.ଏ.)

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଭୂତାଣୁ ସଂକ୍ରମଣ ବିରୋଧୀ ସଂଘରୋଧ ବ୍ୟକ୍ତିଙ୍କ ପଞ୍ଜିକରଣ ସଂଖ୍ୟା ବୁଧବାର ସନ୍ଧ୍ୟା ସୁଦ୍ଧା ୪୯୫କୁ ବୃଦ୍ଧି ପାଇଛି। ଦେଶ ବାହାରୁ ଓ ଅନ୍ୟ ରାଜ୍ୟରୁ ଓଡିଶାକୁ ଫେରିଥିବା ବ୍ୟକ୍ତିମାନଙ୍କୁ ସଂକ୍ରମଣ ବିରୋଧୀ ପଦକ୍ଷେପ ସ୍ୱରୂପ ନିଜ ଗୃହରେ ସଂଘରୋଧ ପାଇଁ ପଞ୍ଜିକରଣ କରାଯାଇ ସତର୍କ ଦୃଷ୍ଟି ରଖାଯାଇଛି। ଏଥିପ୍ରତି ମେଡିକାଲ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ମଧ ଗ୍ରହଣ କରାଯାଉଛି।

# ଭ୍ରାମ୍ୟମାଣ ପରିବା ବିକ୍ରୟ ଆରମ୍ଭ

କେନ୍ଦୁଝର, ୨।୪(ସ୍ୱ.ପ୍ର./ ଡି.ଏନ୍.ଏ.)

ସୁଲଭ ମୂଲ୍ୟରେ ପନିପରିବା ଲୋକଙ୍କୁ ଘର ପାଖରେ ଯୋଗାଇଦେବାକୁ ଜିଲା ପ୍ରଶାସନ ପକ୍ଷରୁ ମୋବାଇଲ ଭ୍ୟାନର ଶୁଭାରମ୍ଭ କରାଯାଇଛି। ଏହାକୁ ଜିଲାପାଳ ଆଶିଷ ଠାକ୍‌ରେ ଗୁରୁବାର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ବିଭିନ୍ନ ପ୍ରକାରର ପରିବା ଲୋକଙ୍କୁ ଯୋଗାଇ ଦେବାକୁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଇଛି। ଫଳରେ ଲୋକେ ରାସ୍ତା ବା ବଜାରକୁ ନ ଆସି ଘର ପାଖରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପରିବା ସଂଗ୍ରହ କରିପାରିବେ। ଏହା କେନ୍ଦୁଝର ସହରର ବିଭିନ୍ନ ୱାର୍ଡ ବା ସାହିକୁ ଯାଇ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ଓରମାସ, ମିଶନ ଶକ୍ତି, ଉଦ୍ୟାନ ବିଭାଗ ଓ କେନ୍ଦୁଝରଗଡ଼ ପୌରପାଳିକାର ସହଯୋଗରେ ଜିଲା ପ୍ରଶାସନ ତରଫରୁ ଏହି ଭ୍ରାମ୍ୟମାଣ ପରିବା ବିକ୍ରୟ ବ୍ୟବସ୍ଥା କରାଯାଇଛି। ଆଗାମୀ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜାରି ରହିବ। ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡ଼ଃ ମଧୁମିତା ସାମନ୍ତରାୟ, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଓମ୍ ପ୍ରକାଶ ରଥ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଭ୍ରାମ୍ୟମାଣ ପରିବା ବିକ୍ରୟକୁ ଶୁଭାରମ୍ଭ କରୁଛନ୍ତି।

# ଜୀବିକା ହରାଇଲେ ବନବାସୀ

## 'କରୋନା' ପ୍ରଭାବ

କେନ୍ଦୁଝର, ୨।୪ (ସ୍ୱ.ପ୍ର.)

କରୋନା ସଂକ୍ରମଣ ରୋକିବା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା ପରେ ଏହାର ସିଧାସଳଖ ପ୍ରଭାବ ପଡିଛି ବନବାସୀଙ୍କ ଉପରେ। ଦୈନିକ ବଣଜଙ୍ଗଲ, ବାଡିବଗିଚାରୁ ବନଜାତ ଦ୍ରବ୍ୟ, ଫଳମୂଳ, ପନିପରିବା ଆଦି ସଂଗ୍ରହ କରି ବନବାସୀମାନେ କେନ୍ଦୁଝର ସହରରେ ବିକ୍ରି କରୁଥିଲେ। ଏଥିରୁ ଯାହା ରୋଜଗାର ହେଉଥିଲା ସେଥିରେ ତାଙ୍କର ଗୁଜୁରାଣ ମେଣ୍ଟୁଥିଲା। ହେଲେ ସେସବୁ ବନ୍ଦ ହୋଇଯାଇଥିବାରୁ ବନବାସୀମାନେ କିପରି ଚଳିବେ ସେନେଇ ଚିନ୍ତାରେ ରହିଛନ୍ତି।

ବନବାସୀମାନେ କେନ୍ଦୁଝର ସହର ମୁଖ୍ୟ ରାସ୍ତାକଡରେ ବେପାର କରିଥାନ୍ତି। ସେମାନଙ୍କ ପାଇଁ ରାସ୍ତାରେ ଗହଳିଚହଳି ଲାଗି ରହୁଥିଲା। ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ସହଜରେ ବନଜାତ ଦ୍ରବ୍ୟ ପାଇ ପାରୁଥିଲେ। ଏବେ ଲକଡାଉନ ଯୋଗୁ ସବୁଆଡେ ଖାଁ ଖାଁ ହୋଇପଡିଛି। କରୋନା ଭୟରେ ସେମାନେ ଘରୁ ବାହାରୁ ନାହାନ୍ତି। ସହରରେ ମଧ ଏସବୁ ସାମଗ୍ରୀ ଅଭାବ ଦେଖାଦେଇଛି। ସେମାନଙ୍କ ଅର୍ଥନୈତିକ ଅବସ୍ଥା ମଧ ଦୁର୍ବଳ ହୋଇପଡିଛି। ଯଦିଓ ସରକାର ମାଗଣା ରାଶନ ବ୍ୟବସ୍ଥା ଓ ଅଗ୍ରୀମ ଭତ୍ତା ବ୍ୟବସ୍ଥା କରିଛନ୍ତି, ଯେଉଁମାନଙ୍କର ରାଶନକାର୍ଡ ନାହିଁ ସେମାନେ କିପରି ପେଟ ପୋଷିବେ ବୋଲି ଚିନ୍ତାରେ ରହିଛନ୍ତି।


କାମ ନ ଥିବାରୁ ବନବାସୀମାନେ ବସିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୫ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ଏପ୍ରିଲ ୩/୨୦୨୦ Friday, April 3/2020

# ୨ ବର୍ଷର ଦରମା ଦାନ କରିବେ ଗମ୍ଭୀର



ନୂଆଦିଲ୍ଲୀ,୨।୪(ପି.ଟି.)

କୋଭିଡ୍-୧୯ ସଂକ୍ରମଣ ମୁକାବିଲାରେ ଏବେ କ୍ରିକେଟରରୁ ରାଜନେତା ହୋଇଥିବା ଗୌତମ ଗମ୍ଭୀର ସାମିଲ ହୋଇଛନ୍ତି। ସେ ଏବେ ପାର୍ଲାମେଣ୍ଟର ସଦସ୍ୟ ରହିଛନ୍ତି। ଏମ୍‌ପି ହିସାବରେ ସେ ତାଙ୍କର ଦୁଇବର୍ଷର ଦରମା ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ପ୍ରଦାନ କରିବେ ବୋଲି କହିଛନ୍ତି। ଗୁରୁବାର ସେ ଏ ନେଇ ଘୋଷଣା କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ସେ ପୂର୍ବ ଦିଲ୍ଲୀରୁ ଭାଜପା ଟିକେଟରେ ବିପୁଳ ବିଜୟ ହାସଲ କରିଥିଲେ। ଲୋକଙ୍କୁ କରୋନା ଭାଇରସ ମୁକାବିଲା ପାଇଁ ସହାୟତା ପ୍ରଦାନ କରିବାକୁ ଅଗେଇ ଆସିବାକୁ ସେ ଟୁଇଟ୍ କରି ଆହ୍ୱାନ ଦେଇଛନ୍ତି।

'ଲୋକେ କୁହନ୍ତି ଦେଶ ମୋତେ କ'ଣ ଦେଇଛି। କିନ୍ତୁ ପ୍ରକୃତ କଥା ହେଉଛି ଦେଶକୁ ତୁମେ କ'ଣ ଦେଉଛ' ବୋଲି ଗମ୍ଭୀର ପ୍ରଶ୍ନ କରିଛନ୍ତି। ଏବେ ଦୁଇ ବର୍ଷର ଦରମା ଦାନ କରିବାକୁ ଯାଉଛି ବୋଲି ଗମ୍ଭୀର ଟୁଇଟ୍ କରିଛନ୍ତି। ଏହା ପୂର୍ବରୁ ଗମ୍ଭୀର ତାଙ୍କ ଏମ୍‌ପି ଲାଡ୍ ଫଣ୍ଡରୁ ୧ କୋଟି ଟଙ୍କା ଓ ଗୋଟିଏ ମାସର ଦରମା ଦାନ କରିଥିଲେ। ଉଲ୍ଲେଖଥାଉ କି, କୋଭିଡ-୧୯ କାରଣରୁ ଭାରତରେ ଏବେ ୫୦ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୨,୦୦୦ ଲୋକ ସଂକ୍ରମିତ ହୋଇଛନ୍ତି।

# 'ଜୀବନ, ସ୍ୱାସ୍ଥ୍ୟଠାରୁ ବଡ଼ କିଛି ନାହିଁ'

## ଅଲିମ୍ପିକ୍ସ ୨୦୨୧ ଘୁଞ୍ଚିବାକୁ ପ୍ରମୋଦଙ୍କ ସମର୍ଥନ

ଭୁବନେଶ୍ୱର, ୨।୪(କ୍ରୀଡ଼ା ପ୍ରତିନିଧି)

କରୋନା ଭାଇରସ ସଂକ୍ରମଣ ବିଶ୍ୱରେ କାୟା ବିସ୍ତାର କରିଚାଲିଥିବାବେଳେ ନିଜ ଫିଟ୍‌ନେସ ସହିତ ଫର୍ମ ବଜାୟ ରଖିବା ଖେଳାଳିମାନଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହୋଇଛି। ଏବେ ବଡ଼ ପଡ଼ିଆ କିମ୍ବା କୋର୍ଟ ଉପଲବ୍ଧ ହେଉ ନ ଥିବାରୁ ଘର ମଧ୍ୟରେ ରହି ଯେତିକି ସମ୍ଭବ ଅଭ୍ୟାସରେ ସନ୍ତୁଷ୍ଟ ହେଉଛନ୍ତି କ୍ରୀଡ଼ାବିତ୍। ଓଡ଼ିଶାର ଅର୍ଜୁନ ପୁରସ୍କାରପ୍ରାପ୍ତ ତାରକା ପାରା ଆଥଲେଟ୍ ପ୍ରମୋଦ ଭଗତ ମଧ୍ୟ ସେଥିରୁ ବାଦ୍ ପଡ଼ି ନାହାନ୍ତି। କେବଳ ଓଡ଼ିଶାର ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଭାବେ ପରିଗଣିତ ହେଉଥିବା ପ୍ରମୋଦ ଏବେ ଘର ମଧ୍ୟରେ ରହି ନିଜ ପରିସରରେ ଯେତିକି ସମ୍ଭବ ଅଭ୍ୟାସ କରି ଭବିଷ୍ୟତ ଅପେକ୍ଷାରେ ଅଛନ୍ତି। ''ଏବେ ବାହାରକୁ ବାହାରିବା ସମ୍ଭବ ହେଉନାହିଁ। ତେଣୁ ଘର ଛାତ ଉପରେ ସକାଳ ବେଳା ଷ୍ଟ୍ରେଚିଂ ଓ ଯୋଗ କରିବା ସହ ମୁଭ୍‌ମେଣ୍ଟ ଆବଶ୍ୟକ ଅଭ୍ୟାସ କରୁଛି। ଏହାଛଡ଼ା ପାହାଚରେ ଉପରକୁ ଚଢ଼ିବା ଏବଂ ଦଳକୁ ଓହ୍ଲାଇବା ମଧ୍ୟ କରୁଛି। ଘରେ ଜିମ୍‌ର କିଛି ଛୋଟବଡ଼ ସରଞ୍ଜାମ ରହିଛି। ସେଗୁଡ଼ିକ ସହାୟତାରେ ଫିଟ୍‌ନେସ ବଜାୟ ରଖିବାକୁ ଚେଷ୍ଟା କରୁଛି'' ବୋଲି କହିଛନ୍ତି ପ୍ରମୋଦ। ତେବେ ଅଳ୍ପସ୍ଥାନରେ ବ୍ୟାଡ୍‌ମିଣ୍ଟନ ଅଭ୍ୟାସ ସମ୍ଭବ ହେଉନି ବୋଲି ସେ ପ୍ରକାଶ କରିଛନ୍ତି। ୧୫ ତାରିଖରେ ଲକ୍‌ଡାଉନ୍ କଟକଣା ଉଠିବାପରେ ଯଦି ସମ୍ଭବ ହୁଏ ତେବେ ବ୍ୟାଡ୍‌ମିଣ୍ଟନ ଅଭ୍ୟାସ ଆରମ୍ଭକରିବାକୁ ସେ ଆଶା ରଖିଛନ୍ତି।

ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଟୋକିଓ ଅଲିମ୍ପିକ୍ସକୁ ୨୦୨୧କୁ ଘୁଞ୍ଚାଇବା ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି ପ୍ରମୋଦ। ''ମୋ ମତରେ ବହୁତ ବଢ଼ିଆ ନିଷ୍ପତ୍ତି ନିଆଯାଇଛି। ମୁଁ ସେଥିରେ ଏକମତ। କାରଣ ପ୍ରଥମେ ମଣିଷର ଜୀବନ। ଜୀବନ ଓ ସ୍ୱାସ୍ଥ୍ୟଠାରୁ ବଡ଼ କିଛି ନାହିଁ। ମଣିଷ ସୁସ୍ଥ ରହିଲେ ଯାଇ କିଛି କରିପାରିବ। ତେଣୁ ମୁଁ ଏହି ନିଷ୍ପତ୍ତିକୁ ସମର୍ଥନ କରୁଛି'' ବୋଲି କହିଛନ୍ତି ପ୍ରମୋଦ। ତେବେ ଅଲିମ୍ପିକ୍ସ ବର୍ଷେ ଘୁଞ୍ଚିବା ତାଙ୍କ ପାଇଁ ସାମାନ୍ୟ ଫରକ ପଡ଼ିବ ବୋଲି ସେ ସ୍ୱୀକାର କରିଛନ୍ତି। ଆମେ ୨୦୨୦ ଅଲିମ୍ପିକ୍ସ ପାଇଁ ମାନସିକ ପ୍ରସ୍ତୁତି କରିଥିଲୁ। ଏବେ ଆମର ଫୋକସ ୨୦୨୧ ଉପରେ ରହିବ। ମନୋବଳ ଦୃଢ଼ କରି କଠିନ ପରିଶ୍ରମ ସହାୟତାରେ ପୁଣି ଗେମ୍ ଚାଲୁ ରଖିବାକୁ ହେବ ବୋଲି ସେ ପ୍ରକାଶ କରିଛନ୍ତି। ୨୦୧୯-୨୦ ସିଜନର ପ୍ରଦର୍ଶନ ଏବଂ ର୍‍ୟାଙ୍କିଙ୍ଗ୍ ଦୃଷ୍ଟିରୁ ପ୍ରମୋଦ ବିଶ୍ୱରେ ନମ୍ବରୱାନ ସ୍ଥାନରେ ଥିଲେ। ତେଣୁ ତାଙ୍କର ପାରା ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଏକପ୍ରକାର ନିଶ୍ଚିତ ହୋଇଥିଲା। ସେଥିପାଇଁ ଏପ୍ରିଲରେ ଓଡ଼ିଶାବାସୀ କିଛି ଖୁସିଖବର ପାଇବେ ବୋଲି କିଛିଦିନ ପୂର୍ବରୁ ପ୍ରକାଶ କରିଥିଲେ। ମାତ୍ର କରୋନା ଜନିତ ଲକ୍‌ଡାଉନ୍ ଏବଂ ବିଶ୍ୱବ୍ୟାପୀ ଖେଳ ବନ୍ଦ ଯୋଗୁ ତାହା ଏବେ ସମ୍ଭବ ହୋଇନାହିଁ। ''୨୦୨୦ ପାରା ଅଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ପାଇଁ ଯୋଗ୍ୟତା ଅର୍ଜନକାରୀ ଖେଳାଳି ତାଲିକା ଏପ୍ରିଲରେ ଘୋଷଣା ହେବାର ଥିଲା। ମାତ୍ର ପ୍ରତିଯୋଗିତା ୨୦୨୧କୁ ଯାଇଥିବାରୁ ଆଉ ୨-୩ଟି ଟୁର୍ଣ୍ଣାମେଣ୍ଟର ପ୍ରଦର୍ଶନକୁ ସାମିଲ କରାଯାଇପାରେ। ବିଶ୍ୱରେ ସ୍ୱାଭାବିକ ସ୍ଥିତି ଆସିବାପରେ ଅଲିମ୍ପିକ୍ସ ପୂର୍ବରୁ କେତେ ଟୁର୍ଣ୍ଣାମେଣ୍ଟ ସମ୍ଭବ ହେଉଛି ତାହା ଦେଖାଯିବ। ସମ୍ଭବତଃ ସେହି ଭିତ୍ତିରେ ଅଲିମ୍ପିକ୍ସ ଯୋଗ୍ୟତା ମିଳିବ'' ବୋଲି ପ୍ରମୋଦ କହିଛନ୍ତି।

### ସହାୟତାର ହାତ

କରୋନା ଭାଇରସ ସଂକ୍ରମଣ ବିରୋଧରେ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରିଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ସାମିଲ ହୋଇଛନ୍ତି ଓଡ଼ିଶାର ତାରକା ପାରା ଆଥଲେଟ୍ ପ୍ରମୋଦ ଭଗତ। ସମ୍ପ୍ରତି ବିଶ୍ୱ ପାରାବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ୍‌ର ନମ୍ବରୱାନରେ ଥିବା ପ୍ରମୋଦ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଗୁରୁବାର ୨ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟ ଖେଳାଳିମାନେ ନିଜ ସାଧ୍ୟ ମୁତାବକ କିଛିକିଛି ସାହାଯ୍ୟ କରି ଏହି କଠିନ ପରିସ୍ଥିତିରେ ରାଜ୍ୟର ସାଥ୍ ଦେବାପାଇଁ ସେ ଅନୁରୋଧ କରିଛନ୍ତି।



# ଫୁଟ୍‌ବଲ ମ୍ୟାଚ୍ ବାସନ୍ଦକୁ ଘୁଞ୍ଚାଇଲା ରୁଷିଆ

ମସ୍କୋ,୨।୪(ଏଏଫ୍‌ପି)

କୋଭିଡ- ୧୯ ମହାମାରୀର ରୂପ ନେଇଥିବା ବେଳେ ରୁଷିଆନ ଫୁଟବଲ ଆସୋସିଏଶନ (ଆର୍‌ଏଫ୍‌ଏସ୍) ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ସବୁ ଫୁଟବଲ ମ୍ୟାଚ୍‌କୁ ବ୍ୟାନ୍ କରାଯାଇଥିବା ବେଳେ ଏବେ ଏହାକୁ ମେ' ୩୧ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛ ବୋଲି ଆରଏଫ୍‌ଏସ୍ ତରଫରୁ କୁହାଯାଇଛି। ରୁଷିଆରେ କରୋନା ଭାଇରସ୍‌ର ସଂକ୍ରମଣକୁ ଦୃଷ୍ଟିରେ ରଖି ସବୁ କ୍ରୀଡ଼ା ଇଭେଣ୍ଟକୁ ମେ' ୩୧ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ବୋଲି ଆର୍‌ଏଫ୍‌ଏସ୍ ୱେବ୍‌ସାଇଟ୍‌ରେ ଘୋଷଣା କରାଯାଇଛି। ପୂର୍ବରୁ ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ସବୁ ଇଭେଣ୍ଟକୁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏବେ ଏହି ଅବଧିରେ ବୃଦ୍ଧି ଘଟିଛି। ରୁଷିଆନ ପ୍ରିମିୟର ଲିଗ୍ ମଧ୍ୟ ଏହି ନିଷ୍ପତ୍ତିକୁ ମାନିନେଇଛି। ଏବେ ଆମେ ଚାମ୍ପିୟନଶିପ୍‌କୁ ଶେଷ କରିବାକୁ ଚାହୁଁନାହୁଁ ବୋଲି ଲିଗ୍ ଅଧ୍ୟକ୍ଷ ସର୍ଗେଇ ପ୍ରିୟାଡକିନ କହିଛନ୍ତି। ରୁଷିଆନ୍ ପ୍ରିମିୟର ଲିଗ୍ ଫୁଟବଲରଙ୍କ ଦରମା କାଟ କରିବାକୁ ଏବେ ଆଲୋଚନା ଚାଲିଛି ବୋଲି ସେ କହିଛନ୍ତି। ଏହି କ୍ରମରେ ସେ କ୍ଲବ୍ ସ୍ପାର୍ଟାକ ମସ୍କୋକୁ ପ୍ରଶଂସା କରିଛନ୍ତି। ଦେଶର ପ୍ରଥମ କ୍ଲବ ଭାବେ ଏହି କ୍ଲବ ଦରମା ବା ପାଉଣା କାଟ କରିବାକୁ ନିଷ୍ପତ୍ତି ନେଇଥିଲା। ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ ସ୍ପାର୍ଟାକ ମସ୍କୋର ଫୁଟବଲର ମାନେ ପୂର୍ବରୁ ୪୦ ପ୍ରତିଶତ କମ୍ ଦରମା ନେବାକୁ ସମ୍ମତି ପ୍ରକାଶ କରିଥିଲେ। କ୍ଲବର ଏହି ଦୁଃସମୟରେ ଖେଳାଳିମାନେ ସହଯୋଗ କରିବାକୁ ଏପରି ନିଷ୍ପତ୍ତି ନେଇଥିଲେ।

# ହକି ଫିଲ୍ଡରୁ ହସ୍ପିଟାଲ ୱାର୍ଡ...



ରାଚେଲ ଲିଞ୍ଚ୍

ପର୍ଥ, ୨।୪ (ଏପି)

ଚଳିତ ବର୍ଷ ଯଦି ଟୋକିଓ ଅଲିମ୍ପିକ୍ସ ହୋଇଥାନ୍ତା ତେବେ ସ୍ୱର୍ଣ୍ଣ ପଦକ ଅଭିଯାନରେ ସାମିଲ ହୋଇଥାନ୍ତେ ଅଷ୍ଟ୍ରେଲିଆର ମହିଳା ଫିଲ୍ଡ ହକି ଗୋଲ୍‌କିପର ରାଚେଲ ଲିଞ୍ଚ୍। ମାତ୍ର କୋଭିଡ୍-୧୯ ସବୁ ଏପଟସେପଟ କରିଦେଲା। ଅଲିମ୍ପିକ ଗେମ୍ସ ଏବେ ଆସନ୍ତା ବର୍ଷକୁ ଘୁଞ୍ଚାଯାଇଛି। ଲିଞ୍ଚ୍ ହେଉଛନ୍ତି ରେଜିଷ୍ଟ୍ରିଭୁକ୍ତ ନର୍ସ ମଧ୍ୟ। ଦେଶରେ କରୋନା ଭାଇରସ୍ ବିରୋଧରେ ଚାଲିଥିବା ଲଢେଇରେ ସେ ନିଜକୁ ସାମିଲ କରିଛନ୍ତି। ବର୍ତ୍ତମାନ ପାଇଁ ସେ ହକ ଫିଲ୍ଡ ଛାଡ଼ି ହସ୍ପିଟାଲ ୱାର୍ଡରେ ପାଦ ଦେବେ। ୱେଷ୍ଟର୍ନ ଅଷ୍ଟ୍ରେଲିଆ ପ୍ରଦେଶରେ ଥିବା ଦୁଇଟି କୋଭିଡ୍-୧୯ କ୍ଲିନିକ୍‌ରେ କାର୍ଯ୍ୟ ଲାଗି ଲାଗି ସେ ଆବେଦନ କରିଛନ୍ତି। ହକି ଖେଳ ପାଇଁ ଟ୍ରେନିଂ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଲିଞ୍ଚ୍ ସପ୍ତାହକୁ ଗୋଟିଏ ଦିନ ଏକ ନ୍ୟୁରୋ ରିହାବିଲିଟେଶନ ୱାର୍ଡରେ କାର୍ଯ୍ୟ କରି ଆସୁଥିଲେ। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ସକାଶେ ଲିଞ୍ଚ୍ ଗତ ସପ୍ତାହରେ ଦଳ ସହିତ ୟୁରୋପରେ ଯାଇଥାନ୍ତେ। ମାତ୍ର ଅଲିମ୍ପିକ୍ସ ଘୁଞ୍ଚିଯିବାରୁ ତାହାକୁ ବାତିଲ କରାଯାଇଛି। ୩୩ ବର୍ଷୀୟା ଲିଞ୍ଚ୍ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ମହିଳା ଗୋଲକିପର ଭାବେ ପରିଚିତ। କୋଭିଡ୍-୧୯ ସଂକ୍ରମଣ ଯୋଗୁ ଅଷ୍ଟ୍ରେଲିଆରେ ମେଡିକାଲ ଷ୍ଟାଫ୍‌ଙ୍କ ଉପରେ ଅତିରିକ୍ତ ଚାପ ଲଦି ହୋଇଯାଇଛି। ବହୁ ସଂଖ୍ୟାରେ ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଦ୍ୱାରା ଏହା ଲାଘବ ହୋଇପାରିବ। ପ୍ରଥମ ଥର ଜଣେ ଫୁଲ୍ ଟାଇମ୍ ନର୍ସ ଭାବେ କାର୍ଯ୍ୟକରିବାର ସୁଯୋଗ ମିଳିବ ବୋଲି ଏହି ହକି ଗୋଲକିପର କହିଛନ୍ତି। କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ଲାଗି ଅଷ୍ଟ୍ରେଲିଆ ସରକାର ବିଦେଶ ଯିବା ଆସିବା କ୍ଷେତ୍ରରେ କଟକଣା ଜାରି କରିଛନ୍ତି। ସାମାଜିକ ଦୂରତା ଅବଲମ୍ବନ କରିବା ଲାଗି ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ମାତ୍ର କେତେଜଣ ଏହି ମାହାମାରୀକୁ ହାଲ୍‌କା ଭାବେ ନେଉଛନ୍ତି। ସମୁଦ୍ରକୂଳରେ ଭିଡ଼ ଜମାଉଛନ୍ତି। ଏହା ଉଦ୍‌ବେଗର ବିଷୟ ବୋଲି ଲିଞ୍ଚ୍ ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲିଆରେ ବର୍ତ୍ତମାନ ସୁଦ୍ଧା କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ୫,୦୦୦ରୁ ଊର୍ଦ୍ଧ୍ୱ। ୨୪ଜଣ ଲୋକ ଏଥିରେ ପ୍ରାଣ ହରାଇ ସାରିଲେଣି।

# ଚାପରେ ନ୍ୟାଶନାଲ ରାଇଫଲ ଆସୋସିଏଶନ

ନୂଆଦିଲ୍ଲୀ, ୨।୪ (ପି.ଟି.)



କୋଭିଡ୍-୧୯ ଯୋଗୁ ନୂଆଦିଲ୍ଲୀରେ ହେବାକୁଥିବା ଶୁଟିଂ ବିଶ୍ୱକପ୍‌କୁ ବାତିଲ କରିବା ଲାଗି ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ଉପରେ ଦିନକୁ ଦିନ ଚାପ ବୃଦ୍ଧି ପାଇବାରେ ଲାଗିଛି। କରୋନା ଭାଇରସ୍ ସଂକ୍ରମଣ ଆଶଙ୍କା ପାଇଁ ପୂର୍ବରୁ ବିଶ୍ୱକପ୍‌ର ମ୍ୟୁନିକ୍ ସଂସ୍କରଣ ବାତିଲ ହୋଇସାରିଛି। ଦିଲ୍ଲୀ ବିଶ୍ୱକପ୍ ପ୍ରକୃତରେ ମାର୍ଚ୍ଚ ୧୫ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାନ୍ତା। ମାତ୍ର ଇଭେଣ୍ଟ ଆରମ୍ଭ ହେବାର ୪ ଦିନ ଆଗରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ପରେ ଟୁର୍ଣ୍ଣାମେଣ୍ଟକୁ ଦୁଇଭାଗରେ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ରାଇଫଲ ଓ ପିସ୍ତଲ ମେ ୫ରୁ ୧୨ ଏବଂ ଶଟ୍‌ଗନ୍ ପ୍ରତିଯୋଗିତା ଜୁନ୍ ୨ରୁ ୯ ପର୍ଯ୍ୟନ୍ତ କରିବା ଲାଗି ସ୍ଥିର ହୋଇଛି। କିନ୍ତୁ କରୋନା ଭାଇରସ୍ ଯେପରି ବ୍ୟାପିବାରେ ଲାଗିଛି ଟୁର୍ଣ୍ଣାମେଣ୍ଟର ଆୟୋଜନକୁ ନେଇ ରାଇଫଲ ଆସୋସିଏଶନ ଏବେ ଚିନ୍ତାରେ ପଡ଼ିଛି। ଦିଲ୍ଲୀ ପରେ ମ୍ୟୁନିକରେ ବିଶ୍ୱକପ୍ ହୋଇଥାନ୍ତା। ତାହାକୁ ଆଗୁଆ ବାତିଲ କରାଯାଇ ଥିବାରୁ ବର୍ତ୍ତମାନ ପରିସ୍ଥିତିରେ କେଉଁ ହିସାବରେ ଭାରତରେ ବିଶ୍ୱକପ୍ ଆୟୋଜନ ହୋଇପାରିବ ସେ ନେଇ ପ୍ରଶ୍ନ ଉଠିଲାଣି। ନୂଆଦିଲ୍ଲୀ ବିଶ୍ୱକପ୍ ପୁନଃ ନିର୍ଦ୍ଧାରିତ ସମୟରେ ହେବ କି ନା ତାହା ଏବେଠାରୁ ସ୍ପଷ୍ଟ କରାଯାଉ ବୋଲି କେତେଜଣ ଭାରତୀୟ ଶୁଟର କହିଛନ୍ତି। ଶେଷ ମୁହୂର୍ତ୍ତରେ ଏହାକୁ ବାତିଲ କରା ନ ଯାଉ। ଅନ୍ୟକେତେଜଣ କହିଛନ୍ତି, ୱିମ୍ବେଲଡନ ଭଳି କେତୋଟି ପ୍ରମୁଖ କ୍ରୀଡ଼ା ଇଭେଣ୍ଟକୁ ବାତିଲ କରାଯାଇଛି। ଅଲିମ୍ପିକ୍ସକୁ ଆସନ୍ତା ବର୍ଷକୁ ଘୁଞ୍ଚାଇ ଦିଆଯାଇଛି। ଲକ୍‌ଡାଉନ୍ ଯୋଗୁ ବିଶ୍ୱକପ୍ ଭଳି ଇଭେଣ୍ଟ ଲାଗି ବର୍ତ୍ତମାନ ପରିସ୍ଥିତିରେ ପ୍ରସ୍ତୁତି ସମ୍ଭବ ନୁହେଁ। ବର୍ତ୍ତମାନ ଅନିଶ୍ଚିତ ପରିସ୍ଥିତିରେ ଏକ ବିଶ୍ୱକପ୍ ଆୟୋଜନ ଉଚିତ୍ ହେବ ନାହିଁ। ନିକଟରେ ୩ ଥର ଅଲିମ୍ପିକ ପଦକ ବିଜୟୀ ଶୁଟର ରାଜ୍ୟମଣ୍ଡ ଡେବିଡେସ୍ ଇଭେଣ୍ଟକୁ ବାତିଲ କରିବା ଲାଗି ଆହ୍ୱାନ ଦେଇଛନ୍ତି। ଅଲିମ୍ପିକ ଗେମ୍ସ ବର୍ଷେ ଘୁଞ୍ଚିଗଲା। ସମଗ୍ର ଭାରତ ଏବେ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ଆଇଏସ୍‌ଏସ୍‌ଏଫ୍ (ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ) କିପରି ରାଇଫଲ ଓ ପିସ୍ତଲ ବିଶ୍ୱକପ୍‌କୁ ନୂଆଦିଲ୍ଲୀରେ କରିବା ଲାଗି ନିଷ୍ପତ୍ତି ନେଇଛି ତାହା ଆଶ୍ଚର୍ଯ୍ୟ ଲାଗୁଛି ବୋଲି ସେ କହିଛନ୍ତି। ସିଡ୍‌ନୀ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଥିବା ଡେବିଡେସ୍ ୫ଥର ବିଶ୍ୱ ଚାମ୍ପିୟନ ମଧ୍ୟ ହୋଇଛନ୍ତି। କରୋନା ଭାଇରସ୍ ସଂକ୍ରମଣ ଭୟରେ ଏଥିରେ ବିଶେଷ ଭାବେ ପ୍ରଭାବିତ ଚାଇନା, ଇଟାଲୀ, ଦକ୍ଷିଣ କୋରିଆ, ଜାପାନ ଓ ଇରାନ ଭଳି ଦେଶର ପର୍ଯ୍ୟଟକଙ୍କ ଲାଗି ଭାରତରେ ସରକାର କଟକଣା ଜାରି କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କରୋନା ଭାଇରସ୍‌କୁ ଏକ ମହାମାରୀ ବୋଲି ଘୋଷଣା କରିଛନ୍ତି। ଏଥିରେ ସମଗ୍ର ବିଶ୍ୱରେ ଇତିମଧ୍ୟରେ ୯.୫ ଲକ୍ଷ ଲୋକ ସଂକ୍ରମିତ ହୋଇସାରିଥିବାବେଳେ ୪୮,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇ ସାରିଲେଣି। ଭାରତରେ ୨୧୦୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବାବେଳେ ୬୦ରୁ ଅଧିକ ମୃତ୍ୟୁ ମୁଖରେ ପଡ଼ି ସାରିଲେଣି। ବୁଧବାର ରାତିରେ ଆଇଏସ୍‌ଏସ୍‌ଏଫ୍‌ର ଏକ ବୈଠକରେ ମ୍ୟୁନିକ୍ ବିଶ୍ୱକପ୍ ବାତିଲ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା।

# ବିଡ୍ ଦାଖଲ ଡେଡ୍‌ଲାଇନ ଘୁଞ୍ଚିଲା

## ଏସିଆନ୍ କପ୍ ଫୁଟ୍‌ବଲ ୨୦୨୭

ହଂକଂ, ୨।୪(ଏଏଫ୍‌ପି)

କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛି। ୨୦୨୭ ଏସିଆନ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ ନେଇ ପ୍ରିଲିମ୍‌ନାରୀ ବିଡ୍ ଦାଖଲର ଡେଡ୍ ଲାଇନ୍ ତଥା ଶେଷ ତାରିଖକୁ ଘୁଞ୍ଚାଇବାକୁ ଏଏଫ୍‌ସି ନିଷ୍ପତ୍ତି ଗ୍ରହଣ କରିଛି। ଏଥିପାଇଁ ମାର୍ଚ୍ଚ ୩୧ ଶେଷ ତାରିଖ ଥିଲା। ତେବେ ଏହାକୁ ୩ ମାସ ଅର୍ଥାତ୍ ଜୁନ୍ ୩୦କୁ ଘୁଞ୍ଚାଇ ଦିଆଯାଇଛି ବୋଲି ଗୁରୁବାର ଏଏଫ୍‌ସି ଘୋଷଣା କରିଛି।

କୋଭିଡ-୧୯ ମହାମାରୀର ରୂପ ନେଇଥିବାରୁ ଆମକୁ ଏପରି ନିଷ୍ପତ୍ତି ନେବାକୁ ହେଲା ବୋଲି ଏଏଫ୍‌ସି କହିଛି। ଏହି ଭାଇରସ ଦ୍ୱାରା ବିଶ୍ୱର ପ୍ରାୟ ସବୁ ଦେଶ ପ୍ରଭାବିତ ହୋଇଛନ୍ତି। ଏପରି ସ୍ଥଳେ ବିଡ୍ ଦାଖଲ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସ୍ୱାଭାବିକ୍। ତାରିଖ ଘୁଞ୍ଚାଯାଇଥିବାରୁ ସଭ୍ୟ ଦେଶମାନେ ବିଡ୍ ଦାଖଲ ପାଇଁ ଆବଶ୍ୟକ ସମୟ ପାଇବେ। ଉଲ୍ଲେଖଥାଉ କି, ଚାଇନା ୨୦୨୩ରେ ପରବର୍ତ୍ତୀ ଏସିଆନ୍ କପ୍ ଆୟୋଜନ କରିବ। ତେବେ ୨୦୨୭ ଇଭେଣ୍ଟ ବିଡ୍ ଦାଖଲ ଦୌଡରେ ସୌଦି ଆରବ ସବୁଠାରୁ ଆଗରେ ଥିବା ପରି ମନେ ହେଉଛି। କରୋନା ଭାଇରସ୍ କାରଣରୁ ୨୦୨୩ ଏସିଆନ କପ୍ ପାଇଁ କ୍ୱାଲିଫାଇଙ୍ଗ୍ ଟୁର୍ଣ୍ଣାମେଣ୍ଟଗୁଡ଼ିକୁ ସ୍ଥଗିତ ରଖାଯାଇଛି। ୨୦୨୨ ଫିଫା ବିଶ୍ୱକପ୍ ଏଥର କାତାରରେ ଆୟୋଜନ ହେବ। କାତାର ମଧ୍ୟ ୨୦୧୯ ଏସିଆନ୍ କପ୍ ଟାଇଟଲ ହାସଲ କରିଥିଲା। ଏଥିରେ ଅଂଶଗ୍ରହଣକାରୀ ଦଳ ସଂଖ୍ୟାକୁ ୧୬ରୁ ୨୪କୁ ବୃଦ୍ଧି କରାଯାଇଥିଲା।

# ଡିଏଲ୍‌ଏସ୍‌ର ଅନ୍ୟତମ ସ୍ରଷ୍ଟା ଲୁଇସ୍‌ଙ୍କ ପରଲୋକ

ଲଣ୍ଡନ, ୨।୪(ଏଏଫ୍‌ପି)

କ୍ରିକେଟର ବହୁ ଚର୍ଚ୍ଚିତ ତଥା ବିବାଦୀୟ ଡକ୍‌ୱର୍ଥ- ଲୁଇସ- ଷ୍ଟେର୍ନ (ଡିଏଲ୍‌ଏସ୍) ନିୟମର ଅନ୍ୟତମ ସ୍ରଷ୍ଟା ଟୋନି ଲୁଇସ୍ ପରଲୋକ ଗମନ କରିଛନ୍ତି। ବର୍ଷା ବା ଖରାପ୍ ପାଗ ଦ୍ୱାରା ବାଧାପ୍ରାପ୍ତ ହେଉଥିବା ସୀମିତ ଓଭର ମ୍ୟାଚ୍‌ର ଫଳାଫଳ ପାଇଁ ଏହି ନିୟମ୍‌କୁ ଅମ୍ପାୟରମାନେ ଅପଣାଇଥାନ୍ତି। ଏ ନିୟମ ପ୍ରଣୟନ ପଛରେ ଲୁଇସ୍‌ଙ୍କ ଅବଦାନ ଯଥେଷ୍ଟ ରହିଛି। ବୁଧବାର ଲୁଇସ୍ ୭୮ ବର୍ଷରେ ମୃତ୍ୟୁ ବରଣ କରିଛନ୍ତି ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ କୁହାଯାଇଛି। ଇସିବି ମଧ୍ୟ ଏଥିପାଇଁ ଶୋକ ପ୍ରକାଶ କରିଛି।

ଲୁଇସ୍ ଓ ତାଙ୍କ ଗଣିତଜ୍ଞ ବନ୍ଧୁ ଫ୍ରାଙ୍କ ଡକ୍‌ୱର୍ଥମିଳିତଭାବେ ଏହି ଡକ୍‌ୱର୍ଥ-ଲୁଇସ୍ ମେଥଡ ବା ନିୟମ ପ୍ରସ୍ତୁତ କରିଥିଲେ। ଏହି ନିୟମ ପ୍ରଥମଥର ପାଇଁ ୧୯୯୭ରେ ଲାଗୁ ହୋଇଥିଲା। ତେବେ ୧୯୯୯ରୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏହାକୁ ଲାଗୁ କରି ଆସୁଛି।



ଫ୍ରାଙ୍କ ଡକ୍‌ୱର୍ଥଙ୍କ ସହ ଟୋନି ଲୁଇସ (ଡାହାଣ)।

ଏହାର ନୂଆ ନାମକରଣ ୨୦୧୪ରେ ହୋଇଥିଲା। ଏହାକୁ ଡକ୍‌ୱର୍ଥ- ଲୁଇସ୍- ଷ୍ଟେର୍ନ ମେଥଡ ବୋଲି କୁହାଯାଇଥିଲା। ସାରା ବିଶ୍ୱରେ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ର ଫଳାଫଳ ପାଇବା ପାଇଁ ଏହି ମେଥଡକୁ ବ୍ୟବହାର କରାଯାଇ ଆସୁଛି। ଜଣେ ଏକାଡେମିକ୍ ଭାବେ କ୍ୟାରିୟରରେ ବେଶ୍ ସଫଳତା ହାସଲ କରିଥିବା ଲୁଇସ୍ ଟେଷ୍ଟ ପଦାର୍ପଣରେ ହିଁ ଇଂଲଣ୍ଡର ମଧ୍ୟ ନେତୃତ୍ୱ ନେଇଥିଲେ। କ୍ରିକେଟ ଓ ଗଣିତରେ ବିଶେଷ ଅବଦାନ ପାଇଁତାଙ୍କୁ ୨୦୧୦ରେ ଏମ୍‌ବିଇ (ମେମ୍ବର ଅଫ୍ ଦି ଅର୍ଡର ଅଫ୍ ଦି ବ୍ରିଟିଶ ଏମ୍ପାୟର) ସମ୍ମାନ ପ୍ରଦାନ କରାଯାଇଥିଲା। କ୍ରିକେଟ ଓ କ୍ରୀଡ଼ା ପ୍ରତି ଲୁଇସ୍ ଓ ଡକ୍‌ୱର୍ଥଙ୍କ ଅବଦାନ ଅତୁଳନୀୟ ବୋଲି ଇସିବି ତରଫରୁ କୁହାଯାଉଛି। ଲୁଇସଙ୍କ ପରିବାରକୁ ଶୋକ ତଥା ସମବେଦନା ଜଣାଇଛି ଇସିବି। ସିଡ୍‌ନୀରେ ଅନୁଷ୍ଠିତ ୧୯୯୨ ବିଶ୍ୱକପର ବର୍ଷା ବାଧାପ୍ରାପ୍ତ ସେମିଫାଇନାଲ ମ୍ୟାଚ୍‌ର ଅସାଧାରଣ ଫଳାଫଳ ପରେ ଏହି ନିୟମ ବେଶ୍ ଚର୍ଚ୍ଚାକୁ ଆସିଥିଲା ଓ ଲୋକେ ଏହି ମେଥଡ ସମ୍ପର୍କରେ ଜାଣିବାକୁ ପାଇଥିଲେ।

ଏହି ନିୟମ ଅନୁସାରେ ଉଭୟ ଇନିଂସର ସର୍ବନିମ୍ନ ସ୍କୋରିଂ ଓଭରଗୁଡିକୁ ବାଦ୍ ଦିଆଯାଇଥାଏ। ୧୯୯୨ ବିଶ୍ୱକପ୍ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଇଂଲଣ୍ଡ ବିପକ୍ଷରେ ବିଜୟ ପାଇଁ ୧୩ ବଲରୁ ୨୨ ରନ ଆବଶ୍ୟକ କରୁଥିଲା। ଦେବେ ବର୍ଷା ଛାଡିବା ପରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ଅସମ୍ଭବ ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଗୋଟିଏ ବଲରୁ ବିଜୟ ପାଇଁ ଦକ୍ଷିଣ ଆଫ୍ରିକାକୁ ୨୧ ରନ ସଂଗ୍ରହ କରିବାକୁ କୁହାଯାଇଥିଲା। ଏହାପରେ ଏହି ନିୟମକୁ ସବୁ ମହଲରୁ ନାପସନ୍ଦ କରାଯାଇଥିଲା। ପରେ ଷ୍ଟାଟିସିଆନ ଷ୍ଟିଭେନ ଷ୍ଟେର୍ନ ଏହି ନିୟମରେ କିଛି ସୁଧାର ଆଣିଥିଲେ। ଏହାପରେ ଏହା ଡିଏଲ୍‌ଏସ୍ ମେଥଡ ରୂପେ ପରିଚିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରୁଥିବା ଦଳ ଉଇକେଟ ନେଲେ ଓ ଚେଜ୍ କରୁଥିବା ଦଳଗୁଡିକ ରନ୍ ସ୍କୋର କରିବାକୁ ମଧ୍ୟ ବିଚାରକୁ ନିଆଯାଇଥିଲା। ଉଇକେଟ ପତନ ଅନୁସାରେ ଚେଜ୍ କରୁଥିବା ଦଳ ପାଇଁ ନୂଆ ଟାର୍ଗେଟ ଧାର୍ଯ୍ୟ କରାଯାଉଥିଲା। ଏହା ଦ୍ୱାରା ନିୟମରେ କିଛି ସୁଧାର ହୋଇଥିଲା ଓ ଦୁଇଟି ଦଳକୁ ସମାନ ନ୍ୟାୟ ପ୍ରଦାନ ପାଇଁ ପ୍ରୟାସ କରାଯାଇଥିଲା। ଏବେ ମଧ୍ୟ ଏହି ନିୟମ ନେଇ ଭ୍ରାନ୍ତି ଜାରି ରହିଛି। ପୁଣି ଏହି ନିୟମ ଟି୨୦ ମ୍ୟାଚ୍ ପାଇଁ ଆଦୌ ଠିକ୍ ନୁହଁ ବୋଲି ଅଭିଯୋଗ ଆସିଛି। ତେବେ ଏପର୍ଯ୍ୟନ୍ତ ଏହି ନିୟମର ବିକଳ୍ପ ସୃଷ୍ଟି ହୋଇନାହିଁ। ଫଳରେ ବର୍ଷା ସହିତ ବିଭିନ୍ନ କାରଣରୁ ବାଧାପ୍ରାପ୍ତ ହୋଇଥିବା ମ୍ୟାଚ୍‌ର ଫଳାଫଳ ଏବେ ମଧ୍ୟ ଡକ୍‌ୱର୍ଥ- ଲୁଇସ୍ ନିୟମ ଦ୍ୱାରା ଧାର୍ଯ୍ୟ ହେଉଛି।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ